# ଧରିତ୍ରୀ
DHARITRI

ଭୁବନେଶ୍ୱର, ମଙ୍ଗଳବାର, ଡିସେମ୍ବର ୧୭/୨୦୧୯ (୨୦ ପୃଷ୍ଠା) Bhubaneswar, Tuesday, December 17/2019 ★★★★★★
୪୬ଶ ଭାଗ ୨୪ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹ ୫/-



**ସୁବ୍ରତଙ୍କୁ ଟାଇଟଲ**
ବିହାରର ପାଟଣାରେ ଅନୁଷ୍ଠିତ ଇଷ୍ଟ ଇଣ୍ଡିଆ ଓପନ ସ୍ନୁକର ପ୍ରତିଯୋଗିତାରେ ଟାଇଟଲ ହାସଲ କରିଛନ୍ତି ଓଡ଼ିଶା କ୍ୟୁସ୍ପୋର୍ଟ୍ସ ତାରକା ସୁବ୍ରତ ଦାସ।

୧୮

୧୬

**‘କବୀର ସିଂ’କୁ ନେଇ କିୟାରାଙ୍କ ପ୍ରତିକ୍ରିୟା**
ଶାହିଦ୍ କପୁର ଏବଂ କିୟାରା ଆଡ୍‌ଭାନୀ ଅଭିନୀତ ବଲିଉଡ୍ ଫିଲ୍ମ ‘କବୀର ସିଂ’ ବିବାଦରେ ରହିଥିଲା। କିୟାରା ନିଜେ ମଧ୍ୟ ଫିଲ୍ମର କିଛି ଦୃଶ୍ୟକୁ ନେଇ ଠିକ୍ ଅନୁଭବ କରି ନ ଥିବା କହିଛନ୍ତି।



**ଆଜିର ସମ୍ପାଦକୀୟ**
ପ୍ଲାଷ୍ଟିକ ଦିଅ, ଭାତ ଖାଅ

**ଆଜିର ମନ୍ତବ୍ୟ**
“ଗଣ ଧ୍ରୁବୀକରଣ ଲାଗି ନାଗରିକତ୍ୱ ଆଇନ, ଏନ୍‌ଆର୍‌ସି ଭାରତରେ ଫାସିବାଦୀଙ୍କ ଅସ୍ତ୍ର।
–ରାହୁଲ ଗାନ୍ଧୀ, କଂଗ୍ରେସ ନେତା





Vencobb FRESH CHICKEN
16.12.2019

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 87 | 141 | 151 |
| CTC | 87 | 141 | 151 |
| DKL | 88 | 142 | 152 |
| BDK | 83 | 136 | 146 |
| BLS | 83 | 136 | 146 |
| ANG | 89 | 144 | 154 |
| BHM | 90 | 145 | 155 |

*Conditions Apply
Issued in the Interest of Consumers


■ ଲଘୁ ଖଣିଜ ସମ୍ପଦ ଲୁଟ୍ ରୋକିବାକୁ ପ୍ରୟାସ

# ଜଗିବେ ସ୍ୱତନ୍ତ୍ର ଅଧିକାରୀ

■ ଗଠନ ହେବ ଲଘୁ ଖଣିଜ ନିର୍ଦ୍ଦେଶାଳୟ
■ ୩୦ ଜିଲା ପାଇଁ ୧୫ ଅଧିକାରୀ ନେବେ ଦାୟିତ୍ୱ
■ ଲୁଟ୍ ରୋକିବାକୁ ଆସିବ ନୂଆ ନିୟମ ଓଏମ୍‌ଏମ୍‌ପିଟିଏସ୍

ଭୁବନେଶ୍ୱର,୧୬।୧୨ (ବ୍ୟୁରୋ)

କେବଳ ଲୁହାପଥର, ମାଙ୍ଗାନିଜ୍, କ୍ରୋମାଇଟ ଭଳି ବୃହତ୍ ଖଣିଜ ସମ୍ପଦ ଚୋରି ହେଉ ନାହିଁ। ରାଜ୍ୟର ବିଭିନ୍ନ ଜିଲାରେ ଥିବା ବାଲି, ମୋରମ, ମାଙ୍କଡ଼ା ପଥର, ମୁଗୁନି ପଥର, ମାଟି, ଚୂନପଥର ଭଳି ଅନେକ ଲଘୁଖଣିଜ ପଦାର୍ଥ ମଧ୍ୟ ଅତିମାତ୍ରାରେ ଲୁଟ୍ ହେଉଛି। ବିଭିନ୍ନ ନଦୀର ବାଲିଘାଟକୁ ମାଫିଆମାନେ ନିଜ କବ୍‌ଜାକୁ ନେଇ ରାଜ୍ୟ ବାହାରକୁ ଚୋରା ଚାଲାଣ କରୁଛନ୍ତି। ଏଥିଯୋଗୁ ରାଜକୋଷକୁ ବହୁ କୋଟି ଟଙ୍କାର ରାଜସ୍ୱ ହରାଇବାକୁ ପଡୁଛି। ଏହାକୁ ନେଇ ଅନେକ ସମୟରେ ବିରୋଧୀ ଦଳ ସଦସ୍ୟମାନେ ବିଧାନସଭାରେ ଉଦ୍‌ବେଗ ପ୍ରକାଶ କରି ଆସୁଛନ୍ତି। ରାଜ୍ୟ ସରକାର ଲଘୁ ଖଣିଜ ପଦାର୍ଥ ଚୋରିକୁ ପୂର୍ବରୁ ସେତେଟା ଗୁରୁତ୍ୱ ଦେଉ ନ ଥିଲେ। ଏଣିକି ବାଲି, ଗୋଡି, ମୋରମ, ପଥର ଭଳି ଖଣିଜ ପଦାର୍ଥର ଚୋରା ଚାଲାଣକାରୀଙ୍କ ବିରୋଧରେ ହେବ କଠୋର କାର୍ଯ୍ୟାନୁଷ୍ଠାନ। ଚୋରି ରୋକିବା ପାଇଁ ରାଜ୍ୟ ସରକାର ଖୁବ୍‌ଶୀଘ୍ର ଓଡିଶା ଲଘୁ ଖଣିଜ ଚୋରି ଓ ଚୋରା ଚାଲଣ ରୁଲ–୨୦୧୯ (ଓଏମଏମପିଟିସି) ଆଣିବାକୁ ଯାଉଛନ୍ତି। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ଏ ନେଇ ଚିଠା(ଡ୍ରାଫ୍ଟ) ରୁଲ ପ୍ରସ୍ତୁତ ହୋଇଛି। ଏଥିରେ ଚୋରି ରୋକିବାକୁ ତହସିଲସ୍ତରରେ ଏନଫୋର୍ସମେଣ୍ଟ ସେଲ କାର୍ଯ୍ୟକାରୀ ହେବ। ଜିଲାପାଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଏନଫୋର୍ସମେଣ୍ଟ ସେଲ କାର୍ଯ୍ୟ କରିବ। ବୃହତ୍ ଖଣିଜ ପଦାର୍ଥ ଭଳି ରାଜ୍ୟର ସମସ୍ତ ଲଘୁ ଖଣିଜ ପଦାର୍ଥ ପାଇଁ ପ୍ରତ୍ୟେକ ଜିଲା ଅନୁଯାୟୀ ଯୋଜନା ପ୍ରସ୍ତୁତ ହେବ। ଏ ନେଇ ସମସ୍ତ ଜିଲାପାଳଙ୍କୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି। ରାଜ୍ୟରେ କେଉଁ ଜିଲାରେ କେତେ ଲଘୁଖଣିଜ ସମ୍ପଦ ରହିଛି ସେସବୁର ଜିଲାସ୍ତରୀୟ ସର୍ଭେ ହେବ। କ୍ଷେତ୍ର ସର୍ଭେ ସହ ଡିଜିପିଏସ ସର୍ଭେ କରାଯିବ। ବ୍ଲକ, ତହସିଲ ଏବଂ ବାଲି ଗୋଡି ଉଠାଣ ହେଉଥିବା ସ୍ଥାନରେ ଓ୍ୱେ ବ୍ରିଜ ସ୍ଥାପନ କରାଯାଇ ଚୋରା ଚାଲାଣ ଉପରେ ନଜର ରଖାଯିବ। ସବ୍‌ଡିଭିଜନ, ତହସିଲ, ଜିଲା ଓ ରାଜ୍ୟସ୍ତରରେ ଚୋରି ରୋକିବାକୁ ସ୍ୱତନ୍ତ୍ର ଟାସ୍କ ଫୋର୍ସ ଏବଂ ଫ୍ଲାଇଂ ସ୍କ୍ୱାଡ ଗଠନ କରାଯିବ। ଖଣିଜ ପଦାର୍ଥ ଉତ୍ତୋଳନ ପରିବହନରେ ସ୍ୱଚ୍ଛତା ଆଣିବା ପାଇଁ ସିସିଟିଭି ଏବଂ ଡିଜିପିଏସର ବ୍ୟବହାର କରାଯିବ। ରାଜସ୍ୱ ନିରୀକ୍ଷକ ଏବଂ ଅମିନ ଏନଫୋର୍ସମେଣ୍ଟ କାର୍ଯ୍ୟକୁ ତଦାରଖ କରିବେ। ଚୋରା କିମ୍ବା ବେଆଇନ ଭାବେ ଖଣିଜ ପଦାର୍ଥ ଚାଲାଣ କରୁଥିବା ବ୍ୟକ୍ତିଙ୍କ ସମ୍ପତ୍ତି ବାଜ୍ୟାପ୍ତ କରାଯିବ। ଏପରି କି ଉଭୟ ଜରିମାନା ଓ ଜେଲ ଦଣ୍ଡରେ ଦଣ୍ଡିତ କରାଯିବ। ଜିଲାପାଳ ଜିଲାର ସମ୍ବେଦନଶୀଳ ଅଞ୍ଚଳଗୁଡ଼ିକ ଚିହ୍ନଟ କରି ଜଣାଇବେ । ଲଘୁ ଖଣିଜ ପଦାର୍ଥ ପାଇଁ ସ୍ୱତନ୍ତ୍ର କୌଣସି ବ୍ୟବସ୍ଥା ନ ଥିଲା। ଆବଶ୍ୟକ କର୍ମଚାରୀ ନ ଥିବାରୁ ଏହି ଖଣିଜ ସମ୍ପଦର ସୁରକ୍ଷା କରାଯାଇ ପାରୁ ନ ଥିଲା। ଲଘୁଖଣିଜ ପାଇଁ ଖଣି ନିର୍ଦ୍ଦେଶାଳୟ ଭଳି ଏକ ଲଘୁ ଖଣିଜ ନିର୍ଦ୍ଦେଶାଳୟ ଗଠନ କରାଯିବ। ସଚିବାଳୟରେ ଏହି ଖଣି ନିର୍ଦ୍ଦେଶାଳୟ କାର୍ଯ୍ୟ କରିବ। ଲଘୁଖଣିଜ ପଦାର୍ଥ ଚୋରି ରୋକିବା ପାଇଁ ୧୫ ଜଣ ପୂର୍ବତନ ଖଣି ଅଧିକାରୀଙ୍କୁ ନିଯୁକ୍ତି ଦିଆଯିବ। ସେମାନେ ୩୦ଟି ଜିଲା ଦାୟିତ୍ୱରେ ରହିବେ। ଅବସର ନେଇ ଥିବା ଖଣି ଅଧିକାରୀମାନଙ୍କୁ ଏହି ପଦବୀରେ ନିଯୁକ୍ତି ଦିଆଯିବ। ସେମାନେ ନିୟମିତ ଜିଲା ପରିଦର୍ଶନ କରି ଲଘୁ ଖଣିଜ ପଦାର୍ଥ ନିଲାମ ଓ ଚୋରି ଉପରେ ନଜର ରଖିବେ। ଏଥିସହିତ ଖଣି ବିଶେଷଜ୍ଞମାନଙ୍କୁ ମଧ୍ୟ ନିଯୁକ୍ତି ଦିଆଯିବ। ଲଘୁ ଖଣିଜ ପଦାର୍ଥ ଚୋରିକୁ ରୋକିବା ପାଇଁ ଖଣି ଓ ଇସ୍ପାତ ବିଭାଗ ଏବଂ ରାଜସ୍ୱ ବିଭାଗ ମିଳିତ ଭାବେ କାର୍ଯ୍ୟ କରିବେ। ଖଣି ଓ ଇସ୍ପାତ ସଚିବ ଏହାକୁ ନିୟମିତ ମନିଟରିଂ କରିବେ। ଲଘୁ ଖଣିଜ ପଦାର୍ଥ ତାଲିକାରେ ୩୧ଟି ଖଣିଜ ପଦାର୍ଥ ରହିଛି। ଓଡ଼ିଶାରେ ବାଲି, ମାଟି, ମୋରମ ଭଳି ୧୦ ପ୍ରକାରର ଲଘୁ ଖଣିଜ ପଦାର୍ଥ ଉପଲବ୍ଧ ହେଉଛି। ଖଣିଜ ପଦାର୍ଥ ଲିଜ୍ ନେବାକୁ ☞ ପୃଷ୍ଠା–୪

## ଥମୁନି ସିଏଏ, ଏନ୍‌ଆର୍‌ସି ତାତି



ଛାତ୍ରୀଛାତ୍ରଙ୍କୁ ସମର୍ଥନ ଜଣାଇ ପ୍ରିୟଙ୍କା ଗାନ୍ଧୀ ଧାରଣାରେ ବସିଛନ୍ତି।

■ ଜାମିଆରେ ପୋଲିସ କାର୍ଯ୍ୟାନୁଷ୍ଠାନକୁ ବିରୋଧ
■ କୋଲକାତାରେ ମମତାଙ୍କ ବିଶାଳ ରାଲି
■ ଧାରଣାରେ ବସିଲେ ପ୍ରିୟଙ୍କା

ନୂଆଦିଲ୍ଲୀ/କୋଲକାତା, ୧୬।୧୨(ପି.ଟି.)

ଦେଶରେ ସଂଶୋଧିତ ନାଗରିକତ୍ୱ ଆଇନ (ସିଏଏ) ଏବଂ ଜାତୀୟ ନାଗରିକ ପଞ୍ଜିକା (ଏନ୍‌ଆର୍‌ସି) ବିରୋଧୀ ଆନ୍ଦୋଳନ ଥମିବାର ନାଁ ନେଉନି। ଉତ୍ତରପୂର୍ବାଞ୍ଚଳ ପରେ ଏହି ଆନ୍ଦୋଳନ ପଶ୍ଚିମବଙ୍ଗ, ଦିଲ୍ଲୀ ପ୍ରଭୃତିରେ ଉଗ୍ର ରୂପ ନେଇଥିବାବେଳେ ଅନ୍ୟ କେତେକ ରାଜ୍ୟକୁ ମଧ୍ୟ ବ୍ୟାପିଲାଣି। ବଞ୍ଚିଥିବା ଯାଏ ପଶ୍ଚିମବଙ୍ଗରେ ସିଏଏ ଏବଂ ଏନ୍‌ଆର୍‌ସି ଲାଗୁ କରାଇଦେବେନି ବୋଲି କୋଲକାତାରେ ଆୟୋଜିତ ବିଶାଳ ରାଲିରେ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ପ୍ରତିଜ୍ଞା କରିଛନ୍ତି। ସାହସ ଥିଲେ ତାଙ୍କ ସରକାରକୁ ଭାଙ୍ଗିଦେବା ପାଇଁ ମମତା କେନ୍ଦ୍ରକୁ ଆହ୍ୱାନ ଦେଇଛନ୍ତି। ଅପରପକ୍ଷରେ ସିଏଏ ବିରୋଧରେ ଆନ୍ଦୋଳନ ଚଳାଇଥିବା ଜାମିଆ ମିଲିଆ ଇସ୍‌ଲାମିଆ ସମେତ ଅନ୍ୟ କେତେକ ବିଶ୍ୱବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ସମର୍ଥନ ଜଣାଇ କଂଗ୍ରେସ ସାଧାରଣ ସମ୍ପାଦିକା ପ୍ରିୟଙ୍କା ଗାନ୍ଧୀ ଭଦ୍ରାଙ୍କ ନେତୃତ୍ୱରେ ଦଳୀୟ ନେତାମାନେ ☞ ପୃଷ୍ଠା–୪






ନରେନ୍ଦ୍ର ମୋଦି ସରକାରଙ୍କ ଭୁଲ ନୀତି ଯୋଗୁ ଏବେ ଦେଶ ଜଳୁଛି। ସେ ଚାହିଁଲେ ବି ଭାରତକୁ କେବେହେଲେ ହିନ୍ଦୁ ରାଷ୍ଟ୍ର କରିପାରିବେ ନାହିଁ।
- ପିନାରାୟୀ ବିଜୟନ, କେରଳ ମୁଖ୍ୟମନ୍ତ୍ରୀ



# ବିଭିନ୍ନ ଶିକ୍ଷାନୁଷ୍ଠାନକୁ ବ୍ୟାପିଲା ଛାତ୍ର ଆନ୍ଦୋଳନ



ଦିଲ୍ଲୀ ବିଶ୍ୱବିଦ୍ୟାଳୟ ପରିସରରେ ଆନ୍ଦୋଳନରତ ଜଣେ ଛାତ୍ରଙ୍କୁ ପୋଲିସ ଉଠାଇନେଉଛି।

ନୂଆଦିଲ୍ଲୀ,୧୬।୧୨(ପି.ଟି.)

ଜାମିଆ ମିଲିଆ ଇସ୍‌ଲାମିଆ ବିଶ୍ୱବିଦ୍ୟାଳୟ ଏବଂ ଆଲିଗଡ ମୁସଲିମ ବିଶ୍ୱବିଦ୍ୟାଳୟ (ଏଏମ୍‌ୟୁ) ପରିସରରେ ପୋଲିସ କାର୍ଯ୍ୟାନୁଷ୍ଠାନକୁ ବିରୋଧ କରି ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ର ସୋମବାର ଆନ୍ଦୋଳନକୁ ଓହ୍ଲାଇଛନ୍ତି। ଦିଲ୍ଲୀ ବିଶ୍ୱବିଦ୍ୟାଳୟର ଅଧିକାଂଶ ପିଲା ସୋମବାର ପରୀକ୍ଷା ବର୍ଜନ କରିବା ସହ ଆନ୍ଦୋଳନରେ ସାମିଲ ହୋଇଥିଲେ। ଇଂଲିଶ ବିଭାଗ ଛାତ୍ରୀଛାତ୍ର ରବିବାର ରାତିରେ ସେମାନଙ୍କ ପ୍ରଫେସରଙ୍କୁ ପତ୍ର ଲେଖି ପରୀକ୍ଷା ସ୍ଥଗିତ ରଖିବା ପାଇଁ ଅନୁରୋଧ କରିଥିଲେ। ସେମାନଙ୍କ ଅନୁରୋଧକୁ କର୍ତ୍ତୃପକ୍ଷ ଗ୍ରହଣ ନ କରିବାରୁ ଛାତ୍ରୀଛାତ୍ର ପରୀକ୍ଷା ବର୍ଜନ କରିଛନ୍ତି। ସେହିପରି ଅହମଦାବାଦ ଆଇଆଇଟିର ଛାତ୍ରୀଛାତ୍ର ମଧ୍ୟ ଜାମିଆ ଏବଂ ଏଏମ୍‌ୟୁର ଛାତ୍ରୀଛାତ୍ରଙ୍କୁ ସମର୍ଥନ କରି ସୋମବାର ଶୋଭାଯାତ୍ରା ବାହାର କରିଥିଲେ। କେବଳ ଅହମଦାବାଦ ନୁହେଁ, ବମ୍ବେ ଆଇଆଇଟି, ମାଡ୍ରାସ ଆଇଆଇଟି ଏବଂ କାନପୁର ଆଇଆଇଟିର ଛାତ୍ର ସଂଗଠନ ମଧ୍ୟ ଜାମିଆ ଏବଂ ଆଲିଗଡ ବିଶ୍ୱବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ସମର୍ଥନରେ ବାହାରିଥିଲେ। ଇସଲାମିକ ସେମିନାରୀ ନଦ୍‌ୱାତୁଲ ଉଲାମାର ପିଲାମାନେ କ୍ୟାମ୍ପସରେ ଆନ୍ଦୋଳନ କରିବା ସହ ଢେଲାମାଡ଼ କରିଥିଲେ। ପୋଲିସ ସେମାନଙ୍କୁ କ୍ୟାମ୍ପସ ବାହାରକୁ ଆସିବାକୁ ଦେଇ ନ ଥିଲା। ଢେଲାମାଡ଼ରେ ଜଣେ ଆହତ ହୋଇଥିବା ପୋଲିସ କହିଛି।

## ଏଏମ୍‌ୟୁର ୨୧ ଛାତ୍ର ଗିରଫ

ସଂଶୋଧିତ ନାଗରିକତ୍ୱ ଆଇନ (ସିଏଏ) ବିରୋଧରେ ଏଏମ୍‌ୟୁ ଛାତ୍ରୀଛାତ୍ର ଆନ୍ଦୋଳନ ଚଳାଇଥିବାବେଳେ ପୋଲିସ ସହ ସେମାନଙ୍କର ଧସ୍ତାଧସ୍ତି ହୋଇଥିଲା। ପୋଲିସ ୨୧ ଛାତ୍ରଙ୍କୁ ଗିରଫ କରିଛି। ବିଶ୍ୱବିଦ୍ୟାଳୟର ସବୁ ହଷ୍ଟେଲକୁ ଖାଲି କରିବା ପାଇଁ ପୋଲିସ ନିର୍ଦ୍ଦେଶ ଦେଇଛି। ମୋଟ ୫୬ ଛାତ୍ରୀଛାତ୍ର ଓ କେତେଜଣ ଅଜଣା ବ୍ୟକ୍ତିଙ୍କ ନାଁରେ ଏତଲା ଦାଏର ହୋଇଛି।

ସିଏଏ ବିରୋଧରେ ରବିବାର ରାତିରେ ଆନ୍ଦୋଳନ ଚାଲିଥିବାବେଳେ ଛାତ୍ରୀଛାତ୍ରଙ୍କ ସହ ପୋଲିସର ସଂଘର୍ଷ ହୋଇଥିଲା। ଏଥିରେ ୨୦ ପୋଲିସ ସମେତ ପ୍ରାୟ ୬୦ ଜଣ ଆହତ ହୋଇଥିଲେ। ଆହତଙ୍କ ମଧ୍ୟରେ ଆଲିଗଡ ଡିଆଇଜି ପରମିନ୍ଦର ସିଂ ଏବଂ ଏସ୍‌ପି ଅଭିଷେକ ରହିଛନ୍ତି। କର୍ତ୍ତୃପକ୍ଷ ଜାନୁୟାରୀ ୫ ପର୍ଯ୍ୟନ୍ତ ବିଶ୍ୱବିଦ୍ୟାଳୟକୁ ଛୁଟି ଘୋଷଣା କରିଛନ୍ତି। ଏହା ପୂର୍ବରୁ ଜାମିଆ ମିଲିଆ ଇସ୍‌ଲାମିଆ ବିଶ୍ୱବିଦ୍ୟାଳୟରେ ପୋଲିସ ପ୍ରବେଶ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାରୁ ଉତ୍ତେଜନା ପ୍ରକାଶ ପାଇଥିଲା। ୫୦ରୁ ଊର୍ଦ୍ଧ୍ୱ ଛାତ୍ରଙ୍କୁ ପୋଲିସ ଅଟକ ରଖିଥିଲା। ପୋଲିସ ମୁଖ୍ୟାଳୟ ଆଗରେ ଛାତ୍ରୀଛାତ୍ରଙ୍କ ବିକ୍ଷୋଭ ପରେ ସେମାନଙ୍କୁ ଛାଡ଼ିଦିଆଯାଇଥିଲା। ଏହା ସତ୍ତ୍ୱେ ଜାମିଆରେ ଉତ୍ତେଜନା ଜାରି ରହିଛି। ସୋମବାର ଜାମିଆ ମିଲିଆ ଇସ୍‌ଲାମିଆ ମେଟ୍ରୋ ଷ୍ଟେଶନରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ବିକ୍ଷୋଭକାରୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହାଙ୍କ ବିରୋଧରେ ସ୍ଲୋଗାନ ଦେବା ସହ ସେମାନଙ୍କ କୁଶପୁତ୍ତଳିକା ଦାହ କରିଥିଲେ। ପୋଲିସ କାର୍ଯ୍ୟାନୁଷ୍ଠାନକୁ ଯୁଦ୍ଧଭଳି ସ୍ଥିତି ବୋଲି ଜାମିଆ କର୍ତ୍ତୃପକ୍ଷ କହିବା ସହ ଏହାର ଉଚ୍ଚସ୍ତରୀୟ ତଦନ୍ତ ଦାବି କରିଛନ୍ତି।

## ପୋଲିସ କାର୍ଯ୍ୟାନୁଷ୍ଠାନ: ସୁପ୍ରିମକୋର୍ଟରେ ଶୁଣାଣି ଆଜି

- ଦିଲ୍ଲୀ ହାଇକୋର୍ଟରେ ପିଟିଶନ
- ବିଚାର ବିଭାଗୀୟ ତଦନ୍ତ ଦାବି
- ବିକ୍ଷୋଭ ନାଁରେ ହିଂସାକୁ ବରଦାସ୍ତ କରାଯିବନି: ସିଜେଆଇ

ନୂଆଦିଲ୍ଲୀ,୧୬।୧୨(ପି.ଟି.)

ଜାମିଆ ମିଲିଆ ଇସ୍‌ଲାମିଆ ବିଶ୍ୱବିଦ୍ୟାଳୟ ପରିସରରେ ପୋଲିସ ପ୍ରବେଶ କରି ଛାତ୍ରୀଛାତ୍ରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବିଭିନ୍ନ ମହଲରେ ବିରୋଧ କରାଯାଇଛି। ଏହାର ବିଚାର ବିଭାଗୀୟ ତଦନ୍ତ ପାଇଁ ବିଭିନ୍ନ ଦଳ ପକ୍ଷରୁ ଦାବି ହୋଇଛି। ଜାମିଆ ଛାତ୍ରୀଛାତ୍ରଙ୍କ ସମର୍ଥନରେ ବିଭିନ୍ନ ଶିକ୍ଷାନୁଷ୍ଠାନର ପିଲାମାନେ ରାସ୍ତାକୁ ଓହ୍ଲାଇଛନ୍ତି। ତେବେ ସଂଶୋଧିତ ନାଗରିକତ୍ୱ ଆଇନ ବିରୋଧରେ ଆନ୍ଦୋଳନ ନାଁରେ ହିଂସାକାଣ୍ଡ ଓ ସର୍ବସାଧାରଣ ସମ୍ପତ୍ତି ନଷ୍ଟକୁ ସୁପ୍ରିମକୋର୍ଟ ଗୁରୁତର ସହ ନେଇଛନ୍ତି। ଏହା ତୁରନ୍ତ ବନ୍ଦ ହେବା ଦରକାର ବୋଲି ଅଦାଲତ ମତ ଦେଇଛନ୍ତି।

ଜାମିଆ ଏବଂ ଆଲିଗଡ଼ ମୁସଲିମ୍ ବିଶ୍ୱବିଦ୍ୟାଳୟରେ ଆନ୍ଦୋଳନରତ ଛାତ୍ରୀଛାତ୍ରଙ୍କ ଉପରେ ପୋଲିସର ଅତ୍ୟାଚାର ବିରୋଧରେ ହୋଇଥିବା ଆବେଦନର ବିଚାର ମଙ୍ଗଳବାର କରିବାକୁ ସୁପ୍ରିମକୋର୍ଟ ରାଜି ହୋଇଛନ୍ତି। ଆମେ କେବଳ ହିଂସା ବନ୍ଦ ହେବା ଚାହୁଁ। ଆନ୍ଦୋଳନ ନାଁରେ ହିଂସାକୁ ବରଦାସ୍ତ କରାଯିବନି। ଯଦି ହିଂସାକାଣ୍ଡ ଓ ସାଧାରଣ ସମ୍ପତ୍ତି ଭଙ୍ଗାରୁଜା ଜାରି ରହେ ତେବେ ମାମଲାର ଶୁଣାଣି କରାଯିବନି ବୋଲି ପ୍ରଧାନ ବିଚାରପତି (ସିଜେଆଇ) ଏସ୍.ଏ. ବୋବ୍‌ଡେ କହିଛନ୍ତି। ଉକ୍ତ ଖଣ୍ଡପୀଠରେ ଜଷ୍ଟିସ୍ ବି.ଆର୍. ଗଭାଇ ଏବଂ ସୂର୍ଯ୍ୟକାନ୍ତ ରହିଛନ୍ତି। ଆନ୍ଦୋଳନରତ ଛାତ୍ରୀଛାତ୍ରଙ୍କ ଉପରେ ପୋଲିସ କାର୍ଯ୍ୟାନୁଷ୍ଠାନକୁ ସର୍ବୋଚ୍ଚ ଅଦାଲତ ନିଜ ଆଡୁ ମାମଲା ଭାବେ ଗ୍ରହଣ କରିବାକୁ ବରିଷ୍ଠ ଆଇନଜୀବୀ ଇନ୍ଦିରା ଜୟସିଂ ଏବଂ କୋଲିନ ଗୋନ୍‌ସାଲଭେସ୍‌ଙ୍କ ନେତୃତ୍ୱରେ ଓକିଲମାନଙ୍କ ଏକ ଗୋଷ୍ଠୀ ଖଣ୍ଡପୀଠଙ୍କୁ ଅନୁରୋଧ କରିଥିଲେ। ହିଂସାର ବାତାବରଣକୁ ବରଦାସ୍ତ କରାଯିବନି। ସର୍ବସାଧାରଣ ସମ୍ପତ୍ତି ଧ୍ୱଂସ କରିବା ବସ୍ ପୋଡ଼ିଦେବାର ମାନେ କ'ଣ ବୋଲି ଖଣ୍ଡପୀଠ ପ୍ରଶ୍ନ କରିଥିଲେ।

ଶାନ୍ତିପୂର୍ଣ୍ଣ ବିକ୍ଷୋଭକୁ କେହି ବାଧା ଦେଇପାରିବେ ନାହିଁ। ଆମେ ହିଂସା ଚାହୁଁନାହୁଁ, ଛାତ୍ରୀଛାତ୍ରଙ୍କ ବିରୋଧରେ ହିଂସାର ଷଡ଼ଯନ୍ତ୍ର ହୋଇଥିବା ଜୟସିଂ କୋର୍ଟଙ୍କୁ କହିଥିଲେ। ସଂଶୋଧିତ ନାଗରିକତ୍ୱ ଆଇନ (ସିଏଏ) ବିରୋଧରେ ରବିବାର ଦିଲ୍ଲୀର ଜାମିଆ ନଗରଠାରେ ବିଶ୍ୱବିଦ୍ୟାଳୟ ଛାତ୍ରୀଛାତ୍ର ଓ ସ୍ଥାନୀୟ ଲୋକେ ବିକ୍ଷୋଭ ଚଳାଇଥିଲେ। ବିକ୍ଷୋଭକାରୀ ୪ଟି ବସ୍ ଓ ଦୁଇଟି ପୋଲିସ ଗାଡି ପୋଡିଦେଇଥିଲେ। ଦକ୍ଷିଣ ଦିଲ୍ଲୀର ନ୍ୟୁ ଫ୍ରେଣ୍ଡସ୍ କଲୋନିରେ ପୋଲିସ ସହ ବିକ୍ଷୋଭକାରୀଙ୍କ ସଂଘର୍ଷ ଘଟିଥିଲା। ଉତ୍ୟକ୍ତ ଆନ୍ଦୋଳନକାରୀଙ୍କୁ ତଡିବା ଲାଗି ପୋଲିସ ଲାଠିଚାଳନା କରିବା ସହ ଲୁହବୁହା ବାଷ୍ପ ପ୍ରୟୋଗ କରିଥିଲା। ଛାତ୍ରୀଛାତ୍ରଙ୍କ ବିରୋଧରେ ପୋଲିସର ବର୍ବରତା ବିରୋଧରେ ଦିଲ୍ଲୀ ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ରୁଜୁ ହୋଇଛି। ଆବେଦନ ଏତେ ଜରୁରୀ ହୋଇ ନ ଥିବାରୁ ସୋମବାର ଏହା ଉପରେ ଶୁଣାଣି କରିବାକୁ ମୁଖ୍ୟ ବିଚାରପତି ଡି.ଏନ୍. ପଟେଲଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ ମନା କରିଦେଇଥିଲେ।

## ସଂକ୍ଷେପରେ

### ମନୋଜ ମୁକୁନ୍ଦ ହେବେ ସେନାମୁଖ୍ୟ

ନୂଆଦିଲ୍ଲୀ,୧୬।୧୨-ଲ୍ୟୁଟ୍‌ନାଣ୍ଟ ଜେନେରାଲ ମନୋଜ ମୁକୁନ୍ଦ ନରଭନେ ଭାରତୀୟ ସେନାର ପରବର୍ତ୍ତୀ ମୁଖ୍ୟ ହେବାକୁ ଯାଉଛନ୍ତି। ସେ ଏବେ ସୈନ୍ୟବାହିନୀରେ ଉପମୁଖ୍ୟ ଅଛନ୍ତି। ବର୍ତ୍ତମାନର ସେନାଧକ୍ଷ ବିପିନ ରାୱତ ଡିସେମ୍ବର ୩୧ରେ ଅବସର ଗ୍ରହଣ କରିବେ। ସେନା ଉପମୁଖ୍ୟ ଭାବେ ଗତ ସେପ୍ଟେମ୍ବରରେ ଦାୟିତ୍ୱ ଗ୍ରହଣ କରିବା ପୂର୍ବରୁ ମନୋଜ ମୁକୁନ୍ଦ ଇଷ୍ଟର୍ନ କମାଣ୍ଡ ମୁଖ୍ୟ ଥିଲେ। ଉକ୍ତ ବାହିନୀ ଚାଇନା ସହ ଥିବା ଭାରତର ପାଖାପାଖି ୪୦୦୦ କିଲୋମିଟର ସୀମାକୁ ଜଗିଥାଏ। ଜେନେରାଲ ମନୋଜ ମୁକୁନ୍ଦ ତାଙ୍କର ୩୭ ବର୍ଷର କାର୍ଯ୍ୟକାଳ ମଧ୍ୟରେ ବହୁ ଗୁରୁତ୍ୱପୂର୍ଣ୍ଣ ପଦବୀରେ ଅବସ୍ଥାପିତ ହୋଇଛନ୍ତି। ସେ ଜମ୍ମୁ-କଶ୍ମୀରରେ ରାଷ୍ଟ୍ରୀୟ ରାଇଫଲ୍ସ ବାଟାଲିୟନର ନେତୃତ୍ୱ ମଧ୍ୟ ନେଇଥିଲେ। ଏଥିସହିତ ଇଷ୍ଟର୍ନ ଫ୍ରଣ୍ଟର ଇନଫାଣ୍ଟ୍ରି ବ୍ରିଗେଡ ମଧ୍ୟ ଥିଲେ। ଶ୍ରୀଲଙ୍କାରେ ଭାରତୀୟ ଶାନ୍ତି ବାହିନୀରେ ସେ ସାମିଲ ହୋଇଥିଲେ। ସେ ଜାତୀୟ ପ୍ରତିରକ୍ଷା ଏକାଡେମୀ ଓ ଭାରତୀୟ ମିଲିଟାରୀ ଏକାଡେମୀରେ ପ୍ରଶିକ୍ଷଣ ନେଇଥିଲେ।



### ଆଜମ୍ ଖାଁଙ୍କୁ ଝଟକା
### ପୁଅଙ୍କ ବିଧାୟକ ପଦ ରଦ୍ଦ କଲେ ହାଇକୋର୍ଟ

ଆଲ୍ଲାହାବାଦ,୧୬।୧୨(ପି.ଟି.): ସମାଜବାଦୀ ପାର୍ଟି ନେତା ଆଜମ୍ ଖାନ୍‌ଙ୍କୁ ଝଟକା ଲାଗିଛି। ଆଲ୍ଲାହାବାଦ ହାଇକୋର୍ଟ ସୋମବାର ତାଙ୍କ ପୁଅ ଅବ୍‌ଦୁଲ୍ଲା ଆଜମ୍ ଖାନ୍‌ଙ୍କ ବିଧାୟକ ପଦ ରଦ୍ଦ କରିଛନ୍ତି। ୨୦୧୭ରେ ନିର୍ବାଚନ ଲଢ଼ିବା ଲାଗି ତାଙ୍କୁ ବୟସ ହୋଇ ନ ଥିବାରୁ ହାଇକୋର୍ଟ ଏଭଳି ନିଷ୍ପତ୍ତି ନେଇଛନ୍ତି। ବିଚାରପତି ଜଷ୍ଟିସ ଏସ୍.ପି. କେସରୱାନି ସୁଆର୍ ବିଧାନସଭାରୁ ନିର୍ବାଚିତ ହୋଇଥିବା ଜୁନିୟର ଖାନ୍‌ଙ୍କ ବିଜୟକୁ ରଦ୍ଦ କରିଛନ୍ତି। ବିଏସ୍‌ପି ପ୍ରାର୍ଥୀ ନୱାବ୍ କାଜିମ୍ ଅଲି ଖାନ୍ ଏନେଇ ଅପିଲ କରିଥିଲେ। ନିର୍ବାଚନ ଲଢ଼ିବା ଲାଗି ୨୫ ବର୍ଷ ବୟସ ହୋଇ ନ ଥିବାବେଳେ ବିଧାୟକ କିଭଳି ହେଲେ ବୋଲି ସାଧାରଣରେ ପ୍ରଶ୍ନ ଉଠିଛି। ଅବ୍‌ଦୁଲ୍ଲା ଆଜମ୍ ଖାନ୍ ସତ୍ୟପାଠରେ ଲେଖିଥିବା ବୟସ ୧୯୯୦ ସେପ୍ଟେମ୍ବର ୩୦ ଠିକ୍ ନୁହେଁ ବରଂ ୧୯୯୩ ଜାନୁୟାରୀ ୧ ଠିକ୍ ବୋଲି କାଜିମ୍ ଦର୍ଶାଇଥିଲେ।

### ଇତିହାସର ଆଇନାରେ
### ଡିସେମ୍ବର ୧୭ର ପ୍ରମୁଖ ଘଟଣା

୧୯୬୦ ଡିସେମ୍ବର ୧୭ରେ ଆମେରିକା ପରିଚାଳିତ ବାୟୁସେନାର ଏକ ବିମାନ ଦୁର୍ଘଟଣାର ଶିକାର ହେବାରୁ ଏଥିରେ ଥିବା ୨୦ ଯାତ୍ରୀଙ୍କୁ ମିଶାଇ ୫୪ଜଣ ପ୍ରାଣ ହରାଇଥିଲେ। ୨୦ରୁ ଊର୍ଦ୍ଧ୍ୱ ଆହତ ହୋଇଥିଲେ।

୧୯୭୩ ଡିସେମ୍ବର ୧୭ରେ ରୋମର ଲିଓନାର୍ଡୋ ଡା ଭିନ୍ସି ବିମାନବନ୍ଦରରେ ପାଲେଷ୍ଟାଇନର ଆତଙ୍କବାଦୀମାନେ ଆକ୍ରମଣ କରିବା ଫଳରେ ୩୪ ଯାତ୍ରୀ ପ୍ରାଣ ହରାଇଥିଲେ। ସେମାନେ ଅପହରଣ ଲାଗି ଉଦ୍ୟମ କରି ବୋମାମାଡ଼ କରିବାରୁ ବିମାନରେ ନିଆଁ ଲାଗିଯାଇଥିଲା।

## 'ସ୍ୱତଃ ମିଳିବନି ଭାରତୀୟ ନାଗରିକତ୍ୱ'

ନୂଆଦିଲ୍ଲୀ,୧୬।୧୨(ପି.ଟି.)

ପାକିସ୍ତାନ, ବାଂଲାଦେଶ ଓ ଆଫଗାନିସ୍ତାନରେ ଧର୍ମୀୟ ବିଦ୍ୱେଷର ଶିକାର ହୋଇ ଭାରତରେ ଶରଣ ନେଇଥିବା ହିନ୍ଦୁ, ବୌଦ୍ଧ, ଶିଖ୍, ପାର୍ସୀ, ଜୈନ ଓ ଖ୍ରୀଷ୍ଟିଆନମାନଙ୍କୁ ଆପଣାଛାଏଁ ଭାରତୀୟ ନାଗରିକତ୍ୱ ମିଳିଯିବ ନାହିଁ। ସିଏଏରେ ଏଥିପାଇଁ ସେମାନଙ୍କୁ କେତେଗୁଡ଼ିଏ ଜରୁରୀ ଆବଶ୍ୟକତା ପୂରଣ କରିବାକୁ ପଡିବ ବୋଲି ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି। ସଂଶୋଧିତ ନାଗରିକତ୍ୱ ଆଇନକୁ ବିରୋଧ କରି ଦେଶର ବିଭିନ୍ନ ସ୍ଥାନରେ ଆନ୍ଦୋଳନ ଜାରି ରହିଥିବାବେଳେ ସରକାରଙ୍କ ପକ୍ଷରୁ ଏଭଳି ସ୍ପଷ୍ଟୀକରଣ ଦିଆଯାଇଛି। ନୂଆ ଆଇନ ଆସିଯିବା ମାନେ ନୁହେଁ ବେଆଇନ ଭାବେ ରହିଥିବା ଅଣମୁସଲମାନମାନଙ୍କୁ ସ୍ୱତଃ ଭାରତୀୟ ନାଗରିକତ୍ୱ ମିଳିଯିବ। ଏଥିପାଇଁ ଉପଯୁକ୍ତ ଅଧିକାରୀଙ୍କ ପାଖରେ ଆବେଦନ କରିବା ସହ କେତେକ ପ୍ରକ୍ରିୟା ମଧ୍ୟଦେଇ ଯିବାକୁ ପଡିବ ବୋଲି ଅଧିକାରୀ ଜଣକ ସ୍ପଷ୍ଟ କରିଦେଇଛନ୍ତି।

## ହିଂସା ରୋକିବାକୁ ରାଜ୍ୟଗୁଡ଼ିକୁ କେନ୍ଦ୍ରର ନିର୍ଦ୍ଦେଶ

ନୂଆଦିଲ୍ଲୀ,୧୬।୧୨(ପି.ଟି.)

ହିଂସା ରୋକିବା ଏବଂ ଧନଜୀବନର ସୁରକ୍ଷାକୁ ସୁନିଶ୍ଚିତ କରିବା ଲାଗି ସମସ୍ତ ସମ୍ଭାବ୍ୟ ପଦକ୍ଷେପ ନେବା ନିମନ୍ତେ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକୁ ସୋମବାର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ନିର୍ଦ୍ଦେଶ ଦେଇଛି। ମନ୍ତ୍ରଣାଳୟ ପକ୍ଷରୁ ଜାରି ଆଡଭାଇଜରିରେ ସୋସିଆଲ ମିଡିଆରେ ମିଛ ଖବର ଓ ଗୁଜବ ପ୍ରସାରଣ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଲାଗି ପରାମର୍ଶ ଦିଆଯାଇଛି। ସଂଶୋଧିତ ନାଗରିକତ୍ୱ ଆଇନକୁ ବିରୋଧ କରି ବିଭିନ୍ନ ସ୍ଥାନରେ ଆନ୍ଦୋଳନ ହିଂସାର ରୂପ ନେବା ପରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଏଭଳି ନିର୍ଦ୍ଦେଶ ଦିଆଯାଇଛି।

## ଝାଡ଼ଖଣ୍ଡ: ୪ର୍ଥ ପର୍ଯ୍ୟାୟରେ ୬୨% ମତଦାନ



ରାଞ୍ଚି,୧୬।୧୨(ଆଇଏଏନ୍‌ଏସ୍)

ଝାଡ଼ଖଣ୍ଡରେ ସୋମବାର ଅନୁଷ୍ଠିତ ଚତୁର୍ଥ ପର୍ଯ୍ୟାୟ ଭୋଟରେ ୬୨.୪୬ ପ୍ରତିଶତ ମତଦାନ ହୋଇଛି। ଏହି ପର୍ଯ୍ୟାୟରେ ଦେଓଘର, ଗିରିଡିହ, ବୋକାରୋ ଏବଂ ଧାନବାଦ ଜିଲାର ୧୫ ଆସନ ଲାଗି ଭୋଟଗ୍ରହଣ ହୋଇଥିଲା। ପ୍ରବଳ ଥଣ୍ଡା ସାଙ୍ଗକୁ ମାଓବାଦୀମାନଙ୍କ ଭୋଟ ବର୍ଜନ ଆହ୍ୱାନ ସତ୍ତ୍ୱେ ବହୁସଂଖ୍ୟାରେ ଭୋଟର ସେମାନଙ୍କ ମତଦାନ ସାବ୍ୟସ୍ତ କରିଛନ୍ତି। ଏହି ପର୍ଯ୍ୟାୟରେ ୨୩ ମହିଳାଙ୍କ ସମେତ ୨୨୧ ପ୍ରାର୍ଥୀଙ୍କ ଭାଗ୍ୟ ଇଭିଏମ୍‌ରେ ସିଲ୍ ହୋଇଛି। ମୋଟ ୪୭,୮୧,୪୨୨ ଭୋଟର ୬୧୦୧ଟି ଭୋଟକେନ୍ଦ୍ରରେ ମତଦାନ ସାବ୍ୟସ୍ତ କରିଥିଲେ। ସେଥିରୁ ମାଓ ପ୍ରଭାବିତ ଅଞ୍ଚଳର ୫୮୭ଟି ବୁଥ୍ ଅତି ସମ୍ବେଦନଶୀଳ ଓ ୪୦୫ଟି ସମ୍ବେଦନଶୀଳ ଥିବାବେଳେ ଅଣମାଓବାଦୀ ଅଞ୍ଚଳରେ ୫୪୬ଟି ବୁଥ୍ ଅତି ସମ୍ବେଦନଶୀଳ ଚିହ୍ନଟ କରାଯାଇ ସେଠାରେ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ୯ଟି ଆସନରେ ଭାଜପା ସହ କଂଗ୍ରେସ-ଜେଏମ୍‌ଏମ୍-ଆର୍‌ଜେଡି ମେଣ୍ଟର ପ୍ରତିଦ୍ୱନ୍ଦ୍ୱିତା ହୋଇଥିବାବେଳେ ଅନ୍ୟ ୬ଟିରେ ତ୍ରିମୁଖୀ ଲଢ଼େଇ ହୋଇଥିଲା।

### ■ ଉନ୍ନାଓ ବଳାତ୍କାର, ହତ୍ୟା ମାମଲା
## ସେନ୍‌ଗାର ଦୋଷୀ ସାବ୍ୟସ୍ତ

ନୂଆଦିଲ୍ଲୀ,୧୬।୧୨(ପି.ଟି.)

ବହୁଚର୍ଚ୍ଚିତ ୨୦୧୭ ଉନ୍ନାଓ ନାବାଳିକା ବଳାତ୍କାର ଓ ହତ୍ୟା ମାମଲାରେ ଭାଜପାରୁ ବହିଷ୍କୃତ ବିଧାୟକ କୁଲ୍‌ଦୀପ ସିଂ ସେନ୍‌ଗାର (୫୩) ସୋମବାର ଦିଲ୍ଲୀର ତିସ୍‌ହଜାରୀ(ସ୍ୱତନ୍ତ୍ର) କୋର୍ଟ ଦ୍ୱାରା ଦୋଷୀସାବ୍ୟସ୍ତ ହୋଇଛନ୍ତି। ଏହି ମାମଲାର ଅନ୍ୟତମ ଅଭିଯୁକ୍ତ ଶଶୀ ସିଂଙ୍କୁ ପ୍ରମାଣ ଅଭାବରୁ କୋର୍ଟ ଦୋଷମୁକ୍ତ କରିଛନ୍ତି। ଜିଲା ଓ ସେସନ୍ସ ଜଜ୍ ଧର୍ମେଶ୍ ଶର୍ମା ବଳାତ୍କାର, ଆପରାଧିକ ଷଡ଼ଯନ୍ତ୍ର ଲାଗି ସେନ୍‌ଗାରଙ୍କୁ ଦୋଷୀସାବ୍ୟସ୍ତ କରିଥିବା ଜଣାପଡ଼ିଛି। ଏହି ମାମଲାରେ ସିବିଆଇ ଚାର୍ଜସିଟ୍ ଦାଖଲ କରିବାରେ ଏତେ ସମୟ କାହିଁକି ନେଲା ବୋଲି ବିଚାରପତି ପ୍ରଶ୍ନ କରିଛନ୍ତି। ଦୋଷୀଙ୍କ ବିରୋଧରେ ଆଇପିସିର ଦଫା ୩୬୩, ୩୬୬, ୩୭୬ ଲଗାଯିବା ସହ ପୋକ୍‌ସୋ ଆଇନ ଆଧାରରେ ଦଣ୍ଡବିଧାନ କରାଯିବ। ବୁଧବାର ଏହି ମାମଲାରେ କୋର୍ଟ ଦଣ୍ଡାଦେଶ ଶୁଣାଣି କରିବାର କାର୍ଯ୍ୟକ୍ରମ ରହିଛି। ସର୍ବାଧିକ ଆଜୀବନ ଜେଲ୍‌ଦଣ୍ଡାଦେଶ ମିଳିବାର ସମ୍ଭାବନା ରହିଛି।

୨୦୧୮ ଏପ୍ରିଲ ୩ରେ ଉନ୍ନାଓ କୋର୍ଟରୁ ଫେରୁଥିବାବେଳେ ପୀଡ଼ିତାଙ୍କ ବାପାଙ୍କୁ ଆକ୍ରମଣ କରାଯାଇ ଆର୍ମ୍ସ ଆକ୍ଟରେ ଫସାଇବା ସହ ଜେଲ୍ ପଠାଇ ଦିଆଯାଇଥିଲା। ଚିକିତ୍ସା ଅଭାବରୁ ସେ ଏପ୍ରିଲ ୯ରେ ଆଖି ବୁଜିଥିଲେ। ପରେ ମାମଲା ସିବିଆଇ ହାତକୁ ଯାଇଥିଲା। ଏହି ହାଇ ପ୍ରୋଫାଇଲ ମାମଲାକୁ ସୁପ୍ରିମକୋର୍ଟ ଉତ୍ତରପ୍ରଦେଶରୁ ଦିଲ୍ଲୀକୁ ସ୍ଥାନାନ୍ତର କରିଥିଲେ। ଜନ ଅସନ୍ତୋଷ ବଢ଼ିବା ସହ ମାମଲାର ଗୁରୁତ୍ୱକୁ ଆଖିଆଗରେ ରଖି ଭାଜପା ପକ୍ଷରୁ ସେନ୍‌ଗାରଙ୍କୁ ଦଳରୁ ବହିଷ୍କାର କରାଯାଇଥିଲା। ଅଗଷ୍ଟ ୫ରୁ ଏହି ମାମଲାର ଦୈନନ୍ଦିନ ଶୁଣାଣି ଆରମ୍ଭ ହୋଇଥିଲା। ଜୁଲାଇ ୨୮ରେ ପୀଡ଼ିତା ଯାଉଥିବା କାର୍‌କୁ ଏକ ଟ୍ରକ୍ ଧକ୍କା ଦେବାରୁ ସେ ଗୁରୁତର ହେବା ସହ ତାଙ୍କ ଦୁଇ ମାଉସୀ ପ୍ରାଣ ହରାଇଥିଲେ। ଏହି ଦୁର୍ଘଟଣା ପଛରେ ଅଭିଯୁକ୍ତଙ୍କ ହାତ ରହିଥିବା ଅଭିଯୋଗ କରାଯାଇଥିଲା। ସେନ୍‌ଗାର, ତାଙ୍କ ଭାଇ ଅତୁଲ ଓ ଅନ୍ୟ ୯ ଜଣଙ୍କ ବିରୋଧରେ ହତ୍ୟା ମାମଲା ରୁଜୁ କରାଯାଇଥିଲା।

### ବୁଧବାର ଦଣ୍ଡବିଧାନ





# ଚର୍ଚ୍ଚାରେ ୨୦୦୦ ଟଙ୍କିଆ ନୋଟ୍



**ଭୁବନେଶ୍ୱର, ୧୬।୧୨(ବ୍ୟୁରୋ)**

୮ ନଭେମ୍ବର ୨୦୧୬ରେ କେନ୍ଦ୍ର ସରକାର ବିମୁଦ୍ରୀକରଣ ଲାଗୁ କରିବା ପରେ ୧୦୦୦ ଓ ୫୦୦ ଟଙ୍କିଆ ବଡ଼ ନୋଟ୍ ରାତାରାତି ଅଚଳ ହୋଇଯାଇଥିଲା। ଦେଶବ୍ୟାପୀ ଏହାକୁ ନେଇ ଚହଳ ପଡ଼ିଯିବା ପରେ ଜନସାଧାରଣ ନିଜ ପାଖରେ ରଖିଥିବା ଏହିସବୁ ନୋଟକୁ ଧରି ବ୍ୟାଙ୍କକୁ ଦୌଡ଼ିଥିଲେ। ସେତେବେଳର ସେହି ବଡ଼ ନୋଟ୍‌ର ବିକଳ୍ପ ଭାବେ ଆସିଲା ଗୋଲାପୀ ରଙ୍ଗର ୨୦୦୦ ଟଙ୍କିଆ କାଗଜ ଟଙ୍କା। ଏହି କିଛି ମାସ ହେବ ବିଭିନ୍ନ ସୋସିଆଲ ମିଡିଆରେ ଏହି ୨୦୦୦ ଟଙ୍କିଆ ନୋଟ୍‌ର ଭବିଷ୍ୟତ ନେଇ ଆଶଙ୍କା ପ୍ରକାଶ ପାଇଚାଲିଛି। କୁହାଯାଉଛି, ଖୁବ୍‌ଶୀଘ୍ର ଏହି ଟଙ୍କାକୁ ବନ୍ଦ କରିଦିଆଯିବ। ଏଟିଏମ୍‌ରେ ଏହା ଉପଲବ୍ଧ ହେବ ନାହିଁ। ଏହା ବଦଳରେ ପୁଣି ନୂଆ ୧୦୦୦ ଟଙ୍କିଆ ନୋଟ୍ ବଜାରକୁ ଆସିବ। ଚାରିଆଡ଼େ ୨୦୦୦ ଟଙ୍କିଆ ନୋଟ୍‌କୁ ନେଇ ଚର୍ଚ୍ଚା ଜୋର ଧରୁଥିବାରୁ ଲୋକେ ବ୍ୟତିବ୍ୟସ୍ତ ହୋଇପଡ଼ିବା ସ୍ୱାଭାବିକ।

ଫେସ୍‌ବୁକ୍, ହ୍ୱାଟ୍‌ସଆପ୍ ଓ ୟୁଟ୍ୟୁବ୍‌ରେ ଏ ବିଷୟ ଘୂରି ବୁଲୁଥିବାରୁ ଏହାର ସତ୍ୟତା ନେଇ ନିକଟରେ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ)ଠାରୁ ଆର୍‌ଟିଆଇ ମାଧ୍ୟମରେ ତଥ୍ୟ ଲୋଡ଼ାଯାଇଥିଲା। ଶୀର୍ଷ ବ୍ୟାଙ୍କ କହିଥିଲେ ଯେ, ସେଭଳି କିଛି ନିଷ୍ପତ୍ତି ନିଆଯାଇ ନାହିଁ। ଏହା ଏକ ଗୁଜବ। ବରଂ ୨୦୦୦ ଟଙ୍କିଆ ନୋଟ୍ ପ୍ରିଣ୍ଟିଂ ବନ୍ଦ ରହିଛି। ତେଣୁ ଏଭଳି ଖବରକୁ ନେଇ ଲୋକେ ଭୟଭୀତ ନ ହୁଅନ୍ତୁ ବୋଲି ଆର୍‌ବିଆଇ ପକ୍ଷରୁ କୁହାଯାଇଛି। ବିଶେଷଜ୍ଞଙ୍କ ମତରେ ଲୋକେ ଏ ବିଷୟକୁ ନେଇ ଡରିଯାଉଛନ୍ତି । କାରଣ ଜନସାଧାରଣ ବିମୁଦ୍ରୀକରଣ ବେଳେ ଟଙ୍କା ବଦଳାଇବା ପାଇଁ ଭୋଗିଥିବା ଯନ୍ତ୍ରଣାକୁ ଭୁଲିପାରି ନାହାନ୍ତି। ବର୍ତ୍ତମାନ ଦେଶର ଆର୍ଥିକ ପରିସ୍ଥିତି ଭଲ ନ ଥିବା ବେଳେ ଏଭଳି ବିଷୟ ଯେକେହି ଶୁଣିଲେ ଶଙ୍କା ଜାତ ହୋଇଯାଉଛି। କେତେକେ କହୁଛନ୍ତି ଯେ, ୨୦୦୦ ଟଙ୍କିଆ ନୋଟ୍‌କୁ ନେଇ ଗୁଜବ ହେଉଥିଲେ ମଧ୍ୟ ଭିତରେ କିଛି କଠୋର ଆର୍ଥିକ ନିଷ୍ପତ୍ତି ନିଆଯାଉଥାଇପାରେ। ନ ହେଲେ ବାରମ୍ବାର କାହିଁକି ଏପରି ଖବର ଶୁଣିବାକୁ ମିଳୁଛି।




## ମାଲକାନଗିରି ଜିଲାରେ ପୁଷ୍ଟିହୀନତା ସମସ୍ୟା

# ପ୍ରତି ଜିଲାରେ ନିଯୁକ୍ତ ହେବେ ସ୍ୱତନ୍ତ୍ର ଅଧିକାରୀ

**କଟକ ଅଫିସ,୧୬।୧୨**

ଅପପୁଷ୍ଟିକୁ ରୋକିବା ପାଇଁ ସରକାର ବହୁବିଧ ଯୋଜନା କରିଛନ୍ତି। ମାତ୍ର ଏହାର ପ୍ରଭାବ ମାଲକାନଗିରି ଜିଲାରେ ପଡୁନାହିଁ। ଉକ୍ତ ଜିଲାରେ ବହୁ ସଂଖ୍ୟକ ଶିଶୁ ପୁଷ୍ଟିହୀନତାର ଶିକାର ହେଉଛନ୍ତି। ଏପରି କି ଏହି ରୋଗର ଶିକାର ହୋଇ ଅନେକ ଶିଶୁଙ୍କ ମୃତ୍ୟୁ ଘଟୁଛି। ଏହାର ପ୍ରତିକାର ନିମନ୍ତେ ଆଡଭୋକେଟ ପ୍ରବୀର ଦାସ ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ରୁଜୁ କରିଥିଲେ। ରାଜ୍ୟ ଆଇନସେବା ପ୍ରାଧିକରଣ ଉକ୍ତ ମାମଲାରେ ନିଜ ଆଡୁ ପକ୍ଷଭୁକ୍ତ ହୋଇଥିଲା। ହାଇକୋର୍ଟରେ ଏହି ମାମଲାର ଶୁଣାଣି ସୋମବାର ହୋଇଥିଲା। ଶୁଣାଣି କରି ହାଇକୋର୍ଟ ରାଜ୍ୟ ସରକାରଙ୍କୁ ଗୁରୁତ୍ୱପୂର୍ଣ୍ଣ ଆଦେଶ ଦେଇଛନ୍ତି। ରାଜ୍ୟରେ ପୁଷ୍ଟିହୀନତା ସ୍ଥିତି କିପରି ରହିଛି ତାହାର ବାସ୍ତବତା ଜାଣିବା ପାଇଁ ପ୍ରତି ଜିଲାରେ ଜଣେ ଲେଖାଏ ସ୍ୱତନ୍ତ୍ର ଅଧିକାରୀ ନିଯୁକ୍ତି କରିବାକୁ ହାଇକୋର୍ଟ ସରକାରଙ୍କୁ ଆଦେଶ ଦେଇଛନ୍ତି। ଉକ୍ତ ଅଧିକାରୀ ପୁଷ୍ଟିହୀନତାକୁ ରୋକିବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ଏ ସମ୍ପର୍କରେ ମଧ୍ୟ ହାଇକୋର୍ଟ ରାଜ୍ୟ ସରକାରଙ୍କଠାରୁ ଜବାବ ମାଗିଛନ୍ତି। ମୁଖ୍ୟ ବିଚାରପତି ଜଷ୍ଟିସ୍ କେ.ଏସ୍. ଝାବେରୀ ଏବଂ ବିଚାରପତି ଜଷ୍ଟିସ୍ କେ.ଆର. ମହାପାତ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରୁଛନ୍ତି। ଆସନ୍ତା ୨୩ ତାରିଖରେ ମାମଲାର ପରବର୍ତ୍ତୀ ଶୁଣାଣି କରାଯିବ।

## ଅଦାଲତଙ୍କ ରାୟ

# ନାବାଳିକା ବଳାତ୍କାର ମାମଲା

## ଅଭିଯୁକ୍ତଙ୍କୁ ୨୦ ବର୍ଷ ଜେଲ୍ ଦଣ୍ଡାଦେଶ

**ବାଲେଶ୍ୱର ଅଫିସ,୧୬।୧୨:** ନାବାଳିକା ବଳାତ୍କାର ମାମଲାର ବିଚାର କରି ସୋମବାର ବାଲେଶ୍ୱର ପୋକ୍‌ସୋ ଅଦାଲତର ସ୍ୱତନ୍ତ୍ର ବିଚାରପତି ଗିରିଜା ମହାପାତ୍ର ଜଣେ ଅଭିଯୁକ୍ତଙ୍କୁ ୨୦ ବର୍ଷ ଜେଲ ଦଣ୍ଡାଦେଶ ଦେଇଛନ୍ତି। ୨୦୧୮ ଜୁନ୍ ୫ ତାରିଖରେ ସୋର ଥାନା ଅଞ୍ଚଳରେ ଜଣେ ୧୬ ବର୍ଷୀୟା ନାବାଳିକା ସନ୍ଧ୍ୟା ସମୟରେ ଶୌଚ ପାଇଁ ଯାଇଥିଲେ। ଏହି ସମୟରେ ତାଙ୍କ ପଡ଼ୋଶୀ ପ୍ରକାଶ ଜେନା (୨୮) ତାଙ୍କୁ ଉଠାଇ ନେଇ ନିକଟସ୍ଥ ଖଳାରେ ଜବରଦସ୍ତ ବଳାତ୍କାର କରିଥିଲେ। ଏ ସମ୍ପର୍କରେ ପରିବାର ଲୋକେ ଜାଣିବା ପରେ ପ୍ରକାଶଙ୍କ ବିରୋଧରେ ସୋର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏନେଇ ମାମଲା (ନଂ. ୨୩୭/୧୮) ରୁଜୁ କରାଯାଇ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିଲା। ସେ ଗିରଫ ହେବା ପରଠାରୁ ବାଲେଶ୍ୱର ଜେଲରେ ଥିଲେ। ସରକାରଙ୍କ ପକ୍ଷରୁ ଆଇନଜୀବୀ ପ୍ରଣବ ପ୍ରକାଶ ପଣ୍ଡା ମାମଲା ପରିଚାଳନା କରୁଥିଲେ।

## ୭ ବର୍ଷ ଜେଲ୍ ଦଣ୍ଡ

**ବାଲେଶ୍ୱର ଅଫିସ,୧୬।୧୨:** ଏକ ବଳାତ୍କାର ମାମଲାର ବିଚାର କରି ସୋମବାର ବାଲେଶ୍ୱର ସ୍ପେଶାଲ ଟ୍ରାକ୍ କୋର୍ଟ କମ୍ ଆସିଷ୍ଟାଣ୍ଟ ସେସନ୍ସ ଜଜ୍ ଆରାଧନା ଷଡ଼ଙ୍ଗୀ ଅଭିଯୁକ୍ତଙ୍କୁ ୭ବର୍ଷ ଜେଲ ଦଣ୍ଡାଦେଶ ଦେଇଛନ୍ତି। ଏହାସହ ୫ହଜାର ଟଙ୍କା ଜରିମାନା କରାଯାଇଛି। ଜରିମାନା ଅନାଦାୟ ଆଉ ୬ମାସ ଜେଲଦଣ୍ଡ ଭୋଗିବାକୁ ରାୟରେ କୁହାଯାଇଛି। ୨୦୧୨ ଜୁଲାଇ ୧୮ ତାରିଖରେ ସଦର ଥାନା ଅଞ୍ଚଳର ଜଣେ ନାବାଳିକା ତାଙ୍କ ବାପାଙ୍କ ସାଙ୍ଗ ରାମଚନ୍ଦ୍ରଙ୍କ ଘରକୁ ମାଛଧରା ଜାଲ ଆଣିବା ପାଇଁ ଯାଇଥିଲେ। ସେହିପରି ସମୟରେ ଘରେ କେହି ନ ଥିବାର ସୁଯୋଗ ନେଇ ରାମଚନ୍ଦ୍ର ଉକ୍ତ ନାବାଳିକାଙ୍କୁ ବଳାତ୍କାର କରିଥିଲେ। ଏ ବିଷୟରେ ନାବାଳିକା ଜଣକ ଘରେ ଆସି ଜଣାଇଥିଲେ। ତାଙ୍କ ପରିବାର ପକ୍ଷରୁ ସଦର ଥାନାରେ ଅଭିଯୋଗ କରାଯିବା ପରେ ଏକ ମାମଲା ରୁଜୁ କରାଯାଇଥିଲା। ଏହି ମାମଲାର ବିଚାର କରାଯାଇ ଅଭିଯୁକ୍ତଙ୍କୁ ଦଣ୍ଡାଦେଶ ଦିଆଯାଇଛି। ସରକାରଙ୍କ ତରଫରୁ ଆଇନଜୀବୀ ଉତ୍ପଳ ମହାନ୍ତି ମାମଲାକୁ ପରିଚାଳନା କରୁଥିଲେ।

## ୧୦ବର୍ଷ ସଶ୍ରମ ଜେଲ୍

**ଫୁଲବାଣୀ ଅଫିସ,୧୬।୧୨:** ଜଣେ ନାବାଳିକାଙ୍କୁ ଅପହରଣ ଏବଂ ବଳାତ୍କାର ମାମଲାର ବିଚାର କରି ସୋମବାର ଫୁଲବାଣୀ ଅତିରିକ୍ତ ଦୌରାଜଜ୍ ତଥା ସ୍ୱତନ୍ତ୍ର ବିଚାରପତି ସମର ବିଳାସ ବେହେରା ଅଭିଯୁକ୍ତଙ୍କୁ ୧୦ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୧୫ ହଜାର ଟଙ୍କା ଜରିମାନା ପାଇଁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏହା ଅନାଦାୟ ଅଧିକ ୬ ମାସ ଜେଲ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ଅଭିଯୁକ୍ତ ଯୁବକ ହେଲେ ଅନୁଗୋଳ ଜିଲା ଛେଣ୍ଡିପଦା ଥାନା କସଲା ଗ୍ରାମର ନିତ୍ୟାନନ୍ଦ ବେହେରା। ୨୦୧୭ ଏପ୍ରିଲ ୧୦ ତାରିଖରେ ବାଲିଗୁଡ଼ା ଥାନା ଅଞ୍ଚଳର ଜଣେ ନାବାଳିକା ଗ୍ରାମର ଜଣେ ବ୍ୟକ୍ତିଙ୍କ ଘରକୁ ଟିଭି ଦେଖିବାକୁ ଯାଇଥିଲେ। ଲାଇନ୍ ଚାଲିଯିବାରୁ ଅନ୍ଧାରରେ ସେ ଘରକୁ ଫେରୁଥିଲେ। ଏହି ସମୟରେ ନିଜ ସାଙ୍ଗ ଘରକୁ ଯାଇଥିବା ନିତ୍ୟାନନ୍ଦ ତାଙ୍କୁ ଏକୁଟିଆ ପାଇ ରାସ୍ତାରୁ ଟେକି ନେଇ ନିକଟସ୍ଥ ଜଙ୍ଗଲରେ ବଳାତ୍କାର କରିଥିଲେ। ଏହାପରେ ନାବାଳିକାଙ୍କୁ ନେଇ ପାଖରେ ଚାଲିଥିବା ଦଣ୍ଡନାଚ ସ୍ଥାନରେ ଛାଡ଼ି ଦେଇଥିଲେ। ପରିବାର ଲୋକେ ଖୋଜାଖୋଜି କରି ଝିଅକୁ ଦଣ୍ଡନାଚ ସ୍ଥାନରୁ ପାଇଥିଲେ। ନାବାଳିକା ଜଣକ ଘଟଣା ସମ୍ପର୍କରେ ପରିବାର ଲୋକଙ୍କୁ ଜଣାଇବା ପରେ ପରଦିନ ଅର୍ଥାତ୍ ୧୧ ତାରିଖରେ ଦାଦା ବାଲିଗୁଡା ଥାନାରେ ଏତଲା ଦେଇଥିଲେ। ପୋଲିସ ନଂ. ୪୯/୧୭ରେ ଏକ ମାମଲା ରୁଜୁ କରିବା ସହ ନିତ୍ୟାନନ୍ଦଙ୍କୁ ଗିରଫ କରିଥିଲା। ଉପଯୁକ୍ତ ସାକ୍ଷ୍ୟ ପ୍ରମାଣକୁ ଭିତ୍ତିକରି ବିଚାରପତି ଉପରୋକ୍ତ ରାୟ ଶୁଣାଇଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ଅସୀମ ପ୍ରହରାଜ ମାମଲା ପରିଚାଳନା କରୁଥିଲେ।

## କୁନ୍ଦୁଲି ଗଣବଳାତ୍କାର, ଆତ୍ମହତ୍ୟା ମାମଲା

# ଷ୍ଟାଟସ୍ ରିପୋର୍ଟ ଦାଖଲ କଲା ଏସ୍ଆଇଟି

**କଟକ ଅଫିସ, ୧୬।୧୨**



କୁନ୍ଦୁଲି ନାବାଳିକା ଗଣବଳାତ୍କାର ଓ ଆତ୍ମହତ୍ୟା ମାମଲାର ତଦନ୍ତ କରୁଥିବା ୩ ଜଣିଆ ଏସ୍ଆଇଟି (ସ୍ପେଶାଲ ଇନଭେଷ୍ଟିଗେଶନ ଟିମ୍)ର ଷ୍ଟାଟସ୍ ରିପୋର୍ଟ ସୋମବାର ହାଇକୋର୍ଟରେ ଦାଖଲ କରାଯାଇଛି। ବନ୍ଦ ଲଫାପା ମଧ୍ୟରେ ଏସ୍ଆଇଟି ପକ୍ଷରୁ ଆଡଭୋକେଟ ଜେନେରାଲ ଅଶୋକ କୁମାର ପରିଜା ଏହି ରିପୋର୍ଟ ଦାଖଲ କରିଛନ୍ତି। ଆଉ ୧ ସପ୍ତାହ ମଧ୍ୟରେ ପୂର୍ଣ୍ଣାଙ୍ଗ ରିପୋର୍ଟ ଦାଖଲ କରାଯିବ ବୋଲି କୁହାଯାଇଛି। ତେବେ ଆସନ୍ତା ୨୩ ତାରିଖ ସୁଦ୍ଧା ପୂର୍ଣ୍ଣାଙ୍ଗ ରିପୋର୍ଟ ଦାଖଲ କରିବାକୁ ହାଇକୋର୍ଟ ଆଦେଶ ଦେଇଛନ୍ତି।

ସୂଚନାଥାଉ କି, କୁନ୍ଦୁଲି ଗଣବଳାତ୍କାର ଘଟଣାର ତଦନ୍ତ ନିମନ୍ତେ ହାଇକୋର୍ଟ ଏସ୍ଆଇଟି ଗଠନ କରିଥିଲେ। ବ୍ରହ୍ମପୁର, ସମ୍ବଲପୁର ଓ କୋରାପୁଟ ପୋଲିସ ରେଞ୍ଜର ଡିଆଇଜିଙ୍କୁ ନେଇ ଏହି ଟିମ୍ ଗଠନ କରାଯାଇଥିଲା। ଉକ୍ତ ମାମଲାର ସିବିଆଇ ତଦନ୍ତ ଦାବି କରି ପୂର୍ବତନ ଏମ୍‌ପି ଖାରବେଳ ସ୍ୱାଇଁ ଓ ମୃତା ପୀଡ଼ିତାଙ୍କ ମା' ହାଇକୋର୍ଟରେ ମାମଲା ରୁଜୁ କରିଥିଲେ। କିନ୍ତୁ ସିବିଆଇ ତଦନ୍ତ ଆବେଦନକୁ ହାଇକୋର୍ଟ ଖାରଜ କରିବା ସହିତ ଗତ ନଭେମ୍ବର ୧୯ ତାରିଖରେ ଏସ୍ଆଇଟି ଗଠନ ପାଇଁ ଆଦେଶ ଦେଇଥିଲେ। ପୂର୍ବରୁ ଏହି ଘଟଣାର ତଦନ୍ତ କ୍ରାଇମବ୍ରାଞ୍ଚ ଓ ଜଣିକିଆ କମିଶନ ଦ୍ୱାରା କରାଯାଇଛି। ମାତ୍ର ପୀଡ଼ିତାଙ୍କୁ ଗଣବଳାତ୍କାର କରାଯାଇଛି କି ନାହିଁ ତାହା ସାବ୍ୟସ୍ତ ହୋଇପାରି ନାହିଁ। ପୀଡ଼ିତାଙ୍କୁ ଗଣବଳାତ୍କାର କରାଯାଇଛି କି ନାହିଁ ଓ କେଉଁ କାରଣ ପାଇଁ ସେ ଆତ୍ମହତ୍ୟା କଲେ ତାହାର ତଦନ୍ତ ଏବେ ଏସଆଇଟି କରୁଛି। ଇତିମଧ୍ୟରେ ଏସ୍ଆଇଟିର ବୈଠକ ମଧ୍ୟ ଅନୁଷ୍ଠିତ ହୋଇଛି। ବୈଠକରେ ଘଟଣାର ତଦନ୍ତକାରୀ ଅଧିକାରୀମାନଙ୍କ ସହିତ ପୀଡ଼ିତାଙ୍କ ଚିକିତ୍ସା ଓ ପୋଷ୍ଟମର୍ଟମ କରିଥିବା ଡାକ୍ତରମାନେ ମଧ୍ୟ ଏସଆଇଟି ନିକଟରେ ହାଜର ହୋଇ ନିଜର ବୟାନ ଦେଇଛନ୍ତି। ସୂଚନାଥାଉ କି, କୋରାପୁଟ ଜିଲା ପଟାଙ୍ଗୀ ଥାନା କୁନ୍ଦୁଲି ନିକଟ ଜଙ୍ଗଲରେ ଜଣେ ନାବାଳିକାଙ୍କୁ ୨୦୧୭ ଅକ୍ଟୋବର ୧୦ରେ ଗଣବଳାତ୍କାର କରାଯାଇଥିଲା। ନବମ ଶ୍ରେଣୀରେ ପଢୁଥିବା ଏହି ନାବାଳିକାଙ୍କୁ ଯବାନ ଡ୍ରେସ୍ ପିନ୍ଧିଥିବା ୪ ଜଣ ବଳାତ୍କାର କରିଥିବା ଅଭିଯୋଗ ହୋଇଥିଲା। ଉକ୍ତ ଘଟଣାରେ ରାଜ୍ୟ ସରକାର ୨୦୧୭ ଡିସେମ୍ବର ୨୬ରେ ନ୍ୟାୟିକ ତଦନ୍ତ ପାଇଁ ଆଦେଶ ଦେଇଥିଲେ। ମାତ୍ର ୨୦୧୮ ଜାନୁୟାରୀ ୨୨ରେ ନାବାଳିକା ଜଣକ ଆତ୍ମହତ୍ୟା କରିଥିଲେ। ମାମଲାର ତଦନ୍ତ କରୁଥିବା ନ୍ୟାୟିକ କମିଶନ ୨୦୧୮ ସେପ୍ଟେମ୍ବର ୨୦ରେ ୧୪୧ ପୃଷ୍ଠା ସମ୍ବଳିତ ତଦନ୍ତ ରିପୋର୍ଟ ସରକାରଙ୍କୁ ଦେଇଥିଲେ। ଉକ୍ତ ରିପୋର୍ଟକୁ ସରକାର ଗତ ଅଗଷ୍ଟ ୩ ତାରିଖରେ ବିଧାନସଭାରେ ଉପସ୍ଥାପନ କରିଥିଲେ।

### ପୂର୍ଣ୍ଣାଙ୍ଗ ରିପୋର୍ଟ ପାଇଁ ସମୟ ମଗାଗଲା

# ଲୋକଙ୍କ ବିଶ୍ୱାସ ଜିତିଛି ଛାପା ଗଣମାଧ୍ୟମ



ଆଲୋଚନାଚକ୍ରରେ ଉପସ୍ଥିତ ନ୍ୟୁଜ୍‌କ୍ଲିକ୍‌ର ସମ୍ପାଦକ ପ୍ରବୀର ପୁରକାୟସ୍ଥ, ଧରିତ୍ରୀ ସମ୍ପାଦକ ତଥାଗତ ସତପଥୀ ଓ ଅଧିକାରର ସମ୍ପାଦକ ଜନାର୍ଦ୍ଦନ ପତି।

**ଭୁବନେଶ୍ୱର,୧୬।୧୨(ବ୍ୟୁରୋ)**

ଗଣମାଧ୍ୟମ ଗଣତନ୍ତ୍ରର ୪ର୍ଥ ସ୍ତମ୍ଭ ନୁହେଁ। ଆମ ଦେଶର ଗଣତନ୍ତ୍ର ୩ଟି ସ୍ତମ୍ଭ ଉପରେ ଛିଡ଼ାହୋଇଛି। ହେଲେ ଦେଶର ଏବେକାର ପରିସ୍ଥିତିରେ ଗଣମାଧ୍ୟମର ଭୂମିକା ବଢ଼ିଯାଇଛି। ଯେଉଁଠି ଖୋଦ୍ ସରକାର ଇଣ୍ଟରନେଟ୍ ସେବା ବନ୍ଦ କରି କଶ୍ମୀର ଓ ଆସାମ ଭଳି ଦେଶର ବିଭିନ୍ନ ଅଙ୍ଗକୁ ମୂଳଭୂମିଠାରୁ ବିଚ୍ଛିନ୍ନ କରିଦେଉଛନ୍ତି, ସେଭଳିସ୍ଥଳେ ନିରପେକ୍ଷ ଗଣମାଧ୍ୟମର ଦାୟିତ୍ୱ ବଢିଯାଇଛି ବୋଲି 'ଧରିତ୍ରୀ' ଏବଂ 'ଓଡ଼ିଶା ପୋଷ୍ଟ'ର ସମ୍ପାଦକ ତଥାଗତ ସତପଥୀ କହିଛନ୍ତି। 'ମୁଖ୍ୟଧାରାର ଗଣମାଧ୍ୟମ ବନାମ ସାମାଜିକ ଗଣମାଧ୍ୟମ' ଶୀର୍ଷକକୁ ନେଇ ଅନୁଷ୍ଠିତ ଆଲୋଚନାଚକ୍ରରେ ବକ୍ତାଭାବେ ଯୋଗଦେଇ ସତପଥୀ କହିଥିଲେ, ଭାରତ ସହ ସମସ୍ତ ଏସୀୟ ରାଷ୍ଟ୍ରରେ ଆଜି ବି ଛାପା ଗଣମାଧ୍ୟମର ଚାହିଦା ରହିଛି। ଆଗାମୀ ଏକ ଦଶନ୍ଧି ପର୍ଯ୍ୟନ୍ତ ଲୋକେ ଛାପା ଗଣମାଧ୍ୟମକୁ ଭରସା କରିବେ। ଦେଶର ଅର୍ଥନୀତି ଓ ରାଜନୈତିକ ପରିସ୍ଥିତିରେ ଏବେ ବଡ଼ ସଂକଟ ଦେଖାଦେଇଛି। ଏଭଳି ଘଡ଼ିସନ୍ଧି ସମୟରେ ବୈଦ୍ୟୁତିକ ଗଣମାଧ୍ୟମ ଉପରୁ ଲୋକଙ୍କ ଭରସା ଉଠିଯାଇଥିବାବେଳେ ଛାପା ଗଣମାଧ୍ୟମକୁ ଲୋକେ ପୁଣିଥରେ ବିଶ୍ୱାସ କରିଛନ୍ତି। ସାମାଜିକ ଗଣମାଧ୍ୟମ ଧୀରେ ଧୀରେ ବୈଦ୍ୟୁତିକ ଗଣମାଧ୍ୟମର ଶୂନ୍ୟସ୍ଥାନକୁ ପୂରଣ କରୁଥିବା ବେଳେ ଆଗାମୀ ଭବିଷ୍ୟତରେ ପରସ୍ପରର ସହଯୋଗ ମାଧ୍ୟମରେ ଛାପା ଓ ସାମାଜିକ ଗଣମାଧ୍ୟମ ତିଷ୍ଠି ରହିବେ ବୋଲି ସେ କହିଥିଲେ।

ମାସିକ ପତ୍ରିକା 'ଅଧିକାର' ପକ୍ଷରୁ ସୋମବାର ଜୟଦେବ ବିହାରସ୍ଥିତ ଉତ୍କଳମଣି ହଲ୍‌ରେ ଆୟୋଜିତ ଏହି ଆଲୋଚନାଚକ୍ରରେ ଅନ୍ୟତମ ବକ୍ତାଭାବେ ଯୋଗଦେଇ ନ୍ୟୁଜ୍‌କ୍ଲିକ୍‌ର ସମ୍ପାଦକ ପ୍ରବୀର ପୁରକାୟସ୍ଥ ମିଥ୍ୟା ଖବର ବର୍ତ୍ତମାନ ସାମାଜିକ ଗଣମାଧ୍ୟମର ସବୁଠାରୁ ବଡ଼ ସମସ୍ୟା ବୋଲି କହିଥିଲେ। କମ୍ ସମୟ ମଧ୍ୟରେ ଅଧିକ କ୍ଲିକ୍ ହେଉଥିବା ଖବର ଅଧିକ ଲାଭ ଦେଉଥିବାରୁ ଜାଣିଶୁଣି ମିଥ୍ୟା ଖବରର ପ୍ରସାରଣ କରାଯାଏ। ଉଭୟ ଗଣମାଧ୍ୟମ ଓ ଗଣତନ୍ତ୍ର ପାଇଁ ଏହା ଏକ ବଡ଼ ବିପଦ ହୋଇଥିବାରୁ ଲୋକେ ଏହାକୁ ବିରୋଧ କରିବା ଉଚିତ ବୋଲି ସେ କହିଥିଲେ। ଲୋକଙ୍କ ବ୍ୟକ୍ତିଗତ ତଥ୍ୟ ଚୋରି କରି ଭାଜପା ତାକୁ ନିର୍ବାଚନୀ ଫାଇଦା ପାଇଁ ବ୍ୟବହାର କରିବା ସହ ଉକ୍ତ ତଥ୍ୟକୁ ବିକ୍ରି ଏବଂ ନିଲାମ କରାଯାଉଛି। ଇଲେକ୍ସନ ବଣ୍ଡ୍ ଜରିଆରେ ଭାଜପା ସର୍ବାଧିକ ଲାଭବାନ୍ ହୋଇଥିବାବେଳେ ନିଜ ଆଇଟି ସେଲ୍‌ର ଦୁରୁପଯୋଗ କରି ସୋସିଆଲ ମିଡିଆରେ ବିଷ ବାଣ୍ଟୁଛି ବୋଲି ସେ କହିଥିଲେ। ଆଲୋଚନାଚକ୍ରରେ ଈପ୍‌ସିତା ପତି ପ୍ରାରମ୍ଭିକ ସୂଚନା ଦେଇଥିବା ବେଳେ 'ଅଧିକାର'ର ସମ୍ପାଦକ ଜନାର୍ଦ୍ଦନ ପତି ଗଣମାଧ୍ୟମ ଏବଂ ସାମାଜିକ ଗଣମାଧ୍ୟମ ମଧ୍ୟରେ ରହିଥିବା ତଫାତ୍ ସମ୍ପର୍କରେ ଆଲୋଚନା କରିଥିଲେ।

# ପୁଣି ବଢ଼ିଲା ପିଆଜ ଦର

**ଭୁବନେଶ୍ୱର, ୧୬।୧୨(ବ୍ୟୁରୋ)**



ରାଜ୍ୟରେ ପୁଣି ପିଆଜ ଦର ବଢ଼ିଲା। ପାଖାପାଖି ଦୁଇମାସ ଧରି ପିଆଜ ଦର ଆକାଶଛୁଆଁ ରହିଥିବାବେଳେ କିଛିଦିନ ହେବ ଦର ହ୍ରାସ ପାଇଥିଲା। ଅଳ୍ପ ଦିନର ସାମାନ୍ୟ ଆଶ୍ୱସ୍ତି ପରେ ଏବେ ପୁଣିଥରେ ଦର ବୃଦ୍ଧି ଖାଉଟିଙ୍କ ଚିନ୍ତା ବଢ଼ାଇଦେଇଛି। ଅନିୟମିତ ବର୍ଷା ଓ ନାଗରିକତ୍ୱ ସଂଶୋଧନ ଆଇନ ଯୋଗୁ ଯୋଗାଣ ବାଧାପ୍ରାପ୍ତ ହୋଇ ପିଆଜ ଦର ବୃଦ୍ଧି ପାଇଥିବା ଓଡ଼ିଶା ବ୍ୟବସାୟ ମହାସଂଘ ସାଧାରଣ ସମ୍ପାଦକ ସୁଧାକର ପଣ୍ଡା କହିଛନ୍ତି। ସୋମବାର ପିଆଜ ୮୦ରୁ ୧୦୦ଟଙ୍କା ପର୍ଯ୍ୟନ୍ତ ବିକ୍ରି ହୋଇଛି। ଯେତିକି ପରିମାଣର ପିଆଜ ରାଜ୍ୟକୁ ଆସିବା କଥା, ସେତିକି ପରିମାଣର ଆସିନାହିଁ। ସେପଟେ ଦୁଇ-ତିନିଦିନ ହେବ ବର୍ଷା ମଧ୍ୟ ଲାଗି ରହିଥିଲା। ତେଣୁ ଅମଳ ବାଧାପ୍ରାପ୍ତ ହୋଇଥିଲା। ଏହାସହ ନାଗରିକତ୍ୱ ସଂଶୋଧନ ଆଇନ ବିରୋଧରେ ସବୁ ସ୍ଥାନରେ ପ୍ରତିବାଦ ହେଉଛି, ଯାହା ଫଳରେ ଆବଶ୍ୟକ ସଂଖ୍ୟକ ଗାଡ଼ି ଯୋଗାଡ଼ ହୋଇପାରୁ ନାହିଁ। ଯେଉଁ ଗାଡ଼ି ବି ଆସୁଛି ତା'ର ଭଡ଼ା ଅଧିକ ହୋଇଯାଇଛି। ପୂର୍ବରୁ ପ୍ରତିଦିନ ୧୨-୧୩ ଗାଡ଼ିରେ ପ୍ରାୟ ୪୦୦ ଟନ୍ ପିଆଜ ଆସୁଥିଲା। ହେଲେ ଗତ ଶୁକ୍ରବାର ଦୁଇଟି ଗାଡ଼ି ଆସିଥିବାବେଳେ ଶନିବାର ମାତ୍ର ଗୋଟିଏ ପିଆଜ ଗାଡ଼ି ଆସିଥିଲା। ଏହାଛଡ଼ା ଏହି ସମୟରେ ପିଆଜର ଅଧିକ ଡିମାଣ୍ଡ ମଧ୍ୟ ରହିଛି। କାରଣ ପିକ୍‌ନିକ୍ ଋତୁ ସହ ଖ୍ରୀଷ୍ଟମାସ୍ ଓ ନୂଆବର୍ଷ ପାଇଁ ଲୋକେ ଅଧିକ ପରିମାଣରେ ପିଆଜ ନେବାକୁ ଚାହୁଁଛନ୍ତି। ଏହି ସବୁ ସମସ୍ୟା ଲାଗି ପିଆଜ ଦର ଅସ୍ଥାୟୀ ଭାବେ ବୃଦ୍ଧି ପାଇଛି। ତେବେ ଆସନ୍ତା ତିନି-ଚାରିଦିନ ଭିତରେ ପିଆଜ ଦର ପୁଣି ଖସି ଆସିବ। ତେଣୁ ସାଧାରଣ ଖାଉଟି ବ୍ୟସ୍ତ ବିବ୍ରତ ନ ହେବାକୁ ପଣ୍ଡା କହିଛନ୍ତି। ସୂଚନାଯୋଗ୍ୟ, ଗତ ଅକ୍ଟୋବର ମାସରେ ଅନିୟମିତ ବର୍ଷା ଫଳରେ ଦେଶରେ ପିଆଜ ଉତ୍ପାଦନ ପ୍ରଭାବିତ ହୋଇଥିଲା। ତେଣୁ ବଜାରରେ ପିଆଜର ଅଭାବ ସୃଷ୍ଟି ହୋଇଥିଲା। ବେଙ୍ଗାଲୁରୁ, ମହାରାଷ୍ଟ୍ରର ନାସିକ, ଆନ୍ଧ୍ରର କର୍ନୁଲରୁ ଓଡ଼ିଶାକୁ ମୁଖ୍ୟତଃ ପିଆଜ ଆସିଥାଏ। ତେଣୁ ଏହି ସମୟରେ ପିଆଜ ଦର ୧୬୦ ଟଙ୍କା ପର୍ଯ୍ୟନ୍ତ ବଢ଼ିଯାଇଥିଲା।

# #MyPaperBagChallengeରେ ଭାଗ ନେଇଥିବା ଧରିତ୍ରୀର ପାଠିକାପାଠକ



ଐଶ୍ୱର୍ଯ୍ୟ ରଞ୍ଜନ ମହାନ୍ତି



ଭକ୍ତି ପ୍ରତିମା



ପ୍ରିୟଙ୍କା ଶର୍ମା



ଭରତ ବେହେରା

ଆପଣଙ୍କ ଫଟୋ ଏଠାରେ ସ୍ଥାନିତ ପାଇଁ ପଠାନ୍ତୁ
plasticfreeodishadht@gmail.com

ପୁରସ୍କାର ଜିତିବାକୁ ଯୋଗ୍ୟ ହେବା ପାଇଁ ଆପଣଙ୍କ ଫଟୋ ସହ ପଠାନ୍ତୁ ନାମ, ଠିକଣା ଓ ମୋବାଇଲ ଫୋନ୍ ନମ୍ବର

**କିଛି ତଥ୍ୟ**

ସୋମବାରଠାରୁ ଚବିଶ ଘଣ୍ଟିଆ ଏନ୍‌ଇଏଫ୍‌ଟି ସେବା ଆରମ୍ଭ ହୋଇଥିବା ବେଳେ ୮ ଘଣ୍ଟାରେ ୧୧.୪୦ ଲକ୍ଷ ଟ୍ରାଞ୍ଜାକଶନ ହୋଇଛି। – ରିଜର୍ଭ ବ୍ୟାଙ୍କ




## ଜନ୍ମଦିନର ଶୁଭେଚ୍ଛା

ନାମ: ....................................

ବୟସ:....................................

ଜନ୍ମ ତାରିଖ: ..............................



ସ୍ମୃତିରେଖା
ପରିବାରବର୍ଗ



ଅନୁସ୍କା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି–୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ନକଲି ଅଟା କାରଖାନା ଉପରେ ଚଢ଼ାଉ

■ ମେଶିନ ଜବତ, ଅଭିଯୁକ୍ତ ଅଟକ

■ ଆଶୀର୍ବାଦ, ପରିବାର ବ୍ରାଣ୍ଡରେ ବିକ୍ରି ହେଉଥିଲା ଅଟା

ଯାଜପୁର ଅଫିସ,୧୬ା୧୨

ଯାଜପୁର ଟାଉନ ପୋଲିସ ପକ୍ଷରୁ ସୋମବାର ଏକ ନକଲି ଅଟା କାରଖାନା ଉପରେ ଚଢ଼ାଉ କରାଯାଇ ବିପୁଳ ପରିମାଣର ବିଭିନ୍ନ ବ୍ରାଣ୍ଡର ନକଲି ଅଟା ଜବତ କରାଯାଇଛି। ଏ ନେଇ ନକଲି ଅଟା କାରଖାନା ମାଲିକ କେଶବଚନ୍ଦ୍ର ପାଣିଙ୍କୁ ପୋଲିସ ଅଟକ ରଖି ପଚରାଉଚୁରା କରୁଛି। ଯାଜପୁର ଟାଉନ ଥାନାରେ ୪୨୦,୪୮୩ ଆଇପିସି(କେସ ନମ୍ବର ୩୯୭) ଏବଂ ୬୩ କପିରାଇଟ ଆକ୍ଟ–୧୯୫୭ରେ ଏକ ମାମଲା ରୁଜୁ ହୋଇଛି। ସୂଚନାଯୋଗ୍ୟ ଯେ, ପରିବାର ଅଟା କମ୍ପାନୀର ଡିଟେକ୍ଟିଭ ସ୍କ୍ୱାଡ ଓ ଯାଜପୁର ଥାନା ପୋଲିସ ଦେବୀଦ୍ୱାର ଗ୍ରାମର କେଶବ ଚନ୍ଦ୍ର ପାଣିଙ୍କ ଅଟାକଳ ଉପରେ ଚଢାଉ କରିଥିଲେ। ଚଢାଉରେ ପରିବାର କମ୍ପାନୀ ସମେତ ଆଶୀର୍ବାଦ ଅଟାର ପ୍ୟାକେଟ ମଧ୍ୟ ଠାବ କରାଯାଇଥିଲା। ପୋଲିସ ଖୋର୍ଦ୍ଧାର ଜାଆଁଳାଠାରେ ଥିବା ଉକ୍ତ ଅଟା କମ୍ପାନୀର ୨୭୦ଟି ବିଭିନ୍ନ ସାଇଜର ଅଟା ପ୍ୟାକେଟ ଜବତ କରିଥିବାବେଳେ ଆଶୀର୍ବାଦ ଅଟା କମ୍ପାନୀର ୨୮୦ ପ୍ୟାକେଟ ୧ କିଲୋ ବିଶିଷ୍ଟ ନକଲି ଅଟା ଓ ୬୫ ପ୍ୟାକେଟ ୫ କିଲୋ ବିଶିଷ୍ଟ ଅଟାକୁ ମଧ୍ୟ ଜବତ କରିଥିଲା। ଏଥିସହିତ ଅଟା ପ୍ରସ୍ତୁତ ହେଉଥିବା ମେଶିନକୁ ପୋଲିସ ଜବତ କରିବା ସହିତ ଅଟାକଳ ମାଲିକ କେଶବଙ୍କୁ ଥାନାରେ ଅଟକ ରଖି ପଚରାଉଚୁରା ଜାରି ରଖିଛି। ଚଢାଉରେ ଯାଜପୁର ଥାନାଧିକାରୀ ଆଶିଷ କୁମାର ସାହୁଙ୍କ ସମେତ କଳ୍ପତରୁ ସାହୁ, ଅଟା କମ୍ପାନୀ ସ୍କ୍ୱାଡର ସଭ୍ୟ ଶଙ୍କର କୁମାର ଦାସ ଓ ରାଜେଶ ଭାରତୀ ସାମିଲ ଥିଲେ।



**ପ୍ରଥମ ପୃଷ୍ଠାରୁ...**

## ଥମୁନି ସିଏଏ...

ସୋମବାର ଇଣ୍ଡିଆ ଗେଟ୍ ନିକଟରେ ଧାରଣାରେ ବସିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ନେତା ଅହମଦ ପଟେଲ, ଏ.କେ. ଆଣ୍ଟୋନି, ଗୁଲାମ ନବୀ ଆଜାଦ, ରଣଦୀପ ସୁର୍ଜେୱାଲା ପ୍ରମୁଖ ଏହି ଆନ୍ଦୋଳନରେ ସାମିଲ ହୋଇଛନ୍ତି। ଜାମିଆ ବିଶ୍ୱବ୍ୟିାଳୟର ଛାତ୍ରୀଛାତ୍ରଙ୍କ ବିରୋଧରେ ପୋଲିସ କାର୍ଯ୍ୟାନୁଷ୍ଠାନକୁ ପ୍ରିୟଙ୍କା ନିନ୍ଦା କରିବା ସହ କେନ୍ଦ୍ରର ନରେନ୍ଦ୍ର ମୋଦି ସରକାରଙ୍କୁ ସମାଲୋଚନା କରିଥିଲେ। ଦେଶର ପରିବେଶ ଖରାପ ହୋଇଗଲାଣି। ବିଶ୍ୱବିଦ୍ୟାଳୟ ପରିସରରେ ପୋଲିସ ପଶି ଛାତ୍ରୀଛାତ୍ରଙ୍କୁ ମାଡ଼ ମାରୁଛି। ସରକାର ସମ୍ବିଧାନକୁ ବଦଳାଇବାକୁ ଉଦ୍ୟମ କରୁଛନ୍ତି। କଂଗ୍ରେସ ଏହା ହେବାକୁ ଦେବନି। ଜାମିଆରେ ପୋଲିସ କାର୍ଯ୍ୟାନୁଷ୍ଠାନ ଭାରତର ଆତ୍ମା ଉପରେ ଆକ୍ରମଣ ବୋଲି ପ୍ରିୟଙ୍କା କହିଥିଲେ।

ବିଶ୍ୱବିଦ୍ୟାଳୟ ନିକଟରେ ନାଗରିକତ୍ୱ ସଂଶୋଧନ ଆଇନ ବିରୋଧୀ ଆନ୍ଦୋଳନ ଚାଲିଥିବାବେଳେ ତାହା ହିଂସାତ୍ମକ ରୂପ ନେଇଥିଲା। ଏଥିରେ ଜାମିଆ ପିଲାଙ୍କ ସମ୍ପୃକ୍ତି ଥିବା ସନ୍ଦେହ କରି ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ବିନା ଅନୁମତିରେ ରବିବାର ପୋଲିସ ଜାମିଆ କ୍ୟାମ୍ପସ୍‌ରେ ପହଞ୍ଚି ଛାତ୍ରୀଛାତ୍ରଙ୍କୁ ତଡ଼ିବା ପାଇଁ ଲୁହବୁହା ବାଷ୍ପ ପ୍ରୟୋଗ କରିଥିଲା। ଏହାର ତଦନ୍ତ ଦାବିରେ ସାରା ଦେଶରୁ ହଜାର ହଜାର ଛାତ୍ରୀଛାତ୍ର ରାଜରାସ୍ତାକୁ ଓହ୍ଲାଇଛନ୍ତି। ଛାତ୍ରୀଛାତ୍ରଙ୍କ ପ୍ରତି ପୋଲିସର ବର୍ବରତାକୁ କଂଗ୍ରେସ ସମେତ ବିଭିନ୍ନ ଦଳ ପକ୍ଷରୁ ନିନ୍ଦା କରାଯିବା ସହ ଏହାର ବିଚାର ବିଭାଗୀୟ ତଦନ୍ତ ପାଇଁ ଦାବି ହୋଇଛି। କର୍ତ୍ତୃପକ୍ଷଙ୍କ ବିନା ଅନୁମତିରେ ପୋଲିସ କିପରି ବିଶ୍ୱବିଦ୍ୟାଳୟରେ ପ୍ରବେଶ କରି ଏଭଳି କାଣ୍ଡ ଭିଆଇଲା ବୋଲି ଆଜାଦ ପ୍ରଶ୍ନ କରିଛନ୍ତି। ଜାମିଆ ଛାତ୍ରଙ୍କ ଉପରେ ପୋଲିସ କାର୍ଯ୍ୟାନୁଷ୍ଠାନକୁ କଂଗ୍ରେସ ନେତା ଆଜାଦ, କପିଲ ଶିବଲ, ସିପିଏମ୍ ନେତା ସୀତାରାମ ୟେଚୁରୀ, ସିପିଆଇର ଡି. ରାଜା, ଆର୍‌ଜେଡି ନେତା ମନୋଜ ଝା, ସମାଜବାଦୀ ପାର୍ଟିର ଜାଭେଦ ଅଲି ଖାନ ଏବଂ ଶରଦ ଯାଦବ ଏକ ଖବରଦାତା ସମ୍ମିଳନୀରେ ନିନ୍ଦା କରିଥିଲେ। ହିଂସା ପଛରେ କଂଗ୍ରେସର ହାତ ରହିଛି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଅଭିଯୋଗ କରିଥିବାବେଳେ ଆଜାଦ ତାହାକୁ ଖଣ୍ଡନ କରିଛନ୍ତି। ସୁପ୍ରିମକୋର୍ଟର ଜଣେ ବିଚାରପତିଙ୍କ ଦ୍ୱାରା ଘଟଣାର ତଦନ୍ତ ଲାଗି ୟେଚୁରୀ ଦାବି କରିଛନ୍ତି।

## ଜଗିବେ

ସରକାରୀ ଉଦ୍ୟୋଗ ଗୁଡ଼ିକୁ କୁହାଯାଇଛି। ଏହାଦ୍ୱାରା ଜନସାଧାରଣଙ୍କୁ ଲଘୁଖଣିଜ ପଦାର୍ଥ ସହଜରେ ମିଳି ପାରିବ । ଲଘୁ ଖଣିଜ ପଦାର୍ଥ ଚୋରିକୁ ଯେପରି ସମ୍ପୂର୍ଣ୍ଣ ପ୍ରତିହତ କରାଯାଇ ପାରିବ ସେ ନେଇ ନୂତନ ନିୟମରେ ବ୍ୟବସ୍ଥା କରିବା ରହିଛି। ଖୁବ୍‌ଶୀଘ୍ର ଏହି ନୂତନ ନିୟମକୁ କାର୍ଯ୍ୟକାରୀ କରାଯିବ ବୋଲି ରାଜସ୍ୱ ବିଭାଗର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି।

# ହାଓଡାକୁ ସ୍ୱାଭାବିକ ହେଉଛି ଟ୍ରେନ୍ ସେବା

■ ବିଶାଖାପାଟଣାରୁ ଭାୟା ଭୁବନେଶ୍ୱର ଦେଇ ଯିବେ ଯାତ୍ରୀ

■ ଷ୍ଟେଶନରେ ଅଟକିଥିବା ଯାତ୍ରୀଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା

■ ଆସାମରେ ସ୍ଥିତି ସୁଧୁରୁନି, ସମସ୍ତ ଟ୍ରେନ୍ ବାତିଲ ରହିଛି

ଭୁବନେଶ୍ୱର, ୧୬ା୧୨(ବ୍ୟୁରୋ)

ନାଗରିକତ୍ୱ ସଂଶୋଧନ ଆଇନ(ସିଏଏ)କୁ ବିରୋଧ କରି ଦେଶରେ ଆନ୍ଦୋଳନ ଓ ହିଂସା ଜାରି ରହିଥିବାରୁ ଟ୍ରେନ୍ ସେବା ଗୁରୁତର ପ୍ରଭାବିତ ହୋଇଛି। ତେବେ ଆସାମ ସ୍ଥିତିରେ ସେପରି ସୁଧାର ଆସି ନ ଥିବାବେଳେ ପଶ୍ଚିମବଙ୍ଗରେ କ୍ରମଶଃ ସ୍ୱାଭାବିକ ହେଉଛି ଟ୍ରେନ୍ ଚଳାଚଳ। ହାଓଡ଼ା–ଖଡ଼ଗପୁର ରେଳ ସେକ୍ସନରେ ସୋମବାର ହାଓଡ଼ାକୁ ରେଳ ଚଳାଚଳ କରିଛି। କିନ୍ତୁ ସଂଲଗ୍ନ ଟ୍ରେନ୍‌ଗୁଡ଼ିକ ଫେରି ନ ଥିବାରୁ ପୂର୍ବଦିନ ଭଳି ବାତିଲ୍ କରାଯାଇଛି। ଆନ୍ଦୋଳନର ସ୍ଥିତିକୁ ଅନୁଧ୍ୟାନ କରାଯାଉଛି। ବିଭିନ୍ନ ଷ୍ଟେଶନରେ ଅଟକିଥିବା ଯାତ୍ରୀଙ୍କୁ ଅନ୍ୟ ଟ୍ରେନଗୁଡ଼ିକରେ ଯିବାର ବ୍ୟବସ୍ଥା କରାଯାଉଛି। ଗନ୍ତବ୍ୟସ୍ଥଳକୁ ଯିବା ପାଇଁ ଯାତ୍ରୀଙ୍କୁ ଭାୟା ଷ୍ଟେଶନଗୁଡ଼ିକରେ ଛଡ଼ାଯାଉଛି। ସେଠାରୁ ପୁଣି ଅନ୍ୟ ଟ୍ରେନ୍ କିମ୍ବା ସ୍ପେଶାଲ ଟ୍ରେନ୍ କରି ପଠାଇବାକୁ ଯୋଜନା କରାଯାଉଛି। ବିଶାଖାପାଟଣା ଷ୍ଟେଶନରେ ଗୁଆହାଟୀ ଯିବାକୁ ଅଟକି ଥିବା ୩୦୦ ଯାତ୍ରୀଙ୍କୁ ପ୍ରଶାନ୍ତି ଏକ୍ସପ୍ରେସ ଓ ବିଶାଖାପାଟଣା ଇଣ୍ଟରସିଟି ଏକ୍ସପ୍ରେସରେ ଭୁବନେଶ୍ୱର ଅଣାଯିବା ପରେ ଏଠାରୁ ସେମାନଙ୍କୁ ପୁଣି ରାତିରେ ପୁରୀ–ହାଓଡ଼ା ଏକ୍ସପ୍ରେସ ଓ ଜଗନ୍ନାଥ ଏକ୍ସପ୍ରେସରେ ହାଓଡ଼ାକୁ ପଠାଯାଇଛି। ଏହା ଆଗକୁ ରହିଥିବା ଅଞ୍ଚଳରେ ବିରୋଧ ଓ ପ୍ରତିବାଦ ସହ ରେଳରୋକୋ ଜାରି ରହିଛି। ଯେଉଁସବୁ ସ୍ଥାନରେ ଟ୍ରେନ୍ ଚଳାଚଳ ବନ୍ଦ ରଖାଯାଇଛି, ସେଠାରେ ୨୪ ଘଣ୍ଟିଆ ସ୍ଥିତି ଅନୁଧ୍ୟାନ କରାଯାଉଛି। ସ୍ଥିତିରେ ସୁଧାର ଆସିଲେ ପ୍ରାଥମିକତା ଭାବେ ଷ୍ଟେଶନରେ ଅଟକି ରହିଥିବା ଯାତ୍ରୀଙ୍କୁ ପ୍ରଥମେ ନିୟମିତ ଟ୍ରେନରେ ଛଡ଼ାଯିବ ବୋଲି ରେଳପଥ ପକ୍ଷରୁ କୁହାଯାଇଛି।

ଗତ ୧୩ ଓ ୧୪ ତାରିଖରୁ ଦେଶର ଟ୍ରେନ୍ ସେବା ସ୍ୱାଭାବିକ ହୋଇପାରୁନି। ବିଶେଷକରି ଆସାମରେ ବିରୋଧ ଥମି ନ ଥିବାରୁ ସମସ୍ତ ଟ୍ରେନ୍ ବାତିଲ୍ ରହିଛି। ସୋମବାର ରାତିରେ ପୁରୀ–କାମାକ୍ଷା ଏକ୍ସପ୍ରେସକୁ ମଧ୍ୟ ବାତିଲ୍ କରାଯାଇଛି। ସେହିପରି ମଙ୍ଗଳବାର ପାଇଁ ଏର୍ନାକୁଲମ–ହାଓଡ଼ା ଏକ୍ସପ୍ରେସ, ଗୁଆହାଟୀ–ବେଙ୍ଗାଲୁରୁ କ୍ୟାଣ୍ଟ ଏକ୍ସପ୍ରେସ, ଅଗରତାଲା–ବେଙ୍ଗାଲୁରୁ କ୍ୟାଣ୍ଟ ଏକ୍ସପ୍ରେସ ଓ ଗୁରୁବାର ଗୁଆହାଟୀ–ସିକନ୍ଦରାବାଦ ଏକ୍ସପ୍ରେସ ବାତିଲ୍ କରାଯାଇଛି।

## ଶ୍ରୀମନ୍ଦିରରେ ଆରମ୍ଭ ହେଲା ପହିଲି ଭୋଗ

ପୁରୀ ଅଫିସ,୧୬ା୧୨

ପବିତ୍ର ଧନୁ ସଂକ୍ରାନ୍ତି ଅର୍ଥାତ୍ ସୋମବାରଠାରୁ ଶ୍ରୀମନ୍ଦିରରେ ଆରମ୍ଭ ହୋଇଛି ପହିଲି ଭୋଗ। ଏହା ମକର ସଂକ୍ରାନ୍ତି ପୂର୍ବଦିନ ପର୍ଯ୍ୟନ୍ତ ଚାଲିବ। ପହିଲି ଭୋଗର ପ୍ରଥମ ଦିନ ଆରମ୍ଭରୁ ନୀତିରେ ସାମାନ୍ୟ ବିଳମ୍ବ ଘଟିଥିଲା। କିନ୍ତୁ ସକାଳ ଧୂପ ସରିବା ବେଳକୁ ନୀତି ପୁଣି ସଅଳ ଚାଲିଥିଲା। ରବିବାର ରାତି ୧୨ଟାରେ ପହୁଡ଼ ହୋଇଥିଲା। ପହିଲି ଭୋଗ ପାଇଁ ରାତ୍ର ୩ଟାରୁ ଦ୍ୱାର ଫିଟାଯିବାକୁ ନୀତି ନିର୍ଘଣ୍ଟ ହୋଇଥିଲା। ହେଲେ ୧୫ ମିନିଟ୍ ବିଳମ୍ବରେ ଅର୍ଥାତ୍ ରାତି ୩ଟା ୧୫ରେ ଦ୍ୱାର ଫିଟିଥିଲା। ସେହିପରି ସକାଳ ୬ଟା ୨୦ରୁ ୬ଟା ୫୦ ମଧ୍ୟରେ ପହିଲି ଭୋଗ ଶେଷ ହେବାକୁ ନୀତି ସବ୍‌କମିଟି ବୈଠକରେ ନିର୍ଘଣ୍ଟ ହୋଇଥିବାବେଳେ ଏଥିରେ ବି ୧୫ ମିନିଟ୍ ବିଳମ୍ବ ଘଟିଥିଲା। ସକାଳ ୭ଟା ୫ରେ ସରିଥିଲା ପହିଲି ଭୋଗ। କିନ୍ତୁ ଏହାପରେ ନୀତି ସଅଳ ଚାଲିଥିଲା। ସକାଳ ସାଢେ ୬ଟାରୁ ୯ଟା ମଧ୍ୟରେ ସକାଳ ଧୂପ ଶେଷ ହେବାକୁ ନିର୍ଘଣ୍ଟ କରାଯାଇଥିବାବେଳେ ଏହା ୨୦ ମିନିଟ୍ ପୂର୍ବରୁ ଅର୍ଥାତ୍ ୮ଟା ୪୦ ସୁଦ୍ଧା ସରିଥିଲା। ପରେ ଅନ୍ୟାନ୍ୟ ନୀତି ସଅଳ ଚାଲିବାରୁ ଅପରାହ୍ନ ୨ଟା ୪୦ରେ ଠାକୁରଙ୍କ ଦିବା ପହୁଡ଼ ହୋଇଥିଲା। ଅପରାହ୍ନ ୪ଟା ୪୦ରେ ଦ୍ୱାର ଫିଟାଯାଇ ଅନ୍ୟାନ୍ୟ ନୀତି ସମ୍ପନ୍ନ ହୋଇଥିଲା।

## ଗଜପତିଙ୍କ ମନ୍ତବ୍ୟକୁ କଂଗ୍ରେସର ନିନ୍ଦା

ଭୁବନେଶ୍ୱର,୧୬ା୧୨(ବ୍ୟୁରୋ)

ପୁରୀ ଗଜପତି ମହାରାଜାଙ୍କ ପ୍ରତି ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ଭାରତ ବର୍ଷର ସମସ୍ତ ଜନସାଧାରଣଙ୍କ ସମ୍ମାନ ରହିଛି। ତାଙ୍କ ସ୍ଥାନ ସ୍ୱତନ୍ତ୍ର ଏବଂ ବହୁ ଉଚ୍ଚରେ ବୋଲି ବିଧାୟକ ସୁରେଶ କୁମାର ରାଉତରାୟ କହିଛନ୍ତି। ମାତ୍ର ପୁରୀର ବିକାଶ କେବଳ ନବୀନ ପଟ୍ଟନାୟକ ସରକାର କରିଛି ଏବଂ ଜାନକୀ ପଟ୍ଟନାୟକ ସରକାର କରିନାହାନ୍ତି ବୋଲି ଗଜପତି ମହାରାଜା ଯେଉଁ ମନ୍ତବ୍ୟ ଦେଇଛନ୍ତି ତାହା ନିନ୍ଦନୀୟ। ରାଉତରାୟ ଏଠାରେ ଉଲ୍ଲେଖ କରିଛନ୍ତି ଯେ, ଜାନକୀ ପଟ୍ଟନାୟକ ସରକାର ସମୟରେ ପୁରୀର ବଡ଼ଦାଣ୍ଡ ପ୍ରଶସ୍ତୀକରଣ ପାଇଁ ଜବରଦଖଲ ଉଚ୍ଛେଦ କରାଯିବା ସହ ଗମନାଗମନର ସୁବିଧା ପାଇଁ ବସଷ୍ଟାଣ୍ଡ ଓ ନୂତନ ବସ ବ୍ୟବସ୍ଥା, ପାନୀୟ ଜଳ ବ୍ୟବସ୍ଥା, ଜଳ ନିଷ୍କାସନ ପାଇଁ ଡ୍ରେନେଜ ବ୍ୟବସ୍ଥା ଓ ବିଦ୍ୟୁତ ଲାଇଟ ବ୍ୟବସ୍ଥା କରାଯାଇଥିଲା। ସେହିପରି ପୁରୀରୁ କୋଣାର୍କ ପର୍ଯ୍ୟନ୍ତ ସୁନ୍ଦର ମେରାଇନ୍ ରାସ୍ତା ମଧ୍ୟ ହୋଇଥିଲା। ନବୀନ ସରକାର ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶରେ କେତେଗୁଡ଼ିଏ ମଠ ଭାଙ୍ଗିବା, କିଛି ରାସ୍ତା ନିର୍ମାଣ ଛଡ଼ା ଆଉ କିଛି କରିନାହାନ୍ତି ବୋଲି ସୁର କହିଛନ୍ତି।

## ଇଡ୍‌କୋ ଉଦ୍ୟୋଗ ସଂଶୋଧନ ଯୋଜନାର ସମୀକ୍ଷା କଲେ ଶକ୍ତିମନ୍ତ୍ରୀ

ଭୁବନେଶ୍ୱର,୧୬ା୧୨(ବ୍ୟୁରୋ)

ଶିଳ୍ପମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର ସୋମବାର ପୂର୍ବାହ୍ନରେ ଇଡ୍‌କୋଠାରେ ଉଦ୍ୟୋଗ ସଂଶୋଧନ ଯୋଜନା(ଏଣ୍ଟରପ୍ରାଇଜ୍ ରିସୋର୍ସ ପ୍ଲାନିଂ)ର ସମୀକ୍ଷା କରିଛନ୍ତି । ରାଜ୍ୟରେ ଶିଳ୍ପ ଉନ୍ନୟନ ସଂସ୍ଥା(ଇଡ୍‌କୋ) ଦ୍ୱାରା ଆରମ୍ଭ କରାଯାଇଥିବା ଆଇଟି ଗୋ–ଆଇ ପାସ୍ ସମ୍ପର୍କରେ ଉଦ୍ୟୋଗୀମାନଙ୍କ ଆବେଦନର ଆବଣ୍ଟନ ବିଷୟରେ ଅବଗତ ହେବା ନିମିତ୍ତ ଆରମ୍ଭ ହୋଇଥିବା ପ୍ରକ୍ରିୟା ସମ୍ପର୍କରେ ସମୀକ୍ଷା କରିଛନ୍ତି। ଇଡ୍‌କୋର ଅଧକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ସଂଜୟ କୁମାର ସିଂ ଏହି ପ୍ରକ୍ରିୟା ସମ୍ପର୍କରେ ସବିଶେଷ ତଥ୍ୟ ମନ୍ତ୍ରୀ ମିଶ୍ରଙ୍କୁ ଅବଗତ କରାଇଛନ୍ତି। ଏହା ବ୍ୟତୀତ ଓଡ଼ିଶାରେ ଶିଳ୍ପ ବିକାଶ କ୍ଷେତ୍ରରେ ତ୍ୱରାନ୍ୱିତ କରାଯାଉଥିବା ଭିତ୍ତି ସଂରଚନା କାର୍ଯ୍ୟ ପ୍ରଣାଳୀ ବେଳେ ସରକାରଙ୍କ ଦ୍ୱାରା କରାଯାଉଥିବା ୫–ଟି'ର ଆଭିମୁଖ୍ୟ ପ୍ରତି ପାଳନ ସମ୍ପର୍କରେ ସମୀକ୍ଷା କରିଛନ୍ତି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**

ଶୁକ୍ର କର୍ମସ୍ଥାନସ୍ଥ ଯୋଗୁ ଆପଣ ମଧୁର ବାକ୍ୟାଳାପ ଦ୍ୱାରା ଅନ୍ୟକୁ ଆପଣାର କରିବାରେ ସମର୍ଥ ହେବେ। ବନ୍ଧୁଙ୍କ ଆସିବା ବାଟକୁ ଅପେକ୍ଷା କରିବା କାରଣରୁ ପ୍ରତୀକ୍ଷାଜନିତ ଯନ୍ତ୍ରଣା ତୀବ୍ର ହୋଇପାରେ। ବିବାଦୀୟ ଘଟଣାରେ କୌଣସି ପକ୍ଷ ସମର୍ଥନ କରିବା ଠିକ୍ ହେବ ନାହିଁ। ଚଳଚ୍ଚିତ୍ର, ସାହିତ୍ୟ, କଳା ଓ ବୈଷୟିକ କ୍ଷେତ୍ରରୁ ପ୍ରଶଂସିତ ହେବେ।

**ବୃଷ**

ରାହୁଙ୍କ କୁପ୍ରଭାବରେ ଛୋଟ ଛୋଟ କଥାକୁ କେନ୍ଦ୍ରକରି ବନ୍ଧୁଙ୍କ ସହ ଭୁଲ୍ ବୁଝାମଣା କାରଣରୁ କଳହ ଲାଗିବ। କୌଣସି ମୂଲ୍ୟବାନ୍ ଜିନିଷ କିଣିବା ସକାଶେ ଧାର କରିବାକୁ ପଡ଼ିପାରେ। ଅଯଥା ପରକଥାରେ ମନଦେଇ ନିଜ କାମକୁ ଅବହେଳା କରି ସମାଲୋଚିତ ହେବେ। ଅଫିସରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି।

**ମିଥୁନ**

ଆକସ୍ମିକ ଭାବେ ସହକର୍ମୀଙ୍କ ସହ ଟଙ୍କା ପଇସାକୁ କେନ୍ଦ୍ର କରି କଳହ ଘଟିପାରେ। ବନ୍ଧୁ ଗହଣରେ ବେଶି ସମୟ କଟିଲେ ମଧ୍ୟ ଘରର ଅଶାନ୍ତି ମନକୁ ଭାରାକ୍ରାନ୍ତ କରି ରଖିବ। ପୁନର୍ବସୁ ନକ୍ଷତ୍ରର ସମ୍ପର୍କୀୟ ବ୍ୟକ୍ତିମାନଙ୍କ ସକାଶେ ଭ୍ରମଣ ଓ କାର୍ଯ୍ୟସିଦ୍ଧି ଯୋଗୁ ମନ ପ୍ରଫୁଲ୍ଲ ହେବ। ବାଣିଜ୍ୟ, ବ୍ୟବସାୟ ଓ ପରିବହନ ପାଇଁ କୌଣସି ସମସ୍ୟା ରହିବ ନାହିଁ।

**କର୍କଟ**

ପାପଗ୍ରହ ମଧ୍ୟସ୍ଥ ଚନ୍ଦ୍ର ଯୋଗୁ ପରିସ୍ଥିତି ଆପଣଙ୍କ ଚିନ୍ତାଧାରାକୁ ବିଗାଡ଼ି ଦେବା ଫଳରେ ବନ୍ଧୁମାନେ ସାହାଯ୍ୟ କରିବାକୁ ଆଗେଇ ଆସିବା ବଦଳରେ ସ୍ୱାର୍ଥହାନି ଆଶଙ୍କାରେ ଦୂରେଇଯିବେ। ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ। ବ୍ୟବସାୟ, ବାଣିଜ୍ୟ କ୍ଷେତ୍ରରେ ଉଚ୍ଚ ଫଳପ୍ରାପ୍ତି ହୋଇପାରେ।

**ସିଂହ**

ଦ୍ୱାଦଶସ୍ଥ ରାହୁ ଯୋଗୁ କାର୍ଯ୍ୟରେ ପ୍ରତିବନ୍ଧକ ଓ ପାରିବାରିକ କ୍ଷେତ୍ରରେ ବିଭିନ୍ନ ସମସ୍ୟାକୁ କେନ୍ଦ୍ରକରି ମନ ଭଲ ରହିବ ନାହିଁ। କର୍ମକ୍ଷେତ୍ରରେ ସବୁକଥାକୁ ହାଲୁକା ଭାବେ ଗ୍ରହଣ କଲେ କ୍ଷତିରେ ପଡ଼ିବେ। ସହକର୍ମୀଙ୍କ ଆଭ୍ୟନ୍ତରୀଣ ବ୍ୟାପାରରେ ମୁଣ୍ଡ ପୂରାନ୍ତୁ ନାହିଁ। ବ୍ୟବସାୟରେ ମନମୁତାବକ ସୁଫଳ ପାଇବେ।

**କନ୍ୟା**

ଅଷ୍ଟମାଧିପତି ଧନସ୍ଥାନସ୍ଥ ଯୋଗୁ ଆର୍ଥିକ ଅଭାବ ସାଙ୍ଗକୁ ପ୍ରତ୍ୟେକ କାମ ବହୁ ବିଳମ୍ବରେ ହେଉଥିବାରୁ ବ୍ୟସ୍ତତା ବଢ଼ିଯିବ। ବନ୍ଧୁ କିମ୍ବା ଆତ୍ମୀୟଙ୍କ ଦୁଃଖିତ ମନକୁ ସାନ୍ତ୍ୱନା ଦେବାକୁ ଯାଇ ପରିବାରରେ ଟଣାଓଟରା ଲାଗିଯିବ। ଆନୁଷ୍ଠାନିକ କ୍ଷେତ୍ରରେ ପ୍ରତିଷ୍ଠିତ ହେବେ। ବ୍ୟବସାୟ, ନିର୍ମାଣ ଓ ଆଇନ ଅଦାଲତରେ କାମର ଚାପ ବିଶେଷ ପରିମାଣରେ ବୃଦ୍ଧି ପାଇବ।

**ତୁଳା**

ସ୍ୱଗୃହକୁ ଶନିଙ୍କ ଦୃଷ୍ଟିରୁ ଆପଣ ପରିସ୍ଥିତିବଶତଃ ଆଲୋଚନା କ୍ଷେତ୍ରରେ ଠିକ୍ କଥା କହିପାରିବେ ନାହିଁ। ପୁନଶ୍ଚ କେତେକ କ୍ଷେତ୍ରରେ ଅପ୍ରିୟ ସତ ପ୍ରକାଶ କରି ସମସ୍ୟାକୁ ନିମନ୍ତ୍ରଣ କରିବେ। ବ୍ୟୟଭାର କ୍ରମଶଃ କମି କମି ଆସିବ ଏବଂ ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ କେତେକ ପ୍ରତିବନ୍ଧକ ଦେଖାଦେଇପାରେ।

**ବିଛା**

ରାଶିରେ ବୁଧଙ୍କ ପ୍ରଭାବ ହେତୁ କାମର ଚାପ ବୃଦ୍ଧି ପାଇବା କାରଣରୁ କିଛିଟା ବ୍ୟତିକ୍ରମ ମଧ୍ୟରେ ସମୟ ଅତିବାହିତ ହେବ। ଅବଶ୍ୟ ଆଜି ଯାହା ଯେମିତି ଚାହୁଁଛନ୍ତି କିମ୍ବା ଭାବୁଛନ୍ତି ଠିକ୍‌ସେପରି ଫଳ ହାତେ ହାତେ ପାଇପାରିବେ। ବହୁତ ଦିନ ହେଲା ରହିଥିବା ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ। ବିବାଦୀୟ ଘଟଣାରେ ବିଜୟ ଲାଭର ଆଶା ଗୌଣ ମନେ ହେବ।

**ଧନୁ**

ଆଜି ଚାରୋଟି ଗ୍ରହ ରାଶିରେ ଅବସ୍ଥାନ କରୁଥିବାରୁ ପୁରାତନ ରୋଗପୀଡ଼ା ଓ ପୂର୍ବ ଶତ୍ରୁତାକୁ ନେଇ ମନ ବିଶେଷ ଭଲ ରହିବ ନାହିଁ। କୌଣସି କାର୍ଯ୍ୟ ସକାଶେ ଅର୍ଥର ଆବଶ୍ୟକତାକୁ ନେଇ ଦୂର ସମ୍ପର୍କୀୟ ଜଣେ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେବେ। ରାଜନୀତି, କଳା, ସାହିତ୍ୟ, ପ୍ରଶାସନିକ ସ୍ତର ତଥା ସଭାସମିତି କାମରେ ବ୍ୟସ୍ତତା ବୃଦ୍ଧି ପାଇବ।

**ମକର**

ମନ ପ୍ରଫୁଲ୍ଲ ରହିବା ସାଙ୍ଗକୁ ପ୍ରତ୍ୟେକ କାମ ସୁରୁଖୁରୁରେ ସମ୍ପନ୍ନ ହୋଇଯିବ। ସାମାନ୍ୟ ବିଳମ୍ବିତ ସମୟରେ ପାରିବାରିକ ସମସ୍ୟାର ସରଳ ସମାଧାନ କରିବେ। ଆନୁଷ୍ଠାନିକ, ସାଙ୍ଗଠନିକ ତଥା ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂର ହୋଇଯିବ। ମାଲିମକଦ୍ଦମାରେ ସଫଳତା ହାସଲ କରିବେ ଏବଂ ଆର୍ଥିକ ପରିସ୍ଥିତି ପ୍ରାୟତଃ ମନ୍ଦ ହେବନି।

**କୁମ୍ଭ**

କୋଣଭାବସ୍ଥ ରାହୁ ହେତୁ ଏକ ସାଧାରଣ ଆଲୋଚନା ମଧ୍ୟରେ ଭୁଲ୍ ବୁଝାମଣା କାରଣରୁ ବନ୍ଧୁମାନଙ୍କ ସହ କଳହ ଘଟିପାରେ। ତଥାପି ଜମିଜମା କାରବାର, ସରକାରୀ ସୂତ୍ରରୁ ଅର୍ଥ, ଧାର୍ମିକ କାର୍ଯ୍ୟ ପ୍ରଭୃତିରେ ଆଶାନୁରୂପ ସଫଳତା ପାଇବେ। କିନ୍ତୁ ବାଣିଜ୍ୟ, ବ୍ୟବସାୟ, ପରିବହନକୁ କେନ୍ଦ୍ରକରି ବାଦବିବାଦରେ ଆପୋସ ସମାଧାନ ଘଟିବାର ଆଶା ରହିଛି।

**ମୀନ**

ଆଜି ଯାହା ଓ ଯେମିତି ଭାବୁଛନ୍ତି, ଠିକ୍ ସେହିପରି ହିଁ ପାଇବେ। କିନ୍ତୁ କର୍ମକ୍ଷେତ୍ରରେ ଅପରାହ୍ନରେ ବାକ୍ ଅସଂଯମତା ଯୋଗୁ ସୁସମ୍ପର୍କ ବ୍ୟାହତ ହୋଇପାରେ। କ୍ରୀଡ଼ା, କଳା ଓ ଚଳଚ୍ଚିତ୍ର କ୍ଷେତ୍ରରେ ମଧ୍ୟରେ ପ୍ରତିଯୋଗିତା ମନୋଭାବ ଉପୁଜିବାର ଆଶଙ୍କା ରହିଛି। ହଠାତ୍ ଜଣେ ବନ୍ଧୁଙ୍କଠାରୁ ଆଶାନୁଯାୟୀ ଅର୍ଥ ସାହାଯ୍ୟ ପାଇପାରନ୍ତି।

ଆଜି ପୌଷ କୃଷ୍ଣ ଷଷ୍ଠୀ ମଙ୍ଗଳବାର, ଡିସେମ୍ବର ୧୭ ତାରିଖ, ରାଶି ନକ୍ଷତ୍ର–ମଘା/ସିଂହ, ଷଷ୍ଠୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ମକର ରାଶିର ଘାତବାର, ସକାଳ ଘ.୬।୦୨ମି. ମଧ୍ୟେ ଘ.୬।୪୪ମି. ଗତେ, ଘ.୧୧।୨୧ମି. ମଧ୍ୟେ ଅମୃତବେଳା। ଦିବା ଘ.୧୦।୨୨ମି. ଗତେ ଘ.୧୧।୪୨ମି. ମଧ୍ୟେ ମାହେନ୍ଦ୍ରବେଳା। ଅପରାହ୍ନ ଘ.୨।୨୪ମି. ଗତେ ଘ.୩।୪୫ମି. ମଧ୍ୟେ ରାହୁକାଳ।


# classifieds Everyday
0674-2580101, 2549302

**real estate**

**SALE**

ଭୁବନେଶ୍ୱର ପିତାପଲ୍ଲୀଛକ ନିକଟରେ NH-16କୁ ଲାଗିକି ପ୍ଲଟ୍ ବିକ୍ରିହେଉଛି। ପ୍ରଥମେ Possession ଦିଆଯାଉଛି, ତା'ପରେ ରେଜିଷ୍ଟ୍ରିହେଉଛି। Project ଭିତରେ 30ft road ଦିଆଯାଇଛି। 8018474890. D-68431

ମଙ୍ଗୁଳି ଛକ ଶାଳଗାଁ ଷ୍ଟେସନ୍ ପାଖରେ 1000sqft. 5,50,000. Contact: 8908492594. D-15304

ନଖରା ତ୍ରିନାଥବଜାରଠାରେ SC Plot 1200sqft. 4,44,000/-, ଘରବାରୀ ପାଚେରୀ ଥାଇ outrightରେ ମିଳୁଅଛି– 9348817649, 6371569855. D-68443

3BHK at Damana Chhak near Club town. Price- 85/90 lakh. Contact: 8249083968, 7978414100. D-15592

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:– classifieddharitri@gmail.com

ଭୁବନେଶ୍ୱର Tamandoରେ yellozone plot 30ft ରାସ୍ତାଥାଇ କିଣନ୍ତୁ, ବାଲିଅନ୍ତାରେ ready to move Duplex, 9348767829. D-68441

ଭୁବନେଶ୍ୱର, Ravitalkies Sai mandir ପୂର୍ବରୁ ପ୍ଲଟ୍ ବିକ୍ରି ହେବ। Possession immediately. 9178660666. D-68927

Bhubaneswar ପିତାପଲ୍ଲୀଛକରେ NHକୁ ଲାଗିକି plot ମିଳୁଅଛି। 9090963952. D-68451

2BHK simplex 2600000 finishing Hanspal low cost plot available. 7853930213 D-68629

Bhubaneswar Kesura SBI କଲୋନୀକୁ ଲାଗି ଘରବାଡି ପାଚେରି ସହ ଏବଂ Airportରୁ 5k.m ସୁନ୍ଦରପଦାରେ plot ମିଳୁଅଛି– 9078736851. D-68445

Versa hermitage- 1BHK, studio flats available for sales at the holy land of Puri (Hurry, few flats left) 9861930740, 9437030740. D-68913

Outright plot sale Chhatabar Bypass roadside 3000sqft. 15,00,000/-, in front of Apartment, 9437306208. D-68447

11000sqft. single plot near C.V. Raman college, Janla Sqft. 800/- 9438400633. D-68448

ଭୁବନେଶ୍ୱର ପାହାଳ (ବଙ୍ଗୁଆରୀ) ଓ ନଖରାରେ ସଙ୍ଗେ ସଙ୍ଗେ ଘରକଲା ଭଳି plot 30' ରାସ୍ତାଥାଇ ବିକ୍ରି ହେଉଅଛି। 9692712917, 8249728525. D-68449

Ready to move 2/3 BHK flat in landmark PH-2, Sundarpada, Big Society, clubhouse, park available. Contact: 9938569014, 9861433014. D-15661

Yellowzone ready to move plot near NH, Pitapalli, Khordha. 9437827966, 7978441564. D-15729

**construction**

Construct your building as per your terms and condition. Contact: 9937064680. D-27284

**healthcare**

Rejuvenate and ayurvedic full body massage by smart therapist. 9114402304. D-68904

Refresh your mind and soul with best therapy at Orchid Salon/Spa. 9937287222. D-68722

Ayurvadic full body massage Ladies & gents. Contact: 9861064981. D-68721

Newly open full body massage by ladies, gents therapist. 8018656899 D-60858

Ayurvedic full body massage by ladies, gents therapist. 7008773793 D-60859

Sai herbal spa refresh your body with smart, expert therapist. 7608062524. D-68923

Ayurvedic full body massage ladies/ gents smart experts therapist: 8480939300. D-68726

Take full body therapy. Just call 7852986810. D-68528

Ayurvedic full body massage ladies & gents smart therapist, 9668814589. D-68723

Monalisa Massage Club: All types body massage with hiprofile smart lady rooms service available- 9708545108. D-15762

Full body herbal massage with refreshment expert therapist. 7381239385, 06 742540855. D-68929

Experience full body massage with us (expert). Call: 7377048581, 06742597822. D-68930

Herbal full body massage by smart / expert therapist. Contact: 8338067247. D-68931

Experience winter therapeutic Abhyanga massage feeling refreshing energetic: Appointment- 9668374480. D-68932

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**business**

Caterer/ gharka khana/ Tiffin system north indian Lunch & Dinner weekly three days Nonveg with home delivery @ 3500/- per month. Bhubaneswar, for details Contact: 9668732935. D-67267

**AFFIDAVIT**

By virtue of an affidavit on 09.09.2010 before Executive Magistrate, Bargarh I, Tinu Agrawala, aged 24 years, W/o Amit Kumar Gupta D/o Shyamsunder Agrawala resident of Bargarh presently residing in inlaws house in Kantabanji (Odisha ) change my maiden name and assume name Pooja Gupta. Henceforth I will be known as my new changed name Pooja Gupta for all official and practical purposes. D-15767



## ଜିଲା ଚିଠି
### ସମ୍ବଲପୁର

# ବୁଢ଼ାରଜା ପାହାଡ଼

ସମ୍ବଲପୁର ସହର ମଝିରେ ରହିଛି ସଂରକ୍ଷିତ ବୁଢ଼ାରଜା ପାହାଡ଼। ଏହାର ଘଞ୍ଚ ଜଙ୍ଗଲ, ଶୀତଳ ଓ ଶାନ୍ତ ପରିବେଶ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିଥାଏ। ଏହି ପାହାଡ଼ ଶୀର୍ଷରେ ରହିଛି ଏକ ଶିବ ମନ୍ଦିର। ପାହାଡ଼ିଆ ରାସ୍ତା ଓ ସବୁଜ ବନାନୀ ଭିତରେ ସେହି ମନ୍ଦିରକୁ ଶ୍ରଦ୍ଧାଳୁମାନେ ଯାଇଥାନ୍ତି। ସେହି ପାହାଡ଼ ଉପରେ କିଛି ସମୟ ବିତାଇବାକୁ ପର୍ଯ୍ୟଟକମାନେ ଭଲ ପାଆନ୍ତି। ପିକ୍ନିକ୍ ଋତୁ ଆସିଲେ ଏହି ପାହାଡ଼ ଲୋକାରଣ୍ୟ ହୋଇପଡ଼େ। ହେଲେ କେତେକ ପରିବାର ଏହି ସଂରକ୍ଷିତ ଜଙ୍ଗଲ ଜମିକୁ ବହୁ ଦିନ ହେବ ଜବରଦଖଲ କରି ରଖିଛନ୍ତି। ଧୀରେ ଧୀରେ ସେହି ଅଞ୍ଚଳରେ ଜବରଦଖଲକାରୀଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ଏହାକୁ ବିରୋଧ କରି ସ୍ଥାନୀୟ ଲୋକେ ବନ ବିଭାଗକୁ ଅବଗତ କରିଥିଲେ। ୨୦୧୪ ମସିହାରେ ବନ ବିଭାଗ ପକ୍ଷରୁ ପ୍ରଥମ ଥର ପାଇଁ ଉଚ୍ଛେଦ କରିବା ପ୍ରକ୍ରିୟା ଆରମ୍ଭ ହୋଇଥିଲା। କେତେ ପରିବାର ଜବରଦଖଲ କରିଛନ୍ତି। ସେହି ପରିବାରର ସଦସ୍ୟ ସଂଖ୍ୟା କେତେ ସେ ନେଇ ଏକ ରିପୋର୍ଟ ପ୍ରସ୍ତୁତ କରାଯାଇଥିଲା। ହେଲେ ରାଜନୈତିକ ହସ୍ତକ୍ଷେପ ହେଉ କି ବନ ବିଭାଗ ଅଧିକାରୀଙ୍କ ଅପାରଗତା ଯୋଗୁ ସେହି ପ୍ରକ୍ରିୟା ବନ୍ଦ ହୋଇଯାଇଥିଲା। ଏବେ ପୁଣି ସେହି ଦାବି ଉଠିଛି। ସହରବାସୀ ଜବରଦଖଲ ଉଚ୍ଛେଦ ପାଇଁ ଦାବି କରିଛନ୍ତି। ବନ ବିଭାଗ ପୁଣିଥରେ ଗତ ଅଗଷ୍ଟ ମାସରେ ସର୍ଭେ କରିଛି। ରିପୋର୍ଟ ପ୍ରସ୍ତୁତ ସରିଛି। ହେଲେ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ ହୋଇନାହିଁ। ଏହାକୁ ନେଇ ପରିବେଶବିତ୍ ଓ ଜନସାଧାରଣ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ବନ ବିଭାଗର କଡ଼ା ନିୟମ ଥିଲେ ମଧ୍ୟ କାହିଁକି ଜବରଦଖଲ ଉଚ୍ଛେଦ ହେଉନାହିଁ ସେ ନେଇ ବୁଢ଼ାରଜା ବନ ସୁରକ୍ଷା ସମିତି ଓ ପରିବେଶବିତ୍‌ମାନେ ପ୍ରଶ୍ନ କରିଛନ୍ତି। ୨୦୧୪ ମସିହାରେ ବନ ବିଭାଗ ସର୍ଭେ କରି ମୋଟ୍ ୨୫୨ ଛୋଟ ବଡ଼ ଘର ଜବରଦଖଲରେ ଥିବା ଜାଣିବାକୁ ପାଇଥିଲା। ସେହି ପରିବାରର ୭ଶହ ସଦସ୍ୟଙ୍କୁ ଭୋଟର କାର୍ଡ ପ୍ରଦାନ କରାଯାଇଛି। ଏପରିକି ବିଦ୍ୟୁତ୍ ଓ ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସେହି ଅଞ୍ଚଳରେ ବେଆଇନ ଭାବେ ପାଣି ଓ ବିଜୁଳି ସଂଯୋଗ ଦିଆଯାଇଛି, ଯାହାକୁ ନେଇ ବନ ବିଭାଗ ପକ୍ଷରୁ ଉଭୟ ବିଭାଗକୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଥିଲା। ଅନୁମତି ନ ପାଇ ଜଙ୍ଗଲ ଜମିରେ ବିଦ୍ୟୁତ୍ ଓ ପାଣି ସଂଯୋଗ କାହିଁକି ଦିଆଯାଇଥିଲା ବୋଲି ବିଭାଗୀୟ ଅଧିକାରୀଙ୍କୁ ପ୍ରଶ୍ନ କରାଯାଇଥିଲା। ହେଲେ ଉଭୟ ବିଭାଗ ପକ୍ଷରୁ କୌଣସି ଉତ୍ତର ମିଳିନାହିଁ। ଅନ୍ୟପଟେ ବୁଢ଼ାରଜା ପାହାଡ଼ର ପରିସୀମା ୧୩୩ ଏକର ସଂରକ୍ଷିତ ଜମିରେ ଥିଲା। କିଛି ସରକାରୀ କାମ ଓ ଜବରଦଖଲ ଯୋଗୁ ସେହି ପରିସୀମା ପ୍ରାୟ ୭୫ ଏକରକୁ କମି ଆସିଛି। ଏବେ ବି ସେହି ଜମି ଉପରେ ଜବରଦଖଲକାରୀଙ୍କ ଲୋଲୁପଦୃଷ୍ଟି ପଡ଼ିଛି। ବଡ଼ ବଡ଼ କୋଠା ନିର୍ମାଣ କାମ ଜାରି ରହିଛି। ଫଳରେ ଦିନକୁଦିନ ବୁଢ଼ାରଜା ପାହାଡ଼ର ସବୁଜବନାନୀ ନଷ୍ଟ ହେବାରେ ଲାଗିଛି। ବନ ବିଭାଗର ବାରମ୍ବାର ତାଗିଦ ଓ ନୋଟିସ ପରେ ମଧ୍ୟ ନୂତନ କୋଠା ନିର୍ମାଣ କାମ ବନ୍ଦ କରାଯାଉ ନାହିଁ। ଏବେଠୁ ଯଦି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯାଏ, ସବୁଜିମା ଭରା ବୁଢ଼ାରଜା ଦିନେ କଂକ୍ରିଟ ପାହାଡ଼ରେ ପରିଣତ ହେବ ବୋଲି ପରିବେଶବିତ୍‌ମାନେ କହିଛନ୍ତି।

– ଶୁଭାଶିଷ ପାଢ଼ୀ

# ଖୋଲିଲା ସ୍ୱତନ୍ତ୍ର ଅତ୍ୟାଧୁନିକ ହୃଦ୍‌ରୋଗ ଚିକିତ୍ସା କେନ୍ଦ୍ର

ଭୁବନେଶ୍ୱର, ୧୬।୧୨(ବ୍ୟୁରୋ)

**କ୍ୟାପିଟାଲ ହସ୍ପିଟାଲ**
- ନିର୍ଦ୍ଦେଶକ ଭାବେ ଯୋଗଦେଲେ ଡା. ପ୍ରଭାତ କୁମାର ଦାସ
- ହୃଦ୍‌ରୋଗୀଙ୍କ ଚିକିତ୍ସା ଖର୍ଚ୍ଚ ବହନ କରିବେ ରାଜ୍ୟ ସରକାର
- ହୃଦ୍ ବିଭାଗକୁ ସେଣ୍ଟର ଅଫ୍ ଏକ୍ସିଲେନ୍ସିରେ ପରିଣତ କରାଯିବ: ମନ୍ତ୍ରୀ

ଏଣିକି କ୍ୟାପିଟାଲ୍ ହସ୍ପିଟାଲରେ ମିଳିବ ଉନ୍ନତ ମାନର ହୃଦରୋଗ ଚିକିତ୍ସା ସେବା। ଏଥି ଲାଗି ରୋଗୀଙ୍କୁ ଟଙ୍କାଟିଏ ବି ଖର୍ଚ୍ଚ କରିବାକୁ ପଡ଼ିବ ନାହିଁ। ସମସ୍ତ ଚିକିତ୍ସା ଖର୍ଚ୍ଚ ରାଜ୍ୟ ସରକାର ବହନ କରିବେ। ଏଥିପାଇଁ ସୋମବାର ହସ୍ପିଟାଲରେ ଏକ ସ୍ୱତନ୍ତ୍ର ଅତ୍ୟାଧୁନିକ ହୃଦରୋଗ ଚିକିତ୍ସା କେନ୍ଦ୍ର ଖୋଲାଯାଇଛି। ଏହାର ନିର୍ଦ୍ଦେଶକ ଭାବେ ବିଶିଷ୍ଟ ହୃଦ୍-ବିଶେଷଜ୍ଞ ଡା. ପ୍ରଭାତ କୁମାର ଦାସ ସୋମବାର କାର୍ଯ୍ୟରେ ଯୋଗଦେଇଛନ୍ତି। ପ୍ରଥମ ଥର ପାଇଁ ଏଠାରେ ଶିଶୁମାନଙ୍କ ହୃଦ୍-ଅସ୍ତ୍ରୋପଚାର ସୁବିଧା ମଧ୍ୟ ମିଳିପାରିବ। କ୍ୟାପିଟାଲ୍ ହସ୍ପିଟାଲରେ ପୂର୍ବରୁ ମାସକୁ ହାରାହାରି ୭ଟି ଆଞ୍ଜିଓପ୍ଲାଷ୍ଟ, ଷ୍ଟେଣ୍ଟିଂ ହେଉଥିଲା। ଏଣିକି ଦୈନିକ ୧୫ରୁ ୨୦ ରୋଗୀଙ୍କ ଆଞ୍ଜିଓପ୍ଲାଷ୍ଟ ହୋଇପାରିବ। ଏହାସହ ହୃଦରୋଗୀଙ୍କ ଅନ୍ୟାନ୍ୟ ଜଟିଳ ସମସ୍ୟାର ସହଜ ତଥା ଗୁଣାତ୍ମକ ଚିକିତ୍ସା ଏଠାରେ ସମ୍ଭବ ହୋଇପାରିବ।

ସୋମବାର ଡା. ଦାସ କାର୍ଯ୍ୟରେ ଯୋଗଦେବାବେଳେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନବ କିଶୋର ଦାସ, ବିଭାଗୀୟ ଶାସନ ସଚିବ ଡା. ପ୍ରମୋଦ କୁମାର ମେହେର୍ଦ୍ଦା, କ୍ୟାପିଟାଲ ହସ୍ପିଟାଲର ନିର୍ଦ୍ଦେଶକ ଡା. ଅଶୋକ କୁମାର ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ମନ୍ତ୍ରୀ କହିଛନ୍ତି ଯେ, ରାଜ୍ୟରେ କ୍ରମାଗତ ହୃଦ୍‌ରୋଗରେ ଆକ୍ରାନ୍ତ ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଉଥିବାବେଳେ ସମ୍ପୃକ୍ତ ରୋଗୀମାନେ ଚିକିତ୍ସା ନିମନ୍ତେ ରାଜ୍ୟ ବାହାରକୁ ଯାଉଥିଲେ। ରାଜ୍ୟରୁ ହଜାର ହଜାର ହୃଦରୋଗୀ ବେଙ୍ଗାଲୁରୁ ଯାଇ ଡା. ଦାସଙ୍କ ନିକଟରେ ଚିକିତ୍ସିତ ହେଉଥିଲେ। ଏବେ ରୋଗୀଙ୍କୁ ଆଉ ବେଙ୍ଗାଲୁରୁ ଯିବାକୁ ପଡ଼ିବ ନାହିଁ ବୋଲି ମନ୍ତ୍ରୀ କହିଛନ୍ତି। କ୍ୟାପିଟାଲ ହସ୍ପିଟାଲର ହୃଦ୍ ବିଭାଗକୁ ଖୁବ୍‌ଶୀଘ୍ର ସେଣ୍ଟର ଅଫ୍ ଏକ୍ସିଲେନ୍ସି ଭାବେ ପରିଣତ କରାଯିବ। ରାଜ୍ୟର ସମସ୍ତ ଜିଲା ମୁଖ୍ୟ ଚିକିତ୍ସାଳୟରେ ମଧ୍ୟ କାର୍ଡିଓଲୋଜି ଚିକିତ୍ସା ଉପଲବ୍ଧ ହେବ। ଏଥିପାଇଁ ସରକାର ଖୁବ୍ ତତ୍ପର ଅଛନ୍ତି। ଫଳରେ ରାଜ୍ୟର ସମସ୍ତ ହୃଦ୍‌ରୋଗୀ ଉନ୍ନତ ମାନର ଚିକିତ୍ସା ସେବା ପାଇପାରିବେ ବୋଲି ମନ୍ତ୍ରୀ ଦାଶ କହିଛନ୍ତି। ସୂଚନାଯୋଗ୍ୟ, ଡା. ପ୍ରଭାତ କୁମାର ଦାସ, ଏମ୍.ଡି., ଡି.ଏମ୍ କାର୍ଡିଓଲୋଜି ଏଫ୍‌ଏସିସି, ଶ୍ରୀ ସତ୍ୟସାଇ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ହାୟର ମେଡିକାଲ୍ ସାଇନ୍ସ, ହ୍ୱାଇଟ୍ ଫିଲ୍ଡ ବେଙ୍ଗାଲୁରୁ ଓ ପୁଟପର୍ତ୍ତିଠାରେ ହେଡ୍ ଅଫ୍ ଦି ଡିପାର୍ଟମେଣ୍ଟ ଭାବେ କାର୍ଯ୍ୟକରି ଆସୁଥିଲେ। ସେ ଆଜି ପର୍ଯ୍ୟନ୍ତ ୨୨ ହଜାରରୁ ଅଧିକ ହୃଦରୋଗୀଙ୍କ ସଫଳ ଚିକିତ୍ସା କରିଛନ୍ତି।

# ସରକାରୀ ହିସାବ କମିଟିର ଷଷ୍ଠ ବୈଠକ ଅନୁଷ୍ଠିତ

ଭୁବନେଶ୍ୱର,୧୬।୧୨(ବ୍ୟୁରୋ)

ବିଧାନସଭାର ବିଭାଗୀୟ ସରକାରୀ ହିସାବ କମିଟିର ଷଷ୍ଠ ବୈଠକ ସୋମବାର ବିରୋଧୀ ଦଳ ନେତା ପ୍ରଦୀପ୍ତ କୁମାର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବିଧାନସଭା ୫୪ ନମ୍ବର ପ୍ରକୋଷ୍ଠରେ ଅନୁଷ୍ଠିତ ବୈଠକରେ ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି ବିଭାଗ ଉପରେ ଆଲୋଚନା ହୋଇଛି। ଏହା ସମ୍ପର୍କରେ ଭାରତର ମହାଲେଖ ନିୟନ୍ତ୍ରକ ତଥା ମହାସମୀକ୍ଷକ ୨୦୧୩-୧୪ବର୍ଷ ପାଇଁ ଦେଇଥିବା ରିପୋର୍ଟ ୨୦୧୪ର ରିପୋର୍ଟ ନଂ.-୭ର ପାରା-୩.୫କୁ ପରୀକ୍ଷା କରାଯିବା ସହ ଏହା ଉପରେ ପର୍ଯ୍ୟାଲୋଚନା କରାଯାଇଥିଲା। ବୈଠକରେ ସରକାରୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ, ବିଧାୟକ ନରସିଂହ ମିଶ୍ର, ଦେବୀ ପ୍ରସାଦ ମିଶ୍ର ଏବଂ ମିଶନ ଶକ୍ତି ବିଭାଗ ପ୍ରମୁଖ ଶାସନ ସଚିବ ଅନୁ ଗର୍ଗ ପ୍ରମୁଖ ଉପସ୍ଥିତ ଥିଲେ।

# ନାଲ୍‌କୋ ଅଧ୍ୟକ୍ଷ ହେଲେ ଶ୍ରୀଧର ପାତ୍ର

ଭୁବନେଶ୍ୱର,୧୬।୧୨



ରାଷ୍ଟ୍ରାୟତ୍ତ ନ୍ୟାଶନାଲ ଆଲୁମିନିୟମ କମ୍ପାନୀ ଲିମିଟେଡ(ନାଲ୍‌କୋ)ର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଭାବେ ଶ୍ରୀଧର ପାତ୍ର ନିଯୁକ୍ତ ହୋଇଛନ୍ତି। କାର୍ମିକ ମନ୍ତ୍ରଣାଳୟ ପକ୍ଷରୁ ଏ ନେଇ ସୋମବାର ଏକ ଅର୍ଡର ଜାରି ହୋଇଛି। ପାତ୍ର ବର୍ତ୍ତମାନ ନାଲ୍‌କୋର ବିତ୍ତ ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରୁଛନ୍ତି। ତାଙ୍କର ବିଭିନ୍ନ ରାଷ୍ଟ୍ରାୟତ୍ତ ଉଦ୍ୟୋଗଗୁଡ଼ିକରେ ୩୦ ବର୍ଷର କାର୍ଯ୍ୟ ଅଭିଜ୍ଞତା ରହିଛି। ସେ ଟିଏଚ୍‌ଡିସି ଇଣ୍ଡିଆ ଲିମିଟେଡରେ ବିତ୍ତ ନିର୍ଦ୍ଦେଶକ ଭାବେ କାର୍ଯ୍ୟକରିଛନ୍ତି। ଏହାସହ ଓଡିଶା ମାଇନିଂ କର୍ପୋରେଶନ(ଓଏମ୍‌ସି) ଲିମିଟେଡ, ଇଣ୍ଡିଆନ ରେୟାର ଆର୍ଥସ ଲିମିଟେଡ, ଓଏନ୍‌ଜିସିର ସହାୟକ କମ୍ପାନୀ ମାଙ୍ଗାଲୋର ରିଫାଇନେରୀ ଆଣ୍ଡ ପେଟ୍ରୋକେମିକାଲ୍ସ ଲିମିଟେଡ ଭଳି କମ୍ପାନୀରେ କାର୍ଯ୍ୟ ଅଭିଜ୍ଞତା ରହିଛି। ସେ ଉତ୍କଳ ବିଶ୍ୱ ବିଦ୍ୟାଳୟରୁ ବାଣିଜ୍ୟରେ ସ୍ନାତକ, ବିଦ୍ୟାସାଗର ୟୁନିଭର୍ସିଟିରୁ ଏମ୍‌ବିଏ ଡିଗ୍ରୀ ହାସଲ କରିଛନ୍ତି। ଏହାବାଦ ସେ ଇନଷ୍ଟିଚ୍ୟୁଟ ଅଫ୍ ଚାର୍ଟର୍ଡ଼ ଆକାଉଣ୍ଟାସ ଅଫ୍ ଇଣ୍ଡିଆର ସଦସ୍ୟ ମଧ୍ୟ ଅଛନ୍ତି।


**ADARSH KHADI UTPADAK SANGH**
At/Po: Nuapatna, PS: Tigiria, Dist: Cuttack: Pin: 754035,
Mail: akus1988@gmail.com, Mob.: 9937508108

Adarsh Khadi Required for the following positions:-

| Sr | Post & Age | Post | Qualification & Experience | Remuneration |
|---|---|---|---|---|
| 1 | Reform Implementing Officer (RIO), 1 Post, Age: 21-35 | 01 | Degree in Textile- having knowledge of Computer application. Or Diploma in Textile/ Handloom/ Khadi Technology having knowledge of Computer application with 3 year experience in production management of Textile in decentralized sector like khadi, Handloom. Or Certificate course of Textile having knowledge of Computer background with 6 year experience. Or A graduate in Science/ Social Welfare worked as Cluster Development Executive (CDE) in Khadi Cluster (SFRUTI). | Rs. 10,000/- per month plus mobility allowance |
| 2 | Information Technology Assistant (ITA), 1 Post, Age: 21-35 | 01 | Candidate with bachelor degree in IT/ Computer Science with 1 year experience in IT field. Or Candidate with bachelor degree in any discipline with 1 year IT Diploma and 1 year experience in IT field. | Rs. 10,000/- per month plus mobility allowance |

Interested candidate may apply CV on above address and mail with in 7 day of the advertisement.

Sd./- Secretary, Adarsh Khadi Utpadak Sangh, Nuapatna, Cuttack



**ମନେ ପଡ଼ନ୍ତି**



**ସ୍ୱର୍ଗତା ସୁଧାଂଶୁବାଳା ନାୟକ**
ଆବର୍ଭାବ- ୨୫।୦୫।୧୯୪୦
ତିରୋଧାନ- ୦୮।୧୨।୨୦୧୯

**ଦଶାହ ଉପଲକ୍ଷେ**
ତୁମର ସ୍ନେହ, ଶ୍ରଦ୍ଧା, ତ୍ୟାଗ କର୍ତ୍ତବ୍ୟନିଷ୍ଠା ଓ ଅମାୟିକ ମନୋଭାବ ଆମ୍ଭମାନଙ୍କର ଆଦର୍ଶ ହେଉ ଏବଂ ପ୍ରେରଣା ଦେଉ। ତୁମର ଅମରାତ୍ମା ମୋକ୍ଷ ପଥକୁ ପ୍ରାପ୍ତ ହେଉ, ଏହା ହିଁ ଆମର କାମନା।

**ଶୋକ ସନ୍ତପ୍ତ:-**
ସ୍ୱାମୀ: ଶ୍ରୀଯୁକ୍ତ ଯଦୁମଣି ନାୟକ
ପୁତ୍ର: ସଂଗ୍ରାମଜିତ୍ ନାୟକ
ଏବଂ
ପରିବାରବର୍ଗ


# ଓଡ଼ିଶା ଫେରିବ ଡାକୋଟା ବିମାନ

ପୁରୀ ଅଫିସ,୧୬।୧୨

- ଭାରତୀୟ ବିମାନବନ୍ଦର ପ୍ରାଧିକରଣ କର୍ତ୍ତୃପକ୍ଷଙ୍କଠାରୁ ଆସିଲା ଚିଠି
- ରାଜ୍ୟ ସରକାର ନ ଆଣିଲେ ବିମାନ ଆଣିବ ଜଗନ୍ନାଥ ସେନା
- ଅର୍ବାନ ହାଟରେ ବିଜୁବାବୁଙ୍କ ସମାଧି, ବିମାନ ସ୍ଥାପନ ଦାବି

ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ସ୍ମୃତି ସହ ଜଡ଼ିତ ଡାକୋଟା ବିମାନ ଓଡ଼ିଶା ଫେରିବା ସମ୍ଭାବନା ସୃଷ୍ଟି ହୋଇଛି। ଏହି ବିମାନକୁ ଓଡ଼ିଶାକୁ ଫେରାଇବା ଲାଗି ଶ୍ରୀଜଗନ୍ନାଥ ସେନା ଗତ ଅକ୍ଟୋବର ୧୦ରେ ନୂଆଦିଲ୍ଲୀରେ ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ହରଦୀପ୍ ସିଂ ପୁରୀଙ୍କୁ ତାଙ୍କ କାର୍ଯ୍ୟାଳୟରେ ଭେଟି ଦାବିପତ୍ର ପ୍ରଦାନ କରିଥିଲା। ଭାରତୀୟ ବିମାନବନ୍ଦର ପ୍ରାଧିକରଣ କର୍ତ୍ତୃପକ୍ଷ ଏଥିପାଇଁ ଅନୁମତି ଦେଇଛନ୍ତି। ଶ୍ରୀଜଗନ୍ନାଥ ସେନା ପାଖକୁ ଆସିଥିବା ଏ ସଂକ୍ରାନ୍ତ ଚିଠିରେ ଦର୍ଶାଯାଇଛି, ବିଜୁବାବୁଙ୍କ ବୀରତ୍ୱର ଗାଥା ବହନ କରୁଥିବା ଏହି ବିମାନକୁ ନେବା ପାଇଁ ରାଜ୍ୟ ସରକାରଙ୍କ ସହ ଆଲୋଚନା କରି କୌଣସି ସମ୍ମାନଜନକ ସ୍ଥାନରେ ସ୍ଥାପନ କରାଇପାରିଲେ ଏହା ହିଁ ତାଙ୍କ ପ୍ରତି ପ୍ରକୃତ ସମ୍ମାନ ହେବ। ସେହିପରି ୨୦୧୭ ଡିସେମ୍ବରରେ ଭାରତୀୟ ବିମାନବନ୍ଦର ପ୍ରାଧିକରଣଙ୍କ ପକ୍ଷରୁ ରାଜ୍ୟ ମୁଖ୍ୟ ଶାସନ ସଚିବଙ୍କୁ ଚିଠି କରାଯାଇଥିଲା। ଏହି ବିମାନକୁ ନେଇ ବିଜୁ ପଟ୍ଟନାୟକ ବିମାନବନ୍ଦର କିମ୍ବା ସଂଗ୍ରହାଳୟରେ ପ୍ରଦର୍ଶନ କରିବାକୁ କୁହାଯାଇଥିଲା। କିନ୍ତୁ ଏ ଦିଗରେ ରାଜ୍ୟ ସରକାର କାହିଁକି ନୀରବଦ୍ରଷ୍ଟା ସାଜିଛନ୍ତି ବୋଲି ଶ୍ରୀଜଗନ୍ନାଥ ସେନା ପ୍ରଶ୍ନ କରିଛି।

ସୋମବାର ଅର୍ବାନ ହାଟ ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଶ୍ରୀଜଗନ୍ନାଥ ସେନାର ଆବାହକ ପ୍ରିୟଦର୍ଶନ ପଟ୍ଟନାୟକ ଏହି ବିମାନ ଓଡ଼ିଶାକୁ ଫେରାଇ ଆଣିବା ଲାଗି ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଦାବି କରିଛନ୍ତି। ସେ କହିଛନ୍ତି, କୋଲକାତାର ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଅନ୍ତର୍ଜାତୀୟ ବିମାନବନ୍ଦରରେ ବିଜୁବାବୁଙ୍କ ପ୍ରିୟ ଡାକୋଟା ଡିସି-୩ ବିମାନ ପରିତ୍ୟକ୍ତ ଅବସ୍ଥାରେ ପଡ଼ିରହିଛି। ଏହି ବିମାନ ପାଇଁ ଓଡ଼ିଆ ପୁଅ ତଥା ଦୁର୍ଦ୍ଧର୍ଷ ପାଇଲଟ ବିଜୁବାବୁ ଦିନେ ବିଶ୍ୱବାସୀଙ୍କୁ ଚମକାଇ ନିଜ ଦୁଃସାହସିକତାର ପ୍ରମାଣ ଦେଇଥିଲେ। ସେ ଡାକୋଟା ବିମାନରେ ୧୯୪୭ ଜୁଲାଇ ୨୨ରେ ଇଣ୍ଡୋନେସିଆର ତତ୍କାଳୀନ ପ୍ରଧାନମନ୍ତ୍ରୀ ସୁଲତାନ ସାହରିରଙ୍କୁ ଜାଭା ଦ୍ୱୀପରୁ ଡଚ୍ ସେନା କବଳରୁ ମୁକ୍ତ କରି ନେଇଆସିଥିଲେ। ତେବେ ବିଜୁବାବୁଙ୍କ ସ୍ମୃତି ସହ ଜଡ଼ିତ ଏହି ବିମାନକୁ ସ୍କ୍ରାପ୍ ଦରରେ ବିକ୍ରି ପାଇଁ ମସୁଧା ହେଉଥିବା ଜଣାପଡ଼ିବା ପରେ ଶ୍ରୀଜଗନ୍ନାଥ ସେନା ଏହାକୁ ଓଡ଼ିଶା ଫେରାଇ ଆଣିବାକୁ ଅଣ୍ଟାଭିଡ଼ିଛି। ଏ ନେଇ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ଓ କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରୀଙ୍କୁ ଦାବିପତ୍ର ଦିଆଯାଇଥିଲା। ରାଜ୍ୟ ସରକାର ୧୫ଦିନ ମଧ୍ୟରେ ଏହାକୁ ଆଣିବା ପାଇଁ ପଦକ୍ଷେପ ନିଅନ୍ତୁ, ନଚେତ୍ ଟଙ୍କାଏ ଟଙ୍କାଏ ଭିକ୍ଷା ମାଗି ଶ୍ରୀ ଜଗନ୍ନାଥ ସେନା କୋଲକାତାରୁ ଏହି ବିମାନ ଆଣିବ। ସ୍ୱର୍ଗଦ୍ୱାରରୁ ବିଜୁବାବୁଙ୍କ ସମାଧି ହଟିବା ପରେ ସେହି ସମାଧି, ଡାକୋଟା ବିମାନ ଏବଂ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତି ଅର୍ବାନ ହାଟରେ ସ୍ଥାପନ କରାଯାଉ। ଏହାଦ୍ୱାରା ପର୍ଯ୍ୟଟକମାନେ ଓଡ଼ିଆ ପୁଅର ବୀରତ୍ୱ ଏବଂ ଜୀବନୀ ସମ୍ପର୍କରେ ଜାଣିପାରିବେ ବୋଲି ପଟ୍ଟନାୟକ କହିଛନ୍ତି।


**ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ**
(ଭାରତ ସରକାରଙ୍କ ଏକ ଅଧିକୃତ ସଂସ୍ଥା)
ଚନ୍ଦ୍ରଶେଖରପୁର ଶାଖା, ଇନ୍‌ଷ୍ଟିଚ୍ୟୁଟ ଅଫ୍ ଫିଜିକ୍ସ, ସଚିବାଳୟ ମାର୍ଗ, ଭୁବନେଶ୍ୱର-୭୫୧୦୦୫, ଓଡ଼ିଶା
ଫୋନ୍ ନଂ.- ୦୬୭୪ ୨୩୦୩୪୪୬/୨୩୦୩୪୨୧, ଇ-ମେଲ୍: iob1476@iob.in

**ଡିମାଣ୍ଡ ନୋଟିସ୍**

(ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ (ସରଫେଶୀ ଆକ୍ଟ)ର ଧାରା ୧୩(୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୩(୧) ଅନୁଯାୟୀ)

୧) ନିମ୍ନ ସ୍ୱାକ୍ଷରକାରୀ **ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ**ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସରଫେଶୀ ଆକ୍ଟ ଏବଂ ଧାରା ୧୩(୧୨) ସହିତ ରୁଲ୍ ୩ ଅନୁସାରେ ପ୍ରଦତ୍ତ କ୍ଷମତା ପ୍ରୟୋଗ କରି ନିମ୍ନ ଦର୍ଶିତ ଋଣଗ୍ରହତା/ବନ୍ଧକଦାତା/ଜାମିନ୍‌ଦାରମାନଙ୍କୁ (ନିମ୍ନରେ ଦର୍ଶାଯାଇଥିବା ଋଣଗ୍ରହିତାମାନଙ୍କ ନିମନ୍ତେ) କଥିତ ନିୟମର ଧାରା ୧୩(୨) ଅନୁସାରେ ଡିମାଣ୍ଡ ନୋଟିସ୍ ଜାରି କରି ନୋଟିସ୍ ଦର୍ଶିତ ଅର୍ଥରାଶି ନିମ୍ନରେ ବର୍ଣ୍ଣନା କରାଯାଇଥିବା ଅନୁସାରେ ନୋଟିସ୍ ପ୍ରାପ୍ତିର ୬୦ ଦିନ ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା।

୨) ଋଣଗ୍ରହତା/ବନ୍ଧକଦାତା/ଜାମିନଦାରମାନଙ୍କୁ ଡାକ ବିଭାଗ ଦ୍ୱାରା ପଠାଯାଇଥିବା ନୋଟିସ୍ ପ୍ରାପ୍ତି ସ୍ୱୀକାର ନ ହୋଇ ଫେରସ୍ତ ଆସିଅଛି। ତେଣୁ ବ୍ୟାଙ୍କ ଏହି ଡିମାଣ୍ଡ ନୋଟିସ୍ ପ୍ରକାଶନ ମାଧ୍ୟମରେ ସମ୍ପୂର୍ଣ୍ଣ ଭାବରେ ସତର୍କ କରାଇଦେଉଛନ୍ତି। ଉପରୋକ୍ତ ସରଫେଶୀ ଆକ୍ଟ ଅନୁସାରେ ନିମ୍ନ ସ୍ୱାକ୍ଷରକାରୀ ଦର୍ଶିତ ଋଣଗ୍ରହତା/ବନ୍ଧକଦାତା/ଜାମିନଦାରମାନଙ୍କ ଜଣାଥିବା ଶେଷ ଠିକଣାର ଗୃହରେ ନୋଟିସ୍‌କୁ ଲଗାଯାଇଛି। ଏହି ନୋଟିସ୍ ଗୁଡିକର ନକଲ ନିମ୍ନ ସ୍ୱାକ୍ଷରକାରୀଙ୍କ ନିକଟରେ ମହଜୁଦ ଅଛି ଏବଂ ଯଦି ଦର୍ଶିତ ଋଣଗ୍ରହତା/ବନ୍ଧକଦାତା/ଜାମିନଦାରମାନେ ଚାହାନ୍ତି ତେବେ ନିମ୍ନ ସ୍ୱାକ୍ଷରକାରୀଙ୍କ ଠାରୁ ଯେକୌଣସି କାର୍ଯ୍ୟ ଦିବସର କାର୍ଯ୍ୟାଳୟ ସମୟ ମଧ୍ୟରେ କପିର ନକଲ ଗୁଡିକ ସଂଗ୍ରହ କରିପାରିବେ।

୩) ଉପରୋକ୍ତ ପୃଷ୍ଠଭୂମି ପରିପେକ୍ଷୀରେ ଦର୍ଶିତ ଋଣଗ୍ରହତା/ବନ୍ଧକଦାତା/ଜାମିନଦାରମାନଙ୍କୁ ପୁଣି ଏହି ଖବର କାଗଜ ପ୍ରକାଶନ ମାଧ୍ୟମରେ ଜଣାଇଦିଆଯାଉଛି ଯେ ଏହି ନୋଟିସ୍ ପ୍ରକାଶନର **୬୦ଦିନ** ମଧ୍ୟରେ ସମସ୍ତ ବକେୟା ରାଶି **ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ**କୁ ପଇଠ କରିବେ। ଋଣ ଅନୁସାରେ ପଇଠ କରିବାକୁ ଥିବା ବକେୟା ପରିମାଣ ଏବଂ ଅନ୍ୟାନ୍ୟ କାଗଜ ପତ୍ର ସମ୍ବନ୍ଧରେ ନିମ୍ନରେ ବର୍ଣ୍ଣନା କରାଗଲା। ଋଣ ଗ୍ରହଣ କରାଯାଇଥିବା ସମୟରେ ପାର୍ଟିମାନଙ୍କ ଦ୍ୱାରା **ଇଣ୍ଡିଆନ ଓଭରସିଜ୍ ବ୍ୟାଙ୍କ**କୁ ସିକ୍ୟୁରିଟି ହିସାବରେ ପ୍ରଦାନ କରାଯାଇଥିବା ସମ୍ପତ୍ତି ଗୁଡିକର ବିବରଣୀ ନିମ୍ନରେ ବର୍ଣ୍ଣନା କରାଗଲା।

| ଚନ୍ଦ୍ରଶେଖରପୁର ଶାଖା / ଋଣଗ୍ରହୀତା / ଜାମିନ୍‌ଦାର / ବନ୍ଧକଦାତାମାନଙ୍କ ନାମ ଏବଂ ଠିକଣା | ବକେୟା ଦେୟ* | ଡିମାଣ୍ଡ ନୋଟିସ୍ ତାରିଖ | ସମ୍ପତ୍ତିର ଗୁଡିକର ବିବରଣୀ |
|---|---|---|---|
| **ଋଣଗ୍ରହୀତା: ମେସର୍ସ ଅମୀୟ ଏଣ୍ଟରପ୍ରାଇଜେସ୍, ସ୍ୱତ୍ତ୍ୱାଧିକାରୀ: ଶ୍ରୀ ସୁବ୍ରତ କୁମାର ମହାନ୍ତି (ବନ୍ଧକଦାତା),** ପିତା: ଚକ୍ରଧର ମହାନ୍ତି, ଏନ୍-୧/୧୪, ଆଇଆରସି ଭିଲେଜ, ନୟାପଲ୍ଲୀ, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ଓଡ଼ିଶା, ପିନ୍-୭୫୧୦୧୭, **ବାସସ୍ଥାନ ଠିକଣା-** ସା: ପ୍ଲଟ୍ ନଂ.: ୧୦୫୩, ଇ ବ୍ଲକ୍ ପ୍ରଶାନ୍ତି ବିହାର, ଶତାବ୍ଦି ନଗର, ବରମୁଣ୍ଡା, ଭୁବନେଶ୍ୱର-୭୫୧୦୦୩, ଓଡ଼ିଶା / **ଜାମିନ୍‌ଦାର: ୧) ଶ୍ରୀ ସନତ ମହାନ୍ତି,** ପିତା: ଚକ୍ରଧର ମହାନ୍ତି, ସା/ପୋ: ବରଗଡ, ଆରଟିଓ ଅଫିସ୍ ବରଗଡ ନିକଟ, ଏନ୍‌ଏଚ୍-୬, ଜିଲ୍ଲା: ବରଗଡ, ପିନ୍-୭୬୮୦୨୮, **୨) ଶ୍ରୀମତୀ ଇତିଶ୍ରୀ ମହାନ୍ତି,** ସ୍ୱାମୀ: ସୁବ୍ରତ କୁମାର ମହାନ୍ତି, ସା: ପ୍ଲଟ୍ ନଂ.: ୧୦୫୩, ଇ ବ୍ଲକ୍ ପ୍ରଶାନ୍ତି ବିହାର, ଶତାବ୍ଦୀ ନଗର, ବରମୁଣ୍ଡା, ଭୁବନେଶ୍ୱର-୭୫୧୦୦୩, ଓଡ଼ିଶା | ୧୦.୧୨.୨୦୧୯ ସୁଦ୍ଧା ଟ.୩୨,୦୧,୩୭୧/- + ସୁଧ, ଆଇନଗତ ଖର୍ଚ୍ଚ ଏବଂ ସେବାବଦ ଦେୟ | ୧୦.୧୨.୨୦୧୯ | **ଶ୍ରୀ ସୁବ୍ରତ କୁମାର ମହାନ୍ତି**ଙ୍କ ନାମରେ ରେକର୍ଡଭୁକ୍ତ ଥିବା ବାସପୋଯୋଗୀ, ଫ୍ରିହୋଲ୍ଡ ଖାଲି ଜମି ଯାହାର ମୌଜା: ବଡ଼ ରଘୁନାଥପୁର, ଥାନା: ଜଟଣୀ ନଂ. ୬୫, ତହସିଲ: ଜଟଣୀ, ଜିଲ୍ଲା: ଖୋର୍ଦ୍ଧା, ଓଡ଼ିଶା, ଖାତା ନଂ.: ୨୭୦/୧୧୧୪, ପ୍ଲଟ୍ ନଂ.: ୫୪୭/୧୯୬୭, କ୍ଷେତ୍ର: ଏକର୦.୦୫୮ଡିସିମିଲି, ଆଦିତ୍ୟ ହ୍ୟୁଣ୍ଡାଇ କାର୍ ସୋରୁମ ନିକଟ, ତମାଣ୍ଡୋ, ଭୁବନେଶ୍ୱର, ଏହାର ଚାରିପାର୍ଶ୍ୱରେ- ପୂର୍ବ: ସବ୍ ପ୍ଲଟ୍ ନଂ. ୬୨, ପଶ୍ଚିମ: ୨୩ ଫୁଟିଆ ଚୌଡା ରାସ୍ତା, ଉତ୍ତର: ସବ୍ ପ୍ଲଟ୍ ନଂ. ୭୨, ଦକ୍ଷିଣ: ସବ୍ ପ୍ଲଟ୍ ନଂ. ୭୪। |

* ଉପର ଦର୍ଶିତ ତାରିଖ ଠାରୁ ଟଙ୍କା ପଇଠ ତାରିଖ ପର୍ଯ୍ୟନ୍ତ ଚୁକ୍ତିବଦ୍ଧ ମୂଲ୍ୟ / ବଳକା ଋଣ ପରିମାଣ ସହିତ ପରବର୍ତ୍ତି ସୁଧ ପଇଠ କରିବେ।

୪) ଯଦି ଋଣଗ୍ରହିତା/ବନ୍ଧକଦାତା/ଜାମିନ୍‌ଦାରମାନେ ଉପର ବର୍ଣ୍ଣିତ ଅନୁସାରେ ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କକୁ ଋଣ ପରିମାଣ ପଇଠ କରିବାରେ ବିଫଳ ହୁଅନ୍ତି ତେବେ ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ ସରଫେଶୀ ଆକ୍ଟର ଧାରା ୧୩(୪) ଅନୁସାରେ ଋଣଗ୍ରହିତା/ବନ୍ଧକଦାତା/ଜାମିନ୍‌ଦାରମାନଙ୍କର ସୁରକ୍ଷିତ ସମ୍ପତ୍ତିଗୁଡିକ ଉପରେ ପଦକ୍ଷେପ ନେବେ ଓ ତତ୍‌ପରବର୍ତ୍ତୀ ଖର୍ଚ୍ଚ ଓ ଫଳାଫଳ ପାଇଁ ସେମାନେ ଦାୟୀ ରହିବେ।

୫) ପୁଣି ଋଣଗ୍ରହିତା/ବନ୍ଧକଦାତା/ଜାମିନଦାରମାନଙ୍କୁ ସୁଚାଇ ଦିଆଯାଉଛି ଯେ ସରଫେଶୀ ଆକ୍ଟର ଧାରା ୧୩ ର ଉପଧାରା (୮) ଅନୁସାରେ ସମୟ ସୀମା ମଧ୍ୟରେ ସମ୍ପୂର୍ଣ୍ଣ ଋଣ ଟଙ୍କା ସୁଝି ସୁରକ୍ଷିତ ସମ୍ପତ୍ତିଗୁଡିକର ପୁନରୁଦ୍ଧାର କରିପାରିବେ।

୬) ଋଣଗ୍ରହିତା/ବନ୍ଧକଦାତା/ଜାମିନ୍‌ଦାରମାନଙ୍କୁ ନିଷିଦ୍ଧ କରାଯାଉଛି କି ସେମାନେ ଉପର ବର୍ଣ୍ଣିତ ସମ୍ପତ୍ତିଗୁଡିକୁ ବିକ୍ରୟ, ଲିଜ୍ କିମ୍ବା ଅନ୍ୟ ଉପାୟରେ ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କର ବିନା ଲିଖିତ ଅନୁମତିରେ କାହାରିକୁ ହସ୍ତାନ୍ତର କରିପାରିବେ ନାହିଁ। ଯଦି କୌଣସି ବ୍ୟକ୍ତି ସରଫେଶୀ ଆକ୍ଟ ଧାରା ଓ ନିୟମରେ ଉଲଙ୍ଘନ କରନ୍ତି କିମ୍ବା ଉଲଙ୍ଘନ କରୁଥିବା ବ୍ୟକ୍ତିଙ୍କୁ ସାହାଯ୍ୟ କରୁଥାଆନ୍ତି ତେବେ ଧାରା ୨୯ ଅନୁସାରେ ଦଣ୍ଡିତ ହେବା ସହିତ ଜୋରିମାନା ଦେବେ।

ତାରିଖ : ୧୬.୧୨.୨୦୧୯
ସ୍ଥାନ: ଭୁବନେଶ୍ୱର

ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ,
ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ



DADLS-69



**ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓଙ୍କ**
**ରାଜ୍ୟସ୍ତରୀୟ ଜୟନ୍ତୀ**
**୧୭ ଡିସେମ୍ବର, ୨୦୧୯**

ସମୟ – ସକାଳ ଘ.୮ .୩୦ମି.

ପାୱାର ହାଉସ୍ ଛକସ୍ଥିତ ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓଙ୍କ ପ୍ରତିମୂର୍ତ୍ତିରେ ବିଶିଷ୍ଟ ଅତିଥିମାନଙ୍କ ଦ୍ୱାରା ମାଲ୍ୟାର୍ପଣ ।

**ସାଧାରଣ ସଭା**
ସମୟ – ସନ୍ଧ୍ୟା ଘ.୫.୩୦ ମି.   ସ୍ଥାନ – ଜୟଦେବ ଭବନ

ମୁଖ୍ୟ ଅତିଥି – ଶ୍ରୀଯୁକ୍ତ ରଘୁନନ୍ଦନ ଦାସ
ମାନ୍ୟବର ମନ୍ତ୍ରୀ, ଜଳସମ୍ପଦ, ସୂଚନା ଓ ଲୋକସମ୍ପର୍କ

ବିଶିଷ୍ଟ ଅତିଥି – ଶ୍ରୀଯୁକ୍ତ ସୁଦାମ ମାର୍ଣ୍ଡି
ମାନ୍ୟବର ମନ୍ତ୍ରୀ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା

ସମ୍ମାନିତ ଅତିଥି – ଶ୍ରୀଯୁକ୍ତ ମାନସ ରଞ୍ଜନ ମଙ୍ଗରାଜ
ଉପଦେଷ୍ଟା, ଓଡ଼ିଶା ସରକାର (ଗଣମାଧ୍ୟମ ଓ ଲୋକସମ୍ପର୍କ)

ମୁଖ୍ୟ ବକ୍ତା – ଡ. ନାରାୟଣ ପଣ୍ଡା
ବିଶିଷ୍ଟ ସାହିତ୍ୟିକ ଓ ଶିକ୍ଷାବିତ୍

ଧନ୍ୟବାଦ ଅର୍ପଣ – ଡ. ରଜନୀକାନ୍ତ ବିଶ୍ୱାଳ, (ଓ.ଏ.ଏସ୍.)
ସମ୍ପାଦକ, ମୟୂରଭଞ୍ଜ ସାଂସ୍କୃତିକ ସଂସଦ ଓ ଉପଜିଲ୍ଲାପାଳ, ଆଠମଲ୍ଲିକ

ବକ୍ତୃତା ଓ ପ୍ରବନ୍ଧ ପ୍ରତିଯାଗିତାର କୃତୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ ।

ସଭା ପରେ ଗୁରୁ ଗୌର ମୋହନ ମହାନ୍ତ ଏବଂ ସାଥି କଳାକାରମାନଙ୍କ ଦ୍ୱାରା ଛଉ ନୃତ୍ୟ ପରିବେଷଣ କରାଯିବ ।

ସୂଚନା ଓ ଲୋକସମ୍ପର୍କ ବିଭାଗ ଏବଂ ମୟୂରଭଞ୍ଜ ସାଂସ୍କୃତିକ ସଂସଦର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଯୋଗଦେବାକୁ ଅନୁରୋଧ ।

ନିର୍ଦ୍ଦେଶକ
ସୂଚନା ଓ ଲୋକସମ୍ପର୍କ ବିଭାଗ

15001/13/0101/1920

କେବଳ ବାହ୍ୟ ରୂପକୁ ଦେଖି କୌଣସି ଘଟଣାର ବିଚାର କରନାହିଁ। ସେଗୁଡିକ ଅନବରତ ଅନ୍ୟ କିଛିକୁ ପ୍ରକାଶ କରିବା ନିମିତ୍ତ ଏକ ଏକ ଅପାରଗ ପ୍ରଚେଷ୍ଟା ମାତ୍ର, କିନ୍ତୁ ତାହା ଭିତରେ ଯେଉଁ ପ୍ରକୃତ ସତ୍ୟ ଥାଏ– ତାହା ତୁମର ଅଗଭୀର ବିଚାର ବୁଦ୍ଧିର ସଂପୂର୍ଣ୍ଣ ଅଗମ୍ୟ।

–ଶ୍ରୀମା



# ପ୍ଲାଷ୍ଟିକ୍ ଦିଅ, ଭାତ ଖାଅ

ପ୍ଲାଷ୍ଟିକ୍ ବା ପଲିଥିନ୍‌ଜାତୀୟ ପଦାର୍ଥ ପରିବେଶକୁ ପ୍ରଦୂଷିତ କରିଚାଲିଛି। ଏହାର କୁପରିଣାମ ବିଷୟରେ ଦେଶସାରା ଢେର ଆଲୋଚନା ହେଲାଣି। ବହୁ ରାଜ୍ୟ ସରକାର ଏହାର ବ୍ୟବହାର ଉପରେ କଟକଣା ଲଗାଇଛନ୍ତି। ଓଡ଼ିଶାରେ ମଧ୍ୟ ଏ ସଂକ୍ରାନ୍ତରେ କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବା ଲାଗି ବ୍ୟବସ୍ଥା କରାଯାଇଛି। ନିକଟରେ ଭୁବନେଶ୍ୱରରେ ୫୦ ଲକ୍ଷ ଟଙ୍କାର ପଲିଥିନ୍ ଜବତ ହୋଇଥିଲା। ହେଲେ ଲୁଚାଛପାରେ ଏହାର ବ୍ୟବହାର ବଢ଼ୁଥିବାରୁ ତାହାକୁ ରୋକିବା ସକାଶେ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ୧୬ ଡିସେମ୍ବରରେ ଏକ ଅଭିନବ ପଦକ୍ଷେପ ନେଇଛି। ଯେଉଁମାନେ ୫୦୦ ଗ୍ରାମ୍‌ର ବ୍ୟବହୃତ ପଲିଥିନ୍ ଆଣି ଆହାର କେନ୍ଦ୍ର ନିକଟରେ ଥିବା ଡଷ୍ଟବିନ୍ ନିକଟରେ ପହଞ୍ଚାଇବେ, ସେମାନେ ଆହାର କେନ୍ଦ୍ରରେ ଭୋଜନ କରିପାରିବେ। ଅର୍ଥାତ୍ ପ୍ଲାଷ୍ଟିକ୍ ପଦାର୍ଥ ଏଣେତେଣେ ବିକ୍ଷିପ୍ତ ହୋଇ ପଡ଼ିବା ଯୋଗୁ ସୃଷ୍ଟି ହେଉଥିବା ପ୍ରଦୂଷଣକୁ ରୋକାଯାଇପାରିବ। ପ୍ରତିବଦଳରେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଆହାର କେନ୍ଦ୍ରରେ ଖାଇବାର ସୁଯୋଗ ମିଳିପାରିବ। ସାଧାରଣତଃ ଗରିବ ତଥା ରାସ୍ତାକଡ଼ରେ ଜୀବନ ବିତାଉଥିବା ଲୋକେ ଏଥିରେ ସାମିଲ ହେଲେ ସେମାନଙ୍କୁ ଖାଦ୍ୟ ମିଳିପାରିବ। ଉଲ୍ଲେଖଯୋଗ୍ୟ, ସଂଗୃହୀତ ପ୍ଲାଷ୍ଟିକ୍‌କୁ ମ୍ୟାଟେରିଆଲ ରିକଭରି ଫାସିଲିଟି (ଏମ୍‌ଆର୍‌ଏଫ୍) ସେଣ୍ଟର ଓ ପାୟରୋଲିସିସ୍ ପ୍ଲାଣ୍ଟରେ ପକାଯାଇ ସେଥିରୁ ଏକ ପ୍ରକାର ତେଲ ପ୍ରସ୍ତୁତ କରାଯାଇପାରିବ। ଉକ୍ତ ତେଲ ଗାଡ଼ିମୋଟର ଶିଳ୍ପରେ ବ୍ୟବହୃତ ଗ୍ରିଜ୍‌ର ବିକଳ୍ପ ଭାବେ ବ୍ୟବହୃତ ହୋଇପାରିବ ବୋଲି କୁହାଯାଉଛି।

ବିଏମ୍‌ସିର ଯୋଜନା କେତେଦୂର କାର୍ଯ୍ୟକାରୀ ହୋଇପାରିବ, ତାହା ଏବେଠାରୁ ଆକଳନ କରିବା ସମ୍ଭବପର ନୁହେଁ। କାରଣ ଅତୀତରେ ବିଏମ୍‌ସି ତରଫରୁ ଏହିଭଳି ଆବର୍ଜନା ପରିଚାଳନା ବ୍ୟବସ୍ଥା ଅନେକ ଥର କରାଯାଇଥିଲେ ମଧ୍ୟ ତାହାର ସୁଫଳ ଜନସାଧାରଣଙ୍କୁ ମିଳିନାହିଁ। ଏପରିକି ଆବର୍ଜନା ସୃଷ୍ଟି କରୁଥିବା ହୋଟେଲ, ରେଷ୍ଟୁରାଣ୍ଟ, କ୍ଲିନିକ୍, ଡାକ୍ତରଖାନା ଏବଂ ବିରାଟକାୟ ମଲ୍ ସମ୍ମୁଖରେ ଅଳିଆ ପକାଇ ସେମାନଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ବିଏମ୍‌ସିର ପ୍ରୟାସ ହୋଇଥିଲା। ଦୀର୍ଘମିଆଦୀ ସୁଫଳ ମିଳିବା ପୂର୍ବରୁ ବିଏମ୍‌ସି ବାଟବଣା ହୋଇଗଲା। ସେତିକିରେ ଦଣ୍ଡବିଧାନ ଶେଷ ହେଲା ଏବଂ ସେତେବେଳେ ପରିସ୍ଥିତି ଯେମିତି ଥିଲା ଆଜି ମଧ୍ୟ ସେମିତି ରହିଛି। ଏହାବ୍ୟତୀତ ରାଜ୍ୟକୁ ପଲିଥିନ୍ ପ୍ରବେଶ ନିଷେଧ କରା ନ ଯିବା ପର୍ଯ୍ୟନ୍ତ କୌଣସି ଲକ୍ଷ୍ୟ ପୂରଣ ହେବା କଷ୍ଟକର। ଅସରନ୍ତି ପ୍ଲାଷ୍ଟିକ୍ ସାମଗ୍ରୀ ଟ୍ରକ୍ ମାଧ୍ୟମରେ ଖୋଲାଖୋଲି ଭାବେ ବିଭିନ୍ନ ସ୍ଥାନକୁ ଆସୁଥିବା ବିଷୟ ସମସ୍ତେ ଜାଣନ୍ତି। କିନ୍ତୁ ତାହାକୁ ବନ୍ଦ କରାଯାଉ ନାହିଁ। ଅନ୍ୟପଟେ ଭୁବନେଶ୍ୱରରେ ଭିକାରି ମାନସିକତା ସୃଷ୍ଟି କରାଯିବା ଦିଗରେ ୫୦୦ ଗ୍ରାମ୍ ପଲିଥିନ୍ ଗୋଟାଇବା ଏହି ପଦକ୍ଷେପର ପରିଣାମ ହୋଇପାରେ। ତେଣୁ ଭିକାରି ସୃଷ୍ଟି କରିବା ପରିବର୍ତ୍ତେ ଥରେ ବ୍ୟବହୃତ ହୋଇପାରୁଥିବା ପଲିଥିନ୍ ବ୍ୟାଗ୍‌ର ରାଜ୍ୟକୁ ଆମଦାନୀ ବନ୍ଦ କରାଯିବା ଅତ୍ୟନ୍ତ ଆବଶ୍ୟକ ହୋଇପଡ଼ିଲାଣି। ପ୍ରତ୍ୟେକ ଦିନ ଅନେକ ହଜାର ଗଛ କାଟୁଥିବା ବିଏମ୍‌ସି ଭଲ ଭାବେ ଜାଣିଛି ଯେ ମୂଳରୁ କାଟିଲେ ଯିବ ସରି। ସେଥିପାଇଁ ଜଙ୍ଗଲ ଧ୍ୱଂସ କଲା ଭଳି ପ୍ଲାଷ୍ଟିକ୍ ଧ୍ୱଂସ କରିବାକୁ ହେଲେ ମୂଳରୁ ମାରିବାକୁ ପଡ଼ିବ।

ଏଥିସହିତ ସରକାର ନିଜ କାର୍ଯ୍ୟରେ ମଧ୍ୟ ଉଦାହରଣ ସୃଷ୍ଟି କରିବା ଆବଶ୍ୟକ। ଏଠାରେ ଓମ୍‌ଫେଡ୍‌ର ଦୃଷ୍ଟାନ୍ତ ଦିଆଯାଇପାରିବ। ରାଜ୍ୟ ସରକାରଙ୍କ ଏକ ସଫଳ ଉଦ୍ୟୋଗ ଭାବେ ଏହି ସଂସ୍ଥା ପରିଚିତ। ଅନେକ ଦୁଗ୍ଧ ଚାଷୀଙ୍କ ସକାଶେ ଏହା ସଫଳତା ଆଣିଦେଇଛି। କିନ୍ତୁ ଅନ୍ତିମ ପାଦରେ ସେହି ସଂସ୍ଥା ତରଫରୁ ଗ୍ରାହକଙ୍କୁ ପ୍ଲାଷ୍ଟିକ୍ ପାଉଚ୍ ମାଧ୍ୟମରେ ଦୁଗ୍ଧ ଓ ଦହି ଯୋଗାଇ ଦିଆଯାଉଛି। ସେଭଳି କ୍ଷେତ୍ରରେ ବିକଳ୍ପ ଭାବେ ଅପରେଶନ ଫ୍ଲଡ୍‌ର ଦୃଷ୍ଟାନ୍ତକୁ ଆପଣାଯାଇପାରେ।

ଦେଖିବାକୁ ଗଲେ ଭାରତୀୟମାନେ ଜୀବନର ପ୍ରତି ପଦକ୍ଷେପରେ ପଚାରୁଛନ୍ତି– 'ଏହା କଲେ ଆମକୁ କ'ଣ ଲାଭ ମିଳିବ'। ଏପରି କି ନିଜ ଜୀବନ ଓ ପରିବେଶକୁ ସୁରକ୍ଷିତ ରଖିବା ଲାଗି ବାଟ ଦେଖାଇ ଦିଆଗଲେ ମଧ୍ୟ ତାଙ୍କ ପାଇଁ ଅନ୍ୟ କେହି କରିଦେଉ ବୋଲି ଆଶା ରଖୁଛନ୍ତି। ଅଧିକାର ବିଷୟରେ ସର୍ବଦା ଯୁକ୍ତି ବାଢ଼ୁଥିବା ଲୋକ ନିଜର କର୍ତ୍ତବ୍ୟକୁ ଭୁଲି ଯାଉଛନ୍ତି। ଏବେ ବିଏମ୍‌ସି ପ୍ଲାଷ୍ଟିକ୍ ବର୍ଜ୍ୟ ସଂଗ୍ରହ ସହ ପରିବେଶକୁ ସ୍ୱଚ୍ଛ ରଖିବା ଉଦ୍ଦେଶ୍ୟରେ ଯେଉଁ ଅଭିନବ ପ୍ରୟାସ ନେଇ ଖାଦ୍ୟ ଯୋଗାଇ ଦେବାର ବ୍ୟବସ୍ଥା କରିଛି, ତାହାର ହିତାଧିକାରୀ ସାଧାରଣତଃ ଜରିଗୋଟାଳି ଓ ଗରିବ ଶ୍ରେଣୀର ଲୋକ ହୋଇପାରିବେ। ସମସ୍ତେ ଦେଖିଥିବେ ସହରାଞ୍ଚଳର ବସ୍ତି ଅଞ୍ଚଳରେ ଅଧିକ ପ୍ଲାଷ୍ଟିକ୍ ଜିନିଷ ବିକ୍ଷିପ୍ତ ଭାବେ ପଡ଼ି ରହିଥାଏ। ଯେତେବେଳେ ଅଳିଆ ଗୋଟାଳିଙ୍କୁ ଖାଇବାର ସୁଯୋଗ ମିଳିଯିବ, ସେତେବେଳେ ସେମାନେ ତତ୍ପର ହୋଇ ଉଠିପାରନ୍ତି। ଅନ୍ୟପକ୍ଷରେ ସହରରେ ବାସ କରୁଥିବା ଶିକ୍ଷିତ ବ୍ୟକ୍ତିଙ୍କ କଥା ଦେଖିଲେ ତାଜୁବ ହେବାକୁ ପଡୁଛି। ପଲିଥିନ୍ ନେଇ ସରକାରୀ କଟକଣା କରାଯାଇଥିଲେ ମଧ୍ୟ ହାତରେ ଖଣ୍ଡେ ବ୍ୟାଗ୍ ଧରି ବଜାର ଯିବାକୁ ଅନେକେ ନାପସନ୍ଦ କରୁଛନ୍ତି। ଫଳରେ ଜିନିଷ ଆଣିବା ବେଳେ ଦୋକାନୀଙ୍କୁ ତାହା ମାଗୁଛନ୍ତି। ସଚେତନ ନାଗରିକଙ୍କ ମାନସିକତା ଯେତେବେଳେ ଏଭଳି ରହୁଛି, ସେତେବେଳେ ପରିବର୍ତ୍ତନ ଆସିବା କଷ୍ଟକର ହୋଇପଡ଼ିବ। ଏଥିରୁ ବୁଝିବାକୁ ହେବ ଯେ ଲୋକେ ନିଜର ମଙ୍ଗଳ ପାଇଁ ମଧ୍ୟ କିଛି ଛାଡ଼ିବାକୁ ଚାହୁଁ ନାହାନ୍ତି।

## ଚିରନ୍ତନୀ

ସେହି ସେ ଆଘାତ ତତାଇ ଦିଅଇ ଲହୁ,
'ଏକ' ଯେଉଁଠାରେ ମିଳାଇ ହୋଇଛି 'ବହୁ'।
ଚାଲିଅଛି ବେଗେ ନ ମାନି ଆଘାତ ବାଣ
ଦୁନିଆ ଭିତରେ ତୁମେଟି ଚାଲିବା ଜାଣ।

(ତୁମେଟି ଚାଲିବା ଜାଣ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su | do | ku — ସୁ–ଡୋ–କୁ

Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | 5 | | | 1 | | | | | | | | | |
| C | 0 | | 5 | | 2 | 8 | 1 | 3 | | E | | | | 4 |
| | | | | | | | A | 0 | | 2 | | 6 | | |
| | | A | E | | 7 | | | 6 | 8 | | 9 | | | |
| | | 9 | | | A | | 4 | 7 | | | | 3 | | |
| 6 | | 7 | | B | 8 | D | | | E | C | | | | |
| | | | | | | 4 | | | 2 | | 3 | | | |
| | | | | 7 | E | | 6 | | 1 | | | | | 5 |
| | | B | | | | | | 9 | | | D | | 6 | C |
| E | | 0 | | | 4 | | | | 6 | A | | D | 1 | |
| | | | 4 | | | B | 8 | 2 | 9 | | 6 | 5 | | D |
| 9 | 2 | | | | D | | C | 4 | | | | | A | |
| | 7 | 1 | | A | | | 9 | D | | 8 | C | | | |
| | B | E | | | | | | | | 7 | | | | 0 |
| 4 | | | 1 | C | 6 | | 3 | | | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 5 | B | 1 | A | 7 | D | C | 2 | 8 | E | 6 | 0 | 4 | 9 | 3 |
| C | 0 | A | 2 | 6 | E | 5 | 1 | 7 | 4 | 3 | 9 | B | 8 | D |
| 4 | 8 | D | 3 | 9 | 1 | B | 6 | E | 5 | C | 7 | 0 | 2 | A |
| 7 | 6 | 9 | 8 | 0 | B | 3 | D | 4 | 2 | A | 1 | 5 | C | E |
| E | 3 | 2 | C | 4 | 5 | 9 | A | 0 | 8 | D | B | 7 | 6 | 1 |
| 2 | 4 | E | 1 | C | 8 | 6 | B | 5 | 3 | 9 | A | D | 7 | 0 |
| B | A | 7 | 9 | 3 | 0 | D | 8 | 2 | C | 1 | 5 | 6 | E | 4 |
| 8 | C | 5 | 7 | 2 | 4 | 0 | E | A | 6 | B | D | 3 | 1 | 9 |
| 0 | D | 3 | B | E | 6 | 1 | 4 | 9 | 7 | 8 | 2 | A | 5 | C |
| 9 | 1 | 6 | 5 | D | A | 7 | 3 | C | 0 | 4 | E | 2 | B | 8 |
| 3 | 5 | 0 | 6 | 8 | 7 | 4 | 9 | B | A | E | C | 1 | D | 2 |
| 6 | E | B | 4 | A | 2 | 8 | C | D | 1 | 7 | 3 | 9 | 0 | 5 |
| A | 7 | 8 | D | B | C | 2 | 5 | 1 | 9 | 0 | 4 | E | 3 | 6 |
| 1 | 9 | 4 | 0 | 5 | 3 | E | 7 | 6 | D | 2 | 8 | C | A | B |
| D | 2 | C | E | 1 | 9 | A | 0 | 3 | B | 5 | 6 | 8 | 4 | 7 |

ଗତକାଲିର ଉତ୍ତର

# ସାର୍ବଜନିକ ଭାଷା ସଂସ୍କୃତ



ବୈକୁଣ୍ଠନାଥ ମିଶ୍ର

ଅଧୁନା ଭାରତର ଶିକ୍ଷା କ୍ଷେତ୍ରରେ ଧାର୍ମିକ ଅସଙ୍ଗତି ଭୀଷଣ ଭାବେ ପରିଲକ୍ଷିତ ହେଉଛି। ଏହା ଧାର୍ମିକ ସହାବସ୍ଥାନ ପାଇଁ ଏକ ଆହ୍ୱାନ। ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟରେ ଡ. ଫିରୋଜ ଖାନ୍‌ଙ୍କ ସଂସ୍କୃତ ଅଧ୍ୟାପକ ରୂପେ ନିଯୁକ୍ତିକୁ କେନ୍ଦ୍ରକରି ଶିକ୍ଷା କ୍ଷେତ୍ରରେ ଏକ ଝଡ଼ ସୃଷ୍ଟି ହୋଇଛି। ବିଶ୍ୱବିଦ୍ୟାଳୟର ଏକ ଛାତ୍ରଗୋଷ୍ଠୀ ଆନ୍ଦୋଳନ କରି ଶିକ୍ଷାକ୍ଷେତ୍ରରେ ଅଚଳାବସ୍ଥା ସୃଷ୍ଟି କରିଛନ୍ତି। ଏହି ଛାତ୍ରଗୋଷ୍ଠୀର ଅଭିଯୋଗ ହେଲା ସଂସ୍କୃତ ଶିକ୍ଷା ଲାଭ କରିବା ଓ ଶିକ୍ଷାଦାନ କରିବା ହିନ୍ଦୁମାନଙ୍କର ଏକାନ୍ତ ଅଧିକାର। ଏଥିରେ ମୁସଲମାନ ଓ ଅନ୍ୟ ଅଣହିନ୍ଦୁଙ୍କର ଯୋଗଦାନ ଗ୍ରହଣୀୟ ନୁହେଁ। ସେମାନଙ୍କର ଯୁକ୍ତି ହେଲା ସଂସ୍କୃତରେ ହିନ୍ଦୁ ଦେବଦେବୀଙ୍କ ଉପରେ ଅନେକ ବିଷୟ ରହିଛି, ଯାହା ଅଣହିନ୍ଦୁଙ୍କର ବିଶ୍ୱାସର ପରିପନ୍ଥୀ। ଏହି ଗ୍ରନ୍ଥଗୁଡ଼ିକୁ ଜଣେ ମୁସଲମାନ ଶିକ୍ଷକ କିପରି ସମୁଚିତ ଭାବେ ଶିକ୍ଷାଦାନ କରିପାରିବେ। ସେଥିରେ ଦିଆଯାଇଥିବା ହିନ୍ଦୁ ବିଶ୍ୱାସ ଓ ପରମ୍ପରାକୁ ସେମାନେ କେତେ ଦକ୍ଷତାର ସହ ପରିଚାଳନା କରିପାରିବେ। ସେହି ଛାତ୍ରଗୋଷ୍ଠୀକୁ ବିରୋଧ କରି ଆଉ ଏକ ଛାତ୍ରଗୋଷ୍ଠୀ ଡ. ଖାନ୍‌ଙ୍କ ସପକ୍ଷରେ ସମାନ୍ତରାଳ ଆନ୍ଦୋଳନ ଚଳାଇଥିବାର ଜଣାଯାଏ। ସେମାନଙ୍କ ଯୁକ୍ତି ହେଲା ଶିକ୍ଷା ସାର୍ବଜନୀନ ଏବଂ ଏଥିରେ ଧର୍ମ ଓ ସମ୍ପ୍ରଦାୟର ଭେଦଭାବ ନ ରହିବା ଉଚିତ। ଯଦି ଜଣେ ଉଚ୍ଚତର ଜ୍ଞାନ ବଳରେ ସଂସ୍କୃତ ଶାସ୍ତ୍ରକୁ ଉତ୍ତମ ଉପସ୍ଥାପନା ମାଧ୍ୟମରେ ବୋଧଗମ୍ୟ କରାଇପାରିଲେ ତେବେ ଅସୁବିଧା କେଉଁଠି?

ଏଠାରେ ସ୍ମରଣ କରାଯାଇପାରେ ଯେ ଭାରତ ଦୀର୍ଘଦିନ ଧରି ମୁସଲମାନ ଶାସନାଧୀନ ଥିଲା। ସେହି ଶାସକମାନଙ୍କ ମଧ୍ୟରୁ ଅନେକଙ୍କ ରାଜସଭାରେ ପାର୍ସୀ ଓ ଉର୍ଦ୍ଦୁ ପଣ୍ଡିତଙ୍କ ମଧ୍ୟରେ ହିନ୍ଦୁ ପଣ୍ଡିତମାନଙ୍କୁ ମଧ୍ୟ ସମାଦର କରାଯାଉଥିଲା। ମୋଗଲ ସମ୍ରାଟ ଆକବରଙ୍କ ରାଜସଭାରେ ବିଜ୍ଞ ହିନ୍ଦୁ ପଣ୍ଡିତ ଓ ବିଦୁଷକଙ୍କୁ ନିଯୁକ୍ତ କରାଯାଇଥିଲା। ସେମାନଙ୍କ ପରାମର୍ଶକ୍ରମେ ସର୍ବଧର୍ମ ସମନ୍ୱୟରେ ସମ୍ରାଟ ଆକବର ଦୀନ–ଇ–ଲାହୀ ନାମକ ଏକ ନୂତନ ଧର୍ମ ପ୍ରଚାର କରିଥିଲେ। ସେହିପରି ସମ୍ରାଟ ଶାହାଜାହାନଙ୍କ ଜ୍ୟେଷ୍ଠପୁତ୍ର ଦାରାସିକୋ କଶ୍ମୀର ଉପତ୍ୟକାରେ ବହୁ ସଂସ୍କୃତ ଓ ଉର୍ଦ୍ଦୁ ପଣ୍ଡିତଙ୍କ ଗହଣରେ ଉପନିଷଦକୁ ପାର୍ସୀ ଭାଷାରେ ଅନୁବାଦ କରିଥିଲେ। ଆଜି ମଧ୍ୟ ବହୁ ମୁସଲମାନ ବିଜ୍ଞ ବ୍ୟକ୍ତି ଅଛନ୍ତି, ଯେଉଁମାନେ ରାମାୟଣ, ମହାଭାରତ ଓ ଭାଗବତ ଆଲୋଚନା କରି ସାରଗର୍ଭକ ପ୍ରବଚନ ଦେଇଥାନ୍ତି। ଆମ ଗ୍ରାମ ନିକଟରେ ଥିବା ଏକ ମୁସଲମାନ ବସ୍ତିର ଶେକ୍ ଆବିରୁଦ୍ଦିନ ନାମକ ଜଣେ ଜ୍ଞାନୀ, ଗୁଣୀ ବ୍ୟକ୍ତି ଯେତେବେଳେ ରାମାୟଣ, ମହାଭାରତକୁ ଆଲୋଚନା, ପର୍ଯ୍ୟାଲୋଚନା ଓ ସମୀକ୍ଷା କରି ସାରଗର୍ଭକ ଭାଷଣ ଦିଅନ୍ତି, ତାହା କୌଣସି ହିନ୍ଦୁ ପଣ୍ଡିତଙ୍କ ଯେ ସମକକ୍ଷ ଏହା ଅନସ୍ୱୀକାର୍ଯ୍ୟ। ପୂର୍ବତନ ମନ୍ତ୍ରୀ ଶେକ୍ ମତଲୁବ ଅଲ୍ଲୀଙ୍କର ଏପରି ଜ୍ଞାନ ତ ସର୍ବଜନବିଦିତ।

ଖ୍ରୀଷ୍ଟିଆନ ସୋସାଇଟିରେ ମଧ୍ୟ ସଂସ୍କୃତର ଆଦର କୌଣସି ଗୁଣରେ କମ୍ ନୁହେଁ। ଡ. ଶ୍ରୀରାମଚନ୍ଦ୍ର ଦାଶ ବର୍ଲିନରେ ଡକ୍ଟରେଟ କରୁଥିବା ସମୟରେ ତାଙ୍କୁ କୁହାଗଲା ଯେ ପୃଥିବୀର ଏକ ଶାସ୍ତ୍ରୀୟ ଭାଷାରେ ତାଙ୍କର ଦକ୍ଷତା ଥିବା ଆବଶ୍ୟକ। ସେ ସଂସ୍କୃତରେ ଥିବା ତାଙ୍କ ଦକ୍ଷତାର ପ୍ରମାଣପତ୍ର ଦାଖଲ କଲେ ଏବଂ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଦ୍ୱାରା ସଂସ୍କୃତ ଏକ ଶାସ୍ତ୍ରୀୟ ଭାଷା ରୂପେ ଗୃହୀତ ହୋଇଥିଲା। ସମ୍ପ୍ରତି ଏସିଆଟିକ ସୋସାଇଟିର ପ୍ରତିଷ୍ଠାତା ଉଇଲିୟମ ଜୋନସ ମତବ୍ୟକ୍ତ କରନ୍ତି ଯେ, ସଂସ୍କୃତ ଗ୍ରୀକ ଓ ଲାଟିନ୍‌ଠାରୁ ଅଧିକ ବହୁଳ ପ୍ରସାରିତ ଭାଷା। ଏହାର ପବିତ୍ର ଦର୍ଶନ ଉପନିଷଦ୍‌ରେ ପ୍ରତିଫଳିତ। ଏହି ଭାଷା ଜାତିଧର୍ମ ନିର୍ବିଶେଷରେ ସମସ୍ତଙ୍କ ହୃଦୟରେ ଏକ ପବିତ୍ର ତଥା ସ୍ୱର୍ଗୀୟ ଭାବନା ସୃଷ୍ଟି କରେ। ତେଣୁ ଏହା କୌଣସି ନିର୍ଦ୍ଦିଷ୍ଟ ଧର୍ମ ବା ସମ୍ପ୍ରଦାୟ ମଧ୍ୟରେ ସୀମିତ ରହିପାରିବ ନାହିଁ। ଆଜି ମଧ୍ୟ ବହୁ ପାଶ୍ଚାତ୍ୟ ବିଶ୍ୱବିଦ୍ୟାଳୟରେ ସଂସ୍କୃତ ଶିକ୍ଷା ପାଠ୍ୟକ୍ରମରେ ସ୍ଥାନ ପାଇଛି। ଏହାର କାରଣ ସର୍ବେଷାଂ ଜନନୀ ସଂସ୍କୃତ। ଏହାକୁ କୌଣସି ନିର୍ଦ୍ଦିଷ୍ଟ ଧର୍ମର ଗଣ୍ଡି ମଧ୍ୟରେ ସୀମାବଦ୍ଧ କରାଯାଇପାରିବ ନାହିଁ। ସବୁ ଧର୍ମର ସଂକୀର୍ଣ୍ଣତାର ଊର୍ଦ୍ଧ୍ୱରେ ସଂସ୍କୃତର ସ୍ଥାନ। ପ୍ରଫେସର ମାକ୍ସ ମୁଲରଙ୍କ ସଂସ୍କୃତ ଭାଷାକୁ ବ୍ୟାପକତା ପ୍ରଦାନ କରିବାର ଅବଦାନ ଚିରସ୍ମରଣୀୟ।

ପଣ୍ଡିତ ମଦନ ମୋହନ ମାଳବ୍ୟ ଯେତେବେଳେ ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟର ଭିତ୍ତି ସ୍ଥାପନ କଲେ ସେତେବେଳେ ସେ ଆଶା କରିଥିଲେ ଯେ, ଉକ୍ତ ବିଶ୍ୱବିଦ୍ୟାଳୟ ଜାତିଧର୍ମର ସଂକୀର୍ଣ୍ଣତାର ଊର୍ଦ୍ଧ୍ୱରେ ରହି ପ୍ରାଚୀନ ନାଳନ୍ଦା ବିଶ୍ୱବିଦ୍ୟାଳୟର ଅନୁରୂପ ହୋଇ ଏକ ସମୟରେ ବିଜ୍ଞାନ ଓ ବୈଷୟିକ ଶିକ୍ଷାର କେନ୍ଦ୍ରବିନ୍ଦୁ ପାଲଟିବ। ତାଙ୍କ ମତରେ ଏ ପବିତ୍ର କାଶୀକ୍ଷେତ୍ର ଭଗବାନ ଶିବଙ୍କର ସ୍ଥାନ। ଭଗବାନ ଶିବ କେବେହେଲେ ସୁର ଓ ଅସୁର ମଧ୍ୟରେ ପ୍ରଭେଦ ନ ରଖି ସମସ୍ତଙ୍କ ପ୍ରାର୍ଥନା ଓ ତପସ୍ୟା ଗ୍ରହଣ କରି ସେମାନଙ୍କୁ ଇପ୍‌ସିତ ବର ପ୍ରଦାନ କରିଛନ୍ତି। ମାଲବ୍ୟଜୀଙ୍କ ଉଦ୍ଦେଶ୍ୟ ଥିଲା ଏ ଅନୁଷ୍ଠାନ କୌଣସି ଜାତିଧର୍ମ ମଧ୍ୟରେ ସୀମିତ ନ ରହି ଉଚ୍ଚତର ଶିକ୍ଷାଦାନର ଅଭୀପ୍‌ସା ପୋଷଣ କରିବ। ସଂସ୍କୃତ ଭାଷା ଜାତିଧର୍ମ ନିର୍ବିଶେଷରେ ଗ୍ରହଣୀୟ ହୋଇପାରିଲେ ଦେଶରେ ଏକ ଅପୂର୍ବ ଭାଇଚାରା ସୃଷ୍ଟି ହେବ। ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ଡ. କରଣ ସିଂ ମତ ଦିଅନ୍ତି ଯେ, ଡ. ଫିରୋଜ ଖାନ୍ ଜଣେ ଯୋଗ୍ୟ ବ୍ୟକ୍ତି। ତାଙ୍କର ଉକ୍ତ ଅନୁଷ୍ଠାନରେ ଯୋଗଦାନ ଶିକ୍ଷା ଦୃଷ୍ଟିରୁ ତ ଅତ୍ୟନ୍ତ ଗ୍ରାହ୍ୟ। ଅଧିକନ୍ତୁ ଭାରତର ଧର୍ମନିରପେକ୍ଷତା ପ୍ରତି ଏକ ବିରାଟ ସମର୍ଥନ। ଭିନ୍ନତା ମଧ୍ୟରେ ଏକତା ହିଁ ଭାରତର ବୈଶିଷ୍ଟ୍ୟ। ଏହି ଉକ୍ତିର ଯଥାର୍ଥତା ଅଧିକ ତ୍ୱରାନ୍ୱିତ ହେବ।

ବାସ୍ତବତା ଦୃଷ୍ଟିରୁ ହିନ୍ଦୁ ଓ ମୁସଲମାନଙ୍କର ସଂସ୍କୃତ ଓ ଉର୍ଦ୍ଦୁ ଶିକ୍ଷା କରିବା ଏକ ସାଧାରଣ ଘଟଣା। ଓଡ଼ିଶାର ଦେବଗଡ଼ ଜିଲାରେ ଏକ ପ୍ରତିଷ୍ଠିତ ମାଧ୍ୟମିକ ବିଦ୍ୟାଳୟରେ ଜଣେ ମୁସଲମାନ ଶିକ୍ଷୟିତ୍ରୀ ଆଜକୁ ୨୭ ବର୍ଷ ହେଲା ନିରବଚ୍ଛିନ୍ନ ଭାବେ ସଂସ୍କୃତ ଶିକ୍ଷାଦାନ କରିଆସୁଛନ୍ତି। ତାଙ୍କ ଶିକ୍ଷା ପଦ୍ଧତି ଅତି ଉଚ୍ଚକୋଟୀର ଏବଂ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ, ଶିକ୍ଷକ ଓ ଅଭିଭାବକ ମହଲରେ ତାଙ୍କ ଲୋକପ୍ରିୟତା ଅନ୍ୟ ହିନ୍ଦୁ ଶିକ୍ଷକଙ୍କ ତୁଳନାରେ ଯଥେଷ୍ଟ ଅଧିକ। ଉତ୍ତରପ୍ରଦେଶ ରାଜଧାନୀ ଲକ୍ଷ୍ନୌ ସହରର ଅନତିଦୂରରେ ଅଛି ଏକ ଉର୍ଦ୍ଦୁ ବିଦ୍ୟାଳୟ, ଯାହାର ଶତକଡା ୭୫ ଭାଗ ଛାତ୍ରୀଛାତ୍ର ହିନ୍ଦୁ। ସେମାନଙ୍କ ମଧ୍ୟରେ ଅଛନ୍ତି ୧୦ ଜଣ ବାଳିକା। ରାଜସ୍ଥାନର ଟୋଙ୍କ ଜିଲାରେ ଏକ ପ୍ରତିଷ୍ଠିତ ମହିଳା ମହାବିଦ୍ୟାଳୟରେ ଛୋଟୁ ମୀନା ନାମକ ଜଣେ ଅଧ୍ୟାପିକା ଦୀର୍ଘଦିନ ଧରି ଉର୍ଦ୍ଦୁ ଭାଷା ଅଧ୍ୟାପନା କରୁଛନ୍ତି। ସେଠାରେ ୧୫ ଜଣ ହିନ୍ଦୁ ଛାତ୍ରୀ ମଧ୍ୟ ଉର୍ଦ୍ଦୁ ପଢୁଛନ୍ତି। ଅନ୍ୟତମ ଅଧ୍ୟାପିକା କୃଷ୍ଣକୁମାରୀ ମୀନା ରାଜସ୍ଥାନର ସେହି ଟୋଙ୍କର ଜିଲାର ଅନ୍ୟ ଏକ ପ୍ରସିଦ୍ଧ ମହାବିଦ୍ୟାଳୟରେ ଉର୍ଦ୍ଦୁ ଭାଷା ଅଧ୍ୟାପନା କରିଆସୁଛନ୍ତି। ସେଠାରେ ଉର୍ଦ୍ଦୁ ପଢୁଥିବା ଛାତ୍ରୀଛାତ୍ରଙ୍କ ମଧ୍ୟରେ ଶତକଡା ୪୦ ଭାଗ ହିନ୍ଦୁ। ରାଜସ୍ଥାନର କୋଟା ଜିଲାର ଏକ ସରକାରୀ ମହାବିଦ୍ୟାଳୟରେ ସୁନୀତା ଚାଓ୍ୱଲା ନାମ୍ନୀ ଜଣେ ୩୮ ବର୍ଷୀୟା ଅଧ୍ୟାପିକା ଦୀର୍ଘଦିନ ଧରି ଉର୍ଦ୍ଦୁ ଭାଷା ଶିକ୍ଷାଦାନ କରି ଆସୁଛନ୍ତି। ରାଜସ୍ଥାନ ବିଶ୍ୱବିଦ୍ୟାଳୟରେ ଆଉ ଜଣେ ଯୁବ ପ୍ରାଧ୍ୟାପକ ହେଉଛନ୍ତି ୩୨ ବର୍ଷୀୟ ମୁକେଶ କୁମାର। ସେ ଜଣେ ହିନ୍ଦୁ ଯୁବକ ହୋଇ ମଧ୍ୟ ଉର୍ଦ୍ଦୁ ଅଧ୍ୟାପନା କରୁଛନ୍ତି। ସେହି ରାଜସ୍ଥାନର ଜୟପୁର ସହର ଉପକଣ୍ଠରେ ଅଛି ଠାକୁର ହରିସିଂ ଶେଖାଓ୍ୱତ୍ ପ୍ରବେଶିକା ସଂସ୍କୃତ ବିଦ୍ୟାଳୟ। ଏହି ବିଦ୍ୟାଳୟରେ ଅଧ୍ୟୟନ କରୁଥିବା ୨୭୭ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ଶତକଡା ପ୍ରାୟ ୮୦ ଭାଗ ଅର୍ଥାତ୍ ୨୨୨ ଜଣ ହେଉଛନ୍ତି ମୁସଲମାନ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବେଦନିଧି ଶର୍ମା କହନ୍ତି, ଏହି ଛାତ୍ରୀଛାତ୍ରମାନେ ସଂସ୍କୃତ, ହିନ୍ଦୀ, ପାର୍ସୀ ଓ ଉର୍ଦ୍ଦୁ ଭାଷା ଭଲ ଭାବରେ ଜାଣନ୍ତି। ସେମାନେ ସଂସ୍କୃତରେ ସ୍ୱଚ୍ଛନ୍ଦରେ କଥା ହେବା ସହ ସୁନ୍ଦର ଭାବେ ଶ୍ଳୋକ ଆବୃତ୍ତି କରିପାରନ୍ତି।

ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟରେ ସଂସ୍କୃତ ଅଧ୍ୟାପକ ଭାବେ ଯୋଗଦେଇଥିବା ଡ. ଫିରୋଜ ଖାନ୍ ଏପରି ଏକ ପରିବାରରୁ ଆସିଛନ୍ତି, ଯେଉଁ ପରିବାରରେ ସଂସ୍କୃତ ଶିକ୍ଷା ଓ ଭାଷାକୁ ଉର୍ଦ୍ଦୁ ସହ ସମାନ ଗୁରୁତ୍ୱ ଦିଆଯାଏ। ତାଙ୍କ ପିତା ଗ୍ରାମ ମନ୍ଦିରରେ ସଂସ୍କୃତ ସ୍ତୋତ୍ର ଓ ହିନ୍ଦୀ ଭଜନ ବଂଶାନୁକ୍ରମିକ ଭାବେ ପରିବେଷଣ କରିଆସୁଛନ୍ତି। ତାଙ୍କର ଅନ୍ୟ ଜଣେ ଭ୍ରାତା କଶ୍ମୀର ବିଶ୍ୱବିଦ୍ୟାଳୟରେ ସଂସ୍କୃତ ଅଧ୍ୟାପକ ରୂପେ କାର୍ଯ୍ୟରତ। ସଂସ୍କୃତ ଭଳି ଏକ ପ୍ରାଚୀନ ତଥା ସର୍ବଜନଗୃହୀତ ଭାଷାକୁ କୌଣସି ଧର୍ମ ବା ସମ୍ପ୍ରଦାୟ ମଧ୍ୟରେ ସୀମିତ ରଖିବାର ପ୍ରୟାସ କରା ନ ଯାଉ। ସଂସ୍କୃତ କେବଳ ଭାରତୀୟ ଭାଷାମାନଙ୍କର ଜନନୀ ନୁହେଁ, ବରଂ ଏହା ସମସ୍ତ ଶାସ୍ତ୍ରୀୟ ଭାଷା ମଧ୍ୟରେ ସର୍ବଶ୍ରେଷ୍ଠ। ଏହା ଭାରତରେ ଲୋକଭାଷାର ମାନ୍ୟତା ଲାଭ କରିଛି। ଓଡ଼ିଶା ଲୋକ ଭାଷା ପ୍ରଚାର ସମିତି ପକ୍ଷରୁ ଏକ ଲୋକପ୍ରିୟ ସ୍ଲୋଗାନ ଦିଆଯାଉଛି। ତାହା ହେଲା– 'ପଠତୁ ସଂସ୍କୃତମ୍, ବଦତୁ ସଂସ୍କୃତମ୍ ଗୃହେ ଗୃହେ ଚ ପୁନରପି।' ସଂସ୍କୃତ ଆଦୌ ଏକ ମୃତ ଭାଷା ନୁହେଁ। ଏହାର କ୍ରମବର୍ଦ୍ଧମାନ ବ୍ୟାପ୍ତି ଓ ଗ୍ରହଣୀୟତା ଏହାକୁ ଦିନେ ସର୍ବଶ୍ରେଷ୍ଠ ଭାଷାର ମର୍ଯ୍ୟାଦା ଦେବ– ଏହା ନିଃସନ୍ଦେହ। କୌଣସି ଭାଷାକୁ ଧର୍ମ ସହ ସଂଯୋଗ କରା ନ ଯାଇ ଜାତି, ଧର୍ମ, ଲିଙ୍ଗ ନିର୍ବିଶେଷରେ କଥନ, ଅଧ୍ୟୟନ ଓ ଅଧ୍ୟାପନା ମାଧ୍ୟମରେ ଏହାର ଉତ୍କର୍ଷ ପ୍ରତିପାଦନ କରାଯାଇପାରେ।

ସିଦ୍ଧଳ, ଜଗତ୍‌ସିଂହପୁର,
ମୋ–୯୯୩୭୪୫୦୫୪୦

# ପୀରାହାଟ ଓ ପଞ୍ଚୁଟିକ୍ରିରେ ଗାନ୍ଧୀ



ଶ୍ରୀମନ୍ତ ଖୁଣ୍ଟିଆ

ମହାତ୍ମା ଗାନ୍ଧୀ ଓଡ଼ିଶାକୁ ୮ ଥର ଆସିଛନ୍ତି। ସେଥିମଧ୍ୟରୁ ଭଦ୍ରକ ଜିଲାକୁ ୩ ଥର ଆସିଛନ୍ତି। ତନ୍ମଧ୍ୟରୁ ହରିଜନ ପଦଯାତ୍ରା ଓ ଖଦିର ପ୍ରଚାର ପ୍ରସାର ପାଇଁ ଆସିଥିବା ଖବର ରହିଛି। ସେ ଯେତେବେଳେ ଦକ୍ଷିଣ ଆଫ୍ରିକାରୁ ଆସି ଭାରତରେ ପଦାର୍ପଣ କଲେ ଓଡ଼ିଶାର ଦୁର୍ଭିକ୍ଷ ବିଷୟରେ ଶୁଣିଥିଲେ। ଉକ୍ତ ଦୁର୍ଭିକ୍ଷ ପରବର୍ତ୍ତୀ ପରିସ୍ଥିତିକୁ ସାମ୍ନା କରିବା ପାଇଁ ଠକ୍କର ବାପାଙ୍କ ନେତୃତ୍ୱରେ ସେ ଏକ ପାଣ୍ଠି ଗଠନ କରିଥିଲେ। ଉକ୍ତ ପାଣ୍ଠି ମାଧ୍ୟମରେ ଭାରତବାସୀଙ୍କ ସହ ଓଡ଼ିଶାବାସୀଙ୍କ ସେବା କରିପାରିଲେ ସେ ଆତ୍ମସନ୍ତୋଷ ଲାଭ କରିପାରିବେ ବୋଲି କହୁଥିଲେ। ସେ କହୁଥିଲେ, ଓଡ଼ିଶା ମୋ ପ୍ରିୟ ଭୂମି। ଏଭଳି ଏକ ଗୌରବୋଜ୍ଜ୍ୱଳ ବୀରତ୍ୱପୂର୍ଣ୍ଣ ରାଜ୍ୟ ତଥାପି ଦାରିଦ୍ର୍ୟରେ ଉତ୍ପୀଡ଼ିତ। ଏହାର କର୍ମୀମାନେ ସର୍ବୋତ୍ତମ କର୍ମଠ ଅଥଚ ଅସହାୟ। ଓଡ଼ିଶାର ଏ ଦୁଃଖ ସମୟରେ ସମଭାଗୀ ହେବା ପାଇଁ ସେ ଦେଶବାସୀଙ୍କୁ ଆହ୍ୱାନ କରିଥିଲେ। ସେ କହିଥିଲେ କର୍ମୀମାନେ ଓଡ଼ିଶାର ଗାଁ ଗହଳିରେ ପଶି ଦେଖନ୍ତୁ, ସେଥିରୁ ବୁଝିପାରିବେ ଭାରତର ଅବସ୍ଥା କ'ଣ? ଯଦି ଲୋକେ ଖାଇବାକୁ ପାଇବେ ନାହିଁ, ତେବେ ସ୍ୱରାଜର ଅର୍ଥ କ'ଣ? ୧୯୨୭ ଡିସେମ୍ବର ୧୬ ତାରିଖର ଶୀତୁଆ ସକାଳ, ଡ. ହରେକୃଷ୍ଣ ମହତାବଙ୍କୁ ସାଙ୍ଗରେ ଧରି ପୂର୍ବ ନିର୍ଦ୍ଧାରିତ ସମୟରେ ଗାନ୍ଧୀ



ଭଦ୍ରକରୁ ୩୦ କି.ମି. ଦୂର ଚାନ୍ଦବାଲି ରାସ୍ତାର ପୀରାହାଟଠାରେ ପହଞ୍ଚିଥିଲେ। ଦୁର୍ଭିକ୍ଷ, ବନ୍ୟା, ବାତ୍ୟାର କ୍ଷତିଗ୍ରସ୍ତ ଜନସାଧାରଣଙ୍କ ରିଲିଫ କାର୍ଯ୍ୟର ତଦାରଖ, ଖଦିର ପ୍ରଚାର ପ୍ରସାର, କନିକା ପ୍ରଜାମେଳିର ଉତ୍ପୀଡ଼ିତ ଜନତାଙ୍କୁ ସାକ୍ଷାତ କରିବା ସହିତ ଚାନ୍ଦବାଲି ବ୍ଲକ୍‌ର ପଞ୍ଚୁଟିକ୍ରି ଓ ବାଲିଆପାଳ ପର୍ଯ୍ୟନ୍ତ ମନ୍ତେଇ ନଦୀରେ ମୋଟର ଲଞ୍ଚ ମାଧ୍ୟମରେ ଯାତ୍ରା କରିଥିଲେ ଏବଂ ସେଠାରୁ ଫେରି ଚାରବାଟିଆଠାରେ ରାତ୍ରିଯାପନ କରିଥିଲେ। ସେଠାରୁ ଫେରି କଟକ ଚାଲିଯାଇଥିଲେ। ଗାନ୍ଧୀଙ୍କ ଆଗମନ ସମୟରେ ସମସ୍ତ ଜନସାଧାରଣଙ୍କୁ ଅନୁରୋଧ କରି ନିମନ୍ତ୍ରଣପତ୍ର ବଣ୍ଟନ କରାଯାଇଥିଲା ଏବଂ ସମସ୍ତେ ଉକ୍ତ ସଭାକୁ ଖଦିବସ୍ତ୍ର ପିନ୍ଧି ଆସିଥିଲେ। ଏଥିରୁ ଜଣାପଡୁଥିଲା, ଦେଶର କୌଣସି ପ୍ରାନ୍ତରେ କୌଣସି ସମସ୍ୟା ଦେଖାଦେଲେ ସେ କେତେ ଉଦ୍‌ବିଗ୍ନ ହୋଇପଡୁଥିଲେ, ନିଜ ମାଧ୍ୟମରେ ସମସ୍ୟା ସମାଧାନର ପନ୍ଥା ଖୋଜୁଥିଲେ।। ଏଥିରୁ ତାଙ୍କର ପ୍ରତିବଦ୍ଧତା ଜଣାପଡ଼େ। ସେ ସମସ୍ତ ସେବାକାର୍ଯ୍ୟ ନିଜ ତତ୍ତ୍ୱାବଧାନରେ କରୁଥିଲେ। ମଣିଷର ଅସମୟରେ ତା' ଦୁଃଖରେ ସହଭାଗୀ ହେଉଥିଲେ। ଆଜକୁ ୯୨ ବର୍ଷ ବିତିଯାଇଥିଲେ ମଧ୍ୟ ଭଦ୍ରକ ଜିଲାର ପୀରାହାଟର ସେହି ଅପହଞ୍ଚ ଅବହେଳିତ ଇଲାକା ଗାନ୍ଧୀଙ୍କ ସ୍ମୃତିକୁ ଉଜ୍ଜୀବିତ କରିରଖିଛି। ହେଲେ ଗାନ୍ଧୀ ପାଦରେ ଚାଲି ଚାଲି ଯାଇଥିବା ସେ ପଥ ସେହିଭଳି ଅବହେଳିତ ଅବସ୍ଥାରେ ଅଛି। ଗାନ୍ଧୀଙ୍କ ପରିକଳ୍ପିତ ସ୍ୱରାଜ୍ୟ ଓ ରାମରାଜ୍ୟ ଜନସାଧାରଣଙ୍କ ନିକଟରୁ ବହୁଦୂରକୁ ଚାଲିଯାଇଛି।

ମୋ– ୯୪୩୮୧୭୮୨୪୫

## ଏଇ ଭାରତରେ

ଭୋଟ ଅଧିକାର ଉପରେ ସଚେତନତା ଆଣିବାରେ ଛତିଶଗଡ଼ର ଯୁବକ ପ୍ରେମଲାଲ ସାହୁଙ୍କ ପ୍ରୟାସ ପ୍ରଶଂସନୀୟ। ସେ ଠେଲାଗାଡିରେ ବିଭିନ୍ନ ସ୍ୱାସ୍ଥ୍ୟକର ଖାଦ୍ୟ ବିକ୍ରି କରୁଛନ୍ତି। ରାଜ୍ୟରେ ଡିସେମ୍ବର ୨୧ରେ ହେବାକୁ ଥିବା ପୌର ନିର୍ବାଚନରେ ଲୋକମାନେ କେମିତି ଅଧିକ ସଂଖ୍ୟାରେ ଭୋଟ ଦେବେ ସେଥିପାଇଁ ନିଜ ଅଞ୍ଚଳରେ ସେ ଏକ ନିଆରା ଘୋଷଣା କରିଛନ୍ତି। ଭୋଟ ଦେବା ପ୍ରତ୍ୟେକ ନାଗରିକଙ୍କ ଅଧିକାର ଓ କର୍ତ୍ତବ୍ୟ ବୋଲି ସେ ଲୋକଙ୍କୁ ନିବେଦନ କରିଛନ୍ତି। ପୌର ନିର୍ବାଚନରେ ଯିଏ ଭୋଟ ଦେଇ କାଳିଲଗା ଅଙ୍ଗୁଳି ଦେଖାଇବେ ତାଙ୍କୁ ଦୋକାନର ସବୁ ଜିନିଷରେ ୨୫ ପ୍ରତିଶତ ରିହାତି ମିଳିବ ବୋଲି ସେ କହିଛନ୍ତି। ରାୟପୁରରେ ଏନ୍‌ଆଇଟି ସାମ୍ନାରେ ଗଜା ବୁଟ, ମୁଗ ଓ ବିଭିନ୍ନ ଫଳରୁ ପ୍ରସ୍ତୁତ ସାଲାଡ ବିକ୍ରି କରୁଛନ୍ତି। ବେମେତରା ଜିଲା ସଦର ମହକୁମାଠାରୁ ପାଖାପାଖି ୨୫ କିଲୋମିଟର ଦୂର ଶ୍ୟାମପୁରକମ୍ପା ଭଳି ଛୋଟ ଗାଁରେ ତାଙ୍କ ଘର। ସାମ୍ବାଦିକତାରେ ପ୍ରେମଲାଲ୍ ସ୍ନାତକୋତ୍ତର ହାସଲ କରି ଗଣମାଧ୍ୟମରେ କିଛି ଦିନ କାର୍ଯ୍ୟ କରିବା ପରେ ଏବେ ଏହି ବ୍ୟବସାୟ କରୁଛନ୍ତି। ପ୍ରେମଲାଲ୍ ଭାରତୀୟ ସେନାକୁ ନେଇ ଗର୍ବ ଅନୁଭବ କରନ୍ତି। ତାଙ୍କ ଠେଲାଗାଡିରେ ବିକ୍ରି କରୁଥିବା ପ୍ରତିଟି ଜିନିଷ ଯବାନମାନଙ୍କୁ ପୂରା ମାଗଣାରେ ଦେଉଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

**୧୭ ଡିସେମ୍ବର ୧୯୯୪**

- ପ୍ରତାପ ସିଂ ରାଣେ ଗୋଆର ନୂତନ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଲେ।
- ବିଶିଷ୍ଟ ସାହିତ୍ୟିକ ଗୁରୁଚରଣ ପଟ୍ଟନାୟକଙ୍କୁ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର।

## ପାଠକ ଶ୍ରେଷ୍ଠ ବିଚାରକ

### ନିଶା ନିବାରଣ କଡ଼ାକଡ଼ି ହେଉ

ମହାଶୟ,

ଗାନ୍ଧିଜୀଙ୍କ ସ୍ୱପ୍ନ ଥିଲା ନିଶାମୁକ୍ତ ଭାରତ। ଦୀର୍ଘ ଅବଧି ପରେ ବି ତାଙ୍କର ଏ ସ୍ୱପ୍ନ ସାକାର ହୋଇନାହିଁ। ନିଶା ରାକ୍ଷସ କବଳରେ ସମଗ୍ର ଦେଶ ଆଜି କବଳିତ। କେତେ ଯେ ପରିବାର ସୁଖଶାନ୍ତିବିବର୍ଜିତ, ଶ୍ରୀହୀନ। ରାଜ୍ୟରେ ରାହାଜାନି, ନରହତ୍ୟା ଭଳି ଘଟଣା ନିତିଦିନିଆ ହେଲାଣି। ଜନମଙ୍ଗଳକାରୀ ରାଷ୍ଟ୍ରରେ ଦେଶବାସୀଙ୍କ କଲ୍ୟାଣମୂଳକ କାର୍ଯ୍ୟ ସରକାରଙ୍କ ଧ୍ୟେୟ ହେବା ଉଚିତ। କିନ୍ତୁ ଅବକାରୀ ଟିକସ ବୃଦ୍ଧି ଲକ୍ଷ୍ୟରେ ମଦ ବିକ୍ରି ପାଇଁ ପ୍ରୋତ୍ସାହନ ଦେବା କେତେଦୂର ସମୀଚୀନ। କେତୋଟି ରାଜ୍ୟ ସମ୍ପୂର୍ଣ୍ଣ ନିଶାନିବାରଣ ଆଇନ ପ୍ରଣୟନ କରି ରାଜ୍ୟବାସୀଙ୍କ କଲ୍ୟାଣ ପାଇଁ ପଦକ୍ଷେପ ନେବା ସ୍ୱାଗତଯୋଗ୍ୟ । ଆମ ରାଜ୍ୟ ସରକାର ଅନୁରୂପ ପଦକ୍ଷେପ ନେଇ ରାଜ୍ୟବାସୀଙ୍କ ଆସ୍ଥାଭାଜନ ହୁଅନ୍ତୁ।

ଲକ୍ଷ୍ମୀଧର ଦାସ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ, ଓଡଗାଁ

### ଦଣ୍ଡ ପୂର୍ବରୁ କାରଣ ଖୋଜାଯାଉ

ବର୍ତ୍ତମାନ ଗଣଶିକ୍ଷା ବିଭାଗ ପକ୍ଷରୁ ନୈରାଶ୍ୟଜନକ ମାଟ୍ରିକ ପରୀକ୍ଷା ଫଳ ପ୍ରଦର୍ଶନ କରିଥିବା (ଶୂନ କିମ୍ବା ୫୦%ରୁ କମ୍) ବିଦ୍ୟାଳୟଗୁଡିକର ପ୍ରଧାନଶିକ୍ଷକମାନଙ୍କ ବାର୍ଷିକ ବେତନ ବୃଦ୍ଧି ବନ୍ଦ କରିବାକୁ ଜିଲା ଶିକ୍ଷା ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। କିନ୍ତୁ ଏ ଭଳି ପଦକ୍ଷେପ ନେବା ପୂର୍ବରୁ ସରକାର ନିମ୍ନଲିଖିତ ବିଷୟଗୁଡିକ ପ୍ରତି ଦୃଷ୍ଟିଦେବା ଉଚିତ ମନେହୁଏ। ୧–ସମ୍ପୃକ୍ତ ବିଦ୍ୟାଳୟଗୁଡିକରେ ସ୍ଥାୟୀ ପ୍ରଧାନଶିକ୍ଷକ ଅଛନ୍ତି ତ? ୨–ସମ୍ପୃକ୍ତ ବିଦ୍ୟାଳୟଗୁଡିକରେ ଛାତ୍ରୀଛାତ୍ରମାନଙ୍କୁ ଶିକ୍ଷାଦାନ ଦେବା ପାଇଁ ଆବଶ୍ୟକ ସଂଖ୍ୟକ ବିଷୟଭିତ୍ତିକ ଶିକ୍ଷକ ଅଛନ୍ତି ତ? ୩–ରାଜ୍ୟ ସରକାର ପ୍ରଥମରୁ ନବମ ପର୍ଯ୍ୟନ୍ତ ଛାତ୍ରୀଛାତ୍ରଙ୍କୁ ଫେଲ୍ କରାଯିବ ନାହିଁ ବୋଲି ଘୋଷଣା କରିବା ପରେ ପିଲାଙ୍କର ପରୀକ୍ଷା ପାଇଁ ଡର ରହୁନାହିଁ। ଫଳରେ ପୂର୍ବ ଶ୍ରେଣୀଗୁଡିକର ଦୁର୍ବଳ ପିଲାମାନେ ଦଶମ ଶ୍ରେଣୀରେ କୃତକାର୍ଯ୍ୟ ହେବା ପ୍ରାୟ ସମ୍ଭବ ହେଉନାହିଁ। ୪–ସମାନ କାମକୁ ସମାନ ଦରମା ଦେବା ପାଇଁ ସର୍ବୋଚ୍ଚ ନ୍ୟାୟାଳୟଙ୍କ ସ୍ପଷ୍ଟ ନିର୍ଦ୍ଦେଶ ଥିବା ସତ୍ତ୍ୱେ ଗୋଟିଏ ବିଦ୍ୟାଳୟରେ କାମ କରୁଥିବା ସମାନ ଯୋଗ୍ୟତା ଥିବା ଶିକ୍ଷକମାନେ ବିଭିନ୍ନ ହାରରେ (ମାସିକ ୧୮ ହଜାରରୁ ୭୦ ହଜାର) ଦରମା ପାଇବା ନ୍ୟାୟସଙ୍ଗତ କି? ଏହାଦ୍ୱାରା କମ୍ ଦରମା ପାଉଥିବା ଶିକ୍ଷକଙ୍କର ରୁଗ୍ଣ ମାନସିକ ସ୍ଥିତି ଶିକ୍ଷାଦାନ କ୍ଷେତ୍ରରେ ଅନ୍ତରାୟ ସୃଷ୍ଟି କରିବ ନାହିଁ କି? ୫–ଶିକ୍ଷକମାନଙ୍କୁ ସରକାର ଜନଗଣନା, ଭୋଟର ତାଲିକା ସଂଶୋଧନ ଓ ମଧ୍ୟାହ୍ନଭୋଜନ ଆଦି କାର୍ଯ୍ୟରେ ଲଗାଉଥିବାରୁ ପାଠପଢ଼ାରେ ଅବହେଳା ହେଉନାହିଁ କି? ୬–କେବଳ ଗରିବ ଶ୍ରେଣୀର ପିଲାମାନେ ସରକାରୀ ବିଦ୍ୟାଳୟରେ ପଢୁଛନ୍ତି, ଯେଉଁମାନେ ଅଧିକାଂଶ ସମୟ ଗୃହକାର୍ଯ୍ୟରେ ବ୍ୟସ୍ତ ରହୁଛନ୍ତି। ଫଳରେ ସେମାନେ ମାଟ୍ରିକ୍ ପରୀକ୍ଷାରେ ଭଲ କରୁନାହାନ୍ତି। ଏହି ସବୁ ବିଷୟ ପ୍ରତି ଆଖି ବୁଜି ନ ଦେଇ ବିଦ୍ୟାଳୟର ଭିତ୍ତିଭୂମି, ବିଷୟ ଭିତ୍ତିକ ଶିକ୍ଷକ ନିଯୁକ୍ତି, ସ୍ଥାୟୀ ପ୍ରଧାନଶିକ୍ଷକ ପଦ ପୂରଣ, ସମାନ କାମକୁ ସମାନ ଦରମା, ପାସ୍ ଫେଲ୍ ବ୍ୟବସ୍ଥା ଓ ଶିକ୍ଷକମାନଙ୍କୁ ପାଠପଢ଼ା ବ୍ୟତୀତ ଅନ୍ୟ କାମରେ ନ ଲଗାଇ ବିଭାଗୀୟ ଶିକ୍ଷା ଅଧିକାରୀମାନେ ସ୍କୁଲ ପରିଦର୍ଶନ କରି କାର୍ଯ୍ୟରେ ଅବହେଳା କରୁଥିବା ଶିକ୍ଷକମାନଙ୍କୁ ଦଣ୍ଡବିଧାନ କଲେ ସରକାରଙ୍କ ଉଦ୍ୟମ ସଫଳ ହେବ।

ଭଗବାନ ଦାସ, ହରି ନିବାସ, ନାରାୟଣପୁର, କେନ୍ଦ୍ରାପଡ଼ା

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com
:miku11@yahoo.com (Use only for advertisements,commercial queries)

ଅନ୍ୟଦିନ ଅପେକ୍ଷା ଶିତଦିନେ ଥଣ୍ଡା ପାଗ ଯୋଗୁ ବିଭିନ୍ନ ରୋଗର ଆଶଙ୍କା ଅଧିକ ଥାଏ। ତେଣୁ ଏଦିନେ ଶିଶୁର ଯତ୍ନ ପ୍ରତି ବିଶେଷ ଗୁରୁତ୍ୱ ଦେବାକୁ ପଡ଼ିଥାଏ...

# ଶୀତଦିନେ ଶିଶୁର ଯତ୍ନ







ଡା. ସରୋଜିନୀ ଷଡଙ୍ଗୀ

ଯେଉଁ ଶିଶୁ ଜନ୍ମବେଳେ ଠିକ୍ ଓଜନର ହେବା ସହ ଭଲ ଭାବେ କାନ୍ଦିଥାଏ ଆମେ ତାକୁ ସୁସ୍ଥ ଶିଶୁ ବୋଲି କହିଥାଉ। ତଥାପି ଜନ୍ମପରେ ପରେ ଶିଶୁର ଚିକିତ୍ସା ଆବଶ୍ୟକ। ଏହା ମଧ୍ୟ ବାହାର ଉତ୍ତାପ ଉପରେ ନିର୍ଭର କରିଥାଏ। ଗ୍ରୀଷ୍ମ ଓ ଶୀତଋତୁରେ ଶିଶୁର ଚିକିତ୍ସା ଭିନ୍ନ ଭିନ୍ନ ହୋଇଥାଏ। ସାଧାରଣତଃ ଜନ୍ମ ପରେ ଶିଶୁକୁ ଶୁଖିଲା ଓ ପତଳା କନାରେ ପୋଛିଦେଇ ସମ୍ପୂର୍ଣ୍ଣ ଭାବେ ଘୋଡ଼ାଇଦେବା ଉଚିତ। ବିଶେଷକରି ଶୀତଦିନେ ବାହାର ତାପମାତ୍ରା କମ୍ ଥିବାରୁ ଶିଶୁକୁ ଘୋଡ଼ାଇଦେଇ ବେବି ୱାର୍ମରରେ ଶୁଆଇ ଦିଆଯାଏ। ମା' ଗର୍ଭରେ ଥିବାବେଳେ ସେ ଯେତିକି ଉଷ୍ମ ରହୁଥିଲା ବେବି ୱାର୍ମରରେ ମଧ୍ୟ ସେତିକି ଉତ୍ତାପ ରହିବା ଆବଶ୍ୟକ। ଦ୍ୱିତୀୟ କଥା ହେଉଛି ଶ୍ୱାସକ୍ରିୟା ଠିକ୍ ହେଉଛି ନା ନାହିଁ ଦୃଷ୍ଟି ଦେବା ଦରକାର।

ଏହା ପରର ମୁଖ୍ୟ ଜିନିଷ ହେଉଛି ଶିଶୁର ଖାଦ୍ୟ। ଜନ୍ମହେବା ମାତ୍ରେ ଶିଶୁକୁ ମା' କ୍ଷୀର ଖୁଆଇବା ଆବଶ୍ୟକ। ସେ ସମୟରେ ମା' ତାକୁ ଭଲଭାବେ କୋଳେଇ ନେବା ଦ୍ୱାରା ମା'ର ହାତ ଓ ପିନ୍ଧିବା ବସ୍ତ୍ର ତାକୁ ଉଷ୍ମ ରଖିବାରେ ସାହାଯ୍ୟ କରିଥାଏ। ଏହାଛଡ଼ା ଖାଇବା ପରେ ମଧ୍ୟ ମା'ର ଉଷ୍ମ କୋଳ ତାକୁ ଗରମ ରଖିଥାଏ, ଏହାକୁ ରୁମିଂ ଇନ୍ ବା ବେଡିଂ ଇନ୍ କୁହାଯାଏ। ଏହା ମା' ଓ ଶିଶୁ ମଧ୍ୟରେ ଏକ ସୁଦୃଢ଼ ବନ୍ଧନ ରଖିବା ସହ ଶିଶୁକୁ ସୁରକ୍ଷା ଦେଇଥାଏ। ଶୀତଦିନେ ପ୍ରାୟ ପ୍ରତ୍ୟେକ ହସ୍ପିଟାଲରେ ଶିଶୁକୁ ଗରମ ରଖିବା ଲାଗି ମା' ନିଜ ଶାଢ଼ି ବା ଗାଉନ ଭିତରେ ଘୋଡ଼ାଇ ରଖି କ୍ଷୀର ଖୁଆଇବାକୁ ଡାକ୍ତରମାନେ ପରାମର୍ଶ ଦେଇଥାନ୍ତି, ଯାହାକୁ କଙ୍ଗାରୁ କେୟାର କୁହାଯାଇଥାଏ।

ଶୀତଦିନେ ଜନ୍ମହେବା ପରେ ପରେ ଶିଶୁକୁ ଗାଧୋଇଦେବା ଉଚିତ୍ ନୁହେଁ। ସେଥିପାଇଁ ଆଜିକାଲି ଶିଶୁକୁ ଅଏଲ୍ ବାଥ୍ ଦିଆଯାଉଛି କିମ୍ବା କେବଳ ମଳ ପୋଛି ବେବି ୱାର୍ମରରେ ଶୁଆଇ ଦିଆଯାଉଛି। ଅନ୍ୟଦିନ ଅପେକ୍ଷା ଏଦିନେ ଶିଶୁର ଅଧିକ ଯତ୍ନ ନେବାକୁ ପଡ଼ିଥାଏ। ବାହାରର ଥଣ୍ଡା ପବନରୁ ରକ୍ଷା ପାଇବା ପାଇଁ କବାଟ ଝରକା ବନ୍ଦ କରି ଉଷ୍ମ ତେଲ ମାଲିସ୍ କରିବା ଆବଶ୍ୟକ। ନଡ଼ିଆ ତେଲ, ରାଶି ତେଲ, ଅଲିଭ୍ ତେଲ କିମ୍ବା ଯେକୌଣସି ବେବି ଅଏଲ୍‌କୁ ନଖଉଷୁମ କରି ମାଲିସ୍ କରିବା ଭଲ। ତେଲ ମାଲିସ୍ ଆଗରୁ ହାତକୁ ସାମାନ୍ୟ ଗରମ କରିବା ଦରକାର। ଏହାପରେ ସଙ୍ଗେସଙ୍ଗେ ଶିଶୁକୁ ଘୋଡ଼ାଇ ଦେଇ ଖୁଆଇବା ଆବଶ୍ୟକ। ଦିନକୁ ଦୁଇଥର ତେଲ ମାଲିସ୍ କଲେ ଶିଶୁ ଦେହରେ ରକ୍ତ ସଞ୍ଚାଳନ ଭଲ ହେବା ସହ ଶରୀରକୁ ସଶକ୍ତ ହେବାରେ ସାହାଯ୍ୟ କରିଥାଏ। ମାଲିସ୍ ପରେ ଶିଶୁକୁ ଗାଧୋଇବା ପୂର୍ବରୁ କୋଠରିକୁ ରୁମ୍ ହିଟର ଲଗାଇ ଉଷ୍ମ କରିବା ସହ ଉଷୁମ ପାଣିରେ ଗାଧୋଇବା ଦରକାର। ପ୍ରଥମେ ପ୍ରଥମେ ଶିଶୁକୁ ଅଧିକ ନ ଗାଧେଇ ଉଷୁମ ପାଣିରେ କପଡ଼ା ବୁଡ଼ାଇ ଚିପୁଡ଼ି ଭଲଭାବେ ପୋଛିବା(ସ୍ପଞ୍ଜିଂ) ଆବଶ୍ୟକ।

ଶୀତଦିନେ ଶିଶୁକୁ ନରମ ଉଲେନ ପୋଷାକ ପିନ୍ଧାଇବା ଆବଶ୍ୟକ। ଏଥିସହ ହାତ ଓ ଗୋଡ଼ ମୋଜା, ଟୋପି ପିନ୍ଧାନ୍ତୁ। ସୂତା କମ୍ବଳ ବା ନରମ ଉଲେନ କମ୍ବଳ ଘୋଡ଼ାଇବା ଦରକାର। କିନ୍ତୁ ବେଳେବେଳେ ବେଶି ଗରମ ଡ୍ରେସ୍ ପିନ୍ଧାଇଲେ ଶିଶୁର ଝାଳ ବାହାରି ଡିହାଇଡ୍ରେଶନ୍ ହୋଇଯାଏ। ଏଥିପାଇଁ ଶିଶୁ ଘନ ଘନ ନିଃଶ୍ୱାସ ନିଏ।

ଏହି ଦିନେ ଥଣ୍ଡା, କାଶ, ଜ୍ୱର, ଫ୍ଲୁ ବା ଏନ୍‌ଫ୍ଲୁଏଞ୍ଜା ଓ କିଛି ଭୂତାଣୁଜନିତ ରୋଗ ହୋଇଥାଏ। ଶିଶୁର ରୋଗ ପ୍ରତିରୋଧକକାରୀ ଶକ୍ତି ବଢ଼ାଇବା ପାଇଁ ଶିଶୁକୁ ନିୟମିତ ସ୍ତନ୍ୟପାନ କରାନ୍ତୁ। ଶିଶୁକୁ ଧରିବା ଆଗରୁ ହାତକୁ ସାବୁନରେ ଭଲଭାବେ ଧୁଅନ୍ତୁ। ଶୀତଦିନେ ଥଣ୍ଡା, ଜ୍ୱର, କାଶ, କଫ, ଛିଙ୍କ ଆଦି ବ୍ୟାପୁଥିବାରୁ ଯେଉଁମାନଙ୍କୁ ଏହା ହୋଇଥାଏ ସେମାନଙ୍କଠାରୁ ଶିଶୁକୁ ଦୂରେଇ ରଖନ୍ତୁ। ଶିଶୁକୁ ଉପଯୁକ୍ତ ସମୟରେ ଟିକା ଦିଅନ୍ତୁ। କାରଣ ଏହା କେତେଗୁଡିଏ ବିପଜ୍ଜନକ ରୋଗରୁ ରକ୍ଷା କରିଥାଏ। ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ ଫ୍ଲୁ ଭ୍ୟାକ୍ସିନ୍ ଦିଅନ୍ତୁ। ପରିବାର ସଦସ୍ୟଙ୍କୁ ଧୂମପାନ କରିବାରୁ ବିରତ କରାନ୍ତୁ। କାରଣ ଏହାଦ୍ୱାରା ଶିଶୁ(ନିଷ୍କ୍ରିୟ ଧୂମପାନ ବା ପାସିଭ୍ ସ୍ମୋକିଂ) ବେଶି ପରିମାଣରେ କାଶ, କଫ ଓ ଭୂତାଣୁଜନିତ ସଂକ୍ରମଣ ଭୋଗିଥାନ୍ତି। ଶିଶୁଙ୍କୁ ଥଣ୍ଡା, ଜ୍ୱର, କାଶ ବା ଫ୍ଲୁ ହେଲେ ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ କାଳ ବିଳମ୍ବ ନ କରି ଔଷଧ ଦିଅନ୍ତୁ। କାରଣ ଏହା ବେଳେବେଳେ ନିମୋନିଆ ଭଳି ମାରାତ୍ମକ ଶ୍ୱାସଜନିତ ସଂକ୍ରମଣ କରାଏ। ଏହାଦ୍ୱାରା ଶିଶୁକୁ ଶ୍ୱାସରୋଗ ମଧ୍ୟ ହୋଇଥାଏ। ଯଦି ଶିଶୁର ୧୦୦-୧୦୨ ଡିଗ୍ରୀ ଟେମ୍ପରେଚର ରହୁଛି ତେବେ ସଙ୍ଗେସଙ୍ଗେ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ। ଶୀତଦିନେ ଥଣ୍ଡା ବାତାବରଣ ଯୋଗୁ ଶିଶୁମାନେ ରୋଗରେ ପଡ଼ିବା ସ୍ୱାଭାବିକ। ତେଣୁ ଏହି ଋତୁରେ ଖୁବ୍ ଯତ୍ନବାନ୍ ହୁଅନ୍ତୁ ଏବଂ ନିଜ ଶିଶୁକୁ ସୁସ୍ଥ ରଖନ୍ତୁ।

- ଲିଙ୍କ୍‌ରୋଡ୍, କଟକ ୧୨
ମୋ- ୯୪୩୭୦୫୫୦୦୭

ଖାଦ୍ୟ ରୁଚି

## ଆମ୍ଳା ମୁରବ୍ବା



**ଆବଶ୍ୟକ ସାମଗ୍ରୀ:** ଅଁଳା ୧ କିଗ୍ରା, ଫିଟିକିରି- ୫ଗ୍ରାମ୍, ଚିନି ୧ କିଗ୍ରା, ପାଣି।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ଅଁଳାକୁ ଭଲ ଭାବେ ଧୋଇ ଦିଅନ୍ତୁ। ଏକ ଫର୍କ ବା କଣ୍ଟା ଚାମଚ ସାହାଯ୍ୟରେ ଅଁଳାଗୁଡିକ ଉପରୁ କଣା କରିଦିଅନ୍ତୁ। ଏକ ବଡ ପାତ୍ରରେ ପାଣି ନେଇ ସେଥିରେ ୫ଗ୍ରାମ୍ ଫିଟିକିରି ମିଶାନ୍ତୁ। ସେଥିରେ ଏହି ଅଁଳା ପକାଇ ରଖିଦିଅନ୍ତୁ। ସେହିପରି ୮-୧୦ ଘଣ୍ଟା ରହିବା ପରେ ଅଁଳାକୁ କାଢି ସାଧା ପାଣିରେ ୩-୪ ଥର ଭଲ ଭାବେ ଧୋଇ ଦିଅନ୍ତୁ। ଏହାକୁ ଏକ ପାତ୍ରରେ ରଖି ଚିନି ଏବଂ ଏକ କପ୍ ପାଣି ଦିଅନ୍ତୁ। ଏହାକୁ ଭଲ ଭାବେ ଗୋଳାଇ ୨୦ ମିନିଟ୍ ଛାଡି ଦିଅନ୍ତୁ। ପରେ ଏହାକୁ ଗ୍ୟାସ୍ ଚୁଲାରେ ବସାଇ ଅଳ୍ପ ଆଞ୍ଚରେ ଧିରେ ଧିରେ ଘାଣ୍ଟନ୍ତୁ। ଅଁଳାର ରଙ୍ଗ ବଦଳିବା ସହ ଚିନି ଗାଢ ହୋଇଗଲେ ଚୁଲା ବନ୍ଦ କରିଦିଅନ୍ତୁ। ଏହାକୁ ଘୋଡାଇ ୧୨ ଘଣ୍ଟା ଛାଡିଦିଅନ୍ତୁ। ପ୍ରସ୍ତୁତ ହୋଇଗଲା ଅଁଳା ମୁରବା, ଏହାକୁ ଖାଇବାର ଆନ୍ଦ ନିଅନ୍ତୁ।

ସୌନ୍ଦର୍ଯ୍ୟ

## ଷ୍ଟ୍ରେଚ୍‌ମାର୍କରୁ ମୁକ୍ତି

ଶିଶୁ ଜନ୍ମ ପରେ ଅଧିକାଂଶ ମା'ଙ୍କ ପେଟ ଏବଂ ଶରୀରର ବିଭିନ୍ନ ସ୍ଥାନରେ ଷ୍ଟ୍ରେଚ୍‌ମାର୍କ ହୋଇଯାଏ, ଯାହା ସୌନ୍ଦର୍ଯ୍ୟ ନଷ୍ଟ କରିଦିଏ ବୋଲି ଅନେକେ ବ୍ୟସ୍ତ ହୋଇଥାନ୍ତି। ହେଲେ ଏଥିପାଇଁ ବ୍ୟସ୍ତ ନ ହୋଇ କେତୋଟି ସହଜ ଉପାୟ ଆପଣାଇଲେ ଧୀରେ ଧୀରେ ଷ୍ଟ୍ରେଚ୍‌ମାର୍କ ଦୂରେଇ ପାରିବେ...

**ଅଏଲ୍ ମସାଜ୍:** ପେଟ ଏବଂ ଅନ୍ୟ ଷ୍ଟ୍ରେଚ୍‌ମାର୍କ ହୋଇଥିବା ସ୍ଥାନରେ ଅଏଲ୍ ମସାଜ୍ କରିବା ଦ୍ୱାରା ତାହା ନରମ ହେବା ସହ ଧୀରେ ଧୀରେ ମାର୍କ ଦୂର ହେବାରେ ସାହାଯ୍ୟ କରିଥାଏ। ତେବେ ଏହାକୁ ଲଗାଇବାର ସବୁଠୁ ଭଲ ଉପାୟ ହେଉଛି ଉଷୁମ ପାଣିରେ ଗାଧୋଇବା ପରେ ଧୀରେ ଧୀରେ ପ୍ରାୟ ୨ ମିନିଟ୍ ପର୍ଯ୍ୟନ୍ତ ମାର୍କ ହୋଇଥିବା ସ୍ଥାନରେ ତେଲ ଘଷନ୍ତୁ। ଏଥିପାଇଁ ବାୟୋ ଅଏଲ୍ କିମ୍ବା ନଡ଼ିଆ ତେଲ ସବୁଠୁ ଭଲ।

**କ୍ରିମ୍:** ଷ୍ଟ୍ରେଚ୍‌ମାର୍କ ଦୂର କରିବା ଲାଗି ବର୍ତ୍ତମାନ ବିଭିନ୍ନ ପ୍ରକାର କ୍ରିମ୍ ମାର୍କେଟ୍‌ରେ ଉପଲବ୍ଧ। ଡାକ୍ତରଙ୍କ ପରାମର୍ଶକ୍ରମେ କୌଣସି ଏକ ଭଲ ସ୍ପେଶିଆଲାଇଜ୍ଡ କ୍ରିମ୍, ଷ୍ଟ୍ରେଚ୍‌ମାର୍କ ରିକଭରି ସିରମ୍, ବଡି ଫର୍ମିଙ୍ଗ୍ ଜେଲ୍ ଆଦି ସକାଳେ ଏବଂ ସଂଧ୍ୟାରେ ଲଗାନ୍ତୁ ଉପକୃତ ହେବେ।

**ପାଣି:** ଷ୍ଟ୍ରେଚ୍‌ମାର୍କ କମିବା ଲାଗି କେବଳ ତେଲ, କ୍ରିମ୍ ଆଦି ମସାଜ୍ ଯଥେଷ୍ଟ ନୁହେଁ। ଏଥିପାଇଁ ଶରୀରର ଜଳୀୟାଂଶ ଠିକ୍ ରହିବା ଦରକାର। ତେଣୁ ଦିନକୁ ଅତି କମ୍‌ରେ ୩-୪ ଲିଟର ପାଣି ପିଅନ୍ତୁ।

**ଏକ୍ସରସାଇଜ୍:** ଏହା ଶରୀରକୁ ଫିଟ୍ ରଖିବା ସହ ଶୀଘ୍ର ସ୍କିନ୍ ରିପେୟାର କରିବାରେ ସାହାଯ୍ୟ କରିଥାଏ, ଯାହା ଗର୍ଭଧାରଣ ଯୋଗୁ ଫୁଲିଯାଇଥିବା ଏବଂ ଷ୍ଟ୍ରେଚ୍‌ମାର୍କ ହୋଇଥିବା ସ୍ଥାନକୁ ଧୀରେ ଧୀରେ ରିପେୟାର କରି ପୂର୍ବଭଳି ସୁନ୍ଦର କରିଥାଏ।

**ଘିକୁଆଁରୀ:** ଚାମଚରେ ଘିକୁଆଁରୀ ଭିତରୁ ଜେଲ୍ ବାହାର କରିଦିଅନ୍ତୁ। ଏହାକୁ ଷ୍ଟ୍ରେଚ୍‌ମାର୍କ ହୋଇଥିବା ସ୍ଥାନ ଉପରେ ଧୀରେ ଧୀରେ ଘଷନ୍ତୁ। ୧୫ ମିନିଟ୍ ରଖିବା ପରେ ଅଳ୍ପ ଉଷୁମ ପାଣିରେ ଧୋଇଦିଅନ୍ତୁ।

**ଲେମ୍ବୁ:** ଲେମ୍ବୁରସକୁ ଏକ କଟନ ସାହାଯ୍ୟରେ ନେଇ ଷ୍ଟ୍ରେଚ୍‌ମାର୍କ ଥିବା ସ୍ଥାନରେ ଲଗାଇ ଦଶ ମିନିଟ୍ ପର୍ଯ୍ୟନ୍ତ ରଖିବା ପରେ ନଖଉଷୁମ ପାଣିରେ ଗାଧୋଇ ପଡ଼ନ୍ତୁ। ଲେମ୍ବୁରେ ଥିବା ପ୍ରାକୃତିକ ଏସିଡ୍ ମାର୍କ ଦୂର କରିବାରେ ସାହାଯ୍ୟ କରିବ।





# ‘ବଞ୍ଚିଥିବା ଯାଏ ସିଏଏ ଲାଗୁ କରାଇଦେବିନି’

## ଟିଏମ୍‌ସି ରାଲିରେ କେନ୍ଦ୍ର ଉପରେ ବର୍ଷିଲେ ମମତା

କୋଲକାତା,୧୬।୧୨(ପି.ଟି.)

ସଂଶୋଧିତ ନାଗରିକତ୍ୱ ଆଇନ (ସିଏଏ) ଏବଂ ଜାତୀୟ ନାଗରିକ ପଞ୍ଜିକା (ଏନ୍‌ଆର୍‌ସି) ବିରୋଧରେ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ପକ୍ଷରୁ କୋଲକାତାରେ ବିଶାଳ ରାଲି ଅନୁଷ୍ଠିତ ହୋଇଯାଇଛି। ବଞ୍ଚିଥିବା ଯାଏ ପଶ୍ଚିମବଙ୍ଗରେ ସିଏଏ ଏବଂ ଏନ୍‌ଆର୍‌ସି ଲାଗୁ କରାଇଦେବେନି ବୋଲି ରାଲିରେ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ କହିଛନ୍ତି। କେବଳ ତାଙ୍କ ମରଶରୀର ଉପରେ ଏହା ଲାଗୁ ହୋଇପାରେ। ସାହସ ଥିଲେ କେନ୍ଦ୍ର ତାଙ୍କ ସରକାରକୁ ଭାଙ୍ଗିଦେଉ କିମ୍ବା ତାଙ୍କୁ ଜେଲ୍‌ରେ ଭର୍ତ୍ତି କରୁ ବୋଲି ମମତା ଆହ୍ୱାନ ଦେଇଛନ୍ତି।

ରାଜ୍ୟରେ ହିଂସା ସୃଷ୍ଟି ଲାଗି ଭାଜପା କିଛି ଲୋକଙ୍କୁ ଟଙ୍କା ଦେଉଛି। ରାଜ୍ୟ ବାହାରର କେତେକ ଶକ୍ତି ନିଜକୁ ମୁସଲମାନ ସମ୍ପ୍ରଦାୟର ବନ୍ଧୁ ବୋଲି ପରିଚୟ ଦେଇ ଭଙ୍ଗାରୁଜା ପୋଡ଼ାଜଳାରେ ସାମିଲ ହୋଇଥିବା ମମତା ଅଭିଯୋଗ କରିଛନ୍ତି। ଏଆଇଏମ୍‌ଆଇଏମ୍ ଅଧ୍ୟକ୍ଷ ଅସାଦୁଦ୍ଦିନ ଓ୍ୱାଇସିଙ୍କୁ ଲକ୍ଷ୍ୟ କରି ସେ ଏଭଳି କହିଥିଲେ। ଟିଏମ୍‌ସି






ଅଧ୍ୟକ୍ଷାଙ୍କ ନେତୃତ୍ୱରେ ରେଡ୍ ରୋଡରୁ ଜୋରାସାଙ୍କୋ ଠାକୁରବାଡ଼ି ପର୍ଯ୍ୟନ୍ତ ବିଶାଳ ରାଲିରେ ହଜାର ହଜାର ସମର୍ଥକ ସାମିଲ ହୋଇଥିଲେ। ସିଏଏ ରଦ୍ଦ ନ ହେବା ପର୍ଯ୍ୟନ୍ତ ଗଣତାନ୍ତ୍ରିକ ଉପାୟରେ ଆନ୍ଦୋଳନ ଜାରି ରହିବ। ଯଦି ଭାଜପା ଭାବୁଥାଏ ବଳ ପ୍ରୟୋଗ କରି ଆଇନକୁ କାର୍ଯ୍ୟକାରୀ କରିବ, ତେବେ ତା’ର ପରିଣତି ଭୟାବହ ହେବ ବୋଲି ଟିଏମ୍‌ସି ନେତ୍ରୀ କହିଛନ୍ତି।। ପଶ୍ଚିମବଙ୍ଗରୁ ଜଣେ ହେଲେ ବାହାରିବେ ନାହିଁ। ରାଜ୍ୟବାସୀ ସବୁ ଜାତି, ଧର୍ମ ସମ୍ପ୍ରଦାୟ ସହ ଏକତ୍ର ବସବାସରେ ବିଶ୍ୱାସ କରନ୍ତି। ଆନ୍ଦୋଳନକାରୀ ଭଙ୍ଗାରୁଜା ଓ ପୋଡ଼ାଜଳାରେ ସାମିଲ ନହେବାକୁ ମମତା ପରାମର୍ଶ ଦେଇଥିଲେ।

ସିଏଏକୁ ବିରୋଧ କରି ପଶ୍ଚିମବଙ୍ଗର ବିଭିନ୍ନ ଜିଲାରେ ୪ ଦିନ ହେଲା ଆନ୍ଦୋଳନ ଜାରି ରହିଛି। କେତେକ ସ୍ଥାନରେ ଏହା ହିଂସାର ରୂପ ନେଇଥିଲା।ଆନ୍ଦୋଳନକାରୀ ଟ୍ରେନ, ବସ୍ ପୋଡିବା ସହ ରେଲଷ୍ଟେଶନ ଓ ଦୋକାନ ଜାଳିଦେଇଥିଲେ। ଫଳରେ ପଶ୍ଚିମବଙ୍ଗରୁ ବିଭିନ୍ନ ରାଜ୍ୟକୁ ଟ୍ରେନ୍ ଚଳାଚଳ ବାଧାପ୍ରାପ୍ତ ହୋଇଛି। ଦିଲ୍ଲୀର ଜାମିଆ ମିଲିଆ ଇସ୍‌ଲାମିଆ ବିଶ୍ୱବିଦ୍ୟାଳୟରେ ସିଏଏ ବିରୋଧରେ ଆନ୍ଦୋଳନ ଚଳାଇଥିବା ଛାତ୍ରୀଛାତ୍ରଙ୍କ ଉପରେ ପୋଲିସ କାର୍ଯ୍ୟାନୁଷ୍ଠାନକୁ ମଧ୍ୟ ମମତା ନିନ୍ଦା କରିଥିଲେ। ଭାଜପା ଅନ୍ୟ ରାଜ୍ୟର ଆଇନଶୃଙ୍ଖଳା ସ୍ଥିତି ସମ୍ପର୍କରେ କହିଲାବେଳେ ନିଜ ଦ୍ୱାରା ଶାସିତ ଉତ୍ତରପୂର୍ବାଞ୍ଚଳ ରାଜ୍ୟ ପ୍ରତି ଧ୍ୟାନ ଦେବା ଆବଶ୍ୟକ ବୋଲି ଟିଏମ୍‌ସି ନେତ୍ରୀ କହିଥିଲେ। ସିଏଏ ଏବଂ ଏନ୍‌ଆର୍‌ସି ବିରୋଧରେ ଲକ୍ଷ ଲକ୍ଷ ପତ୍ର ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ ପାଖକୁ ପଠାଇବାକୁ ସେ ଜନସାଧାରଣଙ୍କୁ ଆହ୍ୱାନ ଦେଇଛନ୍ତି। ଆବଶ୍ୟକ ହେଲେ ଶ୍ୟାହି ବଦଳରେ ନିଜ ରକ୍ତରେ ପତ୍ର ଲେଖିବାକୁ ମମତା କହିଛନ୍ତି।

ରାଜ୍ୟପାଳ ଜଗଦୀପ୍ ଧନ୍‌ଖର ରାଲିକୁ ଅସାମ୍ବିଧାନିକ ଓ ଉତ୍ତେଜନା ବଢ଼ାଇବା ପାଇଁ ଉଦ୍ଦିଷ୍ଟ ବୋଲି କହିଛନ୍ତି। ରାଜ୍ୟରେ ପୂର୍ବସ୍ଥିତି ଫେରାଇ ଆଣିବା ଉପରେ ଧ୍ୟାନ ଦେବାକୁ ସେ ମୁଖ୍ୟମନ୍ତ୍ରୀଙ୍କୁ ପରାମର୍ଶ ଦେଇଛନ୍ତି।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଗୋରୁ ମାଇଲେ ମଲି,**
**ଗୋରୁକୁ ମାଇଲେ ମଲି ।**

ଗୋରୁ ବା ବଳଦ ଭୁସିବାକୁ ଧାଉଁଥିବା ବେଳେ ବ୍ୟକ୍ତି ଯଦି ତାକୁ ନ ମାରୁଛି ନିଜେ ଭୁସା ଖାଇ ମରିବ। ଯଦିବା ବଳଦକୁ ମାରିବ, ଗୋହତ୍ୟା ଦୋଷ ଲାଗିବ। ପାପ ହେବ। କେଉଁକଥା ଏବେ କରିବ। ଦୋ ଘାଇରେ ପଡ଼ିବା କଥା। କର୍ତ୍ତବ୍ୟ ନିରୂପଣ କରି ନ ପାରି ମାନସିକ ଦ୍ୱନ୍ଦ୍ୱରେ ଘାରିହେବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଗଲା ମଲା,**
**ଏକ କଥା ।**

ଯିଏ ଥରେ ଚାଲିଯାଏ ସେ ଫେରିବାର ଆଉ ସମ୍ଭାବନା ନ ଥାଏ। ଥରେ ଗଲେ ମିଳିବାର ଆଶା ରହି ନ ଥାଏ। ସେହିପରି ମରିଗଲେ କସ୍ମିନ କାଳେ କେହି ଜୀବିତ ହୋଇ ଆସି ପାରି ନ ଥାଏ। ନିରୁଦ୍ଦିଷ୍ଟ ବ୍ୟକ୍ତି ଓ ମୃତବ୍ୟକ୍ତି ଉଭୟେ ସମାନ କଥା ହୋଇଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ୪ ମାସରେ ନିର୍ମାଣ ହେବ ରାମମନ୍ଦିର

## ଶାହାଙ୍କ ଘୋଷଣା



ପକୁର(ଝାଡ଼ଖଣ୍ଡ),୧୬।୧୨(ପି.ଟି.)

ଅଯୋଧ୍ୟାରେ ରାମଜନ୍ମଭୂମି ସ୍ଥାନରେ ଆଗାମୀ ୪ ମାସ ମଧ୍ୟରେ ନଭଶ୍ଚୁମ୍ବି ରାମମନ୍ଦିର ନିର୍ମାଣ କରାଯିବ। ଦୀର୍ଘ ୧୦୦ ବର୍ଷ ହେବ ବିଶ୍ୱରେ ରହୁଥିବା ଭାରତୀୟଙ୍କ ପକ୍ଷରୁ ଏଭଳି ଦାବି କରାଯାଇଥିବାବେଳେ ଏହା ସାକାର ହେବ ବୋଲି ଭାଜପା ଅଧ୍ୟକ୍ଷ ଅମିତ୍ ଶାହା ସୋମବାର ଝାଡ଼ଖଣ୍ଡର ପକୁରଠାରେ ଦଳୀୟ ପ୍ରାର୍ଥୀଙ୍କ ଲାଗି ଭୋଟ ମାଗିବା ବେଳେ ଏହି ଘୋଷଣା କରିଛନ୍ତି। ସୁପ୍ରିମକୋର୍ଟ ରାମମନ୍ଦିର ନିର୍ମାଣ ଲାଗି ସବୁଜସଂକେତ ଦେଇସାରିଛନ୍ତି। କଂଗ୍ରେସକୁ ସମାଲୋଚନା କରି ଶାହା କହିଛନ୍ତି, ଦେଶବାସୀଙ୍କ ଭାବାବେଗ କଥା କଂଗ୍ରେସ ବୁଝିବାକୁ ଅସମର୍ଥ। ଖାଲି ସେତିକି ନୁହେଁ ଦେଶର ସୁରକ୍ଷା, ବିକାଶ ପ୍ରତି ଏମାନଙ୍କର ଆନ୍ତରିକତା ନାହିଁ। କଂଗ୍ରେସ ବଳରେ ହେମନ୍ତ ସୋରେନ୍ ମୁଖ୍ୟମନ୍ତ୍ରୀ ହେବାକୁ ସ୍ୱପ୍ନ ଦେଖୁଛନ୍ତି। ହେଲେ ସ୍ୱତନ୍ତ୍ର ରାଜ୍ୟ ଦାବିବେଳେ କିଭଳି ସେ ଜନବିରୋଧୀ କାର୍ଯ୍ୟକରି ଲୋକଙ୍କୁ ହଇରାଣ କରିଥିଲେ ତାହା ଗୁରୁଜୀ (ଶିବୁ ସୋରେନ୍)ଙ୍କୁ ପଚାରନ୍ତୁ ବୋଲି ଶାହା କହିଥିଲେ। ବାଜପେୟୀଜୀ କରିଥିବା ଝାଡ଼ଖଣ୍ଡ ରାଜ୍ୟର ବିକାଶ କେବଳ ଭାଜପା ହିଁ କରିପାରିବ ଓ ମାଓବାଦୀ ଦମନ କରି ଶାନ୍ତି ଫେରାଇ ଆଣିପାରିବ ବୋଲି ଶାହା ପ୍ରକାଶ କରିଥିଲେ।

## ସଂକ୍ଷେପରେ

### ଜେଲ୍ ଗଲେ ଅଭିନେତ୍ରୀ ପାୟଲ



**କୋଟା(ରାଜସ୍ଥାନ),୧୬।୧୨:** ପୂର୍ବତନ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁ ଓ ଗାନ୍ଧୀ ପରିବାରର ଅନ୍ୟ ସଦସ୍ୟଙ୍କ ବିରୋଧରେ ସୋସିଆଲ ମିଡିଆରେ ବିବାଦୀୟ ମନ୍ତବ୍ୟ ଦେଇଥିବା ବଲିଉଡ୍ ଅଭିନେତ୍ରୀ ପାୟଲ ରୋହତଗୀଙ୍କୁ ସୋମବାର ଗିରଫ କରାଯାଇ କୋର୍ଟରେ ହାଜର କରାଯାଇଥିଲା। ତାଙ୍କୁ ୮ ଦିନ ପୋଲିସ ରିମାଣ୍ଡରେ ପଠାଯାଇଛି। ରାଜସ୍ଥାନର ବୁନ୍ଦିର ସଦର ଥାନାରେ ଏନେଇ ଏକ ମାମଲା ଦାଏର ହୋଇଥିଲା। ମୋତିଲାଲ ନେହେରୁଙ୍କ ଉପରେ ଏକ ଭିଡ଼ିଓ ପ୍ରସ୍ତୁତ କରୁଥିବାବେଳେ ପାୟଲ ବିବାଦୀୟ ମନ୍ତବ୍ୟ ଦେଇଥିବା ଅଭିଯୋଗ ହୋଇଥିଲା। ପ୍ରଦେଶ ଯୁବ କଂଗ୍ରେସ ସାଧାରଣ ସମ୍ପାଦକ ଚର୍ମେଶ ଶର୍ମା ଏନେଇ ମାମଲା ଦାଏର କରିଥଲେ। ପାୟଲଙ୍କୁ ଅହମ୍ମଦାବାଦରୁ ଗିରଫ କରି ବୁନ୍ଦି କୋର୍ଟରେ ହାଜର କରାଯାଇଥିଲା।

### ୩ ମାସରେ ସୂଚନା କମିଶନର ନିଯୁକ୍ତି ନିର୍ଦ୍ଦେଶ

**ନୂଆଦିଲ୍ଲୀ,୧୬।୧୨(ପି.ଟି.)-** ୩ ମାସ ମଧ୍ୟରେ କେନ୍ଦ୍ରୀୟ ସୂଚନା ଆୟୋଗ (ସିଆଇସି) ଏବଂ ରାଜ୍ୟ ସୂଚନା ଆୟୋଗ (ଏସ୍‌ଆଇସି)ଗୁଡ଼ିକରେ ସୂଚନା କମିଶନର ନିଯୁକ୍ତି ଲାଗି ସୁପ୍ରିମକୋର୍ଟ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସୂଚନା ଅଧିକାର ଆଇନର ଅପବ୍ୟବହାର ରୋକିବା ଲାଗି ଗାଇଡଲାଇନ୍ସର ଆବଶ୍ୟକତା ଥିବା ପ୍ରଧାନ ବିଚାରପତି ଏସ୍.ଏ. ବୋବ୍‌ଡେଙ୍କ ନେତୃତ୍ୱରେ ଗଠିତ ଖଣ୍ଡପୀଠ ମତ ଦେଇଛନ୍ତି। ଫେବୃୟାରୀ ୧୫ରେ ସର୍ବୋଚ୍ଚ ଅଦାଲତଙ୍କ ରାୟ ସତ୍ତ୍ୱେ ଏପର୍ଯ୍ୟନ୍ତ ସିଆଇସି ଏବଂ ଏସ୍‌ଆଇସିଗୁଡ଼ିକରେ ସରକାର ସୂଚନା କମିଶନର ନିଯୁକ୍ତି ଦେଇ ନ ଥିବା ଆଇନଜୀବୀ ପ୍ରଶାନ୍ତ ଭୂଷଣ ଖଣ୍ଡପୀଠଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।

### ରାହୁଲଙ୍କ ଭାଷଣର ପ୍ରତିଲିପି ମାଗିଲେ ଇସି

**ନୂଆଦିଲ୍ଲୀ,୧୬।୧୨(ପି.ଟି.)-**ଏକ ନିର୍ବାଚନୀ ସଭାରେ ‘ରେପ୍ ଇନ୍ ଇଣ୍ଡିଆ’ ମନ୍ତବ୍ୟ ଦେଇଥିବା କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ଭାଷଣର ପ୍ରତିଲିପି ନିର୍ବାଚନ କମିଶନ (ଇସି) ଝାଡ଼ଖଣ୍ଡ ନିର୍ବାଚନ ଅଧିକାରୀଙ୍କୁ ମାଗିଛନ୍ତି। ଦେଶରେ ବଳାତ୍କାର ବଢ଼ିଚାଲିଥିବାରୁ କେନ୍ଦ୍ର ସରକାରଙ୍କ ‘ମେକ୍ ଇନ୍ ଇଣ୍ଡିଆ’କୁ ବ୍ୟଙ୍ଗ କରି ରାହୁଲ ‘ରେପ୍ ଇନ୍ ଇଣ୍ଡିଆ’ କହିଥିଲେ। ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଭାଜପା ଇସିଙ୍କ ଦ୍ୱାରସ୍ଥ ହୋଇଥିଲା।

# ‘ଦେଶବାସୀଙ୍କ ବିରୋଧରେ ଯୁଦ୍ଧାରମ୍ଭ କରିଛନ୍ତି ମୋଦି’

ନୂଆଦିଲ୍ଲୀ,୧୬।୧୨(ପି.ଟି.)

ମୋଦି ସରକାର ଦେଶକୁ ଭାଗ ଭାଗ କରିବା ସହ ଦେଶବାସୀଙ୍କ ବିରୋଧରେ ଯୁଦ୍ଧ ଆରମ୍ଭ କରିଛନ୍ତି ବୋଲି କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀ ସୋମବାର କହିଛନ୍ତି। ଜାମିଆ ମିଲିଆ ଇସ୍‌ଲାମିଆ ବିଶ୍ୱବିଦ୍ୟାଳୟ ଛାତ୍ରଙ୍କ ବିରୋଧରେ ପୋଲିସ କାର୍ଯ୍ୟାନୁଷ୍ଠାନ ପରେ ସୋନିଆ ଏଭଳି କେନ୍ଦ୍ର ସରକାରଙ୍କୁ ସମାଲୋଚନା କରି କରିଛନ୍ତି। ନାଗରିକତ୍ୱ ସଂଶୋଧନ ଆଇନକୁ ବିରୋଧ କରି ଦେଶବ୍ୟାପୀ ନିଆଁ ଜଳିବାରେ ଲାଗିଛି। ପୋଲିସ କେନ୍ଦ୍ରର ଇଙ୍ଗିତରେ ବିକ୍ଷୋଭରତ ଛାତ୍ରୀଛାତ୍ରଙ୍କୁ ମାଓବାଦୀ ଭାବି ସେମାନଙ୍କ ଉପରେ ଆକ୍ରମଣ କରୁଛି। ଶାନ୍ତିରକ୍ଷା କରିବା ସରକାରଙ୍କ ପ୍ରଧାନ କାମ ହୋଇଥିବାବେଳେ କେନ୍ଦ୍ର ସରକାର ଲୋକଙ୍କୁ ବିଭିନ୍ନ ସ୍ଥାନରେ ପୋଲିସ ଲଗାଇ ଆକ୍ରମଣ କରୁଛି ବୋଲି ସୋନିଆ ଅଭିଯୋଗ କରିଛନ୍ତି। କ୍ଷମତାରେ ରହି ଆଇନ, ସମ୍ବିଧାନ, ଗଣତନ୍ତ୍ରକୁ ସୁରକ୍ଷା ନ ଦେଲେ ଦେଶ କିପରି ଚାଲିବ ବୋଲି ସେ ପ୍ରଶ୍ନ କରିଛନ୍ତି। ଦେଶରେ ହିଂସା, ଧାର୍ମିକ ଦ୍ୱନ୍ଦ୍ୱ, ଅସ୍ଥିରତା ସୃଷ୍ଟିକରି ଯୁବକଙ୍କ ଅଧିକାର ଛଡ଼ାଇ ନେବାରେ ମୋଦି ସରକାର ଆଗଭର ହେଉଥିବା ସୋନିଆ ଅଭିଯୋଗ କରିଛନ୍ତି।


ସୋନିଆ ଗାନ୍ଧୀ

## ବଳାତ୍କାର ମାମଲାର ଶୀଘ୍ର ବିଚାର ପାଇଁ କମିଟି ଗଠିତ

ନୂଆଦିଲ୍ଲୀ,୧୬।୧୨(ପି.ଟି.)

ଦେଶରେ ବଳାତ୍କାର ମାମଲାଗୁଡ଼ିକର ଶୀଘ୍ର ଫଇସଲା ପାଇଁ ସୁପ୍ରିମକୋର୍ଟ ସୋମବାର ଏକ କମିଟି ଗଠନ କରିଛନ୍ତି। ପ୍ରଧାନ ବିଚାରପତି ଏସ୍.ଏ. ବୋବ୍‌ଡେ ଗଠନ କରିଥିବା ଦୁଇଜଣିଆ କମିଟିରେ ଜଷ୍ଟିସ ସୁଭାଷ ରେଡ୍ଡୀ ଏବଂ ଏମ୍.ଆର୍. ଶାହା ସଦସ୍ୟ ରହିଛନ୍ତି। ଦେଶରେ ବଳାତ୍କାର ବଢ଼ିବା ସହ ତେଲଙ୍ଗାନାରେ ଅଭିଯୁକ୍ତଙ୍କୁ ଏନ୍‌କାଉଣ୍ଟରରେ ହତ୍ୟା ପରେ ଅଦାଲତ ଏଭଳି ନିଷ୍ପତ୍ତି ନେଇଛନ୍ତି।

# ସିଏଏରେ ଭାରତୀୟ ପ୍ରଭାବିତ ହେବେନି: ପ୍ରଧାନମନ୍ତ୍ରୀ

**ନୂଆଦିଲ୍ଲୀ,୧୬।୧୨-**ସଂଶୋଧିତ ନାଗରିକତ୍ୱ ଆଇନ (ସିଏଏ) ଯୋଗୁ ଭାରତୀୟ ନାଗରିକ ପ୍ରଭାବିତ ହେବେନାହିଁ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସୋମବାର କହିଛନ୍ତି। ଆଇନକୁ ବିରୋଧ କରି ହିଂସା ଘଟାଇବା ଦୁର୍ଭାଗ୍ୟଜନକ ବୋଲି ସେ କହିଛନ୍ତି। ବିତର୍କ, ଆଲୋଚନା ଓ ମତଭେଦ ଗଣତନ୍ତ୍ରର ଅପରିହାର୍ଯ୍ୟ ଅଙ୍ଗ। ସର୍ବସାଧାରଣ ସମ୍ପତ୍ତି ନଷ୍ଟ କରିବା ଓ ସାଧାରଣ ଜୀବନଯାତ୍ରାରେ ବାଧା ସୃଷ୍ଟି କରିବା ଆମ ଲୋକାଚାର ବାହାରେ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ଜାମିଆ ମିଲିଆ ଇସ୍‌ଲାମିଆ ବିଶ୍ୱବିଦ୍ୟାଳୟରେ ପୋଲିସ-ଛାତ୍ର ସଂଘର୍ଷ ଘଟଣା ପରେ ପ୍ରଧାନମନ୍ତ୍ରୀ ଟୁଇଟ୍ କରି କହିଛନ୍ତି, ସିଏଏ ପାଇଁ ଭୟଭୀତ ହେବାର କୌଣସି କାରଣ ନାହିଁ। ଏହା କୌଣସି ଅଞ୍ଚଳର ନାଗରିକଙ୍କୁ ପ୍ରଭାବିତ କରିବ ନାହିଁ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି।

# ଦେହରେ ନିଆଁ ଲଗାଇଲେ ବଳାତ୍କାର ପୀଡ଼ିତା

ଉନ୍ନାଓ,୧୬।୧୨(ପି.ଟି.)

ଉତ୍ତରପ୍ରଦେଶର ଉନ୍ନାଓରେ ଜଣେ ବଳାତ୍କାର ପୀଡ଼ିତା ସୋମବାର ଏସ୍‌ଏସ୍‌ପି ଅଫିସ ସାମ୍ନାରେ ନିଜ ଦେହରେ ନିଆଁ ଲଗାଇ ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ପୀଡ଼ିତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ ଜିଲା ହସ୍ପିଟାଲରେ ଭର୍ତ୍ତି କରାଯାଇ ପରେ କାନପୁର ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିବା ଏସ୍‌ପି ବିକ୍ରାନ୍ତ ବୀର ପ୍ରକାଶ କରିଛନ୍ତି। ଜଣେ ବ୍ୟକ୍ତିଙ୍କ ବିରୋଧରେ ପୀଡ଼ିତା ଅକ୍ଟୋବର ୨ରେ ବଳାତ୍କାର ଅଭିଯୋଗ ଆଣିଥିବାବେଳେ ଅଭିଯୁକ୍ତ ହାଇକୋର୍ଟରୁ ଆଗୁଆ ଜାମିନ ପାଇଥିଲେ। ୧୦ ବର୍ଷ ହେବ ଦୁହିଁଙ୍କ ମଧ୍ୟରେ ସମ୍ପର୍କ ଥିବାବେଳେ ବିବାହ ଲାଗି ଯୁବକ ଜଣକ ମନା କରିବାରୁ ଦୁଇମାସ ତଳେ ପୀଡ଼ିତା ବଳାତ୍କାର ଅଭିଯୋଗ ଆଣିଥିଲେ। ଏନେଇ ତଦନ୍ତ ଚାଲିଥିବାବେଳେ ପୀଡ଼ିତାଙ୍କ ଶରୀରର ୭୦ ଭାଗ ପୋଡ଼ିଯାଇଛି। ତାଙ୍କଠାରୁ ବୟାନ୍ ନେବା ସମ୍ଭବପର ନୁହେଁବୋଲି ଏସ୍‌ପି କହିଛନ୍ତି।


CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE FINANCE

ଖର୍ଚ୍ଚ ରଣରୁ କଟିବ
MAHALAXMI FINANCE
1 ଲକ୍ଷରୁ ୨0 ଲକ୍ଷ ପର୍ଯ୍ୟନ୍ତ ଋଣ ପାଆନ୍ତୁ
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ବ୍ୟବସାୟ ଋଣ, ଷ୍ଟାର୍ଟ-ଅପ୍, ଲଘୁ ଉଦ୍ୟୋଗ, ଦୋକାନୀଙ୍କ ପାଇଁ ମୁଦ୍ରା ଋଣ।
ସବୁ ଋଣ ସବୁ ଯୋଜନା ଦ୍ୱାରା ବ୍ୟାଙ୍କରୁ ପାଆନ୍ତୁ
ମାତ୍ର 12-24 ଘଣ୍ଟାରେ ଘରେ ବସି ପାଆନ୍ତୁ
1% ସୁଧ |40% ରିହାତି
ଠକାମିର ଶିକାର ମହିଳା/ପୁରୁଷ ଥରେ ନିଶ୍ଚୟ ଫୋନ୍ କରନ୍ତୁ
9518852216, 9548270863
ADDRESS: T-51, GAUTAMPURI, DELHI

JAMUNA FINANCE
ବ୍ୟବସାୟ, ପର୍ସନାଲ, ମାର୍କଶିଟ୍, ପଶୁପାଳନ, କୃଷି ପ୍ରପର୍ଟି, ଗୃହ ଋଣ ଓ ଗ୍ରୁପ୍ ଋଣ। ସମସ୍ତ ପ୍ରକାର LOAN ସହଜ କିସ୍ତିରେ ଘରେ ବସି ପାଆନ୍ତୁ। ସୁଧ-2%
M: 7749011485
8117802682
Salt Lake City, Kolkata-700091, Panditagaon, Khalikote, Ganjam

LOAN
ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
ମୁଦ୍ରା ଯୋଜନା ଦ୍ୱାରା ସବୁ ବ୍ୟାଙ୍କରୁ
ଗୃହ ଋଣ, ପର୍ସନାଲ, ଆଧାରକାର୍ଡ, ମାର୍କଶିଟ୍, ପଶୁପାଳନ, ବ୍ୟବସାୟ, ପ୍ରପର୍ଟି, ଏଗ୍ରିକଲ୍ଚର, ଦୁଇ ଚକିଆ, ଗ୍ରୁପ୍ ଋଣ ସବୁ ପ୍ରକାର ଋଣ
2% ସୁଧ -40% ଛାଡ଼ରେ
ସହଜ କିସ୍ତିରେ ଘରେ ବସି ପାଆନ୍ତୁ
ମହିଳା ତଥା କର୍ମଚାରୀଙ୍କ ପାଇଁ ବିଶେଷ ରିହାତି
ଗଣପତି ଫାଇନାନ୍ସ
8929119958
7289935297
M.P. Nagar, Zone-1, Bhopal, Madhya Pradesh.

ନବବର୍ଷର ଶୁଭ ଅବସରରେ
ଋଣ ଧମାକା ଋଣ ଧମାକା ଋଣ ଧମାକା
ଗ୍ଲୋବାଲ ଫାଇନାନ୍ସ ଲି଼ ISO: 9001:2011 Regd. Company
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL ସମସ୍ତ ଋଣ 3-4 ଦିନରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
9415725066
H.No. 12, Sohana Distt. Mohali

ନବବର୍ଷର ଶୁଭ ଅବସରରେ
ଭାରତର ନଂ.1 କମ୍ପାନୀ, 1984ଠାରୁ ଆପଣଙ୍କ ସେବାରେ
ଧନଲକ୍ଷ୍ମୀ ଫାଇନାନ୍ସ ପ୍ରା. ଲି଼ REG. NO. BG3274CH1122
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
9499135756
B-34/7 A Block Vijay Enclave, Bururi, New Delhi

!! ଋଣ ଋଣ ଋଣ !!
1ରୁ 50 ଲକ୍ଷ ପର୍ଯ୍ୟନ୍ତ
ଗୃହ ଋଣ, ମାର୍କଶିଟ୍, ପର୍ସନାଲ୍, ବ୍ୟବସାୟ, କୃଷି, ପ୍ରପର୍ଟି, କୁକୁଡ଼ା ପାଳନ, ଇଟାଭାଟି, ଆଧାରକାର୍ଡ, ରାଶନକାର୍ଡ, ସମୂହ ଋଣ
ବେରୋଜଗାର ମହିଳାଙ୍କ ପାଇଁ ବିଶେଷ ରିହାତି
1% ସୁଧ 50% ରିହାତି
!! ରିଦ୍ଧି ଫାଇନାନ୍ସ !!
E-mail : - ridhifinanceonlinem.p@gmail.com
9911473748
Add : - 41/14, Sec-1 Pushp Vihar, Delhi

ଋଣ...ଋଣ...ଋଣ...
1 ରୁ 50 ଲକ୍ଷ ପର୍ଯ୍ୟନ୍ତ
ଗୃହ ଋଣ, ମାର୍କଶିଟ୍, ପର୍ସନାଲ, ବ୍ୟବସାୟ, କୃଷି, ପ୍ରପର୍ଟି, କୁକୁଡ଼ା ପାଳନ, ଇଟାଭାଟି, ଆଧାରକାର୍ଡ, ରାଶନ କାର୍ଡ, ସମୂହ ଋଣ
ବେରୋଜଗାର ମହିଳାଙ୍କ ପାଇଁ ବିଶେଷ ରିହାତି
1% ସୁଧ 50% ଛାଡ଼
!! ନମୋ ନମୋ ଫାଇନାନ୍ସ !!
E-mail : - namonamoonlinem.p@gmail.com
9911321841
Add : - 41/14, Sec-1 Pushp Vihar, Delhi

FINANCE
ବାଲାଜୀ ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ। ୨% ସୁଧ ୬୦%ଛାଡ। ଘରେ ବସି ପାଆନ୍ତୁ।
ମହିଳା ଓ ବିଦ୍ୟାର୍ଥୀମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
7325861595

BUSINESS BUSINESS

BUSINESS
ଖାଲିଥିବା ଜମି ଓ ଛାତ ଉପରେ Bansal Tower ଗ୍ରୁପର ଡିଜିଟାଲ ଟାୱାର ବସାଇ ଅଗ୍ରୀମ 90,000,00/- ପାଆନ୍ତୁ ଓ ମାସକୁ ଭଡା 85,000/- ଟଙ୍କା ପାଆନ୍ତୁ। ଜଣକୁ ଚାକିରି ମିଳିବ + Bike Free
ଆଜି ହିଁ ସଂପର୍କ କରନ୍ତୁ
No. 751/3, Beleghata Main Road Kolkata - 700010, West Bengal, India
09433670261
09433670482

ASTROLOGY ASTROLOGY

ଗୁରୁ ସାହି ଖାନ୍
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସମ୍ପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧ୍ୟାକରଣ, ଯାଦୁଟୋଣା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ- ବଶୀକରଣ, ମୁଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
9818298397
9953959390

COLOR DISPLAY CLASSIFIED

| SIZE | 15 days | 8 days | 4 days | Single day |
|---|---|---|---|---|
| 6 X 8 | 40,000 | 20,000 | 11,000 | 2,800 |

GST 5% will be added extra
on every Tuesday & Friday


### ପାଠକଙ୍କ ପାଇଁ ସୂଚନା:

ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ଖେଳୁଥିବାବେଳେ ମାଡ଼ିଗଲା ଟ୍ରାକ୍ଟର
## ଜଣେ ଶିଶୁ ମୃତ, ଜଣେ ଗୁରୁତର

**ପଦ୍ମପୁର/ବାସୁଦେବପୁର, ୧୬।୧୨(ଡି.ଏନ.ଏ.):** ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଧୀନ କରଞ୍ଜଆଡ଼ିଆ ପଞ୍ଚାୟତ ମଲିକସାହି ବସ୍ତିରେ ସୋମବାର ପୂର୍ବାହ୍ନରେ ଏକ ଅଘଟଣ ଘଟିଛି। ୨ ଶିଶୁ ଗାଁ ଦାଣ୍ଡରେ ଖେଳୁଥିବା ସମୟରେ ଏକ ଟ୍ରାକ୍ଟର ମାଡ଼ିଯିବାରୁ ଘଟଣାସ୍ଥଳରେ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣଙ୍କ ଗୁରୁତର ଆହତ ହୋଇଛନ୍ତି। ମୃତ ଶିଶୁ ହେଲେ ବସ୍ତିର ଅଭୟ ମଲିକଙ୍କ ପୁଅ ଅଂଶୁମାନ(୬) ଓ ଗୁରୁତର ଜଣଙ୍କ ଶରତ ମଲିକଙ୍କ ପୁଅ ଅନିରୁଦ୍ଧ(୮)। ପରିବାର ଲୋକଙ୍କ ସୂଚନା ଅନୁଯାୟୀ, ଅଂଶୁମାନ ଓ ଅନିରୁଦ୍ଧ ଗାଁ ଦାଣ୍ଡରେ ଖେଳୁଥିଲେ। ଏହି ସମୟରେ ଧାନ କଲେଇ ବୋଝେଇ କରି ଆସୁଥିବା ଏକ ଟ୍ରାକ୍ଟର ସେମାନଙ୍କ ଉପରେ ମାଡ଼ି ଯାଇଥିଲା। ସେମାନଙ୍କୁ ସଙ୍ଗେ ସଙ୍ଗେ ବାସୁଦେବପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଡାକ୍ତର ଅଂଶୁମାନଙ୍କୁ ମୃତ ଘୋଷଣା କରିଥିଲେ। ଗୁରୁତର ଥିବା ଅନିରୁଦ୍ଧଙ୍କୁ ପ୍ରଥମେ ଉକ୍ତ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା କରାଯାଇ ପରେ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ନାୟକାଣିଡିହୀ ଥାନା ପାଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ଏ ନେଇ ନାୟକାଣିଡିହୀ ଥାନାରେ ଏକ ମାମଲା (ନଂ.୧୮୪/୧୯) ରୁଜୁ କରାଯାଇଛି। ଦୁର୍ଘଟଣା ଘଟାଇଥିବା ଟ୍ରାକ୍ଟର ଚାଳକ ଫେରାର ହୋଇଯାଇଥିବାବେଳେ ଗାଡ଼ିକୁ ଜବତ କରାଯାଇ ଘଟଣାର ତଦନ୍ତ ଜାରି ରହିଥିବା ଥାନା ଏସ୍‌ଆଇ ବିଜୟ କୁମାର ଦାସ ମହାପାତ୍ର ସୂଚନା ଦେଇଛନ୍ତି।

## ଏସ୍‌ସିବି ମେଡିକାଲରେ ନାହିଁ କୁକୁର କାମୁଡ଼ା ଇଞ୍ଜେକ୍ସନ
# ୩ ଦିନ ହେବ ଫେରୁଛନ୍ତି ଶତାଧିକ ରୋଗୀ

**କଟକ ଅଫିସ, ୧୬।୧୨**

ଏସ୍‌ସିବି ମେଡିକାଲ ସମେତ ରାଜ୍ୟର ବିଭିନ୍ନ ସରକାରୀ ହସ୍ପିଟାଲରେ କୁକୁର କାମୁଡ଼ା ଇଞ୍ଜେକଶନ(ଆଣ୍ଟି ରାବିଜ୍ ଭ୍ୟାକସିନ)ର ଘୋର ଅଭାବ। ଗତ ୩ ଦିନ ହେବ ଏସ୍‌ସିବି ମେଡିକାଲରୁ ଏହି ଇଞ୍ଜେକଶନ ନ ପାଇ ଶତାଧିକ ରୋଗୀ ଫେରିଥିବା ଜଣାପଡ଼ିଛି। ଯୋଗାଣ ନ ଥିବା କହି ମେଡିକାଲ କର୍ତ୍ତୃପକ୍ଷ ଖସି ଯାଉଥିବାବେଳେ ରୋଗୀ ଡହଳ ବିକଳ ହେଉଛନ୍ତି। ଏହାର ଫାଇଦା ନେଇ କଟକର ଏକ ଘରୋଇ ହସ୍ପିଟାଲ ବେଶ୍ ଲାଭବାନ ହେଉଛି। ଉକ୍ତ ହସ୍ପିଟାଲର ଏଜେଣ୍ଟ ଏସ୍‌ସିବି ମେଡିକାଲ ଆଉଟଡୋର(ଡାକ୍ତର ରୁମ୍)ସାମ୍ନାରେ ବସି ରହୁଛନ୍ତି। ଡାକ୍ତରଙ୍କ ରୁମ୍ ଭିତରେ ମଧ୍ୟ ମେଡିକାଲ କର୍ମଚାରୀମାନେ ଏଥିପାଇଁ ନିୟୋଜିତ ଅଛନ୍ତି। ରୋଗୀ ଜଣକ ଡାକ୍ତରଙ୍କ ପାଖରୁ ଫେରିବା ମାତ୍ରେ ଏହି କର୍ମଚାରୀମାନେ ରୁମ ବାହାରେ ବସିଥିବା ଏଜେଣ୍ଟଙ୍କ ପାଖକୁ ପଠାଇ ଦେଉଛନ୍ତି। ଏଜେଣ୍ଟ ଜଣକ ରୋଗୀଙ୍କଠାରୁ ଟଙ୍କା ସଂଗ୍ରହ କରି ଇଞ୍ଜେକଶନ ଆଣି ଦେଉଛନ୍ତି। ଥରକେ ୫ଜଣ ରୋଗୀ ଏକତ୍ର ହେବା ପରେ ଏଜେଣ୍ଟ ଜଣକ ଇଞ୍ଜେକଶନ ପାଇଁ ଯାଉଛନ୍ତି। ପ୍ରତି ରୋଗୀ ପିଛା ୩୫୦ରୁ ୫୦୦ ଟଙ୍କା ଆଦାୟ ହେଉଛି। ସୋମବାର ମେଡିକାଲର ଏସ୍‌ପିଏମ(ସୋସିଆଲ ପ୍ରିଭେଣ୍ଟିଭ ମେଡିସିନ)ଆଉଟଡୋର ସାମ୍ନାରେ ଏଭଳି ଦୃଶ୍ୟ ଦେଖିବାକୁ ମିଳିଥିଲା। ଆଉଟଡୋର ଭିତରେ ବିଭାଗୀୟ ମୁଖ୍ୟ ପ୍ରଫେସର ଡା. ରାମଚନ୍ଦ୍ର ଗିରି ଉପସ୍ଥିତ ଥିବା ଦେଖିବାକୁ ମିଳିଥିଲା। ରୋଗୀଙ୍କୁ ଇଞ୍ଜେକଶନ ମିଳୁ ନ ଥିବା ସମ୍ପର୍କରେ ଡା. ଗିରିଙ୍କୁ ପଚାରିବାରୁ ମେଡିକାଲରେ ଇଞ୍ଜେକଶନ ଅଭାବ ଥିବା ଘଟଣାକୁ ସେ ସ୍ୱୀକାର କରିଥିଲେ। କେବଳ ଏସ୍‌ସିବି ମେଡିକାଲ ନୁହେଁ ରାଜ୍ୟରେ ଏଭଳି ଅବସ୍ଥା ଉପୁଜିଥିବା ସେ କହିଥିଲେ। ମୁଖ୍ୟତଃ ଗ୍ରାମାଞ୍ଚଳ ସମେତ କ୍ୟାପିଟାଲ ହସ୍ପିଟାଲ ଓ ଅନ୍ୟ ମେଡିକାଲ କଲେଜଗୁଡ଼ିକରୁ ଏଠାକୁ ରୋଗୀ ଇଞ୍ଜେକଶନ ନେବାକୁ ଆସିବାରୁ ଏଠାରେ ଏଭଳି ପରିସ୍ଥିତି ଉପୁଜିଛି। ଗତ ଶୁକ୍ରବାରଠାରୁ ମେଡିକାଲରେ ଇଞ୍ଜେକଶନ ଶେଷ ହୋଇଯାଇଛି। ଏ ସମ୍ପର୍କରେ ମେଡିକାଲ ଅଧୀକ୍ଷକଙ୍କୁ ଅବଗତ କରିଛି। ଘରୋଇ ମେଡିସିନ ଷ୍ଟୋରଗୁଡ଼ିକରେ ମଧ୍ୟ ଏହି ଇଞ୍ଜେକଶନ ମିଳୁ ନ ଥିବା ଡା. ଗିରି କହିଥିଲେ। ଆଉଟଡୋର ଆଗରେ ବେପାର ଜମେଇ ବସିଥିବା ଏମାନେ କିଏ ବୋଲି କହିବାରୁ ଡା. ଗିରି ସେଠାକୁ ଯାଇଥିଲେ। ତୁରନ୍ତ ଏ ସମ୍ପର୍କରେ ସେଠାରେ ଡ୍ୟୁଟି କରୁଥିବା ମେଡିକାଲର ସୁରକ୍ଷା କର୍ମୀଙ୍କୁ ଡା. ଗିରି ଜଣାଇବା ପରେ ସୁରକ୍ଷାକର୍ମୀ ଜଣକ ଏଜେଣ୍ଟଙ୍କ ପାଖକୁ ଯାଇ ଆଉଟଡୋର ବାହାରକୁ ଚାଲିଯିବାକୁ କହିଥିଲେ।

ମେଡିକାଲ ସୂଚନାନୁଯାୟୀ, ଗତ ଶୁକ୍ରବାର ପର୍ଯ୍ୟନ୍ତ ରୋଗୀଙ୍କୁ ଇଞ୍ଜେକଶନ ଯୋଗାଇ ଦିଆଯାଇଛି। ଶନିବାରଠାରୁ ଅଭାବ ଦେଖାଦେଇଛି। ଶୁକ୍ରବାର ଆଉଟଡୋରକୁ ୯୩ଜଣ ନୂଆ ରୋଗୀ ଓ ୯୦ଜଣ ପୁରୁଣା ରୋଗୀ ଆସିଥିଲେ। ଶନିବାର ମେଡିକାଲକୁ ୬୩ଜଣ ନୂଆ ଓ ୧୨୧ ଜଣ ପୁରୁଣା ରୋଗୀ ଇଞ୍ଜେକଶନ ପାଇଁ ଆସିଥିବା ଜଣାପଡ଼ିଛି। ନୂଆ ପୁରୁଣା ରୋଗୀଙ୍କୁ ମିଶାଇ ଆଉଟଡୋରକୁ ଦୈନିକ ୨୦୦ ରୋଗୀ ଆସୁଥିବା ମେଡିକାଲ ରେକର୍ଡ କହୁଛି। ସୋମବାର ବିଲେଇ କାମୁଡ଼ିଥିବା ୫ବର୍ଷର ପୁଅକୁ ନେଇ ମେଡିକାଲକୁ ଆସିଥିବା ଛତିଆ ଅଞ୍ଚଳର କୃଷ୍ଣଚନ୍ଦ୍ର ଦାସ ଇଞ୍ଜେକଶନ ପାଇଁ ଡହଳ ବିକଳ ହେଉଥିବାବେଳେ କଟକ ଝାଞ୍ଜିରିମଙ୍ଗଳା ଅଞ୍ଚଳର ଗୋପାଳ ସାହୁ କୁକୁର କାମୁଡ଼ାରେ ଆକ୍ରାନ୍ତ ହୋଇ ୩୫୦ ଜାଗାରେ ୫୦୦ ଟଙ୍କା ନେଇ ମୋତ କିଏ ଗୋଟିଏ ଇଞ୍ଜେକଶନ ଦିଅ ବୋଲି କହୁଥିବା ଦେଖାଯାଇଥିଲା। ସାଲେପୁର ଅଞ୍ଚଳର ନଗମା ଅଖତର ନାମ୍ନୀ ମହିଳା କୁକୁର କାମୁଡ଼ାର ଶିକାର ଝିଅଙ୍କୁ ଧରି ଆଉଟ୍‌ଡୋର ଆଗରେ ବିକଳ ହେଉଥିଲେ।

ଡାକ୍ତରୀ ପାଠ ଅନୁଯାୟୀ, ବନ୍ୟ ଜନ୍ତୁ କାମୁଡ଼ିବା ଦୂରର କଥା ଯଦି ନଖ ବାଜି ଦାଗ ହୋଇଛି, ତେବେ ବି ଇଞ୍ଜେକଶନର ଆବଶ୍ୟକତା ରହିଛି। କାରଣ ଜଳାତଙ୍କ ରୋଗରେ ମୃତ୍ୟୁହାର ୧୦୦ ପ୍ରତିଶତ ରହୁଥିବା ପାଠ କହୁଛି। ଏଭଳି ସ୍ଥିତିରେ ମେଡିକାଲରେ ଇଞ୍ଜେକଶନ ଅଭାବ ଏକ ଅସ୍ୱାଭାବିକ ଅବସ୍ଥା ସୃଷ୍ଟି କରିଛି।

ମେଡିକାଲ ଅଧୀକ୍ଷକ ପ୍ରଫେସର ଡା. ସରୋଜ କୁମାର ସାହୁ କୁହନ୍ତି, ଏ ନେଇ ରାଜ୍ୟ ମେଡିକାଲ ନିଗମକୁ ଅବଗତ କରାଯାଇଛି। ମେଡିକାଲର ଜଣେ ବରିଷ୍ଠ ଡାକ୍ତରଙ୍କ କହିବାନୁଯାୟୀ, ଏଭଳି ଅଭାବ ଗତ ନଭେମ୍ବରରୁ ଦେଖାଦେଲାଣି। ପୃଥିବୀରେ ପ୍ରତିବର୍ଷ ଜଳାତଙ୍କ ରୋଗରେ ୬୦ହଜାର ରୋଗୀଙ୍କ ମୃତ୍ୟୁ ଘଟୁଥିବା ବେଳେ ମୃତକଙ୍କ ମଧ୍ୟରୁ ଏକତୃତୀୟାଂଶ କେବଳ ଭାରତର। ୯୭ ପ୍ରତିଶତ ମୃତ୍ୟୁ କୁକୁରକାମୁଡ଼ା ଜନିତ ହୋଇଥିବାବେଳେ ୨ପ୍ରତିଶତ ବିଲେଇ କାମୁଡ଼ା ଜନିତ ହୋଇଥାଏ। ଦେଶରେ ପ୍ରତିବର୍ଷ ୨୦ ମିଲିୟନ ଡୋଜର ଆବଶ୍ୟକତା ଥିବାବେଳେ ସେଥିରୁ ବାହାର ଦେଶକୁ ରପ୍ତାନୀ କରାଯାଉଥିବାରୁ ଏଭଳି ପରିସ୍ଥିତି ଉପୁଜିଛି। ଗତ ଅକ୍ଟୋବରରେ ଭାରତରୁ ୧୦ହଜାର ଭାଏଲ ଇଞ୍ଜେକଶନ ମ୍ୟାନ୍‌ମାରକୁ ରପ୍ତାନି କରାଯାଇଛି। ମାତ୍ର ଏବେ ଦେଶର ବିଭିନ୍ନ ରାଜ୍ୟରେ ଏହି ଇଞ୍ଜେକଶନର ଅଭାବ ଦେଖାଦେଇଥିବା ସମ୍ପୃକ୍ତ ଡାକ୍ତର ଜଣଙ୍କ କହିଛନ୍ତି।

**ଆଉଟଡୋର ସାମ୍ନାରେ ଘରୋଇ ହସ୍ପିଟାଲର ବେପାର**




## ଛେଳିଆ ମାଝି ହତ୍ୟା ମାମଲା | ୯ ଜଣଙ୍କୁ ଆଜୀବନ ଜେଲ

**ରାୟଗଡ଼ା ଅଫିସ, ୧୬।୧୨**

ଦୁଇ ବର୍ଷ ତଳେ ଘଟିଥିବା ଏକ ହତ୍ୟାକାଣ୍ଡ ମାମଲାର ଶୁଣାଣି କରି ରାୟଗଡ଼ା ଜିଲା ଦୌରା ଜଜ୍ ସୋମଶେଖର ଜେନା ସୋମବାର ୯ ଜଣଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ୮ ଜଣ ଙ୍କ ସାକ୍ଷ୍ୟ ପ୍ରମାଣକୁ ଭିତ୍ତି କରି ଜିଲା ଦୌରାଜଜ୍ ଏହି ରାୟ ଦେଇଛନ୍ତି। ଅଭିଯୁକ୍ତମାନେ ହେଲେ ନରି ମାଝି, କୁସନ ମାଝି , କୁସ ମାଝି, ବୋଲି ମାଝି, ସନ୍ତୋଷ ମାଝି, ସାଲୁ କୁଲସିକା ମାଝି, ଦେବ ମାଝି, ପାତିଡ଼ି ମାଝି, କବିରାଜ ମାଝି।

## ଆଜି ବସିବ ରାଜ୍ୟ କ୍ୟାବିନେଟ୍

**ଭୁବନେଶ୍ୱର, ୧୬।୧୨(ବ୍ୟୁରୋ)**

ରାଜ୍ୟ ସରକାରଙ୍କ ଗୁରୁତ୍ୱପୂର୍ଣ୍ଣ କ୍ୟାବିନେଟ୍ ବୈଠକ ମଙ୍ଗଳବାର ଲୋକସେବା ଭବନଠାରେ ଅନୁଷ୍ଠିତ ହେବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅପରାହ୍ନ ୫ଟା୪୫ରେ ବସିଥିବାକୁ ଥିବା ବୈଠକରେ ବହୁ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବକୁ ମଞ୍ଜୁରୀ ମିଳିବ ବୋଲି ସୂଚନା ମିଳିଛି। ବୈଠକରେ କୃଷି ନୀତି ୨୦୧୯, ଓଡ଼ିଶା ବିଶ୍ୱବିଦ୍ୟାଳୟ ନୀତି, ଓଡ଼ିଶା ରାଜସ୍ୱ ସେବା କ୍ୟାଡର ରୁଲ୍ କ୍ୟାବିନେଟ୍‌ରେ ଅନୁମୋଦିତ ହେବ ବୋଲି ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଛି। ଏହିପରି ମୋଟ ୮ଟି ପ୍ରସ୍ତାବକୁ କ୍ୟାବିନେଟ୍ ଅନୁମୋଦନ କରାଯିବ ବୋଲି ସୂଚନା ମିଳିଛି।

## ହାଇକୋର୍ଟର ନୂଆ ୱେବ୍‌ସାଇଟ୍ ଉଦ୍‌ଘାଟିତ

**କଟକ ଅଫିସ, ୧୬।୧୨**

ଓଡ଼ିଶା ହାଇକୋର୍ଟର ନୂତନ ୱେବ୍‌ସାଇଟ୍ ସୋମବାର ଉଦ୍‌ଘାଟିତ ହୋଇଯାଇଛି। ହାଇକୋର୍ଟ ମୁଖ୍ୟ ବିଚାରପତି ଜଷ୍ଟିସ୍ କେ.ଏସ୍. ଝାବେରୀ ଅନ୍ୟ ବିଚାରପତିଙ୍କ ଉପସ୍ଥିତିରେ ଏହି ୱେବ୍‌ସାଇଟ୍‌କୁ ଉଦ୍‌ଘାଟନ କରିଥିଲେ। ଏହାର ନାମ ଜଷ୍ଟିସ୍ କ୍ଲିକ୍ ରଖାଯାଇଛି। ୱେବ୍‌ସାଇଟ୍‌ରୁ ହାଇକୋର୍ଟରେ କାର୍ଯ୍ୟରତ ଆଇନଜୀବୀ, ମାମଲା, ବିଚାର ତାରିଖ ସମ୍ପର୍କରେ ସବିଶେଷ ତଥ୍ୟ ମିଳିପାରିବ। ସେହିପରି ଦୃଷ୍ଟିହୀନ ବ୍ୟକ୍ତିଙ୍କ ପାଇଁ ଏହି ୱେବ୍‌ସାଇଟ୍‌ରେ ସ୍ୱତନ୍ତ୍ର ସୁବିଧା ରହିଛି। ୱେବ୍‌ସାଇଟ୍‌ରୁ ହାଇକୋର୍ଟ ସମେତ ଜିଲା କୋର୍ଟ ଏବଂ ଅନ୍ୟ ତଳ କୋର୍ଟରେ ବିଚାର ହେବାକୁ ଥିବା ବିଭିନ୍ନ ମାମଲା ସମ୍ପର୍କରେ ତଥ୍ୟ ମିଳିପାରିବ ବୋଲି ଜଣାପଡ଼ିଛି।



ହାଇକୋର୍ଟ ମୁଖ୍ୟ ବିଚାରପତି ଜଷ୍ଟିସ୍ କେ.ଏସ୍. ଝାବେରୀ ନୂତନ ୱେବ୍‌ସାଇଟ୍ ଉଦ୍‌ଘାଟନ କରୁଛନ୍ତି।

# ପ୍ଲାଷ୍ଟିକ ଦେଇ 'ଆହାର' ଖାଇଲେ

**ଭୁବନେଶ୍ୱର, ୧୬।୧୨ (ବ୍ୟୁରୋ)**

ସ୍ମାର୍ଟସିଟି ଭୁବନେଶ୍ୱରକୁ ଦେଶର ସ୍ୱଚ୍ଛ ସର୍ବେକ୍ଷଣ ତାଲିକାର ଶୀର୍ଷରେ ପହଞ୍ଚାଇବା ପାଇଁ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଉଦ୍ୟମ ଜାରି ରଖିଛି। ଇତିମଧ୍ୟରେ ଅନେକ ବୃହତ୍ ଯୋଜନା ହାତକୁ ନିଆଯାଇଥିବାବେଳେ ଏବେ ଆଉଏକ ଅଭିନବ ପ୍ରୟାସ କରିଛି ବିଏମ୍‌ସି। ସୋମବାରଠାରୁ ବିଏମ୍‌ସି ଅଧୀନରେ ଥିବା ୧୧ ଆହାର କେନ୍ଦ୍ରରେ ଆରମ୍ଭ ହୋଇଛି ବର୍ଜ୍ୟ ପ୍ଲାଷ୍ଟିକ ବଦଳରେ ମିଲ୍ ବ୍ୟବସ୍ଥା। କଳ୍ପନା ଛକସ୍ଥିତ ଆହାର କେନ୍ଦ୍ରରେ ପ୍ରଥମେ ଜଣେ ସାଧାରଣ ନାଗରିକ ଫିତାକାଟି ଯୋଜନାର ଶୁଭାରମ୍ଭ କରିଥିଲେ। ପରେ ଏହା ଅନ୍ୟସବୁଠି କାର୍ଯ୍ୟକାରୀ କରାଯାଇଥିଲା। ଲୋକେ ଅଧକେଜି ପ୍ଲାଷ୍ଟିକ ବର୍ଜ୍ୟ ଦେଇ ଗୋଟିଏ 'ଆହାର' ମିଲ୍ ଖାଇଥିଲେ।

ଯୋଜନାର ଶୁଭାରମ୍ଭ ଅବସରରେ ବିଏମ୍‌ସି କମିଶନର ପ୍ରେମଚନ୍ଦ୍ର ଚୌଧାରୀ, ଆଡିଶନାଲ କମିଶନର ସୁରଥଚନ୍ଦ୍ର ମଲ୍ଲିକ, ଡେପୁଟି କମିଶନର ଶୁଭେନ୍ଦୁ ସାହୁ, ଡେପୁଟି କମିଶନର ଶ୍ୟାମସୁନ୍ଦର ସେଠୀ ଓ ବିଏମ୍‌ସିର ବହୁ ବରିଷ୍ଠ ପଦାଧିକାରୀ ଉପସ୍ଥିତ ଥିଲେ।

ଏହି ଅବସରରେ କମିଶନର ଚୌଧାରୀ କହିଲେ, ସହର ଯେତେ ସ୍ୱଚ୍ଛ ରହିବ, ଲୋକେ ସେତେ ସୁସ୍ଥ ରହିବେ। ସହରର ପରିମଳ ବ୍ୟବସ୍ଥାରେ ସୁଧାର ଆଣିବା ସହ ବର୍ଜ୍ୟ ସୁପରିଚାଳନାର ଆବଶ୍ୟକତା ରହିଛି। ପ୍ଲାଷ୍ଟିକ୍ ବ୍ୟବହାର ହ୍ରାସ ପାଇଲେ ଭୁବନେଶ୍ୱର ଦେଶର ନଂ.୧ ସ୍ମାର୍ଟସିଟି ଭଳି ନଂ.୧ ସ୍ୱଚ୍ଛସିଟିରେ ପରିଣତ ହେବ। ସହରକୁ ସ୍ୱଚ୍ଛ ରଖିବା ନାଗରିକଙ୍କ ଦାୟିତ୍ୱ। ଯେଉଁମାନେ ରାସ୍ତା କିମ୍ବା ଅନ୍ୟ ଯେକୌଣସି ସ୍ଥାନରେ ପଲିଥିନ ବା ପ୍ଲାଷ୍ଟିକ ସାମଗ୍ରୀ ପାଉଛନ୍ତି ତାହାକୁ ନିକଟ ଆହାର କେନ୍ଦ୍ରକୁ ଆଣିଲେ ୫ଶହ ଗ୍ରାମ ପାଇଁ ଗୋଟିଏ କୁପନ ଦିଆଯିବ। ଉକ୍ତ କୁପନରେ ଯେକେହି ବି ଯେକୌଣସି ଆହାର କେନ୍ଦ୍ରରୁ ମିଲ୍ ଖାଇପାରିବେ।

ଉକ୍ତ ପ୍ଲାଷ୍ଟିକ ରଖିବା ପାଇଁ ସହରର ସମସ୍ତ ଆହାର କେନ୍ଦ୍ରରେ ବଡ଼ ଡଷ୍ଟବିନ୍ ରଖାଯିବ। ପ୍ରତିଦିନ ବିଏମ୍‌ସି ସେଠାରୁ ତାହାକୁ ସଂଗ୍ରହ କରି ଆଣିବ। ଏସବୁ ପ୍ଲାଷ୍ଟିକକୁ ପୁନଃ ବ୍ୟବହାରକ୍ଷମ କରାଯିବ। ଏଥିପାଇଁ ମ୍ୟାଟେରିଆଲ ରିକଭରି ଫାସିଲିଟି ସେଣ୍ଟର (ଏମ୍‌ଆର୍‌ଏଫ୍) ଓ ପାରାଲାଇସିସ୍ ପ୍ଲାଣ୍ଟ ସ୍ଥାପନ ହେବ। ପ୍ଲାଷ୍ଟିକ୍‌ରୁ ଗ୍ରିସ୍ ଭଳି ଅଏଲ୍ ବାହାରିବ, ଯାହା ବିଭିନ୍ନ ଅଟୋମୋବାଇଲ୍‌ରେ ବ୍ୟବହାର କରାଯାଇପାରିବ। ଏସବୁ ପ୍ଲାଣ୍ଟ ପାଇଁ ଟେଣ୍ଡର ସରିଛି, ଖୁବ୍‌ଶୀଘ୍ର ଆରମ୍ଭ ହେବ। ବାରମ୍ବାର ଚଢ଼ାଉ ଓ ପଦକ୍ଷେପ ସତ୍ତ୍ୱେ ପ୍ଲାଷ୍ଟିକ ବ୍ୟବହାର ବନ୍ଦ ହୋଇପାରୁନି କି ସହରରୁ ବର୍ଜ୍ୟ ହଟିପାରୁନି। ତେଣୁ ବିଏମ୍‌ସି ପ୍ଲାଷ୍ଟିକ ବର୍ଜ୍ୟ ସଂଗ୍ରହ ପାଇଁ ଆହାର କେନ୍ଦ୍ରର ସହାୟତା ଲୋଡ଼ିଛି। ୟୁଏନ୍‌ଡିପି ଓ ଟଟ୍ ଷ୍ଟୋନ୍ ଫାଉଣ୍ଡେଶନର ମିଳିତ ଆନୁକୂଲ୍ୟରେ ଏହି ଯୋଜନା ହାତକୁ ନିଆଯାଇଛି ବୋଲି କମିଶନର ଚୌଧାରୀ କହିଛନ୍ତି।



ବର୍ଜ୍ୟ ପ୍ଲାଷ୍ଟିକ୍ ଦେଇ ଆହାର କେନ୍ଦ୍ରରେ ଲୋକମାନେ ଖାଦ୍ୟ ଗ୍ରହଣ କରୁଛନ୍ତି।

## ସୁନାଥରରେ ଭୟାବହ ଅଗ୍ନିକାଣ୍ଡ
# ଜଳିଗଲା ୫୦ ବଖରା

**ପୁରୁଷୋତ୍ତମପୁର, ୧୬।୧୨(ଡି.ଏନ.ଏ.)**

ଗଞ୍ଜାମ ଜିଲା ପୁରୁଷୋତ୍ତମପୁର ବ୍ଲକ ଅନ୍ତର୍ଗତ ସୁନାଥର ଗ୍ରାମରେ ସୋମବାର ଭୋର ପ୍ରାୟ ୫ଟାରେ ଭୟାବହ ଅଗ୍ନିକାଣ୍ଡ ଘଟି ୨୫ ପରିବାରର ପ୍ରାୟ ୫୦ ବଖରା ଜଳିଯାଇଛି। ନିଆଁ ଲାଗିବାର କାରଣ ଜଣାପଡ଼ି ନ ଥିବା ବେଳେ ଅଗ୍ନିକାଣ୍ଡରେ ଧାନ, ଚାଉଳ, ମୁଗ, ବିରି ସହ ଆସବାବପତ୍ର ସମ୍ପୂର୍ଣ୍ଣ ରୂପେ ପୋଡ଼ି ପାଉଁଶ ହୋଇଯାଇଛି। ତେବେ ଏଥିରେ କେହି ଆହତ ହୋଇନାହାନ୍ତି। ପୁରୁପୁରୁଷୋତ୍ତମପୁର ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ପ୍ରାୟ ୨୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଥିବା ଅନୁମାନ କରାଯାଉଛି।

କ୍ଷତିଗ୍ରସ୍ତ ପରିବାର ହେଲେ ପରବାସି ନାହାକ, ଯମୁନା ନାହାକ, ଶୋଭା ନାୟକ, କୁନି ବେହେରା, ସଙ୍ଗିତା ମହାଙ୍କୁଡ, ଲିଙ୍ଗରାଜ ନାୟକ, ସୁଜନ୍ତି ନାୟକ, ରାଜୁ ବେହେରା, ମନୋଜ ବେହେରା, ସୁରୁଜ ନାହାକ, କାଞ୍ଚନ ନାୟକ, ଝୁନୁ ନାହାକ, ଗୀତା ନାହାକ, ବିପ୍ର ମଲିକ, ଫକୀର ମଲିକ, ପୀତାମ୍ବର ମଲିକ, କଳା ମଲିକ, ଶିବରାମ ମଲିକ, ବାବୁଲି ମଲିକ, ଦେବରାଜ ମଲିକ, ବିଜୟ ମଲିକ, ବିପ୍ର ସେଠୀ, ଲକ୍ଷ୍ମୀ ସେଠୀ, ଦଣ୍ଡାସି ନାହାକ, ରାଜୁ ମହାଙ୍କୁଡ। ଛତ୍ରପୁର ଉପଜିଲାପାଳ ପ୍ରିୟରଞ୍ଜନ ପୃଷ୍ଟି, ପୁରୁଷୋତ୍ତମପୁର ବିଡିଓ ସୀମାଞ୍ଚଳ ମହାନ୍ତି ଘଟଣାସ୍ଥଳକୁ ଯାଇ ପରିସ୍ଥିତି ଅନୁଧ୍ୟାନ କରିଛନ୍ତି। ସୁନାଥର ପଞ୍ଚାୟତ ପକ୍ଷରୁ କ୍ଷତିଗ୍ରସ୍ତଙ୍କୁ ରନ୍ଧା ଖାଦ୍ୟ ଯୋଗାଇ ଦେବାର ବ୍ୟବସ୍ଥା ଚାଲିଛି। ପୁରୁଷୋତ୍ତମପୁର ତହସିଲଦାର ଅରୁଣ କୁମାର ନାୟକ ପହଞ୍ଚି କ୍ଷତିଗ୍ରସ୍ତଙ୍କୁ ପଲିଥିନ ସହ ଆର୍ଥିକ ସହାୟତା ପ୍ରଦାନ କରି କ୍ଷୟକ୍ଷତିର ଆକଳନ ଲାଗି ଆରଆଇଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। କ୍ଷତିଗ୍ରସ୍ତଙ୍କୁ ଶୀଘ୍ର ସରକାରୀ ସହାୟତା ଯୋଗାଇ ଦେବା ପାଇଁ ପୂର୍ବତନ ସମିତିସଭ୍ୟ ଭୀମ ନାହାକଙ୍କ ସମେତ ଗ୍ରାମବାସୀ ଦାବି କରିଛନ୍ତି।



ଅଗ୍ନିକାଣ୍ଡରେ ଜଳିଯାଇଥିବା ଘର।


**ପୂର୍ବ ତଟ ରେଳପଥ**

ଟେଣ୍ଡର ସଂ. 48-KUR-TRD-OT-2019-20, ତା.10.12.2019 ରିଖ

**କାର୍ଯ୍ୟର ନାମ :** ତାଳଚେର ଷ୍ଟେସନ ସ୍ଥିତ ବଳରାମ ସାଇଡ଼ିଙ୍ଗ୍ ଠାରେ ଏମ୍‌ସିଏଲ୍ (MCL) ର ସ୍ପର (Spur) ନଂ.10 ଠାରେ ପ୍ରସ୍ତାବିତ ଅସ୍ଥାୟୀ ଗ୍ରାଉଣ୍ଡ ଲେଭେଲ ବୋଝେଇ ସୁବିଧା ସମ୍ପର୍କିତ ବିଦ୍ୟୁତୀକରଣ କାର୍ଯ୍ୟଗୁଡ଼ିକର ସମ୍ପାଦନ।

**ଆନୁମାନିକ ମୂଲ୍ୟ (ଟଙ୍କାରେ):** 47,99,373.42, EMD (ଟଙ୍କାରେ): 96,000/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ): 3,540/-

ବିଡ୍ ଦାଖଲ ହେବା ତାରିଖ ଓ ସମୟ : ତା.31.12.2019ରିଖ 1330 ଘଟିକା ପର୍ଯ୍ୟନ୍ତ,

**ଟେଣ୍ଡର ଖୋଲାଯିବା ତାରିଖ ଓ ସମୟ :** ତା.31.12.2019 ରିଖ 1530 ଘଟିକାରେ।

ଏହି ଟେଣ୍ଡର ନିମନ୍ତେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ।

ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ ୱେବ୍‌ସାଇଟ୍ http://www.ireps.gov.inରେ ଉପଲବ୍ଧ ହେବ।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ(TRD), ଖୋର୍ଦ୍ଧା ରୋଡ୍

PR-584/K/19-20



**ପୂର୍ବ ତଟ ରେଳପଥ**

**ନିର୍ମାଣ କାର୍ଯ୍ୟ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ. ETCPMBBS2019067 ତା. 12.12.2019ରିଖ

**କାର୍ଯ୍ୟର ନାମ :** ପୂର୍ବ ତଟ ରେଳପଥର ଖୋର୍ଦ୍ଧା ରୋଡ୍ ମଣ୍ଡଳରେ ଅରୁଗୁଳ ଏବଂ ହରିପୁରଗ୍ରାମ ବାଇପାସ୍ ଲାଇନ୍ ଠାରେ ହାଇ ଲେଭେଲ ପ୍ଲାଟଫର୍ମ, ଗେଟ ଗୁମଟି, ଲେଭେଲ କ୍ରସିଙ୍ଗ୍, ରୋଡ୍ ଡାଇଭର୍ସନ (Diversion), ପାଣି ପାଇପ୍ ଲାଇନ୍ ଡାଇଭର୍ସନ, ପରିକ୍ଷେତ୍ର, ପ୍ରବେଶ ପଥ, ଡ୍ରେନ୍, ଫେନ୍ସିଙ୍ଗ୍, ପରିସର ପାଚେରୀ, ଟୋ ୱାଲ ଭଳି ବିବିଧ କାର୍ଯ୍ୟଗୁଡ଼ିକର ନିର୍ମାଣ ଏବଂ ଅରଗୁଳ ଏବଂ ହରିପୁରଗ୍ରାମ ଷ୍ଟେସନ ବିଲ୍ଡିଙ୍ଗ୍‌ରେ ଇଲେକ୍ଟ୍ରିକାଲ ଜେନେରାଲ ସର୍ଭିସ୍ କାର୍ଯ୍ୟ ସହିତ ଅନ୍ୟ ସମ୍ପର୍କିତ କାର୍ଯ୍ୟସମୂହ ତଥା ମଞ୍ଚେଶ୍ୱର ଠାରେ ଟ୍ରାକ୍ସନ ସବ୍-ଷ୍ଟେସନ (TSS) ବିଲ୍ଡିଙ୍ଗ୍‌ର ନିର୍ମାଣ ସହିତ ଇଲେକ୍ଟ୍ରିକାଲ ଜେନେରାଲ ସର୍ଭିସ୍ କାର୍ଯ୍ୟ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) :** 778.88 ଲକ୍ଷ, EMD (ଟଙ୍କାରେ): 5,39,500/-, ଟେଣ୍ଡର ନଥିପତ୍ର ମୂଲ୍ୟ (ଟଙ୍କାରେ): 11,800/-, କାର୍ଯ୍ୟ ଶେଷ ହେବା ଅବଧି : 12 (ବାର) ମାସ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ:** ତା.03.01.2020ରିଖ 1200 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ / କୋରିୟର / ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ। ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ)/ ଭୁବନେଶ୍ୱର

PR-96/CC/19-20



**ଓଡ଼ିଶା ଜଳ ବିଦ୍ୟୁତ୍ ନିଗମ ଲିମିଟେଡ୍**

OHPC ISO 9001:2008 Certified Company

ଓଡ଼ିଶା ରାଜ୍ୟ ଆରକ୍ଷୀ ଗୃହନିର୍ମାଣ ଓ କଲ୍ୟାଣ ନିଗମ କାର୍ଯ୍ୟାଳୟ, ବାଣୀବିହାର ଛକ, ଜନପଥ, ଭୁବନେଶ୍ୱର – ୭୫୧୦୨୨

**ସାଧାରଣ ବିଜ୍ଞପ୍ତି**

ବିଦ୍ୟୁତ୍ ଅଧିନିୟମ, ୨୦୦୩ର ପରିଚ୍ଛେଦ ୬୪ (୨) ଅନୁଯାୟୀ, ଓଡ଼ିଶା ଜଳ ବିଦ୍ୟୁତ୍ ନିଗମର ୨୦୨୦-୨୧ ଆର୍ଥିକ ବର୍ଷ ପାଇଁ ସମୁଦାୟ ଆବଶ୍ୟକ ପୁଞ୍ଜି ଏବଂ ବିଦ୍ୟୁତ୍ ବିକ୍ରୟ ମୂଲ୍ୟ ନର୍ଦ୍ଧାରଣ ନିମିତ୍ତ ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗ, ଭୁବନେଶ୍ୱର-୨୧ ଙ୍କ ନିକଟରେ ଅନୁମୋଦନ ପାଇଁ ଦାଖଲ କରାଯାଇଥିବା ଦରଖାସ୍ତର ପ୍ରକାଶନ।

୧) କମ୍ପାନୀ ଅଧିନିୟମ, ୧୯୫୬ ଅନୁଯାୟୀ ଗଠନ ହୋଇଥିବା ଓଡ଼ିଶା ଜଳ ବିଦ୍ୟୁତ୍ ନିଗମ ଏକ ବିଦ୍ୟୁତ୍ ଉତ୍ପାଦନ କମ୍ପାନୀ, ବିଦ୍ୟୁତ୍ ଅଧିନିୟମ ୨୦୦୩ର ପରିଚ୍ଛେଦ ୬୪ ଓ ୮୬ ଅନୁଯାୟୀ ୨୦୨୦-୨୧ ଆର୍ଥିକ ବର୍ଷ ପାଇଁ ତାର ସମୁଦାୟ ଆବଶ୍ୟକ ପୁଞ୍ଜି ଏବଂ ବିଦ୍ୟୁତ୍ ବିକ୍ରୟ ମୂଲ୍ୟ ନିର୍ଦ୍ଧାରଣ ନିମିତ୍ତ ଦରଖାସ୍ତ ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗ, ଭୁବନେଶ୍ୱରଙ୍କ ନିକଟରେ ତା ୨୮.୧୧.୨୦୧୯ ରିଖରେ ଦାଖଲ କରିଅଛି, ଯାହା କେସ୍ ନମ୍ବର ୬୮/୨୦୧୯ ରେ ପଞ୍ଜିକୃତ କରାଯାଇଅଛି।

୨) ମାନ୍ୟବର ଆୟୁକ୍ତ ଜନ ଶୁଣାଣି ମାଧ୍ୟମରେ ଏହି ବିଷୟଟିର ଫଇସଲା କରିବା ନିମନ୍ତେ ସ୍ଥିର କରିଛନ୍ତି।

୩) ଉପରୋକ୍ତ ଦରଖାସ୍ତର ନକଲ ଓଡ଼ିଶା ଜଳ ବିଦ୍ୟୁତ୍ ନିଗମ କର୍ପୋରେଟ୍ କାର୍ଯ୍ୟାଳୟ, ବାଣୀ ବିହାର ଛକ, ଜନପଥ, ଭୁବନେଶ୍ୱର ଏବଂ ଏହାର ବିଭିନ୍ନ ବିଦ୍ୟୁତ୍ ଉତ୍ପାଦନ କେନ୍ଦ୍ରର ମୁଖ୍ୟଙ୍କ କାର୍ଯ୍ୟାଳୟରେ ଉପଲବ୍ଧ ହେବ। ଏହି ସାଧାରଣ ବିଜ୍ଞପ୍ତି ସହିତ ଦାଖଲ କରାଯାଇଥିବା ସମ୍ପୂର୍ଣ୍ଣ ଦରଖାସ୍ତ, ଓଡ଼ିଶା ଜଳ ବିଦ୍ୟୁତ୍ ନିଗମର ୱେବ୍‌ସାଇଟ୍ www.ohpcltd.com ଏବଂ ଆୟୋଗଙ୍କ ୱେବ୍‌ସାଇଟ୍ www.orierc.org ରେ ଉପଲବ୍ଧ ହେବ।

୪) (କ) **ତା.୧୬.୦୧.୨୦୨୦ ରିଖ** ମଧ୍ୟରେ ଉପରଲିଖିତ ଯେକୌଣସି କାର୍ଯ୍ୟାଳୟରେ କାର୍ଯ୍ୟ ଦିବସର କାର୍ଯ୍ୟାଳୟ ଖୋଲା ସମୟରେ ସଂପୃକ୍ତ ଅଧିକାରୀଙ୍କୁ ସାଧା କାଗଜରେ ଦରଖାସ୍ତ ଦେଇ, ଆଗ୍ରହୀ ବ୍ୟକ୍ତିମାନେ ଏହି ବିଷୟ ସମ୍ବନ୍ଧୀୟ ନଥିପତ୍ର ଦେଖିପାରିବେ ଏବଂ ଲେଖିକରି ଆଣି ପାରିବେ। ଉପରୋକ୍ତ ସମୁଦାୟ ଆବଶ୍ୟକ ପୁଞ୍ଜି ଦରଖାସ୍ତର ନକଲ ଉପରଲିଖିତ ଯେକୌଣସି କାର୍ଯ୍ୟାଳୟରେ କାର୍ଯ୍ୟ ଦିବସର କାର୍ଯ୍ୟାଳୟ ଖୋଲା ସମୟରେ ନକଲ ଦେୟ ବାବଦକୁ ଟ.୧୦୦/- ପୈଠ କରି ପାଇପାରିବେ।

(ଖ) ପ୍ରସ୍ତାବର ସାରାଂଶ ଆୟୋଗଙ୍କ ୱେବ୍‌ସାଇଟ୍ ରେ **ତା ୦୯.୦୧.୨୦୨୦ରିଖ** ପରେ ସର୍ବସାଧାରଣ ଅବଗତି ନିମନ୍ତେ ଉପଲବ୍ଧ ହେବ।

୫) ସମର୍ଥିତ କାଗଜ ପତ୍ର ସହିତ ଏହି ସମ୍ବନ୍ଧୀୟ କୌଣସି ପ୍ରସ୍ତାବ / ଆପତ୍ତି, ସଂପାଦକ **ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗ, ପ୍ଲଟ ନଂ.-୪, ଚୁନୁକୋଲି, ଶୈଳଶ୍ରୀ ବିହାର, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର – ୭୫୧ ୦୨୧** ଙ୍କ ନିକଟରେ ବ୍ୟକ୍ତି ବିଶେଷ କିମ୍ବା ରେଜିଷ୍ଟ୍ରି ଡାକ E-mail ଠିକଣା ସହିତ କିମ୍ବା କ୍ଷିପ୍ର ବାହକ ସେବା ମାଧ୍ୟମରେ ଦାଖଲ କରାଯାଇପାରେ, ଯାହାକି **ତା ୧୬.୦୧.୨୦୨୦ରିଖ** ଦିନ କିମ୍ବା ତା ପୂର୍ବରୁ ତାଙ୍କ ନିକଟରେ ନିଶ୍ଚିତ ପହଞ୍ଚିବା ଆବଶ୍ୟକ। ସମ୍ବନ୍ଧୀୟ କାଗଜପତ୍ର ସହିତ ଉପରୋକ୍ତ ପ୍ରସ୍ତାବ/ଆପତ୍ତିର ଏକ କିତା ନକଲ ନିମ୍ନ ସ୍ୱାକ୍ଷରକାରୀଙ୍କୁ ମଧ୍ୟ ଦେବା ଆବଶ୍ୟକ।

(କ) ପ୍ରସ୍ତାବ/ଆପତ୍ତି ଗୁଡ଼ିକର ୭ (ସାତ) କିତା ନକଲ ସଂପାଦକ, ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗଙ୍କ ନିକଟରେ ଦାଖଲ ହେବା ଆବଶ୍ୟକ ଏବଂ ସେଥିରେ ପ୍ରସ୍ତାବ/ଆପତ୍ତି ପଠାଇଥିବା ବ୍ୟକ୍ତି / ସଂଗଠନ / ଅନୁଷ୍ଠାନର ପୁରାନାମ ଓ ସମ୍ପୂର୍ଣ୍ଣ ଡାକ ଠିକଣା ରହିଥିବା ଆବଶ୍ୟକ ଏବଂ ତାହା ଏକ ସତ୍ୟପାଠ ଦ୍ୱାରା ସମର୍ଥିତ ହୋଇଥିବା ଆବଶ୍ୟକ।

(ଖ) କୌଣସି ବର୍ଗର ଉପଭୋକ୍ତାଙ୍କ ପାଇଁ କୌଣସି ସଂଗଠନ/ଅନୁଷ୍ଠାନ ତରଫରୁ ପ୍ରସ୍ତାବ/ ଅଭିଯୋଗ ପଞ୍ଜିକୃତ କରାଗଲେ, ତାହା ସ୍ପଷ୍ଟ ଭାବେ ସୂଚିତ ହେବା ଆବଶ୍ୟକ। ଯଦି ବ୍ୟକ୍ତିଗତ ଭାବରେ ଶୁଣାଣି କରାଇବାକୁ ଚାହାନ୍ତି, ତେବେ ଆୟୁକ୍ତଙ୍କୁ ସ୍ପଷ୍ଟ ଭାବେ ଜଣାଇବା ଆବଶ୍ୟକ।

(ଗ) ଉପରୋକ୍ତ ତାରିଖ ପରେ ପହଞ୍ଚିଥିବା ପ୍ରସ୍ତାବ / ଅଭିଯୋଗ ଗୁଡ଼ିକ ଏବଂ ଉପରୋକ୍ତ ନିୟମାବଳୀର ସର୍ତ୍ତ ସଂପୂର୍ଣ୍ଣ ଭାବେ ପୂରଣ ନହେଲେ, ଏହା ଶୁଣାଣି ପାଇଁ ଗ୍ରହଣଯୋଗ୍ୟ ହୋଇ ନପାରେ। କେବଳ ଯେଉଁ ଅଭିଯୋଗ/ପ୍ରସ୍ତାବ ଗୁଡ଼ିକ ସତ୍ୟପାଠ ମାଧ୍ୟମରେ ପୈଠ କରାଯାଇଥିବ, ସେହି ଗୁଡ଼ିକୁ କେବଳ ଶୁଣାଣି ପାଇଁ ଗ୍ରହଣ କରାଯିବ।

୬) **ଆୟୁକ୍ତଙ୍କ ନିର୍ଦ୍ଦେଶ କ୍ରମେ ଶୁଣାଣିର ତାରିଖ ଖବରକାଗଜରେ ଯଥାବିଧି ପ୍ରକାଶ କରାଯିବ ଏବଂ ଯେଉଁ ପକ୍ଷମାନଙ୍କର ଆପତ୍ତି ଗ୍ରହଣ କରାଯିବ ସେମାନଙ୍କୁ ମଧ ଜଣାଇ ଦିଆଯିବ।**

**ଓଡ଼ିଶା ଜଳ ବିଦ୍ୟୁତ୍ ନିଗମ ଅଧିନସ୍ଥ ବିଭିନ୍ନ ଶକ୍ତି ଉତ୍ପାଦନ କେନ୍ଦ୍ର ଗୁଡ଼ିକର ଆର୍ଥିକ ବର୍ଷ ୨୦୨୦-୨୧ ପାଇଁ ପ୍ରସ୍ତାବିତ କାପାସିଟି ମୂଲ୍ୟ ଓ ଏନର୍ଜି ମୂଲ୍ୟ**

| ବିଦ୍ୟୁତ୍ କେନ୍ଦ୍ରର ନାମ | ବାର୍ଷିକ ସ୍ଥାୟୀ ଖର୍ଚ୍ଚ ଦାବି (ଏ.ଆର.ଆର) (କୋଟି ଟଙ୍କାରେ) | ବାର୍ଷିକ କାପାସିଟି ମୂଲ୍ୟ (ଏ.ସି.ସି) (କୋଟି ଟଙ୍କାରେ) | ବାର୍ଷିକ ଏନର୍ଜିମୂଲ୍ୟ (ଏ.ଇ.ସି) (କୋଟି ଟଙ୍କାରେ) | ବିକ୍ରୟ ରୁପାଙ୍କନ ଶକ୍ତି (ମିଲିୟନ ୟୁନିଟ୍‌ରେ) | ଏନର୍ଜିମୂଲ୍ୟ ହାର (ଇ.ସି.ଆର) (ପଇସା/ୟୁନିଟ୍) |
|---|---|---|---|---|---|
| ରେଙ୍ଗାଳି | ୬୬.୨୨୭ | ୩୩.୬୧୩ | ୩୩.୬୧୩ | ୫୧୯.୭୫ | ୬୪.୬୭୨ |
| ଉପର କୋଲାବ | ୬୬.୨୯୬ | ୩୩.୧୪୮ | ୩୩.୧୪୮ | ୮୨୩.୬୮ | ୪୦.୨୪୪ |
| ବାଲିମେଳା | ୭୭.୨୪୧ | ୩୮.୬୨୧ | ୩୮.୬୨୧ | ୧୧୭୧.୧୭ | ୩୨.୯୭୬ |
| ହୀରାକୁଦ୍ | ୧୦୧.୪୬୭ | ୫୦.୭୩୪ | ୫୦.୭୩୪ | ୬୬୦.୫୨ | ୭୬.୮୦୯ |
| ଚିପିଲିମା | ୪୫.୫୩୨ | ୨୨.୭୬୬ | ୨୨.୭୬୬ | ୪୮୫.୧୦ | ୪୬.୯୩୧ |
| ଉପର ଇନ୍ଦ୍ରାବତୀ | ୧୭୮.୯୭୫ | ୮୯.୪୮୮ | ୮୯.୪୮୮ | ୧୯୪୨.୩୮ | ୪୬.୦୭୧ |

ତା. ୧୬.୧୨.୨୦୧୯

ସ୍ୱା/-
ନିର୍ଦ୍ଦେଶକ (ଅର୍ଥ)
ଓଡ଼ିଶା ଜଳ ବିଦ୍ୟୁତ୍ ନିଗମ

ବି.ଦ୍ର.: ୧. ଉପରୋକ୍ତ ସାଧାରଣ ବିଜ୍ଞପ୍ତି ସହିତ ବିଭିନ୍ନ ଜଳ ବିଦ୍ୟୁତ୍ କେନ୍ଦ୍ର ଗୁଡ଼ିକର ୨୦୨୦-୨୧ ଆର୍ଥିକ ବର୍ଷ ପାଇଁ ପ୍ରସ୍ତାବିତ ସମୁଦାୟ ଆବଶ୍ୟକ ପୁଞ୍ଜି ଏବଂ ବିଦ୍ୟୁତ୍ ବିକ୍ରୟ ମୂଲ୍ୟ ନିର୍ଦ୍ଧାରଣ ନିମିତ୍ତ ଦରଖାସ୍ତ ଓଡ଼ିଶା ଜଳ ବିଦ୍ୟୁତ୍ ନିଗମର ୱେବ୍‌ସାଇଟ୍ www.ohpcltd.com ଏବଂ ଆୟୋଗଙ୍କ ୱେବ୍‌ସାଇଟ୍ www.orierc.org ରେ ଉପଲବ୍ଧ।

୨. ଓଡ଼ିଆ ଭାଷାରେ ପ୍ରକାଶିତ ବିଜ୍ଞପ୍ତିରେ ଯଦି କୌଣସି ଦ୍ୱନ୍ଦ ଥାଏ, ତାହା ହେଲେ ସତ୍ୟତା ପାଇଁ ଇଂରାଜୀ ଭାଷାରେ ପ୍ରକାଶିତ ବିଜ୍ଞପ୍ତିକୁ ଅନୁସରଣ କରାଯାଇପାରେ।



ଆମକୁ ଯଦି କେହି ଚାପୁଡ଼ାଟାଏ ମାରିବ, ତେବେ ତାକୁ ଦୁଇ ଚାପୁଡ଼ା ମାରିବା ଉଚିତ, ତାହା ନ କଲେ ସେ ଆମକୁ ଭୀରୁ କା'ପୁରୁଷ ବୋଲି ଭାବିବ।
- ନେତାଜୀ ସୁଭାଷ ଚନ୍ଦ୍ର ବୋଷ



## ଆଜି କ'ଣ କେଉଁଠି

**ଭୁବନେଶ୍ୱର**
- ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ଜୟନ୍ତୀରେ ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ପାୱାର ହାଉସ୍ ଛକ, ସକାଳ ୮ଟା। ସାଧାରଣ ସଭା, ସୂଚନା ଭବନ, ଅପରାହ୍ନ ୫ଟା ୩୦।
- ଉତ୍କଳ ସମ୍ମିଳନୀ ପକ୍ଷରୁ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ଜୟନ୍ତୀରେ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ପାୱାର ହାଉସ ଛକ, ସକାଳ ୯ଟା।
- ଶିବାନନ୍ଦ ସେଣ୍ଟେନାରି ବାଳକ ଉଚ୍ଚ ବିଦ୍ୟାଳୟର ୩୫ତମ ବାର୍ଷିକ କ୍ରୀଡ଼ା ଉତ୍ସବ, ବିଦ୍ୟାଳୟ ପରିସର, ଚିଦାନନ୍ଦ ବିହାର, ଖଣ୍ଡଗିରି, ପୂର୍ବାହ୍ନ ୧୦ଟା।
- ଇଣ୍ଡିଆନ ରେଡ୍‌କ୍ରସ୍ ପକ୍ଷରୁ କାର୍ଯ୍ୟକାରୀ କମିଟି ସଭା, ରେଡକ୍ରସ ଭବନ, ପୂର୍ବାହ୍ନ ୧୧ଟା।
- ଜାତୀୟ ହସ୍ତଶିଳ୍ପ ତୋଷାଳି ମେଳା, ଜନତା ମଇଦାନ, ପୂର୍ବାହ୍ନ ୧୧ଟାରୁ ରାତି ୯ଟା ୩୦।
- ଗୁରୁକୁଳ ଗୀତାଞ୍ଜଳି ପକ୍ଷରୁ ସଙ୍ଗୀତ ମହୋତ୍ସବ 'ସ୍ୱରାର୍ଣ୍ଣବ', ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା।

**ଖୋର୍ଦ୍ଧା**
- ଜିଲାସ୍ତରୀୟ ବିଜ୍ଞାନମେଳା, ବିଜେବି ହାଇସ୍କୁଲ, ପୂର୍ବାହ୍ନ ୧୦ଟା।

**ପୁରୀ**
- ଶ୍ରୀକ୍ଷେତ୍ର ମହୋତ୍ସବର ଦ୍ୱିତୀୟ ଦିବସ, ସିଂହଦ୍ୱାର, ଅପରାହ୍ନ ୩ଟା।

## ପରିବର୍ତ୍ତିତ ମାର୍ଗରେ ଚାଲିବ ନୀଳାଚଳ, ରାଜଧାନୀ ଏକ୍ସପ୍ରେସ

**ଭୁବନେଶ୍ୱର, ୧୬।୧୨(ବ୍ୟୁରୋ):** ଝାଡ଼ଖଣ୍ଡର ମୁରି ଷ୍ଟେଶନରେ ଇଲେକ୍ଟ୍ରିକାଲ ମେଣ୍ଟେନାନ୍ସ କାମ ଚାଲୁଥିବାରୁ ମଙ୍ଗଳବାର ଦିଲ୍ଲୀ ଯାଉଥିବା ଦୁଇଟି ଟ୍ରେନ୍‌ର ମାର୍ଗ ପରିବର୍ତ୍ତନ କରାଯାଇଛି। ୧୨୮୭୫ ପୁରୀ-ଆନନ୍ଦ ବିହାର ଟର୍ମିନାଲ ନୀଳାଚଳ ଏକ୍ସପ୍ରେସ ଓ ୨୨୮୨୩ ଭୁବନେଶ୍ୱର-ନୂଆଦିଲ୍ଲୀ ରାଜଧାନୀ ଏକ୍ସପ୍ରେସ ଟାଟା-ଚାଣ୍ଡିଲ-ପୁରୁଲିଆ-ବୋକାରୋ ଷ୍ଟିଲ ସିଟି ଦେଇ ଚଳାଚଳ କରିବ। ମୁରି-କୋଟଶିଲା ଦେଇ ଏହି ଦୁଇ ଟ୍ରେନ ଚଳାଚଳ କରିବ ନାହିଁ। ସୂଚନାଯୋଗ୍ୟ, ଫେରିବା ସମୟରେ ଏହି ଦୁଇ ଏକ୍ସପ୍ରେସ ମୁରି-କୋଟଶିଲା ହୋଇ ଫେରିବ। ମରାମତି ଯୋଗୁ କେବଳ ଗୋଟିଏ ଦିନ ପରିବର୍ତ୍ତିତ ମାର୍ଗରେ ଟ୍ରେନ ଚାଲିବ ବୋଲି ରେଳପଥ ପକ୍ଷରୁ କୁହାଯାଇଛି।

## ଶ୍ରୀ ଲିଙ୍ଗରାଜଙ୍କ ନୀତି ୪ଘଣ୍ଟା ବିଳମ୍ବ

**ପୁରୁଣା ଭୁବନେଶ୍ୱର,୧୬।୧୨ (ଡି.ଏନ୍.ଏ.):** ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ନୀତିରେ ସୋମବାର ୪ଘଣ୍ଟା ବିଳମ୍ବ ହୋଇଥିବା ଜଣାପଡିଛି। ଶ୍ରୀଜୀଉଙ୍କ ପହିଲି ଭୋଗ ପାଇଁ ପ୍ରସ୍ତୁତ ହୋଇଥିବା ନୀତିନିର୍ଘଣ୍ଟ ବ୍ୟତିରେକ ପ୍ରମୁଖ ନିଯୋଗର ସେବାୟତମାନେ ଠାକୁରଙ୍କ ନୀତି ସମ୍ପାଦନ କରିଥିଲେ। ପର୍ଯ୍ୟାୟକ୍ରମେ ସମସ୍ତ ନୀତି ସମ୍ପାଦିତ ହୋଇଥିଲେ ମଧ ଏଭଳି ବ୍ୟତିକ୍ରମକୁ ନେଇ ଶ୍ରଦ୍ଧାଳୁଙ୍କ ମଧରେ ଅସନ୍ତୋଷ ପ୍ରକାଶ ଦେଖାଦେଇଥିଲା। ପ୍ରଶାସନ ଓ ସେବାୟତଙ୍କ ସମନ୍ୱୟ ଅଭାବରୁ ଏଭଳି ଘଟଣା ଘଟିଥିବା ଜଣାପଡିଛି।

### କମିଶନରେଟ ପୋଲିସକୁ ମହିଳାଙ୍କ ସୁରକ୍ଷା ଚିନ୍ତା

# ଛାତ୍ରୀ, ମହିଳା ହେବେ ସ୍ପେଶାଲ ପୋଲିସ ଅଫିସର

**ଭୁବନେଶ୍ୱର,୧୬।୧୨(ବ୍ୟୁରୋ)**

- ୪୧ ପ୍ରତିଷ୍ଠାନ ସମେତ ବିଭିନ୍ନ କର୍ପୋରେଟ ଅଫିସରେ ନିୟୋଜିତ ହେବେ
- ପ୍ରଥମ ପର୍ଯ୍ୟାୟରେ ୧୫୦ ଛାତ୍ରୀ ଓ କର୍ମଜୀବୀ ମହିଳା ନେବେ ଟ୍ରେନିଂ
- ଏକ ହ୍ୱାଟ୍ସଆପ୍ ଗ୍ରୁପ୍‌ରେ ଯୋଡ଼ିହେବେ



ଓଡ଼ିଶା ସମେତ ସାରା ଦେଶରେ ଏବେ ମହିଳାମାନେ ଅସୁରକ୍ଷିତ ହୋଇପଡୁଛନ୍ତି। ବଳାତ୍କାର ଓ ନିର୍ଯାତନା ସୀମା ଟପିଛି। ବିଶେଷକରି ହାଇଦ୍ରାବାଦ ମହିଳା ଡାକ୍ତର ଏବଂ ଉନ୍ନାଓ ଗଣବଳାତ୍କାର ଓ ହତ୍ୟା ଘଟଣା ପରେ ଭୁବନେଶ୍ୱର-କଟକ କମିଶନରେଟ ପୋଲିସର ଚିନ୍ତା ବଢ଼ିଛି। ପାଠପଢ଼ାଠାରୁ ଆରମ୍ଭ କରି କର୍ମକ୍ଷେତ୍ର ଓ ବାହାରେ ମହିଳାଙ୍କୁ ସୁରକ୍ଷା ଦେବା ପାଇଁ କମିଶନରେଟ ପୋଲିସ ଏକ ନୂଆ ନିଷ୍ପତ୍ତି ନେଇଛି। ଏଣିକି ଛାତ୍ରୀ ଓ କର୍ମଜୀବୀ ମହିଳାଙ୍କୁ ସ୍ପେଶାଲ ପୋଲିସ ଅଫିସର (ଏସ୍‌ପିଓ) ଭାବେ ନିଯୁକ୍ତି ମିଳିବ। ସେମାନଙ୍କୁ ଶିକ୍ଷାନୁଷ୍ଠାନ ସମେତ ବିଭିନ୍ନ ପ୍ରତିଷ୍ଠାନ ଓ କର୍ପୋରେଟ ଅଫିସରେ ନିୟୋଜିତ କରାଯିବ। ଆସନ୍ତା ୨ ତାରିଖରେ ଭୁବନେଶ୍ୱର ଓ ପରବର୍ତ୍ତୀ ସମୟରେ କଟକରେ ଏହାକୁ କାର୍ଯ୍ୟକାରୀ କରାଯିବ ବୋଲି ପୋଲିସ କମିଶନର ସୁଧାଂଶୁ ଷଡ଼ଙ୍ଗୀ ସୂଚନା ଦେଇଛନ୍ତି।

ସେ କହିଛନ୍ତି, ବିଭିନ୍ନ କାର୍ଯ୍ୟାଳୟରେ ମହିଳାମାନେ ଉଚ୍ଚ ଅଧିକାରୀଙ୍କ ଦ୍ୱାରା ଯୌନ ନିର୍ଯାତନାର ଶିକାର ହୋଇଥାନ୍ତି। ଚାକିରି ଚାଲିଯିବା ଭୟ ଓ ଥାନାକୁ ଅଭିଯୋଗ କରିବାକୁ ଗଲେ ପୋଲିସ ନ ଶୁଣିବା ଆଶଙ୍କା କରି ଏଭଳି ସଙ୍ଗିନ ଅପରାଧକୁ ଲୁଚାଇ ରଖିଥାନ୍ତି। ମହିଳା ଏସ୍‌ପିଓମାନେ ମହିଳା କର୍ମଚାରୀଙ୍କ ସହ ଉତ୍ତମ ସମ୍ପର୍କରେ ରହିବା ସହ ସହଯୋଗ ଓ ସୁରକ୍ଷା ଯୋଗାଇଦେବେ। ଏସ୍‌ପିଓଙ୍କ ମଧ୍ୟରୁ ପ୍ରତିନିଧି ବଛାଯିବେ। ଏନେଇ ସମସ୍ତ କର୍ପୋରେଟ ହାଉସ୍‌କୁ କମିଶନରେଟ ପୋଲିସ ପକ୍ଷରୁ ଚିଠି କରାଯାଇଛି। ଏସ୍‌ପିଓ ପାଇଁ ସେମାନେ ତାଲିକା ପୋଲିସକୁ ଦେବେ। ୪ କର୍ପୋରେଟ ହାଉସ ଏଥିରେ ସହମତି ପ୍ରକାଶ କରିବା ସହ ତାଲିକା ଦେଇଥିବା ଜଣାପଡ଼ିଛି। ପ୍ରାଥମିକ ପର୍ଯ୍ୟାୟରେ ୧୫୦ଜଣ ଛାତ୍ରୀ ଓ କର୍ମଜୀବୀ ମହିଳାଙ୍କୁ ଆତ୍ମରକ୍ଷା ପାଇଁ ସ୍ୱତନ୍ତ୍ର ପ୍ରଶିକ୍ଷଣ ଦିଆଯିବ। କୌଣସି ସ୍ୱତନ୍ତ୍ର ପୋଷାକର ବ୍ୟବସ୍ଥା ହୋଇ ନ ଥିବାବେଳେ ସେମାନେ ନିୟମିତଭାବେ ପୋଲିସର ଯୋଗାଯୋଗରେ ରହିବେ। ଏଥିପାଇଁ ଏକ ହ୍ୱାଟ୍ସଆପ୍ ଗ୍ରୁପ୍ କରାଯାଇ ସମସ୍ତ ଏସ୍‌ପିଓଙ୍କୁ ଯୋଡ଼ାଯିବ। ଛାତ୍ରୀ କିମ୍ବା କର୍ମଜୀବୀ ମହିଳା ନିର୍ଯାତନାର ଶିକାର ହେଉଥିବା ସୂଚନା ପାଇବା ମାତ୍ରେ ପୋଲିସକୁ ଜଣାଇବେ। ଏହାପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କମିଶନର ଷଡ଼ଙ୍ଗୀ କହିଛନ୍ତି।




ସୋମବାର ରବୀନ୍ଦ୍ର ମଣ୍ଡପଠାରେ ପଦ୍ମବିଭୂଷଣ ଧନଞ୍ଜୟନ୍ ଦମ୍ପତିଙ୍କ କନ୍ୟା ଦିବ୍ୟାଧରନ୍ ଧନଞ୍ଜୟନ୍ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍‌ଙ୍କଠାରୁ 'ଏକାଦଶ ଭରତମୁନୀ' ସମ୍ମାନ ଗ୍ରହଣ କରୁଛନ୍ତି।

## ଧନଞ୍ଜୟନ୍ ଦମ୍ପତିଙ୍କୁ 'ଭରତମୁନୀ ସମ୍ମାନ'

**ଭୁବନେଶ୍ୱର, ୧୬।୧୨(ବ୍ୟୁରୋ)**

ଏକାଦଶ ଭରତମୁନୀ ମହୋତ୍ସବ ସୋମବାର ରବୀନ୍ଦ୍ର ମଣ୍ଡପଠାରେ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ ମୁଖ୍ୟଅତିଥି ଭାବେ ଯୋଗଦେଇ ନାଟ୍ୟଶାସ୍ତ୍ର ପ୍ରଣେତା ଭରତମୁନୀଙ୍କ ଅବଦାନରେ ଗାନ୍ଧର୍ବ କଳା ବିଶ୍ୱମୁଖୀ ହୋଇଛି ବୋଲି ମତବ୍ୟକ୍ତ କରିଛନ୍ତି। ଏଥିରେ ଉଚ୍ଚଶିକ୍ଷା ଓ କୃଷି ମନ୍ତ୍ରୀ ଅରୁଣ କୁମାର ସାହୁ ଏବଂ ସଂସ୍କୃତି ବିଭାଗ ପ୍ରମୁଖ ଶାସନ ସଚିବ ମନୋରଞ୍ଜନ ପାଣିଗ୍ରାହୀ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଏହି ଅବସରରେ ବିଶିଷ୍ଟ ଭାରତନାଟ୍ୟମ୍ ନୃତ୍ୟଗୁରୁ ପଦ୍ମବିଭୂଷଣ ଧନଞ୍ଜୟନ୍ ଦମ୍ପତିଙ୍କୁ 'ଏକାଦଶ ଭରତମୁନୀ' ସମ୍ମାନ ପ୍ରଦାନ କରାଯାଇଥିଲା। ଅସୁସ୍ଥତା ହେତୁ ଧନଞ୍ଜୟନ୍‌ଙ୍କ ଏହି ମର୍ଯ୍ୟାଦାଜନକ ସମ୍ମାନକୁ ତାଙ୍କ ସୁକନ୍ୟା ଦିବ୍ୟାଧରନ୍ ଧନଞ୍ଜୟନ୍ ଗ୍ରହଣ କରିଥିଲେ। ପ୍ରାରମ୍ଭରେ ଅନୁଷ୍ଠାନର ଅଧ୍ୟକ୍ଷ ଅବସର ବେଉରିଆ ସ୍ୱାଗତଭାଷଣ ଦେଇଥିବାବେଳେ ଟ୍ରଷ୍ଟି ପୁଷ୍ପିତା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଅଧ୍ୟାପକ ଡ. ମୃତ୍ୟୁଞ୍ଜୟ ରଥଙ୍କ ସଂଯୋଜନା ଏବଂ ଅଂଶୁମାନ୍ ମିଶ୍ରଙ୍କ ପରିଚାଳନାରେ ପ୍ରସ୍ତୁତ ସନ୍ଧ୍ୟାରେ ପ୍ରଥମ ପରିବେଷଣ ଥିଲା 'ନୃତ୍ୟଶାଳା' ଅନୁଷ୍ଠାନର ଦଳଗତ ଉପସ୍ଥାପନା 'ସରସ୍ୱତୀ ବନ୍ଦନା'। ପରେ ପରେ ନୃତ୍ୟାଭିନୟ 'ବର୍ଷା, ବସନ୍ତ ଓ ବୈଶାଖ' ପରିବେଷିତ ହୋଇଥିଲା। ଏହାପରେ ଗୁରୁ ଅଶୋକ କୁମାର ଘୋଷାଲ ଓ ବନ୍ଦିତା ଘୋଷାଲଙ୍କ ମନଛୁଆଁ ପରିବେଷଣ ପରେ ବିଶିଷ୍ଟ କଥାକଳି ଶିଳ୍ପୀ ରଣଜିଶ୍ ନାୟାର 'ଦୁର୍ଯ୍ୟୋଧନ ବଧନ୍' ପରିବେଷଣ କରିଥିଲେ। ଅନ୍ତିମ ଚରଣରେ ଭାରତନାଟ୍ୟମ୍ ନୃତ୍ୟାଙ୍ଗନା ଦିବ୍ୟାଧରନ୍ ଧନଞ୍ଜୟନ୍ ଶାସ୍ତ୍ରୀୟ ନୃତ୍ୟରେ ଦର୍ଶକଙ୍କୁ ବାନ୍ଧି ରଖିଥିଲେ। ଏହି ଅବସରରେ କଳିଙ୍ଗାୟନ ତୋର୍ଯ୍ୟତ୍ରିକମ୍‌ର ବାର୍ଷିକ ମୁଖପତ୍ରକୁ ଅତିଥିମାନେ ଉନ୍ମୋଚନ କରିଥିଲେ।

## କୋଷାଗୁମୁଡ଼ା ନାବାଳିକା ବଳାତ୍କାର, ହତ୍ୟା ଘଟଣା ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଏନ୍‌ଏଚ୍‌ଆର୍‌ସିରେ ପିଟିଶନ

**ଭୁବନେଶ୍ୱର,୧୬।୧୨(ବ୍ୟୁରୋ)**

ନବରଙ୍ଗପୁର ଜିଲା କୋଷାଗୁମୁଡ଼ା ବ୍ଲକ ଅଞ୍ଚଳରେ ଜଣେ ନାବାଳିକାଙ୍କୁ ବଳାତ୍କାର ଓ ହତ୍ୟା ଘଟଣା ସାରା ରାଜ୍ୟରେ ଆଲୋଡ଼ନ ସୃଷ୍ଟି କରିଛି। ତେଣୁ ଘଟଣାକୁ ନେଇ ବିଭିନ୍ନ ରାଜନୈତିକି ଦଳ ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ଏଭଳି କ୍ଷେତ୍ରରେ ସୋମବାର ମାନବିକ ଅଧିକାର କର୍ମୀ ହିମାଂଶୁ ଶେଖର ନାୟକ ଏନ୍‌ଏଚ୍‌ଆରସିରେ ଅଭିଯୋଗ କରିଛନ୍ତି। ସେ କମିଶନଙ୍କ ନିକଟରେ ଅଭିଯୋଗ କରିଛନ୍ତି ଯେ, ମୃତ ନାବାଳିକାଙ୍କ ପରିବାରକୁ ତୁରନ୍ତ ୧୫ଲକ୍ଷ ଟଙ୍କାର କ୍ଷତିପୂରଣ ଦେବା ପାଇଁ ମୁଖ୍ୟଶାସନ ସଚିବଙ୍କୁ ନିର୍ଦ୍ଦେଶ ଦେବା ସହ ୩ ସପ୍ତାହ ମଧରେ ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ନିବେଦନ କରିଛନ୍ତି।

ସୂଚନାଯୋଗ୍ୟ, ଗତ ଶୁକ୍ରବାର ସନ୍ଧ୍ୟାରେ ନାବାଳିକାଙ୍କ ମା' ଓ ଭାଇ ପାଖ ପଡୋଶୀ ଘରକୁ ଯାଇଥିଲେ। ଏହି ସମୟରେ ନାବାଳିକା ଘରେ ଏକୁଟିଆ ଥିଲେ। ମା' ଓ ଭାଇ ଫେରିବାବେଳେ ନାବାଳିକା ଘରେ ନ ଥିବା ଦେଖି ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ ମଧ ପାଇ ନ ଥିଲେ। ଶନିବାର ସକାଳେ ନିକଟସ୍ଥ ଜମିରେ ନାବାଳିକାଙ୍କ ମୃତଦେହ ପଡିଥିବା ଦେଖି ଗ୍ରାମବାସୀ ପରିବାର ଲୋକଙ୍କୁ ଜଣାଇଥିଲେ। ପରିବାର ଲୋକେ ସେଠାରେ ପହଞ୍ଚି ଦେଖିବା ପରେ କୋଷାଗୁମୁଡ଼ା ଥାନାରେ ଅଭିଯୋଗ କରିଥିଲେ।

## ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



ହରପ୍ରସାଦ



ପ୍ରଶାନ୍ତ



ଜିତେନ୍ଦ୍ର



ତପନ



ସାସ୍ୱତ



ଜିତୁ

ଏଠାରେ ନାହିଁ? ଦେଖନ୍ତୁ ଆପଣଙ୍କ ସେଲ୍‌ଫି ଫଟୋ
www.dharitri.com/category/selfie/

# ବୁଢ଼ାବନ୍ଧରୁ ନରାଜ ବ୍ୟାରେଜ

**ମନୋଜ କୁମାର ସ୍ୱାଇଁ**
**ନରାଜ, ୧୬।୧୨ (ଡି.ଏନ୍.ଏ.)**

ନରାଜ ବ୍ୟାରେଜ୍। କଟକର ବାଦାମବାଡିଠାରୁ ୧୩ କିଲୋମିଟର ଏବଂ ଭୁବନେଶ୍ୱର ଜୟଦେବ ବିହାରଠାରୁ ପ୍ରାୟ ୨୭ କିଲୋମିଟର ଦୂର କାଠଯୋଡ଼ିରେ ନିର୍ମାଣ ହୋଇଛି। ୧୯୯୭ରେ ଏହାର ଶିଳାନ୍ୟାସ ହୋଇଥିଲା। ନିର୍ମାଣ କାର୍ଯ୍ୟ ସମ୍ପନ୍ନ ହେବା ପାଇଁ ଲାଗିଗଲା ୪ ବର୍ଷ। ଏଠାରେ ଜଳପ୍ରବାହ କ୍ଷମତା ୧୦,୪୧,୯୪୦ ଘନଫୁଟ ରହିଥିବା ବେଳେ ବ୍ୟାରେଜ୍‌ରେ ୪୬ ଗେଟ୍ ରହିଛି। ୯୪୦ମିଟର ଲମ୍ବର ଏହି ବ୍ୟାରେଜ ହେବା ପରେ ଲୋକଙ୍କ ଗମନାଗମନରେ ଉନ୍ନତି ଘଟିଥିଲା। ହେଲେ ବ୍ୟାରେଜ୍ ସ୍ଥାନଠାରୁ ପ୍ରାୟ ୪୦୦ ମିଟର ଦୂରରେ ଇଂରେଜ ଶାସନ ସମୟରେ ଏକ ବନ୍ଧ ନିର୍ମାଣ କରାଯାଇଥିଲା, ଯାହାର ନାମ ଥିଲା ବୁଢ଼ାବନ୍ଧ। ମହାନଦୀର ଜଳକୁ ନିୟନ୍ତ୍ରଣ କରି ଚାଷୋପଯୋଗୀ କରିବା ଏହାର ମୁଖ୍ୟ ଉଦ୍ଦେଶ୍ୟ ଥିଲା।

ସୂଚନାଯୋଗ୍ୟ, ନରାଜ ନିକଟରେ ମହାନଦୀ ଦୁଇଭାଗ ହୋଇଛି। ଗୋଟିଏ ଭାଗ ଜଳ କାଠଯୋଡ଼ି ନଦୀ ଭାବେ ପ୍ରବାହିତ ହେଉଛି। ମାତ୍ର ନରାଜଠାରେ ମହାନଦୀ ଜଳ ବିଭକ୍ତ ହେବା ପରେ କାଠଯୋଡି ଆଡ଼କୁ ଅଧିକ ଖାଲୁଆ ରହିଛି। ଫଳରେ ଅଧିକାଂଶ ଜଳ କାଠଯୋଡି ନଦୀକୁ ଚାଲିଯାଉଥିଲା। ଏହାଦ୍ୱାରା କାଠଯୋଡିର ଜଳସ୍ତର ବୃଦ୍ଧି ପାଉଥିବା ବେଳେ ମହାନଦୀର ଜଳସ୍ତର କମିଯାଉଥିଲା। ଏହାକୁ ଦୃଷ୍ଟିରେ ରଖି ସେତେବେଳର ଇଂରେଜ ସରକାର ନରାଜସ୍ଥିତ କାଠଯୋଡି ପାଖରେ ଏହି ବନ୍ଧ ବସାଇଥିଲେ। ଫଳରେ ମହାନଦୀରେ ଜଳସ୍ତର ବୃଦ୍ଧି ପାଇଥିଲା। ଚାଷୀ କ୍ଷେତକୁ ପାଣି ମଡାଇ ଲାଭବାନ ହେଉଥିଲେ। ମାତ୍ର ସମୟ କ୍ରମେ ମହାନଦୀ ପୋତି ହୋଇଯିବାକୁ ଲାଗିଲା। ଏହାର ଜଳସ୍ତର ପୁନର୍ବାର କମିବାକୁ ଲାଗିଲା। ଏହାକୁ ଦୃଷ୍ଟିରେ ରଖି ୧୯୯୭ରେ ତତ୍କାଳୀନ ସରକାର ଏଠାରେ ବ୍ୟାରେଜ ନିର୍ମାଣ କରିବାକୁ ସ୍ଥିର କରିଥିଲେ। ନରାଜ ବ୍ୟାରେଜ ନିର୍ମାଣ ପରେ ମହାନଦୀର ଜଳସ୍ତର ବୃଦ୍ଧି ପାଇବା ସହ ବର୍ଷାଦିନେ ଉଭୟ ନଦୀର ଜଳକୁ ନିୟନ୍ତ୍ରଣ କରାଯାଇପାରିଥିଲା। ଏହାଛଡା ତଳିଆ ଅଞ୍ଚଳରେ ପୂର୍ବରୁ ହେଉଥିବା ବନ୍ୟାକୁ କିଛି ପରିମାଣରେ ରୋକାଯାଇପାରିଥିଲା। କିନ୍ତୁ ପରିତାପର ବିଷୟ ଏହି ବ୍ୟାରେଜକୁ ଅଦ୍ୟାବଧି ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରାଯାଇନାହିଁ।

ନରାଜ ବ୍ୟାରେଜ୍





ବୁଢ଼ାବନ୍ଧ

### କ'ଣ କୁହନ୍ତି ଏମାନେ



"୧୯୮୨ରେ ଦଳେଇଘାଇ ଭାଙ୍ଗିବା ପରେ ବର୍ଷାଜଳକୁ ନିୟନ୍ତ୍ରଣ କରିବା ପାଇଁ ଚିନ୍ତା ବଢ଼ିଲା। ପ୍ରତିକାର ସ୍ୱରୂପ ପରବର୍ତ୍ତୀ ସମୟରେ ନରାଜ ବ୍ୟାରେଜ ତିଆରି କରାଯାଇଥିଲା। ଏହା ନିର୍ମାଣ ହେବା ଦ୍ୱାରା ବର୍ଷାଜଳ ନିୟନ୍ତ୍ରଣ ହେବା ସହ କଟକକୁ ଗମନାଗମନରେ ସୁବିଧା ହୋଇଥିଲା।

- ଲିଙ୍ଗରାଜ ସାହୁ, ନରାଜ ବାସିନ୍ଦା



"କାଠଯୋଡ଼ି ନଦୀ ପାଖ ଖାଲୁଆ ଥିବାରୁ ମହାନଦୀର ପାଣି କାଠଯୋଡିକୁ ଚାଲି ଯାଇଥାଏ। ଫଳରେ ଚାଷପାଇଁ ମହାନଦୀରେ ପାଣି କମିଯାଏ। ଏଠାରେ ଥିବା ବୁଢ଼ାବନ୍ଧଟି ପୁରୁଣା ହୋଇଯାଇଥିଲା ଏବଂ ପୂର୍ବରୁ ଥରେ ଭାଙ୍ଗିଯାଇଥିଲା। ସେତେବେଳେ ଏହାକୁ ସଜଡାଯାଇଥିଲେ ମଧ ତାହାର ବିକଳ୍ପ ପାଇଁ ଏହି ବ୍ୟାରେଜ ନିର୍ମାଣ ହୋଇଛି।

- ବିରଞ୍ଚି ଓଝା, ସରପଞ୍ଚ ନରାଜ



"ବ୍ୟାରେଜ ହେବା ଦ୍ୱାରା ବାଙ୍କୀ ଅଞ୍ଚଳର ଲୋକେ ଉପକୃତ ହୋଇଥିଲେ। ଏହାଦ୍ୱାରା କଟକକୁ ଯାତାୟାତ ରାସ୍ତା କମିବା ସହ ମହାନଦୀର ଜଳସ୍ତର ବୃଦ୍ଧି ପାଇଲା। ବ୍ୟାରେଜ ଦ୍ୱାରା ଜଳସ୍ତର ନିୟନ୍ତ୍ରଣ ହୋଇପାରୁଛି। ଫଳରେ ଖରାଦିନେ ମହାନଦୀରେ ଜଳ ପ୍ରବାହିତ ହୋଇପାରିବା ସହ ଚାଷୀମାନେ ଉପକୃତ ହୋଇପାରୁଛନ୍ତି।

- ରାମଚନ୍ଦ୍ର ସ୍ୱାଇଁ, ଅବସରପ୍ରାପ୍ତ କନିଷ୍ଠ ଯନ୍ତ୍ରୀ



ଜୀବନର ବହୁ ଦୁଃଖ ଦୁର୍ଦ୍ଦଶା ସହିତ ଲଢ଼ିବାକୁ ପ୍ରଭୁ ଆମକୁ ଦୁଇଟି ଅସ୍ତ୍ର ଦେଇଛନ୍ତି- ଆଶା ଆଉ ନିଦ।
- ଭଲ୍‌ଟାୟାର

# ଭିଡ଼, ଜରିମାନାକୁ ଦୂରେଇବ ଫାଷ୍ଟାଗ୍ ବ୍ୟବସ୍ଥା

ଭୁବନେଶ୍ୱର,୧୬।୧୨(ବ୍ୟୁରୋ)

ସାରା ଦେଶର ଜାତୀୟ ରାଜପଥଗୁଡ଼ିକରେ ଥିବା ଟୋଲ୍‌ଗେଟରେ ରବିବାରଠାରୁ ଫାଷ୍ଟାଗ୍ ବ୍ୟବସ୍ଥା ଲାଗୁ ହୋଇଛି। ଓଡ଼ିଶା ଦେଇ ଯାଇଥିବା ଜାତୀୟ ରାଜପଥରେ ୧୧ଟି ଟୋଲ୍ ଗେଟ୍‌ରେ ଫାଷ୍ଟାଗ୍ ବ୍ୟବସ୍ଥା ଲାଗୁ ସହ ପୂର୍ବପରି ମାନୁଆଲ୍ ବ୍ୟବସ୍ଥା ମଧ୍ୟ ଚାଲୁ ରହିଛି। ସୋମବାର ଭୁବନେଶ୍ୱର-ପୁରୀ ଏନ୍‌ଏଚ୍-୩୧୬ର ପାଟଣାଶୀପୁର (ପିପିଲି) ଟୋଲଗେଟ୍ ଦେଇ ଯାତାୟତ କରୁଥିବା ଚାଳକଙ୍କ ସୁବିଧା ଅସୁବିଧାକୁ ଧରିତ୍ରୀ ଅନୁଧ୍ୟାନ କରିଥିଲା। ପିପିଲି ଟୋଲ୍‌ଗେଟ୍ ଦେଇ ପ୍ରତିଦିନ ୧୫ ହଜାରରୁ ଊର୍ଦ୍ଧ୍ୱ ଯାନବାହନ ଚଳାଚଳ କରୁଛି। ପୁରୀକୁ ଯିବା ଆସିବା ଲାଗି ଉଭୟ ପାର୍ଶ୍ୱରେ ୮ଟି ଲେନ କରାଯାଇଛି। ଗୋଟିଏ ପାର୍ଶ୍ୱରେ ଥିବା ୪ଟି ଲେନ ମଧ୍ୟରୁ ୨ଟି ଫାଷ୍ଟାଗ, ଗୋଟିଏ କ୍ୟାଶ ଏବଂ ଅନ୍ୟଟି ଭିଭିଆଇପିଙ୍କ ନିମନ୍ତେ ଉଦ୍ଦିଷ୍ଟ। ମାତ୍ର ୧୫ ପ୍ରତିଶତ ଲୋକ ବର୍ତ୍ତମାନ ଫାଷ୍ଟାଗ ବ୍ୟବହାର କରୁଥିବାରୁ କ୍ୟାଶ୍ ଲେନ୍‌ରେ ଭିଡ ଲାଗୁଛି। ଜନସାଧାରଣ ସଚେତନ ହେବା ସହ ୫୦ ପ୍ରତିଶତ ଲୋକ ଫାଷ୍ଟାଗ ବ୍ୟବହାର କରିବା ପରେ ଆଉ ଟୋଲରେ ଭିଡ଼ ଦେଖିବାକୁ ମିଳିବନି ବୋଲି ପିପିଲି ଟୋଲ୍‌ଗେଟ୍‌ର ପରିଚାଳକ ନକୁଳ ଚନ୍ଦ୍ର ଦାସ କହିଛନ୍ତି।








■ ପିପିଲି ଟୋଲ୍‌ଗେଟ୍‌ରେ ମାତ୍ର ୧୫% ବ୍ୟବହାରକାରୀ
■ ଅତି ସହଜରେ ଉପଲବ୍ଧ ହେଉଛି ସେବା

## ଦୁଇଗୁଣା ଜରିମାନା ଭରିବାକୁ ପଡ଼ିବ

ଫାଷ୍ଟାଗ ବ୍ୟବସ୍ଥା ନ ଥିବା ଯାନଗୁଡ଼ିକ କ୍ୟାଶ୍ ଲେନ୍‌ରେ ଯିବାକୁ ପଡ଼ିବ। ଯଦି ଫାଷ୍ଟାଗ ଲେନ୍‌ରେ ବେନିୟମ ଭାବେ ଗାଡ଼ି ପ୍ରବେଶ କରେ ତେବେ ଦୁଇଗୁଣା ଜରିମାନା ଭରିବାକୁ ପଡ଼ିବ। ଏହି ନିୟମକୁ ଏନ୍‌ଏଚ୍‌ଏଆଇ ତରଫରୁ ଲାଗୁ କରାଯାଇଥିବା ବେଳେ ଆଗକୁ ଏହା କଡ଼ାକଡ଼ି ଭାବେ ପାଳନ କରାଯିବ। ଗତ ରବିବାର ପୁରୀ -ଭୁବନେଶ୍ୱର ରାସ୍ତାରେ ଥିବା ଟୋଲଗେଟ୍‌ଗୁଡ଼ିକରେ ଭିଡ ରହିଥିଲା। ଏକାଧିକ ଗାଡ଼ିଚାଳକ ତୁରନ୍ତ ଟୋଲଗେଟ ଅତିକ୍ରମ କରିବା ନିମନ୍ତେ ଫାଷ୍ଟାଗ ଗେଟରେ ଜବରଦସ୍ତ ପ୍ରବେଶ କରିଥିଲେ। ଏଥିଯୋଗୁ ୧୦ରୁ ଊର୍ଦ୍ଧ୍ୱ ଗାଡ଼ିକୁ ଜରିମାନା ଦେବାକୁ ପଡ଼ିଥିଲା। ତେବେ ପରେ ଏହି ନିୟମକୁ କୋହଳ କରାଯାଇଛି। ଏବେ ଫାଷ୍ଟାଗ ବ୍ୟବହାର ନେଇ ସଚେତନତା ସୃଷ୍ଟି କରାଯାଉଛି। ତେଣୁ ପରବର୍ତ୍ତୀ ସମୟରେ ଜରିମାନା ନିୟମ କଡ଼ାକଡ଼ି ପାଳନ କରାଯିବ ବୋଲି ଟୋଲଗେଟ୍ ପରିଚାଳକ ଦାସ କହିଛନ୍ତି।

## ଏହା ଅତି ସୁନ୍ଦର ବ୍ୟବସ୍ଥା

ଏ ନେଇ ପୁରୀ ଟାଉନ ଅଞ୍ଚଳର ସୁନୀଲ କୁମାର ସିଂ କୁହନ୍ତି, ମାସକୁ ପ୍ରାୟ ୧୫ ଥର ପୁରୀରୁ କାର୍ ଯୋଗେ ଭୁବନେଶ୍ୱର ଓ କଟକ ଯିବା ଆସିବା କରୁଛି। ଏଥିସହ ଅନ୍ୟ ମାଲବାହୀ ଗାଡ଼ିଗୁଡ଼ିକର ମାସିକ ପାସ୍ ରହିଛି। ମାତ୍ର କାର୍ ବା ମାଲବାହୀ ଗାଡ଼ିର ରେଜିଷ୍ଟ୍ରେଶନ ନମ୍ବର ଏବଂ କୌଣସି ସରକାରୀ ପରିଚୟ ପତ୍ର ଦେଲେ ତାହା ୫ ମିନିଟରେ ଫାଷ୍ଟାଗ ଅନ୍ତର୍ଭୁକ୍ତ ହୋଇଯାଉଛି। ମାସିକ ପାସ ଥିବା ଯାନଗୁଡିକ ଅତି ସହଜରେ ଏହାର ଅନ୍ତର୍ଭୁକ୍ତ କରାଯାଇପାରୁଛି। ଏହା ଏକ ଅତି ସୁନ୍ଦର ବ୍ୟବସ୍ଥା, ପ୍ରତ୍ୟେକ ଚାଳକ ଏହାକୁ ବ୍ୟବହାର କରି ଏହାର ବିଭିନ୍ନ ସୁବିଧାର ଫାଇଦା ନେଇପାରିବେ।



## ଫାଷ୍ଟାଗ ଅନ୍ତର୍ଭୁକ୍ତ ହେବା ସହଜ

ବିଭିନ୍ନ ଟୋଲ୍‌ଗେଟରେ ପେଟିଏମ୍, ଏୟାରଟେଲ ଓ ବ୍ୟାଙ୍କର ଏଜେଣ୍ଟମାନେ ମାଗଣାରେ ଅନ୍‌ଲାଇନ ଜରିଆରେ ୧୦ ମିନିଟରେ ଫାଷ୍ଟାଗ କାର୍ଡ ପ୍ରଦାନ କରୁଛନ୍ତି। ଏଥିସହ ୧୩ଟି ରାଷ୍ଟ୍ରାୟତ୍ତ ବ୍ୟାଙ୍କରେ ଫାଷ୍ଟାଗ୍ ସେବା ଉପଲବ୍ଧ ହେଉଛି। ସେହିପରି ଅନଲାଇନ ଜରିଆରେ ମଧ୍ୟ ଏହି ସେବା ଉପଲବ୍ଧ ରହୁଛି। ଅନଲାଇନ ଜରିଆରେ ବ୍ୟକ୍ତି ବିଶେଷଙ୍କ ଆକାଉଣ୍ଟ ରହିଥିବା ବ୍ୟାଙ୍କର ଫାଷ୍ଟାଗ ସେବା ଆପ୍‌କୁ ଖୋଲିବା ପରେ ପ୍ରଥମେ ଫିଙ୍ଗର ପ୍ରିଣ୍ଟ ଦେବାକୁ ପଡ଼ିବ। ଏହା ପରେ ଯାନର ରେଜିଷ୍ଟ୍ରେଶନ ନମ୍ବର ସହ ଆଧାର ବା ପ୍ୟାନ ନମ୍ବରକୁ ଲିଙ୍କ କରିବାକୁ ହେବ। ଏହା ପରେ ଏକ ଫାଷ୍ଟାଗ ୱାଲେଟ ଖୋଲିବା ସହ ଆପଣଙ୍କ କାର ଆଗରେ ଫାଷ୍ଟାଗ ଷ୍ଟିକରକୁ ଲଗାଯାଇଥାଏ। ଆପଣଙ୍କ ଯାନ ବା କାର ଟୋଲ ଗେଟ୍ ପାର ହେବାବେଳେ ଫାଷ୍ଟାଗ ଷ୍ଟିକର ଉପରେ ଥିବା ବାର୍ କୋଡ୍‌କୁ ସେଠାରେ ଲାଗିଥିବା ଲେଜର ଲାଇଟ ସ୍କାନର ସ୍କାନ କରିବା ପରେ ଆପଣଙ୍କ ୱାଲେଟ ଟଙ୍କା କଟିବ। ୱାଲେଟରୁ ଟଙ୍କା ସରିବା ପରେ ଆପଣ ପୁଣି ସେଥିରେ ଆବଶ୍ୟକ ମୁତାବକ ଟଙ୍କା ଭରି ପାରିବେ ବୋଲି ଏୟାରଟେଲ ମନି ୱାଲେଟ କର୍ମଚାରୀ ସିଦ୍ଧନାଥ ରାଉତ କୁହନ୍ତି।



‘ତୋଷାଳି’ର ଦ୍ୱିତୀୟ ସନ୍ଧ୍ୟା
# ମେଳାମଞ୍ଚରେ ପୁରୁଲିଆ ଛଉ

ଭୁବନେଶ୍ୱର,୧୬।୧୨(ବ୍ୟୁରୋ)

ରାଜ୍ୟ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ପକ୍ଷରୁ ଜନତା ମଇଦାନଠାରେ ଚାଲିଥିବା ଚତୁର୍ଦ୍ଦଶ ତୋଷାଳି ଜାତୀୟ ହସ୍ତଶିଳ୍ପ ମେଳାର ସୋମବାର ଥିଲା ଦ୍ୱିତୀୟ ଦିବସ। ଉଦ୍‌ଘାଟନୀ ସନ୍ଧ୍ୟାରେ ମେଳା ପରିସର ବହୁଳ ଜନସମାଗମ ପରେ ଦ୍ୱିତୀୟ ସନ୍ଧ୍ୟାରେ ସୋମବାର ସତ୍ତ୍ୱେ ମଧ୍ୟ ଲୋକଗହଳି ଦେଖିବାକୁ ମିଳିଥିଲା। ସନ୍ଧ୍ୟାରେ ମେଳାମଞ୍ଚରେ ଅନୁଷ୍ଠିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଅତିଥିଭାବେ ଶକ୍ତି ବିଭାଗ ଶାସନ ସଚିବ ବିଷ୍ଣୁପଦ ସେଠୀ ଓ ଅର୍ଥ ବିଭାଗ ପ୍ରମୁଖ ସଚିବ ଅଶୋକ କୁମାର ମୀନା ଯୋଗଦେଇ ସାଂସ୍କୃତିକ ସନ୍ଧ୍ୟାକୁ ଉଦ୍‌ଘାଟନ କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମରେ ସୋମବାର ରାଜସ୍ଥାନରୁ ଆସିଥିବା ଭୱାଇ ଗ୍ରୁପ୍‌ର କଳାକାରମାନେ ରାଜସ୍ଥାନୀ ନୃତ୍ୟ ପରିବେଷଣ କରିଥିଲେ। ପରେ ପରେ ପଶ୍ଚିମବଙ୍ଗ ପୁରୁଲିଆର କଳାକାରମାନେ ଚିତ୍ତାକର୍ଷକ ପୁରୁଲିଆ ଛଉ ନୃତ୍ୟ ପରିବେଷଣ କରି ଦର୍ଶକଙ୍କ ଭରପୂର ମନୋରଞ୍ଜନ କରିଥିଲେ। ଉତ୍ସବରେ ବିଭାଗୀୟ ସ୍ୱତନ୍ତ୍ର ସଚିବ ଶ୍ରୀକାନ୍ତ ପୃଷ୍ଟି ଅତିଥିମାନଙ୍କୁ ସ୍ୱାଗତ କରିବା ସହ ଉପଢୌକନ ପ୍ରଦାନ କରିଥିଲେ। ଏହାସହ ସମସ୍ତ କଳାକାରଙ୍କୁ ମେଳାମଞ୍ଚରେ ସମ୍ବର୍ଦ୍ଧିତ କରାଯାଇଥିଲା।

ଆଜି କ’ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

## ସଂକ୍ଷେପରେ

### ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

**ଜଟଣୀ,୧୬।୧୨(ଡି.ଏନ୍.ଏ.):** ଜଟଣୀ ଥାନା କୁଦିଆରୀ ମେଲଣପଡ଼ିଆ ସାହିରୁ ରବିବାର ପୋଲିସ ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର କରିଛି। ସେ ହେଲେ ସୁଶାନ୍ତ ସାମନ୍ତରାୟ। ସୂଚନା ଅନୁଯାୟୀ, ରବିବାର ବିଳମ୍ବିତ ରାତିରେ ସୁଶାନ୍ତ ରୋଷେଇଘର ଆଜବେଷ୍ଟସ୍ ପାଇପ୍‌ରେ ଡୋର୍ ସ୍କ୍ରିନ୍‌ରେ ଝୁଲୁଥିବା ଦେଖିବାକୁ ମିଳିଥିଲା। ଖବରପାଇ ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ଏମ୍‌ସ ଡାକ୍ତରଖାନା ପଠାଇଥିଲା। ମୃତ୍ୟୁର କାରଣ ଅସ୍ପଷ୍ଟ ରହିଥିବା ବେଳେ ଏ ନେଇ ପୋଲିସ ଅପମୃତ୍ୟୁ ମାମଲା (ନଂ.୬୮/୧୯) ରୁଜୁକରି ତଦନ୍ତ ଚଳାଇଛି।

### ବୃଦ୍ଧାଙ୍କ ମୃତଦେହ ଉଦ୍ଧାର

**କଟକ ଅଫିସ,୧୬।୧୨:** କଟକ ରେଳ ଷ୍ଟେଶନର ୨ନମ୍ବର ପ୍ଲାଟ୍‌ଫର୍ମ ତ୍ରିନାଥ ମନ୍ଦିର ପାଖରୁ ଜିଆର୍‌ପି ପୋଲିସ ସୋମବାର ଜଣେ ବୃଦ୍ଧାଙ୍କ ମୃତଦେହ ଉଦ୍ଧାର କରିଛି। ତାଙ୍କର ପରିଚୟ ମିଳି ନ ଥିବାବେଳେ ବୟସ ୬୦ ବର୍ଷ ହେବ ବୋଲି ଅନୁମାନ କରାଯାଉଛି। ମଙ୍ଗଳବାର ଏହି ମୃତଦେହ ବ୍ୟବଚ୍ଛେଦ କରାଯିବ ବୋଲି ଜିଆର୍‌ପି ଥାନା ଆଇଆଇସି ଉମାକାନ୍ତ ବିଶ୍ୱାଳ କହିଛନ୍ତି। ବୃଦ୍ଧା ଜଣକ ରେଳ ଷ୍ଟେଶନରେ ଦୀର୍ଘଦିନ ହେବ ଭିକ୍ଷାବୃତ୍ତି କରି ଆସୁଥିଲେ। କୌଣସି କାରଣ ବଶତଃ ସୋମବାର ସକାଳେ ତାଙ୍କର ମୃତ୍ୟୁ ଘଟିଥିବା କୁହାଯାଉଛି। ଉକ୍ତ ମନ୍ଦିର ପାଖରେ ବୃଦ୍ଧାଙ୍କ ମୃତଦେହ ପଡିଥିବା ସମ୍ପର୍କରେ ସନ୍ଧ୍ୟାରେ ଷ୍ଟେଶନ ମାଷ୍ଟର ଏ ନେଇ ଜିଆର୍‌ପି ଥାନାକୁ ଅବଗତ କରିଥିଲେ। ପରେ ପୋଲିସ ମୃତଦେହକୁ ଜବତ କରିଥିଲା। ବ୍ୟବଚ୍ଛେଦ ରିପୋର୍ଟ ମିଳିବା ପରେ ମୃତ୍ୟୁର କାରଣ ଜଣାପଡିବ ବୋଲି ଆଇଆଇସି ବିଶ୍ୱାଳ କହିଛନ୍ତି।

### ୩୧ ଅଧ୍ୟକ୍ଷଙ୍କ ସରକାରୀ ଆଇଟିଆଇ ପରିଦର୍ଶନ

**କଟକ ଅଫିସ, ୧୬।୧୨:** ଛତିଶଗଡର ୩୧ଟି ଶିଳ୍ପ ତାଲିମ ଅନୁଷ୍ଠାନର ଅଧ୍ୟକ୍ଷ ସୋମବାର ଖପୁରିଆସ୍ଥିତ ସରକାରୀ ଆଇଟିଆଇ ପରିଦର୍ଶନ କରି ଦକ୍ଷତା ସଂଗ୍ରହାଳୟ ବୁଲି ଦେଖିଥିଲେ। ସଂଗ୍ରହାଳୟରେ ସ୍ଥାନ ପାଇଥିବା ବସ୍ତୁଗୁଡିକ ଦେଖିବା ସହ ଏହା ବୈଷୟିକ ଜ୍ଞାନ କୌଶଳର ଏକ ଉଦାହରଣ ବୋଲି ମତବ୍ୟକ୍ତ କରିଥିଲେ। ଏଥିସହ ଆଇଟିଆଇର ବିଭିନ୍ନ ପ୍ରଡକ୍ସନ ସେଣ୍ଟର ପରିଦର୍ଶନ କରିଥିଲେ। ଏହି ପରିଦର୍ଶନ ବେଳେ କଲେଜର ଅଧ୍ୟକ୍ଷ ଡ. ହୃଷୀକେଶ ମହାନ୍ତିଙ୍କ ସମେତ ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ।

### ପୋଖରୀରେ ବୁଡ଼ି ନାବାଳିକା ମୃତ

**ଖୋର୍ଦ୍ଧା ଅଫିସ,୧୬।୧୨:** ପୋଖରୀରେ ବୁଡ଼ି ସୋମବାର ଜଣେ ନାବାଳିକାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଜଙ୍କିଆ ଥାନା ହିରାପୁର ପଞ୍ଚାୟତ ଇନ୍ଦୁପୁର ଗ୍ରାମର ମମତା ନାୟକ(୧୬)। ସୂଚନା ଅନୁଯାୟୀ, ମମତା ସୋମବାର ସକାଳେ ଗ୍ରାମରେ ଥିବା ଏକ ପୋଖରୀକୁ ଗାଧୋଇବାକୁ ଯାଇଥିଲେ। ଘରକୁ ଫେରିବାରେ ବିଳମ୍ବ ହେବାରୁ ପରିବାର ଲୋକ ତାଙ୍କୁ ଖୋଜାଖୋଜି କରିଥିଲେ। ପୋଖରୀରେ ତାଙ୍କ ମୃତଦେହ ଭାସୁଥିବା ଦେଖିବାକୁ ମିଳିଥିଲା। ଖବରପାଇ ପୋଲିସ ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ବ୍ୟବଚ୍ଛେଦ ପରେ ପୋଲିସ ମୃତଦେହକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା। ଏ ସମ୍ପର୍କରେ ପୋଲିସ ଏକ ଅପମୃତ୍ୟୁ ମାମଲା(ନଂ.୧୩/୧୯) ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

### ୨୯ରୁ ଆନ୍ତର୍ଜାତିକ ସବୁଜ ମହୋତ୍ସବ
### ସମସ୍ତେ ଲଗାଇବେ ଗୋଟିଏ ଲେଖାଏ ଗଛ

**ଭୁବନେଶ୍ୱର, ୧୬।୧୨ (ବ୍ୟୁରୋ):** ପ୍ରେରଣା ଇଣ୍ଟରନ୍ୟାଶନାଲ ଗ୍ରୀନ୍ ଆର୍ମି ପକ୍ଷରୁ ଆସନ୍ତା ୨୯ ତାରିଖରୁ ଆନ୍ତର୍ଜାତିକ ସବୁଜ ମହୋତ୍ସବ ଅନୁଷ୍ଠିତ ହେବ। ସବୁଜ ଓ ସ୍ୱଚ୍ଛ ଓଡ଼ିଶା, ଭାରତ ତଥା ବିଶ୍ୱ ପାଇଁ ଅଭିଯାନ ଆରମ୍ଭ କରିବା ଦିଗରେ ଏହି କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଓଡ଼ିଶାର ପ୍ରତ୍ୟେକ ଜିଲା, ଦେଶର ପ୍ରତ୍ୟେକ ରାଜ୍ୟର ରାଜଧାନୀ ଏବଂ ବିଦେଶରେ ରହୁଥିବା ପ୍ରବାସୀ ଓଡ଼ିଆମାନଙ୍କ ସଂଗଠନ ମାଧ୍ୟମରେ ଏହାକୁ ପ୍ରତ୍ୟେକ ଦେଶରେ ପାଳନ କରାଯିବ ବୋଲି ପ୍ରେରଣା ଗ୍ରୀନ ଆର୍ମିର କମାଣ୍ଡାଣ୍ଟ ଇନ୍ ଚିଫ୍ ଡ. ଦିଲୀପ ଶ୍ରୀଚନ୍ଦନ କହିଛନ୍ତି। ଏହି ପରିପ୍ରେକ୍ଷୀରେ ଆୟୋଜିତ ଉତ୍ସବରେ ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ ଅତିଥିଭାବେ ଯୋଗଦେଇ ଆନ୍ତର୍ଜାତିକ ସବୁଜ ମହୋତ୍ସବ ଲୋଗୋ ଉନ୍ମୋଚନ କରିଥିଲେ।

ସରିଲା ମିଶନ ଶକ୍ତି ମେଳା
# ୬ କୋଟି ଟପିଲା ବ୍ୟବସାୟ



ଭୁବନେଶ୍ୱର,୧୬।୧୨(ବ୍ୟୁରୋ)

ମିଶନ ଶକ୍ତି ନିର୍ଦ୍ଦେଶାଳୟ, ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି ବିଭାଗ ପକ୍ଷରୁ ପ୍ରଥମଥର ପାଇଁ ରାଜଧାନୀରେ ଆୟୋଜିତ ‘ମିଶନ ଶକ୍ତି ମେଳା’ ସୋମବାର ଉଦ୍‌ଯାପିତ ହୋଇଯାଇଛି। ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକ ଦ୍ୱାରା ପ୍ରସ୍ତୁତ ଦ୍ରବ୍ୟର ବିକ୍ରୟ ପାଇଁ ଆୟୋଜିତ ଏହି ମେଳାରେ ମୋଟ ୬ କୋଟି ୫୫ ହଜାର ଟଙ୍କାର ସାମଗ୍ରୀ ବିକ୍ରିବଟା ହୋଇଥିବା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଉଦ୍‌ଯାପନୀ ସମାରୋହରେ ବିଭାଗୀୟ ମନ୍ତ୍ରୀ ଟୁକୁନି ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ଉତ୍ପାଦକ ଗୋଷ୍ଠୀଗୁଡ଼ିକ ଦ୍ୱାରା ପ୍ରସ୍ତୁତ ଦ୍ରବ୍ୟର ପ୍ରଦର୍ଶନ ଓ ବିକ୍ରୟ ପାଇଁ ଏହି ମେଳା ରାଜ୍ୟ ସରକାରଙ୍କ ଏକ ଅନନ୍ୟ ପ୍ରଚେଷ୍ଟା ବୋଲି କହିଥିଲେ। ଗ୍ରାମ ଓ ସହରାଞ୍ଚଳର ମହିଳା ଉତ୍ପାଦକ ଗୋଷ୍ଠୀଗୁଡ଼ିକ ଦ୍ୱାରା ଉତ୍ପାଦିତ ପଦାର୍ଥର ପ୍ରଦର୍ଶନ, ବିକ୍ରୟ ପାଇଁ ବଜାର ବ୍ୟବସ୍ଥା ଓ ଖାଉଟିମାନଙ୍କ ପ୍ରାଥମିକତା ଆଧାରରେ ପଦାର୍ଥଗୁଡିକର ମାନ ବୃଦ୍ଧି କରାଇବାରେ ବିଶେଷ ସହାୟକ ହୋଇଥିବା ସେ କହିଥିଲେ।

## ଖୋଲିବ ସ୍ୱତନ୍ତ୍ର ମିଶନ ଶକ୍ତି ପୋର୍ଟାଲ: ମନ୍ତ୍ରୀ

ଉଦ୍‌ଯାପନୀ ସମାରୋହରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକ ଦ୍ୱାରା ପ୍ରସ୍ତୁତ ଦ୍ରବ୍ୟର ବିକ୍ରିବଟା ଓ ପ୍ରଚାର ପ୍ରସାର ପାଇଁ ମିଶନ ଶକ୍ତି ଏବଂ ଟାଟା ଷ୍ଟିଲ୍ ମଧ୍ୟରେ ଚୁକ୍ତିନାମା ସ୍ୱାକ୍ଷର କରାଯାଇଥିଲା। ଏହା ମାଧ୍ୟମରେ ଖୁବ୍‌ଶୀଘ୍ର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକ ଦ୍ୱାରା ପ୍ରସ୍ତୁତ ଦ୍ରବ୍ୟର ଅନ୍‌ଲାଇନ୍ ବିକ୍ରୟ ପାଇଁ ସ୍ୱତନ୍ତ୍ର ମିଶନ୍ ଶକ୍ତି ପୋର୍ଟାଲ ପ୍ରସ୍ତୁତ କରାଯିବ ବୋଲି ମନ୍ତ୍ରୀ ସାହୁ ସୂଚନା ଦେଇଛନ୍ତି। ତେବେ ୩୦୦ ମହିଳା ଉତ୍ପାଦକ ଗୋଷ୍ଠୀକୁ ସୁଦୃଢ଼ କରିବାକୁ ମିଶନ ଶକ୍ତି, ଓର୍‌ମାସ୍ ସହିତ ଚୁକ୍ତି କରିଥିବାବେଳେ ଏବେ ଏହି ନୂତନ ଚୁକ୍ତି ଦ୍ୱାରା ରାଜ୍ୟରେ ମହିଳାମାନଙ୍କ ସାମାଜିକ ଓ ଅର୍ଥନୈତିକ ସ୍ଥିତି ସୁଦୃଢ଼ ହୋଇପାରିବ। ସେହିଭଳି ବର୍ଷସାରା ସହରାଞ୍ଚଳରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକ ଦ୍ୱାରା ପ୍ରସ୍ତୁତ ଦ୍ରବ୍ୟ ଉପଲବ୍ଧ କରାଇବା ପାଇଁ ଗଣ୍ଡମୁଣ୍ଡା ନିକଟରେ ୬୪ ଦୋକାନଗୃହ ବିଶିଷ୍ଟ ସ୍ଥାୟୀ ମିଶନ ଶକ୍ତି ବଜାର ନିର୍ମାଣ କରାଯିବ ବୋଲି ମନ୍ତ୍ରୀ ସାହୁ କହିଛନ୍ତି। କାର୍ଯ୍ୟକ୍ରମରେ ମିଶନ୍ ଶକ୍ତିର ଉପଦେଷ୍ଟା ଡ. ଲୋପାମୁଦ୍ରା ବକ୍ସିପାତ୍ର, ମିଶନ୍ ଶକ୍ତି ନିର୍ଦ୍ଦେଶାଳୟ କମିଶନର ତଥା ନିର୍ଦ୍ଦେଶିକା ସୁଜାତା ଆର୍ କାର୍ତ୍ତିକେୟନ୍, ଏନ୍‌ଆର୍‌ଏଲ୍‌ଏମ୍ ନିର୍ଦ୍ଦେଶକ ସ୍ମୃତିରଞ୍ଜନ ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ମେଳାରେ ମୋଟ ୨୦୨ ଷ୍ଟଲରେ ବିଭିନ୍ନ ପ୍ରକାର ହସ୍ତତନ୍ତ, ହସ୍ତଶିଳ୍ପ, ଜଙ୍ଗଲଜାତ ଦ୍ରବ୍ୟ, ଖାଦ୍ୟଜାତୀୟ ଦ୍ରବ୍ୟ, ମସଲା ଏବଂ ଅଣକୃଷିଜାତୀୟ ଦ୍ରବ୍ୟ ପ୍ରଦର୍ଶନ ଓ ବିକ୍ରୟ କରାଯାଇଥିଲା। ଏହାବ୍ୟତୀତ ୧୨ ଷ୍ଟଲରେ ମହିଳା ଉଦ୍ୟୋଗୀମାନଙ୍କ ଦ୍ୱାରା ପ୍ରସ୍ତୁତ ଖାଦ୍ୟ ସାମଗ୍ରୀ ବିକ୍ରୟ କରାଯାଇଥିଲା।

# ସିଆଇଏସ୍‌ଏଫରେ ଦୀକ୍ଷାନ୍ତ ପରେଡ ସମାରୋହ

ନରାଜ, ୧୬।୧୨(ଡି.ଏନ୍.ଏ.)

ମୁଣ୍ଡଳିସ୍ଥିତ କେନ୍ଦ୍ରୀୟ ସୁରକ୍ଷାବଳର ଖାରବେଳ ଆଞ୍ଚଳିକ ପ୍ରଶିକ୍ଷଣ କେନ୍ଦ୍ର ପରିସରରେ ସୋମବାର ପୂର୍ବାହ୍ନରେ ଦୀକ୍ଷାନ୍ତ ପରେଡ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଉତ୍ତର ପ୍ରଦେଶ ସିଭିଲ ପୋଲିସ ଫୋର୍ସ କନଷ୍ଟେବଲଙ୍କ ୨ୟ ବ୍ୟାଚର ତାଲିମ ପାଠ୍ୟକ୍ରମ ଶେଷ ହେବାପରେ ଏହି ସମାରୋହ ଆୟୋଜନ କରାଯାଇଥିଲା। ପାଠ୍ୟକ୍ରମରୁ ଉତ୍ତୀର୍ଣ୍ଣ ହୋଇଥିବା କନଷ୍ଟେବଲଙ୍କ ଦ୍ୱାରା ଏହି ପରେଡ୍ କାର୍ଯ୍ୟକ୍ରମ ହୋଇଥିଲ। ଏଥିରେ ସିଆଇଏସ୍‌ଏଫର ଡିଆଇଜି ଶାନ୍ତି. ଜି. ଜୟଦେବ ମୁଖ୍ୟଅତିଥିଭାବେ ଯୋଗଦେଇ ପରେଡ ନିରୀକ୍ଷଣ କରିଥିଲେ। ଏହି ଅବସରରେ ଶାନ୍ତି ଜୀ କହିଥିଲେ, ଦେଶରେ ଦିନକୁ ଦିନ ଆତଙ୍କବାଦ,ନକ୍ସଲବାଦ, ସନ୍ତ୍ରାସବାଦ ବୃଦ୍ଧି ପାଇବାରେ ଲାଗିଛି। ଏହାର ମୁକାବିଲା ପାଇଁ ପ୍ରସ୍ତୁତ ରହିବାକୁ ସେ ଆହ୍ୱାନ ଦେଇଥିଲେ। ଶେଷରେ ପ୍ରଶିକ୍ଷାର୍ଥୀ ପରେଡ କମାଇଣ୍ଡର କନଷ୍ଟେବଲ ଅରବିନ୍ଦ କୁମାର ଓ ଶ୍ରେଷ୍ଠ କନଷ୍ଟେବଲ ଭାବେ ବିକାଶ କୁମାରଙ୍କୁ ପ୍ରିନ୍ସିପାଲ ଟ୍ରଫି ପ୍ରଦାନ କରାଯାଇଥିଲା। ୬ମାସ ଅବଧିର ଏହି ତାଲିମ କାର୍ଯ୍ୟକ୍ରମରେ ୩୯୪ ଜଣ କନଷ୍ଟେବଲଙ୍କୁ ସ୍ୱତନ୍ତ୍ର ତାଲିମ ଦିଆଯାଇଥିଲା।




Central Electricity Supply Utility of Odisha
2nd Floor, IDCO Towers, Bhubaneswar-751022, Odisha

**PUBLIC NOTICE**

**Publication of Applications u/S. 64(2) of the Electricity Act, 2003 read with Reg. 53(7) of the OERC (Conduct of Business) Regulations, 2004 for approval of Aggregate Revenue Requirement and determination Wheeling Tariff & Retail Supply Tariff for the Financial Year 2020-21 filed by Central Electricity Supply Utility of Odisha (CESU) before the Odisha Electricity Regulatory Commission, Bhubaneswar-21.**

1. **The Central Electricity Supply Utility of Odisha (CESU), a deemed Distribution Licensee under Sec. 14 of the Electricity Act, 2003** has submitted its Application to the Odisha Electricity Regulatory Commission on **29.11.2019** for approval of its **Aggregate Revenue Requirement and determination Wheeling Tariff & Retail Supply Tariff for the Financial Year 2020-21, which has been registered as Case No.70/2019**. The application has been filed under Section 62 and other applicable provisions of the Electricity Act, 2003 read with OERC (Terms and Conditions for Determination of Wheeling Tariff & Retail Supply Tariff) Regulations, 2014 and OERC (Conduct of Business) Regulations, 2004. The Commission has decided to dispose of the case through a public hearing.
2. Copies of the aforesaid filing together with supporting materials are available with the Chief Executive Officer of Central Electricity Supply Utility of Odisha, Bhubaneswar and all Executive Engineers in charge of Distribution Divisions viz. (i)B.C.D.D.-I, Bhubaneswar, (ii) B.C.D.D-II, Bhubaneswar, (iii) Bhubaneswar Electrical Divn., Bhubaneswar, (iv) C.D.D-I, Cuttack, (v) C.D.D-II, Cuttack, (vi) Cuttack Electrical Divn., Cuttack, (vii) Puri Electrical Divn., Puri, (viii) Khurda Electrical Divn., Khurda, (ix) Balugaon Electrical Division, Balugaon, (x) Nayagarh Electrical Divn., Nayagarh, (xi) Nimapara Electrical Divn, Nimapara, (xii) Kendrapara Electrical Divn. No.I, Kendrapara, (xiii) Kendrapara Electrical Divn. No.II, Marsaghai, (xiv) Jagatsinghpur Electrical Divn., Jagatsinghpur, (xv) Paradeep Electrical Division, Paradeep, (xvi) Athagarh Electrical Divn., Athagarh, (xvii) Salipur Electrical Divn., Salipur, (xviii) Talcher Electrical Divn., Chainpal, (xix) Dhenkanal Electrical Divn., Dhenkanal and (xx)Angul Electrical Divn., Angul.
3. (a) Interested persons may inspect/peruse the relevant records pertaining to the matter enumerated in Para (1) above and take note thereof at the offices mentioned at Para (2) above during office hours on or before 16.01.2020 by making a plain paper application to any one of the aforesaid authorities. Alternately, the above public notice along with the details of filing and relevant matters may be downloaded from the Central Electricity Supply Utility's website **www.cescoorissa.com** as well as the Commission's website **www.orierc.org.**
(b) A summary of the proposal will be posted in the Commission's website after **09.01.2020** for general reference.
4. Salient features of the Revenue Requirement and Tariff Application shall be available during office hours to the interested persons from the offices mentioned at Para (2) above on payment of the photocopying charges (Rs.50/) on or before **16.01.2020**.
The said salient features as submitted by the licensee include:-
i) write up on the application,
ii) calculation of expected revenue from existing and proposed tariff,
iii) Information on subsidy
iv) calculation of revenue requirement,
v) balance sheet
vi) profit & loss account.
5. A full set of the Aggregate Revenue Requirement and determination Wheeling Tariff & Retail Supply Tariff for the Financial Year **2020-21** application can also be obtained during office hours from the offices mentioned at Para (2) above on payment of the photocopying charges, (Rs.200/-)only on or before **16.01.2020**.
6. Suggestions/objections, if any, together with supporting materials may be filed before the SECRETARY, ODISHA ELECTRICITY REGULATORY COMMISSION, PLOT NO.4, CHUNOKOLI,SAILASHREE VIHAR, BHUBANESWAR-751021 in person or through Registered Post with PIN Code including e-mail address /Courier Services only so as to reach him on or before **16.01.2020 positively**. A copy of the said suggestions/objections along with relevant documents shall also be served on the undersigned.
(a) The suggestions/objections should be filed in seven copies and should carry full name and postal address with PIN Code of the person/ organizations/ institutions sending the suggestions/objections and shall be supported by an affidavit.
(b) There shall be clear indication if the suggestions/objections are being filed on behalf of any organization/institution representing any category of consumers. It should also be specifically mentioned, if it is to be heard in person by the Commission.
(c) Suggestions/objections received after the date mentioned above or those which will prove deficient on any or more of the above points may not be admitted for hearing. **Only those objections/suggestions supported through affidavit will be taken up for hearing.**
7. As directed by the Commission, the date & place of public hearing shall be duly published in the newspaper and also be communicated to the parties whose objections are admitted.

**Dated 16.12.2019**
**Chief Executive Officer,**
**Central Electricity Supply Utility of Odisha**

**Note:**
i) The above public notice is also available in Central Electricity Supply Utility's website **www.cescoorissa.com** as well as in Commission's website **www.orierc.org**.
ii) In case of any ambiguity in the notice published in the Odia language, the notice published in English language may be referred for authenticity.



କୃତଜ୍ଞତା ରୂପକ ଋଣକୁ ଶୁଝିବା ଶକ୍ତିର ବାହାରେ ବୋଲି ଉଦାରମନା ଲୋକ ହିଁ ଧରି ନେଇଥାଏ।
- ଫ୍ରାଙ୍କ୍ଲିନ୍

# ଶ୍ରୀକ୍ଷେତ୍ର ମହୋତ୍ସବ ଉଦ୍‌ଘାଟିତ

ପୁରୀ ଅଫିସ, ୧୬।୧୨







ମଣିପୁରର କଳାକାରମାନେ ଲୋକକଳା ଥାଙ୍ଗ୍‌ଥା ପରିବେଷଣ କରୁଛନ୍ତି ଓ ପୁରୀ ମାର୍କଣ୍ଡେୟ ସାହିର ଆଶୁତୋଷ ମହାପାତ୍ର ଦୁର୍ଗା ମେଢ଼ ନୃତ୍ୟ କରୁଛନ୍ତି।

- ସାହିଯାତ ନୃତ୍ୟ, ସମରକଳାର ଝଲକ
- ଉତ୍କର୍ଷତାର ଶୀର୍ଷରେ ଉତ୍କଳୀୟ ସଂସ୍କୃତି
- ବର୍ଣ୍ଣାଢ୍ୟ ଶୋଭାଯାତ୍ରାରେ କମ୍ପିଲା ବଡ଼ଦାଣ୍ଡ
- ମାଣିକ, ଥାଙ୍ଗ୍‌ଥା ଓ ନବଦୁର୍ଗା ମୁଖ୍ୟ ଆକର୍ଷଣ

ପବିତ୍ର ଧନୁସଂକ୍ରାନ୍ତି ଅବସରରେ ସୋମବାରଠାରୁ ଶ୍ରୀକ୍ଷେତ୍ର ମହୋତ୍ସବ କମିଟି ପକ୍ଷରୁ ଶ୍ରୀକ୍ଷେତ୍ର ମହୋତ୍ସବ ଆରମ୍ଭ ହୋଇଛି। ଏଥିରେ ୫ଦିନ ବ୍ୟାପୀ ଶରଧାବାଲି ମୁକ୍ତାକାଶ ରଙ୍ଗମଞ୍ଚରେ ଝଲସିବ ଜାଗା ଆଖଡ଼ାର ସାହିଯାତ ପରମ୍ପରାର ବିବିଧ ନୃତ୍ୟ, ସମରକଳା, ବିଭିନ୍ନ ଲୋକକଳା ଓ ଲୋକନୃତ୍ୟ। ଚଳିତ ବର୍ଷ କୁଣ୍ଡେଇ ବେଣ୍ଟ ସାହି ପଥର ଆଖଡ଼ା ଏହି ମହୋତ୍ସବ ଦାୟିତ୍ୱରେ ରହିଛି। ସୋମବାର ଅପରାହ୍ନ ୩ଟାରେ ମହାପ୍ରଭୁଙ୍କ ଆଜ୍ଞାମାଳ ପାଇ ଏକ ବର୍ଣ୍ଣାଢ୍ୟ ଶୋଭାଯାତ୍ରାରେ ୮ସାହି ଜାଗା ଆଖଡ଼ାର କର୍ମକର୍ତ୍ତା, ବୁଦ୍ଧିଜୀବୀ, ସାଂସ୍କୃତିକ ପ୍ରେମୀ ବାହାରି ଶରଧାବାଲିରେ ପହଞ୍ଚିଥିଲେ। ଶ୍ରୀକ୍ଷେତ୍ରର ପାରମ୍ପରିକ ମେଢ ନୃତ୍ୟ, ଦୁଲଦୁଲି, ଘୁଡୁକି, ଘୋଡ଼ା ନାଚ ଆଦି ଏହି ଶୋଭାଯାତ୍ରାରେ ସାମିଲ ହୋଇଥିଲା।

ପୂର୍ବତନ ବାଚସ୍ପତି ମହେଶ୍ୱର ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରି କହିଥିଲେ, ଉତ୍କଳୀୟ ସଂସ୍କୃତି ବିଶ୍ୱରେ ଉତ୍କର୍ଷତା ଲାଭ କରିଛି। କଳା, ସଂସ୍କୃତିର ଅନ୍ତୁଡ଼ିଶାଳ ଶ୍ରୀକ୍ଷେତ୍ରର ଅନନ୍ୟ ପରମ୍ପରା ସାହିଯାତରେ ପ୍ରଦର୍ଶିତ ନାଗା, ମେଢ ନୃତ୍ୟ, ସମରକଳାକୁ ଉଜ୍ଜୀବିତ ରଖିବା ଏହି ମହୋତ୍ସବର ଲକ୍ଷ୍ୟ। ଆୟୋଜକ କମିଟିର ଅଧକ୍ଷ ସାହିନାୟକ ନାରାୟଣ ମହାପାତ୍ର ସଭାପତିତ୍ୱ କରିଥିଲେ। କାର୍ଯ୍ୟକାରୀ ସଭାପତି ବାବାଜୀ ମହାପାତ୍ର, ଛତିଶା ନିଯୋଗ ନାୟକ ଜନାର୍ଦ୍ଦନ ପାଟଯୋଶୀ ମହାପାତ୍ର, ତଲ୍ଲୁଛ ନୀଳକଣ୍ଠ ମହାପାତ୍ର, କମିଟି ଉପାଧ୍ୟକ୍ଷ କ୍ରୀଡ଼ାବିତ୍ ରବୀନ୍ଦ୍ରନାଥ ସେନାପତି, ଜିଲା ସଂସ୍କୃତି ଅଧିକାରୀ ଚୌଧୁରୀ ଅରବିନ୍ଦ ଦାସ, କାର୍ଯ୍ୟକାରୀ ସମ୍ପାଦକ ତଥା ସଂସ୍କୃତି ବିଭାଗର ପୂର୍ବତନ ସହନିର୍ଦ୍ଦେଶକ ପ୍ରଫୁଲ୍ଲ ସାମନ୍ତରାୟ, ସାମାଜିକ କର୍ମୀ ଚକ୍ରଧର ମହାପାତ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଆୟୋଜକ କମିଟି ସଙ୍ଗଠକ ସମ୍ପାଦକ ଜଗନ୍ନାଥ ମହାପାତ୍ର ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ ୮ ସାହି ଜାଗା ଆଖଡ଼ାର ସଭାପତି, ସମ୍ପାଦକ, ସାହିନାୟକଙ୍କୁ ସମ୍ମାନିତ କରାଯାଇଥିଲା।

ପ୍ରଥମ ଦିବସରେ କାଳିକାଦେବୀ ସାହିର ରାଜେଶ କୁମାର ପଣ୍ଡା ନବଶିରା, ବାଲିସାହିର ଦେବୀପ୍ରସାଦ ମହାପାତ୍ର ରାବଣ, ହରଚଣ୍ଡୀ ସାହିର ମଧୁସୂଦନ ମହାସୁଆର ପର୍ଶୁରାମ, ମାଟିମଣ୍ଡପ ସାହିର ଗଣେଶ ମହାପାତ୍ର ନବଶିରା, ଗୌଡବାଡ଼ ସାହିର ଅବିନାଶ ମିଶ୍ର, ଜଗନ୍ନାଥ ସାହୁ, ଜଗନ୍ନାଥ ରାଉତ, ଜୟକୃଷ୍ଣ ମହାରଣା ସମରକଳା ନିଜାମ, ମାର୍କଣ୍ଡେୟ ସାହିର ଆଶୁତୋଷ ମହାପାତ୍ର ଦୁର୍ଗା ମେଢ, କୁଣ୍ଡେଇବେଣ୍ଟ ସାହିର ଭୀମସେନ ମହାପାତ୍ର ଖଣ୍ଡା ଚାଳନା ସମରକଳା ପ୍ରଦର୍ଶନ କରିଥିଲେ। ପୂର୍ବାଞ୍ଚଳ ସାଂସ୍କୃତିକ କେନ୍ଦ୍ର ପକ୍ଷରୁ ମଣିପୁରର କଳାକାରମାନେ ଲୋକକଳା ଥାଙ୍ଗ୍‌ଥା, ନବପ୍ରତିଭାର ନୃତ୍ୟ ନାଟିକା ମାଣିକ ଏବଂ ଲିଙ୍ଗରାଜ କଳା ନିକେତନ 'ନବଦୁର୍ଗା' ପରିବେଷଣ କରିଥିଲେ। ଦୀର୍ଘ ସମୟ ଧରି ସଂସ୍କୃତି ପ୍ରେମୀ ଓ ଦର୍ଶକ ଏହାକୁ ଉପଭୋଗ କରିଥିଲେ।

## ଯୁବତୀଙ୍କୁ ବଳାତ୍କାର ଘଟଣା

# ସାଇଣ୍ଟିଫିକ ଟିମ୍‌ର ତଦନ୍ତ

ସାକ୍ଷୀଗୋପାଳ, ୧୬।୧୨(ଡି.ଏନ୍.ଏ.)

ପୁରୀ ଜିଲା ସତ୍ୟବାଦୀ ଥାନାର ଏକ ଗ୍ରାମରେ ଜଣେ ୨୪ ବର୍ଷୀୟା ସମ୍ପର୍କୀୟା ଭଉଣୀଙ୍କ ହାତ ଓ ମୁହଁ ଗାମୁଛାରେ ବାନ୍ଧି ୩୫ ବର୍ଷର ଯୁବକ ବଳାତ୍କାର କରିବା ଘଟଣାରେ ପୋଲିସ ତଦନ୍ତ ଆରମ୍ଭ କରିଛି। ପିପିଲି ଏସଡିପିଓ ଦେବଦତ୍ତ ବରାଳଙ୍କ ନେତୃତ୍ୱରେ ତଦନ୍ତ ଅଧିକାରୀ ଏସ୍‌ଆଇ ରବୀନ୍ଦ୍ର ନାଥ ନନ୍ଦ ସୋମବାର ପୀଡିତାଙ୍କ ଗ୍ରାମକୁ ଯାଇ ପରିବାର ଲୋକଙ୍କ ବୟାନ ରେକର୍ଡ କରିଛି। ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟରେ ପୀଡ଼ିତାଙ୍କର ଡାକ୍ତରୀ ମାଇନା କରାଯିବା ପରେ ଏସ୍‌ଡିଜେଏମ୍‌ଙ୍କ କୋର୍ଟରେ ବୟାନ ରେକର୍ଡ କରାଯାଇଛି। ଯେଉଁ ଘର ମଧ୍ୟରେ ପୀଡିତାଙ୍କୁ ବଳାତ୍କାର କରାଯାଇଥିଲା ସେଠାରେ ପୋଲିସ ସାଇଣ୍ଟିଫିକ ଟିମ୍ ପହଞ୍ଚି ଫଟୋ ସଂଗ୍ରହ କରିବା ସହ ତଦନ୍ତ କରିଥିଲେ। ଘଟଣାସ୍ଥଳରୁ ଖସି ପଳାଇଥିବା ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରି ଫାଶୀ ଦେବାକୁ ପୀଡିତାଙ୍କ ମା' ଦାବି କରିଛନ୍ତି। ସୂଚନାଯୋଗ୍ୟ ଯେ, ଅଭିଯୁକ୍ତ ଜଣଙ୍କ ତାଙ୍କ ସ୍ତ୍ରୀଙ୍କୁ ନିର୍ଯାତନା ଦେବାରୁ ସେ ଦୁଇଟି ସନ୍ତାନଙ୍କ ସହ ଗତ ଦୁଇବର୍ଷ ହେବ ବାପଘରକୁ ପଳାଇଛନ୍ତି। ଅଭିଯୁକ୍ତ ଘରେ ଏକାକୀ ରହୁଥିବାବେଳେ ମିଛ ବାହାନା କରି ପୀଡିତାଙ୍କୁ ଘରକୁ ଡାକି ବଳାତ୍କାର କରିବା ପରେ ଘରର କବାଟ ବାହାରୁ ବନ୍ଦ କରି ଦେଇଥିଲେ। ଘର ମଧ୍ୟରେ ଥିବା ଏକ ମୋବାଇଲରୁ ପୀଡିତା ମା'ଙ୍କୁ ନିକଟକୁ ଫୋନ କରିବା ପରେ ତାଙ୍କୁ ଉଦ୍ଧାର କରାଯାଇଥିବା ନେଇ ପୋଲିସ ନିକଟରେ ଅଭିଯୋଗ ହୋଇଥିଲା।

## ଏନ୍‌ଏଚ୍‌ଆର୍‌ସିରେ ୭ଲକ୍ଷ କ୍ଷତିପୂରଣ ଦାବି

**ପୁରୀ ଅଫିସ, ୧୬।୧୨:** ସତ୍ୟବାଦୀ ଥାନା ଅଞ୍ଚଳରେ ଘଟିଥିବା ଏକ ବଳାତ୍କାର ଘଟଣା ନେଇ ମାନବାଧିକାର କର୍ମୀ ଜୟନ୍ତ କୁମାର ଦାଶ ସୋମବାର ଜାତୀୟ ମାନବାଧିକାର କମିଶନ(ଏନ୍‌ଏଚ୍‌ଆର୍‌ସି)ଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଏହି ଘଟଣାରେ ପୀଡ଼ିତାଙ୍କ ପରିବାରଙ୍କୁ ଓଡ଼ିଶା ପୀଡ଼ିତା କ୍ଷତିପୂରଣ ସଂଶୋଧିତ ଆଇନ-୨୦୧୮ ଅନୁଯାୟୀ ୭ଲକ୍ଷ ଟଙ୍କା କ୍ଷତିପୂରଣ ଓ ସମୟସୀମା ମଧ୍ୟରେ ଚାର୍ଜଶିଟ୍ ଦାଖଲ ଲାଗି ରାଜ୍ୟ ମୁଖ୍ୟ ଶାସନ ସଚିବ ଏବଂ ଓଡ଼ିଶା ପୋଲିସକୁ ନିର୍ଦ୍ଦେଶ ଦେବା ପାଇଁ ନିବେଦନ କରାଯାଇଛି। ଜଣେ ବ୍ୟକ୍ତି ପୀଡ଼ିତାଙ୍କୁ ଏଟିଏମ୍ ପାସ୍‌ୱାର୍ଡ ସମ୍ପର୍କରେ ପଚାରିବା ବାହାନାରେ ଘରକୁ ଡାକିତାଙ୍କୁ ବଳାତ୍କାର କରିଥିବା ନେଇ ରବିବାର ସତ୍ୟବାଦୀ ଥାନାରେ ପରିବାର ଲୋକେ ଲିଖିତ ଅଭିଯୋଗ କରିଛନ୍ତି। ଏ ନେଇ ଥାନାରେ କେସ୍ ନଂ. ୨୫୫/୧୯ ରୁଜୁ ହୋଇଛି।

## ବାଇକ୍ ଧକ୍କାରେ ବ୍ୟବସାୟୀ ମୃତ

ନିମାପଡ଼ା,୧୬।୧୨(ଡି.ଏନ୍.ଏ.): ନିମାପଡ଼ା-ପିପିଲି ରାସ୍ତାର ରେଞ୍ଚ ମୁଦୁଲି ସାହି ଛକ ନିକଟରେ ବାଇକ୍ ଧକ୍କାରେ ଜଣେ ବ୍ୟବସାୟୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ନିମାପଡ଼ା ଥାନା ଅନ୍ତର୍ଗତ ରେଞ୍ଚ ଶାସନ ଗ୍ରାମର ସନ୍ତୋଷ ସ୍ୱାଇଁ(୩୦)। ସନ୍ତୋଷ ରବିବାର ରାତିରେ ଦୋକାନ ବନ୍ଦ କରି ଘରକୁ ଚାଲି ଚାଲି ଯାଉଥିବା ବେଳେ ପଛପଟୁ ଏକ ବାଇକ୍ ତାଙ୍କୁ ଧକ୍କା ଦେଇଥିଲା। ସ୍ଥାନୀୟ ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ନିମାପଡ଼ା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସନ୍ତୋଷଙ୍କ ବାପାଙ୍କ ସୁଦାମ ସ୍ୱାଇଁଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା (ନଂ. ୩୨୫/୧୯) ରୁଜୁ କରି ତଦନ୍ତ ଚଳାଇଛି।

## ଅଲାରନାଥଙ୍କ ପହିଲି ଭୋଗ ଆରମ୍ଭ

ବ୍ରହ୍ମଗିରି, ୧୬।୧୨(ଡି.ଏନ୍.ଏ.): ବ୍ରହ୍ମଗିରିର ଅଲାରନାଥ ପୀଠରେ ପହିଲି ଭୋଗ ସୋମବାର ଠାରୁ ଆରମ୍ଭ ହୋଇଛି। ଭୋର ୩ଟାରୁ ମନ୍ଦିର ଦ୍ୱାର ଖୋଲାଯିବା ପରେ ମଙ୍ଗଳଆଳତି, ଅବକାଶ, ଚନ୍ଦନ ତୁଳସୀ ଲାଗି ହୋଇଥିଲା। ୬ଟା ୩୦ରେ ଶ୍ରୀଜୀଉଙ୍କ ପହିଲି ଭୋଗ ନୀତି ବଢ଼ିବା ପରେ ସର୍ବସାଧାରଣଙ୍କ ଦର୍ଶନ ଆରମ୍ଭ ହୋଇଥିଲା। ଧନୁ ସଂକ୍ରାନ୍ତିଠାରୁ ଆରମ୍ଭ ହୋଇ ମକର ସଂକ୍ରାନ୍ତି ପର୍ଯ୍ୟନ୍ତ ଏକ ମାସ ଧରି ନୀତି ଅନୁଷ୍ଠିତ ହେବ।

## ମୋରାଇନ୍ ଡ୍ରାଇଭ୍ ଇକୋ ରିଟ୍ରିଟର ତୃତୀୟ ଦିବସ

# ଗୋଟିପୁଅ ନୃତ୍ୟରେ ମତୁଆଲା ହେଲେ ଦର୍ଶକ

କୋଣାର୍କ, ୧୬।୧୨(ଡି.ଏନ୍.ଏ.)

କୋଣାର୍କ-ପୁରୀ ବେଳାଭୂମି ରାସ୍ତାର ସାହୁଖଣ୍ଡତାଠାରେ ଆୟୋଜିତ ମେରାଇନ ଡ୍ରାଇଭ ଇକୋ ରିଟ୍ରିଟ୍‌ର ସୋମବାର ଥିଲା ତୃତୀୟ ଦିବସ। ଦେଶ ବିଦେଶରୁ ଆସିଥିବା ପର୍ଯ୍ୟଟକ ଓ ଜନସାଧାରଣ ପାରା ଗ୍ଲାଇଡିଂ ଏବଂ ବିଚ୍ ଭଲିବଲର ମଜା ନେଇଥିଲେ। ଉତ୍ସବର ପରିଚାଳନାଗତ ସୁଧାର ହୋଇପାରିଲେ ଏହାର ପ୍ରଚାର ହୋଇପାରିବ ବୋଲି ପର୍ଯ୍ୟଟକମାନେ କହିଥିଲେ। ସନ୍ଧ୍ୟାରେ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ଗୁରୁ ଗଙ୍ଗାଧର ପ୍ରଧାନ ଫାଉଣ୍ଡେଶନ ଟ୍ରଷ୍ଟ ପକ୍ଷରୁ ଗୋଟିପୁଅ ନୃତ୍ୟ ପରିବେଷଣ କରାଯାଇଥିଲା। ଶୀତୁଆ ସନ୍ଧ୍ୟାରେ କଳାକାରମାନଙ୍କ ନିଖୁଣ ନୃତ୍ୟ ଦର୍ଶକମାନଙ୍କୁ ମତୁଆଲା କରିଥିଲା। ପରେ ଗୁରୁ ରାମହରି ଦାସଙ୍କ ସଂଯୋଜନାରେ ଓଡ଼ିଶୀ ନୃତ୍ୟ ଗୁରୁ ପ୍ରତିଭା ପଣ୍ଡା ଓ ସାଥୀ କଳାକାର ଓଡ଼ିଶୀ ନୃତ୍ୟ ଶିଳ୍ପୀମାନେ ନମସ୍କାରମ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମକୁ ଜିଲା ସହକାରୀ ପର୍ଯ୍ୟଟନ ନିର୍ଦ୍ଦେଶକ ବିଜୟ କୁମାର ଜେନା, ଶଶାଙ୍କ ଶେଖର ରଥ ଓ କୋଣାର୍କ ପର୍ଯ୍ୟଟନ ଅଧିକାରୀ ସରୋଜକାନ୍ତ ପ୍ରଧାନ ପ୍ରମୁଖ ପରିଚାଳନା କରିଥିଲେ।



ଗୁରୁ ଗଙ୍ଗାଧର ପ୍ରଧାନ ଫାଉଣ୍ଡେଶନ ଟ୍ରଷ୍ଟର କଳାକାରମାନେ ଗୋଟିପୁଅ ନୃତ୍ୟ ପରିବେଷଣ କରୁଛନ୍ତି।

# 'ଆଶାଜନକ ସଫଳତା ନ ମିଳିବା ଏକ ରହସ୍ୟ'

ଭୁବନେଶ୍ୱର,୧୬।୧୨(ବ୍ୟୁରୋ)

୨୦୧୯ ସାଧାରଣ ନିର୍ବାଚନରେ ରାଜ୍ୟରେ ପୂର୍ବାପେକ୍ଷା ଭାଜପା ଭଲ ପ୍ରଦର୍ଶନ କରି ପ୍ରଥମ ଥର ଲାଗି ମୁଖ୍ୟ ବିରୋଧୀ ଦଳ ଆସନ ହାସଲ କରିଛି। ସେହିପରି ଲୋକ ସଭା କ୍ଷେତ୍ରରେ ମଧ୍ୟ ଦଳ ଏଥର ୮ଟି ଆସନରେ ସଫଳତା ପାଇଛି। ବାଲେଶ୍ୱର ଲୋକ ସଭା ଆସନରୁ ପ୍ରତାପ ଷଡ଼ଙ୍ଗୀ ପ୍ରଥମ ଥର ପାଇଁ ଏମ୍‌ପିଭାବେ ନିର୍ବାଚିତ ହେବାସହ କେନ୍ଦ୍ରମନ୍ତ୍ରୀ ଦାୟିତ୍ୱ ପାଇଛନ୍ତି। ତେବେ ତାଙ୍କ ସାଧାରଣ ଜୀବନଶୈଳୀ, ନିରଡାମ୍ବର ଜୀବନ ଯାପନ ଯୋଗୁ ଏବଂ ସଂସ୍କୃତରେ ପାର୍ଲାମେଣ୍ଟରେ ଦେଉଥିବା ଓଜସ୍ୱିନୀ ଭାଷଣ ପାଇଁ ସେ ବର୍ତ୍ତମାନ ଦେଶର ଜଣେ ଚର୍ଚ୍ଚିତ ନେତା ହୋଇପାରିଛନ୍ତି। କେନ୍ଦ୍ରମନ୍ତ୍ରୀ ହେବାପରେ ଷଡଙ୍ଗୀଙ୍କ ସହ ଧରିତ୍ରୀ ପକ୍ଷରୁ ଏକ ସ୍ୱତନ୍ତ୍ର ସାକ୍ଷାତକାର।



**ପ୍ରଶ୍ନ: ଶିକ୍ଷା ବିଭାଗରେ ନିଯୁକ୍ତି ପାଇଥିବାବେଳେ ହଠାତ୍ ରାଜନୀତି ପାଇଁ ମନ ବଳାଇବାର ରହସ୍ୟ କ'ଣ?**

**ଉତ୍ତର:** ମନ ବଳାଇ ନ ଥିଲି ବରଂ ରାଜନୀତି ମୋ ପାଖକୁ ଆସି ମୋତେ ଟାଣିଟାଣି ନେଇଥିଲା। ଶତାଧିକ ଲୋକ ମୋ ପାଖକୁ ଆସି ରାଜନୀତିରେ ଯୋଗଦେବାକୁ କହିଥିଲେ। ପ୍ରଥମେ ମନା କରିଦେଇଥିଲି, ପରବର୍ତ୍ତୀ ସମୟରେ ଚାପ ବଢିବାପରେ ରାଜନୀତି କ୍ଷେତ୍ରରେ ମଧ୍ୟ ଜନସେବା କରିହେବ ବୋଲି ବିଚାର କରିଲି। ଯାହା ଛୋଟ ସ୍କେଲରେ କରୁଛି କ୍ଷମତାର ସଦୁପଯୋଗ କରି ବଡ ସ୍କେଲରେ କେମିତି କରିହେବ ଚିନ୍ତା କଲି।

**ପ୍ରଶ୍ନ: ଭାଜପା ଭଳି ଜାତୀୟ ଦଳରେ ଆପଣ ହେଉଛନ୍ତି ଜଣେ ସରଳ ଜୀବନ ଯାପନ କରୁଥିବା ବ୍ୟକ୍ତି । ଏ ପର୍ଯ୍ୟନ୍ତ ଅବିବାହିତ ରହିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଟକ୍କର ଦେବା ଲାଗି ଭାଜପାର ସର୍ବୋଚ୍ଚ ନେତୃତ୍ୱ ଆପଣଙ୍କୁ କୁଆଡେ ପ୍ରୋଜେକ୍ଟ କରୁଥିବା ଚର୍ଚ୍ଚା ହେଉଛି। ଯଦି ଆପଣଙ୍କୁ ଏହି ଦାୟିତ୍ୱ ମିଳେ ଏହାକୁ ଆପଣ ବିନମ୍ରତାର ସହ ଗ୍ରହଣ କରିବେ ନା ଆହ୍ୱାନ ସହକାରେ ନେବେ?**

**ଉତ୍ତର:** ନିଜକୁ ଅନ୍ୟମାନଙ୍କ ତୁଳନାରେ ନିରହଙ୍କାରୀ ବୋଲି କହିବା ମଧ୍ୟ ଏକ ଅହଙ୍କାର। କେନ୍ଦ୍ରମନ୍ତ୍ରୀ ହେବାପରେ ଯେତେବେଳେ ମୁଁ ଓଡିଶା ଆସିଲି ବହୁତ ଜଣ ଦଳବଳ ଧରି ଆସି ପହଞ୍ଚିଥିଲେ। ସେମାନଙ୍କୁ କାମଧନ୍ଦା ବନ୍ଦ କରି ଆସିବା ପାଇଁ ମନା କଲି। ଏଥିରେ ମୋର ରୁଚି ନ ଥାଏ। ଭାଜପା ଏକ ରାଷ୍ଟ୍ରୀୟ ଦଳ ଏଥିରେ ବହୁ ଅନୁଭବୀ ନେତା ଅଛନ୍ତି, ନେତାଙ୍କ ଏଠାରେ ଅଭାବନାହିଁ। ଦଳରେ କିଏ ମୁଖ୍ୟମନ୍ତ୍ରୀ ହେବେ ନିର୍ବାଚନ ଆସିଲେ ଏ ବିଷୟରେ ବିଚାର କରାଯିବ। କେନ୍ଦ୍ରୀୟ ନେତୃତ୍ୱ ଯାହାକୁ ସ୍ଥିର କରିବ ସେ ଏହି ଦାୟିତ୍ୱ ତୁଲାଇବେ, ଏବେଠାରୁ ବ୍ୟାକୁଳ ହେବାର ଆବଶ୍ୟକତା ନାହିଁ।

**ପ୍ରଶ୍ନ: ଗତ ସାଧାରଣ ନିର୍ବାଚନରେ ପୂର୍ବାପେକ୍ଷା ରାଜ୍ୟରେ ଏକ ସରକାର ବିରୋଧୀ ଜନମତ ରହିଥିବା କୁହାଯାଉଥିଲା। କିନ୍ତୁ ଏହାର ସେମିତି କିଛି ଫାଇଦା କାହିଁକି ଭାଜପାକୁ ମିଳିଲାନାହିଁ?**

**ଉତ୍ତର:** ଏହା ଆଜି ପର୍ଯ୍ୟନ୍ତ ମଧ୍ୟ ଏକ ରହସ୍ୟ ବୋଲି ଅନେକ ଲୋକ ମନେ କରୁଛନ୍ତି। ଅସଲ କଥା ହେଉଛି, ନବୀନ ପଟ୍ଟନାୟକଙ୍କ ଏକ ଭାବମୂର୍ତ୍ତି ଜନମାନସରେ ତିଆରି ହୋଇଛି ବୋଲି ମୋତେ ଲାଗୁଛି। ଏହି ଭାବମୂର୍ତ୍ତିର ସତ୍ୟତା ଯାଞ୍ଚ କରିବା ପାଇଁ ଅନେକଙ୍କର ସେତିକି ସାମର୍ଥ୍ୟ ହୁଏତ ନାହିଁ। ତାଙ୍କ ଦଳରେ ସେ ଜଣେ ନିର୍ବିବାଦୀୟ ବ୍ୟକ୍ତିତ୍ୱ, ଯାହାକି ସମ୍ଭବତଃ ଜନତାଙ୍କ ମନରେ ଏକ ଧାରଣା ହୋଇଯାଇଥିବ। କଂଗ୍ରେସ ପ୍ରତି ଲୋକଙ୍କ ଯେଉଁ ତୀବ୍ର ଘୃଣାଭାବ ରହିଛି, ସେହି ଭୋଟଗୁଡିକ ଅକ୍ତିଆର କରିବା ପାଇଁ ବିଜେଡି ହିଁ ସାମର୍ଥ୍ୟ ଏହିପରି ଏକ ଧାରଣା ନିର୍ମାଣ ହୋଇଯାଇଥିବ। ପଞ୍ଚାୟତ ନିର୍ବାଚନରେ ଭାଜପାର ସଙ୍ଗଠନ ଆଶାତୀତ ବୃଦ୍ଧି ପାଇବାରୁ ଭଲ ପ୍ରଦର୍ଶନ ଆମ ଦଳ କରିପାରିଥିଲା। ଏହାପରେ ମଧ୍ୟ ଆମେ ଆଶା ରଖିଥିଲୁ ସାଧାରଣ ନିର୍ବାଚନରେ ଭଲ ଫଳାଫଳ ହେବ। କିନ୍ତୁ ଧୀରେଧୀରେ ଭୟ, ଲୋଭ, ପ୍ରଲୋଭନ କାରଣରୁ ଏଥିରେ ପରିବର୍ତ୍ତନ ହେବାରେ ଲାଗିଲା। ସେମାନେ ଖଣି, ଚିଟ୍‌ଫଣ୍ଡ ଏବଂ ବିଜୁ ଯୁବ ବାହିନୀ ନାଁରେ ଟଙ୍କା ଦେଇ ପ୍ରଲୋଭନ ଦେଖାଇ ଭୋଟ ନେଇପାରିଛନ୍ତି।

**ପ୍ରଶ୍ନ: ନିର୍ବାଚନରେ ବିଜେଡି ବିପୁଳ ଅର୍ଥ ଖର୍ଚ୍ଚ କରିଥିବା ଆପଣ ଦାବି କରୁଥିବା ସତ୍ତ୍ୱେ, ବାସ୍ତବରେ ଯେଉଁମାନେ ନିର୍ବାଚନ ଦେଖିଛନ୍ତି ଆପଣଙ୍କ ଜାତୀୟ ଦଳ ଖର୍ଚ୍ଚ ଦିଗରୁ ପଛରେ ନ ଥିଲା ବୋଲି କୁହନ୍ତି, ଏନେଇ ଆପଣ କ'ଣ କହିବେ?**

**ଉତ୍ତର:** ମୋ ଅନୁଭବ ଅନୁଯାୟୀ ସେମାନଙ୍କ ଖର୍ଚ୍ଚର ୧୦ ଭାଗରୁ ଭାଗେ ମୁଁ କରିନାହିଁ। ଆମେ ବହୁ ସଙ୍କୁଚିତ ଖର୍ଚ୍ଚ କରିଛୁ। ପ୍ରଧାନମନ୍ତ୍ରୀଙ୍କ ସଭା ସମିତି ଯାହା ହୋଇଥିଲା ସେଥିଲାଗି ଅଲଗା ବ୍ୟବସ୍ଥା ହୋଇଥିଲା। ନ ହେଲେ ବହୁ ହିସାବ କରି ଏଥର ଖର୍ଚ୍ଚ କରାଯାଇଥିଲା। ଯାହାର ସାମର୍ଥ୍ୟ ଥିଲା ସେମାନେ ଅଧିକ ଖର୍ଚ୍ଚ କରିଥିବେ, କିନ୍ତୁ ବିଜେଡିଠାରୁ ବହୁତ ପଛରେ ଅଛୁ। ଖର୍ଚ୍ଚ ଆମର ନିର୍ବାଚନ ସମୟରେ ହେଲା, ସେମାନେ ୫ ବର୍ଷ ହେଲା ଖର୍ଚ୍ଚ କରୁଥିଲେ।

**ପ୍ରଶ୍ନ: ଭାଜପାର ବୈଚାରିକ ଭଣ୍ଡାର କୁହାଯାଉଥିବା ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ(ଆର୍‌ଏସଏସ)ରୁ ଆପଣ ଆସିଛନ୍ତି। ଓଡିଶାରେ ଦଳର ଯେତେବେଳେ କିଛି ନ ଥିଲା ସେତେବେଳେ ଆପଣ ଦଳ ପାଇଁ ବହୁତ ଖଟିଛନ୍ତି। ଭାଜପା ହେଉଛି ଭିନ୍ନ ଆଦର୍ଶ ମୂଲ୍ୟବୋଧର ଦଳ । କିନ୍ତୁ ନିର୍ବାଚନ ପୂର୍ବରୁ ଅନ୍ୟ ଦଳର ନେତାମାନଙ୍କୁ ଭାଜପା ଆମଦାନୀ କରି ରାତାରାତି ଟିକେଟ ବଣ୍ଟିଲା। ତଥାପି ବିଧାନସଭାରେ ବିଫଳତା କାହିଁକି ଘଟିଲା?**

**ଉତ୍ତର:** ବିଜ୍ଞାନରେ ବିଭିନ୍ନ ଗବେଷଣା ହୋଇଥାଏ। ଏହା ମଧ୍ୟ ସେମିତି କିଛି ଥିଲା। ଏହା ରାଜନୀତିର ଗୋଟିଏ ପରୀକ୍ଷା ଥିଲା। ଅନ୍ୟ ଦଳରୁ ଆସିଲେ କାହାକୁ ବାରଣ କରାଯାଇପାରିବ ନାହିଁ। ବିଜୟ ସମ୍ଭାବନା ଥିବା ଦଳକୁ ଯେତେବେଳେ କିଏ ଆସେ ତାଙ୍କୁ ପରୀକ୍ଷା କରାଯାଇ ନିଆଯାଏ, କେତେବେଳେ ପରୀକ୍ଷା ମଧ୍ୟ କରିହୁଏନାହିଁ। ଏହାପରେ କିଛି ଲୋକ ଧୋକା ଦିଅନ୍ତି, କେତେଜଣ ରହିଯାଆନ୍ତି। ବୈଜୟନ୍ତ ପଣ୍ଡା ଅନ୍ୟ ଦଳରୁ ଆସିଛନ୍ତି, ସେ ଆମ ଦଳରେ ବର୍ତ୍ତମାନ ଜଣେ ପ୍ରଭାବୀ ନେତା, ରାଷ୍ଟ୍ରୀୟ ଉପାଧ୍ୟକ୍ଷ ହୋଇଛନ୍ତି। ଦଳରେ ବହୁତ ବିଶ୍ୱସ୍ତ ଭାଜପା ବିଚାରଧାରାକୁ ସ୍ୱୀକାର କରିଛନ୍ତି। ସେହିପରି ଦାମ ରାଉତ ଆସିଥିଲେ ରହିପାରିଲେନାହିଁ। ପୂର୍ବରୁ ଆମ ଦଳ ନେତାଙ୍କୁ ତାସଲ୍ୟ କରି କହୁଥିତେ, ତା'ପରେ ପୁଣି ଭାଜପାରେ ମିଶିଲେ। କିନ୍ତୁ ତାଙ୍କ ନିହିତ ସ୍ୱାର୍ଥ ଲାଗି ହଠାତ୍ ଚାଲିଗଲେ। ଆମ ଦଳ ଯେଉଁମାନଙ୍କୁ ମିଶାଇଛି ସେମାନଙ୍କୁ ଆଣି ଡ୍ରାଇଭର ଆସନରେ ନୁହେଁ, ବରଂ ପାସେଞ୍ଜର ସିଟ୍‌ରେ ନେଇଯାଇଛୁ। ଏହାଦ୍ୱାରା ଦଳୀୟ ଆଦର୍ଶର ସେମିତି କିଛି କ୍ଷତି ଘଟିନାହିଁ।

**ପ୍ରଶ୍ନ: ଭାଜପା ଓଡିଶାରେ ପ୍ରଥମ ଥର ଲାଗି ମୁଖ୍ୟ ବିରୋଧୀ ଦଳ ଆସନରେ ରହିଛି। ହେଲେ ପୂର୍ବାପେକ୍ଷା ଶାସକ ଦଳକୁ ବିରୋଧ କରିବା କ୍ଷେତ୍ରରେ ସେତେଟା ସକ୍ରିୟତା ଦେଖିବାକୁ ମିଳୁନାହିଁ। ଅନ୍ୟପଟେ କେନ୍ଦ୍ରରେ ଭାଜପା ଏକକ ସଂଖ୍ୟାଗରିଷ୍ଠତା ପାଇବା ସତ୍ତ୍ୱେ ବିଜେଡି ସହ ବୁଝାମଣା କରି ଗୋଟିଏ ରାଜ୍ୟ ସଭା ଆସନ ନେଇଛି। ଏପରି ହେବାଦ୍ୱାରା ତୃଣମୂଳସ୍ତରରେ କର୍ମୀ ଯେଉଁମାନେ ଦଳ ପାଇଁ ଖଟୁଛନ୍ତି, ସେମାନଙ୍କ ଉପରେ ପ୍ରଭାବ ପଡୁନାହିଁ କି?**

**ଉତ୍ତର:** ଭାଜପାର ଦୃଶ୍ୟମାନ ଦିଗଗୁଡିକ ଦେଖାଯାଉଛି ହେଲେ ସଙ୍ଗଠନର ଯେଉଁଗୁଡିକ ଅଦୃଶ୍ୟ ଦିଗ ଯାହା ଉପରେ ଆମେ ଠିଆ ହୋଇଛୁ ଯଥା, ଆମ ସଦସ୍ୟତା ଅଭିଯାନ କେମିତି ଚାଲିଲା, ବୁଥ୍ କମିଟି କିପରି ହେଲା ତାହା ଦେଖାଯାଉନାହିଁ। ସେଦିଗରେ ପ୍ରକୃତ ଶକ୍ତି ତିଆରି ହେଉଛି। ବର୍ତ୍ତମାନ ସାଙ୍ଗଠନିକ ପର୍ବ ଚାଲିଛି। ବ୍ୟାପକ ସ୍ତରରେ ସାରା ଦେଶରେ ସାଙ୍ଗଠନିକ ପ୍ରକ୍ରିୟା ଚାଲିଥିବାରୁ ଆନ୍ଦୋଳନାତ୍ମକ କାର୍ଯ୍ୟ ବନ୍ଦ ଅଛି। ବିଜେଡି-ଭାଜପା ମଧ୍ୟରେ ଯେଉଁ ବୁଝାମଣା କଥା ଉଠୁଛି, ଲୋକଙ୍କ ମଧ୍ୟରେ ବୁଝାମଣାର ଅଭାବ ଥିଲେ ନିଶ୍ଚିତ ପ୍ରଭାବ ପକାଇବ। ଆମ କାର୍ଯ୍ୟକର୍ତ୍ତାମାନେ ବାସ୍ତବିକ କଥା ସମସ୍ତଙ୍କୁ ବୁଝାଇବା କଥା। ଅଶ୍ୱିନୀ ବୈଷ୍ଣବ ଜଣେ ଦକ୍ଷ ପ୍ରଶାସକ ଥିଲେ। ତାଙ୍କ ପ୍ରାର୍ଥିତ୍ୱକୁ ନେଇ କ'ଣ ହୋଇଥିଲା ସେକଥା ଜାଣିନାହିଁ। ରାଜ୍ୟ ସ୍ୱାର୍ଥ ପାଇଁ ସମର୍ଥନ କରିବାରେ କିଛି ଅସୁବିଧା ନାହିଁ। ବିଧାନସଭା ଧାର୍ଯ୍ୟ ସମୟ ପୂର୍ବରୁ ବନ୍ଦ ହେବାବେଳେ ଆମେ କଂଗ୍ରେସ ସହ ମିଶି ମଧ୍ୟ ଆନ୍ଦୋଳନ କରିଛୁ। ଯେମିତି ବାଚସ୍ପତି ନିର୍ବାଚନରେ ବିରୋଧୀ ଦଳର ସମର୍ଥନ ଲୋଡି ଗୋଟିଏ ଭଲ ପରମ୍ପରା ସୃଷ୍ଟି ପାଇଁ ଚେଷ୍ଟା କରାଯାଏ, ସେହିଭଳି ଏକ କଥା। ସେହିପରି ବିଜେଡି ଠାରୁ ରାଜ୍ୟ ସଭା ଆସନ ନେବା ମଧ୍ୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କିମ୍ବା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହା ବ୍ୟକ୍ତିଗତ ସ୍ତରରେ ଗୋଟିଏ ନିବେଦନ କରିଛନ୍ତି। ମିଳିମିଶି ଓଡିଶାର ସ୍ୱାର୍ଥ ପାଇଁ କାମ କରିହେବ ଏବଂ ପ୍ରସଙ୍ଗ ଭିତ୍ତିକ କାର୍ଯ୍ୟକ୍ରମ ହୋଇପାରିବ, ଏଥିରେ କିଛି ଯାଏଆସେ ନାହିଁ।

**ପ୍ରଶ୍ନ: ନାଗରିକତା ସଂଶୋଧନ ବିଲ୍‌କୁ ଆଇନରେ ପରିଣତ କରିବାପରେ ଦେଶର ଉତ୍ତର ପୂର୍ବାଞ୍ଚଳରେ ହିଂସା ଦେଖିବାକୁ ମିଳୁଛି। ଏହାଦ୍ୱାରା ସାଧାରଣ ଲୋକ ହଇରାଣ ହେଉଛନ୍ତି ବୋଲି ଭାବୁନାହାନ୍ତି କି?**

**ଉତ୍ତର:** ସିଟିଜେନଶିପ୍ ବିଲ୍ ଲାଗୁ ହେବାଦ୍ୱାରା ଉତ୍ତର ପୂର୍ବାଞ୍ଚଳକୁ ନୂଆ ଶରଣାର୍ଥୀ ଆସିଲେନାହିଁ ଯାହା ଥିଲେ ସେତିକି। ଏବେ ଆମକୁ ଅନୁଚ୍ଛେଦ ୩୭୦ ଲାଗୁ ହେବାପରେ ଯେମିତି ଦେଶରେ ସଭା ସମିତି କରି ସମସ୍ତଙ୍କୁ ବୁଝାଇବାକୁ ପଡିଲା, ପ୍ରଏବେ ମଧ୍ୟ ଆମକୁ ସେମିତି କରିବାକୁ ପଡିବ। ଯେଉଁମାନେ ନିଆଁ ଲଗାଇ ହିଂସା ସୃଷ୍ଟି କରୁଛନ୍ତି, ଏଥିରେ ଦୁଇ ପ୍ରକାର ଲୋକ ଅଛନ୍ତି। ଯିଏ ଏହାକୁ ମୋଟେ ବୁଝି ନାହାନ୍ତି ନଚେତ୍ ଯେଉଁମାନେ ଶରଣାର୍ଥୀ।

**ପ୍ରଶ୍ନ: ଆପଣ ଯଦି ଓଡିଶାର ମଙ୍ଗ ଧରନ୍ତି, ତେବେ କେଉଁ କଥାକୁ ବିଶେଷ ପ୍ରାଧାନ୍ୟ ଦେବେ?**

**ଉତ୍ତର:** କଳ୍ପନାଜଗତରେ ଭାସିବା ଠିକ୍ ହେବନାହିଁ। ପ୍ରଥମେ ଭାଜପା ବିଜୟୀ ହେଉ, ତା'ପରେ ଦଳ ଯାହାକୁ ଦାୟିତ୍ୱ ଦେବ। କେନ୍ଦ୍ରମନ୍ତ୍ରୀ ହେବାପରେ କୋଷ୍ଟ କେନାଲର ପୁନରୁଦ୍ଧାର ପାଇଁ ବିଭାଗୀୟ ମନ୍ତ୍ରୀ, ସଚିବଙ୍କୁ ଚିଠି ଲେଖିସାରିଛି। ମାଛ ଚାଷୀଙ୍କ ଏକ କର୍ମଶାଳା କରୁଛି। ଏଥିରେ ୧୨ରୁ ଅଧିକ ବୈଜ୍ଞାନିକଙ୍କୁ ମଧ୍ୟ ଡାକିଛି। ପାନରୁ ଏକ ଭଲ ପର୍ଫ୍ୟୁମ କରିବା ନେଇ ଆଲୋଚନା କରିଛି। ଚାଷ ଉପରେ ଗୁରୁତ୍ୱ ଦେବାକୁ ବିଭିନ୍ନ ପଦକ୍ଷେପ ନେଉଛି।

**ସାକ୍ଷାତ୍: ସୁନୀତ ମିଶ୍ର**



"ତୁମର କଷ୍ଟର କାରଣ ଯାହାକିଛି ହୋଇଥାଉ ନା କାହିଁକି, ତୁମେ ଅପରକୁ ଆଘାତ ଦିଅ ନାହିଁ।
- ଗୌତମ ବୁଦ୍ଧ



## ସଂକ୍ଷେପରେ

### ମନ୍ଦିର ହୁଣ୍ଡିରୁ ଚୋରି

ବାଲିଅନ୍ତା,୧୬।୧୨(ଡି.ଏନ୍.ଏ.)- ବାଲିଅନ୍ତା ଥାନା ଅନ୍ତର୍ଗତ ଭୁବନପୁର ଗ୍ରାମର ମା' ଉତ୍ତରମୁଖିଙ୍କ ମନ୍ଦିରରେ ରବିବାର ବିଳମ୍ବିତ ରାତିରେ ହୁଣ୍ଡିର ତାଲା ଭାଙ୍ଗି କେତେଜଣ ଦୁର୍ବୃତ୍ତ ଟଙ୍କା ଚୋରି କରିନେଇଥିବା ଅଭିଯୋଗ ହୋଇଛି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିବାବେଳେ ନିକଟରୁ ଏକ ଛୁରାକୁ ଜବତ କରିଛି। ସୋମବାର ସକାଳେ ଗ୍ରାମବାସୀ ମନ୍ଦିରକୁ ଯାଇଥିବାବେଳେ ହୁଣ୍ଡି ନ ଥିବା ଦେଖିଥିଲେ। ପରେ ନିକଟରେ ଥିବା ବିଲରେ ହୁଣ୍ଡିଟି ପଡ଼ିଥିବା ଦେଖିବାକୁ ପାଇଥିଲେ। ଏ ନେଇ ଗ୍ରାମବାସୀଙ୍କ ତରଫରୁ ପୋଲିସକୁ ଜଣାଇଥିଲେ।

### ଦୋକାନରୁ ଚୋରି

ବାଲିଅନ୍ତା,୧୬।୧୨(ଡି.ଏନ୍.ଏ.)- ବାଲିଅନ୍ତା ଥାନା ଅଧୀନସ୍ଥ ହଂସପାଳ-ଭିଙ୍ଗାରପୁର ରାସ୍ତାର ରାମଚନ୍ଦ୍ରପୁର ସେତୁ ନିକଟରେ ଥିବା ମଣ୍ଟୁ ପାତ୍ରଙ୍କ ପାନ ଦୋକାନରୁ ରବିବାର ବିଳମ୍ବିତ ରାତିରେ ଚୋରି ହୋଇଛି। ଦୁର୍ବୃତ୍ତମାନେ ଦୋକାନର କବାଟ ତାଡ଼ି ଭିତରେ ଥିବା ସାମଗ୍ରୀ ଏବଂ ୧୨ଶହ ଟଙ୍କା ଚୋରି କରିନେଇଛନ୍ତି। ଏହି ଅଞ୍ଚଳଟି ନିଛାଟିଆ ହୋଇଥିବାରୁ ଏଠାରେ ବାରମ୍ବାର ଚୋରି ହେଉଛି। ପୂର୍ବରୁ ମଧ ଯାତାୟାତ କରୁଥିବା ଲୋକମାନେ ମଧ ଲୁଟର ଶିକାର ହୋଇଥିବା ଜଣାପଡିଛି। ନିଛାଟିଆ ଅଞ୍ଚଳ ଥିବରୁ ଦୁର୍ବୃତ୍ତମାନଙ୍କ ଆଡ୍ଡାସ୍ଥଳ ପାଲଟିଛି। ତେଣୁ ଏହି ଅଞ୍ଚଳରେ ନିୟମିତ ପାଟ୍ରୋଲିଂ କରିବାକୁ ସ୍ଥାନୀୟ ବାସିନ୍ଦା ଦାବି କରିଛନ୍ତି।

ନିଶା ଦେଇ ଲୁଟ୍ ଅଭିଯୋଗ, ୨ ଗିରଫ

### ଯୁବତୀଙ୍କ ଟାର୍ଗେଟରେ ଥିଲେ ପୁରୁଷ ବନ୍ଧୁ

ପାତ୍ରପଡ଼ା,୧୬।୧୨(ଡିଏନ୍ଏ)- ପୁରୁଷ ବନ୍ଧୁଙ୍କୁ ନିଶା ଦେଇ ସୁନା ଅଲଙ୍କାର ଓ ଟଙ୍କା ଲୁଟ କରିବା ଅଭିଯୋଗରେ ତମାଣ୍ଡୋ ପୋଲିସ ଜଣେ ଯୁବତୀ ଓ ଜଣେ ବ୍ୟବସାୟୀଙ୍କୁ ଗିରଫ କରିଛି। ସେମାନେ ହେଲେ, ନୟାପଲ୍ଲୀ ଥାନା ଅଞ୍ଚଳର ଶିବାନୀ ପଟ୍ଟନାୟକ ଓ କ୍ୟାପିଟାଲ ଥାନା ଅଧୀନ ଅଶୋକ ନଗର ଅଞ୍ଚଳର ସରୋଜ ମହାରଣା। ଏ ନେଇ ପୋଲିସ ନଂ.୧୩୮/୧୯ରେ ଏକ ମାମଲା ରୁଜୁ କରିଛି। ସୂଚନାଯୋଗ୍ୟ, ବାଲେଶ୍ୱର ଅଞ୍ଚଳର ସୌମ୍ୟରଞ୍ଜନ ବେହେରା ସୋସିଆଲ ମିଡିଆ ଯୋଗେ ଶିବାନୀଙ୍କ ପରିଚୟ ହୋଇ ପ୍ରେମ ସମ୍ପର୍କ ହୋଇଥିଲା। ଗତ ଅକ୍ଟୋବର ୨୩ରେ ଶିବାନୀକୁ ଭେଟିବାକୁ ସୌମ୍ୟରଞ୍ଜନ ଭୁବନେଶ୍ୱର ଆସି କାର୍‌ରେ ତମାଣ୍ଡୋ ଅଞ୍ଚଳର ଏକ ମଲ୍‌କୁ ଯାଇଥିଲେ। ପରେ ଉଭୟ ମହୁରା ରାସ୍ତାରେ ଏକ ନିଛାଟିଆ ଜାଗାକୁ ଯାଇ ମଦ୍ୟପାନ କରିଥିଲେ। ଏହି ସମୟରେ ଶିବାନୀ କୌଶଳକ୍ରମେ ସୌମ୍ୟରଞ୍ଜନଙ୍କୁ ନିଶା ଦେଇ ସୁନା ଚେନ୍, ମୋବାଇଲ୍ ଏବଂ ପାଞ୍ଚ ହଜାର ଟଙ୍କା ନେଇଯାଇଥିଲେ। ଏ ନେଇ ସୌମ୍ୟରଞ୍ଜନ ତମାଣ୍ଡୋ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକ୍ରମେ ପୋଲିସ ତଦନ୍ତ କରି ଚୋରି ମୋବାଇଲ୍ ଫୋନ୍ ଟ୍ରାକିଂ କରି ଶିବାନୀକୁ ଧରିଥିଲା। ପରେ ଶିବାନୀ ସୁନାଚେନ ଅଶୋକଙ୍କ ସୁନା ଦୋକାନରେ ବିକ୍ରି କରିଥିବା କହିଥିଲେ।

### ଭୁବନେଶ୍ୱର ଷ୍ଟୁଡେଣ୍ଟସ୍ ଫେଡେରେଶନର ରାଜଭବନ ନିକଟରେ ଧାରଣା

ଭୁବନେଶ୍ୱର,୧୬।୧୨(ବ୍ୟୁରୋ)- କଟକସ୍ଥିତ ଜାତୀୟ ଆଇନ ବିଶ୍ୱବିଦ୍ୟାଳୟ ନାମଲେଖାରେ ଓଡ଼ିଆ ଛାତ୍ରଛାତ୍ରୀଙ୍କୁ ଅଣଦେଖା କରାଯିବା ନେଇ ଭୁବନେଶ୍ୱର ଷ୍ଟୁଡେଣ୍ଟସ୍ ଫେଡେରେସନ ପକ୍ଷରୁ ସୋମବାର ରାଜଭବନ ନିକଟରେ ଧାରଣା ଦିଆଯାଇଥିଲା। ମୋଟ୍ ସିଟ୍‌ର ୨୫ ଶତକଡା ଓଡ଼ିଆ ପିଲାଙ୍କ ପାଇଁ ସଂରକ୍ଷଣ କରିବାକୁ ଦାବି କରାଯିବା ସହ ବାରମ୍ବାର ଚିଠି କରାଗଲେ ମଧ କେନ୍ଦ୍ର ସରକାର କର୍ଣ୍ଣପାତ କରୁନାହାନ୍ତି। ଏଣୁ ସଂଘର ପ୍ରତିଷ୍ଠାତା ପ୍ରତୀକ୍ ଓଁକାର ସାହାଣୀଙ୍କ ନିର୍ଦ୍ଦେଶକ୍ରମେ ଉପପ୍ରତିଷ୍ଠାତା ସୁଦୀପ୍ତ ପ୍ରକାଶ ପୃଷ୍ଟିଙ୍କ ନେତୃତ୍ୱରେ ଶତାଧିକ ଛାତ୍ରୀଛାତ୍ର ଏକାଠି ହୋଇ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଯଦି ଆସନ୍ତା ଶିକ୍ଷାବର୍ଷରୁ ଏହି ୨୫ ପ୍ରତିଶତ ସଂରକ୍ଷଣ ଓଡ଼ିଆ ଛାତ୍ରଛାତ୍ରୀଙ୍କ ପାଇଁ କରା ନ ଗଲେ ଆନ୍ଦୋଳନକୁ ଆଗକୁ ତୀବ୍ରତର କରିବା ସହ ଦିଲ୍ଲୀରେ ଆନ୍ଦୋଳନ କରିବେ ବୋଲି ସରକାରଙ୍କୁ ଚେତାବନୀ ଦେଇଛନ୍ତି। ଏହାସହ ଏକ ୫ ଜଣିଆ ପ୍ରତିନିଧି ଦଳ ରାଜ୍ୟପାଳ ପ୍ରଫେସର୍ ଗଣେଶୀ ଲାଲ୍‌ଙ୍କୁ ସାକ୍ଷାତ କରି ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ରାଜ୍ୟପାଳ ଏହି ସମସ୍ୟାର ନିଶ୍ଚିତ ସମାଧାନ କରିବେ ବୋଲି ସୁଦୀପ୍ତ ପ୍ରକାଶ ପୃଷ୍ଟିଙ୍କୁ ଆଶ୍ୱସ୍ତି ଦେଇଛନ୍ତି।

ଷଷ୍ଠ ଦିନରେ ଶାନ୍ତିଶୃଙ୍ଖଳାରେ ହେଲା ଉଚ୍ଛେଦ

# ବିନ୍ଦୁସାଗର ପାର୍ଶ୍ୱରୁ ହଟିଲା ଜବରଦଖଲ

ଭୁବନେଶ୍ୱର (ବ୍ୟୁରୋ)/ ପୁରୁଣା ଭୁବନେଶ୍ୱର, ୧୬।୧୨ (ଡି.ଏନ୍.ଏ):

ଶ୍ରୀଲିଙ୍ଗରାଜ ମନ୍ଦିର ଚତୁଃପାର୍ଶ୍ୱରୁ ଚାଲିଥିବା ଉଚ୍ଛେଦ ସୋମବାର ଷଷ୍ଠ ଦିନରେ ପହଞ୍ଚିଛି। ମନ୍ଦିରର ଉତ୍ତର ପାର୍ଶ୍ୱ ଓ ଦକ୍ଷିଣ ପାର୍ଶ୍ୱରେ ଥିବା ବେଆଇନ ନିର୍ମାଣକୁ ହଟାଇଛି ବିଏମ୍‌ସି, ବିଡିଏ, ମନ୍ଦିର ଟ୍ରଷ୍ଟ ବୋର୍ଡ ଓ କମିଶନରେଟ ପୋଲିସ୍‌ର ମିଳିତ ଟିମ୍। ୧୦ ଆଜବେଷ୍ଟସ୍ ଦୋକାନ, ୨ କ୍ୟାବିନ୍, ଗୋଟିଏ ଲାଟିନ୍, ୨୫ ସ୍ଥାନରେ ଆଗକୁ ବଢ଼ିଥିବା ଘରର ଆଜ୍‌ବେଷ୍ଟସ୍ ଓ ପାହାଚ ସହ ୫୭ ଫୁଟର ପାଚେରିକୁ ଭଙ୍ଗାଯାଇଛି। ଏଥିସହ ଅଧାଭଙ୍ଗା ହୋଇଥିବା ଶୌଚାଳୟର ଆଉ କିଛି ଅଂଶ ଭାଙ୍ଗି ଦିଆଯାଇଛି। ପୂର୍ବାହ୍ନ ୧୦ଟାରୁ ପ୍ରଥମେ ମନ୍ଦିର ପଛପଟୁ ଉଚ୍ଛେଦ ଆରମ୍ଭ ହୋଇଥିଲା। ପରେ ବିନ୍ଦୁସାଗରରୁ ମନ୍ଦିର ଯାଏ ଭଙ୍ଗା ଆରମ୍ଭ ହୋଇଥିଲା। ମଙ୍ଗଳବାର ପୁଣିଥରେ ବିନ୍ଦୁସାଗର ରାସ୍ତାରେ ଉଚ୍ଛେଦ ହେବ ବୋଲି ବିଡିଏ ପକ୍ଷରୁ ଜଣାପଡ଼ିଛି। ଉଚ୍ଛେଦ ସମୟରେ ପୂର୍ବଭଳି କୌଣସି ବିରୋଧ କିମ୍ବା ଉତ୍ତେଜନା ପ୍ରକାଶ ପାଇ ନ ଥିଲା। ଅତି ସୁରୁଖୁରୁରେ ଉଚ୍ଛେଦ ହୋଇଥିବା ବିଡିଏ ଦ୍ୱିତୀୟ ଉଚ୍ଛେଦ ଅଧିକାରୀ ପ୍ରମୋଦ କୁମାର ପାତ୍ର କହିଛନ୍ତି। ଅପରାହ୍ନ ୫ଟାରେ ଉଚ୍ଛେଦ ବନ୍ଦ ହୋଇଥିଲା ଓ ଛଡ଼ାଯାଇଥିବା ସ୍ଥାନରୁ ପୁଣି ଉଚ୍ଛେଦ ଆରମ୍ଭ ହେବ ବୋଲି ସେ କହିଛନ୍ତି। ଏହି ଉଚ୍ଛେଦରେ ଦୁଇ ବୁଲ୍‌ଡୋଜର ସାମିଲ୍ ହୋଇଥିବାବେଳେ ଲିଙ୍ଗରାଜ ଥାନା ଅଧିକାରୀ ଶରତଚନ୍ଦ୍ର ପାତ୍ର, ବିଡିଏ ଯୋଗସୂତ୍ର ଅଧିକାରୀ ଶୁଭ୍ରାଂଶୁଶେଖର ମହାନ୍ତି ଓ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।



ଏକ ବୁଲଡୋଜର ଦ୍ୱାରା ବେଆଇନ କୋଠାକୁ ଉଚ୍ଛେଦ କରାଯାଉଛି ।

### ଦୁଆରବାସିନୀଙ୍କ ମନ୍ଦିର ସମ୍ମୁଖରୁ ଉଚ୍ଛେଦ ହେଲାନି

ଶ୍ରୀଲିଙ୍ଗରାଜ ମନ୍ଦିର ଚତୁଃପାର୍ଶ୍ୱରେ ଥିବା ଅନ୍ୟମନ୍ଦିରଗୁଡ଼ିକ ମଧ ଜବରଦଖଲ କରିଛନ୍ତି। ଉଚ୍ଛେଦବେଳେ ଏହାକୁ ଅଣଦେଖା କରାଯାଉଛି। ପ୍ରଥମେ ମିଳିତ ଟିମ୍ ଦ୍ୱାରା ପାପନାସିନୀ କୁଣ୍ଡ ଚତୁଃପାର୍ଶ୍ୱ ଜବରଦଖଲ ଆଉ ଏବେ ଦୁଆରବାସିନୀଙ୍କ ମନ୍ଦିର ସମ୍ମୁଖ ଜବରଦଖଲକୁ ଉଚ୍ଛେଦ ନ କରି ଛାଡ଼ି ଦେଇଛି। ସ୍ଥାନୀୟ ଲୋକ ବିଡିଏ ଉପାଧ୍ୟକ୍ଷ ପ୍ରେମଚନ୍ଦ୍ର ଚୌଧାରୀଙ୍କୁ ଗୁହାରି କରିବା ପରେ ଏହାକୁ ନ ଭାଙ୍ଗିବା ପାଇଁ ନିର୍ଦ୍ଦେଶ ମିଳିଥିବା ସୂଚନା ମିଳିଛି।

### ନିଜେ ଭାଙ୍ଗିଲେ ନିଜ ଜବରଦଖଲ

ସୋମବାର ଉଚ୍ଛେଦ ସମୟରେ ଏକ ଭିନ୍ନ ଦୃଶ୍ୟ ଦେଖିବାକୁ ମିଳିଥିଲା। ଉଚ୍ଛେଦକାରୀ ଦଳ ବଡେଇବାଙ୍କ ଛକଠାରୁ ମାର୍କେଟ ଛକ ଯାଏ ଉଚ୍ଛେଦ କରିବାକୁ ଆସିବା ସମୟରେ ସମସ୍ତ ଜବରଦଖଲ ହଟିଯାଇଥିବା ଦେଖିବାକୁ ମିଳିଥିଲା। ବ୍ୟବସାୟୀମାନେ ନିଜେ ଜବରଦଖଲରୁ ହଟିଯାଇଥିଲେ। ଡୋଜରରେ ଉଚ୍ଛେଦ ହେଉଥିବାରୁ ସେମାନେ ଅଧିକ କ୍ଷତିଗ୍ରସ୍ତ ଆଶଙ୍କା କରି ନିଜ ହାତରେ ନିଜେ ଦୋକାନଗୁଡିକୁ ଭାଙ୍ଗିଥିବା କହିଥିଲେ।

### ନାହିଁ ଉନ୍ନତି ମେଶିନ, ଉଚ୍ଛେଦରେ ବିଳମ୍ବ

ମନ୍ଦିର ଚତୁଃପାର୍ଶ୍ୱ ଉଚ୍ଛେଦ ବିଳମ୍ବର ମୁଖ୍ୟ କାରଣ ହେଉଛି ନାହିଁ ଉନ୍ନତ ମେଶିନ। ଉଚ୍ଚଶକ୍ତି ସମ୍ପନ୍ନ ବୁଲ୍ ଡୋଜର ଓ କଂକ୍ରିଟ ବ୍ରେକର ବ୍ୟବହାର କଲେ ଉଚ୍ଛେଦ କାର୍ଯ୍ୟ ଆହୁରି ତ୍ୱରାନ୍ୱିତ ହୁଅନ୍ତା ବୋଲି ଏନ୍‌ଫୋର୍ସମେଣ୍ଟ ଟିମ୍‌ର ଜଣେ ଅଧିକାରୀ କହିଛନ୍ତି। ସେ କହିଛନ୍ତି, ମନ୍ଦିର ଆଖପାଖରେ ବହୁ ଜବରଦଖଲ ଉଚ୍ଛେଦ ହେବ ବୋଲି ଜାଣିବା ପରେ ବି କର୍ତ୍ତୃପକ୍ଷ ଆବଶ୍ୟକ ଉପକରଣ ଯୋଗାଉ ନାହାନ୍ତି। ଉଚ୍ଛେଦରେ ନାନା ସମସ୍ୟା ଦେଖାଦେଉଛି। ସେହିଭଳି ଉତ୍ତେଜନାବେଳେ ସ୍ଥିତି ସମ୍ଭାଳିବାକୁ ମଧ ଆବଶ୍ୟକ ପୋଲିସ ଫୋର୍ସ ଯୋଗାଇ ଦିଆଯାଉ ନ ଥିବା ସେ କହିଛନ୍ତି।

### ପୁରାତନ କୀର୍ତ୍ତିରାଜି ଭଙ୍ଗାଯାଇଥିବା ଅଭିଯୋଗ

ଏଏସ୍‌ଆଇ ଉପସ୍ଥିତିରେ ଉଚ୍ଛେଦ ପ୍ରକ୍ରିୟା ଜାରି ରଖିବା ପାଇଁ ଆଇନଜୀବୀ ଅରୁଣ ମହାପାତ୍ର ଦାବି କରିଛନ୍ତି। ଏନେଇ ସେ ସୋମବାର ପୋଲିସ କମିଶନର ସୁଧାଂଶୁ ଷଡ଼ଙ୍ଗୀଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଆମ୍‌ସାର ଆକ୍ଟ ୨୦୧୦ ଅନୁଯାୟୀ ବିନା ଏଏସ୍‌ଆଇରେ ଉଚ୍ଛେଦ ହୋଇଥିବା ଓ ଏଥିରେ କିଛି ପୁରାତନ କୀର୍ତ୍ତିରାଜି ନଷ୍ଟ ହୋଇଥିବା ସେ ଅଭିଯୋଗ କରିଛନ୍ତି। କମିଶନର ଷଡଙ୍ଗୀ ଏନେଇ ଏଏସ୍‌ଆଇ ଭୁବନେଶ୍ୱର ସର୍କଲର ଅଧୀକ୍ଷକଙ୍କୁ ଅବଗତ କରାଇବେ ବୋଲି କହିଛନ୍ତି।

### ବାହାର ପରେ ଭିତର ଉଚ୍ଛେଦ

ଏବେ ମନ୍ଦିର ଚତୁଃପାର୍ଶ୍ୱରେ ଜବରଦଖଲ ଉଚ୍ଛେଦ ଚାଲିଥିବାବେଳେ ଆଗାମୀ ଦିନରେ ମନ୍ଦିର ଭିତରେ ଥିବା ଜବରଦଖଲଗୁଡ଼ିକୁ ଏଏସ୍‌ଆଇ ହଟାଇବ ବୋଲି ଜଣାପଡ଼ିଛି। ଏନେଇ ଏଏସ୍‌ଆଇ ଅଧୀକ୍ଷକ ଅରୁଣ ମଲ୍ଲିକ କହିଛନ୍ତି, ରାଜ୍ୟ ସରକାରଙ୍କ ଏହି ପଦକ୍ଷେପ ସ୍ୱାଗତ ଯୋଗ୍ୟ। କିନ୍ତୁ ପର୍ଯ୍ୟଟନ ବିଭାଗର ତ୍ରୁଟିପୂର୍ଣ୍ଣ ନୀତି ଯୋଗୁ ମନ୍ଦିର ମଧ୍ୟରେ ବେଆଇନ ନିର୍ମାଣ ସାଙ୍ଗକୁ ଦୋକାନବଜାର ଗଢ଼ି ଉଠିଛି। ଉକ୍ତ ଦୋକାନୀଙ୍କୁ ଅନ୍ୟତ୍ର ଥଇଥାନ କରି ଉଚ୍ଛେଦ କରିବାକୁ ରାଜ୍ୟ ସରକାରଙ୍କୁ ଅବଗତ କରାଯିବ।

### ରାତିଅଧିଆ ବ୍ୟାଖ୍ୟାନ କେନ୍ଦ୍ର ନିର୍ମାଣକୁ ବିରୋଧ

ଏପଟେ ଉଚ୍ଛେଦ, ସେପଟେ ପର୍ଯ୍ୟଟନ ବିଭାଗ ପକ୍ଷରୁ ରାତିଅଧିଆ ବ୍ୟାଖ୍ୟାୟନ କେନ୍ଦ୍ରର ନିର୍ମାଣ ଚାଲିଛି। ସାଧାରଣ ଟିକସଦାତାଙ୍କ ଅର୍ଥର ଏପରି ଅପବ୍ୟବହାର ଦେଖି ସୋମବାର ଏକାମ୍ର ଜନଜାଗରଣ ମଞ୍ଚ ତରଫରୁ ପର୍ଯ୍ୟଟନ ବିଭାଗ ନିର୍ଦ୍ଦେଶକଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ବ୍ୟାଖ୍ୟାନ କେନ୍ଦ୍ର ଉଚ୍ଛେଦ ଶତପ୍ରତିଶତ ନିଶ୍ଚିତ ଥିବାବେଳେ ଏଭଳି ନିର୍ମାଣ ନେଇ ମଞ୍ଚ ପ୍ରଶ୍ନ ଉଠାଇବା ସହ ବନ୍ଦ କରିବାକୁ ଦାବି କରିଛି।

### ଜବରଦଖଲରେ ପାତରଅନ୍ତର

ମିଳିତ ଉଚ୍ଛେଦ ଟିମ୍ ଶହଶହ ସାଧାରଣ ଉଠାଦୋକାନୀ, ଚାଳିଆ ହୋଟେଲ ଓ କ୍ଷୁଦ୍ର ବ୍ୟବସାୟୀଙ୍କୁ ହଟାଉଛନ୍ତି। କିନ୍ତୁ ଏ କ୍ଷେତ୍ରରେ ପାତର ଅନ୍ତର କରାଯାଉଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ପାପନାଶିନୀ କୁଣ୍ଡ କଡ଼ରୁ ପ୍ରତିଷ୍ଠିତ ପ୍ରଭାବଶାଳୀ ବ୍ୟକ୍ତିଙ୍କ ଦୋକାନଗୁଡ଼ିକୁ ଭାଙ୍ଗିବାକୁ ଉଚ୍ଛେଦ ଟିମ୍‌ର ହାତ ଯାଉନି। ସବୁ ଦେଖି ନ ଦେଖିବା ପରି ଅଭିନୟ କରୁଛି ଟିମ୍। ଏପରି ପକ୍ଷପାତିତା ଚାଲିଲେ ଆଗକୁ ନିଶ୍ଚୟ ବିରୋଧର ସ୍ୱର ଉଠିବ ବୋଲି ସ୍ଥାନୀୟ ବାସିନ୍ଦା କହିଛନ୍ତି। ତୁରନ୍ତ ଏଗୁଡ଼ିକୁ ନ ଭାଙ୍ଗିଲେ ଏହାର ପରିଣାମ ଉଚ୍ଛେଦ ଟିମ୍‌କୁ ଭୋଗିବାକୁ ପଡ଼ିବ ବୋଲି ସେମାନେ ଚେତାବନୀ ଦେଇଛନ୍ତି।




ସିଏଏ ଓ ଏନ୍‌ଆର୍‌ସି ବିରୋଧୀ ଆନ୍ଦୋଳନ ଚଳାଇଥିବା ନୂଆଦିଲ୍ଲୀର ଜାମିଆ ମିଲିଆ ଇସ୍‌ଲାମିଆ ବିଶ୍ୱବିଦ୍ୟାଳୟ ଛାତ୍ରୀଛାତ୍ରୀଙ୍କ ଉପରେ ପୋଲିସର ମାତ୍ରାଧିକ କାର୍ଯ୍ୟାନୁଷ୍ଠାନ ପ୍ରତିବାଦରେ ଉତ୍କଳ ବିଶ୍ୱବିଦ୍ୟାଳୟ ସମ୍ମୁଖରେ ଏଆଇଡିଏସ୍‌ଓ ପକ୍ଷରୁ ସୋମବାର ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

## ବୈଷ୍ଣବ ପାଣିଙ୍କ ଗୀତିନାଟ୍ୟରେ ମଜ୍ଜିଗଲେ ଦର୍ଶକ

ଭୁବନେଶ୍ୱର, ୧୬।୧୨(ବ୍ୟୁରୋ):

ଓଡ଼ିଆ ସଂସ୍କୃତିରେ ଏକ ସମୁଜ୍ଜଳ ସମ୍ଭାର ହେଉଛି, 'ଗୀତିନାଟ୍ୟ ପରମ୍ପରା'। ବୈଷ୍ଣବ ପାଣିଙ୍କଠାରୁ ସୃଷ୍ଟ ଏହି ସାଂସ୍କୃତିକ ବିଭବର ଆକର୍ଷଣୀୟ ଉପାଦାନ ହେଉଛି ରୋଚକ ସଙ୍ଗୀତ। ଏମିତି ରୋଚକ ସଙ୍ଗୀତ ସମାହାରରେ ଅନୁଷ୍ଠିତ ସମ୍ଭାବନାର ଷଷ୍ଠ ଗୀତିନାଟ୍ୟ ସଙ୍ଗୀତ ଉତ୍ସବକୁ ଉଦ୍‌ଘାଟନ କରିଥିଲେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ବ୍ରଜ କିଶୋର ତ୍ରିପାଠୀ। ସମ୍ଭାବନାର ଅଧକ୍ଷ ଶରତ ଚନ୍ଦ୍ର ଭଦ୍ରଙ୍କର ସଭାପତିତ୍ୱରେ ଅନୁଷ୍ଠିତ ଏହି ସନ୍ଧ୍ୟାରେ ପ୍ରମୁଖ ଅତିଥି ଥିଲେ ବିଶିଷ୍ଟ ସାହିତ୍ୟିକ ଦାଶ ବେନହୂର। ରେଡିଓ ଜକି ସୁବ୍ରତ ପତି ଓ ମୀନା ପାଣିଗ୍ରାହୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଗୀତିନାଟ୍ୟ 'ମେଦିନୀ କମ୍ପିବ ବାସୁକି ଟଳିବ ଇନ୍ଦ୍ରପୁରୀ ହେବ ଥରହର', 'ବୀରପଣ ନୁହେଁ ତ ଖାଲି ରକତେ ଲେଖା'ର ପରିବେଷଣ ପ୍ରାରମ୍ଭରୁ ଦର୍ଶକଙ୍କୁ ପୁରୁଣା ଦିନକୁ ଫେରାଇନେଇଥିଲା। ନ ପାହୁ ରାତି ନମରୁ ପତି, ଜନ୍ମାଷ୍ଟମୀ ଓ ମହିଷା ମର୍ଦ୍ଦିନୀ ଗୀତିନାଟ୍ୟ ଦର୍ଶକଙ୍କ ମନରେ ବୈଷ୍ଣବ ପାଣିଙ୍କ ସ୍ମୃତିକୁ ଫେରାଇ ଆଣିଥିଲା। କଣ୍ଠଶିଳ୍ପୀ ନିମାକାନ୍ତ ରାଉତରାୟ, ହରପ୍ରିୟା ସ୍ୱାଇଁ, ଛନ୍ଦା ମିଶ୍ର, ସିଦ୍ଧାନ୍ତ ଶତପଥୀ, ଅର୍ଣ୍ଣବ ପଣ୍ଡା, ରତିକା ରିମ୍ ଝିମ୍ ଓ ପୁଣ୍ୟେତା ଦାଶ ସଙ୍ଗୀତ ଗୁଡିକୁ ପରିବେଷଣ କରିଥିଲେ। ସ୍ମୃତି ମହାନ୍ତି ବର୍ଣ୍ଣନା ଓ ଉପସ୍ଥାପନା କରିଥିବାବେଳେ ସଙ୍ଗୀତ ସହ ସଂଲଗ୍ନ ସଂଳାପକୁ ପରିବେଷଣ କରିଥିଲେ ବେତାରର ନାଟ୍ୟ ସଂଳାପକାର ଛବିରାଣୀ ସେଠୀ ଓ ଭଜକୃଷ୍ଣ ମହାନ୍ତି। ବାଦ୍ୟ ସଙ୍ଗୀତରେ ସହାୟତା କରିଥିଲେ ବିଶିଷ୍ଟ ତବଲା ବାଦକ ଅଜୟ ଚୌଧୁରୀ।

### 'ଭାଇଚାରା ଏକତା ଶକ୍ତିକୁ ସୁଦୃଢ଼ କରେ'

ପୁରୁଣା ଭୁବନେଶ୍ୱର, ୧୬।୧୨ (ଡି.ଏନ୍.ଏ.):

ଭାଇଚାରା ଏକତା ଶକ୍ତିକୁ ସୁଦୃଢ଼ କରେ। ଅତ୍ୟାଧୁନିକତା ଛାପରେ ଆତ୍ମୀୟ ସ୍ୱଜନ ପରସ୍ପରଠାରୁ ଦୂରେଇ ଯାଉଥିବା ବେଳେ ଏଭଳି ଏକ ରଜ୍ଜୁରେ ବାନ୍ଧି ହୋଇ ରହିଲେ ଅସମ୍ଭବ ସମ୍ଭବ ହୋଇଥାଏ। ରାଜଧାନୀ ଉପକଣ୍ଠ ନୂଆଗାଁର ଯୁବସମାଜ ଏହାର ଉଦାହରଣ ବୋଲି ସୋମବାର ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା କହିଛନ୍ତି। ସିଦ୍ଧି ମଣ୍ଡପ ନବୀକରଣର ପ୍ରତିଷ୍ଠା ଦିବସରେ ଆୟୋଜିତ ଆଧାତ୍ମିକ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ସେ ଏହା କହିଛନ୍ତି। ଏହି ଅବସରରେ ଆଞ୍ଚଳିକ ବିକାଶ ପରିଷଦର ସଦସ୍ୟମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ କର୍ପୋରେଟର ବୀରଞ୍ଚି ନାରାୟଣ ମହାସୁପକାର, ସରପଞ୍ଚ ରିନା ବେହେରା, ସମିତିସଭ୍ୟା ରଜନୀ ଦାସ, ବିଭୂତି ପ୍ରଧାନ, ସାମାଜିକ କର୍ମୀ ଆଲୋକ ରଞ୍ଜନ ସାହୁ, ସୁବାସ ସୁନ୍ଦରାୟ, ବୃନ୍ଦାବନ ସାହୁ, କୁଞ୍ଜ ବିହାରୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

### ମଣିଷର ଖୁସିସ୍ତର ବଢ଼ାଏ କବିତା ପାଠ




ଭୁବନେଶ୍ୱର, ୧୬।୧୨ (ବ୍ୟୁରୋ)

ବ୍ୟସ୍ତ ଜୀବନ ଭିତରେ ଖୁସି ଟିକେ ପାଇବା ଆମ ପାଇଁ କଷ୍ଟକର ହୋଇପଡୁଛି। ହେଲେ କବିତା ମଣିଷକୁ ଅମାପ ଖୁସି ଦେଇଥାଏ। ଏକାଠି ହୋଇ କବିତା ପାଠ କଲେ ଏହି ଖୁସିର ସ୍ତର ଆହୁରି ବଢ଼ିଯାଇଥାଏ। ଭୁବନେଶ୍ୱର ରତ୍ନାକରବାଗଠାରେ ଅନୁଷ୍ଠିତ କବିତା ପାଠ ଉତ୍ସବରେ ଯୋଗଦେଇଥିବା ଅତିଥିମାନେ ଏହା କହିଛନ୍ତି। ଜେରିକେୟାର ଓ କ୍ୟୁଓଏଲ୍ ପକ୍ଷରୁ ଆୟୋଜିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ପ୍ରିନ୍ସିପାଲ ମୋହିନୀ ମୋହନ ମିଶ୍ର ଓ ସତ୍ୟବାଦୀ ସ୍କୁଲ୍‌ର ପୂର୍ବତନ ଶିକ୍ଷକ ରମେଶଚନ୍ଦ୍ର ଜେନା କବି ଏବଂ କବିତା ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ଦେଶାତ୍ମବୋଧକ ଓ ସମାଜକଲ୍ୟାଣ ମୂଳକ କବିତା ପାଠ କରାଯାଇଥିଲା। ଅବସରପ୍ରାପ୍ତ ବ୍ୟାଙ୍କ ମ୍ୟାନେଜର ଶରତ କୁମାର ପତି, ପବିତ୍ର କବି, ହରିଶଚନ୍ଦ୍ର କର, ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ତପତି ପାଣିଗ୍ରାହୀ କବିତା ଆବୃତ୍ତି କରିଥିଲେ। ସେହିପରି ମେଧାବୀ ଛାତ୍ରୀଛାତ୍ର ପ୍ରୀତମ ରାଉତ, ଶିତି ସାହ, ଧରିତ୍ରୀ, ସୁଦୀପ୍ତା, ଆଦ୍ୟାଶା, ଅଙ୍କିତା, ଅନ୍ୱେଷା କବିତା ପାଠ କରିଥିଲେ। ପ୍ରତିଷ୍ଠାନ ସଭାପତି ହରିଶଚନ୍ଦ୍ର କର ଅଧକ୍ଷତା କରିଥିଲେ।

ବମିଖାଲ ଓଭରବ୍ରିଜ୍ ତଳେ ଚାଲିଛି ଖୁଲମଖୁଲା ନିଶା କାରବାର

# ତାରିଣୀ ମା' ଡାକିଲେ ମିଳେ ବ୍ରାଉନ ସୁଗାର

ଭୁବନେଶ୍ୱର,୧୬।୧୨(ବ୍ୟୁରୋ):

ନିଶା କାରବାର ରୋକିବାକୁ ପୋଲିସ ପକ୍ଷରୁ ବିଭିନ୍ନ ଉଦ୍ୟମ ଚଳାଉଥିବାବେଳେ ବେପାରୀମାନେ ମଧ ନୂଆ ନୂଆ ତରିକା ଆପଣାଉଛନ୍ତି। କିଛିଦିନ ବ୍ୟବଧାନ ପରେ ପୁଣି ଏକ ନିଶା ବ୍ୟବସାୟୀ ଠିକଣା ପୋଲିସ ହାତରେ ଲାଗିଛି। ଘର, ଦୋକାନ ପରେ ଏବେ ମନ୍ଦିରକୁ ମଧ ବେପାରୀମାନେ ନିଶା କାରବାରର ନୂଆ ଠିକଣା କରିସାରିଲେଣି। ଏବେ ମନ୍ଦିରରେ ମିଳୁଛି ନିଶା ସାମଗ୍ରୀ। ତାରିଣୀ ମା' ଡାକିଦେଲେ ଗ୍ରାହକ ପାଇଯାଉଛନ୍ତି ବ୍ରାଉନ ସୁଗାର । ଏହି ତାରିଣୀ ମା' ଏକ ପ୍ରକାର କୋଡ ଆକାରରେ ବ୍ୟବହାର କରାଯାଉଛି। ଏହାକୁ ପୁଣି ଯୋଗାଉଛନ୍ତି ମନ୍ଦିରରେ ପୂଜା କରୁଥିବା ଜଣେ ବୟସ୍କା ମହିଳା(ତାରିଣୀ ମା')। ଶହୀଦ ନଗର ଥାନା ଅଧୀନ ବମିଖାଲ ଓଭରବ୍ରିଜ ଲେବୁଲ କ୍ରସିଂ ନିକଟରେ ଥିବା ତାରିଣୀ ମନ୍ଦିରରେ ଚାଲିଛି ଏହି ନିଶା ବ୍ୟବସାୟୀ। ଏହି ନିଶା କାରବାର ପଛରେ ମୁଖ୍ୟଧାର ହେଉଛି ଶାନ୍ତିପଲ୍ଲୀ ବସ୍ତିର ସଞ୍ଜୀୟ ଖଟୁଆ। ସଞ୍ଜୀୟର ଦୁଇ ସହଯୋଗୀ କୁନା ଓ ଦିବାକର ନାମକ ଯୁବକ କାରରେ ଆସି ଏଠାରେ ବ୍ରାଉନ ସୁଗାର ଦେଇଯାଉଛନ୍ତି। ସଞ୍ଜୀୟ ପ୍ରଥମେ ଦେହ ବ୍ୟବସାୟ କରୁଥିଲେ ପରେ ସେଥିରେ ବିଶେଷ ଲାଭ ନ ହେବାରୁ ଖୁବ୍ କମ୍ ସମୟରେ ଲକ୍ଷାଧିକ ଟଙ୍କା ରୋଜଗାର କରିବା ପାଇଁ ବ୍ରାଉନ ସୁଗାର ବ୍ୟବସାୟ କରୁଛନ୍ତି। ଏହିପରି ଏହି ମହିଳା ଜଣଙ୍କ ମନ୍ଦିର ଭିତରେ ବ୍ରାଉନ ସୁଗାର ଲୁଚାଇ ରଖୁଛନ୍ତି। ଜଣେ ସାଧାରଣ ବ୍ୟକ୍ତି ମନ୍ଦିରରେ ବ୍ରାଉନ ସୁଗାର ବ୍ୟବସାୟ ହେଉଥିବା ନେଇ ସହଜରେ ଜାଣିପାରିବେ ନାହିଁ। ଅନ୍ୟପକ୍ଷରେ ନିଶା କାରବାର ରୋକିବା ପାଇଁ ଅତିରିକ୍ତ ଏସ୍‌ପିଙ୍କୁ ଦାୟିତ୍ୱ ଦିଆଯାଇଥିଲା। ଗତ ୩ମାସ ମଧ୍ୟରେ ଅତିରିକ୍ତ ସିପିଙ୍କ ଉଦ୍ୟମରେ ୧୨୨ଟି ଏନ୍‌ଡିପିଏସ୍ ମାମଲା କରାଯାଇଛି। ତେଣୁ ପୋଲିସ ଏହି ନିଶା କାରବାର ଖବର ଜାଣିବା ପରେ ସୋମବାର କ୍ୟୁଏଟି ସ୍ୱତନ୍ତ୍ର ସେଠାରେ ଚଢାଉ କରି ଦୁଇଜଣ ଯୁବକଙ୍କୁ ସନ୍ଦେହରେ ଉଠାଇ ନେଇଛି।

ଅନ୍ୟପଟେ କିଭଳି ଏହି ବ୍ରାଉନ ସୁଗାର କାରବାର ହେଉଛି ସେନେଇ ମହିଳାଙ୍କ ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ଭିଡିଓରେ ମହିଳା ଜଣଙ୍କ କହୁଛନ୍ତି, ସେ ପ୍ରଥମେ ମଦ ବ୍ୟବସାୟ କରୁଥିଲେ। ହେଲେ ସଞ୍ଜୀୟ ସହ ତାଙ୍କର ପରିଚୟ ହେବା ପରେ ସେ ଏହି ନିଶା ବେପାର କରୁଛନ୍ତି। ଏଥିପାଇଁ ସଞ୍ଜୀୟ ତାଙ୍କୁ ମାସକୁ ଦରମା ଦିଅନ୍ତି। ସେ ୩ଥର ଜେଲ ଯାଇଥିବା ବେଳେ ତାଙ୍କୁ ସଞ୍ଜୀୟ ଜାମିନ୍‌ରେ ଆଣିଥିଲେ। ତେଣୁ ଆଉ ୧୨ଟି ମାମଲା ହେଲେ ମୁଁ ରାଜଗାଦିରେ ବସିବି ବୋଲି ସେ କହୁଥିବାରୁ ଭିଡିଓରେ ଦେଖିବାକୁ ମିଳୁଛି। କେବଳ ଏତିକି ନୁହେଁ ସେ ଆହୁରି କହିଛନ୍ତି, ସେ ସଞ୍ଜୀୟକୁ କେବେ ଧୋକା ଦେବେ ନାହିଁ। ସେ ତାଙ୍କ ପେଟକୁ ଦାନା ଦେଇଛନ୍ତି। ଏହି ସ୍ଥାନରେ ବ୍ରାଉନ ସୁଗାର ବେପାର କରିବା ପାଇଁ ଅନେକ ଟଙ୍କା ଯାଉଛନ୍ତି। କିନ୍ତୁ ମୁଁ ଛାଡୁନାହିଁ। କାରଣ ସୁବିଧା ଅସୁବିଧା ସମୟରେ ସଞ୍ଜୀୟ ଟଙ୍କା ମାଗିଲେ ସାହାଯ୍ୟ କରେ। ଏହାସହ ଶହୀଦନଗର ଥାନା ପୋଲିସ ଏବଂ ଅବକାରୀକୁ ସଞ୍ଜୀୟ ମାସିକ ବଟି ଦେଉଛି। ତେଣୁ ପୋଲିସ ଏହା ଉପରେ ଚଢାଉ କରୁ ନ ଥିବା କହିଛନ୍ତି।

ନିକଟରେ ଏକାଧିକ ଲୋକେ ରହୁଥିବାରୁ ପିଲାମାନଙ୍କ ଉପରେ ଏହାର ପ୍ରଭାବ ପଡୁଛି। ସେମାନେ ନିଶା ସେବନ କରି ମୃତ୍ୟୁ ମୁଖରେ ପଡୁଛନ୍ତି। ତେଣୁ ଏହାକୁ ବନ୍ଦ କରିବା ପାଇଁ ସ୍ଥାନୀୟ ଲୋକେ ପୋଲିସକୁ ନିବେଦନ କରିଛନ୍ତି।

ଏ ସମ୍ପର୍କରେ ଅତିରିକ୍ତ ପୋଲିସ କମିଶନର ସଞ୍ଜୀୟ ସିଂ କହିଛନ୍ତି, ଏ ନେଇ ଆମ ନିକଟରେ ଖବର ନ ଥିଲା। ଏଭଳି ହେଉଥିଲେ ଆମ ଚଢାଉ କରି ତୁରନ୍ତ ଏହା ପଛରେ ଥିବା ର୍‍ୟାକେଟକୁ ଧରିବୁ । ଏନେଇ ସ୍ଥାନୀୟ ଲୋକେ ଆମକୁ ଖବର ଦିଅନ୍ତୁ।



ନିଶା କାରବାର ହେଉଥିବା ମନ୍ଦିର ଓ ବ୍ୟବସାୟ କରୁଥିବା ମହିଳା ।

- ତାରିଣୀ ମନ୍ଦିରରେ ନିଶା ବିକୁଛି ତାରିଣୀ ମା'
- କାରବାର ବିଷୟରେ କହୁଥିବା ମହିଳାଙ୍କ ଭିଡିଓ ଭାଇରାଲ
- ୧୨ଟି ମାମଲା ହେଲେ ରାଜଗାଦିରେ ବସିବି
- ୨ଜଣଙ୍କୁ ଉଠାଇ ନେଇଛି କ୍ୟୁଏଟି
- ବେପାରର ମାଷ୍ଟର ମାଇଣ୍ଡ ସଞ୍ଜୀୟ

### ସଦାଶିବ ମିଶ୍ର ସତ୍ୟବାଦୀ ବନ ବିଦ୍ୟାଳୟର ରତ୍ନ



ଭୁବନେଶ୍ୱର, ୧୬।୧୨(ବ୍ୟୁରୋ):

ବିଶିଷ୍ଟ ଅର୍ଥନୀତିଜ୍ଞ ଓ ପ୍ରାଧ୍ୟାପକ ପଦ୍ମଶ୍ରୀ ଡ଼ ସଦାଶିବ ମିଶ୍ର ଥିଲେ ସତ୍ୟବାଦୀ ବନ ବିଦ୍ୟାଳୟର ରତ୍ନ ଓ ଆଦର୍ଶ ଶିକ୍ଷକ। ସ୍ଥାନୀୟ ବୁଦ୍ଧ ମନ୍ଦିରଠାରେ ରାଷ୍ଟ୍ର ଉତ୍କର୍ଷ ପରିଷଦ ପକ୍ଷରୁ ଆୟୋଜିତ ସଦାଶିବ ମିଶ୍ରଙ୍କ ୨୫ ତମ ଶ୍ରାଦ୍ଧ ବାର୍ଷିକୀ ପାଳନ ଉତ୍ସବରେ ଏହି ମତପ୍ରକାଶ ପାଇଛି। ସ୍ୱାମୀ ଜଗନ୍ନାଥାନନ୍ଦ ମହାରାଜ ସଦାଶିବଙ୍କୁ ରତ୍ନ ସମ୍ବୋଧିତ କରିଥିବାବେଳେ ମୁଖ୍ୟ ଅତିଥି ପୂର୍ବତନ ଅର୍ଥମନ୍ତ୍ରୀ ପଞ୍ଚାନନ କାନୁନଗୋ ତାଙ୍କୁ ଆଦର୍ଶ ଶିକ୍ଷକ ବୋଲି ଅଭିହିତ କରିଥିଲେ। ବିଶିଷ୍ଟ ଅତିଥି ଡ଼ ବେଦବତୀ ମହାନ୍ତି ତାଙ୍କ ଛାତ୍ର ଜୀବନର ଅନୁଭୂତି ବଖାଣିଥିଲେ। ଅନୁଷ୍ଠାନର ଅଧକ୍ଷ ଡ଼ ପ୍ରଫୁଲ୍ଲ କୁମାର ରଥଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବରିଷ୍ଠ ରାଜନେତା ଆର୍ଯ୍ୟ କୁମାର ଜ୍ଞାନେନ୍ଦ୍ର ପୂଜ୍ୟପୂଜାରେ ଯୁବ ବର୍ଗଙ୍କୁ ଆକୃଷ୍ଟ କରିବାକୁ ଆହ୍ୱାନ ଦେଇଥିଲେ।

# ଚର୍ଚ୍ଚିତ ଉତ୍ତର ଓଡ଼ିଶା

ବିଦାୟ ନେଉଛି ୨୦୧୯। ପଛରେ ଅନେକ ସ୍ମୃତିର ପଦଚିହ୍ନ। ଏହି ବର୍ଷରେ ସାଧାରଣ ନିର୍ବାଚନ ପରେ ଜାତୀୟ ଦୃଶ୍ୟପଟରେ ଅଧିକ ଚର୍ଚ୍ଚାକୁ ଆସିଛି ଉତ୍ତର ଓଡ଼ିଶା। ପ୍ରଥମଥର ବାଲେଶ୍ୱର ଆସନରୁ ଲୋକ ସଭାକୁ ନିର୍ବାଚିତ ହୋଇ ପ୍ରତାପ ଚନ୍ଦ୍ର ଷଡଙ୍ଗୀ କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀ ହୋଇଥିବା ବେଳେ କେନ୍ଦୁଝର ଆସନରୁ ନିର୍ବାଚନ ଜିତି ଚନ୍ଦ୍ରାଣୀ ମୁର୍ମୁ ପାର୍ଲାମେଣ୍ଟ ଇତିହାସରେ ସର୍ବକନିଷ୍ଠା ସଦସ୍ୟା ହେବାର ସୌଭାଗ୍ୟ ଲାଭ କରିଛନ୍ତି। ଓଡ଼ିଆ ଆଇଏଏସ୍ ଅଫିସର ଗିରୀଶ ମୁର୍ମୁ ନବଗଠିତ ଜମ୍ମୁକଶ୍ମୀର କେନ୍ଦ୍ରଶାସିତ ଅଞ୍ଚଳର ପ୍ରଥମ ଉପରାଜ୍ୟପାଳ ହୋଇଛନ୍ତି। ବାଲେଶ୍ୱରର ଝିଅ ଜାତୀୟ ସମ୍ମାନ ପାଇବା ଭଳି ଅନେକ ଚର୍ଚ୍ଚିତ ଘଟଣା ସାଙ୍ଗକୁ ଚାନ୍ଦିପୁର କ୍ଷେପଣାସ୍ତ୍ର ଘାଟିରେ ଇଣ୍ଟରସେପ୍ଟର ପରୀକ୍ଷଣ ସଫଳତା ଆଣିଦେଇଛି। ମେ' ୩ରେ ଫନୀ ଏବଂ ନଭେମ୍ବର ୮ ଓ ୯ରେ ବୁଲ୍‌ବୁଲ୍ ବାତ୍ୟା ଉଜାଡିଛି ପରିବେଶ, ଥରାଇଛି ଦେହ। ନିଶା ସାମ୍ରାଜ୍ୟର ସୌଦାଗର ଗିରଫ ହେବା ଭଳି ନାନା ଘଟଣାପ୍ରବାହ ମଧ୍ୟରେ କିଛି ହଜାଇବା ଓ ପାଇବାର ଏକ ଫେଣ୍ଟାଫେଣ୍ଟି ଅନୁଭବ ଦେଇଛି ଏହି ବିଦାୟୀ ବର୍ଷ.....।



ପ୍ରତ୍ୟାଶା ପରିଜା

## ପ୍ରଥମଥର ଲୋକ ସଭାକୁ ଯାଇ କେନ୍ଦ୍ରମନ୍ତ୍ରୀ



ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ

ଏପ୍ରିଲରେ ଅନୁଷ୍ଠିତ ସାଧାରଣ ନିର୍ବାଚନର ଫଳାଫଳ ଗତ ମେ' ୨୪ ତାରିଖରେ ପ୍ରକାଶିତ ହୋଇଥିଲା। ବାଲେଶ୍ୱର ଲୋକ ସଭା ଆସନରୁ ଭାଜପା ପ୍ରାର୍ଥୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀଙ୍କୁ ୧୨୯୫୬ ଖଣ୍ଡ ଭୋଟ୍‌ରେ ହରାଇ ପ୍ରଥମଥର ଲୋକ ସଭାକୁ ନିର୍ବାଚିତ ହୋଇଥିଲେ। ପରେ ସେ କେନ୍ଦ୍ରରେ ସୂକ୍ଷ୍ମ, ଲଘୁ ଓ ମଧ୍ୟମ ଉଦ୍ୟୋଗ, ପ୍ରାଣୀ ସମ୍ପଦ, ଦୁଗ୍ଧ ଉତ୍ପାଦନ ଓ ମତ୍ସ୍ୟପାଳନ ରାଷ୍ଟ୍ରମନ୍ତ୍ରୀ ପଦ ପାଇପାରିଛନ୍ତି। ନିର୍ବାଚନରେ ବିଜୟ ଓ ମନ୍ତ୍ରୀପଦ ତାଙ୍କୁ ଯେତିକି ଗୌରବ ଦେଇଥିଲା, ତା'ଠାରୁ ଅଧିକ ଚର୍ଚ୍ଚାକୁ ଆସିଥିଲା ତାଙ୍କ ସରଳ ଜୀବନଧାରା। ସେ ରହୁଥିବା ମାଟିକାନ୍ଥ ତିଆରି ପୁରୁଣା ଘର ଓ ସରଳ ଚଳଣି ରାଜ୍ୟ ଓ ଜାତୀୟ ଗଣମାଧ୍ୟମରେ ପ୍ରଚାରିତ ହେବାରୁ ସେ ଆଲୋଚନାର କେନ୍ଦ୍ରବିନ୍ଦୁ ପାଲଟିଥିଲେ।

## ଗିରୀଶ ଜମ୍ମୁ-କଶ୍ମୀର ଉପରାଜ୍ୟପାଳ



ଅବସରପ୍ରାପ୍ତ ଓଡ଼ିଆ ଆଇଏଏସ ଅଫିସର ଗିରୀଶ ମୁର୍ମୁ ଗତ ଅକ୍ଟୋବର ୩୧ରେ ନୂତନ ଭାବେ କେନ୍ଦ୍ରଶାସିତ ଅଞ୍ଚଳ ଘୋଷିତ ଜମ୍ମୁ-କଶ୍ମୀରର ଉପରାଜ୍ୟପାଳ ନିଯୁକ୍ତି ପାଇଛନ୍ତି। ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଘନିଷ୍ଠ ସହଯୋଗୀ ଭାବେ ପରିଚିତ। ୧୯୮୫ ଗୁଜୁରାଟ ବ୍ୟାଚର ଏହି ଅଫିସରଙ୍କ ଘର ମୟୂରଭଞ୍ଜ ଜିଲା ବେତନଟୀ ଥାନା ଅଧୀନ ଖଡିଶୋଳ ପଞ୍ଚାୟତର କଞ୍ଚିଶୋଳ ଗ୍ରାମରେ। ୧୯୫୯ ନଭେମ୍ବର ୨୧ରେ ତାଙ୍କର ଜନ୍ମ। ତାଙ୍କ ପିତା ସ୍ୱର୍ଗତ ଭାଗବତ ମୁର୍ମୁ ଥିଲେ ଜଣେ ସାହିତ୍ୟିକ।

## ସର୍ବକନିଷ୍ଠା ଏମ୍‌ପି ଚନ୍ଦ୍ରାଣୀ



ଚଳିତ ବର୍ଷ ଏପ୍ରିଲ ମାସରେ ସାଧାରଣ ନିର୍ବାଚନ ବେଳେ ସବୁଠି ଦେଖା ଦେଇଥିଲା ଛକାପଞ୍ଝା ସାଙ୍ଗକୁ ଦଳବଦଳ ଜନିତ ରାଜନୈତିକ ଉଷ୍ମତା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସମେତ ବହୁ ଷ୍ଟାର ପ୍ରଚାରକ ମଇଦାନକୁ ଓହ୍ଲାଇଥିଲେ। ଅଧିକାଂଶ ଦଳ ନିର୍ବାଚନରେ ନୂଆ ମୁହଁକୁ ଗୁରୁତ୍ୱ ଦେଇଥିଲେ। ଏପ୍ରିଲ ୨୩ରେ କେନ୍ଦୁଝର ଓ ୨୯ରେ ଉତ୍ତର ଓଡ଼ିଶାର ଭଦ୍ରକ, ମୟୂରଭଞ୍ଜ, ବାଲେଶ୍ୱର ଜିଲାରେ ଭୋଟ ହୋଇ ମେ' ୨୩ରେ ଫଳାଫଳ ପ୍ରକାଶ ପାଇଥିଲା। ଉତ୍ତରଓଡ଼ିଶାରୁ ୪ ଲୋକସଭା ଆସନ ମଧ୍ୟରୁ ଏଥର ଦୁଇଟିରେ ୨ଜଣ ମହିଳା ନିର୍ବାଚିତ ହୋଇଥିଲେ। ସେମାନେ ହେଲେ ଭଦ୍ରକର ମଞ୍ଜୁଲତା ମଣ୍ଡଳ (ବିଜେଡି) ଏବଂ କେନ୍ଦୁଝର ଆସନର ଚନ୍ଦ୍ରାଣୀ ମୁର୍ମୁ (ବିଜେଡି)। ଚନ୍ଦ୍ରାଣୀ ସର୍ବକନିଷ୍ଠ ଏମ୍‌ପି ଭାବେ ଚର୍ଚ୍ଚାକୁ ଆସିଥିଲେ। ତାଙ୍କ ଘର କେନ୍ଦୁଝର ଟାଉନ୍‌ରେ।

### ଲୋକ ସଭାରେ ଉତ୍ତରଓଡ଼ିଶାରୁ ୨ ମହିଳା

ସେ ଇଞ୍ଜିନିୟରିଂ ପାସ୍ କରି ୨୫ ବର୍ଷରେ ନିର୍ବାଚନ ମଇଦାନରେ ପାଦ ରଖିଥିଲେ। ଉତ୍ତରଓଡ଼ିଶାର ୪ ଲୋକସଭା ଆସନରୁ ବିଜେଡି ୨ଟି ଆସନ ପାଇଥିବା ବେଳେ ଭାଜପାକୁ ମିଳିଥିଲା ୨ ଆସନ। ଏହି ୪ ଜିଲାର ୨୮ ବିଧାନସଭା ଆସନ ମଧ୍ୟରୁ ୧୩ଟିରେ ନୂଆ ମୁହଁ ନିର୍ବାଚିତ ହୋଇଥିଲେ। ଏମାନଙ୍କ ମଧ୍ୟରେ ଚମ୍ପୁଆରୁ ମହିଳା ପ୍ରାର୍ଥୀ ମୀନାକ୍ଷୀ ମହାନ୍ତ (ବିଜେଡି) ଏବଂ କରଞ୍ଜିଆରୁ ବାସନ୍ତୀ ହେମ୍ବ୍ରମ (ବିଜେଡି)ରହିଛନ୍ତି।

## ମିସ୍ ଚନ୍ଦ୍ରଭାଗା ପ୍ରତ୍ୟାଶା

ବାଲେଶ୍ୱର ଝିଅ ପ୍ରତ୍ୟାଶା ପରିଜା। ବୟସ ୧୨। ଷଷ୍ଠ ଶ୍ରେଣୀରେ ପଢୁଥିବା ପ୍ରତ୍ୟାଶା ରାଜ୍ୟସ୍ତରୀୟ ମିସ୍ ଚନ୍ଦ୍ରଭାଗା ମଡେଲିଂ ପ୍ରତିଯୋଗିତାରେ ଟାଇଟଲ ଜିତି ଜିଲା ପାଇଁ ଗୌରବ ଆଣିଦେଇଛନ୍ତି। ଚଳିତବର୍ଷ ମଡେ଼ଲିଂରେ ସେ ଶ୍ରେଷ୍ଠ ବିବେଚିତ ହୋଇ ଭୁବନେଶ୍ୱରରେ ଶ୍ରେଷ୍ଠ ୧୦ଜଣଙ୍କ ମଧ୍ୟରେ ଆଗରେ ରହିଥିଲେ। 'ଓଡ଼ିଶା ଜୁନିୟର ଟପ୍ ମଡେ଼ଲ ପ୍ରତିଯୋଗିତା' ସମେତ କେରଳରେ ଜୁନିୟର ମଡେ଼ଲ ଇଣ୍ଟରନ୍ୟାଶନାଲ ପ୍ରତିଯୋଗିତାରେ ଭାଗ ନେବା ପାଇଁ ସେ ମଧ୍ୟ ମନୋନୀତ ହୋଇଛନ୍ତି। ମଡେ଼ଲିଂ ସାଙ୍ଗକୁ ଡ୍ୟାନ୍ସ, ଚିତ୍ରାଙ୍କନ, ବକ୍ତୃତା ଓ ରଚନା ପ୍ରତିଯୋଗିତାରେ ଭାଗ ନେଇ ସେ ସାଇଁଣ୍ଟିଛନ୍ତ ଅନେକ ପୁରସ୍କାର।

## ରାସ୍ତା ପାର ବେଳେ ୩ ହାତୀଙ୍କ ଜୀବନ ଗଲା



ଖଣି ଖାଦାନ ଭରା କେନ୍ଦୁଝର ଜିଲାରେ ଜଙ୍ଗଲ କ୍ଷୟ ସାଙ୍ଗକୁ ହାତୀଙ୍କ ପାରମ୍ପାରିକ ଚଲାପଥ ଉଜୁଡ଼ିଯାଇଥିବାରୁ ସେମାନେ ଏବେ ବାଟବଣା ହୋଇ ଘୂରି ବୁଲୁଛନ୍ତି। ଗତ ଅଗଷ୍ଟ ୨୨ ତାରିଖ ଭୋର ସମୟରେ ୧୦ଟି ହାତୀ ୨୦ ନମ୍ବର ଜାତୀୟ ରାଜପଥ ପାର ହେଉଥିବାବେଳେ ଘଟଗାଁ ବ୍ଲକ ବାଲିଯୋଡି ଗ୍ରାମ ନିକଟରେ ବସ ଓ ଟ୍ରକ ଧକ୍କାରେ ୨ ମାଈ ହାତୀ ଓ ଏକ ଶିଶୁ ହାତୀର ମୃତ୍ୟୁ ଘଟିଥିଲା। କେବଳ ଏହି ଘଟଣା ନୁହେଁ ଜିଲାର ହାତୀ-ମଣିଷ ସଂଘର୍ଷ ସବୁବେଳେ ଲାଗିରହିଛି। ଝାଡ଼ଖଣ୍ଡ ଅଞ୍ଚଳରୁ ହାତୀପଲ ବାରମ୍ବାର ପଶି ଆସି ଉତ୍ତରଓଡ଼ିଶାର ବିଭିନ୍ନ ଜିଲାରେ ଆତଙ୍କ ଖେଳାଉଛନ୍ତି। ହାଟଡିହୀ ବ୍ଲକ ଅଞ୍ଚଳରେ ଗତ ମେ' ମାସରେ ହାତୀ ଆକ୍ରମଣରେ ୧୩ ଦିନରେ ୩ଜଣଙ୍କର ମୃତ୍ୟୁ ଘଟିଥିଲା।

## ପୁରସ୍କୃତ ପ୍ରତିଭା

### ଶ୍ରୀତମ୍‌ଙ୍କୁ ଅନ୍ତର୍ଜାତୀୟ ଫଟୋଗ୍ରାଫି ଆୱାର୍ଡ଼





ବାଲେଶ୍ୱର ଜିଲା ଶୋଭାରାମପୁର ଅଞ୍ଚଳର ଶ୍ରୀତମ୍ କୁମାର ସେଠୀ ସ୍ମାର୍ଟଫୋନ୍‌ର ଉପଯୁକ୍ତ ବ୍ୟବହାର କରି ବିରଳ ଚିତ୍ର ଉତ୍ତୋଳନ କରିଆସୁଛନ୍ତି। ଏଥର ହୋଲି ସମୟରେ ଉଠାଇଥିବା ଏକ ଫଟୋ ଲାଗି ସେ ଚଳିତବର୍ଷ ଅନ୍ତର୍ଜାତୀୟ ଫଟୋଗ୍ରାଫି ଆୱାର୍ଡ଼ ପାଇଛନ୍ତି। ରୋମାନିଆ ଦେଶର ମର୍ ଆର୍ଟ ପ୍ଲସ୍ ଗ୍ୟାଲେରିରେ ଏହି ଫଟୋ ସ୍ଥାନିତ ହୋଇପାରିଛି। ହୋଲି ସମୟର କେତେକ ଫଟୋକୁ ନେଇ ଡକ୍ୟୁମେଣ୍ଟାରି ପ୍ରସ୍ତୁତ କରି ସେ ଇନ୍‌ଷ୍ଟାଗ୍ରାମ୍‌ରେ ସେୟାର କରିବା ସହ ନ୍ୟାଶନାଲ୍ ଜିଓଗ୍ରାଫିରେ ଦେଇଥିଲେ। ଉକ୍ତ ଫଟୋ ଭାଇରାଲ୍ ହୋଇ ଏପ୍ରିଲ ୧୨ ତାରିଖରେ ଇୟରସଟ୍ କମ୍ୟୁନିଟିରେ ପ୍ରକାଶ ପାଇଥିଲା। ଗତ ମେ'ରେ କଲିକତାରେ ଅନୁଷ୍ଠିତ ଅନ୍ତର୍ଜାତୀୟ ଫଟୋଗ୍ରାଫି ଓ ପେଣ୍ଟିଂ ପ୍ରତିଯୋଗିତାରେ ମଧ୍ୟ ଏହା ସ୍ଥାନ ପାଇ ପୁରସ୍କୃତ ହୋଇଥିଲା।

### ଦୁର୍ଯ୍ୟୋଧନ, ରାଖାଲ ଆଣିଲେ ଗୌରବ

ଆଲୋଚ୍ୟ ବର୍ଷରେ ବିଭିନ୍ନ କ୍ରୀଡ଼ାବିତ୍ ଜିଲା ପାଇଁ ଆଣିଛନ୍ତି ଗୌରବ। ଭଦ୍ରକ ବ୍ଲକ ଲାଙ୍ଗୁଡ଼ିସ୍ଥିତ ଚାନ୍ଦିଆପଦା ଉତ୍କଳମଣି ଦରିଦ୍ର ନାରାୟଣ ସେବା ମନ୍ଦିରର ୧୦ମ ଶ୍ରେଣୀ ଛାତ୍ର ଦୁର୍ଯ୍ୟୋଧନ ବିରୁଆ ଦିଲ୍ଲୀର ତ୍ୟାଗରାଜ ଷ୍ଟାଡିୟମରେ ଅନୁଷ୍ଠିତ 'ହୋସଲା' ପ୍ରତିଯୋଗିତାର ଲମ୍ବଡିଆଁ ଓ ଦୌଡ଼ରେ ଲଗାତାର ଦୁଇବର୍ଷ ଧରି ସ୍ୱର୍ଣ୍ଣପଦକ ହାସଲ କରିଥିବାରୁ ରାଜ୍ୟ ସରକାରଙ୍କ ପକ୍ଷରୁ ନଭେମ୍ବର ୬ରେ ପୁରସ୍କୃତ କରାଯାଇଥିଲା। ଡିସେମ୍ବର ୪ରେ ବିଶ୍ୱ ଭିନ୍ନକ୍ଷମ ଦିବସରେ ଭଣ୍ଡାରିପୋଖରୀ ବ୍ଲକ ତେସିଙ୍ଗା ଗ୍ରାମର ଭିନ୍ନକ୍ଷମ କ୍ରୀଡାବିତ୍ ରାଖାଲ କୁମାର ସେଠୀଙ୍କୁ ମୁଖ୍ୟମନ୍ତ୍ରୀ ଶ୍ରେଷ୍ଠ ଭିନ୍ନକ୍ଷମ କ୍ରୀଡ଼ାବିତ୍ ଭାବେ ରାଜ୍ୟସ୍ତରୀୟ ପୁରସ୍କାର ପ୍ରଦାନ କରିଥିଲେ। ସେ ଆନ୍ତର୍ଜାତିକ ପାରାକ୍ରୀଡ଼ାରେ ଭାରତରୁ ପ୍ରତିନିଧିତ୍ୱ କରିଥିଲେ।



ଦୁର୍ଯ୍ୟୋଧନ



ରାଖାଲ

## ନିର୍ବାଚନ ବେଳେ ବିଷାକ୍ତ ମଦ ବିଭୀଷିକା



୨୦୧୯ ଏପ୍ରିଲରେ ସାଧାରଣ ନିର୍ବାଚନ ବେଳେ କର୍ମୀଙ୍କୁ ବଣ୍ଟା ଯାଇଥିବା ବିଷାକ୍ତ ମଦ ପିଇ ଏପ୍ରିଲ ୩୦ରେ ଭଦ୍ରକ ଜିଲାର ତିହିଡ଼ି ଓ ଚାନ୍ଦବାଲି ଅଞ୍ଚଳରେ ଶତାଧିକ ଲୋକ ଅସୁସ୍ଥ ହୋଇପଡ଼ିଥିଲେ। ପରେ ୧୦ ଜଣଙ୍କର ମୃତ୍ୟୁ ଘଟିଥିଲା। ଏହି ମଦମୃତ୍ୟୁ ବିଭୀଷିକା ସାରା ରାଜ୍ୟରେ ଆଲୋଡ଼ନ ସୃଷ୍ଟି କରିଥିଲା। ଭାଜପାର ଏକ ରାଜ୍ୟସ୍ତରୀୟ ଟିମ୍ ଆସି ଏହି ଘଟଣାରେ ସମ୍ପୃକ୍ତ ନିର୍ଦ୍ଦିଷ୍ଟ ଏକ ଦଳର ରାଜନେତାଙ୍କୁ ଦାୟୀ କରିଥିଲେ। ନିର୍ବାଚନ ସମୟରେ ମଦ ଦୋକାନ ବନ୍ଦ ରଖାଯାଉଥିବାବେଳେ କର୍ମୀଙ୍କୁ ଖୁସି କରିବା ପାଇଁ ମଦ ବଣ୍ଟାଯିବା ଘଟଣା ନାନା ବାଦବିବାଦ ସୃଷ୍ଟି କରିଥିଲା। ଏହି ମଦମୃତ୍ୟୁର ଶିକାର ହୋଇଥିବା ଯୁବକମାନଙ୍କ ପରିବାର ଲୋକଙ୍କ ଆଖିରୁ ଆଜି ବି ଶୁଖିନି ଲୁହ।

## ପରଲୋକରେ ଚୈତନ୍ୟ ମାଝୀ



ମୟୂରଭଞ୍ଜର ବରିଷ୍ଠ ଆଦିବାସୀ ନେତା ତଥା ପୂର୍ବତନ ମନ୍ତ୍ରୀ ଚୈତନ୍ୟ ପ୍ରସାଦ ମାଝୀ(୯୦)ଙ୍କର ଗତ ଜାନୁୟାରୀ ୨୮ ତାରିଖରେ ପରଲୋକ ଘଟିଥିଲା। ତାଙ୍କର ଜନ୍ମ ତିରିଂ ବ୍ଲକ ଚାଙ୍ଗୁଆ ଗ୍ରାମରେ। ସେ କଂଗ୍ରେସରେ ଯୋଗଦେଇ ୧୯୭୨ରୁ ୧୯୭୮ ପର୍ଯ୍ୟନ୍ତ ରାଜ୍ୟ ସଭା ସଦସ୍ୟ ରହି କେନ୍ଦ୍ରରେ ପେଟ୍ରୋଲିୟମ ଉପମନ୍ତ୍ରୀ ରହିଥିଲେ। ୧୯୮୬ରେ ଜନତା ଦଳ ପକ୍ଷରୁ ବିଧାୟକ ପ୍ରାର୍ଥୀ ହୋଇ ବିଜୟୀ ହୋଇଥିଲେ। ୧୯୯୦ରୁ ୧୯୯୫ ପର୍ଯ୍ୟନ୍ତ ବିଜୁ ପଟ୍ଟନାୟକଙ୍କ ସରକାରରେ ଉଚ୍ଚଶିକ୍ଷା ମନ୍ତ୍ରୀ ଏବଂ ୨୦୦୬ରୁ ୨୦୦୯ ପର୍ଯ୍ୟନ୍ତ ନବୀନ ପଟ୍ଟନାୟକଙ୍କ ମନ୍ତ୍ରିମଣ୍ଡଳରେ ଆଦିବାସୀ, କ୍ରୀଡ଼ା ଓ ଯୁବ ବ୍ୟାପାର ମନ୍ତ୍ରୀ ଥିଲେ।

## ପୋଲିସ ଜାଲରେ ଡ୍ରଗ୍ସ ବେପାରୀ

ହୋଟେଲ ବୟ ଭାବରେ କାର୍ଯ୍ୟ କରୁଥିବା ସେକ୍ ରାଜା ବ୍ରାଉନ୍‌ସୁଗାର ବେପାରୀ ସାଜି ଏବେ ୧୦୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ସମ୍ପତ୍ତିର ମାଲିକ। ତାଙ୍କ ଘର ବାଲେଶ୍ୱର ସହର ଅରଡବଜାରସ୍ଥିତ ମସ୍‌ଜିଦ୍ ଗଳିରେ। ଅନ୍ତରାଷ୍ଟ୍ରୀୟ ବ୍ରାଉନ୍‌ସୁଗାର ବେପାରୀ ସେକ୍ ରାଜା ଗତ ସେପ୍ଟେମ୍ବର ୧୬ରେ ଭୁବନେଶ୍ୱର ନିକଟରୁ କ୍ରାଇମବ୍ରାଞ୍ଚର ଏସ୍‌ଟିଏଫ୍ ହାତରେ ଧରାପଡ଼ିବା ଉଲ୍ଲେଖନୀୟ ଘଟଣା। ଏଥିରେ ଜଣେ କନଷ୍ଟେବଳ ଗିରଫ ହେବା ସହ ରାଜାଙ୍କ ସ୍ଥାବର ଓ ଅସ୍ଥାବର ସମ୍ପତ୍ତିକୁ ଜବତ ହୋଇଛି। ଡିସେମ୍ବର ୧୧ରେ ଅନ୍ୟତମ ଡ୍ରଗ୍ସ ବେପାରୀ ମୀର ରାହାତ ଅଲ୍ଲୀ ଖାଁ ପୋଲିସ ଆଖିରେ ଧୂଳି ଦେଇ ଖସି ଯାଇଥିଲେ ବି ତାଙ୍କ ମା'ଙ୍କୁ ଗିରଫ କରାଯାଇଛି।

## ବାତ୍ୟା ଥରାଇଲା ଦେହ



ମେ ମାସର ଫନୀ ବାତ୍ୟା ପରେ ନଭେମ୍ବର ୯ରେ ବୁଲ୍‌ବୁଲ୍ ବାତ୍ୟା ଭଦ୍ରକ ଓ ବାଲେଶ୍ୱର ଜିଲାର ଉପକୂଳରେ ତାଣ୍ଡବ ରଚିଥିଲା। ବୁଲ୍‌ବୁଲ୍ ବାତ୍ୟା ଓଡ଼ିଶା ଉପକୂଳ ଅତିକ୍ରମ କଲାବେଳେ ଅଶାନ୍ତ ସମୁଦ୍ରର ଜୁଆର ମାଡ଼, ବର୍ଷା ପବନର ପ୍ରକୋପ ଆତଙ୍କ ଖେଳାଇଥିଲା। ଭଦ୍ରକର ଧାମରା, ଚାନ୍ଦବାଲି ଓ ବାସୁଦେବପୁର ସମେତ ବାଲେଶ୍ୱର ଜିଲାର ଭୋଗରାଇ, ବାଲିଆପାଳ, ଜଳେଶ୍ୱର, ବସ୍ତା, ସଦର ବ୍ଲକ ଅଞ୍ଚଳ ବିଶେଷ ପ୍ରଭାବିତ ହୋଇଥିଲା। ସମୁଦ୍ର କୂଳରେ ପ୍ରାୟ ୧୦୦ କି.ମି. ଏବଂ ଜିଲାର ଆଭ୍ୟନ୍ତରୀଣ ବ୍ଲକରେ ୬୦ କି.ମି. ବେଗରେ ପବନ ବହିବା ସହ ପ୍ରବଳ ବର୍ଷା ହେବାରୁ ୪ ହଜାର ୪୯୪ ଘର ଭାଙ୍ଗିବା ସହ ୧୦୦ ଟି ୧୧ କେଭି ଓ ୮ଟି ୩୩ କେଭି ଖୁଣ୍ଟ, ୩୦ଟି ଟ୍ରାନ୍ସଫର୍ମର ଭାଙ୍ଗି ପଡ଼ିଥିଲା। ବିଭିନ୍ନ ସ୍ଥାନରେ ଗଛ ପଡ଼ି ରାସ୍ତା ଅବରୋଧ ହୋଇଥିଲା। ଭଦ୍ରକ ଜିଲାରେ ବ୍ୟାପକ ଧାନ ଫସଲ ନଷ୍ଟ ହେବା ସହ ୭ଟି ବ୍ଲକର ୯୮୦ ଗାଁର ୫ ଲକ୍ଷ ୫୦ ହଜାର ଲୋକ ପ୍ରଭାବିତ ହୋଇଥିଲେ। ବାଲେଶ୍ୱର ଜିଲାର ଉପକୂଳରେ ବର୍ଷା ସହିତ ୬୦ରୁ ୭୦କି.ମି. ବେଗରେ ପବନ ବହିବା ଯୋଗୁ ବିଭିନ୍ନ ସ୍ଥାନରେ ବଡ଼ ବଡ଼ ଗଛ ଭାଙ୍ଗି ରାସ୍ତା ଅବରୋଧ ହେବା ସହ ଘର ଭାଙ୍ଗିଥିଲା। ପ୍ରଶାସନ ପକ୍ଷରୁ ଓଡ୍ରାଫ୍, ଏନ୍‌ଡିଆର୍‌ଏଫ୍ ଓ ଅଗ୍ନିଶମ ବିଭାଗ ଉଦ୍ଧାର କାର୍ଯ୍ୟ କରିଥିଲେ। ପ୍ରଭାବିତ ଅଞ୍ଚଳର ଲକ୍ଷାଧିକ ଲୋକଙ୍କୁ ବାତ୍ୟା ଆଶ୍ରୟସ୍ଥଳୀରେ ରଖାଯାଇଥିଲା।

### 'ସୁନା ଦରିଆ' ବୁଡ଼ିଲା, ଭାସି ଆସିଲା ଶତାଧିକ ବୋଟ୍

ବୁଲ୍‌ବୁଲ୍ ବାତ୍ୟା ପ୍ରଭାବରେ ନଭେମ୍ବର ୮ରାତିରେ ସମୁଦ୍ର ଅଶାନ୍ତ ରହିଥିବାବେଳେ ପଶ୍ଚିମବଙ୍ଗର ୩୭ଟି ମାଛଧରା ବୋଟ୍ ଭାସି ଆସି ଭଦ୍ରକ ଜିଲାର ଧାମରା ମୁହାଣରେ ଲାଗିଥିଲା। ସେହିପରି ବାଲେଶ୍ୱର ଉପକୂଳରେ ଶତାଧିକ ବୋଟ୍ ଭାସିଆସି ଲାଗିଥିଲା। ଧାମରାରେ ଲଙ୍ଗର ପକାଇଥିବା ମାଛଧରା ବୋଟ୍ 'ସୁନା ଦରିଆ' ଜୁଆରମାଡ଼ରେ ବୁଡ଼ି ଯାଇଥିଲା। ସେଥିରେ ଥିବା ୯ ଜଣ ମତ୍ସ୍ୟଜୀବୀଙ୍କୁ ଉଦ୍ଧାର କରାଯାଇପାରିଥିଲା।



## ବିଷ୍ଣୁଙ୍କ ଚିକିତ୍ସା ପାଇଁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର,୧୬।୧୨(ବ୍ୟୁରୋ)

କୋରାପୁଟ ଜିଲା ଜୟପୁର ସ୍ଥିତ ଲାଠିଗୁଡା ଗ୍ରାମର ନକୁଳ ପେଣ୍ଡିଆଙ୍କ ପୁତ୍ର ବିଷ୍ଣୁ ପେଣ୍ଡିଆଙ୍କ ଚିକିତ୍ସା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ 'ରାଷ୍ଟ୍ରୀୟ ବାଳ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ'ର ଜୟପୁର ଅଧିକାରୀମାନେ ତୁରନ୍ତ ନକୁଳଙ୍କ ଘରେ ପହଞ୍ଚିଥିଲେ। ବିଷ୍ଣୁଙ୍କ ମାଆ ଓ ବାପା ମୂଲ ଲାଗିବାକୁ ଯାଇଥିବାରୁ ସେମାନେ ଆସିବା ଯାଏ ଅଧିକାରୀମାନେ ଅପେକ୍ଷା କରିଥିଲେ। ସେମାନେ ଆସିବା ପରେ ଆଲୋଚନା କରି ବିଷ୍ଣୁଙ୍କୁ ଅଧିକାରୀମାନେ ପ୍ରଥମେ ବୋରିଗୁମ୍ମା ହସ୍ପିଟାଲକୁ ନେଇଥିଲେ। ପରେ କୋରାପୁଟ ମେଡିକାଲରେ ଆବଶ୍ୟକୀୟ ପରୀକ୍ଷା କରାଯାଇଥିଲା। ସେଠାରୁ ବିଷ୍ଣୁଙ୍କୁ ଏକ ଆମ୍ବୁଲାନ୍ସ ଯୋଗେ କଟକ ମେଡିକାଲ ଅଣାଯାଇ ପ୍ରାଥମିକ ଚିକିତ୍ସା ପରେ ପ୍ଲାଷ୍ଟିକ ସର୍ଜରି ବିଭାଗକୁ ପଠାଯାଇଥିଲା। ବିଭାଗୀୟ ମୁଖ୍ୟ ଡାକ୍ତର ଅନ୍ନଦା ପ୍ରସାଦ ପଟ୍ଟନାୟକ ଚିକିତ୍ସା କରୁଛନ୍ତି। ନକୁଳ ପେଣ୍ଡିଆଙ୍କର ଦୁଇଟି ପୁଅ ଓ ଗୋଟିଏ ଝିଅକୁ ନେଇ ପାଞ୍ଚ ଜଣ କୁଟୁମ୍ବ। ଆର୍ଥିକ ଦୁରବସ୍ଥାରେ ରହୁଥିବା ନକୁଳ ପରଘରେ ମୂଲ ଲାଗି ପରିବାର ପ୍ରତିପୋଷଣ କରନ୍ତି। ବଡ଼ପୁଅ ବିଷ୍ଣୁ ପେଣ୍ଡିଆଙ୍କ ଗୋଡ଼ରେ ଏକ ମାଂସ ପିଣ୍ଡୁଳା ଅସ୍ୱାଭାବିକ ଭାବେ ବୃଦ୍ଧି ହେଉଥିଲା। ପୁଅର ଏହି ଦୁର୍ଦ୍ଦଶା ନକୁଳଙ୍କ ଚିନ୍ତାକୁ ବଢ଼ାଇ ଦେଇଥିଲା। ପାଖରେ ଅର୍ଥ ନ ଥାଇ ମଧ୍ୟ ସେ ପୁଅକୁ ବୋରିଗୁମ୍ମା, ଜୟପୁର ଏବଂ କୋରାପୁଟ ମେଡିକାଲରେ ଦେଖାଇଥିଲେ। ସେଠାରେ ଡାକ୍ତରମାନେ ତାଙ୍କୁ କଟକ କିମ୍ବା ବ୍ରହ୍ମପୁରରେ ଚିକିତ୍ସା କରିବା ପାଇଁ ପରାମର୍ଶ ଦେଇଥିଲେ। ଏହି ଘଟଣା ଜଣାପଡ଼ିବା ପରେ ବିଷ୍ଣୁ ପେଣ୍ଡିଆଙ୍କ ଚିକିତ୍ସା ପାଇଁ ମୁଖ୍ୟମନ୍ତ୍ରୀ ସହାୟତାର ହାତ ବଢ଼ାଇଥିଲେ।

# ହୀରାକୁଦ ନିଷିଦ୍ଧାଞ୍ଚଳରେ ମନ୍ତ୍ରୀଙ୍କ ଝିଅ,୩ ଅଭିନେତ୍ରୀ

ସମ୍ବଲପୁର,୧୬।୧୨(ବ୍ୟୁରୋ)

**ଭିଡିଓ ଭାଇରାଲ**
- ଫଟୋ ଉଠାଇଲେ, ଭିଡିଓ ଭାଇରାଲ କଲେ
- ବିଭିନ୍ନ ମହଲରେ କାର୍ଯ୍ୟାନୁଷ୍ଠାନ ଦାବି
- ପୋଲିସ, ଓଆଇଏସ୍ଏଫ୍ ପକ୍ଷରୁ ତଦନ୍ତ ଆରମ୍ଭ

ସମ୍ବଲପୁର ହୀରାକୁଦ ଡ୍ୟାମ୍‌ର ନିଷିଦ୍ଧାଞ୍ଚଳରେ ସ୍ୱାସ୍ଥ୍ୟମନ୍ତ୍ରୀ ନବକିଶୋର ଦାସଙ୍କ ଝିଅ ଓ ୩ ଅଭିନେତ୍ରୀ ଉଠାଇଥିବା ଫଟୋ ଓ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ଯାହାକୁ ନେଇ ବିବାଦ ସୃଷ୍ଟି ହୋଇଛି । ଏହାକୁ ବିଭିନ୍ନ ମହଲରେ ସମାଲୋଚନା କରାଯିବା ସହ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରାଯାଇଛି। ଜିଲା ପୋଲିସ ଓ ହୀରାକୁଦ ଡ୍ୟାମ୍ ସୁରକ୍ଷା ଦାୟିତ୍ୱରେ ଥିବା ଓଡିଶା ଇଣ୍ଡଷ୍ଟ୍ରିଆଲ ସିକ୍ୟୁରିଟି ଫୋର୍ସ (ଓଆଇଏସ୍ଏଫ୍) ଏହାକୁ ଗୁରୁତର ସହ ନେଇଛି। ବିଭିନ୍ନ ମହଲରେ ପ୍ରତିକ୍ରିୟା ପ୍ରକାଶ ପାଇବା ପରେ ସମ୍ବଲପୁର ଏସ୍‌ପି କନୱର ବିଶାଲ ସିଂ ଉକ୍ତ ଘଟଣାର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ହୀରାକୁଦ ଏସ୍‌ଡିପିଓ ଶିଶୁ ରଞ୍ଜନ ମହାପାତ୍ର ଏହି ଘଟଣାର ତଦନ୍ତ କରୁଛନ୍ତି। ଡ୍ୟାମ୍‌ର କେଉଁ ସ୍ଥାନ ନିଷିଦ୍ଧାଞ୍ଚଳ ପରିସୀମାରେ ଯାଉଛି, ସେଠାରେ କିଏ ଫଟୋ, ଭିଡିଓ ଉତ୍ତୋଳନ କଲେ । ସେହି ଫଟୋ ଓ ଭିଡିଓକୁ କିଏ ଭାଇରାଲ କଲେ ସବୁ ଦିଗକୁ ନେଇ ତଦନ୍ତ କରାଯାଉଛି। ସୁରକ୍ଷା ଦାୟିତ୍ୱରେ ଥିବା ଓଆଇଏସ୍ଏଫ ପକ୍ଷରୁ ମଧ୍ୟ ତଦନ୍ତ ଆରମ୍ଭ ହୋଇଛି ।

୩ ଓଡିଆ ଅଭିନେତ୍ରୀ ପ୍ରକୃତି ମିଶ୍ର, ଏଲିନା ସାମନ୍ତରାୟ ଓ ଲୋଭିନା ନାୟକ ଶନିବାର ସମ୍ବଲପୁରକୁ ଏକ କାର୍ଯ୍ୟକ୍ରମରେ ଯୋଗଦେବାକୁ ଆସିଥିଲେ। ଏହି ଅବସରରେ ସେମାନେ ହୀରାକୁଦ ଡ୍ୟାମ୍ ବୁଲିବାକୁ ଯାଇଥିଲେ। ଏଥିପାଇଁ ସେମାନେ ଡ୍ୟାମ୍ କର୍ତ୍ତୃପକ୍ଷଙ୍କ ଅନୁମତି ମଧ୍ୟ ନେଇଥିଲେ। ହେଲେ ହୀରାକୁଦରୁ ବୁର୍ଲାକୁ ଯାଇଥିବା ସମୟରେ ସେମାନେ ଡ୍ୟାମ୍ ମଝିରେ ଅଟକି ଭିଡିଓ ଓ ଫଟୋ ଉତ୍ତୋଳନ କରିଥିଲେ। ଏହି ଭିଡିଓ ଓ ଫଟୋକୁ ପ୍ରକୃତି ମିଶ୍ର ନିଜ ଇନ୍‌ଷ୍ଟାଗ୍ରାମରେ ପୋଷ୍ଟ କରିଥିଲେ। ଯାହା ପରେ ଭାଇରାଲ ହୋଇ ବିବାଦୀୟ ହୋଇଥିଲା। ଏ କଥା ଜାଣିବା ପରେ ପ୍ରକୃତି ଏହି ଭିଡିଓକୁ ହଟାଇ ଦେଇଛନ୍ତି। ଭିଡିଓରେ ପ୍ରକୃତି, ଏଲିନା ଓ ଲୋଭିନାଙ୍କୁ ଦେଖିବାକୁ ମିଳିଛି। ତାଙ୍କ ସହ ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସଙ୍କ ଝିଅ ଦୀପାଳି ଦାସ ମଧ୍ୟ ଅଛନ୍ତି। ଭିଡିଓରେ ଦୀପାଳି 'ଇମାଜିନ! ଏହା ମୋର ସୁନ୍ଦର ସମ୍ବଲପୁର' ବୋଲି କହୁଛନ୍ତି। ପ୍ରକୃତି ମଧ୍ୟ 'ଇମାଜିନ! ସୁନ୍ଦର' ବୋଲି କହିଥିବା ବେଳେ ଏଲିନା ଦୁଇ ଅଙ୍ଗୁଳି ଦେଖାଇ ଖୁସି ଜାହିର କରୁଛନ୍ତି। ତେବେ ଏ ସମ୍ପର୍କରେ ଏଲିନା ଗଣମାଧ୍ୟମକୁ କହିଛନ୍ତି, ଭିଡିଓ ସେ ଉତ୍ତୋଳନ କରି ନାହାନ୍ତି କିମ୍ବା ଭିଡିଓ ଭାଇରାଲ କରି ନାହାନ୍ତି। ସେ କେବଳ ଭିଡିଓରେ ରହିଛନ୍ତି। ସେଠାକୁ ଯିବାକୁ ସେମାନଙ୍କ ପାଖରେ ଅନୁମତି ଥିଲା ବୋଲି ସେ ଦର୍ଶାଇଛନ୍ତି। ଅନ୍ୟପକ୍ଷେ ଏସ୍‌ପି ସିଂ କହିଛନ୍ତି, ଏ ନେଇ ତଦନ୍ତ କରାଯାଉଛି। ରିପୋର୍ଟ ଆସିଲା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଅନ୍ୟପକ୍ଷେ ସ୍ୱାସ୍ଥ୍ୟମନ୍ତ୍ରୀ ଦାସ କହିଛନ୍ତି, ମୋ ଝିଅ ବଡ଼ ହୋଇସାରିଛି। ଯଦି ଆଇନ ଅନୁସାରେ ସେ କିଛି ଭୁଲ କରିଥିବ ଦଣ୍ଡିତ ହେବ। ଏଥିରେ ମୋର କିଛି କହିବାର ନାହିଁ ବୋଲି ସେ ଗଣମାଧ୍ୟମକୁ ସ୍ପଷ୍ଟ କରିଛନ୍ତି ।

# ସାତକୋଶିଆରେ ବାଘ ସର୍ବେକ୍ଷଣ ଆରମ୍ଭ

ବନ୍ତଲା,୧୬।୧୨(ଡି.ଏନ.ଏ.)


ସାତକୋଶିଆରେ ହୋଇଥିବା ପିଆଇପି।

ଅନୁଗୋଳ ଜିଲା ଆଞ୍ଚଳିକ ବନ ସଂରକ୍ଷଣ ଅଧୀନରେ ଥିବା ସାତକୋଶିଆ ବ୍ୟାଘ୍ର ପ୍ରକଳ୍ପରେ ସୋମବାରଠାରୁ ତୃଣଭୋଜି ଓ ମାଂସାସୀ ପ୍ରାଣୀଙ୍କ ସର୍ବେକ୍ଷଣ ଆରମ୍ଭ ହୋଇଛି। ଏହା ୨୧ ତାରିଖ ପର୍ଯ୍ୟନ୍ତ ୬ ଦିନ ଧରି ଚାଲିବ। ୧୮ ତାରିଖ ଯାଏ ତୃଣଭୋଜୀ ଓ ୧୯ରୁ ୨୧ ତାରିଖ ପର୍ଯ୍ୟନ୍ତ ମାଂସାସୀ ପ୍ରାଣୀଙ୍କ ସର୍ବେକ୍ଷଣ କରାଯିବ। ସାତକୋଶିଆ ବ୍ୟାଘ୍ର ପ୍ରକଳ୍ପ ଅଞ୍ଚଳ ତଥା ମୋଟ୍ ୧୧୩୬.୭୦ ବର୍ଗ କିଲୋମିଟର ପରିଧିରେ ଏହି ସର୍ବେକ୍ଷଣ କରାଯିବ।

ଏହି ସର୍ବେକ୍ଷଣ ପାଇଁ ନଭେମ୍ବର ୨୦ରେ ବନଖଣ୍ଡସ୍ତରୀୟ ଓ ନଭେମ୍ବର ୨୨ରେ ରେଞ୍ଜ କାର୍ଯ୍ୟାଳୟସ୍ତରୀୟ ତାଲିମ ପ୍ରଦାନ କରାଯାଇଥିଲା। ଏଥିସହ ପ୍ରତି ବିଟ୍‌କୁ ଗୋଟିଏ ୟୁନିଟ୍ ଭାବେ ନିଆଯାଇ ସେଥିରେ ୧୫ଟି ପଗ୍ ଇମ୍ପ୍ରେସନ ପ୍ୟାଡ୍ (ପିଆଇପି) ଓ ଦୁଇଟି ଟ୍ରାଞ୍ଜାକ୍ଟ ଲାଇନ ତିଆରି ନିମନ୍ତେ ନିର୍ଦ୍ଦେଶ ଦିଆଯାଇଥିଲା। ବ୍ୟାଘ୍ର ପ୍ରକଳ୍ପ ଅଧୀନରେ ମୋଟ୍ ୧୨୩ଟି ବିଟ୍ ଥିବାରୁ ୧୮୪୫ଟି ପିଆଇପି ଓ ୨୪୬ଟି ଟ୍ରାଞ୍ଜାକ୍ଟ ଲାଇନ ପ୍ରସ୍ତୁତ କରାଯାଇଛି। ସେଥିମଧ୍ୟରୁ ସାତକୋଶିଆ ବନ୍ୟପ୍ରାଣୀ ବନଖଣ୍ଡର ୪୫ ବିଟ୍‌ରେ ୬୭୫ଟି ପିଆଇପି ଓ ୯୦ଟି ଟ୍ରାଞ୍ଜାକ୍ଟ ଲାଇନ ନିର୍ମାଣ କରାଯାଇଛି। ସେହିପରି ମହାନଦୀ ବନ୍ୟପ୍ରାଣୀ ବନଖଣ୍ଡର ୩୬ଟି ବିଟ୍‌ରେ ୫୪୦ଟି ପିଆଇପି ଓ ୭୨ଟି ଟ୍ରାଞ୍ଜାକ୍ଟ ଲାଇନ, ଆଠମଲ୍ଲିକ ବନଖଣ୍ଡର ୧୧ଟି ବିଟ୍ ଅଞ୍ଚଳରେ ୧୬୫ଟି ପିଆଇପି ଓ ୨୨ ଟ୍ରାଞ୍ଜାକ୍ଟ ଲାଇନ, ଅନୁଗୋଳ ବନଖଣ୍ଡର ୧୪ଟି ବିଟ୍‌ରେ ୨୧୦ଟି ପିଆଇପି ଓ ୨୮ ଟ୍ରାଞ୍ଜାକ୍ଟ ଲାଇନ, ଆଠଗଡ ବନଖଣ୍ଡ ଅଞ୍ଚଳର ୧୪ଟି ବିଟ୍‌ରେ ୨୧୦ ପିଆଇପି ଓ ୨୮ ଟ୍ରାଞ୍ଜାକ୍ଟ ଲାଇନ, ଢେଙ୍କାନାଳ ବନଖଣ୍ଡ ଅଞ୍ଚଳର ଗୋଟିଏ ବିଟ୍‌ରେ ୧୫ ପିଆଇପି ଓ ଦୁଇଟି ଟ୍ରାଞ୍ଜାକ୍ଟ ଲାଇନ, ବୌଦ୍ଧ ବନଖଣ୍ଡର ଦୁଇଟି ବିଟ୍‌ରେ ୩୦ ପିଆଇପି ଓ ୪ଟି ଟ୍ରାଞ୍ଜାକ୍ଟ ଲାଇନ ନିର୍ମାଣ ହୋଇଛି। ପ୍ରତି ବିଟ୍ ବା ୟୁନିଟ୍‌ରେ ଜଣେ ଫରେଷ୍ଟରଙ୍କ ସହିତ ଚାରିଜଣ ୱାଚରଙ୍କୁ ନିଯୁକ୍ତି ଦିଆଯାଇଛି। ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକଙ୍କ ନିର୍ଦ୍ଦେଶ କ୍ରମେ ସାତକୋଶିଆ ଡିଏଫଓ ରାମାସ୍ୱାମୀ ପି, ମହାନଦୀ ଡିଏଫଓ ଅଂଶୁପ୍ରଜ୍ଞା ଦାସ, ଅନୁଗୋଳ ଡିଏଫଓ ଭି. କାର୍ତ୍ତିକ, ଆଠମଲ୍ଲିକ ଡିଏଫଓ ଏବଂ ଆଠଗଡ଼ ଡିଏଫଓଙ୍କ ତତ୍ତ୍ୱାବଧାନରେ ଏହି ସର୍ବେକ୍ଷଣ କରାଯାଉଛି। ପ୍ରତ୍ୟେକ ରେଞ୍ଜ ଅଧିକାରୀ ନିଜ ଅଞ୍ଚଳର ତଥ୍ୟ ସଂଗ୍ରହ କରି ଡିଏଫ୍‌ଓମାନଙ୍କୁ ପ୍ରଦାନ କରିବେ।

ଏ ସମ୍ପର୍କରେ ଅନୁଗୋଳ ଆଞ୍ଚଳିକ ମୁଖ୍ୟ ତଥା ସାତକୋଶିଆ କ୍ଷେତ୍ର ନିର୍ଦ୍ଦେଶକ ପ୍ରଦୀପ ରାଜ କରାଟେ କୁହନ୍ତି, ଏହା ଚତୁର୍ଥସ୍ତରୀୟ ମନିଟରିଂ କାର୍ଯ୍ୟକ୍ରମ। ୬ ଦିନ ଧରି ଏହି ସର୍ବେକ୍ଷଣ ଏନ୍‌ଟିସିଏ ଗାଇଡ ଲାଇନ ଅନୁଯାୟୀ ହେବ। ସମ୍ପୂର୍ଣ୍ଣ ତଥ୍ୟ ଆସିଲେ ବାଘ ଓ ତୃଣଭୋଜୀଙ୍କ ସଂଖ୍ୟା ସମ୍ପର୍କରେ କୁହାଯିବ।

### ବିନା ଅନୁମତିରେ ଛୁଟି ନେଲେ କାର୍ଯ୍ୟାନୁଷ୍ଠାନ

# ସବୁ ବିଭାଗକୁ ଚିଠି ଲେଖିଲା ଅର୍ଥ ବିଭାଗ

ଭୁବନେଶ୍ୱର,୧୬।୧୨(ବ୍ୟୁରୋ)

ସରକାରୀ ଚାକିରି। ଡର ନାହିଁ କି ଭୟ ନାହିଁ । ମନ ଇଚ୍ଛା ଅଫିସ ଆସିବା ଓ ଯିବା। ନିଜର ଦୈନିକ କାର୍ଯ୍ୟକୁ ଠିକ୍ ଢଙ୍ଗରେ ନ କରିବା କେତେକ କର୍ମଚାରୀଙ୍କର ନିତିଦିନିଆ ଅଭ୍ୟାସରେ ପରିଣତ ହୋଇଗଲାଣି। ଏପରି କି କେତେକ କର୍ମଚାରୀ ଗୁରୁତ୍ୱପୂର୍ଣ୍ଣ ସରକାରୀ କାର୍ଯ୍ୟକୁ ଅଣଦେଖା କରି ଛୁଟିରେ ଚାଲି ଯାଉଛନ୍ତି। ଏଥିଯୋଗୁ ନିର୍ଦ୍ଧାରିତ ସମୟରେ କାର୍ଯ୍ୟ ସମ୍ପାଦନ ମଧ୍ୟ ହୋଇପାରୁନାହିଁ। ଏଭଳି ଖାମଖିଆଲ ଅଧିକାରୀ ଓ କର୍ମଚାରୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନେବାକୁ ସରକାର ବିଭିନ୍ନ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ସୋମବାର ଅର୍ଥ ବିଭାଗ ପକ୍ଷରୁ ସମସ୍ତ ବିଭାଗୀୟ ମୁଖ୍ୟ ଦପ୍ତରକୁ ଏ ନେଇ ଏକ ସର୍କୁଲାର ଜାରି କରାଯାଇଛି। ଯଦିଓ ଏହା ପୂର୍ବରୁ ଅନୁମତି ନ ନେଇ ଛୁଟିରେ ଯାଉଥିବା କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ନିର୍ଦ୍ଦେଶନାମା ଜାରି କରାଯାଇଛି ତେବେ ବିଭାଗଗୁଡ଼ିକ ଏହା ଉପରେ କୌଣସି ପଦକ୍ଷେପ ନେଇ ନାହାନ୍ତି। ଏଭଳି ଖବର ବାରମ୍ବାର ଦୃଷ୍ଟିଗୋଚର ହେବା ପରେ ଅର୍ଥ ବିଭାଗ ପକ୍ଷରୁ ପୁଣି ଏକ ସର୍କୁଲାର ଜାରି କରାଯାଇଛି। ସରକାରୀ ଚାକିରି କରୁଥିବା କର୍ମଚାରୀମାନଙ୍କ ଚାକିରି ସର୍ତ୍ତାବଳୀ ରହୁଥିବାରୁ ସେମାନେ କୋର୍ଟ କଚେରି ଯାଇ ନିଜ ସପକ୍ଷରେ ରାୟ ଆଣି ସମସ୍ତ ସୁବିଧା ଓ ପେନ୍‌ସନ ପାଇବାରେ ସକ୍ଷମ ହେଉଛନ୍ତି। ଯେଉଁ କର୍ମଚାରୀ ଦୀର୍ଘ ଦିନ ଧରି କାର୍ଯ୍ୟାଳୟରେ ଅନୁପସ୍ଥିତ ରହୁଛନ୍ତି ସେମାନଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନେବାକୁ ଅର୍ଥ ବିଭାଗ ପକ୍ଷରୁ ଜାରି କରାଯାଇଥିବା ସର୍କୁଲାରରେ କୁହାଯାଇଛି

# ଡିସେମ୍ବର ୨୧ ସୁଦ୍ଧା ଚୂଡ଼ାନ୍ତ ପ୍ରସ୍ତାବ ଦେବାକୁ ସମସ୍ତ ବିଭାଗକୁ ନିର୍ଦ୍ଦେଶ

ଭୁବନେଶ୍ୱର,୧୬।୧୨(ବ୍ୟୁରୋ)

**୨୦୨୦-୨୧ ବଜେଟ ପ୍ରସ୍ତୁତି**

୨୦୨୦ ଫେବୃଆରୀରେ କେନ୍ଦ୍ର ସରକାର ୨୦୨୦-୨୧ ପାଇଁ ପୂର୍ଣ୍ଣାଙ୍ଗ ବଜେଟ ପ୍ରସ୍ତୁତ କରିବେ। ରାଜ୍ୟ ସରକାର ମଧ୍ୟ କେନ୍ଦ୍ର ବଜେଟ ଅନୁଯାୟୀ ଆସନ୍ତା ୨୦୨୦-୨୧ ଆର୍ଥିକ ବର୍ଷ ପାଇଁ ବଜେଟ ପ୍ରସ୍ତୁତ କରିବେ। ଏଥିସହିତ ୨୦୨୧-୨୬ ପାଇଁ ପଞ୍ଚଦଶ ଅର୍ଥ କମିଶନଙ୍କ ଅନ୍ତରୀଣ ରିପୋର୍ଟ କେନ୍ଦ୍ର ସରକାର ପ୍ରକାଶ କରିବାକୁ ନିଷ୍ପତ୍ତି ନେଇଛନ୍ତି। ୨୦୧୯-୨୦ ପାଇଁ ସଂଶୋଧିତ ଖର୍ଚ୍ଚ ଏବଂ ୨୦୨୦-୨୧ ଆର୍ଥିକ ବର୍ଷ ପାଇଁ ବିଭାଗଗୁଡ଼ିକ ନିଜ ନିଜ ବିଭାଗର ଖର୍ଚ୍ଚ ସମ୍ପର୍କରେ ଚୂଡ଼ାନ୍ତ ପ୍ରସ୍ତାବ ଦେବାକୁ ୨୦୧୯ ଡିସେମ୍ବର ୧୫ ତାରିଖ ଧାର୍ଯ୍ୟ କରାଯାଇଥିଲା। ଏହି ସମୟ ସୁଦ୍ଧା ବିଭାଗଗୁଡ଼ିକ ଚୂଡ଼ାନ୍ତ ପ୍ରସ୍ତାବ ଦେଇ ପାରି ନାହାନ୍ତି। ଏଥିପାଇଁ ଚୂଡ଼ାନ୍ତ ପ୍ରସ୍ତାବ ଦାଖଲ ସମୟକୁ ଆଉ ୬ ଦିନ ବୃଦ୍ଧି କରାଯାଇ ୨୧ ତାରିଖ ଧାର୍ଯ୍ୟ କରାଯାଇଛି । ଏହି ସମୟ ସୀମା ମଧ୍ୟରେ ବିଭାଗଗୁଡ଼ିକ ନିଜର ଖର୍ଚ୍ଚ ସମ୍ପର୍କରେ ବିଭିନ୍ନ ସଂସ୍ଥା ସହ ଆଲୋଚନା କରି ଚୂଡ଼ାନ୍ତ କରିବାକୁ ଅର୍ଥ ବିଭାଗ ପକ୍ଷରୁ ପରାମର୍ଶ ଦିଆଯାଇଛି। ଏଥିସହିତ ଡିସେମ୍ବର ୨୧ ତାରିଖ ସୁଦ୍ଧା ଆସନ୍ତା ବଜେଟ ପାଇଁ ଚୂଡ଼ାନ୍ତ ଖର୍ଚ୍ଚ ଦାବି ରିପୋର୍ଟ ଅର୍ଥ ବିଭାଗକୁ 'ବେଟା' ସଫ୍ଟୱେର ଜରିଆରେ ପ୍ରଦାନ କରିବାକୁ ସୋମବାର ଅର୍ଥ ବିଭାଗ ସଚିବ ଅଶୋକ କୁମାର ମୀନା ରାଜ୍ୟ ସରକାରଙ୍କ ସମସ୍ତ ବିଭାଗକୁ ଚିଠି ଲେଖି ଜଣାଇଛନ୍ତି।

# ଛାତ୍ରଙ୍କୁ ଗଣିତ ପଢ଼ାଇଲେ ବିଡିଓ


ପିଲାମାନଙ୍କୁ ବିଡିଓ ବ୍ଲାକବୋର୍ଡରେ ଗଣିତ ପଢାଉଛନ୍ତି।

ଝରିଗାଁ,୧୬।୧୨(ସ୍ୱ.ପ୍ର)

ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ ତାରାକୋନାଡି ଉନ୍ନୀତ ଉଚ୍ଚ ବିଦ୍ୟାଳୟକୁ ସୋମବାର ବିଡିଓ ଦେବେନ୍ଦ୍ର ବାହାଦୂର ସିଂ ଧରୁଆ ପରିଦର୍ଶନରେ ଯାଇ ପିଲାମାନଙ୍କୁ ଗଣିତ ପଢାଇଥିଲେ। ବ୍ଲାକବୋର୍ଡରେ ପିଲାମାନଙ୍କୁ ୯ମ ଶ୍ରେଣୀ ଗଣିତର ସେଟ ପାଠ୍ୟକ୍ରମ ବୁଝାଇଥିଲେ। ପିଲାମାନଙ୍କ ସହ ଗଣିତ ବିଷୟକୁ ନେଇ ଆଲୋଚନା କରିଥିଲେ। ସ୍କୁଲରେ କିପରି ପାଠ ପଢାଯାଉଛି ତାହା ପଚାରି ବୁଝିଥିଲେ।

ଫୁପୁଗାଁ ପଞ୍ଚାୟତରେ ନୋଡାଲ ବୈଠକ ଶେଷ ହେବା ପରେ ବିଡିଓ ପଞ୍ଚାୟତ ସଦର ଠାରେ ଥିବା ଉନ୍ନୀତ ଉଚ୍ଚ ବିଦ୍ୟାଳୟକୁ ପରିଦର୍ଶନରେ ଯାଇଥିଲେ। ସେଠାରେ ଭିନ୍ନ ଭିନ୍ନ ସ୍ଥାନରେ ପିଲାଙ୍କୁ ପାଠପଢା ଯାଉଥିବା ଦେଖିବାକୁ ପାଇଥିଲେ। ନିର୍ମିତ ହୋଇଥିବା ନୂତନ କୋଠାରେ ପିଲାଙ୍କୁ ପାଠ ପଢାଇବା ପାଇଁ ବିଡିଓ ପ୍ରଧାନଶିକ୍ଷକଙ୍କୁ କହିଥିଲେ। ଏହା ପରେ ତାରାକୋନାଡି ଉନ୍ନୀତ ଉଚ୍ଚ ବିଦ୍ୟାଳୟକୁ ପରିଦର୍ଶନରେ ଯାଇଥିଲେ। ଏହି ସମୟରେ ନବମ ଶ୍ରେଣୀର ପିଲାମାନଙ୍କୁ ପାଠ୍ୟ ପୁସ୍ତକ ପ୍ରଦାନ କରାଯାଉଥିଲା। ସ୍କୁଲ ଖୋଲିବାର ପ୍ରାୟ ୯ ମାସ ପରେ ପିଲାଙ୍କୁ ପାଠ୍ୟ ପୁସ୍ତକ ଦିଆଯାଇଥିବା ନେଇ ବିଡିଓ ଚକିତ ହୋଇଥିଲେ। ଏହାପରେ ନବମ ଶ୍ରେଣୀର ପିଲାଙ୍କୁ ବିଡିଓ ଗଣିତ ପଢାଇଥିଲେ।

## ଚଳନ୍ତା ଟ୍ରେନ୍‌ରୁ ଡେଇଁ ପଡିଲେ ୨ ଯୁବତୀ

ଝାରସୁଗୁଡ଼ା ଅଫିସ, ୧୬।୧୨

ଚଳନ୍ତା ଟ୍ରେନରୁ ଡେଇଁ ୨ ଯୁବତୀ ଗୁରୁତର ହୋଇଛନ୍ତି। ଝାରସୁଗୁଡ଼ା ଜିଲା ବାଗଡିହି ରେଳ ଷ୍ଟେଶନ ନିକଟରେ ଏହି ଅଭାବନୀୟ ଘଟଣା ଘଟିଛି। ସଂପୃକ୍ତ ୨ଯୁବତୀଙ୍କୁ ରେଳ ଲାଇନ୍‌ରୁ ସ୍ଥାନୀୟ ସାମାଜିକ କର୍ମୀ ଓ ଷ୍ଟେଶନ୍ କର୍ତ୍ତୃପକ୍ଷ ଗୁରୁତର ଅବସ୍ଥାରେ ଉଦ୍ଧାର କରି ବୁର୍ଲା ଭିମ୍‌ସାରରେ ଭର୍ତ୍ତି କରିଛନ୍ତି। ଆହତ ଯୁବତୀଦ୍ୱୟ ହେଲେ ସୁନ୍ଦରଗଡ଼ ଜିଲା ଧରୁଆଡିହି ଥାନା ଗୋଏଲଝୁମ୍ପା ଗ୍ରାମର ଧନମତୀ ମାଝି(୧୭) ଓ ଜ୍ୟୋତ୍ସ୍ନା ନାୟକ(୧୮)। ଧନମତୀଙ୍କ ବାମଗୋଡ ପାଦ କଟିଯାଇଥିବାବେଳେ ଜ୍ୟୋତ୍ସ୍ନାଙ୍କ ମୁଣ୍ଡରେ ଗୁରୁତର ଆଘାତ ଲାଗିଛି। ସ୍ଥାନୀୟ ଲୋକେ ଏହି ଦୁର୍ଘଟଣା ପାଇଁ ରେଳ ବିଭାଗକୁ ଦାୟୀ କରିଛନ୍ତି। ରେଳଲାଇନ୍ ସମ୍ପ୍ରସାରଣ କାର୍ଯ୍ୟ ଚାଲିଥିବାରୁ ଏହି ରୁଟ୍‌ରେ କେତେକ ଯାତ୍ରୀବାହୀ ଟ୍ରେନ୍‌କୁ ରେଲୱେ କର୍ତ୍ତୃପକ୍ଷ ଅସ୍ଥାୟୀ ଭାବେ ବାତିଲ୍ କରିଛନ୍ତି। ଯାହାଫଳରେ ଯୁବତୀଦ୍ୱୟ ପାସେଞ୍ଜର ଟ୍ରେନ୍ ଭାବି ବାମରା ଷ୍ଟେଶନରୁ ଉତ୍କଳ ଏକ୍ସପ୍ରେସ୍‌ରେ ଚଢ଼ିଯାଇଥିଲେ। ସେମାନେ ବାଗଡିହି ମହାକାଳ ମନ୍ଦିରକୁ ଆସୁଥିଲେ। ତେବେ ଉକ୍ତ ଟ୍ରେନ୍ ବାଗଡିହି ଷ୍ଟେଶନରେ ଅଟକି ନ ଥିଲା। ଏଥିରେ ଭୟଭୀତ ହୋଇ ଯୁବତୀଦ୍ୱୟ ଚଳନ୍ତା ଟ୍ରେନ୍‌ରୁ ଡେଇଁ ପଡିଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଛି।

**ODISHA SUB-ORDINATE STAFF SELECTION COMMISSION**
**ଓଡ଼ିଶା ଅଧସ୍ତନ କର୍ମଚାରୀ ଚୟନ ଆୟୋଗ**
ବ୍ଲକ୍ ନଂ.-3 ଏବଂ 5, ୟୁନିଟ୍-1, ଭୁବନେଶ୍ୱର-751009
ଦୂରଭାଷ: 0674-2597149, 2597152 (ଅଫିସ୍), ଫାକ୍ସ: 0674-2597155
ୱେବ୍‌ସାଇଟ୍: www.osssc.gov.in
No.: IIE-23/2019- 400 (C)/ OSSSC, Dt.13.12.2019

**NOTICE**

**Written Test for the posts of Junior Clerk / Junior Assistants under General and Special Drive for ST/SC-2018 of different Departments of Government of Odisha**

**No. T-129:-** Pursuant to Advertisement No.IIE-11/2018-1100(C)/ OSSSC, dt.28.12.2018 and Notice No. 364 (C)/ OSSSC, dated 21.11.2019 for recruitment to the posts of Junior Clerk / Junior Assistant including Special Drive-2018, the Written Test will be conducted on 22.12.2019 (Sunday) from 10.00 AM to 5.00 PM in the approved centre of the district concerned. The provisional list of eligible candidates has been published in the Commission's website: www.osssc.gov.in. The admission letters available online may be downloaded from the OSSSC website from 15.12.2019 onwards by the eligible candidates using their User ID and Password to appear in the examination. No hard-copy of Admission Letter will be sent to any candidate by post.

*By order of the Commission*
***Sd./- Secretary***
09007/11/0006/1920

**RAMA DEVI WOMEN'S UNIVERSITY, BHUBANESWAR**

**No.2326** **QUOTATION CALL NOTICE** **Dt.16.12.19**

Sealed quotations are invited from the reputed firms / Press / order suppliers having valid DIC registration, TIN / PAN, GST registration and up-to-date Tax Clearance for printing of the University Magazine "ARUNDHATI" of Rama Devi Women's University, Bhubaneswar. The quotation will remain open from 17.12.2019 to 23.12.2019 (up to 02.00 P.M.). The Authority reserves the right to accept or reject any one or all quotations without assigning any reason thereof at any stage. For the details please visit our website **www.rdwuniversity.nic.in**

**Sd./-**
**CHAIRPERSON,**
**P.G. Council**

**ODISHA TOURISM DEVELOPMENT CORPORATION LIMITED**
**(A Government of Odisha Undertaking)**
**Panthanivas [Old Block], Lewis Road, Bhubaneswar-751014**
**Tender Call Notice No – BP-I/21/2019-20 Dtd. 11.12.2019 for Organization of Mukteswar Dance Festival & Rajarani Music Festival -2020.**

No.CAD-695 :- Odisha Tourism Development Corporation Limited on behalf of Department of Tourism, Govt. of Odisha going to organize Mukteswar Dance Festival & Rajarani Music Festival -2020. Offers are invited from reputed firms/ agencies and Event Managers for different arrangements having past experience and expertise in relevant field. The tenderer shall submit the bid in the prescribed format in separate seal covers for each event separately. Details can be downloaded from our website **www.panthanivas.com**. The bid should reach the office of the undersigned up to 02.00PM of 24.12.2019.

**Sd./- Superintending Engineer**
**OTDC Ltd.**
**37002/11/0020/1920**

**THE ODISHA MINING CORPORATION LIMITED** OMC ODISHA NEW OPPORTUNITIES
OMC House, Bhubaneswar-751001,Odisha
CIN: U13100OR1956SGC000313, www.omcltd.in

**REQUEST FOR PROPOSAL FOR SELECTION OF MINE OPERATOR for BANGUR CHROMITE MINES IN THE DISTRICT OF KEONJHAR, ODISHA**
(RfP No-157/OMC/P&T/2019 dated-13.12.2019)

**No. CAD-694:-** The Odisha Mining Corporation Limited (OMC) invites bids from experienced Mine Operators for Underground mine development, breaking of ground, construction, equipping, excavation, transport, handling of broken materials and all other incidental work for production of cleaned chrome ore of 15,000 MT during the 1st year, 50,000MT during 2nd year and thereafter @60,000MT per year (at OMC's option). It will involve excavation/removal of ROM of approx. double the quantity of cleaned chrome ore from underground and transportation of waste, chrome ore to respective yards.

| | |
|---|---|
| Peak Rated Capacity | : 60,000MT of finished product. |
| Period of Contract | : 10 (Ten) years. |
| Last date of Online submission of Bid | : 30.01.2020 up to 04.00PM |
| Last date of Physical Submission of Original Documents related to Bid | : 31.01.2020 up to 04.00PM |
| Bid document cost | : INR 1,18,000.00 (Rupees One lakh Eighteen thousand) only including GST @18% |

The executive summary of the Bidding Process as well as the Bidding Documents have been uploaded on the portal of the MSTC Ltd (www.mstcecommerce.com/eprochome/omc) and on the website of the Odisha Mining Corporation Limited (http://www.omcltd.in). The Documents can be downloaded from the above sites from dtd.17.12.2019 Any further communications, corrigendum/addendum, etc. will be uploaded on the website of MSTC and OMC. OMC reserves the right to reject any or all bids/proposals without assigning any reasons whatsoever.

Nodal officer for this bidding process:
**Abhiram Sahoo, Addl. General Manager (Mining), OMC**
Email: sahooabhiram740@gmail.com
Phone: +91 674 2377439/ +91 94377 94740

***Addl. General Manager (Mining), OMC***
30005/11/0106/1920

**OFFICE OF THE EXECUTIVE ENGINEER DHENKANAL (R&B) DIVISION, DHENKANAL**
Email – eedklpwd@gmail.com B-430
***Government of Odisha "e" procurement Notice.***

OFFICE OF THE EXECUTIVE ENGINEER
DHENKANAL (R&B) DIVISION DHENKANAL.
***Bid Identification No. – 19 of 2019-2020***

| | | |
|---|---|---|
| 1. | Name of the work: | Building Work – 3 Nos |
| 2. | Estimate cost: | Rs. 22,41,336.00 to Rs. 45,79,686.00 |
| 3. | Period of completion: | 04 (Four Colander Months) |
| 4. | Date & time of availability of the Bid documents in the portal | 10.00 AM of 19.12.2019 to 5.00 PM of 02.01.2020 |
| 5. | Last date / Time of receipt of the bid in Portal. | 02.01.2020 up to 5.00 PM. |
| 6. | Date of Opening | 03.01.2020 at 11.00 AM. |
| 7. | Name and Address of the Office. | Office of the Executive Engineer Dhenkanal (R&B) Division, Dhenkanal. |

*Further details can be seen from the e – procurement Portal "https://tendersorissa.gov.in*

Executive Engineer
Dhenkanal (R&B) Division.
34016/11/0011/1920

**GOVT. OF ODISHA**
**OFFICE OF THE EXECUTIVE ENGINEER**
**MINOR IRRIGATION DIVISION, BALANGIR**
**AT/PO :- BALANGIR, DIST.- BALANGIR**
**MOBILE NO:- 9437435924, E-Mail- mid_balangir@yahoo.co.in**
**No.2806** **Date:12.12.2019**

**e-PROCUREMENT NOTICE**
**IDENTIFICATION No.Online/04/BGR MID/2019-20**

No.A-478 :- Bid documents consisting of works, estimated cost, cost of bid documents, time of completion, Class of Contractor, terms and conditions of contract and other necessary documents can be seen in e-procurement portal **https://tendersodisha.gov.in**

1. Name of the work : Civil construction works.
2. No. of works : 03 (Three) Nos.
3. Estimated Cost : Varies Approximately from Rs.19.20 Lakhs to Rs.40.54 Lakhs
4. Period of completion : 02 (Two) Calendar Months.
5. Date and time of availability of bid documents in the portal : From 18.12.2019 (10.00 A.M.) to 27.12.2019 (5.00 P.M.)
6. Last date/time for receipt of bids in the portal : 27.12.2019 (5.00 P.M)
7. Date of opening of Bid : On dated.28.12.2019 at 10.00 A.M. onwards in the office of the Executive Engineer Minor Irrigation Division, Balangir
8. Date of receipt of Bid Cost and Bid Security : 18.12.2019 (10.00 A.M.) to 27.12.2019 (5.00 P.M.)
9. Date of the Lottery (if cases arise) for the works on dated : 02.01.2020 at 11.00 A.M. onwards in the Office of the Executive Engineer Minor Irrigation Division, Balangir.
10. Mode of Payment of Bid Cost & Bid Security : Online
11. Name of the Officer inviting tender : Executive Engineer Minor Irrigation Division, Balangir.

Further details can be seen from the e-procurement portal **https://tendersodisha.gov.in**

**Sd./- Executive Engineer**
**Minor Irrigation Division, Balangir.**
**32118/11/0004/1920**

No. C-387

**GOVERNMENT OF ODISHA**
**OFFICE OF THE EXECUTIVE ENGINEER,**
**P.H. DIVISION, SAMBALPUR.**
**Email ID : eephdsbp@gmail.com**

**NOTICE INVITING TENDERS**
**NATIONAL COMPETITIVE BIDDING THROUGH e-Procurement**
**Bid Identification No. EEPHSBP-17/2019-20 Dt. 13.12.2019**

| | | |
|---|---|---|
| 01. | Name of the Work | : 3 nos. Works. |
| 02. | Type of Bid. | : Two Bid Systems |
| 03. | Estimated Cost | : Rs. 54.02 lakhs to Rs. 127.91 lakhs |
| 04. | Period of Completion | : 90 (Ninety) days. |
| 05. | Date & Time of availability of bid document in the portal | : From 11.00 AM of dt. 20.12.2019 to 5.00 PM of 04.01.2020. |
| 06. | Last date / time of receipt of bids in the portal | : 5.00 PM of 04.01.2019 |
| 07. | Date & Time of opening of technical bids | : At 11.00 AM of 06.01.2019 |
| 08. | Name and Address of the Officer Inviting Bid | : Executive Engineer, P.H. Division, Sambalpur, Brooks' Hill, Near Stadium, At/Po- Motijharan, Dist- Sambalpur-768 001. |

**Further details can be seen from the web site http://tenders.ori.nic.in or www.tendersorissa.gov.in**

**Sd/-Executive Engineer**
P.H. Division, Sambalpur
**13026/11/0019/1920**

See Career Appointment on every Wednesday & Saturday



ମୋ ଡିଏନ୍‌ଏରେ କେବଳ କମର୍ସିଆଲ ଫିଲ୍ମ ଲେଖାଅଛି, ଏହା କେବେହେଲେ ପରିବର୍ତ୍ତନ ହୋଇପାରିବ ନାହିଁ।
- କରୀନା କପୁର, ବଲିଉଡ୍ ଅଭିନେତ୍ରୀ



କିୟାରା ଆଡ୍‌ଭାନୀ

# ‘କବୀର ସିଂ’କୁ ନେଇ କିୟାରାଙ୍କ ଖୁଲାସା

**ମୁମ୍ବାଇ:** ଶାହୀଦ୍ କପୁର ଏବଂ କିୟାରା ଆଡ୍‌ଭାନୀ ଅଭିନୀତ ବଲିଉଡ୍ ଫିଲ୍ମ ‘କବୀର ସିଂ’ ସୁପରହିଟ୍ ହୋଇଥିଲେ ମଧ୍ୟ ବିବାଦରେ ରହିଥିଲା। ଫିଲ୍ମର କିଛି ଦୃଶ୍ୟକୁ ନେଇ ବିଭିନ୍ନ ମହଲରେ ଆପତ୍ତି ସୃଷ୍ଟି ହୋଇଥିଲା। କିନ୍ତୁ ସବୁ ପରେ ବି ଫିଲ୍ମକୁ ଦର୍ଶକେ ପସନ୍ଦ କରିଥିଲେ। ଉଭୟ ଶାହୀଦ୍ ଏବଂ କିୟାରା ନିଜର ଦମ୍‌ଦାର ଅଭିନୟ ପାଇଁ ଖୁବ୍ ପ୍ରଶଂସା ସାଉଁଟିଥିଲେ। ତେବେ କିୟାରା ନିଜେ ମଧ୍ୟ ଫିଲ୍ମର କିଛି ଦୃଶ୍ୟକୁ ନେଇ ଅସହଜ ଅନୁଭବ କରିଥିବା ଖୁଲାସା କରିଛନ୍ତି।

କିୟାରା ନିଜ ଅପ୍‌କମିଂ ଫିଲ୍ମ ‘ଗୁଡ୍ ନ୍ୟୁଜ୍’ର ରିଲିଜ୍‌କୁ ଅପେକ୍ଷା କରିଛନ୍ତି। ଫିଲ୍ମଟି ଡିସେମ୍ବର ୨୭ରେ ରିଲିଜ୍ ହେବ। ଏନେଇ ସେ ଫିଲ୍ମ ପ୍ରମୋଶନ ପାଇଁ ଖୁବ୍ ବ୍ୟସ୍ତ ଅଛନ୍ତି। ଏହାରି ଭିତରେ ସେ ଫିଲ୍ମ ‘କବୀର ସିଂ’ର ବିବାଦକୁ ନେଇ ନିଜର ପ୍ରତିକ୍ରିୟା ରଖିଛନ୍ତି। ସେ କହିଛନ୍ତି, ଫିଲ୍ମର କିଛି ଦୃଶ୍ୟକୁ ନେଇ ତାଙ୍କର ଆପତ୍ତି ଥିଲା। କିଛି ଦୃଶ୍ୟ ତାଙ୍କୁ ବିଲ୍‌କୁଲ୍ ପସନ୍ଦ ନ ଥିଲା। ଏଣୁ ସେ ଅଭିନୟ କରିବା ସମୟରେ ଅସହଜ ଅନୁଭବ କରୁଥିଲେ। ତଥାପି ସେ ଏଥିରେ ଅଭିନୟ କରିଥିଲେ। ହେଲେ ସେହି ସବୁ ଦୃଶ୍ୟ ପାଇଁ ଅନ୍ୟ ଲୋକ ମଧ୍ୟ ଅସହଜ ଅନୁଭବ କଲେ। କାରଣ ‘କବୀର ସିଂ’ର ହିଂସ୍ରକ ରୂପକୁ ସେମାନେ ସହଜରେ ଗ୍ରହଣ କରିପାରିଲେ ନାହିଁ। କିୟାରା ପୁଣି କହିଛନ୍ତି, ଏଭଳି ଫିଲ୍ମରେ ଅଭିନୟ କରିବାରୁ ଲୋକେ ଉଭୟ ଫିଲ୍ମ ଏବଂ ତାଙ୍କ ଅଭିନୟକୁ ନେଇ ଆଲୋଚନା କଲେ। ଆଉ ଏଥିପାଇଁ ସେ ଖୁବ୍ ଖୁସି। ହେଲେ ଆଗକୁ ଏ ନେଇ ଅଧିକ ଆଲୋଚନା ଚାହୁଁ ନାହାନ୍ତି ବୋଲି କିୟାରା କହିଛନ୍ତି। ଫିଲ୍ମ ‘କବୀର ସିଂ’ ତେଲୁଗୁ ଫିଲ୍ମ ‘ଅର୍ଜୁନ୍ ରେଡ୍ଡୀ’ର ହିନ୍ଦୀ ରିମେକ୍ ଥିଲା। ଅନ୍ୟପକ୍ଷରେ କିୟାରା ‘ଗୁଡ୍ ନ୍ୟୁଜ୍’ ବ୍ୟତୀତ ‘ଭୁଲ୍ ଭୁଲୈୟା-୨’, ‘ଲକ୍ଷ୍ମୀ ବମ୍ବ’, ‘ଶେରଶାହ’ ଏବଂ ‘ଇନ୍ଦୁ କି ଜଓ୍ୱାନୀ’ ଫିଲ୍ମରେ ନଜରକୁ ଆସିବେ।




ITBP Matrimonial Portal

# ଆଇଟିବିପିର ମାଟ୍ରିମନି ସାଇଟ୍

**ନୂଆଦିଲ୍ଲୀ:** ଇଣ୍ଡୋ-ଟିବେଟାନ ବର୍ଡର ପୋଲିସ (ଆଇଟିବିପି) ପକ୍ଷରୁ ମାଟ୍ରିମନି ସାଇଟ୍ ଆରମ୍ଭ କରାଯାଇଛି। ଏହି ପୋର୍ଟାଲ ଅବିବାହିତ, ବିଧବା, ବିପତ୍ନୀକ, ଛାଡ଼ପତ୍ର ହୋଇସାରିଥିବା ଯବାନ ଏବଂ କର୍ମଚାରୀଙ୍କ ପାଇଁ ନୂତନ ଜୀବନସାଥୀ ଖୋଜିବାରେ ସହାୟକ ହେବ।

ଅନ୍ତଃରାଷ୍ଟ୍ରୀୟ ସୀମା ଏବଂ ପାହାଡ଼ିଆ ଇଲାକାରେ ସୁରକ୍ଷା ଲାଗି ସ୍ୱତନ୍ତ୍ର ଭାବେ ପ୍ରଶିକ୍ଷଣ ନେଇଥାନ୍ତି ଆଇଟିବିପି ଯବାନ। ମୁଖ୍ୟତଃ ଭାରତ-ତିବ୍ବତ, ଭାରତ-ଚାଇନା ସୀମାନ୍ତରେ ଏହି ଅର୍ଦ୍ଧ ସାମରିକ ବଳ ନିୟୋଜିତ ଅଛନ୍ତି। ଆଇଟିବିପିରେ ବିଭିନ୍ନ ର୍‍ୟାଙ୍କ୍‌ର ୨୫୦୦୦ ଅବିବାହିତ ପୁରୁଷ ଏବଂ ୧୦୦୦ ମହିଳା ଅଛନ୍ତି। ଯବାନମାନେ ଅଧିକାଂଶ ସମୟ ପରିବାରଠାରୁ ଦୂରରେ ଦେଶର ସୁରକ୍ଷାରେ ନିୟୋଜିତ ହୋଇଥାନ୍ତି। ଏହି କାରଣରୁ ସେମାନଙ୍କ ଲାଗି ଉପଯୁକ୍ତ ଜୀବନସାଥୀ ଖୋଜିବା ପରିବାର ପକ୍ଷେ କଷ୍ଟକର ହେଉଛି। ଆରମ୍ଭ ହୋଇଥିବା ମାଟ୍ରିମନି ସାଇଟ୍ ଏହାର ସମାଧାନ କରିପାରିବ ବୋଲି ଆଶାବ୍ୟକ୍ତ କରାଯାଉଛି।

ଆଇଟିବିପିରେ କାର୍ଯ୍ୟରତ ଅଧିକାଂଶ ଯବାନ ଏବଂ କର୍ମଚାରୀ ନିଜ କାର୍ଯ୍ୟକ୍ଷେତ୍ର ଭିତରେ ଜୀବନସାଥୀ ଚାହୁଁଛନ୍ତି। ଏପରି ହେଲେ ସରକାରୀ ନିୟମ ଅନୁଯାୟୀ ସେମାନଙ୍କୁ ଗୋଟିଏ ସ୍ଥାନରେ ରହିବାର ସୁଯୋଗ ମିଳିବ। ଅନ୍ୟପଟେ ଆଇଟିବିପିରେ କାର୍ଯ୍ୟ କରୁଥିବାରୁ ଜଣେ ଅନ୍ୟଜଣଙ୍କ ଆବଶ୍ୟକତାକୁ ସହଜରେ ବୁଝିପାରିବେ। ଏହାକୁ ନଜରରେ ରଖି ସଙ୍ଗଠନ ମହାନିର୍ଦ୍ଦେଶକ ସୁରଜିତ ସିଂ ଦେଶଓ୍ୱାଲ ଆଇଟିବିପିର ଏକ ସ୍ୱତନ୍ତ୍ର ମାଟ୍ରିମୋନିଆଲ ସାଇଟ୍‌ର ବିକାଶ କରିବାକୁ ଆଇଟି ବିଭାଗକୁ କହିଥିଲେ।

ଆଇଟିବିପି ପ୍ରବକ୍ତା ବିବେକ କୁମାର ପାଣ୍ଡେ କୁହନ୍ତି, ପୋର୍ଟାଲରେ ଅଦ୍ୟାବଧି ୧୫୦ ଯବାନ ଏବଂ କର୍ମଚାରୀ ନାମ ପଞ୍ଜୀକରଣ କରିସାରିଲେଣି। ଏହି ସଂଖ୍ୟା ଦିନକୁ ଦିନ ବଢ଼ିବାରେ ଲାଗିଛି। ସୌରାଷ୍ଟ୍ର ମନ୍ତ୍ରଣାଳୟର ଜଣେ ଅଧିକାରୀଙ୍କ କହିବା କଥା, ୧୯୬୨ ଅକ୍ଟୋବର ୨୪ରେ ସ୍ଥାପନ ହୋଇଥିଲା ଆଇଟିବିପି। ଏହି ଅର୍ଦ୍ଧ ସାମରିକ ବଳରେ ୫୬ ବାଟାଲିୟନ କାର୍ଯ୍ୟରତ। ଏଥିସହ ୪ ସ୍ୱତନ୍ତ୍ର ବାଟାଲିୟନ ରହିଛି। ମୋଟ ୯୦ ହଜାର କର୍ମଚାରୀ ଆଇଟିବିପିରେ କାର୍ଯ୍ୟରତ ଅଛନ୍ତି।

# ବନାଞ୍ଚଳର ସ୍ମାର୍ଟସ୍କୁଲ୍



**ବିଲାସପୁର:** ବନାଞ୍ଚଳର ସରକାରୀ ସ୍କୁଲ୍, ପୁଣି ସ୍ମାର୍ଟସ୍କୁଲ୍। ଏକଥା ଭାବିବାବେଳକୁ ଆଶ୍ଚର୍ଯ୍ୟ ଲାଗୁଛି। କିନ୍ତୁ ଏମିତି ଏକ ସରକାରୀ ସ୍କୁଲ୍ ରହିଛି ଛତିଶଗଡ଼ର ବିଲାଶପୁର ଜିଲାରେ। ମରବାହି ବ୍ଲକ୍‌ର ବନାଞ୍ଚଳ ଅନ୍ତର୍ଗତ ନାକା ଗାଁରେ ରହିଛି ଏହି ସ୍କୁଲ୍। ଆଦିବାସୀ ପିଲାମାନେ ଏଠାରେ ପଢନ୍ତି। ଦେଖିବାକୁ ଗଲେ ସରକାରୀ ସ୍କୁଲ , କିନ୍ତୁ ଏହାର ବ୍ୟବସ୍ଥା କୌଣସି ଆଗୁଆ ବେସରକାରୀ ସ୍କୁଲ୍‌ଠାରୁ କିଛି କମ୍ ନାହିଁ। ଏହି ସ୍ମାର୍ଟସ୍କୁଲର ମିଡିଲ୍ କ୍ଲାସ୍‌ର ପିଲାମାନଙ୍କ ପାଇଁ ଇ-କ୍ଲାସ୍ ବ୍ୟବସ୍ଥା କରାଯାଇଛି ଓ ସେମାନେ ହାଇଟେକ୍ କମ୍ପ୍ୟୁଟର ଲ୍ୟାବ୍‌ରେ ପଢୁଛନ୍ତି। ମଡେଲ ସ୍କୁଲ୍ ଭାବେ ପରିଚୟ ପାଇଥିବା ଏହି ସ୍କୁଲ୍‌ରେ ଶିକ୍ଷାର ଜ୍ୟୋତି ପ୍ରଜ୍ୱଳିତ ହେଉଛି। ସ୍କୁଲ୍‌ର ଦୁଇଜଣ ଶିକ୍ଷକ ଉତ୍ସର୍ଗୀକୃତ ମନୋଭାବ ନେଇ ପିଲାମାନଙ୍କୁ ପଢାଉଛନ୍ତି।

# ଗାଈଙ୍କୁ କମ୍ବଳ ଦାନକଲେ ମିଳିବ ବନ୍ଧୁକ ଲାଇସେନ୍ସ



**ଗ୍ୱାଲିୟର:** ମଧ୍ୟପ୍ରଦେଶର ଗ୍ୱାଲିୟର ପ୍ରଶାସନ ଏକ ଅଜବ ନିର୍ଦ୍ଦେଶ ଜାରି କରିଛି। ବନ୍ଧୁକ ଲାଇସେନ୍ସ ଲାଗି ଆବେଦନ କରିଥିବା ବ୍ୟକ୍ତି ୧୦ଟି ଗାଈଙ୍କୁ କମ୍ବଳ ଦାନ କଲେ ତାଙ୍କୁ ଲାଇସେନ୍ସ ଦିଆଯିବ ବୋଲି ସର୍ତ୍ତ ରଖାଯାଇଛି। ଜିଲା ଅଧିକାରୀ ଅନୁରାଗ ଚୌଧୁରୀ ଗ୍ୱାଲିୟରର ଏକ ସରକାରୀ ଗୋଶାଳାରେ ୬ଟି ଗାଈ ପ୍ରବଳ ଥଣ୍ଡାରେ ମରିଯିବା ଦେଖିଥିଲେ। ପରେ ଗ୍ୱାଲିୟର ନଗରନିଗମ ଅଧୀନରେ ଗୋଲାମନ୍ଦିର ଓ ଲାଲ ଟିପାରାରେ ଦୁଇଟି ଗୋଶାଳାରେ ଥିବା ୮ ହଜାରରୁ ଅଧିକ ଗାଈଙ୍କୁ ଥଣ୍ଡାରୁ ସୁରକ୍ଷା ଦେବା ପାଇଁ ସେ ଏହି ସର୍ତ୍ତ ରଖିଛନ୍ତି। ଚମ୍ବଲ ଅଞ୍ଚଳରେ ଲୋକମାନଙ୍କ ବନ୍ଧୁକ ରଖିବାର ସଉକ ବେଶି। ଗ୍ୱାଲିୟର ଚମ୍ବଲ ଅଞ୍ଚଳରେ ଆସୁଥିବାରୁ ଲୋକମାନେ କମ୍ବଳ ଦାନ କରି ବନ୍ଧୁକ ଲାଇସେନ୍ସ ନେବା ଲାଗି କୁହାଯାଇଛି। ଏହା ପୂର୍ବରୁ ଜୁନ୍‌ମାସରେ ବନ୍ଧୁକ ଲାଇସେନ୍ସ ଆବେଦନକାରୀମାନଙ୍କ ପାଇଁ ଏଭଳି ଆଉ ଏକ ସର୍ତ୍ତ ରଖାଯାଇଥିଲା। ଆବେଦନକାରୀ ଗୋଟିଏ ଗଛ ଲଗାଇ ତା’ସହ ସେଲ୍‌ଫି ନେଇ ଆବେଦନ ପତ୍ରରେ ସଂଲଗ୍ନ କରି ପଠାଇବା ଲାଗି ନିର୍ଦ୍ଦେଶ ଦିଆଯାଇଥିଲା। କେବଳ ଏତିକି ନୁହେଁ ଚମ୍ବଲ ଅନ୍ତର୍ଗତ ମୁରୋନାର ସରକାରୀ ବିଦ୍ୟୁତ୍ କମ୍ପାନୀ ଲୋକମାନଙ୍କୁ ବିଦ୍ୟୁତ ବିଲ୍ ଜମା କରିବା ଲାଗି କହିଲେ ଉପଭୋକ୍ତାମାନେ କର୍ମଚାରୀଙ୍କୁ ବନ୍ଧୁକ ଦେଖାଇ ଭୟଭୀତ କରିଥାନ୍ତି। ଏଣୁ ଯିଏ ବିଦ୍ୟୁତ ବିଲ୍ ଜମା କରିବେନି ସେମାନଙ୍କର ବନ୍ଧୁକ ଲାଇସେନ୍ସ ରଦ୍ଦ କରାଯିବା ଲାଗି ବିଦ୍ୟୁତ କମ୍ପାନୀ ଜିଲା ପ୍ରଶାସନକୁ ଅନୁରୋଧ କରିଛି।

# ପାଞ୍ଚଜଣଙ୍କୁ ନୂଆ ଜୀବନ ଦେଇଗଲେ ଶିଳା



**ସୁରଟ୍:** ନିଜ ଜୀବନ ତ ବଞ୍ଚାଇପାରିଲେନି, କିନ୍ତୁ ୫ ଜଣଙ୍କୁ ନୂଆ ଜୀବନ ଦେଇଯାଇଛନ୍ତି ଜଣେ ମହିଳା। ଆମେରିକାର ଗ୍ରୀନଉଡ୍ ସାଉଥ୍ କାରୋଲିନାରେ ରହୁଥିବା ଏହି ମହିଳା ହେଉଛନ୍ତି ଶିଳା ଅନିମେଶ ଦେଶାଇ। ସ୍ୱାମୀ ଅନିମେଶଭାଇ, ଗୋଟିଏ ପୁଅ ଓ ଝିଅଙ୍କୁ ନେଇ ତାଙ୍କ ସଂସାର। ତାଙ୍କ ଭଣଜାଙ୍କ ବାହାଘର ଲାଗି ୨୧ ନଭେମ୍ବରରେ ସେ ଆମେରିକାରୁ ସପରିବାର ସୁରଟ୍ ଆସିଥିଲେ। ଶପିଂ ପାଇଁ ତାଙ୍କ ଭଉଣୀଙ୍କ ସହ ଆକ୍ଟିଭାରେ ଯାଉଥିବାବେଳେ ଶିଳା ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ। ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ଡାକ୍ତର ତାଙ୍କୁ ବ୍ରେନ ଡେଡ୍ ଘୋଷଣା କରିଥିଲେ। ଏହାପରେ ତାଙ୍କ ଆତ୍ମୀୟମାନେ ଶିଳାଙ୍କ କିଡ୍‌ନୀ, ଲିଭର ଓ ଦୁଇ ଆଖି ଦାନ କରିଦେଇଛନ୍ତି। ଶିଳା ଆମେରିକାରେ ଡ୍ରାଇଭିଂ ଲାଇସେନ୍ସ କରିବା ସମୟରେ ଅଙ୍ଗଦାନ କରିବା ଲାଗି ପଞ୍ଜିକରଣ କରିଥିଲେ। ଅହମଦାବାଦ୍‌ର ଆଇକେଡିଆର୍‌ସିକୁ କିଡ୍‌ନୀ ଓ ଲିଭର୍ ଦିଆଯାଇଛି। ଆଖିକୁ ଲୋକଦୃଷ୍ଟି ଆଇବ୍ୟାଙ୍କ୍‌କୁ ପ୍ରଦାନ କରାଯାଇଛି।

# ମା’ଙ୍କ ଅଭାବ ପୂରଣ କରୁଛି ଫଟୋ

ମା’କୁ ଗୋଟିଏ ମୁହୂର୍ତ୍ତ ପାଖରେ ନ ପାଇ ଛୁଆ ଅସମ୍ଭାଳ ହୋଇଥାଏ। ତା’ ବିନା ଦୁନିଆରେ କେହି ମଧ୍ୟ ଛୁଆଟିକୁ ବୁଝାଇବା କଷ୍ଟକର ହୋଇଥାଏ। ସେ ପାଖରେ ଥିଲେ ସତେ ଯେମିତି ଶିଶୁଟି ଦୁନିଆର ସବୁ ଶକ୍ତି ପାଇଯାଇଥାଏ। ମା’ ମଧ୍ୟ ନିଜ ସନ୍ତାନକୁ ଖୁସିରେ ରଖିବାପାଇଁ ସବୁ କିଛି କରିପାରେ। ହେଲେ ଜାପାନରେ ଜଣେ ମହିଳା ନିଜ ଅନୁପସ୍ଥିତିରେ ବର୍ଷକର ପୁଅ କିପରି ନ କାନ୍ଦି ଶାନ୍ତ ରହିବ ସେଥିପାଇଁ ଏକ ଅଭିନବ ଉପାୟ ଖୋଜିଛନ୍ତି। ସେ ନିଜର ଫଟୋ ଘରର ବିଭିନ୍ନ ସ୍ଥାନରେ ରଖିଛନ୍ତି। ଏହାକୁ ଦେଖି ଶିଶୁଟି ମଧ୍ୟ ବେଶ୍ ଖୁସିରେ ଖେଳୁଥିବା ଦେଖିବାକୁ ମିଳିଛି। ଜଣେ ଟୁଇଟର୍ ବ୍ୟବହାରକାରୀ ଏହାର ଏକ ଫଟୋ ଏବଂ ଭିଡିଓ ଶେୟାର କରିଛନ୍ତି। ଏଥିରେ ଶିଶୁଟି ଫଟୋକୁ ନିଜର ମା’ ଭାବି ତାହା ସାମ୍ନାରେ ଖେଳୁଥିବା ନଜରକୁ ଆସିଛି। ଏହାକୁ ଟୁଇଟରରେ କେତେକେ ଭଲ ଉପାୟ ବୋଲି କହିଥିବାବେଳେ ଅନେକେ ଏହା ଶିଶୁଟି ଉପରେ ଖରାପ ପ୍ରଭାବ ପକାଇବ ବୋଲି ମଧ୍ୟ କହିଛନ୍ତି।



# ସିନେପ୍ରେମୀଙ୍କ ଡିମାଣ୍ଡ ‘ଦୀପିକା-ହ୍ରିତିକ୍’

**ମୁମ୍ବାଇ:** ଡିସେମ୍ବର ୧୪ରେ ବଲିଉଡ୍ ଆକ୍ଟର ତଥା କରୀନା କପୁର ଖାନ୍‌ଙ୍କ କଜିନ୍ ଅର୍‌ମାନ ଜୈନ୍‌ଙ୍କ ନିର୍ବନ୍ଧ ଥିଲା। ଏହି ଅବସରରେ କପୁର ପରିବାର ବ୍ୟତୀତ ବହୁ ବଲିଉଡ୍ ତାରକା ଉପସ୍ଥିତ ଥିଲେ। ସେରିମୋନିରେ କରୀନା, ସୈଫ୍ ଅଲୀ ଖାନ୍, ଦୀପିକା ପାଦୁକୋନ୍, ହ୍ରିତିକ୍ ରୋଶନ୍, ଅନିଲ କପୁର, ଅନନ୍ୟା ପାଣ୍ଡେ, ଭୂମି ପାଡନେକର୍, ରବିନା ଟେଣ୍ଡନ୍, ତଲ୍ଲୁ, ତାପସୀ ପନ୍ନୁ ଏବଂ ରାଧିକା ଆପଟେ ପ୍ରମୁଖ ଯୋଗଦେଇଥିଲେ। ବି-ଟାଉନ୍‌ର ତାରକାମାନେ ସେରିମୋନିରେ ଖୁବ୍ ମଜାମସ୍ତି କରିବା ସହ ସେଲ୍‌ଫି ନେଇଥିଲେ। ତେବେ ଏହିସବୁ ସେଲ୍‌ଫି ଫଟୋ ଭିତରୁ ଗୋଟିଏ ଫଟୋକୁ ନେଇ ସୋସିଆଲ ମିଡିଆରେ ଚର୍ଚ୍ଚା ଜୋର୍ ଧରିଛି। ସୋସିଆଲ ମିଡିଆରେ ଚର୍ଚ୍ଚିତ ଫଟୋଟି ହେଲା ଦୀପିକା-ହ୍ରିତିକ୍‌ଙ୍କର। ଉଭୟଙ୍କ ଏକ କ୍ଲୋଜ୍-ଅପ୍ ସେଲ୍‌ଫି ଦେଖି ଦର୍ଶକ ଖୁବ୍ ଖୁସି ହୋଇଯାଇଛନ୍ତି। ଫଟୋଟିକୁ ଅନେକ ମାତ୍ରାରେ ସୋସିଆଲ ମିଡିଆରେ ଲାଇକ୍ ଆଉ କମେଣ୍ଟ ମିଳୁଛି। ଦର୍ଶକେ ଏହାକୁ ଏତେ ପସନ୍ଦ କରିଛନ୍ତି ଯେ, ଉଭୟଙ୍କୁ ଏକାଠି ଦେଖିବାକୁ ଅନୁରୋଧ ମଧ୍ୟ କରୁଛନ୍ତି। ତେବେ ବର୍ତ୍ତମାନ ସୁଦ୍ଧା ଦୀପିକା ଏବଂ ହ୍ରିତିକ୍ କୌଣସି ଫିଲ୍ମରେ ଏକାଠି ଅଭିନୟ କରିବାର ସୁଯୋଗ ପାଇନାହାନ୍ତି। ହ୍ରିତିକ୍‌ଙ୍କ ପାଇଁ ୨୦୧୯ କ୍ୟାରିୟର୍‌ର ସବୁଠାରୁ ସଫଳ ବର୍ଷ କୁହାଯାଉଥିବାବେଳେ ଫିଲ୍ମ ‘ଛପାକ୍’ର କେବଳ ଟ୍ରେଲର ହିଁ ବର୍ଷର ଶେଷ ସମୟରେ ଦୀପିକାଙ୍କୁ ଚର୍ଚ୍ଚାର ଶୀର୍ଷରେ ପହଞ୍ଚାଇଛି। ଏପଟେ ଉଭୟଙ୍କ ସେଲ୍‌ଫି ଦେଖିଲା ପରେ ସିନେପ୍ରେମୀଙ୍କ କେବଳ ଗୋଟିଏ ଡିମାଣ୍ଡ ହେଲା ଦୀପିକା-ହ୍ରିତିକ୍‌ଙ୍କୁ ବଡ଼ପରଦାରେ ଏକାଠି ଦେଖିବା। ଆମେ ବି ଆଗାମୀ ଦିନରେ ଉଭୟ ଏକ ଦମ୍‌ଦାର ପ୍ରୋଜେକ୍ଟରେ ଏକାଠି ଅଭିନୟ କରିବେ ବୋଲି ଆଶା କରୁଛୁ।





❝ ଦକ୍ଷିଣ ଆଫ୍ରିକାରେ ଖେଳାଯିବାକୁ ଥିବା ୧୯ ବର୍ଷରୁ କମ୍ କ୍ରିକେଟ ବିଶ୍ୱକପ୍ ପାଇଁ ପୃଥ୍ୱୀ ଶ'ଙ୍କଠାରୁ ମୁଁ ପରାମର୍ଶ ନେଇଛି ।

–ପ୍ରିୟମ ଗର୍ଗ
୧୯ ବର୍ଷରୁ କମ୍ ଭାରତୀୟ ଦଳର ଅଧିନାୟକ



❝ ମୁଁ ନିଜକୁ ବିରାଟ କୋହଲିଙ୍କ ସହିତ ତୁଳନା କରେନି, ତାଙ୍କ ଭଳି ଜଣେ କିମ୍ବଦନ୍ତୀ ବ୍ୟାଟ୍ସମ୍ୟାନ ହେବାକୁ ଚାହେଁ ।

–ବାବର ଆଜାମ, ପାକିସ୍ତାନ ବ୍ୟାଟ୍ସମ୍ୟାନ

## ସଂକ୍ଷେପରେ

### ଶୀର୍ଷ ସ୍ଥାନ ବଜାୟ ରଖିଲେ କୋହଲି



**ଦୁବାଇ,୧୬।୧୨(ପି.ଟି.):** ଭାରତୀୟ ଅଧିନାୟକ ବିରାଟ କୋହଲି ଟେଷ୍ଟ ବ୍ୟାଟ୍ସମ୍ୟାନଙ୍କ ର୍‍ୟାଙ୍କିଙ୍ଗ୍‌ରେ ଶୀର୍ଷ ସ୍ଥାନ ବଜାୟ ରଖିଛନ୍ତି। ବୋଲରଙ୍କ ମଧ୍ୟରେ ଯଶପ୍ରୀତ ବୁମ୍ରା ତଳକୁ ଖସି ୬ଷ୍ଠ ସ୍ଥାନରେ ଥିବା ସୋମବାର ପ୍ରକାଶ ପାଇଥିବା ନୂଆ ଆଇସିସି ର୍‍ୟାଙ୍କିଙ୍ଗ୍ ଦର୍ଶାଇଛି। କୋହଲି (୯୨୮ ପଏଣ୍ଟ)ଙ୍କଠାରୁ ୧୭ ପଏଣ୍ଟ ପଛରେ ଅଛନ୍ତି ଦ୍ୱିତୀୟ ସ୍ଥାନରେ ଥିବା ଅଷ୍ଟ୍ରେଲିଆର ଷ୍ଟିଭ ସ୍ମିଥ। ଚେତେଶ୍ୱର ପୂଜାରା (୭୯୧) ଓ ଅଜିଙ୍କ୍ୟ ରାହାନେ (୭୫୯) ଯଥାକ୍ରମେ ୪ର୍ଥ ଓ ୬ଷ୍ଠ ସ୍ଥାନରେ ରହିଛନ୍ତି। ଅଷ୍ଟ୍ରେଲିଆ ବ୍ୟାଟ୍ସମ୍ୟାନ ମାର୍ନୁସ ଲାବୁସାନେ ଟପ୍ ୫ରେ ପ୍ରବେଶ କରିଛନ୍ତି। ସେ ପର୍ଥ ଟେଷ୍ଟରେ ୧୪୩ ଓ ୫୦ କରିଥିଲେ। ବାବର ଆଜାମ ପ୍ରଥମ ଥର ପାଇଁ ଟପ୍ ୧୦ରେ ସ୍ଥାନ ପାଇଛନ୍ତି। ସେ ୧୩ତମ ସ୍ଥାନରୁ ୯ମ ସ୍ଥାନକୁ ଡେଇଁଛନ୍ତି। ବାବର ଟି୨୦ ଫର୍ମାଟରେ ଶୀର୍ଷ ଓ ଦିନିକିଆରେ ଦ୍ୱିତୀୟ ର୍‍ୟାଙ୍କରେ ଅଛନ୍ତି। ବୋଲରଙ୍କ ମଧ୍ୟରେ ଆହତ ସମସ୍ୟା ଯୋଗୁ ଜାତୀୟ ଦଳରୁ ବାଦ୍ ପଡ଼ିଥିବା ବୁମ୍ରା ୬ଷ୍ଠ ସ୍ଥାନକୁ ଖସିଛନ୍ତି। ଅଷ୍ଟ୍ରେଲିଆର ପାଟ କୁମିନ୍ସ (୫ମ) ତାଙ୍କ ସ୍ଥାନ ନେଇଛନ୍ତି।

### ବେୟର୍ନ ମ୍ୟୁନିକରେ ସରପ୍ରୀତ ପ୍ରଥମ ଭାରତୀୟ ବଂଶୋଦ୍ଭବ

**ମୁମ୍ବାଇ,୧୬।୧୨:** ଆଟାକିଂ ମିଡ୍‌ଫିଲ୍ଡର ସରପ୍ରୀତ ସିଂ ପ୍ରଥମ ଭାରତୀୟ ବଂଶୋଦ୍ଭବ ଭାବେ ଜର୍ମାନୀର ବୁଣ୍ଡେସଲିଗାରେ ଖେଳିଛନ୍ତି। ୱେରଡର ବ୍ରେମ୍ୟାନଙ୍କୁ ୧-୬ ଗୋଲରେ ହରାଇଥିବା ଏଫ୍‌ସି ବେୟର୍ନ ମ୍ୟୁନିକ ଦଳ ପାଇଁ ସେ ପଦାର୍ପଣ କରିଛନ୍ତି। ସିଜନ ପୂର୍ବରୁ ରିୟଲ ମାଡ୍ରିଡ୍ ଓ ଆର୍ସେନାଲ ବିପକ୍ଷରେ ସେ ଭଲ ପ୍ରଦର୍ଶନ କରିଥିଲେ। ଏହାସତ୍ତ୍ୱେ ତାଙ୍କୁ ରିଜର୍ଭ ଟିମ୍‌ରେ ସ୍ଥାନ ମିଳିଥିଲା। ଅଫିସିଆଲ ଭାବେ ପଦାର୍ପଣ କରିବା ପୂର୍ବରୁ ସେ ମ୍ୟୁନିକ ଦଳ ପକ୍ଷରୁ ୮ ଥର ପ୍ରତିନିଧିତ୍ୱ କରିସାରିଛନ୍ତି। ନ୍ୟୁଜିଲାଣ୍ଡରେ ଜନ୍ମିତ ଏହି ଖେଳାଳିଙ୍କୁ ଗତବର୍ଷ ଆଲିଆଞ୍ଜ ଏରିନା ଏ' ଲିଗ ଦଳ ୱେଲିଂଟନ ଫୋନିକ୍ସରୁ ଅଣାଯାଇଛି। ତାଙ୍କ ପୂର୍ବତନ ୱେଲିଂଟନ ଫୋନିକ୍ସ ଦଳର ସାଥୀ ଖେଳାଳି ଡେଭିଡ୍ ୱିଲିୟମ୍ସ ଓ ରୟ୍ କ୍ରୀଷ୍ଣା ଏବେ ଇଣ୍ଡିଆନ ସୁପର ଲିଗ୍‌ରେ ଏଟିକେ ପାଇଁ ଖେଳୁଛନ୍ତି। କୌତୂହଳର କଥା ହେଉଛି କି, କ୍ରୀଷ୍ଣା ମଧ୍ୟ ଭାରତୀୟ ବଂଶୋଦ୍ଭବ। ଭାରତରେ ପ୍ରଥମ ଥର ପାଇଁ ସରପ୍ରୀତ ନ୍ୟୁଜିଲାଣ୍ଡ ଜାତୀୟ ଦଳର ସଦସ୍ୟ ଭାବେ ୨୦୧୮ ଇଣ୍ଟରକଣ୍ଟିନେଣ୍ଟାଲ କପ୍‌ରେ ଖେଳିଥିଲେ।

## କଟକରେ ଟି.ଏ. ଶେଖର

# 'ପ୍ରଚେଷ୍ଟା ପ୍ରତିଭାକୁ ପରିଚୟ ଦେଇଥାଏ'

**କଟକ ଅଫିସ, ୧୬।୧୨:** ଭାରତୀୟ କ୍ରିକେଟ ଦଳର ପୂର୍ବତନ ଖେଳାଳି ତଥା ଆଇପିଏଲରେ ମୁମ୍ବାଇ ଇଣ୍ଡିଆନ୍ସ, ଦିଲ୍ଲୀ ଡେୟାର ଡେଭିଲ୍ସର ବୋଲିଂ କୋଚ୍ ରହିଥିବା ଥିରୁମାଲାଇ ଶେଖର ସୋମବାର କଟକ ଆସିଥିଲେ। ୟୁନିୟନ ସ୍ପୋର୍ଟିଂ ଆନୁକୂଲ୍ୟରେ ବୋଷ ଗ୍ରାଉଣ୍ଡରେ ଅନୁଷ୍ଠିତ ପିଭିଆର ମୂର୍ତ୍ତି ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟର ଉଦ୍‌ଯାପନୀ ଉତ୍ସବରେ ଶେଖରଙ୍କୁ ମୁଖ୍ୟ ଅତିଥି ଭାବେ ନିମନ୍ତ୍ରଣ କରାଯାଇଥିଲା। ଏହି ଅବସରରେ ଶେଖରଙ୍କ ସହ ସାକ୍ଷାତକାର...



**▸▸ ଏଠାରେ ଏକ ଟୁର୍ନାମେଣ୍ଟର ବିଦ୍ୟାଳୟସ୍ତରୀୟ ମ୍ୟାଚ୍ ଦେଖିବା ପରେ ପ୍ରତିଭାମାନଙ୍କ ସମ୍ପର୍କରେ କଣ କହିବେ ?**

▸ ଦ୍ୱିତୀୟ ଇନିଂସ୍ ବ୍ୟାଟିଂରେ ୨ଟି ଚମତ୍କାର କ୍ୟାଚ୍ ଦେଖିଲି। ପ୍ରତ୍ୟେକ ଖେଳାଳିଙ୍କ ଶାରୀରିକ ପରିଭାଷା ଉତ୍କୃଷ୍ଟମାନର ଥିଲା। ଏହା ନିଶ୍ଚିତ ଯେ, ଏହି ଖେଳାଳିମାନଙ୍କର ଭବିଷ୍ୟତ ଉଜ୍ଜ୍ୱଳ। ଏମାନେ ନିୟମିତ ଭାବେ କ୍ରିକେଟ ସହ ଜଡ଼ିତ ଅଛନ୍ତି। ଯେଉଁ ଦୁଇଟି କ୍ୟାଚ୍ ଆଉଟ୍ ଦେଖିଲି, ସେଥିରେ ଅନ୍ତର୍ଜାତୀୟ ସ୍ତରର ଛାପ ଦେଖିବାକୁ ମିଳିଲା। କ୍ୟାଚ୍ ଧରିବାର ଆଡଭାନ୍ସ କୌଶଳ ଏମାନେ ଜାଣନ୍ତି। ପ୍ରଚେଷ୍ଟା ଜାରି ରଖିଲେ ଓଡ଼ିଶାର ପ୍ରତିଭାମାନଙ୍କୁ ପରିଚୟ ମିଳିପାରିବ।

**▸▸ ଅନ୍ତର୍ଜାତୀୟ ଖେଳାଳି ସୃଷ୍ଟି କରିବାରେ ଓଡ଼ିଶା ପଛରେ ରହୁଛି। କଣ ପରାମର୍ଶ ଦେବେ ?**

▸ ଖେଳାଳିମାନେ ନିଜର ଟାର୍ଗେଟ ନିରୂପଣ କରିବା ଦରକାର। ସେମାନଙ୍କ ପ୍ରକୃତ ଲକ୍ଷ୍ୟ କଣ ? ଆଜିକାଲି କ୍ରିକେଟ ଖେଳାଳିମାନଙ୍କ ଭବିଷ୍ୟତ ବହୁତ ଭଲ ରହୁଛି। ଚାକିରି ମଧ୍ୟ ମିଳୁଛି। କେବଳ ରାଜ୍ୟ ପାଇଁ ପ୍ରତିନିଧିତ୍ୱ କରିବା ଲକ୍ଷ୍ୟ ନ ରହୁ। ଭାରତୀୟ ଜର୍ସି ପିନ୍ଧିବାକୁ ଚେଷ୍ଟା କରନ୍ତୁ। ତୃଣମୂଳ ସ୍ତରରୁ ଯେଉଁଠାରେ ଭଲ କ୍ରିକେଟ ଖେଳାଳି ବାହାରିବେ, ସେ ରାଜ୍ୟର ଖେଳାଳି ନିଶ୍ଚିତ ଭାବେ ଜାତୀୟ ସ୍ତରରେ ସ୍ଥାନ ପାଇବେ।

**▸▸ ଆପଣ ଏମ୍‌ଆର୍‌ଏଫ୍ ପେସ୍ ଫାଉଣ୍ଡେଶନରେ ଓ ଆଇପିଏଲ ଦଳରେ ବୋଲିଂ କୋଚ୍ ଦାୟିତ୍ୱ ତୁଲାଇଛନ୍ତି। ଦୁଇଟିଯାକ ସ୍ଥାନରେ କିଛି ନବାଗତଙ୍କୁ ଦେଖିବାକୁ ମିଳେ। ଉଭୟ ସ୍ଥାନରେ ଖେଳାଳିଙ୍କ ସ୍ଥିତିକୁ କିପରି ପରଖନ୍ତି ?**

▸ ଦୁଇଟିଯାକ ସମ୍ପୂର୍ଣ୍ଣ ଭିନ୍ନ ସ୍ଥାନ। ଏମ୍‌ଆର୍‌ଏଫ୍ ପେସ୍ ଫାଉଣ୍ଡେଶନରେ ପେସ୍ ବୋଲରମାନଙ୍କୁ ଟିପ୍ସ ଦେବାକୁ ଅଧିକ ସମୟ ମିଳେ। ସେମାନଙ୍କ ଦକ୍ଷତା ମାପିବା ସହଜ ହୁଏ। ଯାହା ତ୍ରୁଟି ଥାଏ ତାହାକୁ ସୁଧାରିବା ବି ସହଜ। ହେଲେ ଆଇପିଏଲ ସମୟରେ ନବାଗତଙ୍କୁ ଟିପ୍ସ ଦେବା ପାଇଁ ଅଧିକ ସମୟ ମିଳେନି। ମ୍ୟାଚ୍ ପୂର୍ବରୁ ନେଟ୍ସରେ ଯିଏ ଭଲ ବୋଲିଂ କରେ ତା ଉପରେ ସମସ୍ତଙ୍କ ନଜର ରୁହେ। ନେଟ୍ସରେ ଭଲ ବୋଲିଂ କରି ଅନେକ ଖେଳାଳି ଆଇପିଏଲ ସମେତ ଅନ୍ତର୍ଜାତୀୟ ସ୍ତରରେ ନାଁ କମାଇ ସାରିଲେଣି। ଯେଉଁମାନେ ମ୍ୟାଚ୍ ଖେଳିବାର ସୁଯୋଗ ପାଆନ୍ତି ସେମାନେ ନିଜ ଦକ୍ଷତା ଅନୁସାରେ ପ୍ରଦର୍ଶନ କରନ୍ତି। ତେବେ ଆଇପିଏଲରେ ନବାଗତ ମାନଙ୍କୁ ନିଶ୍ଚିତ ଭାବେ ସଂଘର୍ଷ କରିବାକୁ ପଡ଼େ।

**▸▸ ଓଡ଼ିଶା ସହ କିଛି ସ୍ମୃତି ଜଡ଼ିତ ଅଛି କି ?**

▸ ଅନ୍ତର୍ଜାତୀୟ ମ୍ୟାଚ ଖେଳିବାର ପୂର୍ବ ଘଟଣା। ବାରବାଟୀରେ ଦେଓଧର ଟ୍ରଫିର ଦକ୍ଷିଣାଞ୍ଚଳ–ପଶ୍ଚିମାଞ୍ଚଳ ମଧ୍ୟରେ ଏକ ମ୍ୟାଚ୍ ଚାଲିଥାଏ। ଏହି ମ୍ୟାଚ୍‌ରେ ମୋର ବୋଲିଂ ବହୁତ ଭଲ ରହିଥିଲା। ପିଚ୍ ପେସ୍ ବୋଲିଂକୁ ସୁହାଉଥିଲା। ମ୍ୟାଚ୍ ପରେ ସୁନୀଲ ଗାଭାସ୍କର ମୋ ବୋଲିଂକୁ ପ୍ରଶଂସା କରିଥିଲେ।

–ସାକ୍ଷାତ: କୁମାରଶ୍ରୀ

**ପେସ୍ ବୋଲର ହେବାକୁ ସଚିନଙ୍କ ଇଚ୍ଛା ଥିଲା**

ସଚିନ ୧୯୮୮ରେ ଏମ୍‌ଆର୍‌ଏଫ୍ ପେସ୍ ଫାଉଣ୍ଡେଶନରେ ପ୍ରଶିକ୍ଷଣ ନେବା ପାଇଁ ଆସିଥିଲେ। ପ୍ରଥମେ ପେସ୍ ବୋଲରହେବାକୁ ସଚିନଙ୍କ ଇଚ୍ଛା ଥିଲା। ଏପରିକି ସେ ନେଟ୍ସରେ ବୋଲିଂ ମଧ୍ୟ କରିଥିଲେ। କିମ୍ବଦନ୍ତୀ ପେସ୍ ବୋଲର ଡେନିସ୍ ଲିଲି ଫାଉଣ୍ଡେଶନର ମୁଖ୍ୟ ପ୍ରଶିକ୍ଷକ ଥାଆନ୍ତି। ସଚିନ ବ୍ୟାଟିଂ କରିବା ବେଳେ ଡେନିସ ଓ ମୁଁ ନେଟ୍ସରେ ତାଙ୍କୁ ଯେଉଁଭଳି ଭାବେ ବୋଲିଂ କଲେ ବି ସେ ଚମତ୍କାର ଶଟ୍ ମାରିଥିଲେ। ପରେ ଏକ ଖବରଦାତା ସମ୍ମିଳନୀରେ ଡେନିସ ସଚିନଙ୍କୁ ପ୍ରଶଂସା କରି କହିଥିଲେ ଯେ, ସେ ବ୍ୟାଟିଂରେ ଏକାଗ୍ରତା କରିବା ଉଚିତ। ବ୍ୟାଟିଂରେ ଏହି ଯୁବକ(ସଚିନ୍ ତେନ୍ଦୁଲକର) ଜଣଙ୍କର ଭବିଷ୍ୟତ ଉଜ୍ଜ୍ୱଳ ବୋଲି ସେ କହିଥିଲେ।

### ଟେନିସ ବେଟିଂ ସ୍କାଣ୍ଡାଲରେ ଟପ୍ ୩୦ର ଜଣେ ଖେଳାଳି ଜଡ଼ିତ

**ବର୍ଲିନ, ୧୬।୧୨ (ଏଏଫ୍‌ପି):** ଏଟିପି ମାନ୍ୟତାର ଶ୍ରେଷ୍ଠ–୩୦ ମଧ୍ୟରେ ରହିଥିବା ଜଣେ ଖେଳାଳିଙ୍କ ସମେତ ମୋଟ୍ ୧୩୫ ଜଣ ଟେନିସ ଖେଳାଳି ଅନ୍ତର୍ଜାତୀୟ ବେଟିଂ ସ୍କାଣ୍ଡାଲରେ ଜଡ଼ିତ ରହିଛନ୍ତି ବୋଲି ଜର୍ମାନୀ ମିଡିଆ ପକ୍ଷରୁ ରିପୋର୍ଟ ପ୍ରକାଶ ପାଇଛି। ଦୈନିକ ଖବରକାଗଜ 'ଡାଇ ୱେଲ୍ଟ' ଓ ବ୍ରଡ୍‌କାଷ୍ଟର ଜେଡିଏଫ୍ ପକ୍ଷରୁ ପ୍ରକାଶିତ ମିଳିତ ରିପୋର୍ଟ ଅନୁଯାୟୀ ବିଶ୍ୱ ପୁରୁଷ ସିଙ୍ଗଲ୍ସର ଶ୍ରେଷ୍ଠ–୩୦ରେ ରହିଥିବା ଜଣେ ଖେଳାଳି ଏଥିରେ ସଂପୃକ୍ତ ରହିଛନ୍ତି। ଏହି ଖେଳାଳି ଜଣଙ୍କ ମଧ୍ୟ ୩ଟି ଏଟିପି ଟାଇଟଲ୍ ଜିତିଛନ୍ତି। 'ଆମେ ଆର୍ମେନିଆର ଏକ ବେଟିଂ ମାଫିଆ ନେଟ୍‌ୱର୍କ ବିଷୟରେ କହୁଛୁ, ଯାହାକି ୟୁରୋପର ୭ଟି ଦେଶକୁ ବିସ୍ତାରିତ ହୋଇଛି ଏବଂ ବଡ଼ ଧରଣର ହେରଫେର୍ କରୁଛି' ବୋଲି ବେଲଜିୟମର ଷ୍ଟେଟ୍ ପ୍ରସିକ୍ୟୁଟର ଏରିକ୍ ବିସ୍‌ଚପ୍ କହିଛନ୍ତି। ଏହି ସ୍କାଣ୍ଡାଲ ମ୍ୟାଚ୍ ଫିକ୍ସ ଭଳି ଶହ ଶହ ଛୋଟ ବେଟ୍‌ରେ ଜଡ଼ିତ ରହି ପ୍ରତି କେସ୍‌ରେ ୧୦ ଲକ୍ଷ ୟୁରୋ ଲାଭ କରିଥାନ୍ତି। ଆର୍ଜେଣ୍ଟିନାର ପୂର୍ବତନ ଖେଳାଳି ମାର୍କୋ ଟ୍ରୁଙ୍ଗେଲିଟି ଜେଡିଏଫ୍ ଓ ଡାଏ ୱେଲ୍ଟକୁ ସାକ୍ଷାତକାର ଅବସରରେ କହିଛନ୍ତି, ତାଙ୍କୁ ମଧ୍ୟ ମ୍ୟାଚ୍ ଫିକ୍ସର ପକ୍ଷରୁ ଯୋଗାଯୋଗ କରାଯାଇଥିଲା।

## ଷ୍ଟୋକ୍ସ ବିବିସି ସ୍ପୋର୍ଟ୍ସ ପର୍ସନାଲିଟି ଅଫ୍ ଦ ଇୟର



ସ୍ତ୍ରୀ କ୍ଲାରେଙ୍କ ସହ ବେନ୍ ଷ୍ଟୋକ୍ସ।

**ଲଣ୍ଡନ,୧୬।୧୨:** ବିବିସି ସ୍ପୋର୍ଟ୍ସ ପର୍ସନାଲିଟି ଅଫ୍ ଦ ଇୟର ପୁରସ୍କାରରେ ଇଂଲଣ୍ଡ କ୍ରିକେଟ ହ୍ୟାଟ୍ରିକ କରିଛି। ବିଶ୍ୱକପ୍ ଚାମ୍ପିୟନ ଇଂଲଣ୍ଡକୁ ବର୍ଷର ଶ୍ରେଷ୍ଠ ଦଳ ଓ ମ୍ୟାନ୍ ଅଫ୍ ଦ ଫାଇନାଲ୍ ଭାବେ ବେନ୍ ଷ୍ଟୋକ୍ସଙ୍କୁ ବର୍ଷର ଶ୍ରେଷ୍ଠ କ୍ରୀଡ଼ା ବ୍ୟକ୍ତିତ୍ୱ ପୁରସ୍କାର ମିଳିଛି। ବିଶ୍ୱକପ୍ ଫାଇନାଲରେ ମାର୍ଟିନ ଗୁପ୍‌ଟିଲଙ୍କ ଦ୍ୱାରା ଜୋସ୍ ବଟଲର ରନ୍‌ଆଉଟ୍ ହେବା ସମୟକୁ ଚଳିତବର୍ଷ କ୍ରୀଡ଼ାର ଶ୍ରେଷ୍ଠ ମୁହୂର୍ତ୍ତ ଭାବେ ଚୟନ କରାଯାଇଛି। ମୁଖ୍ୟ କ୍ରୀଡ଼ା ବ୍ୟକ୍ତିତ୍ୱ ପୁରସ୍କାର ପାଇଁ ବର୍ଷରେ କେଉଁ ଖେଳାଳିଙ୍କ ପ୍ରଦର୍ଶନ ସବୁଠୁ ଆକର୍ଷଣୀୟ ଥିଲା, ତାହା କ୍ରିକେଟ ପ୍ରଶଂସକଙ୍କ ଦ୍ୱାରା ଚୟନ କରାଯାଏ। ପୂର୍ବରୁ ଟେନିସ୍ ଖେଳାଳି ଆଣ୍ଡି ମୁରେ, ଜନି ୱିଲକିନ୍‌ସନ ଓ ଷ୍ଟିଭ ରେଡ୍‌ଗ୍ରେଭଙ୍କୁ ଏହି ପୁରସ୍କାର ମିଳିଥିଲା। ଚଳିତବର୍ଷ ଫର୍ମୁଲା ୱାନ୍ ଷ୍ଟାର ଲୁଇସ୍ ହାମିଲଟନ ଓ ଆଥ୍ଲେଟ ଡାଇନା ଆଶର ସ୍ମିଥ୍‌ଙ୍କୁ ପଛରେ ପକାଇ ଷ୍ଟୋକ୍ସ ଏହି ସଫଳତା ପାଇଛନ୍ତି। ଉଲ୍ଲେଖଥାଉ କି, ଷ୍ଟୋକ୍ସଙ୍କ ଯୋଗୁ ବିଶ୍ୱକପ୍ ଫାଇନାଲ ସୁପର ଓଭରରେ ଦଳ ପ୍ରବେଶ କରିଥିଲା। ଏହାର ମାସକ ପରେ ତାଙ୍କ ଚମତ୍କାର ପ୍ରଦର୍ଶନ ବଳରେ ଆଶେସ୍ ସିରିଜ୍‌କୁ ଇଂଲଣ୍ଡ ଡ୍ର' ରଖିପାରିଥିଲା।

### ରେଫରି ଖେଳାଳିଙ୍କୁ ମାଙ୍କଡ଼ ଡାକିବା ଅଭିଯୋଗ

**ବେଙ୍ଗାଲୁରୁ, ୧୬।୧୨ (ପି.ଟି.):** ଇଣ୍ଡିଆନ ସୁପର୍ ଲିଗ୍ (ଆଇଏସ୍‌ଏଲ୍) ଦଳ ମୁମ୍ବାଇ ସିଟି ଏଫ୍‌ସିର ମୁଖ୍ୟକୋଚ୍ ଜର୍ଜ କୋଷ୍ଟା ଅଭିଯୋଗ କରିଛନ୍ତି ଯେ, ବେଙ୍ଗାଲୁରୁ ଏଫ୍‌ସି ବିପକ୍ଷ ମ୍ୟାଚ୍ ସମୟରେ ରେଫରି ତାଙ୍କ ଦଳର ଜଣେ ଖେଳାଳିଙ୍କୁ ମାଙ୍କଡ ବୋଲି ସମ୍ବୋଧନ କରିଛନ୍ତି। ସର୍ବଭାରତୀୟ ଫୁଟ୍‌ବଲ ମହାସଂଘ (ଏଆଇଏଫ୍‌ଏଫ୍) ଏହି ଘଟଣାର ତଦନ୍ତ କରିବ ବୋଲି ଜଣାପଡ଼ିଛି। ରବିବାର ସ୍ଥାନୀୟ କ୍ରାନ୍ତିବୀର ଷ୍ଟାଡିୟମରେ ଘରୋଇ ବେଙ୍ଗାଲୁରୁ ବିପକ୍ଷରେ ମୁମ୍ବାଇ ୩–୨ ଗୋଲରେ ବିଜୟୀ ହେବା ପରେ ଏହି ଘଟଣା ସାମ୍ନାକୁ ଆସିଥିଲା। ମ୍ୟାଚ୍ ଶେଷ ହେବାପରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ମୁମ୍ବାଇ କୋଚ୍ କୋଷ୍ଟା ଏହି ଅଭିଯୋଗ ଆଣିଥିଲେ। ସେ କହିଛନ୍ତି, ସାଉଦୀଆରବ ରେଫରି ତୁର୍କି ଅଲ୍‌ଖୁଧାୟର ମ୍ୟାଚ୍ ସମୟରେ ମୁମ୍ବାଇ ଏଫ୍‌ସି ସର୍ଗେ କେଭିନଙ୍କୁ ମାଙ୍କଡ଼ ଡାକିଥିଲେ ଏବଂ କିଛି ଅପମାନଜନକ ଇସାରା କରିଥିଲେ। ଲିଗ୍ ଆୟୋଜକର ଜଣେ ମୁଖପାତ୍ର କହିଛନ୍ତି, ସର୍ବଭାରତୀୟ ଫୁଟ୍‌ବଲ ମହାସଂଘ (ଏଆଇଏଫ୍‌ଏଫ୍) ଏହି ଘଟଣାର ତଦନ୍ତ ପାଇଁ ଆଗ୍ରହ ପ୍ରକାଶ କରିଛି। ଆଇଏସ୍‌ଏଲ୍ ନିୟମ ଅନୁଯାୟୀ ଏହିଭଳି ଘଟଣାର ବିଚାର କରିଥାଏ। କେଭିନ ସେଣ୍ଟ୍ରାଲ ଆଫ୍ରିକା ଦେଶ ଗାବନର ଖେଳାଳି। ସେ ମୁମ୍ବାଇ ପକ୍ଷରୁ ମିଡ୍‌ଫିଲ୍ଡର ଭାବେ ଖେଳିଥାନ୍ତି।



ଡିଜିପି ଅଭୟ ଖେଳାଳିଙ୍କଠାରୁ ଅଭିବାଦନ ଗ୍ରହଣ କରୁଛନ୍ତି। ମାର୍ଚ୍ଚପାଷ୍ଟ ଅବସରରେ ଓଡ଼ିଶା ପୋଲିସ ଦଳର ଖେଳାଳିମାନେ।

## ସର୍ବଭାରତୀୟ ପୋଲିସ ହକି ଉଦ୍‌ଘାଟିତ

**ଭୁବନେଶ୍ୱର,୧୬।୧୨(ବ୍ୟୁରୋ)**

କଳିଙ୍ଗ ଷ୍ଟାଡିୟମ୍‌ରେ ସୋମବାରଠାରୁ ଆରମ୍ଭ ହୋଇଛି ୬୮ ତମ ସର୍ବଭାରତୀୟ ପୋଲିସ ହକି ପ୍ରତିଯୋଗିତା। ପୋଲିସ ଡିଜି ଅଭୟ ସପ୍ତମ ବାଟାଲିୟନରେ ଏହାକୁ ଉଦ୍‌ଘାଟନ କରିଛନ୍ତି। ପ୍ରଥମ ଦିନରେ ୪ଟି ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ପ୍ରଥମ ମ୍ୟାଚ୍‌ରେ ସଶସ୍ତ୍ର ସୀମାବଳ ୧୦–୦ ଗୋଲରେ ଗୁଜରାଟ ପୋଲିସକୁ ପରାସ୍ତ କରିଛି। ଦ୍ୱିତୀୟ ମ୍ୟାଚରେ ଛତିଶଗଡ଼ ପୋଲିସ ୪–୨ ଗୋଲରେ ମଧ୍ୟପ୍ରଦେଶ ପୋଲିସକୁ, ତୃତୀୟ ମ୍ୟାଚରେ ତାମିଲନାଡୁ ପୋଲିସ ୩–୨ଗୋଲରେ ମଣିପୁର ପୋଲିସ ଏବଂ ୪ର୍ଥ ମ୍ୟାଚରେ ଉତ୍ତରାଖଣ୍ଡ ପୋଲିସ ୬–୦ଗୋଲରେ ରାଜସ୍ଥାନ ପୋଲିସ ଦଳକୁ ପରାସ୍ତ କରିଛି। ଗୁଇନ୍ଦା ବିଭାଗର ସ୍ୱତନ୍ତ୍ର ଡିଜି ଡା.ସତ୍ୟଜିତ ମହାନ୍ତି ଓ ପୋଲିସ କମିଶନର ଡ.ସୁଧାଂଶୁ ଷଡ଼ଙ୍ଗୀ ଅତିଥି ଭାବେ ଯୋଗଦେଇ ମ୍ୟାଚର ଶୁଭାରମ୍ଭ କରିଥିଲେ।

### ଟ୍ରେନରଙ୍କ ସହ ସମ୍ପର୍କ ଛିନ୍ନ କଲେ ଟାଇସନ ଫ୍ୟୁରି

**ଲଣ୍ଡନ,୧୬।୧୨:** ବ୍ରିଟିଶ୍ ବକ୍ସର ଟାଇସନ ଫ୍ୟୁରି ଆସନ୍ତା ଫେବୃୟାରୀରେ ଡେଓଣ୍ଟି ୱାଇଲ୍ଡରଙ୍କ ବିପକ୍ଷରେ ଡବ୍ଲ୍ୟୁସି ହେଭିୱେଟ ଚାମ୍ପିୟନଶିପ ମ୍ୟାଚ୍ ଖେଳିବେ। ଏଥିପୂର୍ବରୁ ସେ ଟ୍ରେନର ବେନ୍ ଡାଭିସନଙ୍କ ସହ ସମ୍ପର୍କ ଛିନ୍ନ କରିଛନ୍ତି। ଜାଭାନ ସୁଗାର ହିଲ୍‌ଙ୍କ ସହ ଯୋଡ଼ିହୋଇ ଫାଇଟ ପାଇଁ ଟ୍ରେନିଂ କରିବେ। ଇନ୍‌ଷ୍ଟାଗ୍ରାମ ଜରିଆରେ ଡାଭିସନ ଏ ନେଇ ସୂଚନା ଦେଇଛନ୍ତି। ଟାଇସନ ତାଙ୍କର ପରବର୍ତ୍ତୀ ମ୍ୟାଚ୍‌ରେ ପ୍ରତିପକ୍ଷ ବକ୍ସର ୱାଇଲ୍ଡରଙ୍କୁ ହରାଇଦେବେ ବୋଲି ଲେଖିଛନ୍ତି।

## ଇଷ୍ଟ ଇଣ୍ଡିଆ ସ୍ନୁକର: ସୁବ୍ରତ ଚାମ୍ପିୟନ

**ଭୁବନେଶ୍ୱର,୧୬।୧୨ (କ୍ରୀଡ଼ା ପ୍ରତିନିଧି):** ଓଡ଼ିଶାର ତାରକା କ୍ୟୁସ୍ପୋର୍ଟ୍ସ ସ୍ପେଶାଲିଷ୍ଟ ତଥା ବର୍ତ୍ତମାନର ରାଜ୍ୟ ଚାମ୍ପିୟନ ସୁବ୍ରତ ଦାସ ୨୫ ଦିନ ମଧ୍ୟରେ ୩ଟି ଟାଇଟଲ ଜିତି ରେକର୍ଡ ସୃଷ୍ଟି କରିଛନ୍ତି। ପାଟଣାରେ ଅନୁଷ୍ଠିତ ଇଷ୍ଟ ଇଣ୍ଡିଆ ଓପନ ସ୍ନୁକର ପ୍ରତିଯୋଗିତାରେ ଚାମ୍ପିୟନ ହୋଇଛନ୍ତି ଓଡ଼ିଶାର ସୁବ୍ରତ ଦାସ। ସୋମବାର ଅନୁଷ୍ଠିତ ଫାଇନାଲରେ ସେ ଝାଡ଼ଖଣ୍ଡର ନମ୍ବର ୱାନ ଖେଳାଳି ଆଦର୍ଶ ବର୍ମାଙ୍କୁ ୫–୪ ଫ୍ରେମ୍‌ରେ ପରାସ୍ତ କରିଛନ୍ତି। ଟାଇଟଲ ମୁକାବିଲା ତୀବ୍ର ସଂଘର୍ଷପୂର୍ଣ୍ଣ ହୋଇଥିବାବେଳେ ଶେଷରେ ସୁବ୍ରତ ୭୦–୨୫, ୪୦–୬୫, ୬୪–୨୩, ୫୩–୧୨, ୨୩–୬୪, ୭୧–୩୦, ୫୯–୫୯, ୬୧–୪୩ ପଏଣ୍ଟରେ ବାଜି ମାରିଥିଲେ। ପୂର୍ବରୁ ସୁବ୍ରତ ନଭେମ୍ବର ୩୦ରେ ରାଜ୍ୟ ସ୍ନୁକର ଫାଇନାଲରେ ପୂର୍ବତନ ଜାତୀୟ ଚାମ୍ପିୟନ ଆଶୁତୋଷ ପାଢ଼ୀଙ୍କୁ ହରାଇ ଚାମ୍ପିୟନ ହୋଇଥିଲେ। ଏହାପରେ ଡିସେମ୍ବର ୮ରେ ସେ ୫ମ ଗୋଲ୍ଡେନ କିଙ୍ଗ୍ ଓପନ ସ୍ନୁକର ଟାଇଟଲ ଜିତିଥିଲେ। ଏବେ ଇଷ୍ଟଇଣ୍ଡିଆ ସ୍ନୁକର ଚାମ୍ପିୟନ ହୋଇ ସେ ଟାଇଟଲ ହାସଲରେ ହ୍ୟାଟ୍ରିକ ଅର୍ଜନ କରିଛନ୍ତି। ଓଡ଼ିଶାରେ ସ୍ଥିର ପ୍ରଦର୍ଶନ କରୁଥିବା କ୍ୟୁ ସ୍ପୋର୍ଟ୍ସ ତାରକାଙ୍କ ମଧ୍ୟରେ ଶୀର୍ଷରେ ଥିବା ସୁବ୍ରତ ଏହାକୁ ମିଶାଇ କ୍ୟାରିୟରରେ ୨୮ଟି ଓପନ ଟାଇଟଲ ଜିତିଛନ୍ତି। ବିହାର ବିଲିୟାର୍ଡ୍ସ ଆସୋସିଏଶନ ସମ୍ପାଦକ ଶ୍ୟାମଲ ଶର୍ମା ଓ ଆଡିକ୍‌ଶନ ସ୍ନୁକର ସେଣ୍ଟର ଅଧ୍ୟକ୍ଷ ସଙ୍କେତ ତିୱାରୀ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ।



## ରଣଜୀ ଟ୍ରଫି

# ଡ୍ରିମ୍ସରେ ଓଡ଼ିଶାର ବିଜୟ ଲକ୍ଷ୍ୟ

**କଟକ ଅଫିସ,୧୬।୧୨**

ଚଳିତ ରଣଜୀ ଟ୍ରଫିର ପ୍ରଥମ ମ୍ୟାଚରେ ଛତିଶଗଡ଼କୁ ପରାସ୍ତ କରିବା ପରେ ଓଡ଼ିଶା ଟାଙ୍ଗୀସ୍ଥିତ ଡ୍ରିମ୍ସ ଗ୍ରାଉଣ୍ଡରେ ଘରୋଇ ପରିବେଶରେ ଦ୍ୱିତୀୟ ମ୍ୟାଚ୍ ସର୍ଭିସେସ୍ ବିପକ୍ଷରେ ଖେଳିବ। ମଙ୍ଗଳବାର ଠାରୁ ଏହି ମ୍ୟାଚ୍ ଖେଳାଯିବ। ଡ୍ରିମ୍ସର ପିଚ୍ ପେସ୍ ବୋଲିଂକୁ ସୁହାଇବ ବୋଲି ପୂର୍ବାନୁମାନ କରାଯାଉଛି। ଏହାକୁ ଲକ୍ଷ୍ୟ ରଖି ଟସ୍ ଜିତିଲେ ଓଡ଼ିଶା ବୋଲିଂକୁ ଓହ୍ଲାଇବ ବୋଲି କୁହାଯାଇଛି। ଅନ୍ୟପକ୍ଷରେ ଗତ ମ୍ୟାଚ୍‌ରେ ହାତରେ ଆଘାତ ପାଇଥିବା ଓପନର ସନ୍ଦୀପ ପଟ୍ଟନାୟକଙ୍କୁ ଦଳରୁ ବାଦ୍ ଦିଆଯାଇଛି। ତାଙ୍କ ସ୍ଥାନରେ ଶାନ୍ତନୁ ମିଶ୍ର ଓପନିଂ ଭାର ସମ୍ଭାଳିବେ ବୋଲି ଜଣାପଡ଼ିଛି।

ନକୁଲ ବର୍ମାଙ୍କ ନେତୃତ୍ୱାଧୀନ ସର୍ଭିସେସ୍ ଚଳିତ ସଂସ୍କରଣର ପ୍ରଥମ ମ୍ୟାଚ୍ ଆସାମ ବିପକ୍ଷରେ ଡ୍ର ରଖିଥିଲେ ସୁଦ୍ଧା ଦଳର ପେସ୍ ବୋଲିଂ ବହୁତ ଭଲ ଥିଲା। ମ୍ୟାଚ୍‌ରେ ଦିୱେଶ ପଠାନିଆ, ସାଦବ ନଜରଙ୍କ ଘାତକ ବୋଲିଂ ଦେଖିବାକୁ ମିଳିଥିଲା। ଏଣୁ ଓଡ଼ିଶା ବିପକ୍ଷ ମ୍ୟାଚ୍‌ରେ ମଧ୍ୟ ସର୍ଭିସେସ୍‌ର ଉତ୍କୃଷ୍ଟ ପେସ୍ ଆଟାକ୍ ଦେଖିବାକୁ ମିଳିବ। ଶୁଭ୍ରାଂଶୁ ସେନାପତିଙ୍କ ନେତୃତ୍ୱାଧୀନ ଓଡ଼ିଶା ବସନ୍ତ ମହାନ୍ତି, ରାଜେଶ ମହାନ୍ତି, ସୂର୍ଯ୍ୟକାନ୍ତ ପ୍ରଧାନଙ୍କ ଭଳି ପ୍ରଭାବଶାଳୀ ପେସ୍ ବୋଲରଙ୍କ ଉପରେ ଭରସା କରିବ। ଛତିଶଗଡ଼ ବିପକ୍ଷ ମ୍ୟାଚ୍‌ରେ ଗ୍ରାଉଣ୍ଡକୁ ଓହ୍ଲାଇଥିବା ଚୂଡ଼ାନ୍ତ ଏକାଦଶ ଦଳରେ ଅଧିକ ପରିବର୍ତ୍ତନ କରାଯିବନି ବୋଲି ବିଶେଷସୂତ୍ରରୁ ଜଣାପଡ଼ିଛି। କେବଳ ଓପନର ସନ୍ଦୀପ ପଟ୍ଟନାୟକଙ୍କ ସ୍ଥାନରେ ଶାନ୍ତନୁ ମିଶ୍ର ଚୂଡ଼ାନ୍ତ ଏକାଦଶରେ ସ୍ଥାନ ପାଇବେ। ଅଧିନାୟକ ଶୁଭ୍ରାଂଶୁ କୁହନ୍ତି, ଡ୍ରିମସରେ ଓଡ଼ିଶାର ବିଜୟ ସମ୍ଭାବନା ବେଶୀ ରହିଛି। ଘରୋଇ ମାଟିରେ ଆମେ ଜିତିବାକୁ ଚେଷ୍ଟା କରିବୁ। ପ୍ରଥମ ମ୍ୟାଚ୍ ଜିତିବା ପରେ ଖେଳାଳିଙ୍କ ମନୋବଳ ଦୃଢ଼ ରହିଛି। ଏହି ମ୍ୟାଚ୍ ଜିତି ଓଡ଼ିଶାର ବିଜୟ ଅଭିଯାନ ଜାରି ରହିବ ବୋଲି ଶୁଭ୍ରାଂଶୁ କହିଥିଲେ।

### ଡ୍ର'ରେ ସରିଛି ମୁକାବିଲା

ଉଭୟ ଦଳ ମଧ୍ୟରେ ୩ଟି ମ୍ୟାଚ ଖେଳାଯାଇଥିବା ବେଳେ ୩ଟି ଯାକ ମ୍ୟାଚ୍ ଡ୍ର ରହିଛି। ୨୦୦୩ ଡିସେମ୍ବର ୨୫ରେ ସଞ୍ଜୟ ରାଉଳଙ୍କ ନେତୃତ୍ୱାଧୀନ ଓଡ଼ିଶାର ମୁକାବିଲା ପ୍ରଥମଥର ନିମନ୍ତେ ସର୍ଭିସେସ ବିପକ୍ଷରେ ହୋଇଥିଲା। ଦିଲ୍ଲୀରେ ଖେଳାଯାଉଥିବା ଉକ୍ତ ମ୍ୟାଚ୍ ଡ୍ର ରହିଥିଲା। ପରେ ୨୦୦୬ରେ ଅନୁଷ୍ଠିତ ମ୍ୟାଚ୍ ମଧ୍ୟ ଫଳଶୂନ୍ୟ ରହିଥିଲା। ଗତ ସିଜନ୍‌ରେ ଓଡ଼ିଶା–ସର୍ଭିସେସ ସାମ୍ନାସାମ୍ନି ହୋଇଥିଲେ। ଏହି ମ୍ୟାଚ ଡ୍ର ରହିଥିଲେ ସୁଦ୍ଧା ପ୍ରଥମ ଇନିଂସ ଅଗ୍ରଣୀ କରି ସର୍ଭିସେସ୍ ଅଧିକ ପଏଣ୍ଟ ପାଇଥିଲା।



ଅଭ୍ୟାସ ସେସନ ଅବସରରେ ଓଡ଼ିଶାର ଅନୁରାଗ ଷଡ଼ଙ୍ଗୀ ଓ ପପୁ ରାୟ।

### ସନ୍ଦୀପ ବାଦ୍, ଓପନିଂ କରିବେ ଶାନ୍ତନୁ

**ଓଡ଼ିଶା ଦଳ:** ଶୁଭ୍ରାଂଶୁ ସେନାପତି (ଅଧିନାୟକ), ବିପ୍ଳବ ସାମନ୍ତରାୟ (ଉପଅଧିନାୟକ), ଗୋବିନ୍ଦ ପୋଦ୍ଦାର, ଦେବାଶିଷ ସାମନ୍ତରାୟ, ଅନୁରାଗ ଷଡ଼ଙ୍ଗୀ, ଅଭିଷେକ ରାଉତ, ଶାନ୍ତନୁ ମିଶ୍ର, ବସନ୍ତ ମହାନ୍ତି, ସୂର୍ଯ୍ୟକାନ୍ତ ପ୍ରଧାନ, ରାଜେଶ ମହାନ୍ତି, ଦେବବ୍ରତ ପ୍ରଧାନ, ସୁଜିତ ଲେଙ୍କା(ଉଇକେଟ କିପର), ରାଜେଶ ଧୂପର(ଉଇକେଟ କିପର), ଅଙ୍କିତ ଯାଦବ, ପପୁ ରାୟ। ରଶ୍ମୀ ରଞ୍ଜନ ପରିଡ଼ା–କୋଚ୍, ଶୁଭକାନ୍ତ ସାହୁ–ଫିଜିଓ, ମନୋଜ କୁମାର ବିଶ୍ୱାଳ–ଟ୍ରେନର।

# ଜାତୀୟ ସବ୍‌ଜୁନିୟର ବ୍ୟାଡ୍‌ମିଣ୍ଟନ ଆଜିଠାରୁ



ଅଭ୍ୟାସରତ ବ୍ୟାଡ୍‌ମିଣ୍ଟନ ଖେଳାଳି।

**ଭୁବନେଶ୍ୱର, ୧୬।୧୨(କ୍ରୀଡ଼ା ପ୍ରତିନିଧି)**

ଓଡ଼ିଶା ରାଜ୍ୟ ବ୍ୟାଡ୍‌ମିଣ୍ଟନ ଆସୋସିଏଶନ (ଓଏସବିଏ) ଆନୁକୂଲ୍ୟରେ ଜାତୀୟ ସବ୍‌ଜୁନିୟର ବ୍ୟାଡ୍‌ମିଣ୍ଟନ (୧୫ ଏବଂ ୧୭ ବର୍ଷରୁ କମ୍) ପ୍ରତିଯୋଗିତାର ୩୩ତମ ସଂସ୍କରଣ ମଙ୍ଗଳବାରଠାରୁ ଆରମ୍ଭ ହେବାକୁ ଯାଉଛି। ମ୍ୟାଚ ଗୁଡ଼ିକ ଇଷ୍ଟକୋଷ୍ଟ ରେଲୱେ ଇନ୍‌ଡୋର ଷ୍ଟାଡିୟମ ଏବଂ ଶହୀଦ ନଗରସ୍ଥିତ ଇନ୍‌ଡୋର ହଲ୍‌ରେ ଅନୁଷ୍ଠିତ ହେବ। ରାଜ୍ୟ ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗ ସହଯୋଗରେ ଆୟୋଜିତ ହେବାକୁଥିବା ଏହି ପ୍ରତିଯୋଗିତା ୧୦ଟି ବିଭାଗରେ ଅନୁଷ୍ଠିତ ହେବ। ଏଥିରେ ୩୩ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରୁ ୨୬୦ ବାଳିକାଙ୍କୁ

- ୧୦ ବିଭାଗରେ ହେବ ପ୍ରତିଯୋଗିତା
- ୨୬୦ ବାଳିକାଙ୍କ ସମେତ ଭାଗନେବେ ୫୪୦ ପ୍ରତିଯୋଗୀ

ମିଶାଇ ପାଖାପାଖି ୫୪୦ ପ୍ରତିଯୋଗୀ ଅଂଶଗ୍ରହଣ କରିବେ ବୋଲି ସୋମବାର ଆୟୋଜକଙ୍କ ପକ୍ଷରୁ ସୂଚନା ଦିଆଯାଇଛି। "ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓଡ଼ିଶାକୁ ଭାରତର କ୍ରୀଡ଼ା ରାଜଧାନୀ କରିବା ପାଇଁ ଅନେକ ପଦକ୍ଷେପ ନେଉଛନ୍ତି। ଏଥିରେ ଅନୁପ୍ରାଣିତ ହୋଇ ଆମେ ଜାତୀୟ ସବ୍‌ଜୁନିୟର ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତାକୁ ସଫଳଭାବେ ଆୟୋଜନ କରିବାକୁ ଚ୍ୟାଲେଞ୍ଜ ଭାବେ ନେଇଛୁ" ବୋଲି ଓଏସବିଏ ଅଧ୍ୟକ୍ଷ ରୋହିତ ପୂଜାରୀ ପ୍ରକାଶ କରିଛନ୍ତି। "୬ ଦିନ ବିଶିଷ୍ଟ ପ୍ରତିଯୋଗିତାରେ ଦେଶର ପ୍ରମୁଖ ୧୫ ଓ ୧୭ ବର୍ଷରୁ କମ୍ ଖେଳାଳିଙ୍କୁ ଦେଖିବାକୁ ମିଳିବ। ବାଳିକା ଓ ବାଳକ ବିଭାଗ ପାଇଁ ଉଭୟ ବୟସ ବର୍ଗରେ ହେବାକୁଥିବା ପ୍ରତିଯୋଗିତାର ସିଙ୍ଗଲ୍ସ, ଡବଲ୍ସ ଓ ମିକ୍ସଡ ଡବଲ୍ସ ଇଭେଣ୍ଟ ରେଲୱେ ଇନ୍‌ଡୋର ଷ୍ଟାଡିୟମ ଓ ଶହୀଦ ନଗର ଇନ୍‌ଡୋର ହଲ୍‌ର ସିନ୍ଥେଟିକ୍ କୋର୍ଟରେ ଆୟୋଜିତ ହେବ" ବୋଲି ବ୍ୟାଡ୍‌ମିଣ୍ଟନ ଆସୋସିଏଶନ ଅଫ୍ ଇଣ୍ଡିଆ(ବିଆଇଏ) ସଚିବ(ଇଭେଣ୍ଟ)ଓମାର ରସିଦ କହିଛନ୍ତି।

ଇଣ୍ଡୋନେସିଆର ସୁରାବାୟାରେ ଅନୁଷ୍ଠିତ ବ୍ୟାଡ୍‌ମିଣ୍ଟନ ଏସିଆ ଜୁନିୟର ଚାମ୍ପିୟନଶିପ୍‌ର ୧୫ ବର୍ଷରୁ କମ୍ ସିଙ୍ଗଲ୍ସ ଚାମ୍ପିୟନ ତସ୍‌ମିନ୍ ମୀର୍ ଓ ରନର୍ସଅପ୍ ତାରା ଶାହ ଏଠାରେ ଆକର୍ଷଣରେ ଦେଖିବାକୁ ମିଳିବେ। ପ୍ରତିଯୋଗିତା ପାଇଁ ୧୦ ଲକ୍ଷ ଟଙ୍କାର ପୁରସ୍କାର ରାଶି ରହିଛି। ଅତିକମ୍‌ରେ ଯେଉଁ ଖେଳାଳିମାନେ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିବେ ସେମାନଙ୍କୁ ମଧ୍ୟ ଆର୍ଥିକ ପୁରସ୍କାର ପ୍ରଦାନ କରାଯିବ। ୧୭ ବର୍ଷରୁ କମ୍ ବିଭାଗର ଉଭୟ ବାଳିକା ଓ ବାଳକ ସିଙ୍ଗଲ୍ସ ଟାଇଟଲ ବିଜେତାଙ୍କୁ ୪୪,୦୦୦ଟଙ୍କା ଲେଖାଏ ପୁରସ୍କାର ମିଳିବ। ଡବଲ୍ସ ଓ ମିକ୍ସଡ ଡବଲ୍ସ ବିଜେତାଙ୍କୁ ୪୬,୦୦୦ ଟଙ୍କା ଲେଖାଏ ପୁରସ୍କାର ଦିଆଯିବ। ୧୫ ବର୍ଷରୁ କମ୍ ସିଙ୍ଗଲ୍ସ ଟାଇଟଲ ବିଜେତାଙ୍କୁ ୪୨,୦୦୦ଟଙ୍କା ଲେଖାଏ ଏବଂ ଡବଲ୍ସ ଓ ମିକ୍ସଡ ଡବଲ୍ସ ବିଜେତାଙ୍କୁ ୪୪,୦୦୦ଟଙ୍କା ଲେଖାଏ ପୁରସ୍କାର ରାଶି ମିଳିବ ବୋଲି ପ୍ରକାଶ କରାଯାଇଛି।

### ପଦକ ଆଶାରେ ଓଡ଼ିଶା

ଆୟୋଜକ ଓଡ଼ିଶା ପ୍ରତିଯୋଗିତାରେ ୨୨ ପ୍ରତିଯୋଗୀଙ୍କୁ ଖେଳାଇବ। ସେମାନଙ୍କ ମଧ୍ୟରୁ ୧୭ ବର୍ଷରୁ କମ୍ ବାଳକ ବିଭାଗରେ ନମ୍ବର ୱାନ ଆୟୁଷ ପଟ୍ଟନାୟକ ଏବଂ ୧୫ ବର୍ଷରୁ କମ୍ ବାଳିକା ବିଭାଗର ଶ୍ୱେତପର୍ଣ୍ଣା ପଣ୍ଡାଙ୍କଠାରୁ ପଦକ ଆଶା ରହିଛି। ଉଭୟ ଖେଳାଳିଙ୍କୁ ଡବଲ୍ସ ଓ ମିକ୍ସଡ ଡବଲ୍ସ ଇଭେଣ୍ଟ ପାଇଁ ସିଧାସଳଖ ଏଣ୍ଟ୍ରି ମିଳିଛି।

ଓଡ଼ିଶା ଟ୍ୟାଲେଣ୍ଟ ଆଡପ୍ସନ ପ୍ରୋଗ୍ରାମ୍

# ଭୁବନେଶ୍ୱରର ୧୫୦୦ ପିଲା ସାମିଲ

**ଭୁବନେଶ୍ୱର, ୧୬।୧୨ (ସ୍ପୋର୍ଟ୍ସ ବ୍ୟୁରୋ)**

ରାଜ୍ୟ କ୍ରୀଡ଼ା, ଯୁବସେବା ବିଭାଗ ଓ ଆଦିତ୍ୟ ବିର୍ଲା ଗ୍ରୁପ୍‌ର ମିଳିତ ସହଯୋଗରେ ଗଗନ ନାରଙ୍ଗ ସ୍ପୋର୍ଟ୍ସ ପ୍ରମୋଶନ ଫାଉଣ୍ଡେଶନ ତରଫରୁ ଭୁବନେଶ୍ୱରର ବିଭିନ୍ନ ସ୍କୁଲରେ ଓଡ଼ିଶା ଟ୍ୟାଲେଣ୍ଟ ଆଡପ୍ସନ ପ୍ରୋଗ୍ରାମ (ଓଟିଏପି) କାର୍ଯ୍ୟକାରୀ କରାଯାଉଛି। ଏହାକୁ ୨୦୧୯ ନଭେମ୍ବରରୁ ଆରମ୍ଭ କରାଯାଇଛି। ଏଥିରେ ୧୧ରୁ ୧୪ ବୟସ ବର୍ଗ ପିଲାଙ୍କ ମଧ୍ୟରୁ ଶୁଟିଂ ସ୍ପୋର୍ଟ୍ସ ପାଇଁ ପ୍ରତିଭା ଚିହ୍ନଟ କରାଯିବ। ଶୁଟିଂ କ୍ରୀଡ଼ାପ୍ରତି ଆଗ୍ରହୀ ପିଲାଙ୍କର ବିଭିନ୍ନ ପରୀକ୍ଷା କରାଯିବ ଯଥା ବିଏମ୍ଆଇ ୩ଡି କୋର୍ଡିନେଶନ, ମସଲ ଷ୍ଟ୍ରେନ୍ଥ, ଫିଙ୍ଗର ଡେକ୍ସଟିରିଟି, ଫିଙ୍ଗର ଟ୍ୟାପିଂ, ରିଆକ୍ସନ ଟାଇମ୍, ଆଡପ୍ଟିଭ ମେଟ୍ରିକ୍ସ ଟେଷ୍ଟ, ରିଆକ୍ଟିଭ ଷ୍ଟ୍ରେସ୍ ଟଲରାନ୍ସ ଏବଂ ଟୁ ହ୍ୟାଣ୍ଡ କୋଅର୍ଡିନେଶନ ଅନ୍ୟତମ। ଓଟିଏପିରେ ଭୁବନେଶ୍ୱରର ବିଭିନ୍ନ ସ୍କୁଲରୁ ମୋଟ ୪୦୦୦ ପିଲାଙ୍କୁ ସାମିଲ କରିବା ଲାଗି ଯୋଜନା ରହିଛି। ତେବେ ଇତିମଧ୍ୟରେ ୧୫୦୦ ପିଲାଙ୍କୁ ସାମିଲ କରାଯାଇସାରିଛି। କଳିଙ୍ଗ ଇନଷ୍ଟିଚ୍ୟୁଟ୍ ଅଫ୍ ସୋସିଆଲ ସାଇନ୍ସ (କିସ୍), ଆଦିତ୍ୟ ବିର୍ଲା ସ୍କୁଲରେ ସାଇଣ୍ଟିଫିକ୍ ଟେଷ୍ଟ ହୋଇସାରିଛି। ବର୍ତ୍ତମାନ ମଦର୍ସ ପବ୍ଲିକ ସ୍କୁଲରେ ଏହି ଟେଷ୍ଟ ଚାଲିଛି। ଓଟିଏପିରୁ ୨୦୦ ପିଲାଙ୍କୁ ଚିହ୍ନଟ କରାଯିବ। ସେମାନଙ୍କୁ କଳିଙ୍ଗ ଷ୍ଟାଡିୟମରେ ନବ ନିର୍ମିତ ୧୦ ଏମ୍. ଶୁଟିଂ ରେଞ୍ଜ୍‌ରେ ଟ୍ରେନିଂ ଦିଆଯାଇ ୨୦୨୦ ରାଜ୍ୟ ଏବଂ ଜାତୀୟ ଚାମ୍ପିୟନଶିପ୍ ପାଇଁ ପ୍ରସ୍ତୁତ କରାଯିବ। ଆମର ପରବର୍ତ୍ତୀ ଟାର୍ଗେଟ ୨୦୨୮ ଅଲିମ୍ପିକ୍ସ ବୋଲି ଗଗନ ନାରଙ୍ଗ ପ୍ରମୋଶନ ଫାଉଣ୍ଡେଶନର ପ୍ରତିଷ୍ଠାତା ନିର୍ଦ୍ଦେଶକ ଗଗନ ନାରଙ୍ଗ ପ୍ରକାଶ କରିଛନ୍ତି। ବିଶ୍ୱର ନମ୍ବର ୱାନ ର୍‍ୟାଙ୍କିଙ୍ଗ ମହିଳା ଏୟାର ରାଇଫଲ ଶୁଟର ଇଲାଭେନିଲ ଭାଲାରିଭାନ୍‌ଙ୍କୁ ଏହି ଭଳି ପ୍ରତିଭା ଚିହ୍ନଟ କାର୍ଯ୍ୟକ୍ରମ ଜରିଆରେ ଆବିଷ୍କାର କରାଯାଇଥିଲା। ଶୁଟିଂ ହାଇପରଫର୍ମାନ୍ସ ସେଣ୍ଟର ସହିତ ସମ୍ପୃକ୍ତ ଆଦିତ୍ୟ ବିର୍ଲା ଗ୍ରୁପ୍ ଅନ୍ତର୍ଗତ ଉତ୍କଳ ଆଲୁମିନା ଇଣ୍ଟରନ୍ୟାଶନାଲ ଲିମିଟେଡ୍‌ର ଚେୟାରମ୍ୟାନ ସୂର୍ଯ୍ୟକାନ୍ତ ମିଶ୍ର କହିଛନ୍ତି, ଆଗାମି ବର୍ଷଗୁଡ଼ିକରେ ସର୍ବଭାରତୀୟ ପ୍ରତିଯୋଗିତାରେ ଓଡ଼ିଶାରୁ ବହୁ ଶୁଟରଙ୍କୁ ସଫଳତା ତାଲିକାରେ ଦେଖିବାକୁ ମିଳିବ।

# ନୂଆ ରୂପ ନେବ ରାଉରକେଲା

**ଭୁବନେଶ୍ୱର,୧୬।୧୨:** ହକି ବିଶ୍ୱକପ୍‌ର ୨୦୨୩ ସଂସ୍କରଣ ଭୁବନେଶ୍ୱର ସହ ରାଉରକେଲାରେ ଖେଳାଯିବ। ଏଥିନେଇ ନୂଆ ରୂପରେ ସଜେଇ ହେବାକୁ ଯାଉଛି ରାଉରକେଲା ସିଟି। ଏଥିପାଇଁ ରାଜ୍ୟ ସରକାର ୬୩୦ କୋଟି ଟଙ୍କାର ବ୍ୟୟ ଅଟକଳ କରିଛନ୍ତି। ଆଗାମୀ ୪ ବର୍ଷରେ ଏହି ଅର୍ଥ ବିମାନବନ୍ଦର, ରାସ୍ତା, ବସ୍ ଟର୍ମିନାଲ, ମ୍ୟୁଜିୟମ, ପାର୍କ୍ସ, ଆଧୁନିକ କାର ପାର୍କିଂ ସହ ଷ୍ଟାଡିୟମର ଉନ୍ନତୀକରଣ କରାଯିବା ନେଇ ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ କରାଯାଇଛି। ସରକାରଙ୍କ ସ୍ମାର୍ଟ ସିଟି ଯୋଜନା ଅନୁଯାୟୀ ଓଡ଼ିଶା ସରକାର ଏହି ଉନ୍ନତୀକରଣ କାର୍ଯ୍ୟ କରିବେ।

ଅଷ୍ଟମ ଜନ୍ମଦିନ ଶୁଭେଚ୍ଛା





ଅନୁଷ୍କା ପ୍ରିୟଦର୍ଶିନୀ (ଗୁନୁ)
କୋରଙ୍ଗା, ତରାବୋଇ, ଜଟଣୀ, ଖୋର୍ଦ୍ଧା
ଆଜି ତୋର ଅଷ୍ଟମ ଜନ୍ମବାର୍ଷିକୀ ଅବସରରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ ଯେ ତୋର ଭବିଷ୍ୟତ ଉଜ୍ଜ୍ୱଳମୟ ହେଉ ଓ ତୋତେ ଦୀର୍ଘାୟୁ ଓ ଯଶସ୍ୱୀ କରନ୍ତୁ।
-:ଶୁଭେଚ୍ଛା ସହ:-
ବାବା: ସୁକାନ୍ତ, ମାମା: ରାଜଶ୍ରୀ, ମିମି, ବା, ବୋଉ, ମାଉସୀ, ମାମୁ, ମାଇଁ, ଜେଜେବାପା, ଜେଜେମା', ବଡବାପା, ବଡମାମା, ଦାଦା, ଖୁଡ଼ୀ, ରଷି, ପିଣ୍ଟୁ, ଚିଣ୍ଟୁ, ପ୍ରିୟା, ଶ୍ରୀୟା, ଗେହ୍ଲି, ବେବି ଏବଂ ସମସ୍ତ ବନ୍ଧୁ ଓ ପରିବାରବର୍ଗ।
ଧ-୧୫୭୭୮

## ମାରପିଟ ଅଭିଯୋଗକୁ ପ୍ରତ୍ୟାଖ୍ୟାନ କଲେ ପ୍ରବୀଣ

**ନୂଆଦିଲ୍ଲୀ,୧୬।୧୨(ପି.ଟି.):** ପୂର୍ବତନ ଭାରତୀୟ କ୍ରିକେଟର ପ୍ରବୀଣ କୁମାରଙ୍କ ବିରୋଧରେ ଫ୍ୟାକ୍ଟ୍ରି ମାଲିକଙ୍କୁ ମାରପିଟ୍ କରିଥିବା ପୋଲିସରେ ଅଭିଯୋଗ ହୋଇଛି। କିନ୍ତୁ ସୋମବାର ଏହାକୁ ଅସ୍ୱୀକାର କରିଛନ୍ତି ପ୍ରବୀଣ। ତାଙ୍କ ସମ୍ମାନରେ ଆଞ୍ଚ ଆଣିବା ପାଇଁ ସ୍ଥାନୀୟ ରାଜନେତାଙ୍କର ଏହା ଏକ ପ୍ରୟାସ। ଗତ ଶନିବାର ମିରଟର ମୁଲତାନ ନଗରରେ ସ୍କୁଲ ବସରୁ ଛୁଆମାନେ ଓହ୍ଲାଉଥିବା ବେଳେ କାର ପାଇଁ ରାସ୍ତା ନ ଥିବାରୁ ଫ୍ୟାକ୍ଟ୍ରି ମାଲିକ ଦୀପକଙ୍କ ସହ ଯୁକ୍ତିତର୍କ ଓ ପରେ ମାରପିଟ କରିଥିବା ଅଭିଯୋଗ ହୋଇଥିଲା। ଅନ୍ୟପକ୍ଷରେ ଅଭିଯୋଗ ସମ୍ପୂର୍ଣ୍ଣ ଭିତ୍ତିହୀନ। ସେ ମୋ ଚେନ୍ ଛଡ଼ାଇ ନେବାକୁ ଉଦ୍ୟମ କରିଥିଲେ। ଏହି ଘଟଣାରେ ସ୍ଥାନୀୟ ରାଜନେତାଙ୍କ ହାତ ରହିଛି। ମୁଁ ସେହି ଅଞ୍ଚଳରେ ରହେ ନାହିଁ। ମାତ୍ର ସେଠାରେ ମୋର ଦୁଇରୁ ୩ଟି ଘର ଅଛି। ସେ ସବୁରେ ଚାଲିଥିବା ରଙ୍ଗ କାମ ତଦାରଖ ପାଇଁ ସେଠାକୁ ଯାଇଥିଲି ବୋଲି ପ୍ରବୀଣ କହିଛନ୍ତି।



ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଚ୍ୟାଲେଞ୍ଜ
ବ୍ୟବସାୟ, ପ୍ରେମ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ, ସ୍ୱାମୀ-ସ୍ତ୍ରୀଙ୍କ ମନୋମାଳିନ୍ୟ, ପ୍ରେମବିବାହ, ପ୍ରପର୍ଟି କୋର୍ଟକେସ୍, ଗୁପ୍ତରୋଗ, ପୁରୁଣା ଯନ୍ତ୍ରଣା, ଔଷଧ କାମ ନ କରିବା, ବଶୀକରଣ, ଯାଦୁ-ଟୋନା, ଗୁଣିଗାରେଡ଼ି, ପୋତାଧନ
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ: ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ବାବା କମାଲ ଖାନ୍ (ଅଜମେର ୱାଲେ)
ମାଷ୍ଟର କ୍ୟାଣ୍ଟିନ୍, ଏକ୍ସିସ୍ ବ୍ୟାଙ୍କ ନିକଟ, ଭୁବନେଶ୍ୱର
କାମ ନ ହେଲେ ଟଙ୍କା ଫେରସ୍ତ
ଆପଣଙ୍କ ଝିଅକୁ ଆପଣଙ୍କ ଜ୍ୱାଇଁ କିମ୍ବା ବାହାରର କେହି ଲୋକ, ଶାଶୁଘର ଲୋକେ ହଇରାଣ କରୁଛନ୍ତି କି?
9650446732 9990987786

# ଡିକାଙ୍କ ଗୋଲ ଆରୋଜକୁ ହରାଇଲା

**ଲୁଧିଆନା, ୧୬।୧୨**

ସ୍ଥାନୀୟ ଗୁରୁ ନାନକ ଷ୍ଟାଡିୟମରେ ସୋମବାର ଅନୁଷ୍ଠିତ ଆଇ-ଲିଗ୍ ଫୁଟବଲ ମ୍ୟାଚରେ ଲଢ଼ୁଆ ପ୍ରଦର୍ଶନ ସତ୍ତ୍ୱେ ଇଣ୍ଡିଆନ ଆରୋଜ ୦-୧ ଗୋଲରେ ପଞ୍ଜାବ ଏଫସି ନିକଟରୁ ହାରି ଯାଇଛି। ପୂରା ମ୍ୟାଚରେ ଚମତ୍କାର ପ୍ରଦର୍ଶନ କରିଥିବା ଆରୋଜ ୮୦ତମ ମିନିଟରେ ପଞ୍ଜାବ ଫରୱାର୍ଡ ଆସେର ପେରିକ୍ ଦିପନ୍ଦା ଡିକାଙ୍କ ଗୋଲ ଯୋଗୁ ପରାଜୟ ସ୍ୱାଦ ଚାଖିଛି। ଡିକା ପ୍ଲେୟର ଅଫ ଦି ମ୍ୟାଚ ବିବେଚିତ ହୋଇଛନ୍ତି। ଏହାକୁ ମିଶାଇ ଘରୋଇ ପରିବେଶରେ ପଞ୍ଜାବ ଏଫସି କ୍ରମାଗତ ଦ୍ୱିତୀୟ ବିଜୟ ହାସଲ କରିଛି। ଆରୋଜ ବିପକ୍ଷରେ ବିଜୟ ଫଳରେ ପଞ୍ଜାବ ଏଫସି ପଏଣ୍ଟ ଟେବୁଲର ଦ୍ୱିତୀୟକୁ ଉନ୍ନୀତ ହୋଇଥିବାବେଳେ ଏବେ ମଧ୍ୟ ବିଜୟ ସନ୍ଧାନରେ ଥିବା ଆରୋଜ ୧୦ମ ସ୍ଥାନରେ ରହିଛି।

ପିଭିଆର ମୂର୍ତ୍ତି କ୍ରିକେଟ

# ସିଡିଏ ଡିଏଭି ଚାମ୍ପିୟନ



ଅତିଥିଙ୍କ ଗହଣରେ ଚାମ୍ପିୟନ ସିଡିଏ ଡିଏଭି ଦଳ।

**କଟକ ଅଫିସ,୧୬।୧୨:** ୟୁନିୟନ ସ୍ପୋର୍ଟିଂ କ୍ଲବ ଆନୁକୂଲ୍ୟରେ ବୋଷ ଗ୍ରାଉଣ୍ଡରେ ଅନୁଷ୍ଠିତ ୧୪ତମ ପିଭିଆର ମୂର୍ତ୍ତି ସ୍ମାରକୀ ଆନ୍ତଃ ବିଦ୍ୟାଳୟ କ୍ରିକେଟ ଟୁର୍ନାମେଣ୍ଟରେ କିସ୍‌କୁ ୬ ଉଇକେଟରେ ପରାସ୍ତ କରି ସିଡିଏ ଡିଏଭି ସ୍କୁଲ ଚାମ୍ପିୟନ ହୋଇଛି।

୨୫ ଓଭର ବିଶିଷ୍ଟ ଫାଇନାଲ୍‌ରେ ପ୍ରଥମେ ବ୍ୟାଟିଂ କରି କିସ୍ ୯୯ରନରେ ଅଲଆଉଟ ହୋଇଥିଲା। ଡିଏଭି ପକ୍ଷରୁ ସୌରଭ ୪ ଉଇକେଟ ଦଖଲ କରିଥିଲେ। ୨୩.୧ ଓଭରରେ ୪ ଉଇକେଟ ହରାଇ ଡିଏଭି ବିଜୟୀ ହୋଇଥିଲା। ସାଇଦୀପ ମହାପାତ୍ର ସର୍ବାଧିକ ୩୩ରନ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ପୂର୍ବତନ ଅନ୍ତର୍ଜାତୀୟ ଖେଳାଳି ଟି.ଏ. ଶେଖର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଆନ୍ତଃ ବିଦ୍ୟାଳୟ ଓ ଆନ୍ତଃ କ୍ଲବ ଟୁର୍ନାମେଣ୍ଟର ଶ୍ରେଷ୍ଠ ଖେଳାଳିଙ୍କୁ ପୁରସ୍କୃତ କରାଯାଇଥିଲା। ଆନ୍ତଃ କ୍ଲବ ଟୁର୍ନାମେଣ୍ଟର ଚାମ୍ପିୟନ ୟୁନିୟନ ସ୍ପୋର୍ଟିଂ ଦଳକୁ ଟ୍ରଫି ସମେତ ୨୫ହଜାର ଟଙ୍କା, ରନର୍ସଅପ ଜୁଭେନାଇଲ କ୍ଲବକୁ ଟ୍ରଫି ସମେତ ୧୫ହଜାର ଟଙ୍କା ଦିଆଯାଇଥିଲା। ବିଜେନ୍ଦ୍ର ପ୍ରତାପ ଶ୍ରେଷ୍ଠ ବୋଲର, ରାମଚନ୍ଦ୍ର ବେହେରା ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ, ତପେନ୍ଦ୍ର ସିଂ ମ୍ୟାନ ଅଫ ଦି ଫାଇନାଲ, କାମେଶ୍ୱର ବାରିକ ମ୍ୟାନ ଅଫ ଦି ଟୁର୍ନାମେଣ୍ଟ ହୋଇଥିଲେ। ଆନ୍ତଃ ବିଦ୍ୟାଳୟ କ୍ରିକେଟରେ ସିଡିଏ ଡିଏଭିକୁ ଚାମ୍ପିୟନ, କିସ୍‌କୁ ରନର୍ସଅପ ଟ୍ରଫି ଦିଆଯାଇଛି। ଅରବିନ୍ଦ ମହାପାତ୍ର ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ, ନଦୀମ ଖାନ ଶ୍ରେଷ୍ଠ ବୋଲର, ସୌରଭ ସ୍ୱାଇଁ ମ୍ୟାନ ଅଫ ଦି ଫାଇନାଲ, ସାଇଦୀପ ମହାପାତ୍ର ମ୍ୟାନ ଅଫ ଦି ଟୁର୍ନାମେଣ୍ଟ ହୋଇଛନ୍ତି। ସାଇଦୀପଙ୍କୁ ଏକ ମୋଟର ବାଇକ୍ ପୁରସ୍କାର ସ୍ୱରୂପ ଦିଆଯାଇଛି।

ଉଦ୍‌ଯାପନୀ ଉତ୍ସବରେ ଡ.ହୃଦାନନ୍ଦ ମିଶ୍ର ମୁଖ୍ୟବକ୍ତା, ସଞ୍ଜୀବ ଦତ୍ତ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଜୟ କୁମାର ଦାସ, ଡ.ରାଜେଶ ଡୋରା, ବିସିସିଆଇର ପୂର୍ବତନ ଉପସଭାପତି ପ୍ରଭାତ ମିଶ୍ର, ବୋଷ କଲେଜ ଅଧ୍ୟକ୍ଷ ଜ୍ଞାନ ରଞ୍ଜନ ରାୟ, ନବରଞ୍ଜନ ପଟ୍ଟନାୟକ, ତଡ଼ିତ ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ୟୁନିୟନ ସ୍ପୋର୍ଟିଂ କ୍ଲବ ସମ୍ପାଦକ ପ୍ରଦୀପ ଚୌହାନ ଅଧ୍ୟକ୍ଷତା କରିଥିବା ବେଳେ ନିଶାନ୍ତ ମାଜିଥିଆ ଧନ୍ୟବାଦ ଅର୍ପଣ କରିଛନ୍ତି।

## ୱେଷ୍ଟଇଣ୍ଡିଜ ଖେଳାଳିଙ୍କ ମ୍ୟାଚ୍ ଫି' କଟିଲା

**ଚେନ୍ନାଇ,୧୬।୧୨(ପି.ଟି.):** ଏଠାରେ ଅନୁଷ୍ଠିତ ମ୍ୟାଚ୍‌ରେ ୱେଷ୍ଟଇଣ୍ଡିଜ ଦଳ ସହଜରେ ଘରୋଇ ଭାରତୀୟ ଦଳକୁ ହରାଇ ଦେଇଛି। ମାତ୍ର ଧୀମା ବୋଲିଂ ହାର ପାଇଁ ଭ୍ରମଣକାରୀ ଦଳର ଖେଳାଳିଙ୍କ ମ୍ୟାଚ୍ ଫି' ୮୦ ପ୍ରତିଶତ କାଟ୍ କରାଯାଇଛି। ଆଇସିସି ମ୍ୟାଚ୍ ରେଫରିଙ୍କ ଏଲିଟ ପ୍ୟାନେଲ ସଦସ୍ୟ ଡେଭିଡ୍ ବୁନ୍ ଏହି ଦଣ୍ଡାଦେଶ ଲଗାଇଛନ୍ତି। କିରନ ପୋଲାର୍ଡଙ୍କ ନେତୃତ୍ୱାଧୀନ ଦଳ ଧାର୍ଯ୍ୟ ସମୟ ସୁଦ୍ଧା ୪ ଓଭର କମ୍ ବୋଲିଂ କରିଥିଲେ। ପୋଲାର୍ଡ ଦୋଷ ସ୍ୱୀକାର କରି ନେଇଥିବାରୁ କୌଣସି ଶୁଣାଣିର ଆବଶ୍ୟକତା ନାହିଁ।

ମନେ ପଡ଼ନ୍ତି

ଷଷ୍ଠ ଶ୍ରାଦ୍ଧବାର୍ଷିକୀ
"ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି, ନୈନଂ ଦହତି ପାବକଃ
ନ ଚୈନଂ କ୍ଲେଦୟନ୍ତ୍ୟାପୋ, ନ ଶୋଷୟତି ମାରୁତଃ"



୰ ଅନୁପମା ସାହୁ
ସ୍ୱାମୀ - ୰ ମଦନମୋହନ ସାହୁ
ସହଯୋଗନଗର, ବୁଢ଼ାରଜା, ସମ୍ବଲପୁର
ତିରୋଧାନ : ୧୭.୧୨.୨୦୧୩
ମାଆ,
ଜୀବନର ଋଣ ଶୁଝି ଆରପାରିକୁ ଚାଲିଗଲ। ତୁମର ଅନାବିଳ ସ୍ନେହ, ଶ୍ରଦ୍ଧା, ନିଷ୍ଠା ଓ କର୍ତ୍ତବ୍ୟପରାୟଣତା ଆମର ପାଥେୟ ହେଉ।
ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ପାଇଁ ପ୍ରଭୁ ଶ୍ରୀଜଗନ୍ନାଥ ଓ ମା' ସମଲାଇଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ ପରିବାରବର୍ଗ, ବନ୍ଧୁ ଓ ପରିଜନ
ଧ-୧୫୭୬୬

ପ୍ରଥମ ଶ୍ରାଦ୍ଧବାର୍ଷିକୀ
ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତା ଗୀତାଞ୍ଜଳି ଖୁଣ୍ଟିଆ
ବଡ଼ଗଡ଼, ଭୁବନେଶ୍ୱର
ଆପଣଙ୍କ ସ୍ନେହ, ଶ୍ରଦ୍ଧା ଓ ଆଶୀର୍ବାଦ ଆମକୁ ସର୍ବଦା ଦିଗ୍‌ଦର୍ଶନ ଦେଉଥାଉ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ:
ଦେବେନ୍ଦ୍ର ଖୁଣ୍ଟିଆ, ହରିହର ସ୍ୱାଇଁ, ସୁରେନ୍ଦ୍ର ଖୁଣ୍ଟିଆ, ପୁଅ: ପ୍ରିୟବ୍ରତ ଖୁଣ୍ଟିଆ (ପିଣ୍ଟୁ), ବନ୍ଧୁ ଓ ପରିବାରବର୍ଗ।
ଧ-୪୬୨୭୧

ପ୍ରଥମ ଶ୍ରାଦ୍ଧବାର୍ଷିକୀ



୰ ଶଶୀରେଖା ସେନାପତି
ଆର୍ବିଭାବ : ୩୦ ଅକ୍ଟୋବର ୧୯୬୦
ତିରୋଧାନ : ୨୭ ଡିସେମ୍ବର ୨୦୧୮
ଅଜୋ ନିତ୍ୟ ଶାଶ୍ୱତୋଽୟଂ ପୁରାଣୋ
ନ ହନ୍ୟତେ ହନ୍ୟମାନେ ଶରୀରେ....
ତୁମ ସ୍ମୃତି କେବେ ନୁହେଁ ଭୁଲିବାର,
ଅହରହ କରେ ହୃଦୟ ଅଧୀର
ତୁମ ହାତଗଢ଼ା ତୁମରି ସଂସାର,
ତୁମ ଆଶିଷରେ ହୁଏ ଅଗ୍ରସର
ଶାନ୍ତିରେ ତୁମେ ରୁହ ସର୍ଗଧାମେ,
ଏତିକି ପ୍ରାର୍ଥନା ପ୍ରଭୁଙ୍କ ଚରଣେ।
-: ଶୋକସନ୍ତପ୍ତ :-
Shreemandir
ଶ୍ରୀମନ୍ଦିର ପରିବାର ଏବଂ ଆତ୍ମୀୟସ୍ୱଜନ
ଧ-୫୩୬୪୬

ଦଶାହ ଉପଲକ୍ଷେ



ସ୍ୱର୍ଗତ ଭାଗବତ ବେହେରା
କଣ୍ଟିଲୋ, ସୁନ୍ଦରପଦା, ଭୁବନେଶ୍ୱର
ଆବିର୍ଭାବ: ୧୮।୧୧।୧୯୩୦
ତିରୋଧାନ: ୦୮।୧୨।୨୦୧୯
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ
ବିନମ୍ର ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ:
ପରିବାରବର୍ଗ ଓ ବନ୍ଧୁବାନ୍ଧବ
ଧ-୬୭୨୬୫

ପଞ୍ଚମ ଶ୍ରାଦ୍ଧବାର୍ଷିକୀ



ସ୍ୱର୍ଗତ ଚକ୍ରଧର ନନ୍ଦ
ରାଣୀପଡ଼ା, ସାଲେପୁର
ଆବିର୍ଭାବ: ୧୬।୦୩।୧୯୩୪
ତିରୋଧାନ: ୧୨।୧୨।୨୦୧୪
ତୁମର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଠାରେ ପ୍ରଣାମ ଜଣାଉଛୁ।
ଶ୍ରଦ୍ଧାଞ୍ଜଳି ସହ:
ବନ୍ଧୁ ଓ ପରିବାରବର୍ଗ।
ଧ-୧୫୭୭୦

ସପ୍ତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ



୰ ଅନୁପମା ସାହୁ
ଆବିର୍ଭାବ: ୧୭.୧୨.୧୯୪୨
ତିରୋଧାନ: ୧୭.୧୨.୨୦୧୩
ମାଆ, ତୋର ସପ୍ତମ ଶ୍ରାଦ୍ଧ ବାର୍ଷିକୀରେ ମୋର ଅଶ୍ରୁଳ ଶ୍ରଦ୍ଧାଞ୍ଜଳି। ଈଶ୍ୱରଙ୍କ ଠାରେ ପ୍ରାର୍ଥନା ତୁ ଓ ବାପା ଯେଉଁଠିବି ଥାଅ ଭଲରେ ଥାଅ।
ତୋର ହତଭାଗା ବାବୁ (ପୁତ୍ର)
ଧ-୧୫୭୬୯

# ୫ ହଜାର ଟିକେଟ୍ କିଣିଲେ ଅନୁବନ୍ଧିତ ସଂଘ

**କଟକ ଅଫିସ,୧୬।୧୨**

ଭାରତ-ୱେଷ୍ଟଇଣ୍ଡିଜ ଦିନିକିଆ ଅନ୍ତର୍ଜାତୀୟ କ୍ରିକେଟ ମ୍ୟାଚ ପାଇଁ ସୋମବାରଠାରୁ ଓସିଏ ସହ ଅନୁବନ୍ଧିତ ୟୁନିଟଗୁଡ଼ିକୁ ଟିକେଟ୍ ବିକ୍ରି କରାଯାଇଛି। ଦୁଇ ଦିନ ଧରି ହେବାକୁ ଥିବା ଏହି ପ୍ରକ୍ରିୟାର ପ୍ରଥମ ଦିନରେ ପ୍ରାୟ ୫ହଜାର ଟିକେଟ୍ ବିକ୍ରି ହୋଇଥିବା ଜଣାପଡ଼ିଛି। ୧୬ଟି ଜିଲା, ୧୪ଟି କ୍ଲବ, ୧୩ଟି ସ୍କୁଲ ଓ କଲେଜ ଟିକେଟ କିଣି ସାରିଛନ୍ତି। ବଳକା ଅନୁବନ୍ଧିତ ୟୁନିଟ୍ ଗୁଡ଼ିକ ପାଇଁ ମଙ୍ଗଳବାର ରହିଛି ଅନ୍ତିମ ଦିବସ। ଅନୁବନ୍ଧିତ ୟୁନିଟଗୁଡ଼ିକ ପାଇଁ ମୋଟ୍ ୮୯୪୬ଟି ଟିକେଟ ରଖାଯାଇଛି। ଜିଲାଗୁଡ଼ିକୁ ୧୦୮ଟି ଟିକେଟ ବିକ୍ରି କରାଯାଉଥିବା ବେଳେ କ୍ଲବ, ସ୍କୁଲ, କଲେଜକୁ ୮୮ଟି ଲେଖାଏ ଟିକେଟ୍ ବିକ୍ରି କରାଯାଉଛି। ଅନ୍ୟପକ୍ଷରେ ବିସିସିଆଇର ମୁଖ୍ୟ ପିଚ୍ କ୍ୟୁରେଟର ଆଶିଷ ଭୌମିକ୍ ସୋମବାର ଷ୍ଟାଡିୟମ ପରିଦର୍ଶନ ସହ ପିଚ୍‌ର ସ୍ଥିତି ପରଖିଛନ୍ତି। ପିଚ୍ କ୍ୟୁରେଟର ପଙ୍କଜ ପଟ୍ଟନାୟକ ଉପସ୍ଥିତ ଥିଲେ।

**ବାରବାଟୀ ଦିନିକିଆ ଆଉ ୫ ଦିନ**



ସୋମବାର ପିଚ୍ ପରିଦର୍ଶନ ଅବସରରେ ବିସିସିଆଇର ମୁଖ୍ୟ ପିଚ୍ କ୍ୟୁରେଟର ଆଶିଷ ଭୌମିକ୍ (ଡାହାଣ)।

### ଟିକେଟ୍ ସଙ୍କଟ

ଟିକେଟ୍ ସଙ୍କଟ ସବୁଠି ଦେଖିବାକୁ ମିଳିଛି। ଗ୍ୟାଲେରି ନଂ-୭ ବାଦ୍ ପଡ଼ିବା ପରେ ୫ହଜାର ଟିକେଟ୍ କମିଛି। ଯାହା ଫଳରେ ସମସ୍ତ ସ୍ତରରେ ଟିକେଟକୁ ନେଇ ଟଣାଓଟରା ଚାଲିଛି। ପୂର୍ବରୁ ଅନଲାଇନ ଟିକେଟ ମାତ୍ର ଏକ ଘଣ୍ଟାରେ ଶେଷ ହୋଇ ଯାଇଥିଲା। ଏବେ ଅନୁବନ୍ଧିତ ୟୁନିଟ ଗୁଡ଼ିକ ମଧ୍ୟ ଅଧିକ ଟିକେଟ କିଣିବା ନିମନ୍ତେ ନିବେଦନ କରୁଥିବା ଦେଖିବାକୁ ମିଳିଥିଲା। ଆବଶ୍ୟକଠାରୁ କମ୍ ପରିମାଣର ଟିକେଟ ଦିଆଯାଉଛି ବୋଲି ଏକ ଜିଲା ସଂଘର ସଦସ୍ୟ କହିଛନ୍ତି। ଆଗାମୀ ଦିନରେ କାଉଣ୍ଟରରେ ହେବାକୁଥିବା ଟିକେଟ୍ ବିକ୍ରିରେ ଏହି ସଙ୍କଟ ବଳବତ୍ତର ରହିବ ବୋଲି ଆଶଙ୍କା କରାଯାଉଛି।

### ଗ୍ୟାଲେରିରେ ପୋଲିସ ଟିମ୍

ପ୍ରତ୍ୟେକ ଗ୍ୟାଲେରିରେ ପୋଲିସର ଏକ ସ୍ୱତନ୍ତ୍ର ଟିମ ଜଗିବ ବୋଲି ଡିସିପି ଅଖିଳେଶ୍ୱର ସିଂ କହିଛନ୍ତି। ବିଶୃଙ୍ଖଳିତ ଦର୍ଶକଙ୍କ ଉପରେ ପୋଲିସର କଡ଼ା ଆଭିମୁଖ୍ୟ ରହିବ। ଏହାଛଡ଼ା ମହିଳା ଓ ନାବାଳିକା, ନାବାଳକମାନଙ୍କ ପ୍ରତି ବିଶେଷ ଦୃଷ୍ଟି ଦିଆଯିବ ବୋଲି ଡିସିପି ସିଂ କହିଛନ୍ତି। ଟଏଲେଟ୍ ବ୍ୟବସ୍ଥା ପ୍ରତି ମଧ୍ୟ ଡିସିପି ଗୁରୁତ୍ୱାରୋପ କରିଛନ୍ତି। ଦର୍ଶକ କିପରି କୌଣସି ସମସ୍ୟା ନ ଭୋଗିବେ ସେଥି ନିମନ୍ତେ ପୋଲିସ ସଜାଗ ରହିବ ବୋଲି ଡିସିପି କହିଛନ୍ତି।

### ଆର୍‌ଡିସିଙ୍କ ସମୀକ୍ଷା

କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ (ଆର୍‌ଡିସି) ଅନିଲ କୁମାର ସାମଲ ଷ୍ଟାଡିୟମ ପରିଦର୍ଶନ କରି ପ୍ରସ୍ତୁତି ବ୍ୟବସ୍ଥାର ସମୀକ୍ଷା କରିଛନ୍ତି। ଆସନ୍ତା ମ୍ୟାଚ ପାଇଁ ସିଏମ୍‌ସି ପକ୍ଷରୁ ଷ୍ଟାଡିୟମ ନିକଟସ୍ଥ ରାସ୍ତା ଘାଟ ସଫାସୁତୁରା ରଖିବା, ଆଲୋକ ସଜା ବ୍ୟବସ୍ଥା କରାଯିବା ସହିତ ପାର୍କିଂ ସ୍ଥଳରେ ଆବଶ୍ୟକ ଲାଇଟ ଓ ଫ୍ଲଡ୍ ଲାଇଟ ବ୍ୟବସ୍ଥା କରିବାକୁ କୁହାଯାଇଛି। ସେହିପରି ଷ୍ଟାଡିୟମର ସୌନ୍ଦର୍ଯ୍ୟକରଣ, ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପିଇବା ପାଣିର ବ୍ୟବସ୍ଥା ସହ ବାୟୋ ଶୌଚାଳୟ ଓ ମ୍ୟାଚ ସମୟରେ ଗ୍ୟାଲେରିରେ ଓସିଏ ପକ୍ଷରୁ ବିଶୋଧିତ ପିଇବା ପାଣିର ବ୍ୟବସ୍ଥା କରାଯିବା ନେଇ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କୁ ଆର୍‌ଡିସି ନିର୍ଦ୍ଦେଶ ଦେଇଛନ୍ତି। ଷ୍ଟାଡିୟମକୁ ଯାଉଥିବା ରାସ୍ତାର ଆବଶ୍ୟକ ମରାମତି ପାଇଁ ପୂର୍ତ୍ତ ବିଭାଗକୁ ନିର୍ଦ୍ଦେଶ ଦେବା ସହ ଉପରୋକ୍ତ ସମସ୍ତ ବ୍ୟବସ୍ଥାର ଅଗ୍ରଗତି ସମ୍ବନ୍ଧରେ ଆର୍‌ଡିସି ସମୀକ୍ଷା କରିଛନ୍ତି।



ଅନୁବନ୍ଧିତ ୟୁନିଟ୍‌କୁ ଟିକେଟ ବିକ୍ରି କରାଯାଉଛି।

ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୨୦ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ମଙ୍ଗଳବାର, ଡିସେମ୍ବର ୧୭/୨୦୧୯ Bhubaneswar, Tuesday, December 17/2019

**ଘରୋଇ କ୍ଲିନିକ୍‌ରେ ଗୁଳିକାଣ୍ଡ**

# ଆଖି ବୁଜିଲେ ଔଷଧ ଦୋକାନୀ

**ଖୋର୍ଦ୍ଧା ଅଫିସ,୧୬।୧୨**

- ଭେଣ୍ଟିଲେଟରରେ ଡାକ୍ତର
- ଅଭିଯୁକ୍ତଙ୍କୁ ଧରିବାକୁ ୪ ଟିମ୍ ଗଠିତ
- ଜିଲା ସଦର ମହକୁମା ଔଷଧ ଦୋକାନ ବନ୍ଦ
- ୧୮ରେ ଆନ୍ଦୋଳନ ଡାକରା


କୃଷ୍ଣଚନ୍ଦ୍ର ସାହୁ




ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟ ନିକଟ ବଡଶଙ୍ଖସ୍ଥିତ ଏକ ଘରୋଇ କ୍ଲିନିକ୍‌ରେ ଡାକ୍ତର ଓ ଔଷଧ ଦୋକାନୀଙ୍କୁ ଗୁଳିମାଡ଼ ଘଟଣାର ୨୪ ଘଣ୍ଟା ପରେବି ପୋଲିସ ହାତ ଖାଲି ରହିଛି। ଅନ୍ୟପକ୍ଷରେ ଆହତ ଔଷଧ ଦୋକାନୀ କୃଷ୍ଣଚନ୍ଦ୍ର ସାହୁ ଓରଫ ସନ୍ତୋଷ ରବିବାର ରାତିରେ ଭୁବନେଶ୍ୱରସ୍ଥ ଏକ ଘରୋଇ ହସ୍ପିଟାଲରେ ଆଖି ବୁଜିଛନ୍ତି। ଶିଶୁରୋଗ ବିଶେଷଜ୍ଞ ଡା. ମାନସ ଦାସଙ୍କୁ ଭେଣ୍ଟିଲେଟରରେ ରଖାଯାଇ ଚିକିତ୍ସା କରାଯାଉଛି। ଅଭିଯୁକ୍ତଙ୍କୁ ଧରିବାକୁ ପୋଲିସ ୪ ଟିମ୍ ଗଠନ କରିଛି। ଔଷଧ ଦୋକାନୀ ସନ୍ତୋଷଙ୍କ ମୃତ୍ୟୁରେ ସମବେଦନା ଜଣାଇ ସୋମବାର ଜିଲା ସଦର ମହକୁମାର ଔଷଧ ଦୋକାନ ବନ୍ଦ ରହିଥିଲା। ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରା ନ ଗଲେ ୧୮ ତାରିଖରେ ଖୋର୍ଦ୍ଧା କେମେଷ୍ଟ ଓ ଡ୍ରଗିଷ୍ଟ ଆସୋସିଏଶନ ଆନ୍ଦୋଳନ କରିବ ବୋଲି ଚେତାବନୀ ଦେଇଛି। ସେହିପରି ରାଜ୍ୟ ବ୍ୟାପୀ ଅନିର୍ଦ୍ଦିଷ୍ଟ କାଳ ଯାଏ ଔଷଧ ଦୋକାନ ବନ୍ଦ କରାଯିବାକୁ ଚେତାବନୀ ଦେଇଛି ଉତ୍କଳ କେମେଷ୍ଟ ଓ ଡ୍ରଗିଷ୍ଟ ଆସୋସିଏଶନ। ଏନେଇ ଉଭୟ ଆସୋସିଏଶନ ପକ୍ଷରୁ ଜିଲାପାଳ, ଏସ୍‌ପି ଓ ଖୋର୍ଦ୍ଧା ଡ୍ରଗ୍ସ ଇନ୍ସପେକ୍ଟରଙ୍କୁ ଅବଗତ କରାଯାଇଛି।

ଗୁଳିକାଣ୍ଡ ନେଇ କେନ୍ଦ୍ରାଞ୍ଚଳ ଆଇଜି ସୌମେନ୍ଦ୍ର ପ୍ରିୟଦର୍ଶୀ କୁହନ୍ତି, ଘଟଣାସ୍ଥଳକୁ ତନ୍ନ ତନ୍ନ କରି ପରୀକ୍ଷା କରାଯାଇଛି। ସିସିଟିଭି ଫୁଟେଜ୍ ଯାଞ୍ଚରେ ଜଣାଗଲା, ଅଭିଯୁକ୍ତ ଗୁଳିମାଡ଼ କରିବା ପରେ ବିନା ଭୟରେ ଚାଲି ଚାଲି ଯାଇଛି। ଗୁଳିକାଣ୍ଡ ସମୟରେ କ୍ଲିନିକ୍‌ରେ ଆଉ କେତେଜଣ ଲୋକ ବି ଥିଲେ। ସେମାନଙ୍କୁ ବି ପଚରାଯିବ। ଗଠିତ ୪ଟି ପୋଲିସ ଟିମ୍ ଭୁବନେଶ୍ୱର, ନୟାଗଡ, ବ୍ରହ୍ମପୁର ଓ ଖୋର୍ଦ୍ଧା ଅଞ୍ଚଳରେ ତଦନ୍ତ କରୁଛି। କ୍ଲିନିକ୍ ସଂଲଗ୍ନ ରାସ୍ତା ପାଖରେ ଆଉ କେଉଁଠି ସିସିଟିଭି କ୍ୟାମେରା ରହିଛି ତା'ର ଯାଞ୍ଚ ଚାଲିଛି। ପ୍ରାୟ ୨ଟି ସ୍ଥାନର ସିସିଟିଭି ଫୁଟେଜ୍ କଢ଼ାଯାଇଛି। ଗୁଳିକାଣ୍ଡର କାରଣ ଜଣାପଡ଼ିନାହିଁ। ଡାକ୍ତର ଦାସ ଗୁରୁତର ଅବସ୍ଥାରେ ଚିକିତ୍ସିତ ହେଉଛନ୍ତି। ସେ ସୁସ୍ଥ ହେବା ପରେ ତାଙ୍କୁ ଘଟଣା ସମ୍ପର୍କରେ ପଚରାଯିବ। ଅତୀତରେ ଡାକ୍ତର ଦାସ ଏହି ଜିଲା ମୁଖ୍ୟ ଚିକିତ୍ସାଳୟରେ ଥିଲେ। ତାଙ୍କର ଲୋକପ୍ରିୟତା ଥିଲା। ତାଙ୍କ ସ୍ତ୍ରୀଙ୍କ ବୟାନ ଅନୁସାରେ ଡାକ୍ତର ଦାସଙ୍କ କାହା ସହ ଝଗଡ଼ା ନ ଥିଲା। ତେଣୁ ବିଭିନ୍ନ ଦିଗକୁ ଆଧାର କରି କାରଣ ଖୋଜାଯାଉଛି। ଜମିଜମା, ପାରିବାରିକ ବିବାଦ, ଚିକିତ୍ସାରେ ଅବହେଳା ବା ତ୍ରୁଟି, ପ୍ରତିଶୋଧ ପରାୟଣ କି ଅନ୍ୟ କିଛି ଶତ୍ରୁତା ରହିଛି ତା'ର ତଦନ୍ତ ଚାଲିଛି।

ଏସ୍‌ପି ଅଜେୟ ପ୍ରତାପ ସ୍ୱାଇଁ କୁହନ୍ତି, ୪ଟି ଟିମ୍‌ରେ ୨ ଅତିରିକ୍ତ ଏସ୍‌ପି, ୨ ଡିଏସ୍‌ପି ତଦନ୍ତ କରୁଛନ୍ତି। ଗୋଟିଏ ଟିମ୍ ଭୁବନେଶ୍ୱରରେ ଅଛନ୍ତି। ଆହତ ଓ ତାଙ୍କ ସମ୍ପର୍କୀୟଙ୍କଠାରୁ ସୂଚନା ପାଇବା ପାଇଁ ଟିମ୍ ଉଦ୍ୟମ ଜାରି ରଖିଛି।୨ୟ ଟିମ୍ ଅତିରିକ୍ତ ଏସ୍‌ପିଙ୍କ ନେତୃତ୍ୱରେ ନୟାଗଡ, ରଣପୁର ଯାଇଛି। ଭିଡିଓ ଫୁଟେଜକୁ ଦେଖାଇ ଅଭିଯୁକ୍ତଙ୍କୁ ଚିହ୍ନଟ କରିବାକୁ ଚେଷ୍ଟା ଚାଲିଛି। ସୁପାରିକିଲର ଗୁଳିକାଣ୍ଡରେ ସମ୍ପୃକ୍ତି ଆଶଙ୍କାରେ ବ୍ରହ୍ମପୁରକୁ ଅନ୍ୟ ଏକ ଟିମ୍ ଯାଇଛି। ମୁଁ ନିଜେ ଖୋର୍ଦ୍ଧାରେ ଯାଞ୍ଚ କରୁଛି। ସମ୍ପର୍କୀୟ ଓ ଖୋର୍ଦ୍ଧା ସହରରେ ବିଭିନ୍ନ ବ୍ୟକ୍ତି ବିଶେଷଙ୍କ ସୂଚନା ଅନୁସାରେ ଡାକ୍ତର ଭଲ ଲୋକ ଥିଲେ। କାହା ସହ ତାଙ୍କର ଝଗଡ଼ା ନ ଥିଲା। ସିସିଟିଭି ଯାଞ୍ଚ ପରେ ହତ୍ୟାକାରୀ ନୟାଗଡ ପାର୍ଶ୍ୱ ବାଘମାରି ଯାଇଥିବା ଜଣାପଡ଼ିଛି। କିଛି ଫୁଟେଜରେ ହତ୍ୟାକାରୀ ପରି ଜଣେ ଲୋକ ବାଘମାରି ଆଡ଼କୁ ବାଇକରେ ଯାଉଛି। ତେବେ ହତ୍ୟାକାରୀଙ୍କ ପରି ତାଙ୍କ ମୁହଁରେ ମଙ୍କି କ୍ୟାପ କି କାନ୍ଧରେ ବ୍ୟାଗ ଝୁଲୁ ନ ଥିଲା। ଏହି ଫୁଟେଜକୁ ଯାଞ୍ଚ ପାଇଁ ଭୁବନେଶ୍ୱର ପଠାଯାଇଛି। ଜଣେ ଡିଏସ୍‌ପି ଏହାର ତଦନ୍ତ କରୁଛନ୍ତି। ଔଷଧ ଦୋକାନୀ ସନ୍ତୋଷ ଡାକ୍ତରଙ୍କ ବିଶ୍ୱସ୍ତ ଓ ସ୍ଥାନୀୟ ଲୋକ ଥିଲେ। ତାଙ୍କର ମୃତ୍ୟୁ ଘଟିଛି। ୩ ରାଉଣ୍ଡ ଖୋକା ଜବତ କରିଛୁ। ଡାକ୍ତରଙ୍କ ଦେହରେ ୨ଟି ଓ ସନ୍ତୋଷଙ୍କ ଦେହରେ ଗୋଟିଏ ଗୁଳି ବାଜିଥିବା ପ୍ରମାଣ ମିଳିଛି।

**ଭାଜପାର ସାଙ୍ଗଠନିକ ନିର୍ବାଚନ**

# ବାକି ରହିଲା ୩ ଜିଲା ସଭାପତି ଚୟନ

**ଭୁବନେଶ୍ୱର,୧୬।୧୨(ବ୍ୟୁରୋ)**

ଭାଜପାର ରାଜ୍ୟ ସାଙ୍ଗଠନିକ ନିର୍ବାଚନ ପ୍ରକ୍ରିୟାରେ ଗତି ଦେଖିବାକୁ ମିଳିଛି। ଦଳ ପକ୍ଷରୁ ନିର୍ଦ୍ଧାରିତ ହୋଇଥିବା ସମୟ ସୁଦ୍ଧା ଯଦିଓ ଜିଲା ସଭାପତି ଚୟନ ପ୍ରକ୍ରିୟା ଶେଷ ହୋଇନାହିଁ ତଥାପି ଅଧିକାଂଶ କାମ ଶେଷ ହୋଇଯାଇଥିବା ଜଣାପଡିଛି। ରବିବାର ସୁଦ୍ଧା ଭାଜପାର ୩୬ ସାଙ୍ଗଠନିକ ଜିଲା ମଧ୍ୟରୁ ୧୭ଟିରେ ସଭାପତି ଚୟନ ଶେଷ ହୋଇଥିଲା। ଏହି କ୍ରମରେ ସୋମବାର ବାକି ୧୯ ଜିଲା ମଧ୍ୟରୁ ୧୬ଟିରେ ଶେଷ ହୋଇସାରିଥିବା ସୂଚନା ମିଳିଛି। ବାକି ୩ଟି ସାଙ୍ଗଠନିକ ଜିଲା ଭୁବନେଶ୍ୱର, ସୁବର୍ଣ୍ଣପୁର ଏବଂ ବଲାଙ୍ଗୀର ପାଇଁ ସଭାପତି ଚୟନ ଶେଷ ହୋଇନାହିଁ। ଏହି ଜିଲାଗୁଡିକ ପାଇଁ କାଗଜପତ୍ର କାମ ଶେଷ ହୋଇ ନ ଥିବା ଯୋଗୁ ସଭାପତି ଚୟନ ହୋଇପାରି ନ ଥିବା ସୂଚନା ମିଳିଛି। ଆସନ୍ତା ୧୮ ତାରିଖରେ ସୁବର୍ଣ୍ଣପୁର ଏବଂ ବଲାଙ୍ଗୀର ଜିଲା ସଭାପତି ଚୟନ ଶେଷ ହେବାକୁ ଥିବାବେଳେ ଭୁବନେଶ୍ୱର ପାଇଁ ସମୟ ଚୂଡାନ୍ତ ହୋଇନାହିଁ। ଏମ୍‌ପି ଅପରାଜିତା ଷଡଙ୍ଗୀ ଅନୁପସ୍ଥିତ ରହିବା କାରଣରୁ ଭୁବନେଶ୍ୱର ପାଇଁ ସଭାପତି ଚୟନରେ ବିଳମ୍ବ ହେଉଥିବା ଭାଜପାର ଜଣେ ନେତା ସୂଚନା ଦେଇଛନ୍ତି। କିନ୍ତୁ ଦଳୀୟ ସୂତ୍ରରୁ ମିଳିଥିବା ସୂଚନା ମୁତାବକ, ଭୁବନେଶ୍ୱର ସାଙ୍ଗଠିକ ଜିଲା ପାଇଁ ସଭାପତି ଚୟନ ପ୍ରକ୍ରିୟାରେ ନେତାଙ୍କ ମଧ୍ୟରେ ସହମତି ପ୍ରକାଶ ପାଇପାରୁନାହିଁ। କିଛିଦିନ ତଳେ ଭୁବନେଶ୍ୱର ଜିଲା ସଭାପତି ହରେକୃଷ୍ଣ ଖୁଣ୍ଟିଆଙ୍କ ଉପରକୁ କରାଯାଇଥିବା ଆକ୍ରମଣ ଘଟଣା ଏହାର ଉଦାହରଣ। ସ୍ଥାନୀୟ ଏମ୍‌ପି ଏବଂ ଦଳକୁ ନିଜ ନିୟନ୍ତ୍ରଣରେ ରଖିବାକୁ ଚାହୁଁଥିବା ଜଣେ ନେତାଙ୍କ ଗୋଷ୍ଠୀ ମଧ୍ୟରେ ବର୍ତ୍ତମାନ ପତିଆରାର ଲଢେଇ ଆରମ୍ଭ ହୋଇଯାଇଛି। ଏଥିଲାଗି ଦଳ ଭିତରେ ସାମାନ୍ୟ କେଁ ରହିଛି ବୋଲି ସେ କହିଛନ୍ତି। ସେହିପରି ଏହି ମାସ ଶେଷସୁଦ୍ଧା ଦଳର ରାଜ୍ୟ ସଭାପତି ଚୟନ ଶେଷ ହେବାକୁ ଥିବାବେଳେ ଏହି ପଦବୀ ପାଇଁ ମଧ ଲବି, ଦାବି ଜୋର୍ ଧରିବାରେ ଲାଗିଛି। ଏଥିପାଇଁ ଅନେକଙ୍କ ନାମ ଆଗକୁ ଆସୁଥିବା ବେଳେ ସଭାପତି କାହାକୁ କରାଯିବ ସେନେଇ ଗୋଟିଏ ଗୋଷ୍ଠୀ ଚୂଡାନ୍ତ କରି କେବଳ ଉପର ଦେଖାଣିଆ ଦଳୀୟ ପରମ୍ପରା କଥା ପ୍ରଚାର କରାଯାଉଥିବା ମଧ ଚର୍ଚ୍ଚା ଚାଲିଛି।

**ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦର**

# ଘନ କୁହୁଡ଼ି ଯୋଗୁ ଫେରିଗଲା ୫ ବିମାନ

**ଭୁବନେଶ୍ୱର, ୧୬।୧୨(ବ୍ୟୁରୋ)**



ବିଜୁପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରେ ସୋମବାର ସକାଳୁ ଘନ କୁହୁଡ଼ିରେ ଆଲୋକର ମାତ୍ରା କମ୍ ହୋଇଯିବା ଯୋଗୁ ବିମାନ ସେବା ପ୍ରଭାବିତ ହୋଇଛି। ସକାଳୁ ୩ଟି ଘରୋଇ ବିମାନ ଭୁବନେଶ୍ୱରରେ ଅବତରଣ ନ କରିପାରି କୋଲକାତାକୁ ମାର୍ଗ ପରିବର୍ତ୍ତନ କରି ଅବତରଣ କରିଥିବା ବେଳେ ୨ଟି ଉଡାଣ ଭରିଥିବା ସ୍ଥାନକୁ ଫେରିଯାଇଥିଲେ। ସକାଳ ୮ଟା ୪୦ରୁ ଦିଲ୍ଲୀରୁ ଆସୁଥିବା ଇଣ୍ଡିଗୋ ବିମାନ, ୮ଟା ୩୦ରେ ବେଙ୍ଗାଲୁରୁରୁ ଉଡାଣ ଭରିଥିବା ଏୟାର ଏସିଆ ବିମାନ ଓ ୯ଟା ୧୦ରେ ଦିଲ୍ଲୀରୁ ଆସୁଥିବା ଏୟାର ଇଣ୍ଡିଆ ବିମାନ ମାର୍ଗ ପରିବର୍ତ୍ତନ କରି କୋଲକାତାରେ ଅବତରଣ କରିଥିଲେ। ସେହିପରି ସକାଳ ୮ଟା ୫୦ରେ କୋଲକାତାରୁ ଆସୁଥିବା ଏୟାର ଏସିଆ ଓ ୯ଟା ୪୦ରେ ଆସୁଥିବା ଗୋ ଏୟାର ଘନ କୁହୁଡ଼ିରେ ଅବତରଣ ନ କରିପାରି କୋଲକାତାକୁ ଫେରିଯାଇଥିଲେ। ଦିଲ୍ଲୀରୁ ସକାଳ ୯ଟା ୫ରେ ଉଡାଣ ଭରିଥିବା ଭିସ୍ତାରା ଦେଢ଼ ଘଣ୍ଟା ବିଳମ୍ବରେ ଭୁବନେଶ୍ୱରରେ ଅବତରଣ କରିଥିଲେ। ଅନ୍ୟପଟେ ଭୁବନେଶ୍ୱରରୁ ଉଡାଣ ଭରିବାକୁ ଥିବା ବିମାନ ମଧ୍ୟ ବିଳମ୍ବରେ ଉଡାଣ ଭରିବାକୁ ବାଧ୍ୟ ହୋଇଥିଲେ। ମୁମ୍ବାଇକୁ ୮ଟା ୩୦ରେ ଛାଡ଼ିବାକୁ ଥିବା ଇଣ୍ଡିଗୋ ୧ ଘଣ୍ଟା ୨୦ ମିନିଟ୍ ବିଳମ୍ବ, ୮ଟା ୫୫ରେ ହାଇଦ୍ରାବାଦକୁ ଥିବା ଏୟାର ଏସିଆ ବିମାନ ୪ ଘଣ୍ଟା ବିଳମ୍ବ, ୯ଟା ୧୦ରେ ଦିଲ୍ଲୀ ଯିବାକୁ ଥିବା ଇଣ୍ଡିଗୋ ୫ ଘଣ୍ଟା ଓ ୯ଟା ୨୦ରେ ବେଙ୍ଗାଲୁରୁକୁ ଉଡାଣ ଭରିବାକୁ ଥିବା ଏୟାର ଏସିଆ ବିମାନ ସାଢ଼େ ୪ ଘଣ୍ଟା ବିଳମ୍ବରେ ଯାଇଥିଲା।

**ଭୁବନେଶ୍ୱର-ବେଙ୍ଗାଲୁରୁ ବିମାନ ବାତିଲ୍**

# ଯାତ୍ରୀଙ୍କୁ ଟଙ୍କା ଫେରେଇ ନେବାକୁ କହିବାରୁ ଉତ୍ତେଜନା

**ଭୁବନେଶ୍ୱର, ୧୬।୧୨(ବ୍ୟୁରୋ)**

ଭୁବନେଶ୍ୱର ବିମାନ ବନ୍ଦରରେ ସୋମବାର ରାତିରେ ଉତ୍ତେଜନା ଦେଖାଯାଇଥିଲା। କୋଲାକାତାରୁ ଭାୟା ଭୁବନେଶ୍ୱର ହୋଇ ବେଙ୍ଗାଲୁରୁ ଯାଉଥିବା ଏୟାର ଏସିଆ ବିମାନଟି ବାତିଲ୍ ହେବା ପରେ ଏହି ଉତ୍ତେଜନା ଦେଖାଦେଇଥିଲା। ଭୁବନେଶ୍ୱରରେ ବିମାନ ପହଞ୍ଚିବା ବିଳମ୍ବ ହେବାରୁ ଯାତ୍ରୀମାନଙ୍କୁ ଏହି କଥା କୁହାଯାଇଥିଲା। କିନ୍ତୁ ଦୀର୍ଘ ସମୟ ଅପେକ୍ଷା ପରେ ବିମାନ ବାତିଲ୍ ହୋଇଯାଇଛି ବୋଲି ଏୟାର ଏସିଆ କର୍ତ୍ତୃପକ୍ଷ କହିଥିବା କଥା ଜଣେ ଯାତ୍ରୀ କହିଥିଲେ। ଏହାସହ ଯାତ୍ରା ଭଡ଼ା ଫେରସ୍ତ ନେବାକୁ ଯାତ୍ରୀଙ୍କୁ କୁହାଯାଇଥିଲା। ଆଉ କିଛି ଯାତ୍ରୀଙ୍କ ମଙ୍ଗଳବାର ସକାଳେ ବିକଳ୍ପ ବ୍ୟବସ୍ଥା କରାଯିବ ବୋଲି କହିଥିବା କଥା ଯାତ୍ରୀମାନେ କହିଛନ୍ତି। ରାତିରେ ଆଉ କିଛି ବିମାନ ନ ଥିବାରୁ ଯାତ୍ରୀ ବିମାନ ବନ୍ଦର ଭିତରେ ହୋହଲ୍ଲା କରିଥିଲେ। ତେବେ ଏନେଇ ଏୟାର ଏସିଆ କର୍ତ୍ତୃପକ୍ଷଙ୍କ ନିକଟରୁ କୌଣସି ସୂଚନା ମିଳିନାହିଁ ଏବଂ ବାତିଲ୍‌ର କାରଣ ସ୍ପଷ୍ଟ ହୋଇନାହିଁବେଙ୍ଗାଲୁରୁ ଯିବାପାଇଁ ୧୫୬ଯାତ୍ରୀ ଭୁବନେଶ୍ୱରରେ ଅପେକ୍ଷାରତ ଥିବାବେଳେ କମ ଆଲୋକ ପାଇଁ ବିମାନଟି ଅବତରଣ ନ କରିପାରି କୋଲକାତାକୁ ଫେରିଯାଇଥିବା ସୂତ୍ରରୁ ଜଣାପଡିଛି।

**କୋଣାର୍କ ସୂର୍ଯ୍ୟମନ୍ଦିର ମରାମତି ମାମଲା**

# ସୂର୍ଯ୍ୟଙ୍କ ମୂର୍ତ୍ତି ସ୍ଥାପନ କରାଯାଉ

**କଟକ ଅଫିସ,୧୬।୧୨**

- ୨ହଜାର କୋଟି ବ୍ୟୟ କରାଯାଇ କୋଣାର୍କ ମରାମତି କରାଯାଉ
- ହାଇକୋର୍ଟରେ ଅନ୍ତରୀଣ ପିଟିଶନ



ସୂର୍ଯ୍ୟମନ୍ଦିର ପାଇଁ କୋଣାର୍କ ପ୍ରସିଦ୍ଧ। କିନ୍ତୁ ଏଠାରେ ସୂର୍ଯ୍ୟଙ୍କ ମୂର୍ତ୍ତି ନାହିଁ। ଉକ୍ତ ମୂର୍ତ୍ତି ପୁରୀ ଶ୍ରୀମନ୍ଦିରରେ ରଖାଯାଇଛି। ଏହାବାଦ ସୂର୍ଯ୍ୟମନ୍ଦିରର ଉଚ୍ଚତା ୨୨୯ ଫୁଟ ଥିଲା। ମାତ୍ର ବିଭିନ୍ନ ସମୟରେ ଏହା ଭାଙ୍ଗିରୁଜି ୧୦୦ରୁ ୧୨୦ ଫୁଟ ଉଚ୍ଚତାକୁ ଚାଲିଆସିଛି। ତେଣୁ ସୂର୍ଯ୍ୟଙ୍କ ମୂର୍ତ୍ତିକୁ ଶ୍ରୀମନ୍ଦିରରୁ ଅଣାଯାଇ ଏଠାରେ ସ୍ଥାପନ କରାଯିବା ସହିତ ୨ହଜାର କୋଟି ଟଙ୍କା ବ୍ୟୟରେ ମରାମତି କରାଯାଇ ପୂର୍ବ ସ୍ଥିତ ଫେରାଇ ଆଣିବା ପାଇଁ ସୋମବାର ହାଇକୋର୍ଟରେ ଏକ ଅନ୍ତରୀଣ ପିଟିଶନ ଦାଏର କରାଯାଇଛି।

ପିଟିଶନରେ ଉଲ୍ଲେଖ କରାଯାଇଛି ଯେ, ଗତ ନଭେମ୍ବର ୧୬ରେ ସୂର୍ଯ୍ୟମନ୍ଦିର ମରାମତି ମାମଲାରେ ନିଯୁକ୍ତ ଆମିକସ୍ କ୍ୟୁରୀ ଏନ.କେ. ମହାନ୍ତି ୧୪ଟି ଦିଗ ଉପରେ ଗୁରୁତ୍ୱ ଦେଇଛନ୍ତି। ଉକ୍ତ ଦିଗ ପ୍ରତି ଧ୍ୟାନ ଦେବାକୁ ପିଟିଶନରେ ନିବେଦନ କରାଯାଇଛି। ମାମଲାରେ ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା (ଏଏସ୍‌ଆଇ)ର ଅଧୀକ୍ଷକଙ୍କୁ ମଙ୍ଗଳବାର ବ୍ୟକ୍ତିଗତ ଭାବେ ହାଜର ହେବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ସୂଚନାଥାଉ କି, ସୂର୍ଯ୍ୟମନ୍ଦିର ମରାମତି, ପୁନରୁଦ୍ଧାର ଓ ସଂରକ୍ଷଣକୁ ନେଇ ଦିଲୀପ କୁମାର ମହାପାତ୍ର ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ଦାଏର କରିଥିଲେ। ମାମଲାର ଶୁଣାଣି କରି ସରକାର ଏଏସ୍‌ଆଇକୁ ଜବାବ ମାଗିଥିଲେ। ଜବାବରେ ଏଏସ୍‌ଆଇ ପକ୍ଷରୁ କୁହାଯାଇଥିଲା ଯେ, କୋଣାର୍କ ସୂର୍ଯ୍ୟମନ୍ଦିରର ସ୍ଥିତି ଠିକ୍ ଅଛି। ମାତ୍ର ଆବେଦନକାରୀ ମହାପାତ୍ର ଏଏସ୍‌ଆଇ ଜବାବରେ ସତ୍ୟତା ନ ଥିବା ଦର୍ଶାଇଥିଲେ। ତେଣୁ ହାଇକୋର୍ଟ ଏଏସ୍‌ଆଇ ନିର୍ଦ୍ଦେଶକଙ୍କଠାରୁ ଜବାବ ମାଗିଥିଲେ। ୨୦୧୯ ଫେବୃୟାରୀ ୧୫ରେ ଏଏସ୍‌ଆଇ ନିର୍ଦ୍ଦେଶକ ସୂର୍ଯ୍ୟମନ୍ଦିର ସ୍ଥିତି ଭଲ ନ ଥିବା ହାଇକୋର୍ଟଙ୍କୁ ଜଣାଇଥିଲେ। ଏହାପରେ ହାଇକୋର୍ଟ ଉକ୍ତ ମାମଲାରେ ଏନ୍.କେ. ମହାନ୍ତିଙ୍କୁ ଆମିକସ୍ କ୍ୟୁରୀ ଭାବେ ନିଯୁକ୍ତ କରିଥିଲେ। ଆବେଦନକାରୀ କୋର୍ଟଙ୍କୁ ଦର୍ଶାଇଛନ୍ତି ଯେ, ୧୯୮୭ରୁ ସୂର୍ଯ୍ୟମନ୍ଦିରକୁ ନେଇ ବିଭିନ୍ନ ଗବେଷଣା କରାଯାଇଛି। ଏହାବାଦ ସୂର୍ଯ୍ୟମନ୍ଦିର ଉପରେ ବିଭିନ୍ନ ବହି ଓ ଜର୍ନାଲ୍ ପ୍ରକାଶ ପାଇଛି। ସମସ୍ତ ରିପୋର୍ଟକୁ ଆଧାର କରି ସୂର୍ଯ୍ୟମନ୍ଦିରର ପୂର୍ବ ସ୍ଥିତିକୁ ଫେରାଇ ଆଣିବାକୁ ଦିଲୀପ ଅନ୍ତରୀଣ ପିଟିଶନରେ ନିବେଦନ କରିଛନ୍ତି। ଆବେଦନକାରୀଙ୍କ ପକ୍ଷରୁ ବରିଷ୍ଠ ଆଡଭୋକେଟ ଅଶୋକ କୁମାର ମହାପାତ୍ର ମାମଲା ପରିଚାଳନା କରୁଛନ୍ତି।









1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ



ତୁମର କଷ୍ଟର କାରଣ ଯାହାକିଛି ହୋଇଥାଉ ନା
କାହିଁକି, ତୁମେ ଅପରକୁ ଆଘାତ ଦିଅ ନାହିଁ।
- ଗୌତମ ବୁଦ୍ଧ



## ସଂକ୍ଷେପରେ

### ଜାନୁୟାରୀ ୧୫ରୁ ସିଂହନାଥଙ୍କ ବାଲି ମକରମେଳା ମହୋତ୍ସବ

**ବଡମ୍ବା,୧୬।୧୨(ଡି.ଏନ୍.ଏ.):** ବଡମ୍ବା ବ୍ଲକ ଅନ୍ତର୍ଗତ ଗୋପିନାଥପୁର ଗ୍ରାମନିକଟ ମହାନଦୀ ମଧଭାଗରେଥିବା ସିଂହନାଥଦେବଙ୍କ ବାଲି ମକରମେଳା ମହୋତ୍ସବ ଜାନୁୟାରୀ ୧୫ରୁ ଆରମ୍ଭ ହୋଇ ୧୯ ପର୍ଯ୍ୟନ୍ତ ଚାଲିବ। ଏନେଇ ପଞ୍ଚାୟତସମିତି ସଭାଗୃହରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ମେଳା ସମୟରେ ସିଂହନାଥଦେବଙ୍କ ନୀତିକାନ୍ତି, ସେବାପୂଜା, ଶାନ୍ତିଶୃଙ୍ଖଳା ପରିସ୍ଥିତି, ପାନୀୟଜଳ ବ୍ୟବସ୍ଥା ଓ ଅସ୍ଥାୟୀ ସ୍ୱାସ୍ଥ୍ୟ ଶିବିର ସମ୍ପର୍କରେ ବୈଠକରେ ଆଲୋଚନା ହୋଇଥିଲା। ଏହି ସମୟରେ ମହାନଦୀର ଉତ୍ତରପାର୍ଶ୍ୱ ତଥା ବଡମ୍ବା ଅଞ୍ଚଳର ଜନସାଧାରଣଙ୍କ ଗମନାଗମନ ପାଇଁ ଏକ ଅସ୍ଥାୟୀ ରାସ୍ତା ନିର୍ମାଣ କରିବା, ସିଂହନାଥ ପୀଠସ୍ଥଳକୁ ଆଲୋକୀକରଣ କରିବାଲାଗି ସ୍ଥିର କରାଯାଇଥିଲା। ଏନେଇ ବିଭାଗୀୟ ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଥିଲା। ମେଳା ସମୟରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ କରିବା ଲାଗି ନିଷ୍ପତ୍ତି ହୋଇଥିଲା। ବଡମ୍ବା ତହସିଲଦାର ଅନିଲ କୁମାର ପଟ୍ଟନାୟକ ଏଥିରେ ପୌରୋହିତ୍ୟ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏହି ପ୍ରସ୍ତୁତି ବୈଠକରେ ବଡମ୍ବା ବିଧାୟକ ଦେବୀପ୍ରସାଦ ମିଶ୍ର, ବ୍ଲକ ଅଧକ୍ଷା ଅନୁସୟା ନାଏକ, ଉପାଧକ୍ଷ ସଦାନନ୍ଦ ସ୍ୱାଇଁ, ସାମାଜିକ କର୍ମୀ ରବୀନ୍ଦ୍ର କୁମାର ସାହୁ ଓ ବଡମ୍ବା ଥାନାଅଧିକାରୀ ପ୍ରଭାତ କୁମାର ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟପକ୍ଷରେ ଅନୁଷ୍ଠିତ ହେବାକୁଥିବା ଉକ୍ତ ପାଞ୍ଚଦିନିଆ ମହୋତ୍ସବ କାର୍ଯ୍ୟକ୍ରମରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯିବାପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଛି।

### ଚୋରାମଦ କାରବାର ଅଭିଯୋଗ: ୩ ଗିରଫ

**ମାହାଙ୍ଗା,୧୬।୧୨(ସ୍ୱ.ପ୍ର.):** ନିଶ୍ଚିନ୍ତକୋଇଲି ଅବକାରୀ ବିଭାଗ ପକ୍ଷରୁ ସୋମବାର ମାହାଙ୍ଗାର ବିଭିନ୍ନ ସ୍ଥାନରେ ଚୋରା ମଦ ବ୍ୟବସାୟ ଉପରେ ଚଢାଉ କରାଯାଇଛି। ଏହି ଅଭିଯୋଗରେ ୩ ଅଭିଯୁକ୍ତଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ବାସୁଦେବପୁର ବଜାରରେ ଚୋରାଦେଶୀ ମଦନେଇ ଯାଉଥିବା ବେଳେ ସେହି ଅଞ୍ଚଳର ବୁଲା ମହାଜନଙ୍କୁ ଗିରଫ କରାଯାଇଛି। ତାଙ୍କଠାରୁ ୨୨ ବୋତଲ ଦେଶୀ ମଦ ଜବତ କରାଯାଇଛି। ସେହିପରି ଚାହାପଡା ଗ୍ରାମର ଗୁରୁଚରଣ ମଲ୍ଲ ବାଡିପଟେ ବିଦେଶୀ ମଦ ବିକୁଥିବାବେଳେ ଧରାପଡିଛନ୍ତି। ତାଙ୍କ ନିକଟରୁ ୩ ଲିଟର ୬ ଶହ ମଦ ଜବତ କରାଯାଇଛି। କୋଳିଅଠା କପିଳେଶ୍ୱର ବଜାରରେ ଧିରେନ୍ଦ୍ର ସାମଲ ତାଙ୍କ ପାନ ଦୋକାନରେ ଦେଶୀ ଚୋରା ମଦ କାରବାର କରୁଥିବା ବେଳେ ଗିରଫ କରାଯାଇଛି। ତାଙ୍କ ନିକଟରୁ ୨୮ ବୋତଲ ମଦ ଜବତ କରାଯାଇଥିଲା। ଏନେଇ ଅବକାରୀ ଥାନାରେ ଯଥାକ୍ରମେ ମାମଲା (ନଂ.୫୩/୧୯, ୫୪/୧୯,୫୫/୧୯)ରୁଜୁ କରାଯାଇ ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯାଇଛି। ଚଢାଉ ସମୟରେ ନିଶ୍ଚିନ୍ତକୋଇଲି ଅବକାରୀ ଥାନା ଏସ୍‌ଆଇ ସୀମାଞ୍ଚଳ ରାଓ, କନେଷ୍ଟବଳ ଦୀପକ କୁମାର ଓ ପୂର୍ଣ୍ଣେଶ୍ୱର ମାଝି ପ୍ରମୁଖ ସାମିଲ ହୋଇଥିଲେ।

■ ଜବରଦଖଲକାରୀଙ୍କ କବ୍‌ଜାରେ ଶ୍ମଶାନ ଜମି

# ଉଚ୍ଛେଦ ଦାବିରେ ରାସ୍ତାରୋକୋ



ପୋଲିସ ଅଧିକାରୀ ଆନ୍ଦୋଳନରତ ଗ୍ରାମବାସୀଙ୍କୁ ବୁଝାଶୁଝା କରୁଛନ୍ତି।

■ ଅଭିଯୋଗ ସତ୍ତ୍ୱେ ନିଆଯାଉ ନ ଥିଲା କାର୍ଯ୍ୟାନୁଷ୍ଠାନ

■ ୧୮ରେ ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ହେବ ଆଲୋଚନା

**ନରସିଂହପୁର, ୧୬।୧୨ (ଡି.ଏନ୍.ଏ.)**

ନରସିଂହପୁର ବ୍ଲକ ଅନ୍ତର୍ଗତ ଚମ୍ପେଶ୍ୱର ଗ୍ରାମରେ ଶ୍ମଶାନ ପାଇଁ ଜାଗା ଥାଇ ସୁଦ୍ଧା ସେଠାରେ ଶବଦାହ କରିହେଉନି। ଏହାର ପ୍ରତିବାଦରେ ଗ୍ରାମବାସୀ କଟକ-ନରସିଂହପୁର ମୁଖ୍ୟ ରାସ୍ତାକୁ ସୋମବାର ଅବରୋଧ କରି ଧାରଣା ଦେଇଥିଲେ। ଗତ ୭ ଦିନ ତଳେ ଏନେଇ ତହସିଲଦାରଙ୍କ ନିକଟରେ ଏକ ଲିଖିତ ଅଭିଯୋଗ ହୋଇଥିଲା। ଶ୍ମଶାନ ପାଇଁ ଥିବା ସ୍ଥାନ କିଛି ଜବରଦଖଲକାରୀଙ୍କ କବ୍‌ଜାରେ ରହିଛି ବୋଲି ସେଥିରେ ଉଲ୍ଲେଖ କରାଯାଇଥିଲା। ୧୫ ତାରିଖ ସୁଦ୍ଧା ଏନେଇ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରାଯାଇଥିଲା। ମାତ୍ର କୌଣସି କାର୍ଯ୍ୟାନୁଷ୍ଠାନ ନିଆ ନ ଯିବାରୁ ଗ୍ରାମବାସୀ ଧାରଣା ଦେଇଥିଲେ। ତ୍ରିଲୋଚନ ରାଉଳଙ୍କ ଅଧ୍ୟକ୍ଷତାରେ ଏହି ରାସ୍ତାରୋକୋ ହୋଇଥିଲା। ଦୀର୍ଘ ସମୟ ଧରି ରାସ୍ତା ଅବରୋଧ ହେବାରୁ ଯାତ୍ରୀମାନେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହୋଇଥିଲେ। ଖବରପାଇ କାନପୁର ଥାନା ଅଧିକାରୀ ସସ୍ମିତା ରଣା, ଆଠଗଡ ଉପଖଣ୍ଡ ଅଧିକାରୀ ଆଲୋକ ରଞ୍ଜନ ରାୟ, ନରସିଂହପୁର ବିଡିଓ ପ୍ରଶାନ୍ତ କୁମାର ତରାଇ ଘଟଣାସ୍ଥଳରେ ପହଞ୍ଚି ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। ଏହି ଆଲୋଚନାରେ ଗ୍ରାମବାସୀଙ୍କ ପକ୍ଷରୁ ରାଉଳଙ୍କ ସମେତ ରବିନାରାୟଣ ପଣ୍ଡା, ରାଜ ରାଉଳ, ଅଭିମନ୍ୟୁ ରାଉଳ, ବସନ୍ତ କୁମାର ରାଉଳ, ଅନିଲ୍ ରାଉଳ, କୃଷ୍ଣ ନାରାୟଣ ପଣ୍ଡା ଓ ସଚ୍ଚି ରାଉଳ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ। ଏସମ୍ପର୍କରେ ଏକ କମିଟି ଗଠନ କରାଯିବା ସହ ଆସନ୍ତା ୧୮ରେ ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ଆଲୋଚନା କରାଯାଇ ଶ୍ମଶାନ ସମସ୍ୟାର ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା। ସୂଚନାଯୋଗ୍ୟ, ଚମ୍ପେଶ୍ୱର ଏକ ରାଜସ୍ୱ ଗ୍ରାମ ହେବା ସତ୍ତ୍ୱେ ଏଠାକାର ଗ୍ରାମବାସୀ ଶ୍ମଶାନରେ ଶବଦାହ କରି ନ ପାରି ଘର ବାଡି ପଟେ ଅବା ରାସ୍ତା କଡ଼ରେ ଶବଦାହ କରିବାକୁ ବାଧ ହେଉଛନ୍ତି।





ଜିଲାପାଳ ଓ ଅନ୍ୟ ଅଧିକାରୀମାନେ ଅଭିଯୋଗ ଶୁଣାଣି କରୁଛନ୍ତି।

■ ଜିଲାପାଳଙ୍କ ଜନଶୁଣାଣି ଶିବିର

# ଅଭିଯୋଗର ଉତ୍ତର ୧୫ ଦିନରେ ଦେବାକୁ ନିର୍ଦ୍ଦେଶ

**ବାଙ୍କୀ,୧୬।୧୨(ସ୍ୱ.ପ୍ର)**

ବାଙ୍କୀ ଉପଖଣ୍ଡ ଅନ୍ତର୍ଗତ ଡମପଡ଼ା ବ୍ଲକ ସଭାଗୃହରେ ସୋମବାର ଡମପଡ଼ା ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। କଟକ ଜିଲାପାଳ ଭବାନୀ ଶଙ୍କର ଚୟନି ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଶିବିରରେ ହୋଇଥିବା ଅଭିଯୋଗଗୁଡିକର ୧୫ ଦିନରେ ଉତ୍ତର ରଖିବାକୁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ଅବସରରେ ୧୫୩ ଅଭିଯୋଗର ଶୁଣାଣି ହୋଇଥିଲା। ଶିବିରରେ ବାର୍ଦ୍ଧକ୍ୟ, ବିଧବା, ଭିନ୍ନକ୍ଷମ ଭତ୍ତା, ଇନ୍ଦିରା ଆବାସ, ପ୍ରଧାନମନ୍ତ୍ରୀଙ୍କ ଆବାସ ଯୋଜନା, ଗ୍ରାମ୍ୟ ପାନୀୟ ଜଳ, ନଳକୂପ ସ୍ଥାପନ ସମ୍ପର୍କିତ ଅଭିଯୋଗଗୁଡିକର ଶୁଣାଣି ହୋଇଥିଲା। ସେହିପରି ବିଦ୍ୟୁତ୍ ଯୋଗାଣ, ଗାମାଞ୍ଚଳ ରାସ୍ତା ନିର୍ମାଣ, ରେଶନ କାର୍ଡ, ମହାନଦୀ ବନ୍ଧ ସୁଦୃଢ଼ୀକରଣ, ବାସହୀନଙ୍କୁ ଜମି ପ୍ରଦାନ ଓ ଫନୀ ବାତ୍ୟାରେ ଘରଭଙ୍ଗା ସାହାଯ୍ୟ ସମ୍ପର୍କିତ ଅଭିଯୋଗଗୁଡିକ ଶୁଣାଣି କରି ତୁରନ୍ତ ସମସ୍ୟାର ସମାଧାନ କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଶିବିରରେ ଉପଜିଲାପାଳ ଅମିୟ କୁମାର ସାହୁ, କଟକର ଅତିରିକ୍ତ ଜିଲାପାଳ ବିଜୟ ଖଣ୍ଡାୟତ ରାୟ, ବାଙ୍କୀ ଉପଖଣ୍ଡ ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ଧୂଳେଶ୍ୱର ପ୍ରଧାନ, ଡମପଡ଼ା ବ୍ଲକ ଚେୟାରମ୍ୟାନ ଶଶାଙ୍କ ଶେଖର ସ୍ୱାଇଁ, ବାଙ୍କୀ ବିଡିଓ ପ୍ରଭାତ ଚନ୍ଦ୍ର ସାହୁ ଓ କଟକ ଗ୍ରାମାଞ୍ଚଳ ଏସ୍‌ପି ରାଧାବିନୋଦ ପାଣିଗ୍ରାହୀଙ୍କ ସମେତ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଡମପଡ଼ା ବିଡିଓ ଆର୍ତ୍ତବନ୍ଧୁ ଲେଙ୍କା ଓ ଉପଖଣ୍ଡ ସୂଚନା ଲୋକସମ୍ପର୍କ ଅଧିକାରୀ ଶାରଦା ପ୍ରସାଦ ମହାନ୍ତି ଓ ଭାରପ୍ରାପ୍ତ ହମପଡ଼ା ବ୍ଲକ ସମାଜ କଲ୍ୟାଣ ଅଧିକାରୀ ଜ୍ୟୋତିପ୍ରକାଶ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ମ୍ୟାଲେରିଆ ନିରାକରଣ ଟାସ୍କଫୋର୍ସ ବୈଠକରେ ଉଦ୍‌ବେଗ

**ରଘୁନାଥପୁର,୧୬।୧୨(ଡି.ଏନ୍.ଏ.)**

ରଘୁନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସଭାକକ୍ଷରେ ସୋମବାର ମ୍ୟାଲେରିଆ ନିରାକରଣ ଟାସ୍କଫୋର୍ସ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ ଥିବା ଗ୍ରାମାଞ୍ଚଳରେ

**ସ୍ଥାଣୁ ପାଲଟିଛି ଗାଁ କଲ୍ୟାଣ ସମିତି**



ବୈଠକରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

ମ୍ୟାଲେରିଆ ମୁକାବିଲା ପାଇଁ କାର୍ଯ୍ୟ ଖସଡ଼ା ପ୍ରସ୍ତୁତ ସହ ପୂର୍ବରୁ ଆୟୋଜିତ ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଗାଁ କଲ୍ୟାଣ ସମିତିଗୁଡ଼ିକ ସ୍ଥାଣୁ ପାଲଟିଯିବା ସହ ସେମାନଙ୍କୁ ମିଳୁଥିବା ଅନୁଦାନ ଠିକ୍ ଭାବେ ଖର୍ଚ୍ଚ କରିପାରୁ ନ ଥିବା ନେଇ ବୈଠକରେ ଉଦ୍‌ବେଗ ପ୍ରକାଶ ପାଇଥିଲା।

ଗ୍ରାମାଞ୍ଚଳରେ ମ୍ୟାଲେରିଆ ସମ୍ପର୍କରେ ସଚେତନତା ସୃଷ୍ଟି ପାଇଁ ଗାଁ କଲ୍ୟାଣ ସମିତିଗୁଡ଼ିକୁ ବାର୍ଷିକ ୧୦ହଜାର ଟଙ୍କା ପ୍ରଦାନ କରାଯାଉଛି। ହେଲେ କେତେକ ସମିତି ଏହି ଟଙ୍କା ଖର୍ଚ୍ଚ କରିପାରିନାହାନ୍ତି। ଯେଉଁ କେତେକ ଖର୍ଚ୍ଚ କରୁଛନ୍ତି, ତାହା କେବଳ କାଗଜକଲମରେ ସିମିତ। ପ୍ରତ୍ୟକ ମାସରେ ସମିତିର ବୈଠକ ବସିବା ପାଇଁ ନିୟମ ଥିବା ବେଳେ ବୈଠକ ବସୁ ନ ଥିବା ଜଣାପଡିଛି। ପବ୍ଲିକ ହେଲ୍‌ଥ ଏକ୍ସଟେନ୍‌ସନ୍ ଅଫିସର୍ ରାନୁ ମହାପାତ୍ର କହିଥିଲେ, ନିୟମିତ ତଦାରଖ ପାଇଁ ସୁପରଭାଇଜର୍ ଏବଂ ହେଲ୍‌ଥ ୱାର୍କରଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସେ ନିଜେ ଯାଇ ଗାଁଗୁଡ଼ିକରେ କାର୍ଯ୍ୟକାରିତା ସମ୍ପର୍କରେ ତଦାରଖ କରିବେ ବୋଲି କହିଥିଲେ। ଏହା ପରେ ଅଞ୍ଚଳରେ ମ୍ୟାଲେରିଆ ମୁକାବିଲା ଯଥା ଇଟାଭାଟି ଓ ଆଖୁ କିଆରୀ ସଂଲଗ୍ନ ଅଞ୍ଚଳଗୁଡ଼ିକରେ ମଶା ବଂଶର ସର୍ଭେ, ସଚେତନତା ସୃଷ୍ଟି, ଜ୍ୱର ରୋଗୀଙ୍କ ରକ୍ତ ପରୀକ୍ଷା, ନ୍ୟାସନାଲ୍ ଡ୍ରଗ୍ସ ପଲିସି ଅନୁଯାୟୀ ଔଷଧ ପ୍ରଦାନ, ନୂତନ ଭାବେ ଯୋଗଦେଇଥିବା ଆଶା ଓ ସ୍ୱାସ୍ଥ୍ୟକର୍ମୀଙ୍କୁ ତାଲିମ୍ ବିଷୟରେ ଆଲୋଚନା କରାଯାଇଥିଲା। କୌଣସି ସ୍ଥାନରେ ମ୍ୟାଲେରିଆ ରୋଗୀ ଚିହ୍ନଟ ହେଲେ, ତୁରନ୍ତ ସେହି ସ୍ଥାନକୁ ଡାକ୍ତରୀ ଟିମ୍ ପଠାଇବାକୁ ନିଷ୍ପତ୍ତି ହୋଇଥିଲା। ବୈଠକରେ ବଡିଓ ପଞ୍ଚାନନ ପଟାୟତ, ସିଡିପିଓ ଜ୍ୟୋତ୍ସ୍ନାରାଣୀ ମଲ୍ଲିକ, ଏବିଇଓ ନିରଞ୍ଜନ ଦାସ, ସ୍ୱାସ୍ଥ୍ୟକେନ୍ଦ୍ରର ସୁପରିଟେଣ୍ଡେଣ୍ଟ ଡା. ସୁକାନ୍ତ କୁମାର ଦଳାଇ, ଡା. ପ୍ରଭାସ ଚନ୍ଦ୍ର ସ୍ୱାଇଁ, ଜିଲା ମ୍ୟାଲେରିଆ ଟେକ୍ନିକାଲ୍ ସୁପରଭାଇଜର୍ ସତ୍ୟରଞ୍ଜନ ସାହୁ, କନସୁଲଟାଣ୍ଟ ଅସିତ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

### ବଟେଶ୍ୱର ମହାଦେବଙ୍କ ମହାସ୍ନାନ ଉତ୍ସବ

**ଟାଙ୍ଗୀ (କଟକ) ୧୬।୧୨ (ଡି.ଏନ୍.ଏ):** ଟାଙ୍ଗୀ-ଚୌଦ୍ୱାର ବ୍ଲକ କୋଟସାହି ପଞ୍ଚାୟତ ବନ୍ଧାଲୋ ଗ୍ରାମସ୍ଥିତ ଶ୍ରୀଶ୍ରୀ ବଟେଶ୍ୱର ମହାଦେବଙ୍କ ୧୩ତମ ମହାସ୍ନାନ ଉତ୍ସବ ତଥା ମହାଯଜ୍ଞ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଗତ ୧୨ତାରିଖରେ ଅଙ୍କୁରାରୋପଣ ଓ ୧୩ରେ ଘଟ ଜଳାଧିବାସ ପରେ ଯଥାରୀତି ଯଜ୍ଞକର୍ମ ଅନୁଷ୍ଠିତ ହୋଇଥିଲା। ପୂର୍ଣ୍ଣାହୁତି ଉତ୍ସବରେ ସ୍ଥାନୀୟ ବିଧାୟକ ପ୍ରଶାନ୍ତ କୁମାର ବେହେରା, ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀ, ଅମୂଲ୍ୟ କୁମାର ସାହୁ, ଓ ବହୁ କମ୍ପାନୀର ମାଲିକ ତଥା ଅଧିକାରୀ ଅତିଥିଭାବେ ଯୋଗଦେଇଥିଲେ। ଏହି ଉତ୍ସବରେ ପ୍ରାୟ ୫୦ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା।

### ଦୁର୍ଘଟଣାଗ୍ରସ୍ତ ବୃଦ୍ଧଙ୍କ ମୃତ୍ୟୁ

**ନିଶ୍ଚିନ୍ତକୋଇଲି,୧୬।୧୨(ସ୍ୱ.ପ୍ର.)**

କଟକ-ଚାନ୍ଦବାଲି ରାସ୍ତାର ଶୁକରପଡା ନିକଟରେ ଏକ କାର ଧକ୍କାରେ ରବିବାର ଜଣେ ବୃଦ୍ଧ ଗୁରୁତର ହୋଇଥିଲେ। ସୋମବାର କଟକ ବଡ ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଶୁକରପଡା ଗ୍ରାମର ସେକ ଆୟୁବ ଖାଁ(୫୫)। ସେ ରାଣିପଡାରୁ ଚାଲି ଚାଲି ଘରକୁ ଫେରୁଥିବା ବେଳେ କେନ୍ଦ୍ରାପଡାରୁ କଟକ ଅଭିମୁଖେ ଆସୁଥିବା ଏକ କାର ତାଙ୍କୁ ପଛପଟୁ ଧକ୍କାଦେଇ ଚାଲିଯାଇଥିଲା। ଫଳରେ ସେ ଗୁରୁତର ହୋଇଥିଲେ। ଖବରପାଇ ନିଶ୍ଚିନ୍ତକୋଇଲି ଦମକଳ ବାହିନୀ ସେକ୍ ଆୟୁବଙ୍କୁ ଘଟଣାସ୍ଥଳରୁ ଉଦ୍ଧାର କରି ପ୍ରଥମେ ନିଶ୍ଚିନ୍ତକୋଇଲି ଓ ପରେ କଟକ ବଡ ଡାକ୍ତରଖାନା ସ୍ଥାନନ୍ତର କରିଥିଲା। ତାଙ୍କ ମୃତ୍ୟୁ ଖବର ମିଳିବା ପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

## ମହିଳା ଭାଗବତ ପ୍ରତିଯୋଗିତାରେ ଗମେଇ ଚାମ୍ପିୟନ

**ବଡମ୍ବା,୧୬।୧୨(ଡି.ଏନ୍.ଏ)**

**ଗୋପମଥୁରା ମହାଲକ୍ଷ୍ମୀ ପୂଜା ଉଦ୍‌ଯାପିତ**



ମହିଳାମାନଙ୍କ ଦ୍ୱାରା ଭାଗବତ ପ୍ରତିଯୋଗିତା ଚାଲିଛି।

ବଡମ୍ବା ବ୍ଲକ୍ ଗୋପମଥୁରା ଗ୍ରାମରେ ୪ ଧରି ଚାଲିଥିବା ମହାଲକ୍ଷ୍ମୀ ପୂଜା ରବିବାର ଉଦ୍‌ଯାପିତ ହୋଇଯାଇଛି। 'ଖ'ସାହି ମହାଲକ୍ଷ୍ମୀ ପୂଜା କମିଟି ଆନୁକୂଲ୍ୟରେ ଆୟୋଜିତ ଏହି ପୂଜାରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ମହିଳା ଭାଗବତ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ଗମେଇ ଓ ହରିପୁର ମହିଳା ଭାଗବତମଣ୍ଡଳି ମଧ୍ୟରେ ଫାଇନାଲ ପ୍ରତିଯୋଗିତା ହୋଇଥିଲା। ଏଥିରେ ଗମେଇ ଦଳ ଚାମ୍ପିୟନ ହୋଇଥିବା ବେଳେ ହରିପୁରଦଳ ରନର୍ସ ଅପ ହୋଇଥିଲା। ବିଚାରକଭାବେ ପାଲାଗାୟକ ପ୍ରହଲ୍ଲାଦ ରାଉତ, ବସନ୍ତ କୁମାର ମଲ୍ଲିକ ଓ ବୀରବର ନାୟକ ପ୍ରମୁଖ ଯୋଗଦେଇଥିଲେ। ଉଦ୍‌ଯାପନୀ ଉତ୍ସବରେ ବଡମ୍ବା ବିଧାୟକ ଦେବୀପ୍ରସାଦ ମିଶ୍ର ଯୋଗଦେଇ ଭାଗବତ ଏକ ଅମୃତ ବାଣୀ ବୋଲି କହିଥିଲେ। ଏହା ଉଭୟ ଶ୍ରୋତା ଓ ବକ୍ତାଙ୍କ ମନରେ ଶାନ୍ତି ଓ ଆନନ୍ଦ ଭରିଥାଏ ବୋଲି ମିଶ୍ର ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମକୁ ଭଗବାନ ରାଉତ, ବିଦ୍ୟାଧର ସାହୁ, ସନ୍ତୋଷ କୁମାର ଲେଙ୍କା, ବିଜୟ ନାୟକ, କୈଳାସ ମଲ୍ଲିକ, ଶୁଭ୍ରକାନ୍ତ ନାୟକ ଓ ପପୁନି ସାହୁ ପ୍ରମୁଖ ପରିଚାଳନା କରିଥିଲେ।





ସିଡିଏ ନେତାଜୀ ସେତୁ ପାର୍ଶ୍ୱରେ ବାଲୁକାଶିଳ୍ପୀ ସିଦ୍ଧାର୍ଥ ମହାପାତ୍ରଙ୍କ ଦ୍ୱାରା ପ୍ରସ୍ତୁତ ବାଲୁକାକଳା।

ଅଢ଼େଇ ମାସ ତଳେ ଆତ୍ମହତ୍ୟା କରିଥିଲେ ରୋଗୀ

# ଲୁହା ପାଇପରେ ଝୁଲୁଛି ଶାଢ଼ି

**କଟକ ଅଫିସ, ୧୬।୧୨**

**ମାନସିକ ରୋଗୀଙ୍କ ମାନସିକତା ବିଗୁଡୁଛି**

ଏସ୍‌ସିବି ମାନସିକ ଚିକିତ୍ସା ପ୍ରତିଷ୍ଠାନର ମହିଳା ୱାର୍ଡରେ ଜଣେ ମାନସିକ ରୋଗୀ ଗତ ସେପ୍ଟେମ୍ବର ୨୮ ତାରିଖ ସନ୍ଧ୍ୟାରେ ବେକରେ ଶାଢ଼ି ଗୁଡ଼ାଇ ଫ୍ୟାନ ଲାଗିଥିବା ଲୁହା ପାଇପରେ ଝୁଲି ଆତ୍ମହତ୍ୟା କରିଥିଲେ। ଉକ୍ତ ଘଟଣାକୁ ଇତିମଧ୍ୟରେ ୩ ମାସ ବିତିବ। ମାତ୍ର ଯେଉଁ ଶାଢ଼ିରେ ମହିଳା ଜଣକ ଆତ୍ମହତ୍ୟା କରିଥିଲେ ଉକ୍ତ ଶାଢ଼ି ସେମିତି ଫ୍ୟାନରେ ବନ୍ଧା ହୋଇରହିଛି। ଏହି ୱାର୍ଡରେ ରହୁଥିବା ଅନ୍ୟ ମହିଳା ମାନସିକ ରୋଗୀମାନେ ବାରମ୍ବାର ଫ୍ୟାନକୁ ଚାହିଁ ଚିତ୍କାର କରୁଥିବା ଦେଖିବାକୁ ମିଳିଛି। ମୁଖ୍ୟତଃ ଏହି ୱାର୍ଡରେ ଅପରିଚିତ ଓ ଅସହାୟ ମହିଳା ରୋଗୀମାନେ ରୁହନ୍ତି। ଯେହେତୁ ଉକ୍ତ ୱାର୍ଡର ଜଣେ ଅନ୍ତେବାସୀ ଆତ୍ମହତ୍ୟା କରିଥିଲେ ଏବଂ ଆତ୍ମହତ୍ୟା କରିଥିବା ଶାଢ଼ିର ଖଣ୍ଡ ଲୁହା ପାଇପରେ ଝୁଲି ରହିଛି ସେହି ଦୃଶ୍ୟକୁ ଦେଖି ସେମାନଙ୍କ ମାନସିକତା ବିଗୁଡୁଥିବା ଆର୍‌ଡିସି ଓ ଜିଲାପାଳଙ୍କ ନିକଟରେ ସୋମବାର ଅଭିଯୋଗ ହୋଇଛି। ସାମାଜିକ କର୍ମୀ ଅଚ୍ୟୁତ କୁମାର ସାହୁ ଓ ଦୀପକ ଆଚାର୍ଯ୍ୟ ଅଭିଯୋଗରେ ଦର୍ଶାଇଛନ୍ତି, ମାନସିକ ରୋଗ ପ୍ରତିଷ୍ଠାନର ଭଙ୍ଗା ଖଟ, ପୁରୁଣା ଗଦିଗୁଡ଼ିକ ଷ୍ଟୋର ଘରେ ପଡ଼ି ରହିଛି। ଏହି ଷ୍ଟୋର ଘରେ ଅପରିଚିତ ମହିଳା ରୋଗୀମାନଙ୍କୁ ଭର୍ତ୍ତି କରାଯାଇଛି। ଅତ୍ୟନ୍ତ ଦୟନୀୟ ଅବସ୍ଥାରେ ରୋଗୀମାନେ ଚଟାଣରେ ଶୋଉଛନ୍ତି। ଉକ୍ତ ଘଟଣା ପ୍ରତି ଗୁରୁତ୍ୱ ଦେଇ ଅବସ୍ଥାରେ ସୁଧାର ଆଣିବାକୁ ସାହୁ ଦାବି କରିଛନ୍ତି। ଏ ସମ୍ପର୍କରେ ମାନସିକ ରୋଗ ଚିକିତ୍ସା ପ୍ରତିଷ୍ଠାନର ନିର୍ଦ୍ଦେଶକ ପ୍ରଫେସର ସାରଦା ସ୍ୱାଇଁ କୁହନ୍ତି, ଫ୍ୟାନରେ ଶାଢ଼ି ଝୁଲୁଥିବା ଘଟଣା ମୋ ନଜରକୁ ଆସିନାହିଁ। ତୁରନ୍ତ ଏଥିପ୍ରତି ଧ୍ୟାନ ଦିଆଯିବ। ଉକ୍ତ ପ୍ରତିଷ୍ଠାନରେ ରୋଗୀମାନଙ୍କ ସୁବିଧା ନିମନ୍ତେ ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଇଛି।

■ କଲ୍ୟାଣମଣ୍ଡପ କେଳେଙ୍କାରୀ ମାମଲା

# ହାଇକୋର୍ଟରେ ସତ୍ୟପାଠ ଦାଖଲ

**କଟକ ଅଫିସ, ୧୬।୧୨**



■ ଗାଇଡ୍‌ଲାଇନ୍ ମାନି ନ ଥିବା ମଣ୍ଡପ ନବୀକରଣ ବନ୍ଦ

■ ପୋଲିସକୁ ନ ଜଣାଇ ମଣ୍ଡପ ବୁକିଂ ହେଉଛି

କଟକରେ କଲ୍ୟାଣମଣ୍ଡପ କେଳେଙ୍କାରୀକୁ ନେଇ ହାଇକୋର୍ଟରେ ଆଗତ ମାମଲାରେ କଟକ ମହାନଗର ନିଗମ (ସିଏମ୍‌ସି) ଡେପୁଟି କମିଶନର ଲତାଶ୍ରୀ ବାଗ ସୋମବାର ସତ୍ୟପାଠ ଦାଖଲ କରିଛନ୍ତି। ପୂର୍ବ ତାରିଖ ଶୁଣାଣିରେ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ, ସିଏମ୍‌ସି ଇଲାକାରେ ଥିବା ମଣ୍ଡପଗୁଡ଼ିକ ମଧ୍ୟରୁ କେତୋଟି ମଣ୍ଡପ ହାଇକୋର୍ଟଙ୍କ ଦ୍ୱାରା ଧାର୍ଯ୍ୟ କରାଯାଇଥିବା ବୈଧାନିକ ଆବଶ୍ୟକତା ପୂରଣ କରିନାହାନ୍ତି। ଯେଉଁ ମଣ୍ଡପ ଏହି ଆବଶ୍ୟକତାକୁ ପୂରଣ କରିନାହାନ୍ତି ସେଗୁଡିକର ଲାଇସେନ୍ସ କାହିଁକି ରଦ୍ଦ କରା ନ ଯିବ ବୋଲି ହାଇକୋର୍ଟ ସିଏମ୍‌ସିକୁ ପ୍ରଶ୍ନ କରିଥିଲେ। ଏହି ଅନୁଯାୟୀ ସିଏମ୍‌ସି ପକ୍ଷରୁ ଦାଖଲ କରାଯାଇଥିବା ସତ୍ୟପାଠରେ କୁହାଯାଇଛି, ସିଏମ୍‌ସି ଇଲାକାରେ ମୋଟ ୭୪ଟି ମଣ୍ଡପ ରହିଛି। ସେଥିରୁ ଗୋଟିଏ ମଣ୍ଡପ ସିଏମ୍‌ସିର ନିଜସ୍ୱ ପରିଚାଳନାରେ ରହିଛି। ଉକ୍ତ ମଣ୍ଡପ ବହୁ ପୁରୁଣା ହୋଇଥିବାବେଳେ ମଣ୍ଡପ ପରିସରରେ ଗାଡ଼ି ପାର୍କିଂ ପାଇଁ ପର୍ଯ୍ୟାପ୍ତ ଜାଗା ରହିଛି। ମାତ୍ର ସିସିଟିଭି ଓ ଅଗ୍ନିଶମ ବ୍ୟବସ୍ଥା ନ ଥିବାରୁ ଉକ୍ତ ମଣ୍ଡପର ନବୀକରଣ କରାଯାଇନାହିଁ। ହାଇକୋର୍ଟ ମଣ୍ଡପଗୁଡ଼ିକ ନିମନ୍ତେ ଧାର୍ଯ୍ୟ କରିଥିବା ନିୟମାବଳୀ ଅନୁଯାୟୀ ସିଏମ୍‌ସି ପକ୍ଷରୁ ଏକ ମାର୍ଗଦର୍ଶିକା ପ୍ରସ୍ତୁତ କରାଯାଇଛି। ଏହି ଅନୁଯାୟୀ ନୂଆ ଓ ପୁରୁଣା ମଣ୍ଡପକୁ ଦୁଇ ଭାଗରେ ବିଭକ୍ତ କରାଯାଇଛି। ତଦନୁଯାୟୀ ସହରରେ ୩୫ଟି ନୂଆ ମଣ୍ଡପ ଥିବାବେଳେ ଗୋଟିଏ ମଣ୍ଡପ ସିଡିଏଠାରୁ ନୋଅବ୍‌ଜେକ୍ସନ ସାର୍ଟିଫିକେଟ (ଏନ୍‌ଓସି) ପାଇଛି। ତେଣୁ ବାକି ମଣ୍ଡପଗୁଡ଼ିକର ଲାଇସେନ୍ସକୁ ନବୀକରଣ କରାଯାଇ ନ ଥିବା ସତ୍ୟପାଠରେ କୁହାଯାଇଛି। ସେହିପରି ସହରରେ ମୋଟ ୩୯ଟି ପୁରୁଣା ମଣ୍ଡପ ରହିଛି। ସେଥିମଧ୍ୟରୁ ୨୭ଟିକୁ ସର୍ତ୍ତମୂଳକ ଲାଇସେନ୍ସ ପ୍ରଦାନ କରାଯାଇଛି। ସତ୍ୟପାଠରେ କୁହାଯାଇଛି, ମଣ୍ଡପଗୁଡ଼ିକରେ ହେଉଥିବା କାର୍ଯ୍ୟକ୍ରମ ସମ୍ପର୍କରେ ସେମାନେ ନିକଟସ୍ଥ ପୋଲିସକୁ ଅବଗତ କରାଉନାହାନ୍ତି। ଏଥିପାଇଁ ଯାଞ୍ଚ କାର୍ଯ୍ୟକୁ ଜୋରଦାର କରାଯାଉଛି। ଯେଉଁମାନେ ନିୟମକୁ ପାଳନ କରିନାହାନ୍ତି ସେମାନଙ୍କ ଲାଇସେନ୍ସ ନବୀକରଣ ନ କରିବାକୁ ଗାଇଡଲାଇନ ପ୍ରସ୍ତୁତ ହୋଇଥିବା ସତ୍ୟପାଠରେ ଦର୍ଶାଯାଇଛି। ସୂଚନାଥାଉ କି, ସିଏମ୍‌ସି ଇଲାକାରେ ଥିବା କଲ୍ୟାଣମଣ୍ଡପଗୁଡ଼ିକୁ ନେଇ ହାଇକୋର୍ଟରେ ମାମଲା ରୁଜୁ ହୋଇଥିଲା। ଉକ୍ତ ମାମଲାରେ ହାଇକୋର୍ଟଙ୍କ ପକ୍ଷରୁ ଆଡଭୋକେଟ ଅରୁଣ କୁମାର ବୁଦ୍ଧିଆଙ୍କୁ ଆମିକସ୍‌କ୍ୟୁରୀ ଭାବେ ନିଯୁକ୍ତ କରାଯାଇଥିଲା। ଆସନ୍ତା ୨୩ ତାରିଖରେ ଏହି ମାମଲାର ପରବର୍ତ୍ତୀ ଶୁଣାଣି କରାଯିବ।



ତୁମର କଷ୍ଟର କାରଣ ଯାହାକିଛି ହୋଇଥାଉ ନା କାହିଁକି, ତୁମେ ଅପରକୁ ଆଘାତ ଦିଅ ନାହିଁ।
- ଗୌତମ ବୁଦ୍ଧ



## ସଂକ୍ଷେପରେ

### ଶାଖା ଡାକଘରେ ମିଳୁନି ଲଫାପା

**କଟକ ସଦର,୧୬।୧୨(ଡି.ଏନ.ଏ.):** ଲଫାପା, ଅନ୍ତର୍ଦେଶୀୟ ପତ୍ର, ଟିକେଟ, ପୋଷ୍ଟକାର୍ଡ, ରେଭିନ୍ୟୁ ଷ୍ଟାମ୍ପ ଭଳି ଅତ୍ୟାବଶକୀୟ ଚିଠି ପ୍ରେରଣ ସାମଗ୍ରୀ ଡାକଘରଗୁଡ଼ିକରେ ମିଳିଥାଏ। କିନ୍ତୁ ଏହି ସାମଗ୍ରୀ କଟକ ସହର ଡାକ ଡିଭିଜନ ଅନ୍ତର୍ଗତ କୌଣସି ଶାଖା ଡାକଘରେ ମିଳୁନାହିଁ ଫଳରେ ସାଧାରଣ ଲୋକେ ଏହି ସବୁ ସାମଗ୍ରୀ ଉପଡାକଘରୁ କିଣିବାକୁ ବାଧ ହେଉଛନ୍ତି। ୨୦୧୮ ନଭେମ୍ବରରେ ଉକ୍ତ ଡିଭିଜନର ସମସ୍ତ ଶାଖା ଘରକୁ ପଏଣ୍ଟ ଅଫ ସେଲ ମେଶିନ ଯୋଗାଇ ଦିଆଯାଇଥିଲା। ସେହି ମାସଠାରୁ ଶାଖା ଡାକଘରେ କୋର ସିଷ୍ଟମ ଇଣ୍ଟିଗ୍ରେଶନ(ସିଏସ୍ଆଇ) କାର୍ଯ୍ୟକାରୀ ହୋଇଛି। ଯାହା ସମସ୍ତ କାମ କାଗଜ କଲମରେ ନ ହୋଇ ଏହି ପଏଣ୍ଟ ଅଫ ସେଲ ମେଶିନରେ କରାଗଲା। ମେଶିନରେ ସମସ୍ତ କାର୍ଯ୍ୟ ହେଉଥିବାରୁ ଅନ୍ୟ ସବୁ ଷ୍ଟାମ୍ପ ପେପର ରଖିବାର କମାଇ ଦିଆଯାଇଥିଲା। ପରେ ମେଶିନ ଯାନ୍ତ୍ରିକ ତ୍ରୁଟି ହେବାରୁ ମଧ କୌଣସି ଚିଠି ପ୍ରେରଣ ସାମଗ୍ରୀ ରଖାଯାଇ ନ ଥିବା ଜଣାପଡିଛି। ଏ ନେଇ କଟକ ସହର ଡିଭିଜନର ବରିଷ୍ଠ ଅଧିକାରୀଙ୍କ ସହ ଫୋନ ଯୋଗେ(ନଂ.୨୩୦୪୪୦୧) ଯୋଗାଯୋଗ କରାଯାଇଥିଲେ ମଧ ପ୍ରତିକ୍ରିୟା ମିଳିପାରି ନାହିଁ।

### ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶନୀ

**ଚୌଦ୍ୱାର,୧୬।୧୨(ଡି.ଏନ୍.ଏ):** ଟାଙ୍ଗୀ-ଚୌଦ୍ୱାର ବ୍ଲକ ବାଣୀପଦାସ୍ଥିତ ଉତ୍କଳ ଇଣ୍ଟରନ୍ୟାଶନାଲ ସ୍କୁଲରେ ବିଜ୍ଞାନ, ଗଣିତ ଓ ପରିବେଶ ସମ୍ପର୍କିତ ପ୍ରକଳ୍ପ ପ୍ରଦର୍ଶନୀ ଉତ୍ସବ ବିଦ୍ୟାଳୟ ପରିସରରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ନର୍ସରି ଠାରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଛାତ୍ରମାନେ ଯୋଗଦେଇ ୩୦ଟି ପ୍ରକଳ୍ପ ମେଳାରେ ପ୍ରଦର୍ଶନ କରିଥିଲେ। ସ୍ଥାନୀୟ ସରପଞ୍ଚ ଜ୍ୟୋତ୍ସ୍ନାରାଣୀ ସୁବୁଦ୍ଧିରାୟ ଓ ଗୋଖଲେ ଆଦର୍ଶ ମହାବିଦ୍ୟାଳୟର ଅଧାପକ ଶାରଦା ପ୍ରସାଦ ସାହୁ ଅତିଥି ଭାବେ ଯୋଗଦେଇ ପିଲାମାନଙ୍କ ମଧରେ ବିଜ୍ଞାନ ପ୍ରତି ଆଗ୍ରହ ସୃଷ୍ଟି କରିବା ପାଇଁ ବିଦ୍ୟାଳୟରେ ବିଜ୍ଞାନ ପାଠ ଓ ଏସମ୍ପର୍କିତ ପ୍ରଦର୍ଶନୀ ଆୟୋଜନର ଆବଶ୍ୟକତା ଥିବା ମତ ଦେଇଥିଲେ। ସ୍କୁଲର ଅଧକ୍ଷା ଅମ୍ବିକା ତ୍ରିପାଠୀ, ଗିରିଧାରୀ ସାମଲ, ଶଶିଭୂଷଣ ବେହେରା, ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଓ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ବଟେଶ୍ୱର ମହାଦେବଙ୍କ ମହାସ୍ନାନ ଉତ୍ସବ

**ଟାଙ୍ଗୀ(କଟକ)୧୬।୧୨(ଡି.ଏନ୍.ଏ):** ଟାଙ୍ଗୀ-ଚୌଦ୍ୱାର ବ୍ଲକ କୋଟସାହି ପଞ୍ଚାୟତ ବନ୍ଦାଳୋ ଗ୍ରାମସ୍ଥିତ ଶ୍ରୀଶ୍ରୀ ବଟେଶ୍ୱର ମହାଦେବଙ୍କ ୧୩ତମ ମହାସ୍ନାନ ଉତ୍ସବ ତଥା ମହାଯଜ୍ଞ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଗତ ୧୨ତାରିଖରେ ଅଙ୍କୁରାରୋପଣ ଓ ୧୩ରେ ଘଟ ଜଳାଧିବାସ ପରେ ଯଥାରୀତି ଯଜ୍ଞକର୍ମ ଅନୁଷ୍ଠିତ ହୋଇଥିଲା। ପୂର୍ଣ୍ଣାହୁତି ଉତ୍ସବରେ ସ୍ଥାନୀୟ ବିଧାୟକ ପ୍ରଶାନ୍ତ କୁମାର ବେହେରା, ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀ, ସରପଞ୍ଚ ଅମୂଲ୍ୟ କୁମାର ସାହୁ, ବିରଜା ପ୍ରସାଦ ରାଉତ ଓ ବହୁ କମ୍ପାନୀର ମାଲିକ ତଥା ଅଧିକାରୀ ଅତିଥିଭାବେ ଯୋଗଦେଇଥିଲେ। ଗ୍ରାମବାସୀଙ୍କ ସହଯୋଗରେ ଅନୁଷ୍ଠିତ ଏହି ପଞ୍ଚଦିବସୀୟ ଉତ୍ସବରେ ପ୍ରାୟ ୫୦ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା।

## ■ କଲ୍ୟାଣମଣ୍ଡପ କେଳେଙ୍କାରୀ ମାମଲା

# ହାଇକୋର୍ଟରେ ସତ୍ୟପାଠ ଦାଖଲ

**କଟକ ଅଫିସ, ୧୬।୧୨**

କଟକରେ କଲ୍ୟାଣମଣ୍ଡପ କେଳେଙ୍କାରୀକୁ ନେଇ ହାଇକୋର୍ଟରେ ଆଗତ ମାମଲାରେ କଟକ ମହାନଗର ନିଗମ (ସିଏମ୍‌ସି) ଡେପୁଟି କମିଶନର ଲତାଶ୍ରୀ ବାଗ ସୋମବାର ସତ୍ୟପାଠ ଦାଖଲ କରିଛନ୍ତି। ପୂର୍ବ ତାରିଖ ଶୁଣାଣିରେ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ, ସିଏମ୍‌ସି ଇଲାକାରେ ଥିବା ମଣ୍ଡପଗୁଡ଼ିକ ମଧ୍ୟରୁ କେତୋଟି ମଣ୍ଡପ ହାଇକୋର୍ଟଙ୍କ ଦ୍ୱାରା ଧାର୍ଯ୍ୟ କରାଯାଇଥିବା ବୈଧାନିକ ଆବଶ୍ୟକତା ପୂରଣ କରିନାହାନ୍ତି। ଯେଉଁ ମଣ୍ଡପ ଏହି ଆବଶ୍ୟକତାକୁ ପୂରଣ କରିନାହାନ୍ତି ସେଗୁଡିକର ଲାଇସେନ୍ସ କାହିଁକି ରଦ୍ଦ କରା ନ ଯିବ ବୋଲି ହାଇକୋର୍ଟ ସିଏମ୍‌ସିକୁ ପ୍ରଶ୍ନ କରିଥିଲେ। ଏହି ଅନୁଯାୟୀ ସିଏମ୍‌ସି ପକ୍ଷରୁ ଦାଖଲ କରାଯାଇଥିବା ସତ୍ୟପାଠରେ କୁହାଯାଇଛି, ସିଏମ୍‌ସି ଇଲାକାରେ ମୋଟ ୭୪ଟି ମଣ୍ଡପ ରହିଛି। ସେଥିରୁ ଗୋଟିଏ ମଣ୍ଡପ ସିଏମ୍‌ସିର ନିଜସ୍ୱ ପରିଚାଳନାରେ ରହିଛି। ଉକ୍ତ ମଣ୍ଡପ ବହୁ ପୁରୁଣା ହୋଇଥିବାବେଳେ ମଣ୍ଡପ ପରିସରରେ ଗାଡ଼ି ପାର୍କିଂ ପାଇଁ ପର୍ଯ୍ୟାପ୍ତ ଜାଗା ରହିଛି। ମାତ୍ର ସିସିଟିଭି ଓ ଅଗ୍ନିଶମ ବ୍ୟବସ୍ଥା ନ ଥିବାରୁ ଉକ୍ତ ମଣ୍ଡପର ନବୀକରଣ କରାଯାଇନାହିଁ। ହାଇକୋର୍ଟ ମଣ୍ଡପଗୁଡ଼ିକ ନିମନ୍ତେ ଧାର୍ଯ୍ୟ କରିଥିବା ନିୟମାବଳୀ ଅନୁଯାୟୀ ସିଏମ୍‌ସି ପକ୍ଷରୁ ଏକ ମାର୍ଗଦର୍ଶିକା ପ୍ରସ୍ତୁତ କରାଯାଇଛି। ଏହି ଅନୁଯାୟୀ ନୂଆ ଓ ପୁରୁଣା ମଣ୍ଡପକୁ ଦୁଇ ଭାଗରେ ବିଭକ୍ତ କରାଯାଇଛି। ତଦନୁଯାୟୀ ସହରରେ ୩୫ଟି ନୂଆ ମଣ୍ଡପ ଥିବାବେଳେ ଗୋଟିଏ ମଣ୍ଡପ ସିଡିଏଠାରୁ ନୋଅବ୍‌ଜେକ୍ସନ ସାର୍ଟିଫିକେଟ (ଏନ୍‌ଓସି) ପାଇଛି। ତେଣୁ ବାକି ମଣ୍ଡପଗୁଡ଼ିକର ଲାଇସେନ୍ସକୁ ନବୀକରଣ କରାଯାଇ ନ ଥିବା ସତ୍ୟପାଠରେ କୁହାଯାଇଛି। ସେହିପରି ସହରରେ ମୋଟ ୩୯ଟି ପୁରୁଣା ମଣ୍ଡପ ରହିଛି। ସେଥିମଧ୍ୟରୁ ୨୭ଟିକୁ ସର୍ତ୍ତମୂଳକ ଲାଇସେନ୍ସ ପ୍ରଦାନ କରାଯାଇଛି। ସତ୍ୟପାଠରେ କୁହାଯାଇଛି, ମଣ୍ଡପଗୁଡ଼ିକରେ ହେଉଥିବା କାର୍ଯ୍ୟକ୍ରମ ସମ୍ପର୍କରେ ସେମାନେ ନିକଟସ୍ଥ ପୋଲିସକୁ ଅବଗତ କରାଉନାହାନ୍ତି। ଏଥିପାଇଁ ଯାଞ୍ଚ କାର୍ଯ୍ୟକୁ ଜୋରଦାର କରାଯାଉଛି। ଯେଉଁମାନେ ନିୟମକୁ ପାଳନ କରିନାହାନ୍ତି ସେମାନଙ୍କ ଲାଇସେନ୍ସ ନବୀକରଣ ନ କରିବାକୁ ଗାଇଡଲାଇନ ପ୍ରସ୍ତୁତ ହୋଇଥିବା ସତ୍ୟପାଠରେ ଦର୍ଶାଯାଇଛି। ସୂଚନାଥାଉ କି, ସିଏମ୍‌ସି ଇଲାକାରେ ଥିବା କଲ୍ୟାଣମଣ୍ଡପଗୁଡ଼ିକୁ ନେଇ ହାଇକୋର୍ଟରେ ମାମଲା ରୁଜୁ ହୋଇଥିଲା। ଉକ୍ତ ମାମଲାରେ ହାଇକୋର୍ଟଙ୍କ ପକ୍ଷରୁ ଆଡଭୋକେଟ ଅରୁଣ କୁମାର ବୁଦ୍ଧିଆଙ୍କୁ ଆମିକସ୍‌କ୍ୟୁରୀ ଭାବେ ନିଯୁକ୍ତ କରାଯାଇଥିଲା। ଆସନ୍ତା ୨୩ ତାରିଖରେ ଏହି ମାମଲାର ପରବର୍ତ୍ତୀ ଶୁଣାଣି କରାଯିବ।



■ଗାଇଡ୍‌ଲାଇନ୍ ମାନି ନ ଥିବା ମଣ୍ଡପ ନବୀକରଣ ବନ୍ଦ

■ପୋଲିସକୁ ନ ଜଣାଇ ମଣ୍ଡପ ବୁକିଂ ହେଉଛି





ସିଡିଏ ନେତାଜୀ ସେତୁ ପାର୍ଶ୍ୱରେ ବାଲୁକାଶିଳ୍ପୀ ସିଦ୍ଧାର୍ଥ ମହାପାତ୍ରଙ୍କ ଦ୍ୱାରା ପ୍ରସ୍ତୁତ ବାଲୁକାକଳା।

# ପାଳନ ହେଉନି ସିଏମ୍‌ସି କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶ

**କଟକ ଅଫିସ,୧୬।୧୨**

**କମ୍ୟୁନିଟି ହଲ୍‌ରେ ଚାଲିଛି ଉତ୍ସବ ପାଳନ**

ଅଢେଇ ବର୍ଷରୁ ଅଧିକ ସମୟ ହେବ କମ୍ୟୁନିଟି ହଲ୍‌ରେ କୌଣସି ସାଧାରଣ ଉତ୍ସବ ପାଳନ ନ କରିବାକୁ କଟକ ମହାନଗର ନିଗମ(ସିଏମ୍‌ସି) କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶ ରହିଛି। ହେଲେ ସିଏମ୍‌ସି କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆଢୁଆଳରେ ଏଠାରେ ଅନେକ ସାଧାରଣ ଉତ୍ସବ ଓ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଥିବା ଦେଖିବାକୁ ମିଳୁଛି। ଏଥିଯୋଗୁ ସିଏମ୍‌ସି ଅନେକ ଅର୍ଥ ହରାଉଥିବା ଅଭିଯୋଗ ହେଉଛି। ଏହି କମ୍ୟୁନିଟି ହଲ୍‌ରେ ଯେଉଁ କାରଣରୁ ଉତ୍ସବ ପାଳନ ବନ୍ଦ ରହିଛି, ସେହି କାରଣ ପାଇଁ ସହରର ବହୁ କଲ୍ୟାଣ ମଣ୍ଡପ ମଧ୍ୟ ବନ୍ଦ ପଡ଼ିଛି। ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରି କଲ୍ୟାଣ ମଣ୍ଡପ ନିର୍ମାଣ କରିଥିବା ମାଲିକମାନେ ମଣ୍ଡପ ବନ୍ଦକରି ସର୍ବସ୍ୱାନ୍ତ ହେଉଥିବାବେଳେ କେତେଜଣ ଅସାଧୁ କର୍ମଚାରୀ ହାତଗୁଞ୍ଜା ନେଇ ଏହି କମ୍ୟୁନିଟି ହଲ୍‌ରେ ବେଆଇନ ଭାବେ ଉତ୍ସବ ପାଳନ କରିବାକୁ ପ୍ରୋତ୍ସାହନ ଦେଉଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ରାଜେନ୍ଦ୍ର ନଗର ସର୍ବ ମଙ୍ଗଳା ମହଲା ସଭା କମ୍ୟୁନିଟ୍ ହଲ୍‌ରେ ସାଧାରଣ ଉତ୍ସବ ପାଳନ ନ କରିବା ପାଇଁ ୨୦୧୭ ଏପ୍ରିଲ୍ ୧୨ରେ ସିଏମ୍‌ସି ଆଦେଶ ଦେଇଥିଲା। ପାର୍କିଂ ସ୍ଥାନ ଅଭାବ ଓ ଟ୍ରାଫିକ୍ ଜାମ ଭଳି ସମସ୍ୟା ଯୋଗୁ ସିଏମ୍‌ସି ଏହି ନିଷ୍ପତ୍ତି ନେଇଥିଲା। ପରବର୍ତ୍ତୀ ସମୟରେ ଏଠାରେ କମ୍ୟୁନିଟି ହଲ୍ ଦାୟିତ୍ୱରେ ଥିବା କର୍ମଚାରୀ ଏବଂ ସିଏମ୍‌ସିର କେତେଜଣ କର୍ମଚାରୀଙ୍କ ସଲାସୁତରାରେ ଏଠାରେ ବିବାହ, ବ୍ରତ ଓ ଏକାଦଶାହ କାର୍ଯ୍ୟକ୍ରମ ଆୟୋଜନ ହେଉଥିବା ସୂଚନା ଅଧିକାର କର୍ମୀ ଜିତେନ୍ଦ୍ର କୁମାର ସାହୁ ଅଭିଯୋଗ ଉଠାଇଛନ୍ତି। ଏ ସମ୍ପର୍କରେ ପୂର୍ବରୁ ସିଏମ୍‌ସି କର୍ତ୍ତୃପକ୍ଷଙ୍କ ନିକଟରେ ଅଭିଯୋଗ କରିଥିଲେ ମଧ ତାହାର ଉତ୍ତର ଏ ପର୍ଯ୍ୟନ୍ତ ମିଳି ନ ଥିବା ସାହୁ କହିଛନ୍ତି। କମ୍ୟୁନିଟି ହଲ୍‌ରେ ଏଭଳି ବେଆଇନ କାର୍ଯ୍ୟ କାହା ଛତ୍ରଛାୟା ତଳେ ଚାଲୁଛି ବୋଲି ସାହୁ ପ୍ରଶ୍ନ କରିଛନ୍ତି। ଏପରି କି ରବିବାର ଏଠାରେ ଏକ ଜନ୍ମଦିନ ଉତ୍ସବ ପାଳିତ ହୋଇଥିବାବେଳେ ସୋମବାର ଏଠାରେ ଏକାଦଶାହ ଭୋଜି ଆୟୋଜନ କରାଯାଇଥିଲା ବୋଲି ସିଏମ୍‌ସି ସଚିବଙ୍କ ନିକଟରେ ଅଭିଯୋଗ ହୋଇଥିଲା। ହେଲେ ଏ ନେଇ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିବା ସାହୁ କହିଛନ୍ତି। ଏ ସମ୍ପର୍କରେ ଦାୟିତ୍ୱରେ ଥିବା ଅଧିକାରୀ ତଥା ସିଏମ୍‌ସି ସଚିବ ଲତାଶ୍ରୀ ବାଗ କୁହନ୍ତି, ଉପରୋକ୍ତ କାର୍ଯ୍ୟକ୍ରମ ସମ୍ପର୍କରେ ସିଏମ୍‌ସିର ସ୍ୱୀକୃତି ପାଇଁ ଆସିଥିଲା। ତେବେ ସେ ଉକ୍ତ ଫାଇଲ କମିଶନରଙ୍କୁ ଦେଇଥିଲେ। ସୋମବାର ଛୁଟିରେ ଥିବାରୁ ଏ ସମ୍ପର୍କରେ କିଛି କହିପାରିବେ ନାହିଁ ବୋଲି ସଚିବ ବାଗ କହିଛନ୍ତି। ଏହାର ତଦାରଖ କାର୍ଯ୍ୟ ଏନ୍‌ଫୋର୍ସମେଣ୍ଟ କମିଟିର ହୋଇଥିବାରୁ ଅଭିଯୋଗ ସମ୍ପର୍କରେ ଉକ୍ତ କମିଟିକୁ କୁହାଯାଇଥିବା ସଚିବ ବାଗ ସୂଚନା ଦେଇଛନ୍ତି। ଏହି କମ୍ୟୁନିଟି ହଲ୍‌ରେ ସୋମବାର ହେବାକୁ ଥିବା କାର୍ଯ୍ୟକ୍ରମ ପାଇଁ ସିଏମ୍‌ସିରୁ ସ୍ୱୀକୃତି ମିଳିଛି କି ନାହିଁ ପଚାରିବାକୁ ସିଏମ୍‌ସି କମିଶନର ଅନନ୍ୟା ଦାସଙ୍କୁ ବାରମ୍ବାର ଫୋନ୍ ଓ ମେସେଜ କରାଯାଇଥିଲେ ମଧ ସେ ତାହାର ଉତ୍ତର ଦେଇ ନ ଥିଲେ।





ଶ୍ରୀଅରବିନ୍ଦ ସ୍କୁଲ ଅଫ ନ୍ୟୁ ଥଟ ଓ ଶ୍ରୀଅରବିନ୍ଦ ବିଜ୍ଞାନ ମହାବିଦ୍ୟାଳୟର ବାର୍ଷିକ ଉତ୍ସବରେ ମଞ୍ଚାସୀନ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶଙ୍କ ସହ ଅନ୍ୟମାନେ।

## ଛାତ୍ରୀଛାତ୍ର ସମୟାନୁବର୍ତ୍ତିତା ହେବା ଉଚିତ

**କଟକ ଅଫିସ, ୧୬।୧୨**

ଶ୍ରୀଅରବିନ୍ଦ ସ୍କୁଲ ଅଫ ନ୍ୟୁ ଥଟ ଓ ଶ୍ରୀଅରବିନ୍ଦ ବିଜ୍ଞାନ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ ସୋମବାର ପାଳିତ ହୋଇଯାଇଛି। ମହାବିଦ୍ୟାଳୟର ଅଧକ୍ଷା ବାସନ୍ତୀ ଲେଙ୍କାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଯୋଗଦେଇ ଛାତ୍ରୀଛାତ୍ରମାନେ ଜୀବନରେ ଶୃଙ୍ଖଳିତ ହେବା ସହିତ ସମୟାନୁବର୍ତ୍ତିତା ହେବାକୁ ପରାମର୍ଶ ଦେଇଥିଲେ। ଏଥିରେ ସମ୍ମାନିତ ଅତିଥି ଭାବେ ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ, ଚଳଚ୍ଚିତ୍ର ଜଗତର ସମ୍ପାଦକ ଆଦିକନ୍ଦ ରାଉତ ଯୋଗଦେଇଥିଲେ। ସ୍କୁଲର ପ୍ରଧାନଶିକ୍ଷକ ପଙ୍କଜ ସ୍ୱାଇଁ ଧନ୍ୟବାଦ ଦେଇଥିଲେ।

## ନରଣପୁର ଗ୍ରାମରେ ନରେନ୍ଦ୍ରପୁରର ନାମଫଳକ

**ଟାଙ୍ଗୀ(କଟକ)୧୬।୧୨(ଡି.ଏନ୍.ଏ)**

**ବାହ୍ୟ ମଳମୁକ୍ତ ଗାଁ ଘୋଷଣା**



ଟାଙ୍ଗୀ-ଚୌଦ୍ୱାର ବ୍ଲକ ପକ୍ଷରୁ ପ୍ରତିଟି ଗ୍ରାମରେ ବାହ୍ୟ ମଳମୁକ୍ତ ଗ୍ରାମ ଘୋଷଣା କେବଳ ଫଳକ ଲାଗିବାରେ ସୀମିତ ରହିଛି। ଏହି ସଚେତନତା ଅଭିଯାନ କେତେ ଦୂର ସଫଳ ତାହାର ସତ୍ୟତା ତଦାରଖ କରିବା ବଦଳରେ କେବଳ ଫଳକରେ ସୀମିତ ରହୁଛି। ଏପରି କି ନାମଫଳକ ଲଗାଇବାରେ ଭୁଲ କରୁଛନ୍ତି ବ୍ଲକ କର୍ତ୍ତୃପକ୍ଷ। ଗ୍ରାମର ନାମ ନରଣପୁର ବଦଳରେ ନରେନ୍ଦ୍ରପୁର ଫଳକରେ ଲେଖାହେବା କନ୍ହେଇପୁର ପଞ୍ଚାୟତରେ ଚର୍ଚ୍ଚାର ବିଷୟ ପାଲଟିଛି। ନରଣପୁର ଗ୍ରାମରେ ଶବର ସମ୍ପ୍ରଦାୟର ପ୍ରାୟ ୪୦ ପରିବାର ବାସ କରନ୍ତି। ସ୍ୱଚ୍ଛ ଭାରତ ଯୋଜନାରେ ପ୍ରତି ପରିବାରକୁ ସାମିଲ କରାଯାଇ ସେମାନଙ୍କ ପାଇଁ ପାଇଖାନା ନିର୍ମାଣ କରାଯାଇଛି। କିନ୍ତୁ ପାଇଖାନାଗୁଡ଼ିକର ମାନ ଏତେ ଖରାପ ଯେ ସେଗୁଡିକ ବ୍ୟବହାର ଉପଯୋଗୀ ନୁହେଁ ବୋଲି କେତେଜଣ ଉପଭୋକ୍ତା ନିଜ ନାମ ଗୋପନ ରଖି କହିଛନ୍ତି। ଅତ୍ୟନ୍ତ ତରବରିଆ ଭାବେ ନରଣପୁର ଗ୍ରାମକୁ ବାହ୍ୟ ମଳମୁକ୍ତ ଗାଁ ଘୋଷଣା କରାଯାଇ ଗୋଟିଏ ଫଳକ ଲଗାଇ ଦିଆଯାଇଥିଲା। କିନ୍ତୁ ତାହା ଭୁଲ କରି ନରେନ୍ଦ୍ରପୁର ଲେଖାଯାଇଥିଲା। ଯାହାକି ନରେନ୍ଦ୍ରପୁର ଆଗକୁ ବାହ୍ୟ ମଳମୁକ୍ତ ଘୋଷଣା ହେବା ପାଇଁ ଥିବାବେଳେ ଆଗୁଆ ଏଭଳି ଫଳକ ଲଗାଇବା ଯୋଜନାର ସ୍ୱଚ୍ଛତା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏ ନେଇ ବିଡିଓଙ୍କ ବିନୋଦ କୁମାର ସେନାପତିଙ୍କ ମୋବାଇଲ (୯୪୩୭୨୫୧୧୪୪)ନଂକୁ ବାରମ୍ବାର ଯୋଗାଯୋଗ କରିଥିଲେ ମଧ କୌଣସି ପ୍ରତିକ୍ରିୟା ମିଳିପାରି ନ ଥିଲା।

## ଜିଲାସ୍ତରୀୟ ଲାପ୍‌ଟପ୍ ବଣ୍ଟନ କାର୍ଯ୍ୟକ୍ରମ

**କଟକ ଅଫିସ,୧୬।୧୨**

ଜାତୀୟକବିବୀରକିଶୋର(ଜେକେବିକେ) ସରକାରୀ ମହାବିଦ୍ୟାଳୟରେ ସୋମବାର ଜିଲାସ୍ତରୀୟ ଲାପଟପ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗତ ଯୁକ୍ତଦୁଇ ପରୀକ୍ଷାର ମେଧାବୀ ଛାତ୍ରୀଛାତ୍ରଙ୍କୁ ବିଜୁ ଯୁବ ସଶକ୍ତୀକରଣ ଯୋଜନାରେ ଲାପ୍‌ଟପ ବଣ୍ଟନ କରାଯାଇଥିଲା। ଆସନ୍ତା ୨୧ ତାରିଖ ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମ ଚାଲିବ। ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଧାୟକ ଇଂ. ମହମ୍ମଦ ମୋକିମ, ବିଧାୟକ ପ୍ରଶାନ୍ତ ବେହେରା, ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ ଅତିଥିଭାବେ ଯୋଗଦେଇଥିଲେ। ଏଥିରେ ମହାବିଦ୍ୟାଳୟ ଅଧକ୍ଷା ଡ. ମଧୁସ୍ମିତା ମିଶ୍ର ସଭାପତିତ୍ୱ କରିଥିବାବେଳେ ଅଧାପକ ନୂତନ ରଞ୍ଜନ ମହାନ୍ତି କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

## ‘ଡକ୍ୟୁମେଣ୍ଟାରୀ ଫିଲ୍ମ ସକାରାତ୍ମକ ଚିନ୍ତାଧାରା ସୃଷ୍ଟି କରେ’

**କଟକ ଅଫିସ,୧୬।୧୨**

ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ସେଭେନ୍ ପିଲାର ଅଫ ୱିଜଡମଠାରେ ସାମ୍ବାଦିକତା ଓ ଗଣଯୋଗଯୋଗ ବିଭାଗ ଏବଂ ଫିଲ୍ମ ସୋସାଇଟିର ମିଳିତ ଆନୁକୂଲ୍ୟରେ ଏକ ଡକ୍ୟୁମେଣ୍ଟାରୀ ଫିଲ୍ମ ମେକିଙ୍ଗ କର୍ମଶାଳା ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଡକ୍ୟୁମେଣ୍ଟାରୀ ଫିଲ୍ମ ନିର୍ମାତା ଆଦିତ୍ୟ ସେଠ ଯୋଗଦେଇ ଡକ୍ୟୁମେଣ୍ଟାରୀ ଫିଲ୍ମ ନିର୍ମାଣ ସମ୍ପର୍କରେ ଆଲୋକପାତ କରିଥିଲେ। ସେ କହିଥିଲେ, ଏହି ଫିଲ୍ମରେ କାଳ୍ପନିକ ବିଷୟବସ୍ତୁର ସ୍ଥାନ ନାହିଁ। ଲୋକମାନଙ୍କ ମଧ୍ୟରେ ସକାରାତ୍ମକ ଚିନ୍ତାଧାରା ସୃଷ୍ଟି କରିବା ଏବଂ ସଚେତନ କରିବା ଏହାର ମୂଳ ଲକ୍ଷ୍ୟ। ଏହି କର୍ମଶାଳାରେ ‘ବାହାଦୂର’ ଫିଲ୍ମ ପ୍ରଦର୍ଶିତ ହୋଇଥିଲା। ଡ. ଜୟନ୍ତ କୁମାର ସ୍ୱାଇଁଙ୍କ ଅଧକ୍ଷତାରେ ଅନୁଷ୍ଠିତ କର୍ମଶାଳାରେ ଅଧାପକ ତାରା ପ୍ରସାଦ ଷଡଙ୍ଗୀ, ଦେବୀଲାଲ ମିଶ୍ର, ସାର୍ଥକ ଅଭ୍ୟୁଦୟ, ସୁମିତ ବେହେରା ଓ ପ୍ରତାପ କୁମାର ସୁତାରଙ୍କ ସମେତ ବହୁ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।





ଏନ୍‌ଆରସି ଓ ସିଏବି ବିଲ୍ ପ୍ରତ୍ୟାହାର ଦାବିରେ ମୁସ୍‌ଲିମ୍ ଓ ଦଳିତ ସୁରକ୍ଷା ମଞ୍ଚ ପକ୍ଷରୁ ସୋମବାର କଟକ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ।

### ଅଢେଇ ମାସ ତଳେ ଆତ୍ମହତ୍ୟା କରିଥିଲେ ରୋଗୀ

## ଲୁହା ପାଇପରେ ଝୁଲୁଛି ଶାଢ଼ି

**କଟକ ଅଫିସ, ୧୬।୧୨**

**ମାନସିକ ରୋଗୀଙ୍କ ମାନସିକତା ବିଗୁଡୁଛି**

ଏସ୍‌ସିବି ମାନସିକ ଚିକିତ୍ସା ପ୍ରତିଷ୍ଠାନର ମହିଳା ୱାର୍ଡରେ ଜଣେ ମାନସିକ ରୋଗୀ ଗତ ସେପ୍ଟେମ୍ବର ୨୮ ତାରିଖ ସନ୍ଧ୍ୟାରେ ବେକରେ ଶାଢୀ ଗୁଡ଼ାଇ ଫ୍ୟାନ ଲାଗିଥିବା ଲୁହା ପାଇପରେ ଝୁଲି ଆତ୍ମହତ୍ୟା କରିଥିଲେ। ଉକ୍ତ ଘଟଣାକୁ ଇତିମଧ୍ୟରେ ୩ ମାସ ବିତିବ। ମାତ୍ର ଯେଉଁ ଶାଢୀରେ ମହିଳା ଜଣକ ଆତ୍ମହତ୍ୟା କରିଥିଲେ ଉକ୍ତ ଶାଢୀ ସେମିତି ଫ୍ୟାନରେ ବନ୍ଧା ହୋଇରହିଛି। ଏହି ୱାର୍ଡରେ ରହୁଥିବା ଅନ୍ୟ ମହିଳା ମାନସିକ ରୋଗୀମାନେ ବାରମ୍ବାର ଫ୍ୟାନକୁ ଚାହିଁ ଚିତ୍କାର କରୁଥିବା ଦେଖିବାକୁ ମିଳିଛି। ମୁଖ୍ୟତଃ ଏହି ୱାର୍ଡରେ ଅପରିଚିତ ଓ ଅସହାୟ ମହିଳା ରୋଗୀମାନେ ରୁହନ୍ତି। ଯେହେତୁ ଉକ୍ତ ୱାର୍ଡର ଜଣେ ଅନ୍ତେବାସୀ ଆତ୍ମହତ୍ୟା କରିଥିଲେ ଏବଂ ଆତ୍ମହତ୍ୟା କରିଥିବା ଶାଢୀର ଖଣ୍ଡ ଲୁହା ପାଇପରେ ଝୁଲି ରହିଛି ସେହି ଦୃଶ୍ୟକୁ ଦେଖି ସେମାନଙ୍କ ମାନସିକତା ବିଗୁଡୁଥିବା ଆର୍‌ଡିସି ଓ ଜିଲାପାଳଙ୍କ ନିକଟରେ ସୋମବାର ଅଭିଯୋଗ ହୋଇଛି। ସାମାଜିକ କର୍ମୀ ଅଚ୍ୟୁତ କୁମାର ସାହୁ ଓ ଦୀପକ ଆଚାର୍ଯ୍ୟ ଅଭିଯୋଗରେ ଦର୍ଶାଇଛନ୍ତି, ମାନସିକ ରୋଗ ପ୍ରତିଷ୍ଠାନର ଭଙ୍ଗା ଖଟ, ପୁରୁଣା ଗଦିଗୁଡ଼ିକ ଷ୍ଟୋର ଘରେ ପଡ଼ି ରହିଛି। ଏହି ଷ୍ଟୋର ଘରେ ଅପରିଚିତ ମହିଳା ରୋଗୀମାନଙ୍କୁ ଭର୍ତ୍ତି କରାଯାଇଛି। ଅତ୍ୟନ୍ତ ଦୟନୀୟ ଅବସ୍ଥାରେ ରୋଗୀମାନେ ଚଟାଣରେ ଶୋଉଛନ୍ତି। ଉକ୍ତ ଘଟଣା ପ୍ରତି ଗୁରୁତ୍ୱ ଦେଇ ଅବସ୍ଥାରେ ସୁଧାର ଆଣିବାକୁ ସାହୁ ଦାବି କରିଛନ୍ତି। ଏ ସମ୍ପର୍କରେ ମାନସିକ ରୋଗ ଚିକିତ୍ସା ପ୍ରତିଷ୍ଠାନର ନିର୍ଦ୍ଦେଶକ ପ୍ରଫେସର ସାରଦା ସ୍ୱାଇଁ କୁହନ୍ତି, ଫ୍ୟାନରେ ଶାଢୀ ଝୁଲୁଥିବା ଘଟଣା ମୋ ନଜରକୁ ଆସିନାହିଁ। ତୁରନ୍ତ ଏଥିପ୍ରତି ଧ୍ୟାନ ଦିଆଯିବ। ଉକ୍ତ ପ୍ରତିଷ୍ଠାନରେ ରୋଗୀମାନଙ୍କ ସୁବିଧା ନିମନ୍ତେ ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଇଛି।

# ‘ଦେବଭୂମି ଓଡ଼ିଶାର ମାଲିକ ଶ୍ରୀଜଗନ୍ନାଥ’

**କଟକ ଅଫିସ,୧୬।୧୨**





କାର୍ଯ୍ୟକ୍ରମରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଉଦ୍‌ବୋଧନ ଦେଉଛନ୍ତି।

ଭାରତରେ ଓଡ଼ିଶା ହେଉଛି ଦେବଭୂମି। ଏହି ରାଜ୍ୟର ମାଟି, ପବନରେ ଆଧ୍ୟାତ୍ମିକତା ଭରି ରହିଛି। ଜଗତର ନାଥ ଶ୍ରୀଜଗନ୍ନାଥ ହେଉଛନ୍ତି ଏହାର ମାଲିକ। ଏଠାରେ ଜନ୍ମ ନେଇଥିବା ଅନେକ ବ୍ୟକ୍ତି କେବଳ ରାଜ୍ୟ ନୁହେଁ ବରଂ ଦେଶ ବିଦେଶରେ ନାମ କମାଇଛନ୍ତି। ଏହି ମାଟି ବହୁ ସଂଗ୍ରାମୀ ଓ ଜନନେତାଙ୍କୁ ଜନ୍ମ ଦେଇଛି। ଦେଶ ସ୍ୱାଧୀନତାରେ ଓଡ଼ିଆଙ୍କ ଅବଦାନ ଅତୁଳନୀୟ ବୋଲି ରାଜ୍ୟପାଳ ପ୍ରଫେସର ଡ. ଗଣେଶୀ ଲାଲ୍ କହିଛନ୍ତି। ପ୍ରବୀଣ ଆଇନଜ୍ଞ, ସାମାଜିକ କର୍ମୀ, ସାମ୍ବାଦିକ ତଥା ସୁସାହିତ୍ୟିକ ଜଷ୍ଟିସ୍ ରାଜ କିଶୋର ଦାସଙ୍କ ୨୪ତମ ଶ୍ରାଦ୍ଧ ବାର୍ଷିକୀ ଅବସରରେ ସୋମବାର ସ୍ଥାନୀୟ ଶହୀଦ ଭବନଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ରାଜ୍ୟପାଳ ଯୋଗଦେଇ ଏହି ମତବ୍ୟକ୍ତ କରିଛନ୍ତି। ଜଷ୍ଟିସ ରାଜ କିଶୋର ଦାସଙ୍କ ଭଳି ପ୍ରତିଭାବାନ ବ୍ୟକ୍ତି ଏହି ମାଟିରେ ଜନ୍ମ ନେଇଥିବାରୁ ସେ ଓଡ଼ିଶା ମାଟିକୁ ସଲାମ କରୁଛନ୍ତି ବୋଲି ରାଜ୍ୟପାଳ କହିଥିଲେ। ହାଇକୋର୍ଟ ବିଚାରପତି ଡ. ବିଦ୍ୟୁତ୍ ରଞ୍ଜନ ଷଡଙ୍ଗୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ରାଜକିଶୋରଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ପ୍ରଫେସର ଡ. ଶୈଳଜା ନନ୍ଦିନୀ ଜେନା ମୁଖ୍ୟବକ୍ତା ଭାବେ ଯୋଗଦେଇ ସ୍ୱର୍ଗତ ଦାସଙ୍କ ବହୁମୁଖୀ ପ୍ରତିଭା ସମ୍ପର୍କରେ ସୂଚନା ଦେଇଥିଲେ। ଓଡ଼ିଆ ନାଟ୍ୟ ସାହିତ୍ୟକୁ ଋଦ୍ଧିମନ୍ତ କରିଥିବା ବିଶିଷ୍ଟ ନାଟ୍ୟକାର ଡ. ନାରାୟଣ ସାହୁଙ୍କୁ ଚଳିତବର୍ଷର ମର୍ଯ୍ୟାଦାଜନକ ‘ଜଷ୍ଟିସ ରାଜ କିଶୋର ଦାସ’ ପୁରସ୍କାର ସହ ୨୫ ହଜାର ଟଙ୍କାର ଚେକ୍ ପ୍ରଦାନ କରାଯାଇଥିଲା। ଏଥିସହିତ ସମାଜସେବା ପାଇଁ ରାଜ କିଶୋର ସାବତ, ବିଜ୍ଞାନ ପାଇଁ ଡ. ଶରତ ଚନ୍ଦ୍ର ସାହୁ, ସଙ୍ଗୀତ ସାଧନା ପାଇଁ ଦେବାଶିଷ ମହାପାତ୍ର ଓ ସାମ୍ବାଦିକତା ପାଇଁ ଗୋପାଳକୃଷ୍ଣ ମହାପାତ୍ରଙ୍କୁ ‘ଜଷ୍ଟିସ୍ ରାଜ କିଶୋର ଦାସ’ ସ୍ମାରକୀ ସମ୍ମାନ ପ୍ରଦାନ କରାଯାଇଥିଲା। ସେହିପରି ବିଦ୍ୟାଳୟସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଆଇନଜୀବୀ ଜଗନ୍ନାଥ ପଟ୍ଟନାୟକ ଅତିଥି ପରିଚୟ ପ୍ରଦାନ ଓ ସାଧାରଣ ସମ୍ପାଦକ ବରଦା ପ୍ରସନ୍ନ ପଟ୍ଟନାୟକ ବିବରଣୀ ପାଠ କରିଥିଲେ। ଏହି କାର୍ଯ୍ୟକ୍ରମରେ ହାଇକୋର୍ଟର ବିଚାରପତି ଓ ଆଇନଜୀବୀ ଯୋଗଦେଇଥିଲେ।

## ବିଦ୍ୟୁତ୍ ବିଲ୍ ପଇଠ ସମ୍ପର୍କିତ ସଚେତନତା

**ଟାଙ୍ଗୀ(କଟକ) ୧୬।୧୨(ଡି.ଏନ୍.ଏ.)**

ବିଦ୍ୟୁତ୍ ଉପଭୋକ୍ତାମାନେ ବିଲ୍ ଦେବାରେ ଅବହେଳା କରିବାରୁ କମ୍ପାନୀଗୁଡ଼ିକ ପକ୍ଷରୁ ଏବେ କଡ଼ା ଆଭିମୁଖ୍ୟ ଗ୍ରହଣ କରାଯାଇଛି। ସମୟ ଅନୁସାରେ ବିଦ୍ୟୁତ୍ ବିଲ ପଇଠ ନ କଲେ ବିଦ୍ୟୁତ୍ ସଂଯୋଗ କଟାଯିବା ସହ ଜରିମାନା ଦେବାକୁ ପଡ଼ିବ ବୋଲି ଗତ କିଛିଦିନ ତଳେ କୁହାଯାଇଥିଲା। ଏ ନେଇ ବିଭିନ୍ନ ଅଞ୍ଚଳରେ ଠିକ୍ ସମୟରେ ବିଲ୍ ପଇଠ ପାଇଁ ସଚେତନତା କରାଯାଉଛି। ଟାଙ୍ଗୀ-ଚୌଦ୍ୱାର ବ୍ଲକ ବିଦ୍ୟୁତ୍ ଉପଭୋକ୍ତାମାନଙ୍କ ବକେୟା ବିଲ ପଇଠ ନିମନ୍ତେ ଆସନ୍ତା ଜାନୁୟାରୀ ୧୫ ଶେଷ ତାରିଖ ବୋଲି ବିଦ୍ୟୁତ ଆବଣ୍ଟନ କମ୍ପାନୀ ‘ସେସୁ’ ଘୋଷଣା କରିଛି। ବିଲରେ ଯଦି କୌଣସି ତ୍ରୁଟି ଥାଏ ତେବେ ସଂଶୋଧନ ସହ ୬ଗୋଟି କିସ୍ତିରେ ଉପଭୋକ୍ତା ବକେୟା ପଇଠ କରିବାର ସୁଯୋଗ ରହିଛି। ଏହାକୁ ଅଣଦେଖା କଲେ ଜାନୁୟାରୀ ୧୬ତାରିଖ ପରେ ଯେକୌଣସି ମୁହୂର୍ତ୍ତରେ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରାଯିବ ବୋଲି ସ୍ଥାନୀୟ ପରିଚାଳକ ଇଂ ପ୍ରମୋଦ କୁମାର ସେଠୀ କହିଛନ୍ତି।



ତୁମର କଷ୍ଟର କାରଣ ଯାହାକିଛି ହୋଇଥାଉ ନା କାହିଁକି, ତୁମେ ଅପରକୁ ଆଘାତ ଦିଅ ନାହିଁ।
- ଗୌତମ ବୁଦ୍ଧ



## ଷଷ୍ଠ ଦିନରେ ଶାନ୍ତିଶୃଙ୍ଖଳାରେ ହେଲା ଉଚ୍ଛେଦ

# ବିନ୍ଦୁସାଗର ପାର୍ଶ୍ୱରୁ ହଟିଲା ଜବରଦଖଲ

**ଭୁବନେଶ୍ୱର (ବ୍ୟୁରୋ)/ ପୁରୁଣା ଭୁବନେଶ୍ୱର, ୧୬।୧୨ (ଡି.ଏନ୍.ଏ):**

ଶ୍ରୀଲିଙ୍ଗରାଜ ମନ୍ଦିର ଚତୁଃପାର୍ଶ୍ୱରୁ ଚାଲିଥିବା ଉଚ୍ଛେଦ ସୋମବାର ଷଷ୍ଠ ଦିନରେ ପହଞ୍ଚିଛି। ମନ୍ଦିରର ଉତ୍ତର ପାର୍ଶ୍ୱ ଓ ଦକ୍ଷିଣ ପାର୍ଶ୍ୱରେ ଥିବା ବେଆଇନ ନିର୍ମାଣକୁ ହଟାଇଛି ବିଏମ୍‌ସି, ବିଡିଏ, ମନ୍ଦିର ଟ୍ରଷ୍ଟ ବୋର୍ଡ ଓ କମିଶନରେଟ ପୋଲିସ୍‌ର ମିଳିତ ଟିମ୍। ୧୦ ଆଜବେଷ୍ଟସ୍ ଦୋକାନ, ୨ କ୍ୟାବିନ୍, ଗୋଟିଏ ଲାଟିନ୍, ୨୫ ସ୍ଥାନରେ ଆଗକୁ ବଢ଼ିଥିବା ଘରର ଆଜ୍‌ବେଷ୍ଟସ୍ ଓ ପାହାଚ ସହ ୫୭ ଫୁଟର ପାଚେରୀକୁ ଭଙ୍ଗାଯାଇଛି। ଏଥିସହ ଅଧାଭଙ୍ଗା ହୋଇଥିବା ଶୌଚାଳୟର ଆଉ କିଛି ଅଂଶ ଭାଙ୍ଗି ଦିଆଯାଇଛି। ପୂର୍ବାହ୍ନ ୧୦ଟାରୁ ପ୍ରଥମେ ମନ୍ଦିର ପଛପଟୁ ଉଚ୍ଛେଦ ଆରମ୍ଭ ହୋଇଥିଲା। ପରେ ବିନ୍ଦୁସାଗରରୁ ମନ୍ଦିର ଯାଏ ଭଙ୍ଗା ଆରମ୍ଭ ହୋଇଥିଲା। ମଙ୍ଗଳବାର ପୁଣିଥରେ ବିନ୍ଦୁସାଗର ରାସ୍ତାରେ ଉଚ୍ଛେଦ ହେବ ବୋଲି ବିଡିଏ ପକ୍ଷରୁ ଜଣାପଡ଼ିଛି। ଉଚ୍ଛେଦ ସମୟରେ ପୂର୍ବଭଳି କୌଣସି ବିରୋଧ କିମ୍ବା ଉତ୍ତେଜନା ପ୍ରକାଶ ପାଇ ନ ଥିଲା। ଅତି ସୁରୁଖୁରୁରେ ଉଚ୍ଛେଦ ହୋଇଥିବା ବିଡିଏ ଦ୍ୱିତୀୟ ଉଚ୍ଛେଦ ଅଧିକାରୀ ପ୍ରମୋଦକୁମାର ପାତ୍ର କହିଛନ୍ତି। ଅପରାହ୍ନ ୫ଟାରେ ଉଚ୍ଛେଦ ବନ୍ଦ ହୋଇଥିଲା ଓ ଛଡ଼ାଯାଇଥିବା ସ୍ଥାନରୁ ପୁଣି ଉଚ୍ଛେଦ ଆରମ୍ଭ ହେବ ବୋଲି ସେ କହିଛନ୍ତି। ଏହି ଉଚ୍ଛେଦରେ ଦୁଇ ବୁଲ୍‌ଡୋଜର ସାମିଲ୍ ହୋଇଥିବାବେଳେ ଲିଙ୍ଗରାଜ ଥାନା ଅଧିକାରୀ ଶରତଚନ୍ଦ୍ର ପାତ୍ର, ବିଡିଏ ଯୋଗସୂତ୍ର ଅଧିକାରୀ ଶୁଭ୍ରାଂଶୁଶେଖର ମହାନ୍ତି ଓ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।



ରଥଖଳା ପାର୍ଶ୍ୱରେ ଥିବା ଦୋକାନ ଘର ଉଚ୍ଛେଦ କରାଯାଉଛି ।

### ଦୁଆରବାସିନୀଙ୍କ ମନ୍ଦିର ସମ୍ମୁଖରୁ ଉଚ୍ଛେଦ ହେଲାନି

ଶ୍ରୀଲିଙ୍ଗରାଜ ମନ୍ଦିର ଚତୁଃପାର୍ଶ୍ୱରେ ଥିବା ଅନ୍ୟମନ୍ଦିରଗୁଡ଼ିକ ମଧ୍ୟ ଜବରଦଖଲ କରିଛନ୍ତି। ଉଚ୍ଛେଦବେଳେ ଏହାକୁ ଅଣଦେଖା କରାଯାଉଛି। ପ୍ରଥମେ ମିଳିତ ଟିମ୍ ଦ୍ୱାରା ପାପନାସିନୀ କୁଣ୍ଡ ଚତୁପାର୍ଶ୍ୱ ଜବରଦଖଲ ଆଉ ଏବେ ଦୁଆରବାସୀନୀଙ୍କ ମନ୍ଦିର ସମ୍ମୁଖ ଜବରଦଖଲକୁ ଉଚ୍ଛେଦ ନ କରି ଛାଡ଼ି ଦେଇଛି। ସ୍ଥାନୀୟ ଲୋକ ବିଡିଏ ଉପାଧ୍ୟକ୍ଷ ପ୍ରେମଚନ୍ଦ୍ର ଚୌଧାରୀଙ୍କୁ ଗୁହାରି କରିବା ପରେ ଏହାକୁ ନ ଭାଙ୍ଗିବା ପାଇଁ ନିର୍ଦ୍ଦେଶ ମିଳିଥିବା ସୂଚନା ମିଳିଛି।

### ନିଜେ ଭାଙ୍ଗିଲେ ନିଜ ଜବରଦଖଲ

ସୋମବାର ଉଚ୍ଛେଦ ସମୟରେ ଏକ ଭିନ୍ନ ଦୃଶ୍ୟ ଦେଖିବାକୁ ମିଳିଥିଲା। ଉଚ୍ଛେଦକାରୀ ଦଳ ବଡେଇବାଙ୍କ ଛକଠାରୁ ମାର୍କେଟ ଛକ ଯାଏ ଉଚ୍ଛେଦ କରିବାକୁ ଆସିବା ସମୟରେ ସମସ୍ତ ଜବରଦଖଲ ହଟିଯାଇଥିବା ଦେଖିବାକୁ ମିଳିଥିଲା। ବ୍ୟବସାୟୀମାନେ ନିଜେ ଜବରଦଖଲରୁ ହଟିଯାଇଥିଲେ। ଡୋଜରରେ ଉଚ୍ଛେଦ ହେଉଥିବାରୁ ସେମାନେ ଅଧିକ କ୍ଷତିଗ୍ରସ୍ତ ଆଶଙ୍କା କରି ନିଜ ହାତରେ ନିଜେ ଦୋକାନଗୁଡ଼ିକୁ ଭାଙ୍ଗିଥିବା କହିଥିଲେ।

### ନାହିଁ ଉନ୍ନତି ମେଶିନ, ଉଚ୍ଛେଦରେ ବିଳମ୍ବ

ମନ୍ଦିର ଚତୁଃପାର୍ଶ୍ୱ ଉଚ୍ଛେଦ ବିଳମ୍ବର ମୁଖ୍ୟ କାରଣ ହେଉଛି ନାହିଁ ଉନ୍ନତ ମେଶିନ। ଉଚ୍ଚଶକ୍ତି ସମ୍ପନ୍ନ ବୁଲ୍ ଡୋଜର ଓ କଂକ୍ରିଟ ବ୍ରେକର ବ୍ୟବହାର କଲେ ଉଚ୍ଛେଦ କାର୍ଯ୍ୟ ଆହୁରି ତ୍ୱରାନ୍ୱିତ ହୁଅନ୍ତା ବୋଲି ଏନ୍‌ଫୋର୍ସମେଣ୍ଟ ଟିମ୍‌ର ଜଣେ ଅଧିକାରୀ କହିଛନ୍ତି। ଉଚ୍ଛେଦରେ ନାନା ସମସ୍ୟା ଦେଖାଦେଉଛି। ସେହିଭଳି ଉତ୍ତେଜନାବେଳେ ସ୍ଥିତି ସମ୍ଭାଳିବାକୁ ମଧ୍ୟ ଆବଶ୍ୟକ ପୋଲିସ ଫୋର୍ସ ଯୋଗାଇ ଦିଆଯାଉ ନ ଥିବା ସେ କହିଛନ୍ତି।

### ପୁରାତନ କୀର୍ତ୍ତିରାଜି ଭଙ୍ଗାଯାଇଥିବା ଅଭିଯୋଗ

ଏଏସ୍‌ଆଇ ଉପସ୍ଥିତିରେ ଉଚ୍ଛେଦ ପ୍ରକ୍ରିୟା ଜାରି ରଖିବା ପାଇଁ ଆଇନଜୀବୀ ଅରୁଣ ମହାପାତ୍ର ଦାବି କରିଛନ୍ତି। ଏନେଇ ସେ ସୋମବାର ପୋଲିସ କମିଶନର ସୁଧାଂଶୁ ଷଡ଼ଙ୍ଗୀଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଆମ୍‌ସାର ଆକ୍ଟ ୨୦୧୦ ଅନୁଯାୟୀ ବିନା ଏଏସ୍‌ଆଇରେ ଉଚ୍ଛେଦ ହୋଇଥିବା ଓ ଏଥିରେ କିଛି ପୁରାତନ କୀର୍ତ୍ତିରାଜି ନଷ୍ଟ ହୋଇଥିବା ସେ ଅଭିଯୋଗ କରିଛନ୍ତି। କମିଶନର ଷଡଙ୍ଗୀ ଏନେଇ ଏଏସ୍‌ଆଇ ଭୁବନେଶ୍ୱର ସର୍କଲର ଅଧୀକ୍ଷକଙ୍କୁ ଅବଗତ କରାଇବେ ବୋଲି କହିଛନ୍ତି।

### ବାହାର ପରେ ଭିତର ଉଚ୍ଛେଦ

ଏବେ ମନ୍ଦିର ଚତୁଃପାର୍ଶ୍ୱରେ ଜବରଦଖଲ ଉଚ୍ଛେଦ ଚାଲିଥିବାବେଳେ ଆଗାମୀ ଦିନରେ ମନ୍ଦିର ଭିତରେ ଥିବା ଜବରଦଖଲଗୁଡ଼ିକୁ ଏଏସ୍‌ଆଇ ହଟାଇବ ବୋଲି ଜଣାପଡ଼ିଛି। ଏନେଇ ଏଏସ୍‌ଆଇ ଅଧୀକ୍ଷକ ଅରୁଣ ମଲ୍ଲିକ କହିଛନ୍ତି, ରାଜ୍ୟ ସରକାରଙ୍କ ଏହି ପଦକ୍ଷେପ ସ୍ୱାଗତ ଯୋଗ୍ୟ। କିନ୍ତୁ ପର୍ଯ୍ୟଟନ ବିଭାଗର ତ୍ରୁଟିପୂର୍ଣ୍ଣ ନୀତି ଯୋଗୁ ମନ୍ଦିର ମଧ୍ୟରେ ବେଆଇନ ନିର୍ମାଣ ସାଙ୍ଗକୁ ଦୋକାନବଜାର ଗଢି ଉଠିଛି। ଉକ୍ତ ଦୋକାନୀଙ୍କୁ ଅନ୍ୟତ୍ର ଥଇଥାନ କରି ଉଚ୍ଛେଦ କରିବାକୁ ରାଜ୍ୟ ସରକାରଙ୍କୁ ଅବଗତ କରାଯିବ।

### ରାତିଅଧିଆ ବ୍ୟାଖ୍ୟାନ କେନ୍ଦ୍ର ନିର୍ମାଣକୁ ବିରୋଧ

ଏପଟେ ଉଚ୍ଛେଦ, ସେପଟେ ପର୍ଯ୍ୟଟନ ବିଭାଗ ପକ୍ଷରୁ ରାତିଅଧିଆ ବ୍ୟାଖ୍ୟାୟନ କେନ୍ଦ୍ରର ନିର୍ମାଣ ଚାଲିଛି। ସାଧାରଣ ଟିକସଦାତାଙ୍କ ଅର୍ଥର ଏପରି ଅପବ୍ୟବହାର ଦେଖି ସୋମବାର ଏକାମ୍ର ଜନଜାଗରଣ ମଞ୍ଚ ତରଫରୁ ପର୍ଯ୍ୟଟନ ବିଭାଗ ନିର୍ଦ୍ଦେଶକଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ବ୍ୟାଖ୍ୟାନ କେନ୍ଦ୍ର ଉଚ୍ଛେଦ ଶତପ୍ରତିଶତ ନିଶ୍ଚିତ ଥିବାବେଳେ ଏଭଳି ନିର୍ମାଣ ନେଇ ମଞ୍ଚ ପ୍ରଶ୍ନ ଉଠାଇବା ସହ ବନ୍ଦ କରିବାକୁ ଦାବି କରିଛି।

### ଜବରଦଖଲରେ ପାତରଅନ୍ତର

ମିଳିତ ଉଚ୍ଛେଦ ଟିମ୍ ଶହଶହ ସାଧାରଣ ଉଠାଦୋକାନୀ, ଚାଳିଆ ହୋଟେଲ ଓ କ୍ଷୁଦ୍ର ବ୍ୟବସାୟୀଙ୍କୁ ହଟାଉଛନ୍ତି। କିନ୍ତୁ ଏ କ୍ଷେତ୍ରରେ ପାତର ଅନ୍ତର କରାଯାଉଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ପାପନାଶିନୀ କୁଣ୍ଡ କଡ଼ରୁ ପ୍ରତିଷ୍ଠିତ ପ୍ରଭାବଶାଳୀ ବ୍ୟକ୍ତିଙ୍କ ଦୋକାନଗୁଡ଼ିକୁ ଭାଙ୍ଗିବାକୁ ଉଚ୍ଛେଦ ଟିମ୍‌ର ହାତ ଯାଉନି। ସବୁ ଦେଖି ନ ଦେଖିବା ପରି ଅଭିନୟ କରୁଛି ଟିମ୍। ଏପରି ପକ୍ଷପାତିତା ଚାଲିଲେ ଆଗକୁ ନିଶ୍ଚୟ ବିରୋଧର ସ୍ୱର ଉଠିବ ବୋଲି ସ୍ଥାନୀୟ ବାସିନ୍ଦା କହିଛନ୍ତି। ତୁରନ୍ତ ଏଗୁଡ଼ିକୁ ନ ଭାଙ୍ଗିଲେ ଏହାର ପରିଣାମ ଉଚ୍ଛେଦ ଟିମ୍‌କୁ ଭୋଗିବାକୁ ପଡ଼ିବ ବୋଲି ସେମାନେ ଚେତାବନୀ ଦେଇଛନ୍ତି।

## ସଂକ୍ଷେପରେ

### ଗୋଡା ଗାଁରେ ହାତୀ ଉପଦ୍ରବ



ଖୋର୍ଦ୍ଧା ଅଫିସ,୧୬।୧୨
ଖୋର୍ଦ୍ଧା ବନଖଣ୍ଡ ବେଗୁନିଆ ବ୍ଲକ ଗୋଡା ଗ୍ରାମରେ ସୋମବାର ଅପରାହ୍ନ ପ୍ରାୟ ୨ଟାରେ ଏକ ମାଈ ହାତୀ ଲୋକନାଥ ମନ୍ଦିର ପଛରେ ବୁଲୁଥିବା ଦେଖିବାକୁ ମିଳିଥିଲା। ଏହା ପରେ ନିକଟସ୍ଥ ଘର ଏକ ଭିତରକୁ ପଶିବାକୁ ଉଦ୍ୟମ କରୁଥିବା ବେଳେ ସ୍ଥାନୀୟ ଲୋକେ ଦେଖି ଘଉଡ଼ାଇବା ପରେ ଗୋଡା ଜଙ୍ଗଲକୁ ପଳାଇ ଯାଇଥିଲା। ଶନିବାର ଓ ରବିବାର ଦୁଇଟି ହାତୀ ଆସି ୫ଜଣ ଚାଷୀଙ୍କ ଧାନ ଖାଇବା ସହ ନଷ୍ଟ କରିଛନ୍ତି। ଗ୍ରାମବାସୀ ହାତୀଙ୍କୁ ଘଉଡାଇଥିଲେ ମଧ୍ୟ କିଛି ସମୟର ପରେ ପୁଣି ଆସି କ୍ଷତି କରୁଥିବା ଦେଖାଯାଇଛି।

### ରେଳ ଷ୍ଟେଶନରେ ଏଟିଏମ୍ ପ୍ରତିଷ୍ଠା ଦାବି

**ନିରାକାରପୁର, ୧୬।୧୨ (ଡି.ଏନ.ଏ.)-** ଖୋର୍ଦ୍ଧା ରେଳ ଡିଭିଜନ ଅଧୀନରେ ଥିବା ନିରାକାରପୁର ରେଳ ଷ୍ଟେଶନରେ ଏକ ଏଟିଏମ କାଉଣ୍ଟର ଖୋଲିବା ପାଇଁ ଦାବି ହେଉଛି। ଏହା ଏକ ପ୍ରମୁଖ ଷ୍ଟେଶନ ହୋଇଥିବା ବେଳେ ଏଠାରେ ୨ ସୁପର ଫାଷ୍ଟ ,୪ ଏକ୍ସପ୍ରେସ ଓ ୫ ପାସେଞ୍ଜର ଟ୍ରେନ ରହିଆସୁଛି । ଏହି ଷ୍ଟେଶନରୁ ଦୈନିକ ଶହ ଶହ ଯାତ୍ରୀ ରାଜ୍ୟ ଓ ରାଜ୍ୟ ବାହରକୁ ଯାତାୟାତ କରିଥାନ୍ତି । ନିରାକାରପୁରରୁ ପୁରୀ ଶ୍ରୀକ୍ଷେତ୍ର ପାଖ ହେଉଥିବାରୁ ଦକ୍ଷିଣାଞ୍ଚଳରୁ ପୁରୀକୁ ଟ୍ରେନ ଯୋଗେ ଆସୁଥିବା ଯାତ୍ରୀ ଉକ୍ତ ଷ୍ଟେଶନରେ ଓହ୍ଲାଇ ପୁରୀକୁ ଯାଇଥାନ୍ତି । ତେବେ ଉକ୍ତ ଷ୍ଟେଶନ ପରିସର କିମ୍ବା ଷ୍ଟେଶନ ବାହାରେ କୌଣସି ଏଟିଏମ୍ କାଉଣ୍ଟର ନଥିବା ଯୋଗୁ ଯାତ୍ରୀମାନେ ହଇରାଣ ହେଉଛନ୍ତି। ଗୋଟିଏ କିଲୋମିଟର ଦୂର ନିରାକାରପୁର ବଜାରକୁ ଯାଇ ଏଟିଏମ କାଉଣ୍ଟରରୁ ଟଙ୍କା ଉଠାଣ କରୁଛନ୍ତି । ଏତେ ବାଟ ଯାଇ ଟଙ୍କା ଉଠାଣ କରିବା ସୁରକ୍ଷିତ ମଣୁ ନାହାଁନ୍ତି । ଏ ନେଇ ଯାତ୍ରୀ ମାନେ ଷ୍ଟେଶନ ପରିସରରେ ଏକ ଏଟିଏମ କାଉଣ୍ଟର ଖୋଲିବା ପାଇଁ ଦାବି କରିଛନ୍ତି। ଏଥିସହିତ ଏ ଅଞ୍ଚଳରେ ଥିବା ଅଗ୍ରଣୀ ଅନୁଷ୍ଠାନ ଶ୍ରୀ ରାମ ଦୟା ପରିଷଦ,ଶ୍ରୀଜଗନ୍ନାଥ ମନ୍ଦିର ଟ୍ରଷ୍ଟ ଓ ରଘୁନାଥ ସଙ୍କୀର୍ତ୍ତନ ମଣ୍ଡଳୀର ରମାନାଥ ଦାଶଙ୍କ ପକ୍ଷରୁ ମଧ ଦାବି କରାଯାଇଛି।

### ପୁରାତନ ଛାତ୍ର ସଂସଦ ବୈଠକ

**ଖୋର୍ଦ୍ଧା ଅଫିସ,୧୬।୧୨:** ଖୋର୍ଦ୍ଧା ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟର ପୁରାତନ ଛାତ୍ର ସଂସଦର ବୈଠକ ସଂସଦର ସଭାପତି ତଥା ବିଧାୟକ ଜ୍ୟୋତିରିନ୍ଦ୍ର ନାଥ ମିତ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଂସଦର ଉପଦେଷ୍ଟା ମେଜର କ୍ଷୀରୋଦ ପ୍ରସାଦ ମହାନ୍ତି, ସମ୍ପାଦକ ଦେବପ୍ରସାଦ ମଜୁମଦାର, ଯୁଗ୍ମ ସମ୍ପାଦକ ପ୍ରାଧାପକ ଗୋପାଳକୃଷ୍ଣ ଦାସ, କାର୍ଯ୍ୟକାରୀ ସମିତି ସଦସ୍ୟ ସରୋଜ ସୁନ୍ଦର ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ରାଜ୍ୟର ବିଶିଷ୍ଟ ବ୍ୟକ୍ତିଙ୍କୁ ୨୦୨୦ ଜାନୁୟାରୀ ୨୮ ସାମ୍ବାତ୍ସରିକୋତ୍ସବରେ ସମ୍ବର୍ଦ୍ଧନା କରାଯିବା ପାଇଁ ବୈଠକରେ ସ୍ଥିର ହୋଇଛି। ଶିକ୍ଷାବିତ୍‌ଭାବେ ପ୍ରାଣନାଥ କଲେଜ ଓ ନୟାଗଡ଼ କଲେଜର ପୂର୍ବତନ ଅଧ୍ୟକ୍ଷ ପ୍ରଫେସର ଦିବାକର ପଟ୍ଟନାୟକ, ଚିକିତ୍ସା କ୍ଷେତ୍ରରେ ଅବସରପ୍ରାପ୍ତ କର୍କଟ ରୋଗ ବିଶେଷଜ୍ଞ ଆଚାର୍ଯ୍ୟ ହରିହର କର୍କଟ ରୋଗ ପ୍ରତିଷ୍ଠାନର ପ୍ରଫେସର ଡ. ବିଜୟ କୁମାର ପଟ୍ଟନାୟକ, ଆଇନ୍‌ସେବା କ୍ଷେତ୍ରରେ ଜଲା ଦୌରାଜଜ୍ ବୌଦ୍ଧ୍ ଅରବିନ୍ଦ ପ୍ରସାଦ ଗୁରୁ, ଶିକ୍ଷା କ୍ଷେତ୍ରରେ ଡ. ଧୀରେନ୍ଦ୍ର କୁମାର ସାହୁ, ସମାଜସେବା କ୍ଷେତ୍ରରେ ପୂର୍ବତନ ଚେୟାରମ୍ୟାନ୍ ଜଟଣୀ ଏନଏଏସି ଡ. ଗୌରିପ୍ରସାଦ ସାହୁ, ପ୍ରଶାସନ କ୍ଷେତ୍ରରେ ପୂର୍ବତନ ୟୁକୋ ବ୍ୟାଙ୍କ ମୁଖ୍ୟ ପରିଚାଳକ ପ୍ରଫୁଲ କୁମାର ସାହୁ, ସାମ୍ବାଦିକତା କ୍ଷେତ୍ରରେ ଅର୍ଦ୍ଧେନ୍ଦୁ ଦାସ, କଳା ଓ ଅଭିନୟ କ୍ଷେତ୍ରରେ ରଷି କୁମାର ପଟ୍ଟନାୟକଙ୍କୁ ସମ୍ବର୍ଦ୍ଧିତ କରାଯିବ।



ଖୋର୍ଦ୍ଧା ମହୋତ୍ସବରେ କଳାକାରମାନେ ନୃତ୍ୟ ପରିବେଷଣ କରୁଛନ୍ତି ।

# ଖୋର୍ଦ୍ଧା ମହୋତ୍ସବ ଉଦ୍‌ଘାଟିତ

**ଖୋର୍ଦ୍ଧା ଅଫିସ,୧୬।୧୨**

ଶୀତୁଆ ସନ୍ଧ୍ୟାର ଶାନ୍ତ ସ୍ନିଗ୍ଧ ପରିବେଶରେ ଖୋର୍ଦ୍ଧା ଷ୍ଟାଡିୟମ ମୁକ୍ତାକାଶ ରଙ୍ଗମଞ୍ଚରେ ସୋମବାର ଖୋର୍ଦ୍ଧା ମହୋତ୍ସବ ଉଦ୍‌ଘାଟିତ ହୋଇଯାଇଛି। ନିଉ ଥିଙ୍କିଙ୍ଗ୍ ଫୋରମ୍ ଆନୁକୂଲ୍ୟରେ ଅୟୋଜିତ ଏହି ମହୋତ୍ସବକୁ ଖୋର୍ଦ୍ଧା ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର ଉଦ୍‌ଘାଟନ କରିଥିଲେ। ଅ୍ୟମାନଙ୍କ ମଧ୍ୟରେ ଗୀତା ଗବେଷଣା ପରିଷଦର ସମ୍ପାଦକ ଶକ୍ତି ଶଙ୍କର ମିଶ୍ର ଅତିଥିଭାବେ ଯୋଗ ଦେଇଥିଲେ। ଅନୁଷ୍ଠାନର ସଭାପତି ଦିଲ୍ଲୀପ ଶ୍ରୀଚନ୍ଦନ ଓ କାର୍ଯ୍ୟକାରୀ ସଭାପତି ନରେନ୍ଦ୍ର କୁମାର ପୃଷ୍ଟି, ମୁଖ୍ୟ ସଂଯୋଜକ ଆଇନଜୀବୀ ଶିଶିର ପରିଡା, ସମ୍ପାଦକ ଅବନୀ କାନ୍ତ ଜେନା ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଏହି ଅବସରରେ ଖବରଦାତା ହରିହର ଖାଡ଼ଙ୍ଗାଙ୍କୁ ଖୋର୍ଦ୍ଧା ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ବିଭିନ୍ନ ଅନୁଷ୍ଠାନର କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ମହୋତ୍ସବରେ ପ୍ରବଳ ଦର୍ଶକଙ୍କ ଭିଡ଼ ଦେଖିବାକୁ ମିଳିଥିଲା।

### ପ୍ରତିଭା ସଙ୍ଗମ ୨୦୧୯ ଉଦ୍‌ଯାପିତ

**ଖୋର୍ଦ୍ଧା ଅଫିସ,୧୬।୧୨:**

ରାଷ୍ଟ୍ରୀୟ କଳାମଞ୍ଚ ପକ୍ଷରୁ ପ୍ରତିଭା ସଙ୍ଗମ-୨୦୧୯ ରବିବାର ଖୋର୍ଦ୍ଧା ଶିଶୁବିଦ୍ୟାମନ୍ଦିର ମଞ୍ଚରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଖୋର୍ଦ୍ଧା ଜିଲା ମହାବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ନେଇ ଏକାଙ୍କିକା, ଏକକ ଅଭିନୟ, ଝୋଟି, ନୃତ୍ୟ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ନାଟକ ବିଭାଗରେ ଖୋର୍ଦ୍ଧାର ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ଆନ୍ଦୋଳନ ପକ୍ଷରୁ ପରିବେଷିତ ନାଟକ 'ଅଟୋବାଲା' ପ୍ରଥମ ସ୍ଥାନ ଅଧିକାର କରିଥିଲା। ଏହି ନାଟକ ଭୁବନେଶ୍ୱର ଠାରେ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ମଞ୍ଚସ୍ଥ ହେବ। ସ୍ୱଚ୍ଛଭାରତ ଅଭିଯାନ, ନିଶାମୁକ୍ତି, ନାରୀ ସମସ୍ୟା ଓ ସୁରକ୍ଷା, ପର୍ଯ୍ୟାବରଣ ସୋସିଆଲ ମିଡିଆର ଛାତ୍ରୀଛାତ୍ରଙ୍କ ଉପରେ କୁପ୍ରଭାବ ଆଦି ସମସ୍ୟାକୁ ନାଟକରେ ସ୍ଥାନିତ କରାଯାଇଛି। ନାଟକର ନାଟ୍ୟକାର ହେଉଛନ୍ତି ଡ. ଧନେଶ୍ୱର ସାହୁ ଓ ସନ୍ତୋଷ ମହାନ୍ତି ନିର୍ଦ୍ଦେଶନା ଦେଇଛନ୍ତି। ସଞ୍ଜିବ ନାୟକ ଓ ଆଶିଷ ରଥ ସଙ୍ଗୀତ ସଂଯୋଜନା କରିଥିଲେ।

# ନିଶା ଦେଇ ଲୁଟ୍ ଅଭିଯୋଗ, ୨ ଗିରଫ

## ଯୁବତୀଙ୍କ ଟାର୍ଗେଟରେ ଥିଲେ ପୁରୁଷ ବନ୍ଧୁ

**ପାତ୍ରପଡ଼ା,୧୬।୧୨(ଡିଏନ୍‌ଏ)**

ପୁରୁଷ ବନ୍ଧୁଙ୍କୁ ନିଶା ଦେଇ ସୁନା ଅଳଙ୍କାର ଓ ଟଙ୍କା ଲୁଟ କରିବା ଅଭିଯୋଗରେ ତମାଣ୍ଡୋ ପୋଲିସ ଜଣେ ଯୁବତୀ ଓ ଜଣେ ବ୍ୟବସାୟୀଙ୍କୁ ଗିରଫ କରିଛି। ସେମାନେ ହେଲେ, ନୟାପଲ୍ଲୀ ଥାନା ଅଞ୍ଚଳର ଶିବାନୀ ପଟ୍ଟନାୟକ ଓ କ୍ୟାପିଟାଲ ଥାନା ଅଧୀନ ଅଶୋକ ନଗର ଅଞ୍ଚଳର ସରୋଜ ମହାରଣା। ଏ ନେଇ ପୋଲିସ ନଂ.୧୩୮/୧୯ରେ ଏକ ମାମଲା ରୁଜୁ କରିଛି। ସୂଚନାଯୋଗ୍ୟ, ବାଲେଶ୍ୱର ଅଞ୍ଚଳର ସୌମ୍ୟରଞ୍ଜନ ବେହେରା ସୋସିଆଲ ମିଡିଆ ଯୋଗେ ଶିବାନୀଙ୍କ ପରିଚୟ ହୋଇ ପ୍ରେମ ସମ୍ପର୍କ ହୋଇଥିଲା। ଗତ ଅକ୍ଟୋବର ୨୩ରେ ଶିବାନୀକୁ ଭେଟିବାକୁ ସୌମ୍ୟରଞ୍ଜନ ଭୁବନେଶ୍ୱର ଆସି କାର୍‌ରେ ତମାଣ୍ଡୋ ଅଞ୍ଚଳର ଏକ ମଲ୍‌କୁ ଯାଇଥିଲେ। ପରେ ଉଭୟ ମହୁରା ରାସ୍ତାରେ ଏକ ନିଛାଟିଆ ଜାଗାକୁ ଯାଇ ମଦ୍ୟପାନ କରିଥିଲେ। ଏହି ସମୟରେ ଶିବାନୀ କୌଶଳକ୍ରମେ ସୌମ୍ୟରଞ୍ଜନଙ୍କୁ ନିଶା ଦେଇ ସୁନା ଚେନ୍, ମୋବାଇଲ୍ ଏବଂ ପାଞ୍ଚ ହଜାର ଟଙ୍କା ନେଇଯାଇଥିଲେ। ଏ ନେଇ ସୌମ୍ୟରଞ୍ଜନ ତମାଣ୍ଡୋ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକ୍ରମେ ପୋଲିସ ତଦନ୍ତ କରି ଚୋରି ମୋବାଇଲ୍ ଫୋନ୍ ଟ୍ରାକିଂ କରି ଶିବାନୀକୁ ଧରିଥିଲା। ପରେ ଶିବାନୀ ସୁନାଚେନ ଅଶୋକଙ୍କ ସୁନା ଦୋକାନରେ ବିକ୍ରି କରିଥିବା କହିଥିଲେ।

# ଦୋକାନରୁ ଚୋରି ଅଭିଯୋଗ

**ବାଲିଅନ୍ତା,୧୬।୧୨(ଡିଏନ୍‌ଏ)–** ବାଲିଅନ୍ତା ଥାନା ଅଧୀନସ୍ଥ ହଂସପାଳ-ଭିଙ୍ଗାରପୁର ରାସ୍ତାର ରାମଚନ୍ଦ୍ରପୁର ସେତୁ ନିକଟରେ ଥିବା ମଣ୍ଟୁ ପାତ୍ରଙ୍କ ପାନ ଦୋକାନରୁ ରବିବାର ବିଳମ୍ବିତ ରାତିରେ ଚୋରି ହୋଇଛି। ଦୁର୍ବୃତ୍ତମାନେ ଦୋକାନର କବାଟ ତାଡ଼ି ଭିତରେ ଥିବା ସାମଗ୍ରୀ ଏବଂ ୧୨ଶହ ଟଙ୍କା ଚୋରି କରିନେଇଛନ୍ତି। ଏହି ଅଞ୍ଚଳଟି ନିଛାଟିଆ ହୋଇଥିବାରୁ ଏଠାରେ ବାରମ୍ବାର ଚୋରି ହେଉଛି। ପୂର୍ବରୁ ମଧ ଯାତାୟାତ କରୁଥବା ଲୋକମାନେ ମଧ ଲୁଟର ଶିକାର ହୋଇଥିବା ଜଣାପଡିଛି। ନିଛାଟିଆ ଅଞ୍ଚଳ ଥିବରୁ ଦୁର୍ବୃତ୍ତମାନଙ୍କ ଆଡ୍ଡାସ୍ଥଳ ପାଲଟିଛି। ତେଣୁ ଏହି ଅଞ୍ଚଳରେ ନିୟମିତ ପାଟ୍ରୋଲିଂ କରିବାକୁ ସ୍ଥାନୀୟ ବାସିନ୍ଦା ଦାବି କରିଛନ୍ତି।

### ମା' ଉତ୍ତରମୁଖୀ ମନ୍ଦିର ହୁଣ୍ଡିରୁ ଚୋରି

**ବାଲିଅନ୍ତା,୧୬।୧୨(ଡିଏନ୍‌ଏ)**
ବାଲିଅନ୍ତା ଥାନା ଅନ୍ତର୍ଗତ ଭୁବନପୁର ଗ୍ରାମର ମା' ଉତ୍ତରମୁଖିଙ୍କ ମନ୍ଦିରରେ ରବିବାର ବିଳମ୍ବିତ ରାତିରେ ହୁଣ୍ଡିର ତାଲା ଭାଙ୍ଗି କେତେଜଣ ଦୁର୍ବୃତ୍ତ ଟଙ୍କା ଚୋରି କରିନେଇଥିବା ଅଭିଯୋଗ ହୋଇଛି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିବାବେଳେ ନିକଟରୁ ଏକ ଛୁରାକୁ ଜବତ କରିଛି। ସୋମବାର ସକାଳେ ଗ୍ରାମବାସୀ ମନ୍ଦିରକୁ ଯାଇଥିବାବେଳେ ହୁଣ୍ଡି ନ ଥିବା ଦେଖିଥିଲେ। ପରେ ନିକଟରେ ଥିବା ବିଲରେ ହୁଣ୍ଡିଟି ପଡ଼ିଥିବା ଦେଖିବାକୁ ପାଇଥିଲେ।

# ନବ ନିର୍ମାଣ କୃଷକ ସଙ୍ଗଠନର ଏସ୍‌ପି ଅଫିସ ଘେରାଉ

**ଖୋର୍ଦ୍ଧା ଅଫିସ,୧୬।୧୨:**

ନବ ନିର୍ମାଣ କୃଷକ ସଙ୍ଗଠନ, ଖୋର୍ଦ୍ଧା ପକ୍ଷରୁ ସୋମବାର ବିଭିନ୍ନ ଦାବି ନେଇ ଏସ୍‌ପିଙ୍କ କାର୍ଯ୍ୟାଳୟ ଘେରାଉ କରାଯାଇଥିଲା। ରାଜ୍ୟ ସରକାର କାଳିଆ ଯୋଜନାରେ ଚାଷୀଙ୍କୁ ବର୍ଷକୁ ୧୦ହଜାର ଟଙ୍କା ଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ନିର୍ବାଚନ ପରେ ୭୦ଲକ୍ଷ ଚାଷୀଙ୍କୁ ଠକି ସେମାନଙ୍କ ସହ ବିଶ୍ୱାସଘାତକତା କରିଥିବା ନେଇ ସଙ୍ଗଠନ ପକ୍ଷରୁ ଏସ୍‌ପିଙ୍କ ନିକଟରେ ଅଭିଯୋଗ କରାଯାଇଥିଲା। ଏହା ସହ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି। ଜିଲା ସଂଯୋଜକ ସୁରେଶ ମାନସିଂହ, ବେଗୁନିଆ ସଂଯୋଜକ ମଦନ ମୋହନ ସାହୁ, ବୋଲଗଡ ସହସଂଯୋଜକ କାହ୍ନୁ ଚରଣ ବେହେରାଙ୍କ ନେତୃତ୍ୱରେ ଶତାଧିକ ଚାଷୀ ଏହି ଆନ୍ଦୋଳନରେ ସାମିଲ ହୋଇଥିଲେ।




ନବନିର୍ମାଣ କୃଷକ ସଂଗଠନ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି ।

### ସଦାଶିବ ମିଶ୍ର ସତ୍ୟବାଦୀ ବନ ବିଦ୍ୟାଳୟର ରତ୍ନ

**ଭୁବନେଶ୍ୱର, ୧୬।୧୨(ବ୍ୟୁରୋ)**

ବିଶିଷ୍ଟ ଅର୍ଥନୀତିଜ୍ଞ ଓ ପ୍ରାଧ୍ୟାପକ ପଦ୍ମଶ୍ରୀ ଡ଼ ସଦାଶିବ ମିଶ୍ର ଥିଲେ ସତ୍ୟବାଦୀ ବନ ବିଦ୍ୟାଳୟର ରତ୍ନ ଓ ଆଦର୍ଶ ଶିକ୍ଷକ। ସ୍ଥାନୀୟ ବୁଦ୍ଧ ମନ୍ଦିରଠାରେ ରାଷ୍ଟ୍ର ଉତ୍କର୍ଷ ପରିଷଦ ପକ୍ଷରୁ ଆୟୋଜିତ ସଦାଶିବ ମିଶ୍ରଙ୍କ ୨୫ ତମ ଶ୍ରାଦ୍ଧ ବାର୍ଷିକୀ ପାଳନ ଉତ୍ସବରେ ଏହି ମତପ୍ରକାଶ ପାଇଛି। ସ୍ୱାମୀ ଜଗନ୍ନାଥାନନ୍ଦ ମହାରାଜ ସଦାଶିବଙ୍କୁ ରତ୍ନ ସମ୍ବୋଧିତ କରିଥିବାବେଳେ ମୁଖ୍ୟ ଅତିଥି ପୂର୍ବତନ ଅର୍ଥମନ୍ତ୍ରୀ ପଞ୍ଚାନନ କାନୁନଗୋ ତାଙ୍କୁ ଆଦର୍ଶ ଶିକ୍ଷକ ବୋଲି ଅଭିହିତ କରିଥିଲେ। ବିଶିଷ୍ଟ ଅତିଥି ଡ଼ ବେଦବତୀ ମହାନ୍ତି ତାଙ୍କ ଛାତ୍ର ଜୀବନର ଅନୁଭୂତି ବଖାଣିଥିଲେ। ଅନୁଷ୍ଠାନର ଅଧ୍ୟକ୍ଷ ଡ଼ ପ୍ରଫୁଲ କୁମାର ରଥଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବରିଷ୍ଠ ରାଜନେତା ଆର୍ଯ୍ୟ କୁମାର ଜ୍ଞାନେନ୍ଦ୍ର ପୂଜ୍ୟପୂଜାରେ ଯୁବ ବର୍ଗଙ୍କୁ ଆକୃଷ୍ଟ କରିବାକୁ ଆହ୍ୱାନ ଦେଇଥିଲେ।

# ଓଷ୍ଟା ପକ୍ଷରୁ ବ୍ଲକସ୍ତରୀୟ ଶିଶୁ ଉତ୍ସବ

**ଜଟଣୀ,୧୬।୧୨(ଡି.ଏନ୍.ଏ.)**

ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ(ଓଷ୍ଟା), ଜଟଣୀ ପକ୍ଷରୁ ବ୍ଲକସ୍ତରୀୟ ଶିଶୁ ଉତ୍ସବ ସୋମବାର କୁଶୁମାଟି ଛଣଘର ସରକାରୀ ଉଚ୍ଚବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଏଥିରେ ୧୬ଟି ସ୍କୁଲର ୧୦୨ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ ଅନୀତା ସାହୁ, ଇପ୍‌ସିତା ପୃଷ୍ଟି, ନିସ୍ୱସ୍ମିତା ପ୍ରିୟଦର୍ଶିନୀ, ବୈଶାଖୀରାଣୀ ଜେନା, ଶର୍ମିଷ୍ଠା ମହାନ୍ତି, ଅନୁଶ୍ରୀ ଜେନା, ସସ୍ମିତା ପାଇକରାୟ, ଉଷଶ୍ରୀ ଜେନା, ଜ୍ୟୋର୍ତିମୟୀ ସାହୁ ଓ ରୋହନ ଜେନା ପ୍ରଥମସ୍ଥାନ ଅଧିକାର କରି ଜିଲାସ୍ତରକୁ ଉତ୍ତୀର୍ଣ୍ଣ ହୋଇଛନ୍ତି। ଜଟଣୀ ବ୍ଲକ ଓଷ୍ଟା ସଭାପତି ବିରଞ୍ଚିନାରାୟଣ ସାଥୁଆଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବରେ ବିଧାୟକ ସୁରେଶ କୁମାର ରାଉତରାୟ, ଓଷ୍ଟା ରାଜ୍ୟ ସମ୍ପାଦକ ରଞ୍ଜନ ଦାସ, ଖୋର୍ଦ୍ଧା ଜିଲା ସଭାପତି ଅମ୍ବିକା ପ୍ରସାଦ ପଟ୍ଟନାୟକ, ସମ୍ପାଦକ ସୁଧାକର ମହାପାତ୍ର, ଅବସରପ୍ରାପ୍ତ ଶିକ୍ଷକ ଦାଶରଥି ମିଶ୍ର, ପୂର୍ବତନ ପୌରାଧ୍ୟକ୍ଷ ସଂଗ୍ରାମ କେଶରୀ ରାଉତରାୟ,ସରପଞ୍ଚ ସୁନୀଲ ରାଉତରାୟ, ସମିତି ସଭ୍ୟ ହରମୋହନ ରାଉତରାୟ, ସ୍କୁଲ ପରିଚାଳନା କମିଟି ସଭାପତି ବାସୁଦେବ ସେଠୀ, ସୁଶୀଳାଦେବୀ ପ୍ରଗତି ବିଦ୍ୟାପୀଠ ପ୍ରଧାନଶିକ୍ଷକ ଆଶିଷ ପଣ୍ଡା, ରବି ସ୍ୱାଇଁ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ଜଟଣୀ ବ୍ଲକ ଓଷ୍ଟା ସମ୍ପାଦକ କିଶୋର ସୁବୁଦ୍ଧି ବିବରଣୀ ପାଠ କରିଥିବା ବେଳେ ନରେନ୍ଦ୍ର ମୁଦୁଲି ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ଓ ଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।



ଅତିଥିଙ୍କ ଗହଣରେ ପୁରସ୍କୃତ ଛାତ୍ରୀଛାତ୍ର ।

**ପୂର୍ବ ଶତ୍ରୁତାକୁ ନେଇ ଭଙ୍ଗାରୁଜା, ଅଭିଯୁକ୍ତ ଗିରଫ**

ବଳଙ୍ଗା,(ଡି.ଏନ.ଏ.): ବଳଙ୍ଗା ଥାନା ଅନ୍ତର୍ଗତ କେତକୀ ପାଟଣା ପଞ୍ଚାୟତ ଆଲତରଙ୍ଗ ସାହିରେ ରବିବାର ରାତିରେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ସାହିର ସତ୍ୟଜିତ ମହାପାତ୍ରଙ୍କ ଘରେ ଭଙ୍ଗାରୁଜା କରିବା ସହ ହତ୍ୟା ଧମକ ଦେବା ଅଭିଯୋଗରେ ପୋଲିସ ଜଣଙ୍କୁ ଗିରଫ କରି ସୋମବାର କୋର୍ଟଚାଲାଣ କରିଛି। ସେ ହେଲେ ସତ୍ୟଜିତଙ୍କ ପୁତୁରା ସଞ୍ଜୟ ମହାପାତ୍ର। ଏ ନେଇ ପୋଲିସ ନଂ. ୧୭୧/୧୯ରେ ଏକ ମାମଲା ରୁଜୁ କରିଛି। କିଛିଦିନ ହେବ ଗ୍ରାମରେ ଦାଦା ସତ୍ୟଜିତ ଓ ପୁତୁରା ସଞ୍ଜୟଙ୍କ ମଧ୍ୟରେ ପାରିବାରିକ କଳହ ଲାଗିରହୁଥିବା ଜଣାପଡ଼ିଛି।

## ସଂକ୍ଷେପରେ

### ଗରିମା ରୌପ୍ୟ ପଦକ ପରୀକ୍ଷା ସମ୍ପନ୍ନ

କଣାସ, ୧୬।୧୨(ସ୍ୱ.ପ୍ର.):ଗତ ମାସରେ ଗଣଶିକ୍ଷା ବିବାଗ ଓଡ଼ିଶା ସରକାରଙ୍କ ପକ୍ଷରୁ ଗରିମା ବ୍ରୋଞ୍ଜପଦକ ଲାଭ କରିଥିବା କଣାସ ବ୍ଲକର ୨୨ଟି ବିଦ୍ୟାଳୟରେ ସୋମବାର ରୌପ୍ୟ ପଦକ ନିମନ୍ତେ ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି। ଶିକ୍ଷକ ତାଲିମ କେନ୍ଦ୍ର ସାକ୍ଷୀଗୋପାଳର ଛାତ୍ରୀଛାତ୍ରମାନେ ଏହି ସବୁ ବିଦ୍ୟାଳୟରେ ପରୀକ୍ଷା ପରିଚାଳନା କରିଥିଲେ। ପୁରୀ ଶିକ୍ଷକ ତାଲିମ କେନ୍ଦ୍ରର ଅଧାପିକା ପ୍ରଭାତି ମଞ୍ଜରୀ ଷଡ଼ଙ୍ଗୀ ପ୍ରତ୍ୟେକ ବିଦ୍ୟାଳୟ ପରିଦର୍ଶନ କରି ପରୀକ୍ଷା କାର୍ଯ୍ୟକ୍ରମ ତଦାରଖ କରିଥିଲେ। ସୋମବାର ବେଣାଗାଁ ଉନ୍ନୀତ ଉପ୍ରାବିଦ୍ୟାଳୟର ୨ୟରୁ ୮ମ ଶ୍ରେଣୀ ପର୍ଯ୍ୟନ୍ତ ମୋଟ ୨୦୩ଜଣ ଛାତ୍ରୀଛାତ୍ର ଗରିମା ରୌପ୍ୟ ପଦକ ନିମନ୍ତେ ପରୀକ୍ଷା ଦେଇଥିବାବେଳେ ସାକ୍ଷୀଗୋପାଳର ଛାତ୍ରୀ ସ୍ୱର୍ଣ୍ଣପ୍ରଭା ପଣ୍ଡା, ଶକନ୍ତଳା ଦାସ, ଗୀତାଞ୍ଜଳି ମଲ୍ଲିକ, ଜୟଶ୍ରୀ ପ୍ରିୟଦର୍ଶନୀ ଦଳବେହେରା ପରୀକ୍ଷା ପରିଚାଳନା କରିଥିଲେ। କଣାସ ମଣ୍ଡଳ ସହ ଶିକ୍ଷାଧିକାରୀ ମୀନକେତନ ସାମନ୍ତରାୟ ତରପଡା ଓ ସିରେଇ ନୋଡାଲ ବିଦ୍ୟାଳୟ ପରିଦର୍ଶନ କରିଥିଲେ।

### ସମବାୟ ସମିତି କାର୍ଯ୍ୟାଳୟ ଉଦ୍‌ଘାଟିତ

ନିମାପଡ଼ା,୧୬।୧୨(ଡି.ଏନ୍.ଏ.): ନିମାପଡ଼ା ବ୍ଲକ ଅଧୀନସ୍ଥ କଳାପାଞ୍ଚଣଠାରେ ନବନିର୍ମିତ ଲକ୍ଷ୍ମୀନୃସିଂହ ସେବା ସମବାୟ ସମିତି କାର୍ଯ୍ୟାଳୟ ସୋମବାର ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଯୋଗଦେଇ ଏହି କାର୍ଯ୍ୟାଳୟକୁ ଉଦ୍‌ଘାଟନ କରିବା ସହ ଗ୍ରାମାଞ୍ଚଳର କୃଷି କ୍ଷେତ୍ରରେ ଓ କୃଷକଙ୍କ ବିକାଶ ପାଇଁ ସହାୟକ ହେବ ବୋଲି କହିଥିଲେ। ସମ୍ମାନିତ ଅତିଥିଭାବେ ପଞ୍ଚାୟତ ସମିତି ଅଧକ୍ଷା ମନସ୍ୱିନୀ ଖଟୋଇ, ସରପଞ୍ଚ ଅଭିମନ୍ୟୁ ପଣ୍ଡା, ସମିତିସଭ୍ୟା ସୁନିତା ସିଂ, ସତ୍ୟବାଦୀ ମହାପାତ୍ର, ପ୍ରଶାନ୍ତ ଦାଶ, ରମେଶ ଚନ୍ଦ୍ର ମହାପାତ୍ର, ମହେନ୍ଦ୍ର ସାହୁ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଠାକୁରପାଟଣା ଗ୍ରାମ ରତ୍ନପୀଠ ବିଦ୍ୟାକେତନ ପରିସରରେ ପକ୍କା ଶୌଚାଳୟକୁ ମନ୍ତ୍ରୀ ଦାଶ ଉଦ୍‌ଘାଟନ କରିଥିଲେ। ସମବାୟ ବିଭାଗ ଓ ବିଦ୍ୟାନିକେତନ ପକ୍ଷରୁ ମନ୍ତ୍ରୀ ଦାଶଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା।

### ଯୁବକଙ୍କୁ ଆକ୍ରମଣ ଅଭିଯୋଗ

ବ୍ରହ୍ମଗିରି, ୧୬।୧୨(ଡି.ଏନ୍.ଏ.)-ବ୍ରହଗିରି ଥାନା ଅନ୍ତର୍ଗତ ପଲଙ୍କ ଗ୍ରାମରେ ସୋମବାର ଜଣେ ଯୁବକଙ୍କୁ ଆକ୍ରମଣ ହୋଇଥିବା ଥାନାରେ ଅଭିଯୋଗ ହୋଇଛି। ମିଳିଥିବା ସୂଚନା ଅନୁଯାୟୀ, ପଲଙ୍କ ଗ୍ରାମର ତୋଫାନ ପୂଜାରୀ (୨୫) ଖୋର୍ଦ୍ଧାର ଏକ ଫାଇନାନ୍ସ କମ୍ପାନୀରେ କାର୍ଯ୍ୟ କରନ୍ତି। ଛୁଟି ଥିବାରୁ ତୋଫାନ ଘରକୁ ବୁଲିବାକୁ ଆସିଥିଲେ। ସୋମବାର ସେ ଗ୍ରାମରୁ ବାଇକ ଯୋଗେ ଖୋର୍ଦ୍ଧା ଯାଉଥିବା ସମୟରେ କାଠୁଆରେଡି ଛକ ନିକଟରେ ଉକ୍ତ ଗ୍ରାମର ଜଣେ ଯୁବକ ତାଙ୍କୁ ଅଟକାଇଥିଲେ। ତୋଫାନ ଗାଡି ଅଟକାଇବାରୁ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଯୁବକ ଜଣଙ୍କ ହଠାତ ଏକ କାଠ ଫାଳିଆରେ ତାଙ୍କ ମୁଣ୍ଡକୁ ଆକ୍ରମଣ କରିଥିଲେ। ପରେ ତାଙ୍କ ବ୍ୟାଗରେ ଥିବା ଟଙ୍କାକୁ ଛଡାଇ ନେଇଥିବା ସେ ଅଭିଯୋଗ ପତ୍ରରେ ଉଲ୍ଲେଖ କରିଛନ୍ତି। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ରେବଣାନୂଆଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ। ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

■ ସୁରକ୍ଷା ଜୋନ୍‌ରେ ଉଚ୍ଛେଦ ଜାରି

# ଘରୋଇ ପ୍ଲଟ୍‌କୁ ଫେରିଲା ପ୍ରଶାସନ

ପୁରୀ ଅଫିସ, ୧୬।୧୨:

ଶ୍ରୀମନ୍ଦିର ସୁରକ୍ଷା ଜୋନ୍‌ରେ ଉଚ୍ଛେଦ ପ୍ରକ୍ରିୟା ଜାରି ରହିଛି। କିଛିଦିନ ଧରି ମଠର ବ୍ୟବସାୟିକ କୋଠା ଭଙ୍ଗାଯାଉଥିବାବେଳେ ସୋମବାର ଘରୋଇ ପ୍ଲଟ୍‌କୁ ପୁଣି ଫେରିଛି ପ୍ରଶାସନ। ଦୋଳବେଦି କୋଣସ୍ଥିତ ଏକ ତିନିମହଲା କୋଠାକୁ ମାଟିରେ ମିଶାଇ ଦିଆଯାଇଛି। ପର୍ଯ୍ୟାୟକ୍ରମେ ଉଚ୍ଛେଦ ଅଭିଯାନ ଜାରି ରହିବ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି। ଅନ୍ୟପକ୍ଷରେ ମଙ୍ଗୁ ମଠର ବ୍ୟବସାୟିକ କୋଠା ଭଙ୍ଗାଯିବା ପରେ ସୋମବାର ଶିଖ ଗୁରୁଦ୍ୱାରା ପ୍ରବନ୍ଧକ କମିଟି (ଏସ୍‌ଜିପିସି)ର ୫ ଜଣିଆ ଟିମ୍ ଘଟଣାସ୍ଥଳ ପରିଦର୍ଶନ କରିଛନ୍ତି। ସେମାନେ ମଙ୍ଗୁ ମଠ ଓ ଉଚ୍ଛେଦ ସ୍ଥଳ ବୁଲି ଦେଖିଥିଲେ।

ଶ୍ରୀମନ୍ଦିର ମେଘନାଦ ପାଚେରି କଡ଼ରୁ ୭୫ମିଟର ପରିଧି ମଧ୍ୟରେ ଥିବା ସବୁ ନିର୍ମାଣ ଉଚ୍ଛେଦ ନିଷ୍ପତ୍ତି ପରେ ସୁରକ୍ଷା ଜୋନରେ ସାମାଜିକ ପ୍ରଭାବ ନିର୍ଦ୍ଧାରଣ (ଏସ୍‌ଆଇଏ) ସର୍ଭେ ଚାଲିଥିଲା। ଏହି ସମୟରେ ଲଙ୍ଗୁଳି ମଠ, ଏମାର ମଠ, ବଡ଼ ଆଖଡା ମଠ ଉଚ୍ଛେଦ କରାଯାଇଥିଲା। ଏହାପରେ ଉଚ୍ଛେଦ କାର୍ଯ୍ୟ ବନ୍ଦ ରଖି ଜମି କିଣିବା ଉପରେ ଫୋକସ ରଖିଥିଲା ପ୍ରଶାସନ। ଗତ ୪ତାରିଖରୁ ପୁନଶ୍ଚ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ କରାଯାଇଥିଲା। ଦୋଳବେଦି କୋଣରେ ଥିବା ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଭଙ୍ଗାଯିବା ପରେ ୬ତାରିଖରୁ ବ୍ୟକ୍ତିଗତ ପ୍ଲଟରୁ ଘର ଭଙ୍ଗାଯାଇଥିଲା। ଦୁଇଦିନ ଧରି ମଣିକର୍ଣ୍ଣିକାସାହି ମୌଜାର ୩ଟି ଘର ଭଙ୍ଗାଯିବା ପରେ ୮ତାରିଖରୁ ମଠର ବ୍ୟବସାୟିକ କୋଠା ଉଚ୍ଛେଦ ହୋଇଥିଲା। ସୋମବାର ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟକୁ ଲାଗି ଦୋଳବେଦି କୋଣରେ ଥିବା ତିନିମହଲା କୋଠାକୁ ଭାଙ୍ଗିଦିଆଯାଇଛି। ଏହି ସମୟରେ ଅତିରିକ୍ତ ଜିଲାପାଳ ବିନୟ କୁମାର ଦାଶ, ଉପଜିଲାପାଳ ଭବତାରଣ ସାହୁ ଏବଂ ଏକ୍‌ଜିକ୍ୟୁଟିଭ ମାଜିଷ୍ଟ୍ରେଟଙ୍କ ସମେତ ୩ ପ୍ଲାଟୁନ ପୋଲିସ ଫୋର୍ସ ଉପସ୍ଥିତ ଥିଲେ। ଉଚ୍ଛେଦ ସ୍ଥଳରେ କୋଠାର ଭଗ୍ନାଂବଶେଷ ସଫା ଚାଲିଛି। ଅତିରିକ୍ତ ଜିଲାପାଳ ବିନୟ କୁମାର ଦାଶ କହିଛନ୍ତି, ଦୋଳବେଦି କୋଣରେ ଥିବା ଘରୋଇ କୋଠା ଯୋଗୁ ସେହି ରାସ୍ତାରେ ସର୍ବଦା ଟ୍ରାଫିକ ଜାମ୍ ହେଉଥିଲା। ଏବେ ଯାତାୟାତରେ ସୁବିଧା ହୋଇପାରିବ।



ଦୋଳବେଦୀ କୋଣରେ ଥିବା ୩ ମହଲା କୋଠାକୁ ଭଙ୍ଗାଯାଉଛି।

■ଭଙ୍ଗାଗଲା ଦୋଳବେଦି କୋଣ ତିନିମହଲା କୋଠା

■ମଙ୍ଗୁ ମଠ ପରିଦର୍ଶନ କଲେ ଏସ୍‌ଜିପିଏସ୍ ଟିମ୍

■ ଠିକା କର୍ମଚାରୀଙ୍କ ସମସ୍ୟା ଦୂର ଦାବି

# ସିଡିଏମ୍‌ଓଙ୍କୁ ଭେଟିଲା ମହିଳା ଭାଜପା ଟିମ୍

ପୁରୀ ଅଫିସ,୧୬।୧୨:

୭ ଦଫା ଦାବି ନେଇ ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ମେଡିକାଲ ଠିକା କର୍ମଚାରୀ ସଂଘର ଧାରଣା ଜାରି ରହିଛି। ବିଭିନ୍ନ ବିଭାଗରେ କାର୍ଯ୍ୟରତ ଶତାଧିକ ଠିକା କର୍ମଚାରୀ ଗତ ୨୦ ଦିନ ହେଲା ଧାରଣାରେ ବସିଛନ୍ତି। ସୋମବାର ଏ ନେଇ ଭାଜପା ଜିଲା ସମ୍ପାଦିକା ମମତା ପତିଙ୍କ ନେତୃତ୍ୱରେ ଏକ ଟିମ୍ ସିଡିଏମ୍‌ଓ ନୀଳକଣ୍ଠ ମିଶ୍ରଙ୍କୁ ଭେଟି ଆଲୋଚନା କରିଥିଲେ। ତୁରନ୍ତ ସମସ୍ୟା ସମାଧାନ ଲାଗି ଦାବିପତ୍ର ଦେଇଥିଲେ। ଦାବି ପୂରଣ ନ ହେଲେ ଭାଜପା ରାସ୍ତାକୁ ଓହ୍ଲାଇବ ବୋଲି ସମ୍ପାଦିକା କହିଛନ୍ତି। ଏଥିରେ ଆଇନଜୀବୀ ସୁଦୋଶା ପଣ୍ଡା, ରାଜଶ୍ରୀ ଦୋରା, ଭବାନୀ ମିଶ୍ର, ରଞ୍ଜିତା ପାଢୀ, ଜୟଶ୍ରୀ ଦାସ, ସୌମ୍ୟା ମିଶ୍ର, କମଳିନୀ ମହାପାତ୍ର, ପୁଷ୍ପା ପାତ୍ର, ଅନିତା ପଟ୍ଟନାୟକ, ପ୍ରମିଳା ସ୍ୱାଇଁ, ପ୍ରତିମା ସାହୁ, ସ୍ୱପ୍ନା ବେହେରା, ପ୍ରିୟଙ୍କା ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।




ଠିକାକର୍ମଚାରୀ ସଂଘର କର୍ମକର୍ତ୍ତାମାନେ ଧାରଣାରେ ବସିଛନ୍ତି।

# ତହସିଲ ଅଫିସ ନିର୍ମାଣ ଦାବିରେ ରାସ୍ତା ଅବରୋଧ



ରାସ୍ତା ଅବରୋଧ ଯୋଗୁ ପର୍ଯ୍ୟଟକ ଗାଡ଼ିଗୁଡ଼ିକ ଅଟକି ରହିଛି।

ବ୍ରହ୍ମଗିରି, ୧୬।୧୨(ଡି.ଏନ୍.ଏ.)

ବ୍ରହ୍ମଗିରି ବ୍ଲକ ରେବଣାନୂଆଗାଁ ମୌଜାରେ ନୂତନ ତହସିଲ ଅଫିସ ନିର୍ମାଣ ଦାବିରେ ୪ଗ୍ରାମର ଲୋକେ ସୋମବାର କେରାଣ୍ଡିଆ ଛକ ନିକଟରେ ପୁରୀ-ସାତପଡା ଜାତୀୟ ରାଜପଥକୁ ଅବରୋଧ କରିଥିଲେ। ଫଳରେ ରାସ୍ତାରେ ଯାତାୟାତ କରୁଥିବା ପର୍ଯ୍ୟଟକମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ।

୨୦୧୨ରେ ତତ୍କାଳୀନ ଜିଲାପାଳ ପୁରୀ-ସାତପଡା ଜାତୀୟ ରାଜପଥର ରେବଣାନୂଆଗାଁ ମୌଜାରେ ୧.୬୮ ଏକର ଜାଗା ଚିହ୍ନଟ କରିଥିଲେ। ପରବର୍ତ୍ତୀ ସମୟରେ ପୂର୍ବ ପ୍ରସ୍ତାବିତ ସ୍ଥାନକୁ ବାତିଲ କରି ନୂତନ ସ୍ଥାନରେ ଅଫିସ ନିର୍ମାଣ କରିବା ପାଇଁ ବର୍ତ୍ତମାନର ଜିଲାପାଳ ଚିଠି କରିଛନ୍ତି। ମାତ୍ର ଏହାକୁ ବିରୋଧ କରି ରେବଣାନୂଆଗାଁ ପଞ୍ଚାୟତ ଅଧିବାସୀମାନେ ଏପରି ନିଷ୍ପତ୍ତିର ପୁର୍ନବିଚାର ଲାଗି ଦାବି କରିଥିଲେ। ଅବରୋଧ ଖବର ପାଇ ସଦର ଏସଡିପିଓ କିଶୋର ମୁଣ୍ଡ, ବ୍ରହ୍ମଗିରି ତହସିଲଦାର କିଶୋର କୁମାର ପଣ୍ଡା ବ୍ରହ୍ମଗିରି ଥାନା ଅଧିକାରୀ ମନୋଜ କୁମାର ଶତପଥୀ ଓ ଅରଖକୁଦା ମେରାଇନ ଥାନା ଅଧିକାରୀ ଦେବାଶିଷ ମିଶ୍ର ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ। ମଙ୍ଗଳବାର ରେବଣାନୂଆଗାଁ ପଞ୍ଚାୟତର ଏକ ପ୍ରତିନିଧିଦଳ ଜିଲାପାଳଙ୍କ ସହ ଆଲୋଚନା କରିବା ପାଇଁ ଅଧିକାରୀମାନେ ପ୍ରତିଶ୍ରୁତି ଦେବା ପରେ ରାସ୍ତା ଅବରୋଧ ଉଠିଥିଲା। ଅବରୋଧରେ ନାଲୁ ବରାଳ, ପ୍ରସନ୍ନ କୁମାର ଦଳାଇ, କୁବେର ଦଳାଇ, ଦୁଃଶାସନ ଦଳାଇ, ଚରଣ ବରାଳ, ସନାତନ ପ୍ରଧାନ, ପୂର୍ଣ୍ଣଚନ୍ଦ୍ର ସାହୁ, ସଂଗ୍ରାମ କେଶରୀ ବଡ଼ଜେନା ଓ ପ୍ରଶାନ୍ତ କୁମାର ବରାଳ ନେତୃତ୍ୱ ନେଇଥିଲେ। ଆନ୍ଦୋଳନ ଯୋଗୁ ୩ ଘଣ୍ଟା ଧରି ଯାନବାହନ ଚଳାଚଳରେ ବାଧା ସୃଷ୍ଟି ହୋଇଥିଲା। ଚିଲିକା ବୁଲିବାକୁ ଆସିଥିବା ପର୍ଯ୍ୟଟକମାନଙ୍କ ଗାଡ଼ି ରାସ୍ତାକଡ଼ରେ ଅଟକିଥିବା ଦେଖିବାକୁ ମିଳିଥିଲା।

# ବାରମ୍ବାର କ୍ଷତିରେ ପଡ଼ି ଚାଷରୁ ମୁହଁ ଫେରାଉଛନ୍ତି କୃଷକ

ସାକ୍ଷୀଗୋପାଳ, ୧୬।୧୨(ଡି.ଏନ୍.ଏ.)

ସତ୍ୟବାଦୀ ବ୍ଲକ କୃଷକ ଉତ୍‌ଥାନ ସମିତିର ବାର୍ଷିକ ଅଧିବେଶନ ସ୍ଥାନୀୟ ପଞ୍ଚସଖା ଭବନରେ ସୋମବାର ପାଳିତ ହୋଇଯାଇଛି। ପ୍ରାକୃତିକ ବିପତ୍ତି ସାଙ୍ଗକୁ ସରକାରୀ ପ୍ରୋତ୍ସାହନର ଅଭାବ ଯୋଗୁ ବାରମ୍ବାର କ୍ଷତିରେ ପଡି ଚାଷୀମାନେ ଅର୍ଥନୈତିକ ଦୁର୍ଗତିରେ କାଳ କାଟୁଛନ୍ତି। ଦେଶର ୭୫ଭାଗରୁ ଅଧିକ ଲୋକ କୃଷି ଉପରେ ନିର୍ଭରଶୀଳ ହୋଇଥିଲେ ବି ସେମାନଙ୍କ ବିକାଶ ହୋଇ ନ ପାରିବା କାରଣରୁ ସେମାନଙ୍କ ମଧ୍ୟରୁ ଅଧିକାଂଶ ଚାଷରୁ ମୁହଁ ଫେରାଇ ନେଉଛନ୍ତି ବୋଲି ଏହି ଅଧିବେଶନରେ ଯୋଗଦେଇ ଅତିଥିମାନେ ମତବ୍ୟକ୍ତ କରିଥିଲେ। ମୁଖ୍ୟ ଅତିଥି ଭାବେ ସତ୍ୟବାଦୀ ବିଡିଓ ସରୋଜ କୁମାର ଦତ୍ତ, ସମ୍ମାନିତ ଅତିଥି ଭାବେ ପଞ୍ଚାୟତ ସମିତି ଅଧକ୍ଷା ସସ୍ମିତା ପ୍ରଧାନ, ଉପାଧକ୍ଷ ସାଧୁ ଚରଣ ବେହେରା, ରାମ ନାରାୟଣ ମିଶ୍ର, ସଚ୍ଚିକାନ୍ତ ବିଶ୍ୱାଳ, ଦେବାଶିଷ ରାୟ ଓ ପ୍ରଫୁଲ ଚନ୍ଦ୍ର ମିଶ୍ର ଯୋଗଦେଇ କୃଷକମାନେ ସଂଗଠିତ ଭାବରେ ନିଜର ହକ ପାଇଁ ଉଦ୍ୟମ କରିବାକୁ ପରାମର୍ଶ ଦେଇଥିଲେ। ସମିତିର ଅଧକ୍ଷ ସୀତା ବଲ୍ଲଭ ମହାପାତ୍ର କାର୍ଯ୍ୟକ୍ରମରେ ପୌରୋହିତ୍ୟ କରିଥିଲେ। ଏହି ଅବସରରେ ଉତ୍କଳ ଲକ୍ଷ୍ମୀ ସମ୍ମାନରେ ପଞ୍ଚାୟତ ସମିତି ଅଧକ୍ଷା ପ୍ରଧାନ, କୃଷକ ରତ୍ନ ସମ୍ମାନରେ ସରପଞ୍ଚ ପ୍ରଶାନ୍ତ କୁମାର ଷଡ଼ଙ୍ଗୀ, ସମିତିସଭ୍ୟା ବିନତି ପରିଡା ଓ ଭରତ ରାଉତ ପ୍ରମୁଖଙ୍କୁ ଅତିଥିମାନେ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ। ସମ୍ପାଦକ ଯଜାତି କେଶରୀ ରାୟ ବିବରଣୀ ପାଠ କରିଥିବା ବେଳେ ରବୀନ୍ଦ୍ର କୁମାର ଷଡ଼ଙ୍ଗୀ ସଂଯୋଜନା କରିଥିଲେ।

# ଜମି ପାଇଁ ଜିଲାପାଳଙ୍କୁ ଗୁହାରି

ପୁରୀ ଅଫିସ, ୧୬।୧୨:

ଦୀର୍ଘ ୪ବର୍ଷରୁ ଊର୍ଦ୍ଧ୍ୱ ହେଲା ଜମିଟିଏ ପାଇଁ ସେ ଏ ଅଫିସରୁ ସେ ଅଫିସକୁ ଦୌଡୁଛନ୍ତି। ହେଲେ କେହି ତାଙ୍କ ଗୁହାରି ଶୁଣୁନାହାନ୍ତି। ସୋମବାର ପୁଣି ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିରକୁ ଯାଇ ଗୁହାରି କରିଛନ୍ତି ନରେନ୍ଦ୍ରକୋଣର ପ୍ରମୋଦ କୁମାର ସିଂହ। ସେ ଅତିରିକ୍ତ ଜିଲାପାଳଙ୍କୁ ତାଙ୍କ ଅଭିଯୋଗପତ୍ର ଦେଇଛନ୍ତି। ସେଥିରେ ଦର୍ଶାଇଛନ୍ତି, ନରେନ୍ଦ୍ରକୋଣ ଶନିମନ୍ଦିର ପାଖରେ ଏକ ସରକାରୀ ଜାଗାରେ ତାଙ୍କ ପରିବାର ଦୀର୍ଘ ୩୦ ବର୍ଷ ଧରି ରହିଆସୁଥିଲେ। ୨୦୧୫ ନବକଳେବର ସମୟରେ ଅନ୍ୟ ଅବରୋଧସ୍ଥଳ ଥିବା ସତ୍ତ୍ୱେ ତାଙ୍କ ଘରକୁ ଭାଙ୍ଗି ଦିଆଗଲା। ଏହାପରେ ସେ ତତ୍କାଳୀନ ଜିଲାପାଳଙ୍କୁ ଭେଟିଥିଲେ। ଜିଲାପାଳ ପୁରୀ ସଦର ତହସିଲଦାରଙ୍କୁ ପଦକ୍ଷେପ ଗ୍ରହଣ ଲାଗି ଚିଠି କରିଥିଲେ। ତତ୍କାଳୀନ ତହସିଲଦାର ବସୁନ୍ଧରା ଯୋଜନାରେ ଏକ ବାସୋପଯୋଗୀ ଜାଗା ଯୋଗାଇଦେବାକୁ ବାଲୁଖଣ୍ଡ ମୌଜାରେ ୪ଡିସିମିଲ ଜାଗା ଚିହ୍ନଟ ଓ ନକ୍ସା କରିଥିଲେ। ୨୦୧୬ ଅଗଷ୍ଟ ୧୫ରେ ଏହାର ପଟ୍ଟା ଦିଆଯିବ ବୋଲି କୁହାଯାଇଥିଲା। ଇତିମଧ୍ୟରେ ସାଢେ ୩ବର୍ଷ ବିତିଗଲାଣି, ହେଲେ ତାଙ୍କୁ ଏ ପର୍ଯ୍ୟନ୍ତ ଜାଗା ମିଳିଲା ନାହିଁ। ଏବେ ଭଡ଼ାଘରେ ସେ ୪ ପ୍ରାଣୀ ପରିବାର ସହ ରହୁଛନ୍ତି। ଜାଗା ମିଶନରେ ପୁରୀ ସହରରେ ଜାଗା ଯୋଗାଇଦେବାକୁ ପ୍ରମୋଦ ଗୁହାରି କରିଛନ୍ତି।

# ଗୋପ ବ୍ଲକ: କ୍ରୀଡ଼ା ଉପକରଣ କିଣାରେ ବ୍ୟାପକ ଦୁର୍ନୀତି ଅଭିଯୋଗ

ଗୋପ, ୧୬।୧୨(ଡି.ଏନ୍.ଏ.)

ସରକାରୀ ବିଦ୍ୟାଳୟରେ ଗୁଣାତ୍ମକ ଶିକ୍ଷା ପ୍ରତି ଗୁରୁତ୍ୱ ଦେବା ସହ ରାଜ୍ୟ ସରକାର ଛାତ୍ରୀଛାତ୍ରଙ୍କ ଶାରୀରିକ ସୁସ୍ଥତା ପାଇଁ କ୍ରୀଡ଼ା କ୍ଷେତ୍ରକୁ ଗୁରୁତ୍ୱ ଦେଇଛନ୍ତି। କ୍ରୀଡ଼ା ଉପକରଣ କିଣିବା ପାଇଁ ପ୍ରଥମରୁ ପଞ୍ଚମ ପର୍ଯ୍ୟନ୍ତ ୫ ହଜାର ଏବଂ ଷଷ୍ଠରୁ ଅଷ୍ଟମ ପର୍ଯ୍ୟନ୍ତ ୧୦ହଜାର ପର୍ଯ୍ୟନ୍ତ ଛାତ୍ରୀଛାତ୍ରଙ୍କ ଲାଗି ୧୦ହଜାର ଟଙ୍କା ଲେଖାଏ ସହାୟତା ରାଶି ଦେଉଛନ୍ତି। ମାତ୍ର ଅନେକ ସ୍ଥାନରେ ଏହି କ୍ରୀଡ଼ା ଉପକରଣ କିଣାରେ ଦୁର୍ନୀତି ହେଉଥିବା ନେଇ ଅଭିଯୋଗ ହେଉଛି। ଗୋପ ବ୍ଲକ୍‌ର ୨୭୦ ବିଦ୍ୟାଳୟର କ୍ରୀଡ଼ା ଉପକରଣ କିଣାରେ ବ୍ୟାପକ ଦୁର୍ନୀତି ହୋଇଥିବା ନେଇ ଅଭିଭାବକମାନେ ଅଭିଯୋଗ କରିବା ସହ ଭିଜିଲାନ୍ସ ତଦନ୍ତ ଦାବି କରିଛନ୍ତି।

ଗୋପ ବ୍ଲକରେ ପ୍ରଥମରୁ ପଞ୍ଚମ ପର୍ଯ୍ୟନ୍ତ ୧୬୦ଟି ବିଦ୍ୟାଳୟ ଥିବାବେଳେ ପ୍ରଥମରୁ ଅଷ୍ଟମ ପର୍ଯ୍ୟନ୍ତ ୧୧୦ଟି ବିଦ୍ୟାଳୟ ରହିଛି। ମାତ୍ର କେତେଜଣ ଅତିରିକ୍ତ ଶିକ୍ଷାଧିକାରୀଙ୍କ ନିର୍ଦ୍ଦେଶରେ ଏକ ନିର୍ଦ୍ଦିଷ୍ଟ ଦୋକାନରୁ କ୍ରୀଡ଼ା ଉପକରଣ କିଣାଯାଇଥିବାବେଳେ ଏହି ଉପକରଣ ସବୁ ଅତ୍ୟନ୍ତ ନିମ୍ନମାନର ବୋଲି ଜଣାପଡ଼ିଛି। ଫଳରେ ମାତ୍ର ଦୁଇ ସପ୍ତାହ ମଧ୍ୟରେ ଏହି କ୍ରୀଡ଼ା ଉପକରଣ ମଧ୍ୟରୁ ଅଧିକାଂଶ ଭାଙ୍ଗିରୁଜି ଯାଇଛି। ନିୟମ ଅନୁସାରେ ସ୍କୁଲ ପରିଚାଳନା କମିଟି ଓ ପ୍ରଧାନଶିକ୍ଷକଙ୍କ ସହମତିରେ ଏହି କ୍ରୀଡ଼ା ସାମଗ୍ରୀ କିଣା ହେବା କଥା। ମାତ୍ର କେଉଁ ପରିସ୍ଥିତିରେ ପରିଚାଳନା କମିଟିର ବିନା ଅନୁମତିରେ ଏଭଳି କାରବାର ହେଲା ସେନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏ ନେଇ ଗୋପ ବ୍ଲକ୍ ଶିକ୍ଷାଧିକାରୀ ବସନ୍ତ କୁମାର ମିଶ୍ରଙ୍କୁ ପଚାରିବାରେ ଏପରି ଅଭିଯୋଗ ମୋ ନିକଟରେ ନାହିଁ ତଥାପି ଦୃଷ୍ଟି ଦେବି ବୋଲି ସେ କହିଥିଲେ।

# ୮ ଦଫା ଦାବିରେ ଦୁଗ୍ଧ ଚାଷୀଙ୍କ ଗଣଧାରଣା

ନିମାପଡ଼ା,୧୬।୧୨(ଡି.ଏନ୍.ଏ.)

ନୀଳଚକ୍ର ଦୁଗ୍ଧ ଉତ୍ପାଦକ ସଂଘ ପକ୍ଷରୁ ୮ଦଫା ଦାବି ନେଇ ସୋମବାର ନିମାପଡ଼ା ଫୁଲୁଲ ପ୍ଲାଣ୍ଟ ସମ୍ମୁଖରେ ଗଣଧାରଣା ଦିଆଯାଇଛି। ଏଥି ସହିତ ସଂଘ ସଭାପତି ଦ୍ୱିଜବର ପ୍ରଧାନ ଓ ସମ୍ପାଦକ ସୁଦର୍ଶନ ସେନାପତି ଆମରଣ ଅନଶନରେ ବସିଛନ୍ତି। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଏହି ଆନ୍ଦୋଳନ ଚାଲୁ ରହିବ ବୋଲି ସଂଘ କର୍ମକର୍ତ୍ତାମାନେ କହିଛନ୍ତି। ୨୦୧୪ ମସିହାରୁ ଯେତେ ନୋ ପେମେଣ୍ଟ ଅର୍ଥ (ଯାହା ଓମଫେଡ ଦ୍ୱାରା ଦିଆଯାଇଛି)ତାହା ଦୁଗ୍ଧ ଚାଷୀଙ୍କୁ ଫେରସ୍ତ ଦିଆଯାଉ, ସମ୍ପାଦକଙ୍କୁ ଦୁଗଧ ଲିଟର ପିଛା ୨ଟଙ୍କା ପ୍ରୋତ୍ସାହନ ରାଶି ପ୍ରଦାନ,୧୪କୋଟି ଟଙ୍କା ଦୁର୍ନୀତିର ତଦନ୍ତ କରାଯାଇ ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଦାବି ହେଉଛି। ଚାଷୀ ନେତା ବିପିନ ବେହେରା, ଦିଲୀପ ଦାସ, ପ୍ରତାପ ଖୁଣ୍ଟିଆ, ଦେବେନ୍ଦ୍ର ସାହୁ, କୃଷ୍ଣଚନ୍ଦ୍ର ରାଉତ,ପ୍ରଶାନ୍ତ ତ୍ରିପାଠୀ ପ୍ରମୁଖଙ୍କ ନେତୃତ୍ୱରେ ଏହି ଆନ୍ଦୋଳନ ହୋଇଥିଲା। ରିପୋର୍ଟ ଲେଖା ହେବା ବେଳକୁ ଆନ୍ଦୋଳନସ୍ଥଳରେ କମ୍ପାନୀର କୌଣସି କର୍ତ୍ତୃପକ୍ଷ ପହଞ୍ଚି ନ ଥିବା ଜଣାପଡିଛି। ଏହିଆନ୍ଦୋଳନରେ ନିମାପଡ଼ା, ଗୋପ, କୋଣାର୍କ, କାକଟପୁର,ଅସ୍ତରଙ୍ଗ, ବାଲିପାଟଣା ଓ ପିପିଲି ଅଞ୍ଚଳର ଶତାଧିକ ଚାଷୀ ଯୋଗଦେଇଛନ୍ତି।

# ନବ ନିର୍ମାଣ କୃଷକ ସଙ୍ଗଠନର ବିକ୍ଷୋଭ

ପୁରୀ ଅଫିସ, ୧୬।୧୨:

ରାଜ୍ୟ ସରକାର 'କାଳିଆ' ଯୋଜନାରେ ଚାଷୀଙ୍କୁ ୧୦ହଜାର ଟଙ୍କା ଦେବା ଲାଗି ଘୋଷଣା କରିଥିଲେ। ଏବେ କାଳିଆ ଯୋଜନା କେନ୍ଦ୍ର ସରକାରଙ୍କ ପ୍ରଧାନମନ୍ତ୍ରୀ କିଷାନ ଯୋଜନାରେ ସାମିଲ ହୋଇଛି। ଏଣୁ ସରକାର କାଳିଆ ଯୋଜନାରେ ୪ହଜାର ଏବଂ ପ୍ରଧାନମନ୍ତ୍ରୀ କିଷାନ ଯୋଜନାରେ ୬ହଜାର ଏଭଳି ମୋଟ ୧୦ହଜାର ଟଙ୍କା ଦେବା ଲାଗି ଘୋଷଣା କରିଛନ୍ତି। ଏହା ପ୍ରତିବାଦରେ ନବ ନିର୍ମାଣ କୃଷକ ସଙ୍ଗଠନ ଆନ୍ଦୋଳନକୁ ଓହ୍ଲାଇଛି। ସୋମବାର ସଂଘର ପୁରୀ ଜିଲା ଶାଖା ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏଥିସହ ରାଜ୍ୟ ସରକାର ଚାଷୀଙ୍କୁ ଠକିଥିବା ଅଭିଯୋଗ ଆଣି କାର୍ଯ୍ୟାନୁଷ୍ଠାନ ନିମନ୍ତେ ଏସ୍‌ପିଙ୍କ ନିକଟରେ ଦାବି କରାଯାଇଛି।

ଅଭିଯୋଗରେ ଦର୍ଶାଯାଇଛି, ସରକାର ଚଳିତ ବର୍ଷ କ୍ଷୁଦ୍ର, ମଧ୍ୟମ ଓ ନାମମାତ୍ର ଚାଷୀଙ୍କ ବିକାଶ ଲାଗି କାଳିଆ ଯୋଜନାରେ ୩ବର୍ଷ ପାଇଁ ଅର୍ଥ ଘୋଷଣା କରିଥିଲେ। ରବି ଓ ଖରିଫ ସିଜନରେ ପ୍ରତି ଚାଷୀଙ୍କୁ ୧୦ହଜାର, ଭୂମିହୀନ ଚାଷୀଙ୍କୁ ୧୨ହଜାର ୫ଶହ ଲେଖାଏ ଦେବାକୁ ମୋଟ ୪ହଜାର କୋଟି ଟଙ୍କାର ବଜେଟ ପ୍ରସ୍ତୁତ ସହ ବିଜ୍ଞପ୍ତି ପ୍ରକାଶ କରିଥିଲେ। ୨୦୨୦-୨୧ ଆର୍ଥିକ ବର୍ଷରେ ସରକାର ନିଜ ନିଷ୍ପତ୍ତିରେ ପରିବର୍ତ୍ତନ କରିଛନ୍ତି। କେନ୍ଦ୍ରର କିଷାନ ଯୋଜନାରେ ସାମିଲ ହେବା ପରେ ଏହି ଦୁଇ ଯୋଜନାରେ ଚାଷୀଙ୍କୁ ୧୦ ହଜାର ଟଙ୍କା ଦେବା ଲାଗି ଘୋଷଣା କରିଛନ୍ତି। ରାଜ୍ୟ ସରକାର ଚାଷୀଙ୍କୁ ଠକିଥିବାରୁ ତାଙ୍କ ବିରୋଧରେ ତଦନ୍ତ କରି କେସ୍ ରୁଜୁ ନିମନ୍ତେ ସଂଘ ଦାବି କରିଛି।



ସଂଗଠନର କର୍ମକର୍ତ୍ତାମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

■ ରେଳୱେ କ୍ୱାର୍ଟର୍ସରୁ ସୁଜାତାଙ୍କ ମୃତଦେହ ମିଳିବା ଘଟଣା

# ବର୍ଷେ ପୂରିଲା, ପୋଲିସ ହାତ ଖାଲି

ପୁରୀ ଅଫିସ, ୧୬।୧୨:

୨୦୧୮ ଡିସେମ୍ବର ୧୭ରେ ସମୁଦ୍ରକୂଳ ଥାନା ଅଧୀନ ସିଟିରୋଡ ବିଏନ୍‌ଆର୍ ହୋଟେଲ ପଛପଟ ରେଲୱେ ସରକାରୀ କ୍ୱାର୍ଟର୍ସରୁ ଡାକ୍ତର ସଞ୍ଜୀବ ସାହୁଙ୍କ ସ୍ତ୍ରୀ ସୁଜାତା ସାହୁଙ୍କ ରକ୍ତ ଜୁଡୁବୁଡୁ ମୃତଦେହ ଉଦ୍ଧାର କରିଥିଲା ପୋଲିସ। ଏହି ଘଟଣାକୁ ନେଇ ସେତେବେଳେ ସହରରେ ଚାଞ୍ଚଲ୍ୟ ଖେଳିଯାଇଥିଲା। ସଞ୍ଜୀବଙ୍କ ଅଭିଯୋଗ କ୍ରମେ ପୋଲିସ ହତ୍ୟା ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ସୋମବାର ଏହି ଘଟଣାକୁ ବର୍ଷେ ପୂରୁଛି। ମାତ୍ର ଏପର୍ଯ୍ୟନ୍ତ ପୋଲିସ ହାତ ଖାଲି। ତେଣୁ ଅପରାଧ କ୍ଲିନ୍ ଡ୍ରାଇଭ୍‌ର ଡିଣ୍ଡିମ ପିଟୁଥିବା ପୁରୀ ପୋଲିସର କାର୍ଯ୍ୟଦକ୍ଷତାକୁ ନେଇ ଉଠିଛି ପ୍ରଶ୍ନ।

ଏହି ହତ୍ୟାକାଣ୍ଡ ପଛରେ କାହାର ହାତ ରହିଥିଲା, ତାହାର ରହସ୍ୟ ଏପର୍ଯ୍ୟନ୍ତ ଉନ୍ମୋଚନ ହୋଇପାରିନାହିଁ। ଏହି ମାମଲାରେ ପୋଲିସ ପୁରୀ ରେଲୱେ ଷ୍ଟେଶନ ମେଡିକାଲରେ କାର୍ଯ୍ୟରତ ଜଣେ ନର୍ସ, ତାଙ୍କ ସ୍ୱାମୀ ଏବଂ ଡାକ୍ତରଙ୍କ ସମେତ ତାଙ୍କ ପରିବାର ବର୍ଗଙ୍କୁ ଜେରା କରିଥିଲା। ଏପରି କି ସନ୍ଦେହ ଘେରକୁ ଆସିଥିବା ବ୍ୟକ୍ତିବିଶେଷଙ୍କ ପଲିଗ୍ରାଫ ଟେଷ୍ଟ ମଧ୍ୟ କରିଥିଲା। ସେହିପରି ସାଇଣ୍ଟିଫିକ ଟିମ୍ ଘଟଣାସ୍ଥଳରେ ଯାଞ୍ଚ କରିଥିବାବେଳେ ପୋଲିସ ସିସିଟିଭି ଫୁଟେଜ୍‌କୁ ଯାଞ୍ଚ କରିଥିଲା। ମାତ୍ର କୌଣସି ସୁରାକ ମିଳି ନ ଥିଲା। ଏ ସମ୍ପର୍କରେ ବର୍ତ୍ତମାନର ଏସ୍‌ପି ଉମାଶଙ୍କର ଦାଶ କହିଛନ୍ତି, ଏହି ମାମଲାର ସମସ୍ତ ତଦନ୍ତ ରିପୋର୍ଟକୁ ପୁଣି ଥରେ ଯାଞ୍ଚ କରାଯାଉଛି। ଏହାର ତର୍ଜମା ଚାଲିଛି। ଏହାପରେ ଯାଞ୍ଚ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯିବ।

ସୂଚନାଯୋଗ୍ୟ, ବାରିପଦାର ଡାକ୍ତର ସଞ୍ଜୀବ ସାହୁ ସେହି ସମୟରେ ରେଲୱେ ମେଡିକାଲରେ ଆସିଷ୍ଟାଣ୍ଟ ଚିଫ୍ ମେଡିକାଲ ଅଧୀକ୍ଷକ ଭାବେ କାର୍ଯ୍ୟରତ ଥିଲେ। ସେ ବିଏନ୍‌ଆର୍ ହୋଟେଲ ପଛପଟ ସରକାରୀ କ୍ୱାର୍ଟର୍ସରେ ସ୍ତ୍ରୀ ସୁଜାତା ଏବଂ ପୁଅ ଶୁଭମ୍‌ଙ୍କ ସହିତ ରହୁଥିଲେ। ସେହି ସମୟରେ ସଞ୍ଜୀବ ଗଣମାଧ୍ୟମକୁ ଦେଇଥିବା ବୟାନ ଅନୁଯାୟୀ, ଘଟଣା ଦିନ କ୍ୱାର୍ଟର୍ସର ବିଦ୍ୟୁତ ମରାମତି ଲାଗି ଦୁଇଜଣ ବ୍ୟକ୍ତି ଆସି ପରେ ଚାଲିଯାଇଥିଲେ। ପୁଅ ସ୍କୁଲ ଓ ସେ ମେଡିକାଲକୁ ଚାଲି ଯାଇଥିଲେ। ଅପରାହ୍ନ ୧ଟାରେ ସେ ଘରକୁ ଫେରିଥିଲେ। କ୍ୱାର୍ଟର୍ସ ମୁଖ୍ୟ ଫାଟକ ଭିତରପଟୁ ବନ୍ଦ ରହିଥିଲା। ଏହି ସମୟରେ ଶୁଭମ ସ୍କୁଲ ବସ୍‌ରୁ ଓହ୍ଲାଇଥିଲେ। ଫାଟକ ବନ୍ଦ ରହିଥିବା ଏବଂ ସୁଜାତା ଫୋନ ନ ଉଠାଇବାରୁ ଶୁଭମ୍‌ଙ୍କୁ ଗେଟ୍ ଡେଇଁ ଭିତରକୁ ଯିବାକୁ ସଞ୍ଜୀବ କହିଥିଲେ। ଶୁଭମ ଗେଟ୍ ଖୋଲିବା ପରେ ଦୁହେଁ ଘର ଭିତରକୁ ଯାଇ ରକ୍ତ ଜୁଡୁବୁଡୁ ଅବସ୍ଥାରେ ସୁଜାତାଙ୍କ ମୃତଦେହ ତଳେ ପଡ଼ିଥିବା ଦେଖି ପୋଲିସକୁ ଖବର ଦେଇଥିଲେ। ଇତିମଧ୍ୟରେ ସଞ୍ଜୀବ ପୁରୀରୁ ଅନ୍ୟତ୍ର ବଦଳି ହୋଇ ଚାଲିଯାଇଛନ୍ତି।

■ତଦନ୍ତ, ପଲିଗ୍ରାଫ ଟେଷ୍ଟରୁ ମିଳିନି ସୁରାକ

■ରହସ୍ୟ ଉପରୁ ଉଠିପାରିନି ପର୍ଦ୍ଦା